وَاعْتَصِمُوا بِحَبْلِ اللَّهِ جَمِيعًا وَلَا تَفَرَّقُوا

# ଦୀକ୍ଷାର ସର୍ତ୍ତ
# ଓ
# ଅହ୍ମଦିଙ୍କ କର୍ତ୍ତବ୍ୟ



ହଜରତ ମିର୍ଜା ମସରୁର ଅହମଦ ଖଲିଫତୁଲ ମସିହ ପଞ୍ଚମ[ଅବ]

(ପବିତ୍ର କୁର୍‌ଆନ, ହଦିସ ଏବଂ ହଜରତ ମସିହ ମଉଦ[ଅସ]ଙ୍କ ପ୍ରବଚନ ମଧ୍ୟରୁ)

ପ୍ରକାଶକ:
**ନଜାରତ ନଶରୋ ଇଶାଅତ୍**
କାଦିୟାନ, ପଞ୍ଜାବ

# ଦୀକ୍ଷାର ସର୍ତ୍ତ
# ଓ
# ଅହ୍ମଦିଙ୍କ କର୍ତ୍ତବ୍ୟ

ହଜରତ ମିର୍ଜା ମସରୁର ଅହମଦ ଖଲିଫତୁଲ ମସିହ ପଞ୍ଚମ[ଅବ]

(ପବିତ୍ର କୁର୍ଆନ, ହଦିସ ଏବଂ ହଜରତ ମସିହ ମଉଦ[ଅସ]ଙ୍କ ପ୍ରବଚନ ମଧ୍ୟରୁ)

ପ୍ରକାଶକ:

**ନଜାରତ ନଶରୋ ଇଶାଅତ୍**

କାଦିୟାନ, ପଞ୍ଜାବ

# ଦୀକ୍ଷାର ସର୍ତ୍ତ ଓ ଅହମଦିଙ୍କ କର୍ତ୍ତବ୍ୟ

## (ପବିତ୍ର କୁର୍‌ଆନ, ହଦିସ ଏବଂ ହଜରତ ମସିହ ମଉଦ[ଅସ]ଙ୍କ ପ୍ରବଚନ ମଧ୍ୟରୁ)


ମୂଳ ଉର୍ଦ୍ଦୁ : **'ଶରାଏତ୍ ଏ ବୈଅତ୍ ଔର୍ ଅହମଦୀକା ଜିମ୍ମେଦାରୀୟାଁ'**

ଭାଷ୍ୟକାର : **ହଜରତ ମିର୍ଜା ମସରୁର ଅହମଦ[ଅବ]**
ଅହମଦିୟା ମୁସଲିମ ସଂପ୍ରଦାୟର ପଞ୍ଚମ ଖଲିଫା

ଓଡିଆରେ ଅନୁବାଦ: **ଶରାଫତ ଅହମଦ,** ପଙ୍କାଳ (କଟକ)

ପୁସ୍ତକ ସମୀକ୍ଷା : ଇଂ. ରୌଶନ୍ ଖାନ୍, ଅଧ୍ୟକ୍ଷ, ରିଭ୍ୟୁ କମିଟି, ଓଡିଶା

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, ସଦର ଅଞ୍ଜୁମନ ଅହମଦିୟା,
କାଦିୟାନ, ଜିଲ୍ଲା: ଗୁରୁଦାସ୍‌ପୁର, ପଞ୍ଜାବ (ଭାରତ)

ପ୍ରକାଶନ ବର୍ଷ : 2019, ପ୍ରଥମ ଓଡିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା 1000)

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ) 143516


# DIKSHYA RA SARTA O AHMADINKA KARTAVYA

## (Conditions of Baiat and Responsibilities of an Ahmadi)


*Speeches in Urdu by* : **Hadhrat Mirza Masroor Ahmad**[atba]
Fifth Khalifa of Ahmadiyya Muslim Jama'at

*Translated to Odia :* **Sharafat Ahmad**, Pankal, Cuttack


*Published by :* NAZARAT NASHR-O-ISHA'AT, *Qadian*
*Dist.Gurdaspur, Punjab, India - 143516*

*Year of Publication:* 2019 First Edition in Odia (1000 copies)


*Printed at :* Fazle Umar Printing Press, Qadian, India



*No part of this translation and commenrtary may be reproduced in any form without prior permission from the Publisher, except for the quotation of brief passages in criticism.*



ହଜରତ ମିର୍ଜା ଗୁଲାମ ଅହମଦ[ଅସ]




ହଜରତ ମିର୍ଜା ମସରୁର୍ ଅହମଦ[ଅବ]
ଖଲିଫତୁଲ ମସିହ ପଞ୍ଚମ

# ପ୍ରକାଶକଙ୍କ ମନ୍ତବ୍ୟ

ବିଶ୍ୱବ୍ୟାପ୍ତ ଅହମଦିୟା ମୁସଲିମ ଜମାଅତର ସର୍ବୋଚ୍ଚ ଆଧ୍ୟାତ୍ମିକ ଗୁରୁ ତଥା ପଞ୍ଚମ ଖଲିଫା[ଅବ] ୨୨ ଅପ୍ରେଲ ୨୦୦୮ରେ ଖିଲାଫତ ଆସନରେ ଅଭିଷିକ୍ତ ହେବା ପରେ ଜମାଅତର ଅନୁଗାମୀଙ୍କ ଶିକ୍ଷାଦୀକ୍ଷା ନିମନ୍ତେ ହଜରତ ମସିହ ମଉଦ[ଅସ](୧୮୩୫-୧୯୦୮)ଙ୍କ ଦ୍ୱାରା ଉଲ୍ଲିଖିତ ବୈଅତ୍ ବା ଦୀକ୍ଷାମୂଳକ ଦଶଗୋଟି ସର୍ତ୍ତର ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି । ତାଙ୍କର ଏହି ବର୍ଣ୍ଣନ 'ଶରାଏତ୍-ଏ-ବୈଅତ ଔର ଅହମଦି କି ଜିମ୍ମେଦାରୀ' ନାମରେ ୨୦୦୪ ମସିହାରେ ପ୍ରଥମେ ଉର୍ଦ୍ଦୁ ଭାଷାରେ ଆତ୍ମ ପ୍ରକାଶ କଲା ।

ଅହମଦିୟା ଜମାଅତ ଅନ୍ତର୍ଗତ ପୁସ୍ତକ/ପୁସ୍ତିକାଗୁଡିକର ଓଡିଆ ଭାଷାରେ ଅନୁବାଦ, ସମୀକ୍ଷା ତଥା ପ୍ରକାଶନ କରିବାର ଆଭିମୁଖ୍ୟ ନେଇ ମହାମାନ୍ୟ ଖଲିଫାଙ୍କ ନିର୍ଦ୍ଦେଶ କ୍ରମେ ପତ୍ରସଂଖ୍ୟା QND-8169/14-07-2013 ଅନୁଯାୟୀ Review Committee Odisha ର ଗଠନ କରାଯାଇ ଏହି କାର୍ଯ୍ୟକୁ ତ୍ୱରାନ୍ୱୀତ କରାଯାଇଛି । ତେବେ ପ୍ରଥମ ପର୍ଯ୍ୟାୟରେ ପଞ୍ଚମ ଖଲିଫା[ଅବ]ଙ୍କ ନିଜସ୍ୱ ରଚନା, ବକ୍ତବ୍ୟ ତଥା ପ୍ରବଚନ ସମ୍ବଳିତ ଯେଉଁ ପୁସ୍ତକଗୁଡିକର ଅନୁବାଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା, ତନ୍ମଧରେ ଏହି ପୁସ୍ତକ ହେଉଛି ଗୋଟିଏ । ଇତି ମଧରେ ଅନ୍ୟ ଦୁଇଟି ପୁସ୍ତକର ଓଡିଆ ସଂସ୍କରଣ ମଧ ପ୍ରକାଶିତ ହୋଇ ସାରିଛି । ସେଗୁଡିକ ହେଉଛି :

୧. ବିଶ୍ୱ ସଙ୍କଟ ଏବଂ ଶାନ୍ତିର ପଥ : (ପ୍ରଥମ ଓ ଦ୍ୱିତୀୟ ସଂସ୍କରଣ)
'World Crisis and Pathway to Peace' -English

୨. ଇସଲାମ ଓ ବିବେକ ସ୍ୱାଧୀନତା : (ପ୍ରଥମ ସଂସ୍କରଣ)
'ଇସଲାମ ଔର ଆଜାଦୀ-ଏ-ଜମୀର' -ଉର୍ଦ୍ଦୁ

ଏହି ପୁସ୍ତକଟିକୁ ଶ୍ରୀଯୁକ୍ତ ଶରାଫତ ଅହମଦ ସାହେବ, ପଙ୍କାଳ (ନୂଆ ପାଟଣା) ଅନୁବାଦ କରିଛନ୍ତି ଏବଂ ଇଂ. ରୌଶନ ଖାନ୍ ସାହେବ ଏହାର ସମୀକ୍ଷା କରିଛନ୍ତି । ମୁଁ ଆଶା କରୁଛି, ଓଡିଆରେ ନାମିତ ଏହି ପୁସ୍ତକ 'ଦୀକ୍ଷାର ସର୍ତ୍ତ ଓ ଅହମଦିଙ୍କ କର୍ତ୍ତବ୍ୟ' ଇସଲାମ ଧର୍ମର ବାସ୍ତବିକତା ଓ ଶିକ୍ଷାଦୀକ୍ଷାର ପ୍ରସାର କ୍ଷେତ୍ରରେ ଓଡିଶାର ଅହମଦିମାନଙ୍କ ମାର୍ଗଦର୍ଶନ କରିବ ଏବଂ ଦୀକ୍ଷାଧାରୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୈଅତ କରିବାର ଅସଲ ଆଭିମୁଖ୍ୟକୁ ବୁଝିବା ଦିଗରେ ସଚେତନ କରାଇବ । ଇନ୍‌ଶାଅଲ୍ଲାଃ ।

**ହାଫିଜ୍ ମଖଦୁମ୍ ଶରିଫ୍**

ନାଜର ନଶ୍ର୍ ଓ ଇଶାଅତ୍,କାଦିୟାନ୍, ପଞ୍ଜାବ

# ଭୂମିକା

ଈଶ୍ୱରଙ୍କ ଅସୀମ କୃପାରୁ ଚଳିତ ଯୁଗରେ ପଞ୍ଜାବର କାଦିୟାନ ପୀଠରେ ନିଜକୁ ମସିହ ମଉଦ (ପ୍ରତିଶ୍ରୁତ ଅବତାର) ଓ ମେହଦି ରୂପେ ଦାବି ଘୋଷଣା କରିଥିବା ହଜରତ ମିର୍ଜା ଗୁଲାମ ଅହମଦ (୧୮୩୫-୧୯୦୮)ଙ୍କ ଠାରେ ଦୀକ୍ଷା ନେଇ ଆମେମାନେ ଅହମଦିୟା ମୁସଲିମ ଜମାଅତରେ ସାମିଲ ହୋଇଛୁ । ଯାହାଙ୍କ ଆଗମନ ସମ୍ବନ୍ଧରେ ଅବତାର ଶ୍ରେଷ୍ଠ ହଜରତ ମୁହମ୍ମଦ[ସଅ] ଭବିଷ୍ୟତ ବାଣୀ କରିଥିଲେ । ସେ ନିଜ ଜମାଅତର ଅନୁଗାମୀଙ୍କର ବୈଅତ ନେବା ଅର୍ଥାତ ଦୀକ୍ଷା ଗ୍ରହଣ କରିବା ପାଇଁ ଯେତେବେଳେ ତାଙ୍କୁ ଅଲ୍ଲାଃଙ୍କ ଠାରୁ ନିର୍ଦ୍ଦେଶ ମିଳିଲା, ସେ ୧୮୮୯ ମସିହା ଜାନୁୟାରୀ ୧୨ ତାରିଖ ଦିନ 'ଇସ୍ତେହାର ତକମିଲ-ଏ-ତବଲିଗ୍' ନାମକ ଏକ ଘୋଷଣା ପତ୍ର ପ୍ରକାଶ କଲେ । ସେଥିରେ ବୈଅତର ଦଶଗୋଟି ସର୍ତ୍ତ ରହିଥିଲା । ଯେଉଁ ବ୍ୟକ୍ତି ମସିହ ମଉଦ[ଅସ]ଙ୍କ ଜମାଅତରେ ପ୍ରବେଶ କରିବ, ତାକୁ ଏହି ସର୍ତ୍ତଗୁଡିକ ଉପରେ ପାଳନ କରିବା ପାଇଁ ସଂକଳ୍ପ ନେବାକୁ ହେବ । ସୁତରାଂ ଆମେ ଏହି ସବୁ ସର୍ତ୍ତାବଳୀକୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝିବା ଓ ଆମମାନଙ୍କ ଜୀବନରେ ପ୍ରତିଫଳିତ କରିବା ଅତ୍ୟନ୍ତ ଆବଶ୍ୟକ ହୋଇ ପଡିଛି ।

ସେଥିରୁ ଲାଭବାନ ହୋଇ ଆମେମାନେ ସତପଥରେ ପରିଚାଳିତ ହେବା ପାଇଁ ଆମର ପ୍ରିୟ ପଞ୍ଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ[ଅବ] ପବିତ୍ର କୁରଆନ୍, ମୁହମ୍ମଦ[ସଅ]ଙ୍କ ମୁଖ ନିଃସୃତ ହଦିସ ତଥା ମସିହ ମଉଦ[ଅସ]ଙ୍କ ଲେଖନୀକୁ ଆଧାର କରି ବୈଅତର ସେସବୁ ସର୍ତ୍ତଗୁଡିକୁ ଅତି ଉତ୍ତମ ରୂପେ ବ୍ୟାଖ୍ୟା କରିଛନ୍ତି । ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା ୨୦୦୩ ମସିହା ଜୁଲାଇ ୨୭ ତାରିଖ ଦିନ ବ୍ରିଟେନ ଠାରେ ଅନୁଷ୍ଠିତ ଜଲସା ସାଲାନାରେ ତାଙ୍କର ଅନ୍ତିମ ଉଦ୍‌ବୋଧନରୁ । ଏଥିରେ ମହାମାନ୍ୟ ଖଲିଫା ପ୍ରଥମ ତିନୋଟି ସର୍ତ୍ତ ବିଷୟରେ ଆଲୋଚନା କରିଥିଲେ । ଜର୍ମାନୀର ଅହମଦିୟା ବାର୍ଷିକ ସମ୍ମିଳନୀରେ ୨୦୦୪ ଅଗଷ୍ଟ ୨୪ତାରିଖରେ ସେ ଏହାର ୪ର୍ଥ, ୫ମ ଓ ଷଷ୍ଠ ସର୍ତ୍ତଗୁଡିକ ଉପରେ ଆଲୋକପାତ କରିଥିଲେ । ନବମ ସର୍ତ୍ତଟି ସେହି ବର୍ଷ ସେପ୍ଟେମ୍ବର ୧୨ତାରିଖ ଖୁତବା ଜୁମାରେ 'ମସଜିଦ ଫଜଲ୍' ଲଣ୍ଡନରେ ବୁଝାଇ ଦିଆଯାଇଥିଲା । ଶେଷରେ ସେପ୍ଟେମ୍ବର ୧୯ ଶୁକ୍ରବାର ଅଭିଭାଷଣରେ ବୈଅତର ଦଶମ ତଥା ଅନ୍ତିମ ସର୍ତ୍ତ ଉପରେ ସେ ବିସ୍ତୃତ ବ୍ୟାଖ୍ୟା କରିଥିଲେ । ଅହମଦିମାନେ ଦୀକ୍ଷା ନେବା ପରେ ସେଗୁଡିକୁ କିପରି କାର୍ଯ୍ୟକାରୀ

କରିବେ, ଯାହା ଫଳରେ ସେମାନଙ୍କ ଜୀବନରେ ଯେପରି ଅଭୁତପୂର୍ବ ଆଧ୍ୟାତ୍ମିକ ପରିବର୍ତ୍ତନ ଅଣାଯାଇ ପାରିବ, ସେ ସମ୍ବନ୍ଧରେ ସବିଶେଷ ତଥ୍ୟ ଉପସ୍ଥାପନ କରି ପରବର୍ତ୍ତୀ ତିନୋଟି ଖୁତବା ଜୁମା ମାଧ୍ୟମରେ ଯଥାକ୍ରମେ ୨୦୦୩ ମସିହାର ସେପ୍ଟେମ୍ବର୨୬, ଅକ୍ଟୋବର୧୦ ଓ ଅକ୍ଟୋବର୧୭ରେ ସେ ଉଦବୋଧନ ଦେଇଥିଲେ ।

ତେବେ ଏହାର ମୂଳ ଉର୍ଦ୍ଦୁ ଭାଷଣ ଓ ପ୍ରବଚନଗୁଡିକୁ ଜୁଲାଇ ୨୦୦୪ରେ ପ୍ରଥମ ସଂସ୍କରଣ ରୂପେ ପ୍ରକାଶିତ କରାଗଲା । ଏହାର ଇଂରାଜୀ ଅନୁବାଦିତ ପୁସ୍ତକ 'Conditions of Baiat and Responsibilities of an Ahmadi' ଜୁଲାଇ ୨୦୦୫ରେ ଲଣ୍ଡନରୁ ପ୍ରକାଶିତ ହେଲା । ସୁତରାଂ ସେହି ପରିମାର୍ଜିତ ସଂସ୍କରଣର ଶେଷ ଭାଗରେ ପରବର୍ତ୍ତୀ ତିନୋଟି ଖୁତବାକୁ ପୁସ୍ତକରେ ସନ୍ନିବେଶିତ କରାଯାଇ ଆଧ୍ୟାତ୍ମିକ ପରିବର୍ତ୍ତନର କେତେକ ବିଶ୍ୱାସବର୍ଦ୍ଧକ ଘଟଣା ପ୍ରକାଶ ପାଇଛି ।।

ଆମ ପ୍ରିୟ ଖଲିଫା ମହୋଦୟ ଯେଉଁ ସ୍ଥାନରେ ପବିତ୍ର କୁରଆନ ପଙ୍କ୍ତିର ଉର୍ଦ୍ଦୁରେ ଅନୁବାଦ କରିଛନ୍ତି, ତାହାକୁ ସମ୍ମିଳିତ କରାଯିବା ସହିତ ଅନ୍ୟ ଯେଉଁ ପଙ୍କ୍ତିଗୁଡିକୁ ସେ ଅନୁବାଦ କରି ନାହାନ୍ତି, ସେଥିପାଇଁ ତତ୍କାଳୀନ ଚତୁର୍ଥ ଖଲିଫା[ରଅ] ତଥା ମୌଲବି ଶେର ଅଲି[ରଅ]ଙ୍କ ଅନୁବାଦିତ କୁର୍ଆନ୍‌ରୁ ସହାୟତା ନିଆଯାଇଛି । ସେହିପରି ହଜରତ ମସିହ ମଉଦ[ଅସ]ଙ୍କ ପବିତ୍ର କଥନ 'ମଲ୍‌ଫୁଜାତ୍'ରୁ ତଥା ଅନ୍ୟାନ୍ୟ କେତେକ ପୁସ୍ତକର ନୂତନ ସଂସ୍କରଣରୁ ଆବଶ୍ୟକୀୟ ଉଦ୍ଧୃତାଂଶ ଏଥିରେ ସ୍ଥାନ ପାଇଛି । ପୁସ୍ତକର କେତେକ ସ୍ଥାନରେ ହଜୁର ଅନଓ୍ୱର[ଅବ]ଙ୍କ ନିର୍ଦ୍ଦେଶ କ୍ରମେ ସାମାନ୍ୟ ସଂଶୋଧନ ମଧ୍ୟ କରାଯାଇଛି ।

ଆମେ ସେହିସବୁ ଭାଷଣ ଓ ଖୁତବାଗୁଡିକୁ ଏକତ୍ରିତ କରି ପୁଣ୍ୟଶ୍ଳୋକଙ୍କ ଦ୍ୱାରା ମୂଲ୍ୟାୟନ ହେବା ପରେ ପୁସ୍ତକ ଆକାରରେ ଲୋକମାନଙ୍କ ହିତ ସକାଶେ ପ୍ରକାଶନ କରିବାର ସୌଭାଗ୍ୟ ପ୍ରାପ୍ତ କରିଛୁ । ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ଆମମାନଙ୍କୁ ଏହି ସର୍ତ୍ତଗୁଡିକୁ ସଠିକ୍ ଭାବରେ ବୁଝିବା ଓ ତାହା ଉପରେ ସୁଚାରୁ ରୂପେ ପାଳନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମମାନଙ୍କୁ ଏପରି ନୈଷ୍ଠିକ ଅହମଦି ହେବାର ଶକ୍ତି ଦିଅନ୍ତୁ, ଯେପରି ଭାବେ ମସିହ ମଉଦ[ଅସ] କାମନା କରିଥିଲେ ।

୧୫, ଜୁନ୍ ୨୦୦୬ ମସିହା

**ମୁନିରୁଦ୍ଦିନ୍ ଶମସ**
ଆଡିସିନାଲ ଓ୍ୱକିଲୁତ୍ ତସନିଫ୍
(ଅତିରିକ୍ତ ଆଲେଖ୍ୟ ପରିଚାଳକ)

# ବିଷୟ ସୂଚୀ


✸ ଅହମଦିୟା ସଂପ୍ରଦାୟରେ ଦୀକ୍ଷିତ ହେବାର ଦଶଗୋଟି ସର୍ତ୍ତାବଳୀ ୧
✸ ବୈଅତ (ଦୀକ୍ଷା) କ'ଣ ? ୩
✸ ଦୀକ୍ଷାର ତାତ୍ପର୍ଯ୍ୟ ଅଲ୍ଲାହ୍‌ଙ୍କ ନିକଟରେ ନିଜ ଜୀବନକୁ ସମର୍ପଣ କରିଦେବା ୪
✸ ଅଲ୍ଲାହ୍‌ଙ୍କ ତରଫରୁ ଦୀକ୍ଷା ଗ୍ରହଣ କରିବାର ଆଦେଶ ୭
✸ ବୈଅତର ଅଭିପ୍ରାୟ ୮
✸ ଦୀକ୍ଷା ପରମ୍ପରାର ଶୁଭାରମ୍ଭ ୧୦
**ବୈଅତର ପ୍ରଥମ ସର୍ତ୍ତ ୧୩**
✸ ଶିର୍କ (ବହୁ ଈଶ୍ୱରବାଦ)ର ବିଭିନ୍ନ ପ୍ରକାର ଭେଦ ୧୪
**ବୈଅତର ଦ୍ୱିତୀୟ ସର୍ତ୍ତ ୧୮**
✸ ସବୁଠାରୁ ବଡ଼ ପାପ; ମିଥ୍ୟା ୧୮
✸ ବ୍ୟଭିଚାରରୁ ବଞ୍ଚିତ ହୁଅ ୨୪
✸ ମନ୍ଦଦୃଷ୍ଟିରୁ ଦୂରେଇ ରୁହ ୨୬
✸ ଅନୈତିକ କାର୍ଯ୍ୟରୁ ଦୂରେଇ ରୁହ ୨୯
✸ ଅତ୍ୟାଚାର କରନାହିଁ ୩୨
✸ ଆତ୍ମସାତ୍ କରନାହିଁ ୩୬
✸ ବିଶୃଙ୍ଖଳିତ ଆଚରଣରୁ ଦୂରେଇ ରୁହ ୩୭
✸ ବିଦ୍ରୋହାତ୍ମକ ପନ୍ଥାରୁ ବଞ୍ଚିତ ହୁଅ ୩୯
✸ ତାମସିକ ଆବେଗରେ କବଳିତ ହୁଅନାହିଁ ୪୧
**ବୈଅତର ତୃତୀୟ ସର୍ତ୍ତ ୪୬**
✸ ପାଞ୍ଚ ବେଳା ନମାଜ ପାଠ କରିବା ତୁମ ପାଇଁ ଅନିବାର୍ଯ୍ୟ ୪୬
✸ ତହଜ୍ଜୁଦ୍ ନମାଜ ପଢ଼ିବାର ପ୍ରଯତ୍ନ କର ୫୧
✸ ହଜରତ୍ ମୁହମ୍ମଦ[ସଅ]ଙ୍କ ପ୍ରତି ନିରନ୍ତର ଭାବେ ଦରୁଦ ପ୍ରେରଣ କର ୫୪
✸ କ୍ଷମା ଯାଚନା ନିରନ୍ତର ଜାରି ରଖ । ୫୮
✸ ଇସତଗ୍‌ଫାର ଓ ତୌବା (କ୍ଷମା ଯାଚନା ଓ ପଶ୍ଚାତାପ) ୬୨
✸ ଅଲ୍ଲାହ୍‌ତାଲାଙ୍କର ପ୍ରଶଂସା କରୁଥାଅ ୬୩
**ବୈଅତର ଚତୁର୍ଥ ସର୍ତ୍ତ ୬୯**
✸ କ୍ଷମା ଆଚରଣ ପ୍ରଦର୍ଶନ କର ୭୦
✸ କାହାକୁ କଷ୍ଟ ଦିଅନାହିଁ ୭୨
✸ ବିନୟ ଭାବ ଓ ନମ୍ରତା ପୋଷଣ କର ୭୮

**ବୈଅତର ପଞ୍ଚମ ସର୍ତ୍ତ** ୮୦
✸ ଦୁଃଖକ୍ଳେଶ ହିଁ ପାପର ପ୍ରାୟଶ୍ଚିତ ହୋଇଯାଏ ୮୨
✸ ପ୍ରକୃତ ଧୈର୍ଯ୍ୟ ରକ୍ଷା ଦୁଃଖର ଆରମ୍ଭ ସମୟ ୮୩
✸ ତୁମେମାନେ ଈଶ୍ୱରଙ୍କ ଅନ୍ତିମ ସଂପ୍ରଦାୟ ୮୫
✸ ଯେଉଁମାନେ ମୋର, ସେମାନେ ମୋଠାରୁ ଅଲଗା ନୁହନ୍ତି ୮୬
✸ ସଂପୂର୍ଣ୍ଣ ଭକ୍ତି ଓ ଦୃଢତାର ନମୁନା ଦେଖାଅ ୮୮
**ବୈଅତର ଷଷ୍ଠ ସର୍ତ୍ତ** **୯୧**
✸ ନୂଆ ନୂଆ କୁପ୍ରଥା ଓ କୁରୀତି ବର୍ଜନୀୟ ୯୫
✸ ଇସଲାମୀୟ ଶିକ୍ଷା ପାଇଁ ପବିତ୍ର କୁରଆନ ହେଉଛି ମାର୍ଗଦର୍ଶକ ୯୬
✸ ପବିତ୍ର କୁରଆନରେ ହିଁ ତୁମ ଜୀବନ ୯୯
**ବୈଅତର ସପ୍ତମ ସର୍ତ୍ତ** **୧୦୮**
✸ ଅନେକେଶ୍ୱର ପରେ ଅହଙ୍କାର ସବୁଠାରୁ ବଡ ପାପ ୧୦୮
✸ ଅହଙ୍କାରୀ କଦାପି ବୈକୁଣ୍ଠରେ ପ୍ରବେଶ କରି ପାରିବ ନାହିଁ ୧୧୩
✸ ଅହଙ୍କାର ଓ ଶୈତାନ ମଧ୍ୟରେ ଗଭୀର ସଂପର୍କ ରହିଛି ୧୧୫
✸ ଅହଙ୍କାର ପ୍ରଭୁଙ୍କ ଦୃଷ୍ଟିରେ ଅତ୍ୟଧିକ ଘୃଣିତ କର୍ମ ୧୧୮
✸ ହଜରତ ମୁହମ୍ମଦ[ସଅ]ଙ୍କ ଦୃଷ୍ଟିରେ ବିନୟୀ ଲୋକଙ୍କ ସ୍ଥାନ ୧୨୧
**ବୈଅତର ଅଷ୍ଟମ ସର୍ତ୍ତ** **୧୨୪**
✸ ଇସଲାମୀୟ ଶିକ୍ଷାର ସାରତତ୍ତ୍ୱ ୧୨୬
✸ ଇସଲାମ ପ୍ରାଣବନ୍ତ ହେବା ଆମଠାରୁ ବଳିଦାନ ଚାହୁଁଛି ୧୨୮
✸ ପାପରୁ ମୁକ୍ତିର ସାଧନ ବିଶ୍ୱାସ ୧୨୯
**ବୈଅତର ନବମ ସର୍ତ୍ତ** **୧୩୨**
✸ ସମସ୍ତଙ୍କ ସହିତ ଭଲ ବ୍ୟବହାର କରିବାର ଶିକ୍ଷା ୧୩୨
✸ ହଜରତ ମସିହ ମଉଦ[ଅସ] ଏବଂ ମାନବଜାତି ପ୍ରତି ସହାନୁଭୁତି ୧୪୫
**ବୈଅତର ଦଶମ ସର୍ତ୍ତ** **୧୪୮**
✸ ହଜରତ୍ ମସିହ ମଉଦ୍[ଅସ] ଓ ସମୟର ଖଲିଫାଙ୍କ ସହିତ ଭ୍ରାତୃଭାବ ପ୍ରତିଷ୍ଠା କରିବା ଅତ୍ୟାବଶ୍ୟକ ୧୪୮
✸ ଯଥାର୍ଥ ଓ ଅଯଥାର୍ଥର ପରିଭାଷା ୧୫୧
✸ ଆଜ୍ଞା ପାଳନର ସର୍ବୋତ୍ତମ ଉଦାହରଣ ୧୫୬
✸ ହଜରତ ମସିହ ମଉଦ[ଅସ] ଯାହା ପାଇଛନ୍ତି, ତାହା ମୁହମ୍ମଦ[ସଅ]ଙ୍କ ଆଜ୍ଞାବହତା ଯୋଗୁଁ ପାଇଛନ୍ତି ୧୫୮

✸ ଆଜ୍ଞା ପାଳନ ପ୍ରତ୍ୟେକ ପରିସ୍ଥିତିରେ ଏକାନ୍ତ ଆବଶ୍ୟକ ୧୬୩
✸ ଜମାଅତରେ କେଉଁ ବ୍ୟକ୍ତି ପ୍ରବେଶ କରି ପାରିବ ୧୬୨
✸ ପରସ୍ପର ମଧ୍ୟରେ ପ୍ରେମ ଭାଇଚାରା ପ୍ରତିଷ୍ଠା କର ଏବଂ ଈଶ୍ୱରଙ୍କ ସହିତ ନିଷ୍ଠାପର ସମ୍ପର୍କ ସ୍ଥାପନ କର ୧୬୭
✸ ହଜରତ ମସିହ ମଉଦ[ଅସ]ଙ୍କ ହାତରେ ବୈଅତ କରିବାରେ ଦୁଇଟି ଲାଭ ୧୬୯
✸ ଚଳିତ ଯୁଗର ଅଭେଦ୍ୟ ଦୁର୍ଗ ୧୭୦

**ଆଧ୍ୟାତ୍ମିକ ପରିବର୍ତ୍ତନ ସମ୍ବନ୍ଧୀୟ କେତେକ ବିଶ୍ୱାସ ବର୍ଦ୍ଧକ ଘଟଣା ୧୭୩**

✸ 'ତାଅତ୍ ବିଲ ମାରୁଫ'ର ଯଥୋଚିତ ବ୍ୟାଖ୍ୟା ଓ ସ୍ପଷ୍ଟୀକରଣ ୧୭୫
✸ ହଜରତ ମସିହ ମଉଦ୍[ଅସ]ଙ୍କ ଦ୍ୱାରା ଅଣାଯାଇ ଥିବା ଆଧ୍ୟାତ୍ମିକ ପରିବର୍ତ୍ତନ ୧୮୧
✸ ଶିର୍କ କରିବାରୁ ନିବୃତ ରହିବା ୧୮୨
✸ ଇନ୍ଦ୍ରୀୟ ଉତ୍ତେଜନାର ବଶବର୍ତ୍ତୀ ନହେବା ୧୮୪
✸ ନିୟମିତ ନମାଜ ଓ ତହଜୁଦ୍ ନମାଜରେ ରୁଚି ୧୮୬
✸ କ୍ରୋଧର ଆବେଗକୁ ଦମନ ୧୯୨
✸ **ସୁଖ ଦୁଃଖରେ ଅଲ୍ଲାଃତାଲାଙ୍କ ପ୍ରତି ବିଶ୍ୱସନୀୟତା ୧୯୫**
✸ ଧୈର୍ଯ୍ୟର ଅଦ୍ୱିତୀୟ ନମୁନା ୧୯୯
✸ ଅପସଂସ୍କୃତି ଓ କୁପ୍ରଥାର ନିବାରଣ ୨୦୦
✸ ଆଜ୍ଞାପାଳନର ଅନୁପମ ନମୁନା ... ଧୁମ୍ରପାନର କୁପ୍ରଭାବ ୨୦୨
✸ ଲଟେରି ଉଚିତ ନୁହେଁ ୨୦୩
✸ ମଦିରାର ନିଷିଦ୍ଧକରଣ ୨୦୪
✸ ପବିତ୍ର କୁର୍‌ଆନ ପ୍ରତି ପ୍ରେମ ୨୦୫
✸ ବିନୟ ଭାବ ଓ ନମ୍ର ସ୍ୱଭାବ ୨୦୮
✸ ଅହଙ୍କାରକୁ ବର୍ଜନ ୨୧୧
✸ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଓ ତ୍ୟାଗର ଉଚ୍ଚ ଆଦର୍ଶ ୨୧୨
✸ **ମାନବ ସେବା, ନିଷ୍ଠା ଓ ଭକ୍ତିର ଅନୁପମ ଦୃଷ୍ଟାନ୍ତ ୨୨୨**
✸ ଅହମଦୀ ଡାକ୍ତର ନିଜକୁ ଉତ୍ସର୍ଗ କରନ୍ତୁ ୨୨୪
✸ ମସିହ ମଉଦ[ଅସ]ଙ୍କ ସହିତ ଅତି ଘନିଷ୍ଠ ସମ୍ବନ୍ଧ ୨୩୪
✸ ନିଷ୍ଠାବାନମାନଙ୍କ ସନ୍ତାନଙ୍କ କର୍ତ୍ତବ୍ୟ ୨୩୯
✸ ଅନ୍ୟ ବ୍ୟକ୍ତିଙ୍କ ସ୍ୱୀକାରୋକ୍ତି ୨୪୦

# ମର୍ଯ୍ୟାଦାସୂଚକ ଉକ୍ତି

ସଅ – (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ – (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ – (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ – (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ – (ଅୟଦହୁଲ୍ଲାହୁ ତା' ଲା ବେ ନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ଅହମଦିୟା ସଂପ୍ରଦାୟରେ ଦୀକ୍ଷିତ ହେବାର ସର୍ତ୍ତାବଳୀ

**୧. ପ୍ରଥମ:** ଏହା ଯେ ଦୀକ୍ଷାକାରୀ ନିର୍ମଳ ହୃଦୟରେ ଦୃଢ଼ ସଂକଳ୍ପ କରୁ ଯେ ଭବିଷ୍ୟତରେ ମୃତ୍ୟୁ ବରଣ କରିବା ପର୍ଯ୍ୟନ୍ତ ସେ ଶିର୍କ (ଅନେକେଶ୍ୱରବାଦ୍)ରୁ ଦୂରେଇ ରହିବ ।

**୨. ଦ୍ୱିତୀୟ:** ଏହା ଯେ ମିଥ୍ୟା ତଥା ବ୍ୟଭିଚାରକୁ ବର୍ଜନ କର ଏବଂ ପ୍ରତ୍ୟେକ ପ୍ରକାର ଅସତକର୍ମ, ଅତ୍ୟାଚାର, ଅସାଧୁତା, କଳହ ଓ ବିଦ୍ରୋହାତ୍ମକ କାର୍ଯ୍ୟ ଗୁଡ଼ିକରୁ ବଞ୍ଚିତ ରହିବ ଏବଂ ତାମସିକ ଆବେଗ ସମୟରେ ତାହା ଯେତେ ତୀବ୍ର ହେଉନା କାହିଁକି ଏହାର ବଶୀଭୂତ ହେବନାହିଁ ।

**୩. ତୃତୀୟ:** ଏହା ଯେ ଅଲ୍ଲାଃ ଓ ରସୁଲ୍‌ଙ୍କ ଆଦେଶନୁଯାୟୀ କୌଣସି ଅବହେଳା ନକରି ପାଞ୍ଚ ବେଳା ନମାଜ ସୂଚାରୁ ରୂପରେ ପାଠ କରିବ ଏବଂ ଯଥାକ୍ଷମ ତହଜୁଦ୍ ନମାଜ ପଢ଼ିବା ସହିତ ଶ୍ରେଷ୍ଠ ନବୀ ମୁହମ୍ମଦ[ସଅ]ଙ୍କ ପ୍ରତି ଦରୁଦ୍ ପ୍ରେରଣ କରିବ । ପ୍ରତ୍ୟେକ ଦିନ ନିଜ ପାପ କର୍ମ ଜନିତ ଦୋଷ, ଦୁର୍ବଳତା ମାର୍ଜନା ନିମନ୍ତେ ନିରନ୍ତର କ୍ଷମାପ୍ରାର୍ଥନା କରିବ ତଥା ଆନ୍ତରିକ ପ୍ରେମ ସହିତ ଅଲ୍ଲାଃଙ୍କର ଅନୁଗ୍ରହମାନକୁ ସ୍ମରଣ କରି ତାହାଙ୍କ ପ୍ରଶଂସା ଓ ଗୁଣଗାନ କରିବାକୁ ନିଜର ନିତି ଦିନିଆ କର୍ତ୍ତବ୍ୟ ରୂପେ ବିବେଚନା କରିବ ।

**୪. ଚତୁର୍ଥ:** ଏହା ଯେ ସାଧାରଣତଃ ସମସ୍ତ ମାନବ ସମାଜ ଏବଂ ବିଶେଷତଃ ମୁସଲମାନମାନଙ୍କୁ ନିଜର ତାମସିକ ଆବେଗ ସମୟରେ କୌଣସି ପ୍ରକାରର ଅନୁଚିତ କଷ୍ଟ ପହଞ୍ଚାଇବ ନାହିଁ । ନା କଥାରେ, ନା ହାତରେ, ନା ଅନ୍ୟ କୌଣସି ପ୍ରକାରେ ।

**୫. ପଞ୍ଚମ:** ଏହା ଯେ ପ୍ରତ୍ୟେକ ପରିସ୍ଥିତି ଯେପରି ସୁଖ ଦୁଃଖ, ସୁବିଧା ଅସୁବିଧା, ସଂପଦ ଓ ବିପଦରେ ଅଲ୍ଲାତାଲାଙ୍କ ସହିତ ନିଷ୍ଠାଭାବ ରଖିବ ଓ ଭକ୍ତି କରିବ । ପ୍ରତ୍ୟେକ ସ୍ଥିତିରେ ଅଲ୍ଲାଃର ନିଷ୍ପତ୍ତି ଉପରେ ସନ୍ତୁଷ୍ଟ ରହିବ । ତାହାଙ୍କ ମାର୍ଗରେ ପ୍ରତ୍ୟେକ ପ୍ରକାର ଦୁଃଖ ଓ ଅପମାନକୁ ମୁଣ୍ଡପାତି ସ୍ୱୀକାର କରିବାକୁ ତତ୍ପର ରହିବ । କୌଣସି ବିପତ୍ତି ଆସିଲେ ପଛକୁ ହଟି ନଯାଇ ଆଗକୁ ପାଦ ବଢ଼ାଇବ ।

**୬. ଷଷ୍ଠ:** ଏହା ଯେ କୁସଂସ୍କାର ଗ୍ରସ୍ତ ହୋଇ ବସ୍ତୁ ଲାଳସା ତଥା ଅଯଥା ଆଶା ଓ ଆକାଂକ୍ଷା ରଖି କୁପଥରେ ଚାଲିବାରୁ ନିଜକୁ ବଞ୍ଚିତ ରଖିବ ଏବଂ ପବିତ୍ର କୁର୍‌ଆନ୍‌ର ଆଦେଶଗୁଡ଼ିକୁ ସଂପୂର୍ଣ୍ଣ ମନପ୍ରାଣରେ ଗ୍ରହଣ କରିବ ଏବଂ ଅଲ୍ଲାଃ ଓ ରସୁଲଙ୍କ ଆଦେଶକୁ ନିଜର ପ୍ରତ୍ୟେକ ଅବସ୍ଥାରେ କାର୍ଯ୍ୟସୂଚୀ ରୂପେ ବିବେଚନା କରିବ ।

**୭. ସପ୍ତମ:** ଏହା ଯେ ଅହଙ୍କାର ଓ ଅଭିମାନକୁ ସମ୍ପୂର୍ଣ୍ଣ ତ୍ୟାଗ କରିବ ଏବଂ ଶାଳୀନତା ରକ୍ଷା କରି ସଦାଚାରୀତା, ଦୀନହୀନତା ଓ ନିରୀହତା ତଥା ନମ୍ରତା ପୂର୍ବକ ଜୀବନ ଅତିବାହିତ କରିବ ।

**୮. ଅଷ୍ଟମ:** ଏହା ଯେ ଧର୍ମ ଓ ଧର୍ମର ପ୍ରତିଷ୍ଠା ଏବଂ ଇସଲାମ ପ୍ରତି ସହାନୁଭୂତିକୁ ନିଜ ପ୍ରାଣ, ନିଜ ଧନ, ନିଜ ମାନ ମର୍ଯ୍ୟାଦା, ନିଜ ସନ୍ତାନ ତଥା ନିଜର ପ୍ରତ୍ୟେକ ଆତ୍ମୀୟ ସ୍ୱଜନଙ୍କ ଠାରୁ ଅଧିକ ମନେ କରିବ ।

**୯. ନବମ:** ଏହା ଯେ ପ୍ରଭୁଙ୍କର ସମସ୍ତ ସୃଷ୍ଟି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାରେ କେବଳ ଅଲ୍ଲାଃଙ୍କ ପାଇଁ ଲାଗିରହିବ ଏବଂ ଯଥା ସମ୍ଭବ ନିଜର ଈଶ୍ୱର ପ୍ରଦତ୍ତ ଶକ୍ତି ଓ ବରଦାନ ଦ୍ୱାରା ମାନବ ସମାଜକୁ ଲାଭ ପ୍ରଦାନ କରିବ ।

**୧୦. ଦଶମ:** ଏହା ଯେ ଏହି ବିନୀତ ସହ କେବଳ ମାତ୍ର ପ୍ରଭୁଙ୍କ ପାଇଁ ଭ୍ରାତୃଭାବ ଜନିତ ପୂଣ୍ୟାଦେଶ ପାଳନ କରି ମୃତ୍ୟୁ ପର୍ଯ୍ୟନ୍ତ ତା’ ଉପରେ ପ୍ରତିଷ୍ଠିତ ରହିବ । ଏବଂ ଉକ୍ତ ଭ୍ରାତୃଭାବ ଏପରି ଉଚ୍ଚକୋଟିର ହୋଇଥିବ, ଯାହାର ଉଦାହରଣ ସାଂସାରିକ ସମ୍ବନ୍ଧ ଓ ସମସ୍ତ ସେବାମୂଳକ ଅବସ୍ଥାରେ ଦୃଷ୍ଟିଗୋଚର ହେଉ ନଥିବ ।

(ଇସ୍ତିହାର ତକ୍‌ମିଲେ ତବଲିଗ୍, ୧୨ ଜାନୁଆରୀ ୧୮୮୯)

بسم الله الرحمن الرحيم

କେତେକ ବନ୍ଧୁଙ୍କ ନିକଟରୁ ପତ୍ର ଆସିଛି ଯେ ଆମେମାନେ ନୂତନ ଭାବରେ ଦୀକ୍ଷିତ ହୋଇ ବୈଅତ୍‌ର ସମସ୍ତ ସର୍ତ୍ତ ମାନିବାକୁ ସଂକଳ୍ପ କରି ସାରିଛୁ ସତ, ମାତ୍ର ଆମେମାନେ ଭଲ ରୂପେ ଜାଣିନାହୁଁ ଯେ ବୈଅତ୍‌ର ୧୦ଗୋଟି ସର୍ତ୍ତାବଳୀ କ'ଣ, ଯାହାକୁ ଆମେ ଗ୍ରହଣ କରିବୁ । ତେଣୁ ମୁଁ ଉଚିତ୍ ମନେକଲି ଯେ ଆଜିର ଜଲସା ଅବସରରେ ଉକ୍ତ ବିଷୟରେ କିଛି ବ୍ୟକ୍ତ କରିବି । ଯେହେତୁ ଏହା ଏକ ଦୀର୍ଘକାୟ ବିଷୟ ଏବଂ ଏଠାରେ ପ୍ରତ୍ୟେକ ସର୍ତ୍ତାବଳୀ ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିବା କଷ୍ଟ ସାପେକ୍ଷ, ତେଣୁ କେତେଗୋଟି ସର୍ତ୍ତ ସମ୍ପର୍କରେ ବିସ୍ତାର ପୂର୍ବକ ବର୍ଣ୍ଣନା କରିବା ଓ ଭବିଷ୍ୟତରେ (ଯଦି ଅଲ୍ଲାଃ ଚାହିଁବେ) କୌଣସି ଖୁତବା (ଜୁମା ଅଭିଭାଷଣ) ଅବସରରେ ହିଁ ସମ୍ଭବ ହେବ ।

# ବୈଅତ୍ କ'ଣ ?

ସର୍ବପ୍ରଥମ ବିଷୟ ହେଉଛି ବୈଅତ୍ କଣ ? ମୁଁ ହଦିସ୍ (ମୁହମ୍ମଦ[ସଅ]ଙ୍କ ମୁଖ ନିଃସୃତ ବାଣୀ) ତଥା ହଜରତ୍ ମସିହ୍ ମଉଦ୍[ଅସ]ଙ୍କ ଲେଖା ମଧ୍ୟରୁ ଏହାର ବ୍ୟାଖ୍ୟା କରୁଛି ।

ହଜୁର ବର୍ଣ୍ଣନା କରୁଛନ୍ତି, ବୈଅତ୍‌ର ବାସ୍ତବିକତା ହେଉଛି ସ୍ୱୟଂ ନିଜକୁ ବିକିଦେବା । ଏହାର କଲ୍ୟାଣ ଓ ବିଶେଷ ପ୍ରଭାବ ଏହି ବୈଅତ୍‌ର ସର୍ତ୍ତ ସହିତ ଜଡ଼ିତ । ଯେପରି ଗୋଟିଏ ମଞ୍ଜିକୁ ଭୂମିରେ ବୁଣାଯାଏ । ଯାହାର ପ୍ରାଥମିକ ସୋପାନରେ ଜଣେ କୃଷକ ଦ୍ୱାରା ଏହା ବୁଣାଯାଇଥିଲେ ସୁଦ୍ଧା ଜଣା ନଥାଏ ଯେ ଏବେ ଏହା କ'ଣ ହେବ ? କିନ୍ତୁ ଯଦି ଏହା ଭଲ ମଞ୍ଜି ହୋଇଥିବ ଓ ସେଥିରେ ଅଙ୍କୁରିତ ହେବାର ଶକ୍ତି ଥିବ, ତେବେ ତାହା ଅଲ୍ଲାଃଙ୍କ କୃପା ବଳରେ ଓ କୃଷକର ଉଦ୍ୟମ ଫଳରେ ଉପରକୁ ଉଠିବ । ଏବଂ ତାହା ଗୋଟିଏ ଦାନାରୁ ବାହାରି ସହସ୍ର ଦାନାରେ ପରିଣତ ହୋଇଯିବ । ଠିକ୍ ସେହିପରି ଦୀକ୍ଷାଧାରୀକୁ ପ୍ରଥମେ ନମ୍ରତା ଅବଲମ୍ବନ କରିବାକୁ ପଡ଼ିଥାଏ ତଥା ଅହଂଭାବ ଓ ସ୍ୱାର୍ଥ ତ୍ୟାଗ କରିବାକୁ ପଡ଼ିଥାଏ । ତେବେ ଯାଇ ସେ ପ୍ରଗତି କରିବା ନିମନ୍ତେ ଯୋଗ୍ୟ ସାବ୍ୟସ୍ତ ହୋଇଥାଏ । ମାତ୍ର ଯେଉଁ ବ୍ୟକ୍ତି ବୈଅତ କରିବା ସହିତ ଅହଂଭାବକୁ ମଧ୍ୟ ଧରି ରଖିଥାଏ, ତାକୁ କଦାପି କଲ୍ୟାଣ ପ୍ରାପ୍ତି ହୁଏ ନାହିଁ ।

(ମଲଫୁଜାତ୍, ପୃଷ୍ଠା ୧୭୩)

# ବୈଅତ୍‌ର ଅର୍ଥ ଅଲ୍ଲାଃଙ୍କୁ ନିଜର ଜୀବନ ଅର୍ପଣ କରିଦେବା

ପୁଣି ସେ ବର୍ଣ୍ଣନା କରିଛନ୍ତି, ଦୀକ୍ଷାର ଅଭିପ୍ରାୟ ଅଲ୍ଲାଃତାଲାଙ୍କୁ ନିଜର ଜୀବନ ଅର୍ପଣ କରିଦେବା । ଯାହାର ତାତ୍ପର୍ଯ୍ୟ ହେଉଛି ଯେ ଆଜି ଆମେ ନିଜ ଜୀବନକୁ ଅଲ୍ଲାଃଙ୍କ ହସ୍ତରେ ବିକ୍ରୟ କରିଦେଲୁ । ଏ ଧାରଣା ସମ୍ପୂର୍ଣ୍ଣ ରୂପେ ଭୁଲ୍ ଯେ ପ୍ରଭୁଙ୍କ ମାର୍ଗରେ ପରିଚାଳିତ ହୋଇ ପରିଶେଷରେ କେହି କେବେ କ୍ଷତିଗ୍ରସ୍ତ ହେବ । କ୍ଷତି କେବଳ ମିଥ୍ୟାବାଦୀକୁ ହିଁ ଉଠାଇବାକୁ ପଡ଼ିଥାଏ । ଯେଉଁ ବ୍ୟକ୍ତି କେବଳ ସଂସାର ପ୍ରତି ଆସକ୍ତ ହେବା ଯୋଗୁଁ ନିଜର ଦୀକ୍ଷାକୁ ଭଙ୍ଗ କରେ ତଥା ଈଶ୍ୱରଙ୍କ ପ୍ରତିଶ୍ରୁତିକୁ ଅବଜ୍ଞା କରେ, ସେ ମନେରଖୁ ଯେ ମୃତ୍ୟୁ ସମୟରେ କୌଣସି ହାକିମ କିମ୍ବା ରାଜା ତା'କୁ ରକ୍ଷା କରିପାରିବେ ନାହିଁ । ତାକୁ ସର୍ବଶ୍ରେଷ୍ଠ ସମ୍ରାଟ ପାଖକୁ ଯିବାକୁ ହେବ, ଯିଏ ନିଶ୍ଚୟ ତାକୁ ପଚାରିବେ ଯେ 'ତୁ ମୋର ସମ୍ମାନ ରକ୍ଷା କାହିଁକି କଲୁନାହୁଁ ?' ତେଣୁ ପ୍ରତ୍ୟେକ ବିଶ୍ୱାସକାରୀଙ୍କ ନିମନ୍ତେ ଏହା ଆବଶ୍ୟକ ଯେ ସେ ପ୍ରଭୁ ଯିଏ ଆକାଶ ଓ ପୃଥିବୀର ଅଧିଶ୍ୱର, ତାହାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବା ସହିତ ଅନ୍ତରରୁ ପଶ୍ଚାତାପ କରୁ ।

(ମଲଫୂଜାତ୍, ଖଣ୍ଡ ୮, ପୃ ୨୯-୩୦)

ହଜରତ ମସିହ ମଉଦ୍[ଅସ]ଙ୍କ ଉକ୍ତ ନିର୍ଦ୍ଦେଶରୁ ସ୍ପଷ୍ଟ ଜଣାପଡୁଛି ଯେ ବୈଅତ୍ କ'ଣ ? ଆମମାନଙ୍କ ମଧ୍ୟରୁ ଯଦି ପ୍ରତ୍ୟେକ ବ୍ୟକ୍ତି ଏହା ବୁଝିନେବ ଯେ ମୁଁ ସ୍ୱୟଂ ନିଜର ନୁହେଁ, ବରଂ ଅଲ୍ଲାଃଙ୍କର ଏବଂ ଆମକୁ ପ୍ରତ୍ୟେକ ଅବସ୍ଥାରେ ଅଲ୍ଲାଃଙ୍କ ଆଦେଶ ପ୍ରତି ଅନୁପ୍ରେରିତ ହୋଇ ତାହାଙ୍କ ଆଦେଶଗୁଡ଼ିକ ଉପରେ ପାଳନ କରିବାକୁ ହେବ । ତତ୍‌ସହିତ ତାହାଙ୍କ ପ୍ରସନ୍ନତା ଓ ସାନିଧ ପ୍ରାପ୍ତି ନିମନ୍ତେ ପ୍ରତ୍ୟେକ କାର୍ଯ୍ୟ କରିବାକୁ ପଡ଼ିବ, ତେବେ ତାହା ହିଁ ହେବ ବୈଅତ୍ ପାଇଁ ଉଦ୍ଦିଷ୍ଟ ଦଶଗୋଟି ସର୍ତ୍ତର ସାରମର୍ମ । ଏବେ ମୁଁ ବିଭିନ୍ନ ହଦିସ୍‌କୁ ଏଠାରେ ଉପସ୍ଥାପନ କରୁଛି, ଯେଉଁଥିରେ ବୈଅତ୍ ସମ୍ବନ୍ଧରେ ବିଭିନ୍ନ ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହୁଏ ।

ଆୟଜୁଲ୍ଲାଃ ବିନ୍ ଅବଦୁଲ୍ଲାଃ ବର୍ଣ୍ଣନା କରୁଛନ୍ତି ଯେ ଓବାଦା ବିନ୍ ସାମତ[ରଅ] ସେହି ଅନୁଚରମାନଙ୍କ ମଧ୍ୟରୁ ଥିଲେ, ଯେଉଁମାନେ ବଦର ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ । ଓବାଦାଃ ବିନ୍ ସାମତ[ରଅ] ତାଙ୍କୁ କହିଲେ 'ଯେତେବେଳେ ରସୁଲୁଲ୍ଲାଃ[ସଅ]ଙ୍କ ନିକଟରେ ଅନୁଚରମାନଙ୍କ ଏକ ଦଳ ଉପସ୍ଥିତ ଥିଲା, ସେତେବେଳେ ସେ କହିଲେ

ଆସ, ଏହି ସର୍ତ୍ତ ଉପରେ ମୋର ଦୀକ୍ଷା ନିଅ । 'ଆଲ୍ଲା ତୁଶ୍‌ରିକୁ ବିଲ୍ଲାହେ ଶୈଆ' ଅର୍ଥାତ୍ କାହାରିକୁ ଅଲ୍ଲାଃଙ୍କ ସମକକ୍ଷ କରିବ ନାହିଁ, ଚୋରି କରିବ ନାହିଁ, ବ୍ୟଭିଚାର କରିବ ନାହିଁ, ନିଜ ସନ୍ତାନ ସନ୍ତତିକୁ ହତ୍ୟା କରିବ ନାହିଁ, ମିଥ୍ୟା ଅପବାଦ ଦେବ ନାହିଁ ଏବଂ ତୁମେମାନେ ମୋର ନୈତିକ ତଥା ଇସଲାମୀୟ ଆଇନ ଅନୁଯାୟୀ ସମୁଚିତ ଆଦେଶର ଅବଜ୍ଞା କରିବ ନାହିଁ ।

ସୁତରାଂ ତୁମମାନଙ୍କ ମଧ୍ୟରୁ ଯେ କେହି ବୈଅତ୍‌ର ଅଙ୍ଗୀକାରକୁ ପୂରଣ କରି ଦେଖାଇବ ତାହାର ପ୍ରତିଫଳ ଦେବା ଅଲ୍ଲାଃଙ୍କ ଦାୟୀତ୍ୱ । ଏବଂ ତୁମମାନଙ୍କ ମଧ୍ୟରୁ ଯେ କେହି ଉକ୍ତ ପ୍ରତିଶ୍ରୁତି ରକ୍ଷା କରିବାରେ ଦୁର୍ବଳତା ପ୍ରକାଶ କରିବ, ଏହାର ଶାସ୍ତି ତାକୁ ଇହକାଳରେ ହିଁ ମିଳିଯିବ । ଉକ୍ତ ଶାସ୍ତି ତା'ପାଇଁ କଫାରାଃ (ପ୍ରାୟଶ୍ଚିତ୍) ଅର୍ଥାତ ପାପ ଭାରରୁ ମୁକ୍ତିର କାରଣ ହୋଇଯିବ । ଏହିପରି ଯେଉଁ ବ୍ୟକ୍ତିର ଉକ୍ତ ଦୀକ୍ଷାର ପ୍ରତିଶ୍ରୁତି ପୂରଣ କରିବାରେ ଅଭାବ ପରିଲକ୍ଷିତ ହେଉଛି ଏବଂ ଅଲ୍ଲାଃତାଲା ତା'ର ଦୋଷ ଦୁର୍ବଳତା ଘୋଡ଼ାଇ ଦେଉଛନ୍ତି, ତେବେ ତାହାର ମାମଲା ଅଲ୍ଲାଃଙ୍କ ହାତରେ ନ୍ୟସ୍ତ । ତେଣୁ ସେ ଚାହିଁବେ ତ ଶାସ୍ତି ଦେବେ କିମ୍ବା କ୍ଷମା ପ୍ରଦାନ କରିଦେବେ ।

(ସହି ବୁଖାରି, କିତାବ ମନାକିବୁଲ୍ ଅନ୍‌ସାର ବିମକ୍କତା ଓ ବୈଅତିଲ୍ ଉକବାଃ)

ପୁଣି ଅନ୍ୟ ଏକ ହଦିସରେ, ଓବାଦାଃ ବିନ୍ ସାମତ[ରଅ] ବର୍ଣ୍ଣନା କରୁଛନ୍ତି ଯେ ଆମେମାନେ ହଜରତ ରସୁଲେ କରୀମ[ସଅ]ଙ୍କ ଏହି ସର୍ତ୍ତ ଉପରେ ଦୀକ୍ଷା ନେଲୁ ଯେ ଆମେମାନେ ଯାହା କିଛି ଶୁଣିବୁ ତାହା ପାଳନ କରିବୁ । ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ, ସୁଖରେ ଓ ଦୁଃଖରେ ବି ଆମେମାନେ ଶାସକଙ୍କ ସହିତ କଳହ କରିବୁ ନାହିଁ । ଆମେ ଯେଉଁଠାରେ ରହିବୁ ସତ୍ୟ ଉପରେ ପ୍ରତିଷ୍ଠିତ ରହିବୁ ଓ କୌଣସି ନିନ୍ଦାକାରୀର ନିନ୍ଦାକୁ ଭୟ କରିବୁ ନାହିଁ ।

(ସୁନନ୍ ନିସାଇ, କିତାବୁଲ୍ ବୈଅତ୍)

ଉମ୍ମୁଲ୍ ମୁମେନିନ୍ (ବିଶ୍ୱାସକାରୀଙ୍କ ଜନନୀ) ହଜରତ ଆଇଶା[ରଅ] ବର୍ଣ୍ଣନା କରୁଛନ୍ତି ଯେ ହଜରତ ମୁହମ୍ମଦ୍[ସଅ] ନିମ୍ନରେ ପ୍ରଦତ୍ତ ପବିତ୍ର କୁର୍‌ଆନ୍‌ର ଆୟତ ଅନୁସାରେ ମହିଳାମାନଙ୍କର ବୈଅତ୍ ଗ୍ରହଣ କରିଥିଲେ ।

﴿ يَـاَيُّهَـا النَّبِيُّ اِذَا جَاءَكَ الْمُؤْمِنٰتُ يُبَايِعْنَكَ عَلٰى اَنْ لَّا يُشْرِكْنَ بِاللّٰهِ شَيْئًا وَّلَا يَسْرِقْنَ وَلَا يَزْنِيْنَ وَلَا يَقْتُلْنَ اَوْلَادَهُنَّ وَلَا

يَاْتِيْنَ بِبُهْتَانٍ يَّفْتَرِيْنَهٗ بَيْنَ اَيْدِيْهِنَّ وَاَرْجُلِهِنَّ وَلَا يَعْصِيْنَكَ فِيْ مَعْرُوْفٍ فَبَايِعْهُنَّ وَاسْتَغْفِرْلَهُنَّ اللّٰهَ اِنَّ اللّٰهَ غَفُوْرٌ رَّحِيْمٌ ﴾

'ହେ ନବୀ! ଯେତେବେଳେ ତୁମ ନିକଟକୁ ମହିଳାମାନେ ମୁସଲମାନ ହୋଇ ଆସିବେ ଓ ଏହି ସର୍ତ୍ତ ଉପରେ ଦୀକ୍ଷିତ ହେବାର ଇଚ୍ଛା କରିବେ ଯେ ସେମାନେ କାହାରିକୁ ଅଲ୍ଲାଃଙ୍କର ସମକକ୍ଷ କରିବେ ନାହିଁ, ଚୋରି କରିବେ ନାହିଁ କି ବ୍ୟଭିଚାର କରିବେ ନାହିଁ, ଏବଂ ନା ସେମାନେ ସନ୍ତାନମାନଙ୍କୁ ହତ୍ୟା କରିବେ ଆଉ ନା କାହାରି ପ୍ରତି ମିଥ୍ୟା ଆରୋପ ଲଗାଇବେ । ଏବଂ ସତ ବଚନରେ ତୁମର ଅବହେଳା କରିବେ ନାହିଁ । ତଦନୁଯାୟୀ ତୁମେ ତାଙ୍କର ବୈଅତ୍ ଗ୍ରହଣ କର ଓ ସେମାନଙ୍କ ପାଇଁ କ୍ଷମା ଭିକ୍ଷା କର । ଅଲ୍ଲାଃ ବହୁତ କ୍ଷମାଶୀଳ ଓ ଅତ୍ୟନ୍ତ କରୁଣାକର । **(ଅଲ ମୁମ୍‌ତହନାଃ ୧୩)**

ହଜରତ ଆଇଶା[ରଅ] ବର୍ଣ୍ଣନା କହୁଛନ୍ତି ଯେ ବୈଅତ୍ ଗ୍ରହଣ କରୁଥିବା ସମୟରେ ରସୁଲେ କରୀମ୍[ସଅ]ଙ୍କ ପବିତ୍ର ହସ୍ତ ନିଜ ପରିବାର ବ୍ୟତୀତ ଅନ୍ୟ କୌଣସି ମହିଳାଙ୍କ ହାତକୁ ସ୍ପର୍ଶ କରୁ ନଥିଲା

(ସହି ବୁଖାରି, କିତାବୁଲ୍ ଅହକାମ୍, ଭାଗ ବୈସ୍ତିନ୍ ନିସାଇ)

ହଜରତ୍ ମସିହ ମଉଦ[ଅସ] ବୈଅତ୍ ଗ୍ରହଣର ଶୁଭାରମ୍ଭ କରିବା ପୂର୍ବରୁ କେତେକ ପୁଣ୍ୟାତ୍ମା ଯଥା ଇସଲାମ ପ୍ରତି ଦରଦ୍ ରଖୁଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମନରେ ଏପରି ଭାବନା ଥିଲା ଯେ ଏହି ଟଳମଟଳ ହେଉଥିବା ଇସଲାମୀୟ ନୌକାକୁ ବୁଡ଼ିବାରୁ ଉଦ୍ଧାର କରିବା ଏବଂ ପ୍ରକୃତରେ ଇସଲାମ ପ୍ରତି ଉଦାରଚେତା ବ୍ୟକ୍ତି ଯଦି କେହି ଥାନ୍ତି ତେବେ ସେ ହେଉଛନ୍ତି ମିର୍ଜା ଗୁଲାମ ଅହମଦ୍ କାଦିଆନୀ । ସେ ହିଁ ମସିହ ମଉଦ (ପ୍ରତିଶ୍ରୁତ ମସିହ) ଓ ମେହଦି ମଉଦ୍ (ଅଙ୍ଗୀକୃତ ମେହଦି) । ପ୍ରକାଶ ଥାଉ କି ଲୋକମାନେ ତାଙ୍କୁ ବୈଅତ୍ ଗ୍ରହଣ କରିବା ନିମନ୍ତେ ଅନୁରୋଧ କରୁଥିଲେ । କିନ୍ତୁ ସେ ସର୍ବଦା ଉତ୍ତର ଦେଉଥିଲେ ଯେ "ଲସତୁବି ମାମୁରିନ୍" ଅର୍ଥାତ୍ ମୁଁ ପ୍ରଭୁ ପ୍ରେରିତ ବୋଲି ଆଜ୍ଞାପ୍ରେରିତ ନୁହେଁ । ମୋତେ ବୈଅତ ଗ୍ରହଣ କରିବାର ଆଦେଶ ମିଳିନାହିଁ ।

ସେଥିଯୋଗୁଁ ଥରେ ସେ ମୀର ଅବାସ ଅଲ୍ଲି ସାହେବଙ୍କ ମାଧ୍ୟମରେ ମୌଲବି ଅବ୍ଦୁଲ କାଦିର ସାହେବ[ରଅ]ଙ୍କୁ ସ୍ପଷ୍ଟ ଭାବେ ଲେଖିଥିଲେ ଯେ ଏହି ଅଧମର ସ୍ୱଭାବରେ ଏକେଶ୍ୱରବାଦ ତଥା ଅଲ୍ଲାଃତାଲାଙ୍କ ପ୍ରତି ସମର୍ପଣ ଭାବନା ବହୁଳ ଭାବେ ପରାଭୂତ ।

ଏବଂ...... ଯେହେତୁ ଈଶ୍ୱରଙ୍କ ତରଫରୁ ବୈଅତ୍ ସମ୍ବନ୍ଧରେ ମୋତେ କୌଣସି ଜ୍ଞାନ ପ୍ରାପ୍ତ ହୋଇନାହିଁ, ତେଣୁ ଦେଖାଇ ହେବା ମାର୍ଗରେ ପାଦ ରଖିବା ଉଚିତ୍ ନୁହେଁ 'ଲ ଅଲ୍ଲାଲ୍ଲାହୁ ୟହଦିତୁ ବା'ଦାଜାଲିକା ଅମରା' (ଅର୍ଥାତ୍ ସମ୍ଭବତଃ ଏହା ପରେ ଅଲ୍ଲାଃତାଲା କୌଣସି ହୁକୁମ ଦେବେ) ମୌଲବି ସାହିବ ! ଧର୍ମୀୟ ଭ୍ରାତୃଭାବକୁ ସୁଦୃଢ଼ କରିବା ନିମନ୍ତେ ଚେଷ୍ଟା କରନ୍ତୁ ଓ ନିଃସ୍ୱାର୍ଥ ପ୍ରେମ ରୂପକ ସ୍ୱଚ୍ଛ ଜଳ ଦ୍ୱାରା ଏହି କ୍ଷୁଦ୍ର ଗଛରାଗଛକୁ ସବଳ କରିବାରେ ଲାଗି ପଡ଼ନ୍ତୁ । ଅଲ୍ଲାଃ ଇଚ୍ଛା କଲେ ଅତ୍ୟନ୍ତ ଲାଭ ଦାୟକ ହେବ । (ହୟାତେ ଅହମଦ୍, ଭାଗ ୨, ପୃ ୧୨-୧୩)

# ଅଲ୍ଲାଃଙ୍କ ତରଫରୁ ବୈଅତ ଗ୍ରହଣ କରିବାର ଆଦେଶ

ଅନ୍ତତଃ ଛଅ ସାତ ବର୍ଷ ପରେ ୧୮୮୮ ମସିହାର ପ୍ରଥମ ତିନି ମାସରେ ଅଲ୍ଲାଃଙ୍କ ତରଫରୁ ତାଙ୍କୁ ବୈଅତ୍ ଗ୍ରହଣ କରିବାର ଆଦେଶ ପ୍ରାପ୍ତ ହେଲା । ଏହି ଦୈବୀ ଆଦେଶ ଯେଉଁ ଶବ୍ଦରେ ପ୍ରକଟିତ ହେଲା ତାହା ଏପରି ଥିଲା :

''اِذَا عَزَمْتَ فَتَوَكَّلْ عَلَى اللّٰهِ وَاصْنَعِ الْفُلْکَ بِاَعْيُنِنَا وَوَحْيِنَا– اَلَّذِيْنَ يُبَايِعُوْنَکَ اِنَّمَا يُبَايِعُوْنَ اللّٰهَ يَدُاللّٰهِ فَوْقَ اَيْدِيْهِمْ – ''

ଇଜା ଅଜମ୍‌ତା ଫ ତୌୱ୍‌କ୍କଲ ଅଲଲ୍ଲାହି ଓସନ୍‌ଇଲ ଫୁଲ୍‌କା ବି ଐୟୁନିନା ୱ ୱ୍‌ହ୍‌ୟିନା - ଅଲ୍‌ଲଜିନା ୟୁବାଇଉନକା ଇନ୍ନମା ୟୁବାଇଉନଲ୍ଲାହା ୟଦୁଲ୍ଲାହି ଫୌକା ଆୟଦିହିମ୍

ଅର୍ଥାତ୍ 'ଯେବେ ତୁ ମନରେ ସଂକଳ୍ପ କରିନେବୁ, ତେବେ ଅଲ୍ଲାଃଙ୍କ ଉପରେ ଭରସା କର ଓ ଆମ ସମ୍ମୁଖରେ ତଥା ଆମ ବାଣୀ ଅନୁସାରେ ନାବ ପ୍ରସ୍ତୁତ କର । ଯେଉଁମାନେ ତୋ ହସ୍ତରେ ବୈଅତ କରିବେ, ଅଲ୍ଲାଃଙ୍କ ହାତ ସେମାନଙ୍କ ହାତ ଉପରେ ହେବ ।' (ଇସ୍ତିହାର, ୧ମ ଡ଼ିସେମ୍ବର ୧୮୮୮, ପୃ୨)

ହଜୁରଙ୍କ ମାନସିକତା ଏହା ପସନ୍ଦ କରୁ ନଥିଲା ଯେ ଏହି ସମ୍ପ୍ରଦାୟରେ ଭଲ ଓ ମନ୍ଦ ପ୍ରତ୍ୟେକ ପ୍ରକାରର ଲୋକ ପ୍ରବେଶ କରନ୍ତୁ । ବରଂ ତାଙ୍କ ହୃଦୟ ଚାହୁଁଥିଲା ଯେ ଏହି ସମ୍ପ୍ରଦାୟରେ କେବଳ ସେହି ପବିତ୍ର ବ୍ୟକ୍ତିମାନେ ପ୍ରବେଶ କରନ୍ତୁ, ଯେଉଁମାନଙ୍କ ସ୍ୱଭାବରେ ଭକ୍ତି ଓ ନିଷ୍ଠା ଭାବନା ଥିବ ଓ ସେମାନେ ଦୁର୍ବଳମନା ହୋଇ ନଥିବେ । ତେଣୁ ତାଙ୍କୁ ଏପରି ଏକ ସୁଯୋଗ ଅପେକ୍ଷା କରିଥିଲା, ଯାହା ପ୍ରକୃତ ବିଶ୍ୱାସୀ ଓ କପଟ

ବିଶ୍ୱାସୀ ମଧ୍ୟରେ ପାର୍ଥକ୍ୟ କରି ଦେଖାଇବ । ଅତଏବ ଅଲ୍ଲାଃତାଲା ନିଜ ତତ୍ତ୍ୱଜ୍ଞାନ ଓ କରୁଣା ବଳରେ ଚଳିତ ବର୍ଷ (୧୮୮୮ ମସିହାରେ) ବଶୀର ଅଓ୍ୱଲ (ବଶୀର ନାମକ ପ୍ରଥମ ପୁତ୍ର)ର ମୃତ୍ୟୁ ଦ୍ୱାରା ଏହି ଅବସର ଆଣିଦେଲେ । (ବଶୀର ଅଓ୍ୱଲ୍ ହଜରତ ମସିହ ମଉଦ[ଅସ]ଙ୍କ ପୁତ୍ର ଥିଲେ)

ସମଗ୍ର ଦେଶରେ ତାଙ୍କ ବିରୁଦ୍ଧରେ ଶତ୍ରୁମାନଙ୍କର ବିଦ୍ରୋହର ଝଡ଼ ସୃଷ୍ଟି ହେଲା । ଫଳତଃ ଦୁର୍ବଳ ଓ ଭ୍ରମଧାରୀ ଲୋକମାନେ କୁଭାବନାର ବଶବର୍ତ୍ତୀ ହୋଇ ପୃଥକ ହୋଇଗଲେ । ତାଙ୍କ ଦୃଷ୍ଟିରେ ଉକ୍ତ କଲ୍ୟାଣମୟ ସମ୍ପ୍ରଦାୟର ପ୍ରାରମ୍ଭ ନିମନ୍ତେ ତାହା ଉପଯୁକ୍ତ ସମୟ ଥିଲା । ତେଣୁ ସେ ପ୍ରଥମ ଡ଼ିସେମ୍ବର ୧୮୮୮ ମସିହାରେ ଏକ ଇସ୍ତେହାର ଦ୍ୱାରା ବୈଅତର ସାଧାରଣ ଘୋଷଣା କରିଦେଲେ । ହଜରତ ମସିହ ମଉଦ[ଅସ] ଏହା ମଧ୍ୟ ଆଦେଶ ଦେଲେ ଯେ ଇସ୍ତିଖାରା ମସ୍‌ନୁନାଃ (ନିର୍ଦ୍ଦିଷ୍ଟ ପ୍ରାର୍ଥନା) ନିମନ୍ତେ ଓ ଏହା ପରେ ବୈଅତ୍ ପାଇଁ ଉପସ୍ଥିତ ହୁଅନ୍ତୁ ।

(ଇସ୍ତିହାର ତକ୍‌ମିଲେ ତବଲିଗ୍, ୧୨ ଜାନୁଆରୀ, ୧୮୮୯ ମସିହା)

ଅର୍ଥାତ୍ 'ପ୍ରଥମେ ଦୁଆ କରନ୍ତୁ, କ୍ଷମାଯାଚନା କରନ୍ତୁ ପୁଣି ବୈଅତ୍ କରନ୍ତୁ । ଉକ୍ତ ଇସ୍ତିହାର (ଘୋଷଣା ପତ୍ର) ପରେ ହଜରତ ମସିହ ମଉଦ[ଅସ] କାଦିୟାନରୁ ଲୁଧିଆନା ଚାଲିଯାଇ ମୁହଲ୍ଲାଃ ଜଦୀଦ୍ (ନୂତନ ବାସଗୃହ ଥିବା ଭାଗ)ରେ ସୁଫି ଅହମଦ୍ ଜାନ୍‌ଙ୍କ ଘରେ ଅବସ୍ଥାନ କଲେ ।' (ହୟାତେ ଅହମଦ୍, ଖଣ୍ଡ ୩, ଭାଗ ପ୍ରଥମ, ପୃଷ୍ଠା - ୧୦)

# ବୈଅତ୍‌ର ଅଭିପ୍ରାୟ

ସେ ୧୮୮୯ ମସିହା ମାର୍ଚ୍ଚ ମାସ ୪ ତାରିଖରେ ଅନ୍ୟ ଏକ ସମ୍ବାଦପତ୍ରରେ ବୈଅତର ଅଭିପ୍ରାୟ ପ୍ରତି ଆଲୋକପାତ କରି ସେ ଲେଖିଛନ୍ତି :

'ଏହି ବୈଅତ୍ କରିବାର ପରମ୍ପରା କେବଳ ଧର୍ମନିଷ୍ଠ ବ୍ୟକ୍ତିମାନଙ୍କ ଏକ ସଂପ୍ରଦାୟକୁ ପାଇବା ଅର୍ଥାତ ଶୁଦ୍ଧପୁତ ଓ ଆତ୍ମସଂଯମୀଙ୍କ ଗୋଷ୍ଠୀକୁ ଏକତ୍ରିତ କରିବା ପାଇଁ ଉଦ୍ଦିଷ୍ଟ । ଯଦ୍ୱାରା ପବିତ୍ର ଆତ୍ମା ଓ ସଂଯମଶୀଳ ଲୋକମାନଙ୍କର ଏକ ବିଶାଳ ଦଳ ଜଗତରେ ନିଜର ପ୍ରଭାବ ବିସ୍ତାର କରିବ ଏବଂ ସେମାନଙ୍କର ଏକତା ଇସଲାମ ନିମନ୍ତେ କଲ୍ୟାଣକର ଓ ଆଶୀଷ ଦାୟକ ସମୃଦ୍ଧି ଦେବାର କାରଣ ହେବ । ଏବଂ ସେମାନେ ଏକମତ ହୋଇ କଲିମା ଓ୍ୱାହିଦାଃ (ଗୋଟଏ କଥା ଉପରେ ପ୍ରତିଷ୍ଠିତ)ର କଲ୍ୟାଣ ଦ୍ୱାରା ଇସଲାମର ନିଃସ୍ୱାର୍ଥ ସେବା ଶୀଘ୍ର କରିପାରନ୍ତି । ସେମାନେ ଅଳସୁଆ, କୃପଣ ଓ ଅକର୍ମଣ୍ୟ ମୁସଲମାନମାନଙ୍କ ପରି ନ ହୁଅନ୍ତୁ । ଏବଂ ନା ଏପରି ଅଯୋଗ୍ୟ

ଲୋକମାନଙ୍କ ପରି ଯେଉଁମାନେ ନିଜ ଭିତରେ ଦ୍ୱନ୍ଦ୍ୱ ଓ ବିଭେଦ ସୃଷ୍ଟି କରି ଇସଲାମକୁ ଅଧିକ କ୍ଷତି ପହଞ୍ଚାଇବା ସହିତ ନିଜର ଦୁରାଚରର ଦ୍ୱାରା ଇସଲାମର ସୁନ୍ଦର ଚେହେରାକୁ କଳଙ୍କିତ କରିଛନ୍ତି । ଏବଂ ନା ଏପରି ଅଜ୍ଞାନୀ ଦର୍‌ୱେଶ୍ (ସାଧୁ ଫକିର ଇତ୍ୟାଦି) ଏକାନ୍ତବାସୀମାନଙ୍କ ପରି ଯେଉଁମାନଙ୍କୁ ଇସଲାମୀୟ ଆବଶ୍ୟକତା ବିଷୟରେ କିଛି ଜଣାନାହିଁ । ଯେଉଁମାନଙ୍କର ନିଜ ଭାଇମାନଙ୍କ ସହାନୁଭୂତି ପ୍ରତି କୌଣସି ଧ୍ୟାନ ନାହିଁ ଏବଂ ମାନବଜାତିର ହିତ ପାଇଁ କୌଣସି କାମନା ବା ଉଦ୍ଦୀପନା ନାହିଁ । ବରଂ ସେମାନେ ଏପରି ହେବା ଉଚିତ୍ ଯେ ଜାତିପ୍ରତି ସମବେଦନାକାରୀ ହୋଇ ଗରିବ, ଦୁଃଖିମାନଙ୍କ ସହାୟକ ଓ ଅନାଥମାନଙ୍କ ପାଇଁ ପିତା ସମାନ ହୋଇଯିବେ । ଏବଂ ଇସଲାମୀୟ କାର୍ଯ୍ୟ ସମ୍ପାଦନ ପାଇଁ ସତ୍ୟର ପୂଜାରୀ ସଦୃଶ ପ୍ରସ୍ତୁତ ହୋଇ ରହିବେ । ସମସ୍ତ ପ୍ରୟାସ ଏଥିପାଇଁ କରନ୍ତୁ ଯେ ତାଙ୍କ ଦ୍ୱାରା ସଂସାରର କଲ୍ୟାଣ ହେବ । ପ୍ରଭୁଙ୍କ ପ୍ରେମ ଓ ଈଶ୍ୱର ଭକ୍ତ ତଥା ମାନବଜାତି ପ୍ରତି ସହାନୁଭୂତିର ପବିତ୍ର ସ୍ରୋତ ପ୍ରତ୍ୟେକ ହୃଦୟରୁ ବାହାରି ଏକତ୍ର ଭାବରେ ଏକ ନଦୀର ଜଳଧାରା ସଦୃଶ ପ୍ରବାହିତ ହେଉଥିବାର ଦୃଷ୍ଟିଗୋଚର ହେବ.... ପ୍ରଭୁ ନିଜର ପ୍ରତାପ ପ୍ରକାଶ କରିବା ପାଇଁ ଓ ନିଜର ଦୈବିଶକ୍ତି ପ୍ରଦର୍ଶନ କରିବା ପାଇଁ ଏହି ସମ୍ପ୍ରଦାୟକୁ ଉଦ୍ଭବ କରିବା ସହିତ ଏହାକୁ ଉନ୍ନତି ପ୍ରଦାନ କରିବାକୁ ଚାହୁଁଛନ୍ତି । ଯଦ୍ୱାରା ସଂସାରରେ ଅଲ୍ଲାଃତାଲାଙ୍କ ପ୍ରତି ପ୍ରେମ, ପ୍ରକୃତ ପ୍ରାୟଶ୍ଚିତ, ପବିତ୍ରତା, ସତ୍ୟନିଷ୍ଠତା, ସତ୍‌କର୍ମ, ମୈତ୍ରୀ ଏବଂ ମାନବ ଜାତି ପ୍ରତି ସ୍ନେହ ଓ ସହାନୁଭୂତି ବିସ୍ତାରିତ ହେବ । ସୁତରାଂ ଉକ୍ତ ଦଳ ଏକ ବିଶେଷ ଦଳରେ ପରିଣତ ହେବ । ସେ ସ୍ୱୟଂ ସେମାନଙ୍କୁ ନିଜ ଦୈବୀଶକ୍ତି ପ୍ରଦାନ କରିବେ ଏବଂ ତାଙ୍କର ମଳିନ ଜୀବନକୁ ସ୍ୱଚ୍ଛ ଓ ନିର୍ମଳ କରିଦେବେ ତଥା ସେମାନଙ୍କ ଜୀବନରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିଦେବେ । ଯେପରି କି ସେ ନିଜର ପବିତ୍ର ଭବିଷ୍ୟବାଣୀ ଦ୍ୱାରା ପ୍ରତିଶ୍ରୁତି ଦେଇଛନ୍ତି ଯେ ଉକ୍ତ ଦଳକୁ ଅଧିକ ବୃଦ୍ଧି କରାଇବେ ଓ ଶତ ସହସ୍ର ନିଷ୍ଠାବାନ ବ୍ୟକ୍ତିଙ୍କୁ ପ୍ରବେଶ କରାଇବେ । ସେ ସ୍ୱୟଂ ଏହାକୁ ଜଳ ସିଞ୍ଚନ କରିବେ ଓ ପଲ୍ଲବିତ କରିବେ । ଏପରି କି ସେମାନଙ୍କ ସଂଖ୍ୟା ଗରିଷ୍ଠତା ଓ ସମୃଦ୍ଧି ଦେଖି ସମସ୍ତେ ହତବାକ୍ ହୋଇଯିବେ । ଏବଂ ସେମାନେ ସେ ଦୀପ ସଦୃଶ ହୋଇଯିବେ ଯାହାକୁ ଉଚ୍ଚ ସ୍ଥାନରେ ରଖାଗଲେ ଏହାର ଜ୍ୟୋତି ପୃଥିବୀର ଚତୁର୍ଦ୍ଦିଗକୁ ବିକଶିତ କରୁଥିବ । ଏବଂ ଇସଲାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଦର୍ଶ ସିଦ୍ଧ ହେବେ । ଅଲ୍ଲାଃ ଉକ୍ତ ଗୋଷ୍ଠୀରେ ସଂପୃକ୍ତ ନିଷ୍ଠାବାନ ବ୍ୟକ୍ତିମାନଙ୍କୁ ପ୍ରଗତି କ୍ଷେତ୍ରରେ ଅନ୍ୟ ଗୋଷ୍ଠୀମାନଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କରାଯିବ ଏବଂ ସର୍ବଦା

ମହାପ୍ରଳୟ ଦିନ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ ଏପରି ବ୍ୟକ୍ତି ଜାତି ହେଉଥିବେ, ଯାହାଙ୍କୁ ଗ୍ରହଣ କରାଯିବ ଓ ସାହାଯ୍ୟ ପ୍ରଦାନ କରାଯିବ । ସେ ମହିମାମୟ ପାଳନକର୍ତ୍ତା ଏହା ହିଁ ଚାହାନ୍ତି । ସେ ସର୍ବଶକ୍ତିମାନ ଯାହା ଇଚ୍ଛା କରନ୍ତି ତାହାହିଁ କରନ୍ତି । ପ୍ରତ୍ୟେକ ପ୍ରକାର ଶକ୍ତି ଓ ସାମର୍ଥ୍ୟ ତାଙ୍କ ଠାରେ ରହିଛି ।

ଏହି ବିଜ୍ଞପ୍ତିରେ ସେ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁ ବନ୍ଧୁମାନେ ବୈଅତ୍ କରିବାକୁ ଚାହୁଁଛନ୍ତି, ସେମାନେ ୨୦ ମାର୍ଚ୍ଚ ପରେ ଲୁଧିଆନା ପହଞ୍ଚି ଯାଆନ୍ତୁ ।

(ମଜମୁଆ ଇସ୍ତିହାରାତ୍, ଖଣ୍ଡ ପ୍ରଥମ, ପୃ ୧୯୬-୧୯୭)

## ଦୀକ୍ଷା ପରମ୍ପରାର ଆରମ୍ଭ

ସୁତରାଂ ଏହି କ୍ରମରେ ହଜରତ ମସିହ ମଉଦ[ଅସ] ୨୩ ମାର୍ଚ୍ଚ ୧୮୮୯ ମସିହାରେ ଲୁଧିଆନାର ମୁହଲ୍ଲା ଯଦିଦ୍ (ନୂତନ ବସସ୍ଥାନ) ସ୍ଥିତ ସୁଫି ଅହମଦ୍ ଜାନ୍ ସାହେବଙ୍କ ଘରେ ବୈଅତ୍ ଗ୍ରହଣ କଲେ । ହଜରତ୍ ମୁନ୍‌ସି ଅବ୍ଦୁଲ୍ଲାଃ ସନ୍‌ୱରୀ ସାହେବଙ୍କ କଥନ ଅନୁସାରେ ବୈଅତର ଐତିହାସୀକ ଆଲେଖ୍ୟ ପ୍ରସ୍ତୁତ କରାଯିବା ପରେ ଏହାକୁ ଲିପିବଦ୍ଧ କରିବା ସକାଶେ ଏକ ରେଜିଷ୍ଟର ତିଆରି କରାଗଲା, ଯାହାର ନାମ 'ବୈୟତ୍-ଏ-ତୌବା ବରାଏ ତକୱା ଓ ତହାରତ୍' ରଖାଗଲା । ସେ ସମୟରେ ହଜୁର ବୈଅତ ନେବାପାଇଁ ପ୍ରତ୍ୟେକଙ୍କୁ ଗୋଟିଏ କୋଠରି ଭିତରକୁ ପୃଥକ ଭାବେ ଡ଼ାକନ୍ତି ଓ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରନ୍ତି । ସୁତରାଂ ସେ ସର୍ବପ୍ରଥମେ ହଜରତ୍ ମୌଲାନା ନୁରୁଦ୍ଦିନ ସାହେବ[ରଅ]ଙ୍କ ଠାରୁ ବୈଅତ୍ ଗ୍ରହଣ କଲେ । ବୈଅତକାରୀମାନଙ୍କୁ ଉପଦେଶ ଦେଇ ସେ କହିଲେ :

'ଏହି ଜମାଅତ (ସମ୍ପ୍ରଦାୟ)ରେ ଅନ୍ତର୍ଭୁକ୍ତ ହୋଇ ସର୍ବ ପ୍ରଥମେ ନିଜକୁ ପରିବର୍ତ୍ତନ କରିବା ଆବଶ୍ୟକ ଯେ ପ୍ରଭୁଙ୍କ ପ୍ରତି ସତବିଶ୍ୱାସ ସ୍ଥାପନ କରିବ, ଯାହା ପ୍ରତ୍ୟେକ ପ୍ରକାର ବିପଦ ଆପଦରେ କାମରେ ଆସିବ । ଏବଂ ତାହାଙ୍କ ଆଦେଶକୁ ସାମାନ୍ୟ ଦୃଷ୍ଟିରେ ଦେଖା ନ ଯାଉ, ବରଂ ତାଙ୍କର ଗୋଟି ଗୋଟି ଆଦେଶକୁ ସମ୍ମାନିତ କରାଯାଇ ତଥା ସତ୍‌କର୍ମ ଦ୍ୱାରା ଏହି ସମ୍ମାନର ପ୍ରମାଣ ଦିଆଯାଉ ।'

ସାଂସାରିକ ମୋହମାୟା ପ୍ରତି ସମ୍ପୂର୍ଣ୍ଣ ଭାବେ ଢ଼ଳି ପଡ଼ିବା, ଏହା ଉପରେ ନିର୍ଭରଶୀଳ ହେବା ତଥା ଅଲ୍ଲାଃତାଲାଙ୍କ ଉପରେ ଭରସା ନରଖିବା ହେଉଛି ଶିର୍କ ପଦବାଚ୍ୟ । ଯାହା ଅଲ୍ଲାଃତାଲାଙ୍କ ଅସ୍ତିତ୍ୱରୁ ଅସ୍ୱୀକାର କରିବାକୁ ଦର୍ଶାଇ ଥାଏ । ସାଂସାରିକ ବସ୍ତୁ ପ୍ରତି ସେତିକି ମାତ୍ରାରେ ନିର୍ଭର କରିବା ଆବଶ୍ୟକ, ଯେପରି କି ତାହା

ଶିର୍କ ନ ହେବ । ମୋର ମତ ହେଉଛି ଭୌତିକ ସାଧନରୁ ଲାଭ ଉଠାଇବା ମନା ନୁହେଁ, କିନ୍ତୁ ତା' ଉପରେ ଭରସା କରିବା ପାଇଁ ମୁଁ ବାରଣ କରୁଛି । 'ଦସ୍ତ ଦରକାର ଦିଲ୍ ବାୟାର' ଅର୍ଥାତ : ହସ୍ତ କାର୍ଯ୍ୟରତ ଥାଉ କିନ୍ତୁ ହୃଦୟ ଅଲ୍ଲାଃଙ୍କ ଠାରେ ଲାଗି ରହୁ । ସେ କହିଛନ୍ତି :

'ଦେଖ ! ତୁମେମାନେ ଯେଉଁ ଦୀକ୍ଷା ନେଲ ଓ ଏବେ ତାହା ସ୍ୱୀକାର ମଧ୍ୟ କଲ, କେବଳ ତୁଣ୍ଡରେ କହିଦେବା ସହଜ, କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା କଷ୍ଟସାଧ୍ୟ । କାରଣ ଶୈତାନ ଏହି ଚେଷ୍ଟାରେ ଲାଗି ରହିଥାଏ ଯେ ମନୁଷ୍ୟ ଧର୍ମ ପଥରୁ ବିମୁଖ ହୋଇଯାଉ । ସଂସାର ଓ ଏହାର ଭୋଗ୍ୟ ବସ୍ତୁରୁ ଲାଭ ଉଠାଇବା ଉପାୟ ଅତି ସହଜ କରି ଦେଖାଇଥାଏ, କିନ୍ତୁ ଧର୍ମକୁ ଦୂରେଇ ଦେଇଥାଏ । ଯେପରି ଭାବେ ହୃଦୟ କଠୋର ହୋଇଯାଏ ଓ ଆଗକୁ ହେବାକୁ ଥିବା ପରିସ୍ଥିତି ପୂର୍ବ ଅପେକ୍ଷା ଅଧିକ ନିକୃଷ୍ଟ ହୋଇଯାଏ । ଯଦି ପ୍ରଭୁଙ୍କୁ ପ୍ରସନ୍ନ କରିବାକୁ ଚାହୁଁଛ, ତେବେ ଏହି ପାପରୁ ମୁକ୍ତ ହେବାର ସଂକଳ୍ପ ଗ୍ରହଣ କରିବା ପାଇଁ ସାହସର ସହିତ ପ୍ରୟାସ କରିବା ପାଇଁ ପ୍ରସ୍ତୁତ ହୁଅ ।'

ସେ କହିଲେ; 'କୌଣସି ପ୍ରକାରର କଳି କଜିଆ ବା ବିଶୃଙ୍ଖଳା ସୃଷ୍ଟିକାରୀ କଥା କୁହନାହିଁ, ଦୁଷ୍କର୍ମକୁ ପ୍ରୋତ୍ସାହିତ କରନାହିଁ, କଟୁ କଥା ଶୁଣି ଧୈର୍ଯ୍ୟଧର, କାହାରି ବିରୋଧ କରନାହିଁ । ଯେଉଁମାନେ ବିରୋଧ କରୁଛନ୍ତି, ସେମାନଙ୍କ ସହିତ ମଧ୍ୟ ଶାଳୀନତା ଓ ଭଦ୍ରୋଚିତ ବ୍ୟବହାର କର, ମଧୁର ବଚନ ଦ୍ୱାରା ଆଦର୍ଶ ଦେଖାଅ । ନିଷ୍ଠାର ସହିତ ପ୍ରତ୍ୟେକ ଆଦେଶର ପାଳନ କର । ଫଳତଃ ଅଲ୍ଲାଃତାଲା ପ୍ରସନ୍ନ ହୋଇ ଯାଆନ୍ତୁ ଏବଂ ଶତ୍ରୁମାନେ ମଧ୍ୟ ଏହା ଜାଣିପାରନ୍ତୁ ଯେ ବୈଅତ କରିବା ପରେ ଏହି ବ୍ୟକ୍ତି ସେପରି ହୋଇ ରହିନାହିଁ ଯେପରି ପୂର୍ବରୁ ଥିଲା । ମୋକଦ୍ଦମାରେ ସତ୍ୟ ସାକ୍ଷୀ ଦିଅ । ଏହି ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ବ୍ୟକ୍ତି ପାଇଁ ଏହା ଆବଶ୍ୟକ ଯେ ସଂପୂର୍ଣ୍ଣ ଆନ୍ତରିକତା, ଅତ୍ୟନ୍ତ ସାହସ ଓ ନିଷ୍ଠାର ସହିତ ପ୍ରାଣପଣେ ସତ୍ୟ ଉପରେ ପ୍ରତିଷ୍ଠିତ ରୁହ' । (ଜିକ୍ରେ ହବିବ୍, ପୃ : ୪୩୬-୪୩୯)

ମାର୍ଚ୍ଚ ୧୯୦୩ ମସିହାରେ ଇଦ୍ ପର୍ବର ଦିନ ଥିଲା । କେତେକ ବନ୍ଧୁ ବିରାଜମାନ ଥିଲେ । ସେ କହିଲେ 'ଦେଖ ! ଆପଣମାନେ ଏବେ ଯେତେ ଲୋକ ଦୀକ୍ଷା ନେଇଛନ୍ତି, (ସମ୍ଭବତଃ ଲୋକମାନେ ବୈଅତ୍ କରିବାକୁ ଆସିଥିଲେ) ଏବଂ ଯେଉଁମାନେ ପ୍ରଥମେ ବୈଅତ୍ କରିଛନ୍ତି, ସେମାନଙ୍କୁ କିଛି ଉପଦେଶ ମୂଳକ କଥା କହୁଛି । ଏହାକୁ ଧ୍ୟାନ ପୂର୍ବକ ଶୁଣିବା ଉଚିତ୍ ।

ଆପଣମାନଙ୍କର ଏହି ବୈଅତ୍ ହେଉଛି ତୌବା ମୂଳକ ବୈଅତ୍ । ତୌବା ବା ପ୍ରାୟଶ୍ଚିତ କରିବା ଦୁଇ ପ୍ରକାରର । ପ୍ରଥମତଃ ଅତୀତରେ ହୋଇଥିବା ଦୁଷ୍କର୍ମର ସୁଧାର କରିବା । ଅର୍ଥାତ୍ ଯାହାକିଛି ଦୋଷତ୍ରୁଟି ହୋଇ ଯାଇଛି, ଏହାର କ୍ଷତକୁ ଭରଣା କରିବା ଏବଂ ତ୍ରୁଟିମାନଙ୍କର ସୁଧାର ପାଇଁ ଚେଷ୍ଟା କରିବା । ଭବିଷ୍ୟତରେ ପାପ କାର୍ଯ୍ୟରୁ ବଞ୍ଚି ରହିବା ଏବଂ ନିଜକୁ ସେହି ନିଆଁରୁ ସୁରକ୍ଷିତ ରଖିବା ।

ଅଲ୍ଲାଃତାଲାଙ୍କର ପ୍ରତିଶ୍ରୁତି ରହିଛି ଯେ ପ୍ରାୟଶ୍ଚିତ ଦ୍ୱାରା ସେ ପୂର୍ବରୁ କରିଥିବା ସମସ୍ତ ଦୋଷ ତ୍ରୁଟିକୁ କ୍ଷମା କରିଦେବେ । କିନ୍ତୁ ଏଥିପାଇଁ ଭକ୍ତ ସତ୍ୟନିଷ୍ଠ ଓ ସଦ୍‌ଭାବନା ସହିତ ପ୍ରାୟଶ୍ଚିତ କରିଥିବ ଏବଂ ହୃଦୟର କୌଣସି କୋଣରେ ମଧ୍ୟ ଶଠତା ବା କୃତଘ୍ନତାର ଭାବନା ଲୁଚି ରହି ନଥିବ । କାରଣ ସେ ହୃଦୟରେ ଲୁଚି ରହିଥିବା ଗୁପ୍ତ ଭେଦକୁ ମଧ୍ୟ ଜାଣିଥାନ୍ତି । ସେ କାହାରି ଧୋକାର ବଶବର୍ତ୍ତୀ ହୁଅନ୍ତି ନାହିଁ । ତାଙ୍କୁ ଧୋକା ଦେବାକୁ ଚେଷ୍ଟା କରନାହିଁ ଓ ହୃଦୟରେ କୌଣସି କପଟ ନରଖି ତାଙ୍କ ଛାମୁରେ ପଶ୍ଚାତାପ କର । ତୌବା ମନୁଷ୍ୟ ପାଇଁ କୌଣସି ଅଲଗା କିମ୍ବା ଅପକାରୀ ବସ୍ତୁ ନୁହେଁ ଓ ଏହାର ପ୍ରଭାବ କେବଳ କୟାମତ୍ (ମହାପ୍ରଳୟ)ଦିନ ଉପରେ ହିଁ ନିର୍ଭରଶୀଳ ନୁହେଁ । ବରଂ ଏହା ଦ୍ୱାରା ମନୁଷ୍ୟର ସାଂସାରୀକ ଓ ଆଧ୍ୟାତ୍ମିକ ଜୀବନ ସଫଳ ହୋଇଯାଏ । ତାଙ୍କୁ ଇହକାଳ ଓ ପରକାଳ ଉଭୟ ଲୋକରେ ସୁଖ ଶାନ୍ତିର ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । (ମଲ୍‌ଫୁଜାତ, ଖଣ୍ଡ ୫, ପୃ ୧୮୭-୧୮୮)

# ବୈଅତର ପ୍ରଥମ ସର୍ତ୍ତ

## ଦୀକ୍ଷାକାରୀ ନିର୍ମଳ ହୃଦୟର ଦୃଢ଼ ସଂକଳ୍ପ କରୁ ଯେ ଭବିଷ୍ୟତରେ ମୃତ୍ୟୁ ବରଣ କରିବା ପର୍ଯ୍ୟନ୍ତ ଅନେକେଶ୍ୱରବାଦ୍‌ରୁ ଦୂରେଇ ରହିବ । ପ୍ରଭୁ ଶିର୍କକୁ କ୍ଷମା କରନ୍ତି ନାହିଁ

ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି :

﴿ اِنَّ اللّٰہَ لَا یَغۡفِرُ اَنۡ یُّشۡرَکَ بِہٖ وَیَغۡفِرُ مَا دُوۡنَ ذٰلِکَ لِمَنۡ یَّشَآءُ وَمَنۡ یُّشۡرِکۡ بِاللّٰہِ فَقَدِ افۡتَرٰۤی اِثۡمًا عَظِیۡمًا ﴾

ଇନ୍ନଲ୍ଲାହା ଲା ୟଗଫିରୁ ଅଇଁ ୟୁଶରକାବେହୀ ଓ୍ୱ ୟଗଫେରୁ ମାଦୁନା ଜାଲିକା ଲେମଇଁ ୟଶାଉ ଓ ମଇଁୟୁଶ୍‌ରିକ୍ ବିଲ୍ଲାହେ ଫକଦିଫ୍‌ତରା ଇସ୍‌ମନ୍ ଅଜିମା

ଅର୍ଥାତ୍ 'ଅଲ୍ଲାଃତାଲା ଏହି କଥାକୁ କଦାପି କ୍ଷମା କରନ୍ତି ନାହିଁ ଯେ ଅନ୍ୟ କାହାରିକୁ ତାଙ୍କର ସମକକ୍ଷ କରାଯିବ ଏବଂ ଏହା ବ୍ୟତୀତ ସେ ସବୁକିଛି କ୍ଷମା କରି ଦେଇପାରନ୍ତି, ଯଦି ତାଙ୍କର ଇଚ୍ଛା ହୁଏ । ଏବଂ ଯେଉଁ ବ୍ୟକ୍ତି ଅଲାଃଙ୍କ ସହିତ କାହାକୁ ସମକକ୍ଷ କରେ, ସେ ଅବଶ୍ୟ ମହାପାପ କରେ ।'
**(ଅଲ୍ ନିସା ୪୯)**

ହଜରତ୍ ମସିହ୍ ମଉଦ୍[ଅସ] ଏ ସମ୍ବନ୍ଧରେ କହୁଛନ୍ତି ଏହିପରି ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣନା କରିଛନ୍ତି وَیَغۡفِرُ مَا دُوۡنَ ذٰلِکَ ...الخ

ଅର୍ଥାତ୍ ପ୍ରତ୍ୟେକ ପାପର ପ୍ରତିଫଳ ରହିଛି । କିନ୍ତୁ ଶିର୍କକୁ ଅଲ୍ଲାଃତାଲା କ୍ଷମା ଦେବେନାହିଁ । ତେଣୁ ଶିର୍କର ନିକଟକୁ ମଧ୍ୟ ଯାଅନାହିଁ ଓ ଏହାକୁ ଧର୍ମ ନିଷେଧକ ବୃକ୍ଷ ବୋଲି ମନେକର ।

(ପାଦଟୀକା, ତୋହଫା ଗୋଲଡିଆ, ରୁହାନି ଖଜାଏନ, ଖଣ୍ଡ ୧୭, ପୃ ୩୨୩-୩୨୪)

ପୁଣି କହୁଛନ୍ତି, ଏଠାରେ ଶିର୍କର ଅଭିପ୍ରାୟ କେବଳ ଏହା ନୁହେଁ ଯେ ପାଷାଣ

ଇତ୍ୟାଦିର ପୂଜା କରିବା । ବରଂ ଏହାକୁ ମଧ୍ୟ ଶିର୍କ କୁହାଯିବ ଯେ ସାଂସାରିକ ବସ୍ତୁ ପ୍ରତି ଅତ୍ୟଧିକ ଆକୃଷ୍ଟ ବା ବଶୀଭୂତ ହେବା । ସାଂସାରିକ ଆରାଧ୍ୟ ଦେବତାଙ୍କ ପୂଜା ପ୍ରତି ଜୋର ଦେବା ମଧ୍ୟ ଶିର୍କ ବୋଲାଏ ।

(ଅଲ ହକମ୍, ଖଣ୍ଡ ୭, ନମ୍ବର ୨୪, ତାରିଖ ୩୦ ଜୁନ୍ ୧୯୩୦, ପୃ ୧୧)

ପୁଣି ପବିତ୍ର କୁର୍‌ଆନ୍‌ରେ ଅଲ୍ଲାତାଲା ବର୍ଣ୍ଣନା କରୁଛନ୍ତି

﴿وَاِذْ قَالَ لُقْمٰنُ لِابْنِهٖ وَهُوَ يَعِظُهٗ يٰبُنَيَّ لَا تُشْرِكْ بِاللّٰهِ اِنَّ الشِّرْكَ لَظُلْمٌ عَظِيْمٌ﴾

ଓ୍ୱ ଇଜ୍‌କାଲା ଲୁକ୍‌ମାନୁ ଲି ଅବ୍‌ନିହୀ ଓ୍ୱ ହୁଓ୍ୱା ୟଇଜୁହୂ ୟା ବୁନିଇୟା ଲା' ତୁଶ୍‌ରିକ୍ ବିଲ୍ଲାହେ; ଇନ୍ନଶ୍ ଶିର୍‌କା ଲଜୁଲମୁନ୍ ଅଜୀମ

ଏହାର ଅର୍ଥ ଏହିପରି: 'ଏବଂ ଯେତେବେଳେ ଲୁକ୍‌ମାନ ତାଙ୍କ ପୁତ୍ରକୁ ଉପଦେଶ ଦେଉଥିଲେ, କହିଲେ 'ହେ ମୋର ସ୍ନେହର ପୁତ୍ର ! ଅଲ୍ଲାଃ ସହିତ କାହାରକୁ ସମକକ୍ଷ କରନାହିଁ; ନିଶ୍ଚିତ ରୂପେ ଶିର୍କ ଏକ ମସ୍ତବଡ଼ ଅନ୍ୟାୟ ।'

**(ଲୁକ୍‌ମାନ ୧୪)**

ହଜରତ୍ ମୁହମ୍ମଦ[ସଅ]ଙ୍କର ନିଜ ଅନୁଗାମୀମାନଙ୍କ ମଧ୍ୟରେ ଶିର୍କ ଜାତ ହେବାର ଆଶଙ୍କା ଥିଲା । ଗୋଟିଏ ହଦିସରେ ବର୍ଣ୍ଣିତ ଅଛି ଓବାଦା ବିନ୍ ନସି ଆମମାନଙ୍କୁ ଶେଦାବ୍ ବିନ୍ ଔଶଙ୍କ ସଂକ୍ରାନ୍ତରେ କହିଲେ ଯେ ଥରେ ସେ କାନ୍ଦୁଥିଲେ । ତାଙ୍କୁ ଯେତେବେଳେ ପଚରାଗଲା ଯେ କାହିଁକି କାନ୍ଦୁଛ ? ସେ କହିଲେ, ମୋର ଏପରି ଗୋଟିଏ କଥା ମନେ ପଡ଼ିଲା, ଯାହା ମୁଁ ହଜରତ୍ ମୁହମ୍ମଦ[ସଅ]ଙ୍କଠାରୁ ଶୁଣିଥିଲି । ସେ କହୁଥିଲେ, 'ମୋତେ ଭୟ ଲାଗୁଛି ଯେ ମୋ ଉମ୍ମତ ମଧ୍ୟରେ ଶିର୍କ ଓ ଗୁପ୍ତ ରହିଥିବା ଲାଳସା ଉତ୍ପନ୍ନ ହୋଇଯିବ ।' ସେ କହୁଛନ୍ତି : 'ମୁଁ ପଚାରିଲି ହେ ପ୍ରିୟ ରସୁଲ୍ ! କ'ଣ ଏହି ଉମ୍ମତ ଆପଣଙ୍କ ପରେ ଶିର୍କରେ ସଂପୃକ୍ତ ହୋଇଯିବେ ? ରସୁଲୁଲ୍ଲା[ସଅ] କହିଲେ 'ହଁ ନିଃସନ୍ଦେହରେ ମୋର ଅନୁଗାମୀମାନେ ସୂର୍ଯ୍ୟ, ଚନ୍ଦ୍ର, ପାଷାଣ ଓ ପ୍ରତୀମା ଇତ୍ୟାଦିର ପୂଜା କରିବେ ନାହିଁ ସତ କିନ୍ତୁ ସେମାନଙ୍କ କାର୍ଯ୍ୟକଳାପ କେବଳ ଲୋକ ଦେଖାଣିଆ ହେବ ଓ ସେମାନେ ଗୋପନ ଲାଳସାରେ ଲିପ୍ତ ରହିବେ । ଯଦି ତାଙ୍କ ଭିତରେ କେହି ରୋଜାଦାର ଥିବେ ଓ ସକାଳେ ରୋଜା (ଅନ୍ନଜଳ ବର୍ଜିତ ଉପବାସ)

ରଖିଥାଏ, କିନ୍ତୁ ଯେତେବେଳେ ତା'ର କୌଣସି ଭୌତିକ ଇଚ୍ଛା ଜାଗ୍ରତ ହୋଇଯିବ, ସେ ରୋଜା ପରିତ୍ୟାଗ କରିଦେବ ଏବଂ ସେ ତାର ପାର୍ଥିବ କାମନାକୁ ଚରିତାର୍ଥ କରିବାରେ ମଗ୍ନ ହୋଇଯିବ । (ମୁସନଦ୍ ଅହମଦ୍ ବିନ୍ ହମ୍ବଲ, ଖଣ୍ଡ ୪, ପୃ ୧୨୪)

# ଶିର୍କର ବିଭିନ୍ନ ପ୍ରକାର ଭେଦ

ଯେପରିକି ଏହି ହଦିସରୁ ସ୍ପଷ୍ଟ ଜଣାପଡିଛି ଯେ ଯଦିଓ ପ୍ରତ୍ୟକ୍ଷ ରୂପେ ଶିର୍କ ପାଷାଣ, ପ୍ରତିମା କିମ୍ବା ଚନ୍ଦ୍ରର ପୂଜା ନକଲେ ମଧ୍ୟ ଲୋକଦେଖାଣିଆ ଭାବ ତଥା କାମନା ବାସନାର ବଶବର୍ତ୍ତୀ ହେବା ମଧ୍ୟ ଏକ ଶିର୍କ । ଯଦି କୌଣସି ବ୍ୟକ୍ତି ନିଜର ଉଚ୍ଚ ଅଧିକାରୀଙ୍କ ଆଜ୍ଞା ପାଳନ କରିବା ଅପେକ୍ଷା ଏହାଠାରୁ ଅଧିକ ଖୁସାମଦ୍ କରିବା ପାଇଁ ତା'ର ଆଗପଛରେ ବୁଲୁଥାଏ ଓ ଏକଥା ଭାବୁଥାଏ ଯେ ଯା' ଉପରେ ମୋର ଦାନାପାଣି ନିର୍ଭର କରେ, ତାହେଲେ ଏହା ମଧ୍ୟ ଏକ ପ୍ରକାର ଶିର୍କ । ଯଦି କେହି ନିଜର ପୁତ୍ରମାନଙ୍କ ଯୋଗୁଁ ଗର୍ବ କରେ ଯେ ମୋର ଏତେ ଜଣ ପୁତ୍ର ଅଛନ୍ତି । ସେମାନେ ବଡ଼ ହୋଇ ଯିବେ, ବିଭିନ୍ନ କାମରେ ଲାଗିଯିବେ, ରୋଜଗାର କରିବେ ଓ ମୋର ଯତ୍ନ ନେବେ ଯାଦ୍ୱାରା ମୋର ଅବଶିଷ୍ଟ ଜୀବନ ସୁଖରେ ଅତିବାହିତ ହୋଇଯିବ । କିମ୍ବା ମୋର ଏହି ଯୁବା ପୁତ୍ରମାନଙ୍କ ଯୋଗୁଁ ମୋର ଅଂଶିଦାରମାନେ ବିରୋଧ କରିପାରିବେ ନାହିଁ (ଉପ ମହାଦ୍ୱୀପରେ ଏପରିକି ସମଗ୍ର ତୃତୀୟ ବିଶ୍ୱରେ ସଂପତ୍ତି ଅଂଶଧନରେ ଭାଗୀଦାର ହେବା ଗୋଟିଏ ବଡ଼ କୁପ୍ରଥା ରହିଛି) ଅର୍ଥାତ୍ ପୂର୍ଣ୍ଣ ନିର୍ଭରଶୀଳ ହେବାର ଏହି ପୁତ୍ରମାନଙ୍କ ଉପରେ ଭରସା କରି ଥାଏ । ଯଦି ସେମାନେ ଅଯୋଗ୍ୟ ବା ଅବଜ୍ଞାକାରୀ ହୋଇ ଯାଆନ୍ତି କିମ୍ବା କୌଣସି ଦୁର୍ଘଟଣାରେ ମରି ଯାଆନ୍ତି କିମ୍ବା ଅକର୍ମଣ୍ୟ ହୋଇ ଯାଆନ୍ତି, ତେବେ ଏପରି ବ୍ୟକ୍ତିର ତ ସମସ୍ତ ଭରସା ସମାପ୍ତ ହୋଇଗଲା ।

ହଜରତ ମସିହ ମଉଦ୍ [ଅସ] କହିଛନ୍ତି 'ତୌହିଦ ବା ଏକେଶ୍ୱରବାଦ କେବଳ ଏତିକି ନୁହେଁ ଯେ ମୌଖିକ ଭାବରେ "ଲାଇଲାହା ଇଲ୍ଲଲ୍ଲାଃ" (ଅଲ୍ଲାଃଙ୍କ ବ୍ୟତୀତ କେହି ଉପାସ୍ୟ ନୁହନ୍ତି) ପ୍ରକାଶ କରିଦେବା ଅଥଚ ହୃଦୟ ମଧ୍ୟରେ ସହସ୍ର ପ୍ରତିମା ଠୁଳ ହୋଇ ରହିଥିବ । ବରଂ ଯେଉଁ ବ୍ୟକ୍ତି ନିଜର କୌଣସି କର୍ମ, ଛଳକପଟ, ତର୍କ ବା ଯୁକ୍ତିକୁ ଅଲ୍ଲାଃତାଲାଙ୍କ ସମତୁଲ୍ୟ ଶ୍ରେଷ୍ଠତା ଦିଏ କିମ୍ବା କୌଣସି ମନୁଷ୍ୟ ଉପରେ ଭରସା କରେ ଯେପରି ଭାବରେ ଅଲ୍ଲାଃତାଲାଙ୍କ ଉପରେ କରିବା ଆବଶ୍ୟକ କିମ୍ବା ସ୍ୱୟଂ ନିଜକୁ ସେ ସମ୍ମାନ ବା ପଦ ମର୍ଯ୍ୟାଦାର ପାତ୍ର ମନେ କଲେ, ଯେଉଁ ସମ୍ମାନ ବା

ମର୍ଯ୍ୟାଦା ଅଲ୍ଲାଃତାଲାଙ୍କ ପ୍ରତି ପ୍ରଦର୍ଶନ କରିବା ଉଚିତ । ସୁତରାଂ ଏ ସମସ୍ତ ଅବସ୍ଥାରେ ସେ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ପ୍ରତିମା ପୂଜକ । ମୁର୍ତ୍ତି ବା ପ୍ରତିମା କେବଳ ତାହା ନୁହେଁ ଯାହାକୁ ସୁନା, ରୂପା, ପିତଳ ଅଥବା ପଥର ଇତ୍ୟାଦିରୁ ପ୍ରସ୍ତୁତ କରାଯାଏ ଓ ତାଙ୍କ ଉପରେ ଭରସା କରାଯାଏ । ବରଂ ପ୍ରତ୍ୟେକ ବସ୍ତୁ କିମ୍ବା କଥନ କିମ୍ବା କର୍ମ ଯାହାକୁ ପ୍ରାଧାନ୍ୟ ଦିଆଯାଏ ଯେଉଁଗୁଡିକ ପ୍ରଭୁଙ୍କ ଅଧିକାର, ଏ ସମସ୍ତ ତା' ଦୃଷ୍ଟିରେ ପ୍ରତିମା ସଦୃଶ ।.... ମନେରଖ ! ବାସ୍ତବ ତୌହିଦ (ଏକେଶ୍ୱରବାଦ)ର ସ୍ୱୀକୃତି ଯାହା ଅଲ୍ଲାଃତାଲା ଆମଠାରୁ ଚାହାନ୍ତି ତାହା ହେଉଛି, ଅଲ୍ଲାଃତାଲାଙ୍କୁ ନିଜ ଅସ୍ତିତ୍ୱର ପ୍ରତ୍ୟେକ ଭାଗୀଦାର ଯଥା ପ୍ରତିମା ହେଉ କି ମନୁଷ୍ୟ ହେଉ କିମ୍ବା ସୂର୍ଯ୍ୟ, ଚନ୍ଦ୍ର ହୋଇଥାନ୍ତୁ କିମ୍ବା ନିଜର ଅସ୍ତିତ୍ୱ ହେଉ ଅଥବା ଶଠତା ଓ ଚାଲାକିପଣିଆ ହେଉ, ଏ ସମସ୍ତଙ୍କ ଠାରୁ ପବିତ୍ର ମଣିବା ଓ ଏମାନଙ୍କ ତୁଳନାରେ ଅଲ୍ଲାଃଙ୍କୁ ଶକ୍ତିଶାଳୀ ଜ୍ଞାତ କରିବା, ତାଙ୍କୁ ଅନ୍ନଦାତା ବୋଲି ମନେ ନକରିବା, ସେ ସମ୍ମାନ ଓ ଅସମ୍ମାନ ପ୍ରଦାନକାରୀ ବୋଲି ବିବେଚନା କରିବା ତଥା ତାହାଙ୍କୁ ସହାୟକ ବା ସାହାଯ୍ୟ କର୍ତ୍ତା ରୂପେ ଗ୍ରହଣ ନକରିବା ଏବଂ ଦ୍ୱିତୀୟତଃ ନିଜ ପ୍ରେମର ବୈଶିଷ୍ଟ ପ୍ରଦାନ କରିବା, ନିଜର ଉପାସନା, ନିଜ ଆଶା ଓ ଅଭିଳାଷ ବିଶେଷତଃ ତାଙ୍କ ପାଇଁ ଓ ତାଙ୍କ ଉପରେ ନିର୍ଭରଶୀଳ ହୋଇ କରିବା ଏବଂ ନିଜର ଭୟ ବିଶେଷ ଭାବରେ ତାଙ୍କ ପ୍ରତି ପ୍ରକଟ କରିବା ।

ସୁତରାଂ କୌଣସି ଏକେଶ୍ୱରବାଦୀତାର ବିଶ୍ୱାସ ଏହି ତିନି ପ୍ରକାର ବିଶେଷତ୍ୱ ବ୍ୟତୀତ ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । ପ୍ରଥମତଃ ଅସ୍ତିତ୍ୱର ମହିମା ଅନୁଯାୟୀ ତୌହିଦ ବା ଅଲ୍ଲାଃଙ୍କର ଅସ୍ତିତ୍ୱ ଅର୍ଥାତ୍ ଅଲ୍ଲାଃଙ୍କର ପରମ ସତ୍ତା ସଦା ପ୍ରତିଷ୍ଠିତ ରହିବ । ଏହା ବ୍ୟତୀତ ସଂସାରର ସମସ୍ତ ବସ୍ତୁ କ୍ଷଣଭଙ୍ଗୁର ଓ ବିଲୟ ବୋଲି ମନରେ ଧାରଣା କରିବା । ସମସ୍ତେ ବିନାଶମୁଖୀ ଓ ଅବାସ୍ତବ ବୋଲି ମନେ କରିବା । ଦ୍ୱିତୀୟତଃ ବିଶେଷ ଗୁଣ ଦୃଷ୍ଟିରୁ ତୌହିଦ୍ ଅର୍ଥାତ୍ ପାଳନକର୍ତ୍ତା ଓ ଈଶ୍ୱରୀୟ ବୈଶିଷ୍ଟ୍ୟ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରିକୁ ନଦେବା । ଏବଂ ଯେଉଁ ସବୁ ପ୍ରତିପାଳକ ଓ ଉପକାରୀ ବସ୍ତୁ ଦୃଷ୍ଟିଗୋଚର ହୋଇଛନ୍ତି ଏମାନେ ତାହାଙ୍କ ହାତର ବ୍ୟବସ୍ଥା ବୋଲି ବୁଝିବାକୁ ହେବ । ତୃତୀୟତଃ ନିଜର ପ୍ରେମ, ସତ୍ୟତା ତଥା ସଦ୍‌ଗୁଣ ଦୃଷ୍ଟିକୋଣରୁ ତୌହିଦ (ଏକେଶ୍ୱରବାଦ) ଅର୍ଥାତ୍ ପ୍ରେମ ତଥା ଉପାସନାର ନୀତିନିୟମ, ସାମାଜିକ ରୀତିନୀତି ଦ୍ୱାରା ଅନ୍ୟକୁ ଅଲ୍ଲାଃଙ୍କ ଭାଗୀଦାର ନ କରିବା ସେହି ବିଶ୍ୱାସରେ ମଗ୍ନ ହୋଇଯିବା ।

(ସିରାଜୁଦ୍ଦିନ୍ ଇସାଇକେ ଚ୍ଚର ସୱାଲୋଁ କା ଜୱାବ, ରୁହାନି ଖଜାଏିନ, ଗ୍ରନ୍ଥଖଣ୍ଡ ୧୨, ପୃ ୩୪୯-୩୫୦)

ମୁଁ ପ୍ରଥମେ ଏହାକୁ ସଂକ୍ଷିପ୍ତରେ ବ୍ୟାଖ୍ୟା କରିଛି । ହଜରତ ଖଲିଫତୁଲ ମସିହ ପ୍ରଥମ[ରଅ] ଏଥି ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି,

ଅଲ୍ଲାଃତାଲାଙ୍କ ବ୍ୟତୀତ କୌଣସି ନାମ କୌଣସି କର୍ମ ଓ କୌଣସି ଉପାସନାରେ ଅନ୍ୟକୁ ତାଙ୍କ ସହିତ ସମଭାଗୀ କରିବା ହେଉଛି ଶିର୍କ । ପ୍ରତ୍ୟେକ ପ୍ରକାରର ସତ୍‌କର୍ମ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କରିବା ପାଇଁ କର । ଏହାକୁ ହିଁ ଉପାସନା କୁହାଯାଏ । ଲୋକମାନେ ସ୍ୱୀକାର କରନ୍ତି ଯେ କେହି ଜଣେ ଜନ୍ମଦାତା ଅଲ୍ଲାଃ ଅଛନ୍ତି । ତାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ ଏବଂ ଏକଥା ମଧ୍ୟ ସ୍ୱୀକାର କରନ୍ତି ଯେ ଜୀବନ ମୃତ୍ୟୁ ଅଲ୍ଲାଃତାଲାଙ୍କ ହସ୍ତର ଅଧୀନ ଓ କ୍ଷମତାଭୁକ୍ତ ହୋଇ ରହିଛି । ଏହା ଜାଣି ମଧ୍ୟ ଯେଉଁମାନେ ଅନ୍ୟ ପାଇଁ ସିଜ୍‌ଦା କରନ୍ତି, ମସ୍ତକ ପ୍ରଣିପାତ କରନ୍ତି, ସେମାନେ ମିଥ୍ୟାବାଦୀ ଓ ଦେବଦେବୀଙ୍କୁ ପରିକ୍ରମା କରନ୍ତି । ପ୍ରଭୁଙ୍କ ଉଦ୍ଦେଶ୍ୟରେ ରୋଜା (ଉପବାସ)କୁ ଛାଡ଼ି ଅନ୍ୟ କାହାପାଇଁ ବ୍ରତ ଉପବାସ କରନ୍ତି । ଅଲ୍ଲାଙ୍କ ସନ୍ତୁଷ୍ଟି ପାଇଁ ନମାଜ ପାଠ କରନ୍ତି ଓ ସେମାନଙ୍କ ପାଇଁ ଜକାତ ଦିଅନ୍ତି । ଏହି ସମସ୍ତ ମିଥ୍ୟା ଧାରଣା ମୂଳୋତ୍ପାଟନ କରିବା ପାଇଁ ଅଲ୍ଲାଃତାଲା ହଜରତ୍ ମୁହମ୍ମଦ୍ ରସୁଲୁଲ୍ଲା[ସଅ] ପ୍ରେରଣ କରିଥିଲେ । (ଖୁତ୍‌ବାତେ ନୁର, ପୃ ୭-୮)

# ଦ୍ୱୈଅତର୍ ଦ୍ୱିତୀୟ ସର୍ତ୍ତ

**ଏହା ଯେ ମିଥ୍ୟା ଓ ବ୍ୟଭିଚାର ଓ ବଦନଜର ଏବଂ ପ୍ରତ୍ୟେକ ପ୍ରକାର ଅସତ୍‌କର୍ମ, ଅତ୍ୟାଚାର, ଅସାଧୁପଣ ତଥା କଳହ ଓ ବିଦ୍ରୋହ ମୂଳକ କାର୍ଯ୍ୟକଳାପରୁ ବଞ୍ଚିତ ରହିବ ଏବଂ ତାମସିକ ଆବେଗ ତାହା ଯେତେ ତୀବ୍ର ହେଉନା କାହିଁକି, ଏହାର ବଶୀଭୂତ ହେବନାହିଁ ।**

ଏହି ଗୋଟିଏ ସର୍ତ୍ତରେ ନଅ ପ୍ରକାର ମନ୍ଦକର୍ମ ବିଷୟରେ ବର୍ଣ୍ଣନା କରାଯାଇଛି ଯେ ପ୍ରତ୍ୟେକ ଦୀକ୍ଷାକାରୀ ଯିଏ ନିଜକୁ ହଜରତ୍ ମସିହ ମଉଦ୍ [ଅସ] ଙ୍କ ସମ୍ପ୍ରଦାୟ  ମଧ୍ୟରେ ସଂପୃକ୍ତ ଥିବାର ଦାବି କରୁଛି, ସେ ଏସବୁ କୁକର୍ମରୁ ଦୂରେଇ ରହିବ ।

## ମିଥ୍ୟା ଅଟଇ ମହାପାପ

ବାସ୍ତବରେ ସବୁଠାରୁ ବଡ଼ କୁକର୍ମ ହେଉଛି ମିଥ୍ୟା । ଯେତେବେଳ ଜଣେ ବ୍ୟକ୍ତି  ହଜରତ ମୁହମ୍ମଦ [ସଅ] ଙ୍କୁ କହିଲା ମୋତେ ଏପରି କୌଣସି ଉପଦେଶ ଦିଅନ୍ତୁ, ଯାହା ମୁଁ କରିପାରିବି । କାରଣ ମୋଠାରେ ଅନେକ ମନ୍ଦଗୁଣ ରହିଛି ଯଦ୍ୱାରା ଏ ସମସ୍ତ ମନ୍ଦ କାର୍ଯ୍ୟକୁ ମୁଁ ଛାଡ଼ିପାରୁ ନାହିଁ  । ତହୁଁ ମହାଭାଗ କହିଲେ 'ଏହା ପ୍ରତିଜ୍ଞା କର ଯେ ମୁଁ ସର୍ବଦା ସତ କହିବି, କଦାପି ମିଛ କହିବି ନାହିଁ  । ଏପରି ଭାବରେ ସେ ବ୍ୟକ୍ତିର ଗୋଟି ଗୋଟି ହୋଇ ସମସ୍ତ ମନ୍ଦ ଗୁଣ ଦୂରେଇ ଗଲା । କାରଣ ଯେତେବେଳେ ତା' ମନରେ ମନ୍ଦକାର୍ଯ୍ୟ କରିବାର ଭାବନା ଆସୁଥିଲା, ସେତେବେଳେ ତା'ର ଏକଥା ମଧ୍ୟ ମନେପଡ଼ି ଯାଉଥିଲା ଯେ ଯଦି ମୁଁ ଧରାପଡ଼ିଯାଏ ଓ ହଜରତ ମୁହମଦ [ସଅ] ଙ୍କ ସମ୍ମୁଖରେ ଉପସ୍ଥିତ ହେବି, ସେତେବେଳେ ଯେହେତୁ ମିଛ ନକହିବାକୁ ପ୍ରତିଜ୍ଞା କରିଛି, ତେଣୁ ସତ କହିବି ନତୁବା ଅପମାନିତ ହେବି କିମ୍ବା ଦଣ୍ଡ ପାଇବି'  । ଏହିପରି ଧିରେ ଧିରେ ତା'ର ସମସ୍ତ ବଦଭ୍ୟାସ  ଦୂରେଇ ଗଲା । ବାସ୍ତବରେ ମିଥ୍ୟା ହିଁ ସମସ୍ତ ମନ୍ଦକର୍ମର ମୂଳ ଉତ୍ସ  । ଏବେ ମୁଁ ଏହାର କିଛି ବିସ୍ତୃତ ବ୍ୟାଖ୍ୟା କରୁଛି –

ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା କହୁଛନ୍ତି

﴿ذٰلِکَ وَمَنۡ یُّعَظِّمۡ حُرُمٰتِ اللّٰہِ فَہُوَ خَیۡرٌ لَّہٗ عِنۡدَ رَبِّہٖ وَاُحِلَّتۡ لَکُمُ الۡاَنۡعَامُ اِلَّا مَا یُتۡلٰی عَلَیۡکُمۡ فَاجۡتَنِبُوا الرِّجۡسَ مِنَ الۡاَوۡثَانِ وَاجۡتَنِبُوۡا قَوۡلَ الزُّوۡرِ﴾

ଜାଲିକା ୱମଇଁ ୟୁଅଜ୍ଜିମ୍ ହୁରୁମାତିଲ୍ଲାହି ଫହୁଓ୍ୱା ଖୈରୁଲ୍‌ଲହୁ ଇନ୍‌ଦା ରବ୍‌ବିହି ୱହିଲ୍ଲତ୍ ଲକୁମୁଲ୍ ଅନ୍‌ଆମ ଇଲ୍ଲା ମାୟୁତଲା ଆଲୈକୁମ୍ ଫୟ୍‌ତନିବୁ ରିଯ୍‌ସା ମିନଲ୍ ଆଉସାନି ୱୟ୍‌ତନିବୁ କୌଲୟ୍‌ୟୁର୍ ।

ଅର୍ଥାତ୍ 'ଏବଂ ଯେଉଁ ବ୍ୟକ୍ତି ସେ ସବୁ ବସ୍ତୁମାନଙ୍କର ଆଦର ସମ୍ମାନ କରିବ, ଯାହାକୁ ଅଲ୍ଲାଃ ମର୍ଯ୍ୟାଦା ଯୋଗ୍ୟ କରିଛନ୍ତି । ତେବେ ଏହା ତା' ପାଇଁ ତା'ର ପାଳନକର୍ତ୍ତାଙ୍କ ନିକଟରେ ଉତ୍ତମ । ଏବଂ ତୁମମାନଙ୍କ ପାଇଁ ଚତୁଷ୍ପଦ ପ୍ରାଣୀ ବୈଧ କରି ଦିଆଗଲା । ସେମାନଙ୍କ ବ୍ୟତୀତ ଯେଉଁମାନଙ୍କ ବିଷୟରେ ତୁମଙ୍କୁ ଅବଗତ କରାଯାଉଛି । ତେଣୁ ଅପବିତ୍ର ବିଷୟରୁ ଦୂରେଇ ରୁହ ଓ ମିଥ୍ୟା କହିବାରୁ ବଞ୍ଚିତ ରୁହ ।' **(ଅଲ୍ ହଜ ୩୧)**

ଏଠାରେ ଶିର୍କ ସହିତ ମିଥ୍ୟାର ମଧ୍ୟ ବର୍ଣ୍ଣନା କରାଯାଇଛି । ପୁଣି କହିଛନ୍ତି

﴿اَلَا لِلّٰہِ الدِّیۡنُ الۡخَالِصُ وَالَّذِیۡنَ اتَّخَذُوۡا مِنۡ دُوۡنِہٖۤ اَوۡلِیَآءَ مَا نَعۡبُدُہُمۡ اِلَّا لِیُقَرِّبُوۡنَاۤ اِلَی اللّٰہِ زُلۡفٰی اِنَّ اللّٰہَ یَحۡکُمُ بَیۡنَہُمۡ فِیۡ مَا ہُمۡ فِیۡہِ یَخۡتَلِفُوۡنَ اِنَّ اللّٰہَ لَا یَہۡدِیۡ مَنۡ ہُوَ کٰذِبٌ کَفَّارٌ﴾

ଅଲା ଲିଲ୍ଲାହେ ଦୀନୁଲ୍ ଖାଲିସୁ ୱଲ୍ଲଜିନତ୍ ତଖଜୁ ମିନ୍‌ଦୁନିହୀ ଅଉଲିୟା; ମା'ନା ବୁଦୁହୁମ୍ ଇଲ୍ଲା ଲି ୟୁକରିବୁନା ଇଲଲ୍‌ଲ୍ଲାହି ଜୁଲ୍‌ଫା ଇନ୍ନଲ୍ଲାହା ୟହକୁମୁ ବୈନହୁମ୍ ଫିମାହୁମ୍ ଫିହେ ୟଖ୍‌ତଲିଫୁନ୍ - ଇନ୍ନଲ୍ଲାହା ଲା ୟହ୍‌ଦି ମିନ୍‌ହୁଓ୍ୱା କାଜିବୁନ୍ କଫ୍‌ଫାର୍

ଅର୍ଥାତ 'ସାବଧାନ ! ନିର୍ମଳ ଧର୍ମ ହିଁ ଅଲ୍ଲାଃତାଲାଙ୍କର ବାସ୍ତବ ମହିମା ଗାନକରେ, ଏବଂ ଯେଉଁମାନେ ତାଙ୍କ ବ୍ୟତୀତ ଅନ୍ୟଙ୍କୁ ନିଜର ମିତ୍ର କରିନେଲେ, ସେମାନେ କୁହନ୍ତି 'ଆମ୍ଭେ ଏହି ଉଦ୍ଦେଶ୍ୟ ବ୍ୟତୀତ ତାଙ୍କର ଉପାସନା କରୁନାହୁଁ ଯେ ସେମାନେ ଆମଙ୍କୁ ଅଲ୍ଲାଃଙ୍କର ନିକଟବର୍ତ୍ତୀ କରାଇବା ସହିତ ସାନିଧ୍ୟର ଉଚ୍ଚ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚାଇ ଦେବେ । ଅଲ୍ଲାଃତାଲା ସେମାନଙ୍କ

ମଧ୍ୟରେ ସେ ସେହି ବିଷୟମାନଙ୍କରେ ନ୍ୟାୟୋଚିତ ନିଷ୍ପତ୍ତି ନେବେ ଯେଉଁଥିରେ ସେମାନେ ମତଭେଦ କରନ୍ତି । ଅଲ୍ଲାଃତାଲା ତାଙ୍କୁ କଦାପି ସତ୍‌ପଥ ଦେଖାନ୍ତି ନାହିଁ ଯେଉଁମାନେ ମିଥ୍ୟାବାଦୀ ଓ କୃତଘ୍ନ ହୁଅନ୍ତି ।

**(ଅଲ୍ ଜୁମର ୪)**

ସହି ମୁସ୍‌ଲିମ୍‌ରେ ଏକ ହଦିସ୍ ଏହିପରି ଅଛି : ଅବ୍ଦୁଲ୍ଲାଃ ବିନ୍ ଉମ୍‌ରୋ ଇବ୍‌ନେ ଅଲ୍ ଆସ୍[ରଅ] କହିଛନ୍ତି ଯେ ରସୁଲୁଲ୍ଲା[ସଅ] କହିଥିଲେ ‘ଯେଉଁ ବ୍ୟକ୍ତିଙ୍କ ଠାରେ ଏହି ଚାରିଗୋଟି ବିଷୟ ଦେଖାଯାଏ, ସେ ଅତ୍ୟଧିକ କପଟ ବିଶ୍ୱାସୀ । ଏବଂ ଯାହାଠାରେ ଏଥି ମଧ୍ୟରୁ ଗୋଟିଏ କଥା ଦେଖିବାକୁ ମିଳେ, ତାଙ୍କଠାରେ ଯେପର୍ଯ୍ୟନ୍ତ ଦୋମୁହାଁ ନୀତି ରହିଥିବ, ସେ ପର୍ଯ୍ୟନ୍ତ ସେ ଏହାକୁ ତ୍ୟାଗ କରିଦେବ ନାହିଁ ।’

(୧) ଯେତେବେଳେ କଥାବାର୍ତ୍ତା କରେ, ତହିଁରେ ମିଥ୍ୟାର ଆଭାସ ମିଳେ । (ଅର୍ଥାତ୍ ତା’ କଥାରେ ମିଛ ମିଶି ରହିଥାଏ)

(୨) ଯେତେବେଳେ ସେ ମୈତ୍ରୀ ସ୍ଥାପନ ପାଇଁ ସନ୍ଧି କରେ, ତହିଁରେ ବିଦ୍ରୋହ ଭାବ ପ୍ରକାଶ ପାଇଥାଏ ।

(୩) ଯେତେବେଳେ ସେ ପ୍ରତିଶ୍ରୁତି ଦିଏ, ତାକୁ ପାଳନ କରେନାହିଁ (ଏହା ମଧ୍ୟ ଏକ ପ୍ରକାର ମିଥ୍ୟା)

(୪) ଯେତେବେଳେ ସେ କଳି କରେ ଓ ଗାଳିଗୁଲଜ କରେ କିମ୍ବା ଅଭଦ୍ର ଭାଷା ପ୍ରୟୋଗ କରେ ।

ଉପରୋକ୍ତ ସମସ୍ତ କଥା ମିଥ୍ୟା ସହିତ ସମ୍ବନ୍ଧିତ ।

ପୁଣି ଅନ୍ୟ ଏକ ହଦିସ୍‌ରେ ଏହିପରି ଉଲ୍ଲେଖ ରହିଛି: ଇମାମ ମାଲିକ୍[ରଅ] ବର୍ଣ୍ଣନା କରୁଛନ୍ତି, ‘ମୋତେ ଏକ ଖବର ମିଳିଲା ଯେ ଅବ୍ଦୁଲା ବିନ୍ ମସଉଦ[ରଅ] କହୁଥିଲେ ‘ତୁମଙ୍କୁ ସତ କହିବା ଆବଶ୍ୟକ । କାରଣ ସତ୍ୟତା ସତ୍‌କର୍ମ ଆଡ଼କୁ ବାଟ ଦେଖାଇଥାଏ ଓ ସତକର୍ମ ବୈକୁଣ୍ଠ ଆଡ଼କୁ । ମିଥ୍ୟାରୁ ବଞ୍ଚିତ ରୁହ, କାରଣ ମିଥ୍ୟା ଅମାନ୍ୟକାରୀଙ୍କ ପଥରେ ନେଇଯାଏ ଏବଂ ଅବଜ୍ଞା ନର୍କ ପର୍ଯ୍ୟନ୍ତ ନେଇଯାଏ । କ’ଣ ଆପଣଙ୍କୁ ଜଣାନାହିଁ ଯେ ସତ କହୁଥିବା ଲୋକ ଆଜ୍ଞାକାରୀ ହୋଇଗଲା ଓ ମିଛ କହିବା ଲୋକ ତ ଦୁରାଚାର ଗ୍ରସ୍ତ ହୋଇଗଲା’ ।

(ମୌତା ଇମାମ ମାଲିକ୍, ଭାଗ ମାଯା ଫିସ୍‌ସିଦ୍‌କେ ଓ୍ୱଲ୍ କିଯ୍‌ବେ)

ପୁଣି ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲଙ୍କର ବର୍ଣ୍ଣିତ ଏକ ହଦିସ ଅଛି, ହଜରତ ଅବୁ ହୁରେରା[ରଅ] ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲା[ସଅ] ଏହିପରି କହିଛନ୍ତି ‘ଯଦି ଏକ ବ୍ୟକ୍ତି

କୌଣସି ଛୋଟ ପିଲାକୁ କହିଲା, ଆସ ମୁଁ ତୁମଙ୍କୁ କିଛି ଉପହାର ଦେବି, ଅଥଚ ସେ ତାକୁ କିଛି ହେଲେ ଦେଲାନାହିଁ, ତା'ହେଲେ ଏହା ମିଥ୍ୟାରେ ପରିଗଣିତ ହେବ ।

(ମସନଦ୍ ଅହମଦ୍ ବିନ୍ ହମ୍ବଲ, ଖଣ୍ଡ ୨, ପୃ ୪୫୨)

ଏହା ସମାଜ ସଂସ୍କାର ପାଇଁ ନିହାତି ଜରୁରୀ ଯାହା ପିଲାଙ୍କ ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ । ଦେଖନ୍ତୁ ! ଥଟ୍ଟା ପରିହାସରେ ମଧ୍ୟ ଏପରି କଥା କହିବା ଅନୁଚିତ । ଅନ୍ୟଥା ଏହିପରି ପରିହାସ ଛଳରେ ହିଁ ଛୁଆମାନଙ୍କ ଠାରେ ମିଛ କହିବାର ଅଭ୍ୟାସ ହୋଇଯିବ । ଭବିଷ୍ୟତରେ ଯେତେବେଳେ ଏହା ଅଭ୍ୟାସରେ ପରିଣତ ହୋଇଯିବ, ସେମାନେ ମିଛ କହିବାକୁ କୁଣ୍ଠାବୋଧ କରିବେ ନାହିଁ ଏବଂ ତାହାର ନିଜସ୍ୱ ଅନୁଭୂତି ହିଁ ଲୋପ ପାଇଯିବ ।

ହଜରତ୍ ଇବ୍‌ନେ ମସ୍‌ଉଦ[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ୍ ମୁହମ୍ମଦ[ସଅ] କହିଛନ୍ତି, ସତ୍ୟତା ଧର୍ମ ଆଡ଼କୁ ନେଇଯାଏ ଓ ସାଧୁତା ବୈକୁଣ୍ଠ ଆଡ଼କୁ ଏବଂ ଯେଉଁ ବ୍ୟକ୍ତି ସର୍ବଦା ସତ କୁହେ, ସେ ଅଲ୍ଲାଃତାଲାଙ୍କ ନିକଟରେ ସିଦ୍ଦିକ୍ ରୂପେ ଗଣ୍ୟ ହୁଏ । ମିଥ୍ୟା ପାପ ଓ ମନ୍ଦକର୍ମ ପ୍ରତି ଆକୃଷ୍ଟ କରିଥାଏ ଓ ଦୁରାଚାର ନର୍କ ଆଡ଼କୁ । ଯେଉଁ ବ୍ୟକ୍ତି ସର୍ବଦା ମିଛ କୁହେ, ସେ ଅଲ୍ଲାଃତାଲାଙ୍କ ନିକଟରେ ଅତ୍ୟନ୍ତ ମିଥ୍ୟାବାଦୀ (କଜ୍‌ଜାବ)ରେ ପରିଗଣିତ ହୁଏ ।

(ବୁଖାରି କିତାବୁଲ୍ ଅଦବ୍, ଭାଗ କୈଲୁଲ୍ଲାହ ଇତ୍‌ତକୁଲ୍ଲାହ ଓ କୁନୁ ମାଅସ୍ ସାଦେକିନ୍)

ହଜରତ୍ ଅବ୍ଦୁଲାଃ ବିନ୍ ଉମ୍‌ରୋ ବିନ୍ ଆସ[ରଅ]ଙ୍କ ଦ୍ୱାରା ବର୍ଣ୍ଣିତ ହୋଇଛି ଯେ ଜଣେ ବ୍ୟକ୍ତି ହଜରତ ମୁହମ୍ମଦ[ସଅ]ଙ୍କ ନିକଟକୁ ଆସିଲା ଓ ପଚାରିଲା, 'ହେ ଅଲ୍ଲାଃଙ୍କ ରସୁଲ ! ଜନ୍ନତ (ବୈକୁଣ୍ଠ)ର କର୍ମ କ'ଣ ? ସେ ଉତ୍ତର ଦେଲେ ସତ କହିବା । ଯେତେବେଳେ କୌଣସି ବ୍ୟକ୍ତି ସତ କୁହେ, ସେ ଆଜ୍ଞାବହ ହୋଇଯାଏ ଓ ଯେତେବେଳେ ଆଜ୍ଞାବହ ହୋଇଯାଏ, ସେ ପ୍ରକୃତ ବିଶ୍ୱାସକାରୀରେ ପରିଣତ ହୋଇଯାଏ । ଯେତେବେଳେ କେହି ବାସ୍ତବିକ୍ ବିଶ୍ୱାସକାରୀ (ମୋମିନ) ହୋଇଯାଏ, ସେ ପରିଶେଷରେ ବୈକୁଣ୍ଠ ବା ଜନ୍ନତରେ ପ୍ରବେଶ କରେ । ସେହି ବ୍ୟକ୍ତିଟି ପୁଣି ପଚାରିଲା 'ହେ ଅଲ୍ଲାଃଙ୍କ ରସୁଲ୍ ! କେଉଁ କର୍ମ ଦୋଜଖ୍ (ନର୍କ)କୁ ନେଇଯାଏ ? ହଜ୍‌ରତ୍ ମୁହମ୍ମଦ[ସଅ] କହିଲେ 'ମିଥ୍ୟା । କୌଣସି ବ୍ୟକ୍ତି ଯଦି ମିଛ କହୁଛି, ତେବେ ସେ ଅବଜ୍ଞା କରୁଛି ଓ ଯେତେବେଳେ ସେ ଅବଜ୍ଞା କରୁଛି ସେ ବିଧର୍ମୀ ହୋଇଯାଇଛି ବୋଲି ଧରିବାକୁ ହେବ । ଯିଏ ଅମାନ୍ୟକାରୀ ରୂପେ ପ୍ରତିଷ୍ଠିତ ହୋଇଯାଏ ସେ ଅବଶ୍ୟ ନର୍କରେ ପ୍ରବେଶ କରିବ । (ମସନଦ୍ ଅହମଦ୍ ବିନ୍ ହମ୍ବଲ, ଖଣ୍ଡ ୨, ପୃ ୧୭୬)

ହଜରତ୍ ମସିହ ମଉଦ୍[ଅସ] ଉଲ୍ଲେଖ କରିଛନ୍ତି ଯେ ପବିତ୍ର କୁରଆନରେ ମିଥ୍ୟାକୁ ଅପବିତ୍ର ଓ ନିକୃଷ୍ଟ ବୋଲି କୁହାଯାଇଛି, ଯେପରିକି ବର୍ଣ୍ଣିତ ଅଛି,

﴿فَاجْتَنِبُوا الرِّجْسَ مِنَ الْاَوْثَانِ وَاجْتَنِبُوْا قَوْلَ الزُّوْرِ﴾

ଫଯ୍‌ତନିବୁର୍ ରିଯ୍‌ସା ମିନଲ୍ ଆଉସାନି ୱ୍‌ଯ୍‌ତନିବୁ କୌଲଜ୍ ଜୁରି

**(ଅଲ ହଜ ୩୧)**

ଦେଖ, ଏଠାରେ ମିଥ୍ୟାକୁ ପ୍ରତିମା ସମତୁଲ୍ୟ କରି ରଖାଯାଇଛି ଏବଂ ପ୍ରକୃତ ପକ୍ଷେ ମିଥ୍ୟା ମଧ୍ୟ ଏକ ପ୍ରତିମା । ତା'ନହେଲେ ସତ୍ୟକୁ ଛାଡ଼ି ଅନ୍ୟ ଆଡ଼କୁ କାହିଁକି ମନ ବଳାଉଛି । ଯେପରି ପ୍ରତିମା ଠାରେ କୌଣସି ବାସ୍ତବିକତା ନଥାଏ, ସେହିପରି ମିଥ୍ୟା ମଧ୍ୟରେ ଅପ୍ରାକୃତିକ ଓ ଛଳନା ବ୍ୟତୀତ ଅନ୍ୟ କିଛି ନଥାଏ । ମିଥ୍ୟାବାଦୀଙ୍କ ଉପରେ ଅତି କମ୍ ବିଶ୍ୱାସ ବା ଭରସା କରା ଯାଇପାରେ, ଏପରିକି ଯଦି ସେହି ମିଥ୍ୟାବାଦୀ ସତ ମଧ୍ୟ କହୁଥାଏ, ତେବେ ସୁଦ୍ଧା ଆଶଙ୍କା ଥାଏ ଯେ ସମ୍ଭବତଃ ଏଥିରେ କିଛି ମିଛର ମିଶ୍ରଣ ଥିବ । ଯଦି ମିଥ୍ୟାବାଦୀ ଚାହୁଁଛନ୍ତି ଯେ ଆମ ଠାରୁ ମିଥ୍ୟା କିପରି ଦୂରେଇ ଯାଉ, ତେବେ ତାହା ଶୀଘ୍ର ଦୂର ହୋଇ ପାରିବ ନାହିଁ । ଏଥିପାଇଁ ଦୀର୍ଘ ସମୟ ଧରି ଅଭ୍ୟାସ କରିବାକୁ ହେବ, ତା'ପରେ ସତ କହିବାର ଅଭ୍ୟାସ ହୋଇଯିବ ।'

(ମଲଫୂଜାତ୍, ଖଣ୍ଡ ୩ ପୃ : ୩୫୦)

ହଜରତ୍ ମସିହ ମଉଦ୍[ଅସ] ଆହୁରି ମଧ୍ୟ କହିଛନ୍ତି

'ଏବଂ ମନୁଷ୍ୟର ସମସ୍ତ ସ୍ୱାଭାବିକ ଅବସ୍ଥା ମଧ୍ୟରେ ତା'ର ଏକ ଗୁଣ ହେଉଛି ସତ୍ୟତା । ଯେ ପର୍ଯ୍ୟନ୍ତ କୌଣସି ମନୁଷ୍ୟ ସ୍ୱାର୍ଥପର ଭାବନା ଦ୍ୱାରା ପ୍ରେରିତ ନ ହୋଇଥାଏ, ସେ ପର୍ଯ୍ୟନ୍ତ ସେ ମିଛ କହିବାକୁ ଇଚ୍ଛା କରେନାହିଁ । ଏବଂ ମିଥ୍ୟାକୁ ଆପଣାଇବାରେ ତା' ହୃଦୟ ମଧ୍ୟରେ ସେ ଏକ ପ୍ରକାର ଘୃଣା ଓ କଷ୍ଟ ଅନୁଭବ କରେ । ଏହି କାରଣରୁ ଯେଉଁ ବ୍ୟକ୍ତିର ସ୍ପଷ୍ଟ ମିଥ୍ୟା ପ୍ରମାଣିତ ହୋଇଯାଏ, ତା' ପ୍ରତି ଲୋକମାନେ ଅପ୍ରସନ୍ନ ହୋଇ ଯାଆନ୍ତି ଓ ତାହାକୁ ହୀନ ଚକ୍ଷୁରେ ଦେଖନ୍ତି । କିନ୍ତୁ କେବଳ ମନୁଷ୍ୟ ସ୍ୱଭାବର ଏହି ଅବସ୍ଥା ସଦ୍ ଚରିତ୍ରରେ ସମ୍ମିଳିତ ହୋଇ ନଥାଏ । ବରଂ ଛୁଆମାନେ ଓ ପାଗଳମାନେ ମଧ୍ୟ ଏହାର କବଳିତ ହୋଇ ପାରନ୍ତି । ତେଣୁ ପ୍ରକୃତ କଥା ହେଉଛି, ଯେ ପର୍ଯ୍ୟନ୍ତ ମନୁଷ୍ୟ ସେ ସମସ୍ତ ସ୍ୱାର୍ଥ ଜନିତ ଭାବନାକୁ ତ୍ୟାଗ ନକରିଛି ଯାହା ସତ୍ୟତାର ପ୍ରତିରୋଧକ ହୋଇଥାନ୍ତି, ସେ ପର୍ଯ୍ୟନ୍ତ ସତ୍ୟବାଦୀତା ସାବ୍ୟସ୍ତ ହୋଇ ପାରିବ ନାହିଁ । କାରଣ ଯଦି ମନୁଷ୍ୟ କେବଳ ଏପରି ବିଷୟରେ ସତ

କୁହେ, ଯେଉଁଥିରେ ତାର କୌଣସି ଅସୁବିଧା ନଘଟେ ଓ ନିଜର ମାନ, ସମ୍ମାନ, ଧନ କିମ୍ବା ଜୀବନର ହାନୀ ହେବା ସମୟରେ ସେ ମିଥ୍ୟା କୁହେ ଏବଂ ସତ ନ କହି ନୀରବ ରୁହେ, ତା'ହେଲେ ସେହି ବ୍ୟକ୍ତିର ଛୁଆର ପାଗଳ ତୁଳନାରେ କ'ଣ ବା ବିଶେଷତ୍ୱ ରହିଛି ? କ'ଣ ପାଗଳ ଓ ନାବାଳକ ଛୁଆମାନେ ଏପରି ସତ କୁହନ୍ତି ନାହିଁ? ସଂସାରରେ କେହିହେଲେ ଏପରି ନଥିବେ, ଯିଏ କୌଣସି ପ୍ରେରଣା ନପାଇ ଅଯଥା ମିଛ କହିବ । ସୁତରାଂ ଏପରି ସତ୍ୟ ଯାହାକୁ କୌଣସି କ୍ଷତିକାରକ ପରିସ୍ଥିତିରେ ଛାଡ଼ି ଦିଆଯାଏ, କଦାପି ତାହା ପ୍ରକୃତ ସଦାଚରରେ ଅନ୍ତର୍ଭୁକ୍ତ ହୋଇ ପାରିବ ନାହିଁ । ସତ କହିବାର ଏହାହିଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅବସର ଓ ଶ୍ରେଷ୍ଠ ସମୟ ଯେଉଁଥିରେ ନିଜ ଜୀବନ, ଧନ ଓ ସମ୍ମାନ ପ୍ରତି ହାନୀର ଆଶଂକା ଥାଏ ।

ଏ ବିଷୟରେ ଅଲ୍ଲାଃତାଲାଙ୍କର ଏହି ଶିକ୍ଷା ରହିଛି:

﴿فَاجْتَنِبُوا الرِّجْسَ مِنَ الْاَوْثَانِ وَاجْتَنِبُوْا قَوْلَ الزُّوْرِ﴾

୧. ଫଜ୍‌ତନିବୁର୍ ରିଜ୍‌ସା ମିନଲ୍ ଅଓସାନି ଓ୍ୱଜ୍‌ତନିବୁ କୌଲଜ୍‌ଜୁରେ

(ଅଲ ହଜ ୩୧)

﴿وَلَا يَأْبَ الشُّهَدَآءُ اِذَا مَا دُعُوْا﴾

୨. ଓ୍ୱଲା ୟାବଶ୍ ଶୁହଦାଉ ଇଜା ମା ଦୁଉ (ଅଲ ବକରା ୨୮୩)

﴿وَلَا تَكْتُمُوا الشَّهَادَةَ وَمَنْ يَّكْتُمْهَا فَاِنَّهٗ اٰثِمٌ قَلْبُهٗ﴾

୩. ଓ୍ୱଲା ତକ୍‌ତୁମୁଶ୍ ଶାହାଦତା ଓମଇଁ ୟକ୍‌ତୁମ୍‌ହା ଫଇନ୍ନହୁ ଆସିମୁନ୍ କଲବହୁ (ଅଲ ବକରା ୨୮୪)

﴿وَاِذَا قُلْتُمْ فَاعْدِلُوْا وَلَوْ كَانَ ذَا قُرْبٰى﴾

୪. ଓ୍ୱ ଇଜା କୁଲ୍‌ତୁମ ଫାଜିଲୁ ଲୌକାନା ଜା କୁର୍‌ବା (ଅଲ ଅନଆମ ୧୫୩)

﴿كُوْنُوْا قَوّٰمِيْنَ بِالْقِسْطِ شُهَدَآءَ لِلّٰهِ وَلَوْ عَلٰٓى اَنْفُسِكُمْ اَوِالْوَالِدَيْنِ وَالْاَقْرَبِيْنَ﴾

୫. କୁନୁ କୱ୍ୱାମିନା ବିଲ୍ କିସ୍‌ତି ଶୋହଦାଆ ଲିଲ୍ଲାହି ଓ୍ୱଲୌ ଅଲା ଅନ୍‌ଫୁସେକୁମ୍ ଅୱ୍ୱିଲ ଓ୍ୱାଲିଦୈନେ ଓ୍ୱଲ୍ ଅକରବିନା (ଅନ୍ ନିସା ୧୩୬)

﴿وَلَا يَجْرِمَنَّكُمْ شَنَاٰنُ قَوْمٍ عَلٰٓى اَلَّا تَعْدِلُوْا﴾

୬. ଓ୍ୱଲା ୟଯ୍‌ରିମନ୍ନକୁମ୍ ଶନାଆନୁ କୌମନ୍ ଅଲା ଅଲ୍ଲାତାଅଦିଲୁ

(ଅଲ ମାଏଦା ୯)

﴿ وَالصّٰدِقِيْنَ وَالصّٰدِقٰتِ ﴾

୭. ଓ୍ୱସ୍ୱାଦିକିନା ଓ୍ୱସ୍ୱାଦିକାତି (ଅଲ୍ ଅହ୍ଜାବ ୩୬)

﴿ وَ تَوَاصَوْا بِالْحَقِّ وَتَوَاصَوْا بِالصَّبْرِ ﴾

୮. ଓ୍ୱତଓ୍ୱା ସୌବିଲ୍ ହକ୍କି ଓ୍ୱତଓ୍ୱା ସୌବିସ୍ ସବ୍ର (ଅଲ ଅସର ୪)

﴿ لَا يَشْهَدُوْنَ الزُّوْرَ ﴾

୯. ଲାୟଶ୍ହଦୁ ନଜ୍ଜୁରା । (ଅଲ ଫୁରକାନ ୭୩)

ପବିତ୍ର କୁରଆନ୍‌ର ଏହି ପଙ୍‌କ୍ତିଗୁଡିକର ଅନୁବାଦ କରି ସେ କହିଛନ୍ତି, ପ୍ରତିମା ପୂଜା ଓ ମିଥ୍ୟାରୁ ବଞ୍ଚିତ ରୁହ । ଅର୍ଥାତ୍ ମିଥ୍ୟା ମଧ୍ୟ ଗୋଟିଏ ପ୍ରତିମା । ଯିଏ ତା'ଉପରେ ଭରସା କରେ ସେ ପ୍ରଭୁଙ୍କ ଭରସାକୁ ଛାଡ଼ିଦିଏ । ତେଣୁ ମିଥ୍ୟା ଦ୍ୱାରା ପ୍ରଭୁ ମଧ୍ୟ ହାତରୁ ଚାଲିଯାନ୍ତି । ପୁଣି କହୁଛନ୍ତି ଯେତେବେଳେ ତୁମକୁ ସତ ସାକ୍ଷୀ ଦେବାକୁ ଡ଼କାଯିବ, ସେଠାକୁ ଯିବାକୁ ମନା କର ନାହିଁ । ଏବଂ ସତ୍ୟ ସାକ୍ଷ୍ୟକୁ ଲୁଚାଅ ନାହିଁ । ଯିଏ ଲୁଚାଏ ତା'ର ହୃଦୟରେ ପାପ ଥାଏ । ଯେତେବେଳେ ତୁମେ କହିବ, ମୁଖ ଦ୍ୱାରା ତାହା ହିଁ ପ୍ରକାଶ କରିବ, ଯାହା ସମ୍ପୁର୍ଣ୍ଣ ସତ୍ୟ ଓ ନ୍ୟାୟ ସଙ୍ଗତ ଥିବ । ସମ୍ଭବତଃ ତୁମର ନିକଟ ସମ୍ପର୍କୀୟ ବ୍ୟକ୍ତି ପ୍ରତି ତୁମକୁ ସାକ୍ଷୀ ଦେବାକୁ ପଡିପାରେ । ସତ୍ୟ ଓ ନ୍ୟାୟ ଉପରେ ପ୍ରତିଷ୍ଠିତ ରୁହ । ଏବଂ ତୁମର ପ୍ରତ୍ୟେକ ସାକ୍ଷୀ ପ୍ରଭୁଙ୍କ ପାଇଁ ହେବା ଆବଶ୍ୟକ । ମିଥ୍ୟା କୁହ ନାହିଁ, ଯଦିଓ ସତ କହିବା ଦ୍ୱାରା ତୁମର ପ୍ରତ୍ୟେକ ସାକ୍ଷ୍ୟ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଥିବ । ମିଥ୍ୟା କୁହ ନାହିଁ ଯଦିଓ ସତ କହିବା ଦ୍ୱାରା ତାହା ତୁମର ଜୀବନ ପ୍ରତି କ୍ଷତିକାରକ ହୋଇପାରେ କିମ୍ବା ତୁମର ପିତାମାତାଙ୍କୁ କଷ୍ଟ ଭୋଗ କରିବାକୁ ପଡିପାରେ କିମ୍ବା ତୁମର ଆତ୍ମୀୟମାନଙ୍କୁ ଯଥା ପୁତ୍ର ଇତ୍ୟାଦିଙ୍କୁ । ଏହିସବୁ ପରିସ୍ଥିତି ତୁମ ସ୍ୱାର୍ଥ ବିରୁଦ୍ଧରେ ଯାଉଥିଲେ ମଧ୍ୟ ସତ୍ୟରୁ ବିମୁଖ ହୁଅନାହିଁ । ସେହିପରି କୌଣସି ଜାତିର ଶତ୍ରୁତା ତୁମଙ୍କୁ ସତ୍ୟ ସାକ୍ଷୀ ଦେବାରେ ପ୍ରତିବନ୍ଧକ ନ ହେଉ । ସତ୍ୟବାଦୀ ପୁରୁଷ ଓ ସତ୍ୟବାଦୀ ନାରୀମାନେ ଅନେକ ପୁଣ୍ୟ ଲାଭ କରିବାରେ ସେମାନଙ୍କର ବିଶେଷତ୍ୱ ହେଉଛି ଯେ ସେମାନେ ଅନ୍ୟମାନଙ୍କୁ ମଧ୍ୟ ସତ୍ୟର ଉପଦେଶ ଦିଅନ୍ତି ଓ ମିଥ୍ୟାବାଦୀଙ୍କ ସଭାରେ ବସନ୍ତି ନାହିଁ ।

(ଇସଲାମୀ ଓସୁଲକି ଫଲାସଫି, ରୁହାନି ଖଜାଇନ୍, ଖଣ୍ଡ ୧୦, ପୃ : ୩୬୦-୩୬୧)

# ବ୍ୟଭିଚାରରୁ ବଞ୍ଚିତ ହୁଅ

ପୁଣି ଏହି ଦ୍ୱିତୀୟ ସର୍ତ୍ତରେ ବ୍ୟଭିଚାରରୁ ବଞ୍ଚିତ ରହିବାର ମଧ୍ୟ ସର୍ତ୍ତ ରହିଛି । ଏ ସମ୍ବନ୍ଧରେ ଅଲ୍ଲାହ୍‌ତାଲା ବର୍ଣ୍ଣନା କରିଛନ୍ତି

﴿وَلَا تَقْرَبُوا الزِّنٰى اِنَّهٗ كَانَ فَاحِشَةً وَسَآءَ سَبِيْلًا﴾

ଓ୍ୱଲାତକ୍‌ରବୁ ଉଜିନା ଇନ୍ନହୁ କାନା ଫାହିଶତନ୍ ଓ୍ୱ ସାଆଅସ୍ ସବିଲା

ଅର୍ଥାତ୍ ବ୍ୟଭିଚାରର ନିକଟକୁ ଯାଅ ନାହିଁ । ଏହା ହେଉଛି ସମ୍ପୂର୍ଣ୍ଣ ନିର୍ଲଜ୍ଜତା ଓ ଅତି ନିକୃଷ୍ଟ ପନ୍ଥା । **(ବନି ଇସ୍ରାଇଲ ୩୩)**

ଏକ ହଦିସ୍‌ରେ ମୁହମ୍ମଦ୍ ଦିନ ସିରିନ୍‌ଙ୍କ ଦ୍ୱାରା ବର୍ଣ୍ଣିତ ଅଛି ଯେ ହଜରତ୍ ମୁହମ୍ମଦ[ସଅ] ନିମ୍ନଲିଖିତ ବିଷୟମାନର ଉପଦେଶ ଦେଲେ । ପୁଣି ଏକ ଦୀର୍ଘକାୟ ଘଟଣାର ବର୍ଣ୍ଣନା କଲେ, ଯେଉଁଥିରେ ଏପରି ମଧ୍ୟ ଗୋଟିଏ ଉପଦେଶ ରହିଛି: ଇଫ୍‌ଫତ୍ ଅର୍ଥାତ୍ ପବିତ୍ରତା ଓ ସତ୍ୟତା ବ୍ୟଭିଚାର ଓ ମିଥ୍ୟା ଅପେକ୍ଷା ଅଧିକ ଉତ୍ତମ, ଯାହା ସର୍ବଦା ସ୍ଥାୟୀ ରହେ ।

(ମୁନନ୍ ଦାର୍‌ମି କିତାବୁଲ ସାସ୍ଥା, ଭାଗ ମାଷ୍ଟସ୍‌ତହବା ବିଲ୍‌ଓ୍ୱସିସ୍ତେ ମିନତ୍ ତଶହହୁଦେ ଓ୍ୱଲ୍ କଲାମେ)

ଏଠାରେ ବ୍ୟଭିଚାର ଓ ମିଥ୍ୟାକୁ ଏକତ୍ର ବର୍ଣ୍ଣନା କରାଯାଇଛି । ଏଥିରୁ ଏହା ମଧ୍ୟ ଜଣା ପଡୁଛି ଯେ ମିଥ୍ୟା କେତେ ବଡ଼ ପାପ ।

ହଜରତ୍ ମସିହ୍ ମଉଦ୍[ଅସ] ବର୍ଣ୍ଣନା କରୁଛନ୍ତି 'ବ୍ୟଭୀଚାରର ନିକଟକୁ ଯାଅନାହିଁ । ଅର୍ଥାତ୍ ଏପରି କାର୍ଯ୍ୟ ପନ୍ଥାରୁ ଦୂରେଇ ରୁହ, ଯେଉଁଥିରେ ବ୍ୟଭୀଚାରି ଧାରଣା ମନରେ ଆସିପାରେ । ଏବଂ ସେ ପଥକୁ ବାଛ ନାହିଁ, ଯେଉଁଥିରେ ଏପରି ପାପର ଆଶଙ୍କା ଥିବ । ଯେଉଁମାନେ ବ୍ୟଭୀଚାର କରନ୍ତି, ସେମାନେ ଅସତ୍ କର୍ମକୁ ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚାଇ ଦିଅନ୍ତି । ବ୍ୟଭୀଚାରର ପଥ ଅତ୍ୟଧିକ ମନ୍ଦ । ଅର୍ଥାତ୍ ପ୍ରକୃତ ଉଦ୍ଦେଶ୍ୟକୁ ରୋକିଥାଏ ଓ ତୁମର ଶେଷ ଠିକଣା ବା ଲକ୍ଷ୍ୟ ପାଇଁ ମଧ୍ୟ ଅତି ଭୟଙ୍କର ପଦକ୍ଷେପ । ଯାହାକୁ ବିବାହ କରିବା ଯାହାର ଭାଗ୍ୟ ଜୁଟେ ନାହିଁ ସେ ଅନ୍ୟ ଉପାୟରେ ନିଜର ପବିତ୍ରତାକୁ ସୁରକ୍ଷିତ ରଖୁ । ଉଦାହରଣ ସ୍ୱରୂପ ସେ ରୋଜା ରଖୁ, ଅଳ୍ପ ଖାଦ୍ୟ ଖାଉ କିମ୍ବା ନିଜ ଶକ୍ତି ଅପେକ୍ଷା ଅଧିକ ପରିଶ୍ରମ କରୁ ।'

(ଇସଲାମୀ ଓସୁଲକି ଫଲାସଫି, ରୁହାନି ଖଜାଇନ, ଖଣ୍ଡ ୧୦, ପୃ ୩୪୨)

ସେ ପୁଣି କହିଛନ୍ତି 'ଏପରି ବିଷୟ ଠାରୁ ଦୂରେଇ ରୁହ, ଯଦ୍ୱାରା ଏପରି ଭାବନା ମନରେ ଆସିପାରେ । ଯୁବକମାନଙ୍କ ମଧ୍ୟରେ ଅନେକ ସମୟରେ ଏହାକୁ

ଅନୁଭବ କରିବା ପାଇଁ ବୋଧଶକ୍ତି ନଥାଏ । ଚଳଚିତ୍ର ଦେଖିବାର ଅଭ୍ୟାସ ରହିଥାଏ ଓ ଏପରି ଫିଲ୍ମ ଦେଖନ୍ତି, ଯାହା ଦେଖିବା ଯୋଗ୍ୟ ନଥାଏ । ନିହାତି ଚରିତ୍ରହୀନ ଓ ମନ୍ଦ ସ୍ୱଭାବର ହୋଇଥାଏ । ଏ ସବୁଥିରୁ ବଞ୍ଚିତ ରହିବା ଆବଶ୍ୟକ । ଏହା ମଧ୍ୟ ଏକ ପ୍ରକାରର ବ୍ୟଭୀଚାର ।'

## ବଦ୍ ନଜର (କୁଦୃଷ୍ଟି)ରୁ ବଞ୍ଚିତ ରୁହ

ପୁଣି ଦ୍ୱିତୀୟ ସର୍ତ୍ତର ତୃତୀୟ ପ୍ରକାରର କୁକର୍ମ ହେଉଛି କୁଦୃଷ୍ଟି ବା ବଦ୍ ନଜରରୁ ବଞ୍ଚିତ ରହିବା । ତେବେ ଏହା କ'ଣ ? ଏହା ଦୃଷ୍ଟିକୁ ନୀଚ ରଖିବାକୁ ବୁଝାଏ ।

ଏକ ହଦିସ୍‌ରେ ଅବୁରୈହାନା[ରଅ] ବର୍ଣ୍ଣନା କରିଛନ୍ତି ଯେ ସେ ଏକ ଯୁଦ୍ଧରେ ରସୁଲୁଲ୍ଲାଃ[ସଅ]ଙ୍କ ସହିତ ଥିଲେ । ଦିନେ ରାତିରେ ସେ ରସୁଲୁଲ୍ଲାଃ[ସଅ]ଙ୍କୁ ଏକଥା କହୁଥିବାର ଶୁଣିଲେ 'ସେହି ଅଗ୍ନିର ଶାସ୍ତିକୁ ଚକ୍ଷୁ ପାଇଁ ଅବୈଧ କରାଯାଇଛି, ଯାହା ଅଲ୍ଲାଃତାଲାଙ୍କ ମାର୍ଗରେ ଜାଗ୍ରତ ରୁହେ । ଏବଂ ଅଗ୍ନି ସେହି ଆଖି ପାଇଁ ମଧ୍ୟ ଅବୈଧ କରାଯାଇଛି ଯାହା ଅଲ୍ଲାଃଙ୍କ ଭୟ ରଖିବା କାରଣରୁ ଅଶ୍ରୁ ବୁହାଇଥାଏ । ପୁଣି ଅବୁ ଶରିଃ[ରଅ] କହିଛନ୍ତି ଯେ ଜଣେ ପ୍ରତ୍ୟକ୍ଷଦର୍ଶୀ ବର୍ଣ୍ଣନାକାରୀ ଠାରୁ ଏହିପରି କହିଥିବାର ସେ ଶୁଣିଛନ୍ତି : ହଜରତ ମୁହମ୍ମଦ[ସଅ] ଏହା ମଧ୍ୟ କହିଛନ୍ତି 'ଅଗ୍ନିକୁ ସେହି ଚକ୍ଷୁ ପାଇଁ ନିଷିଦ୍ଧ କରା ଯାଇଛି, ଯାହା ଅଲ୍ଲାଃ ବାରଣ କରିଥିବା ବସ୍ତୁକୁ ଦେଖିବା ପରିବର୍ତ୍ତେ ନଜର ତଳକୁ ହୋଇଯାଏ । ସେହି ଚକ୍ଷୁ ପାଇଁ ମଧ୍ୟ ଏହା ଅବୈଧ ଯାହାକୁ ଅଲ୍ଲାଃଙ୍କ ମାର୍ଗରେ ଫୋଡି ଦିଆଯାଇଛି ।'

(ସୁନନ୍ ଦାରମୀ କିତାବୁଲ୍ ଜିହାଦ୍, ଭାଗ ଫିଲ୍ଲଜି ଯ୍ସହର୍ ଫିସବିଲିଲ୍ଲାହେ ହାରସନ୍)

ପୁଣି ଏକ ହଦିସ୍ ଅବାଦା ବିନ୍ ସାମତ[ରଅ]ଙ୍କ ଦ୍ୱାରା ବର୍ଣ୍ଣିତ ଅଛି ଯେ ନବୀଶ୍ରେଷ୍ଠ[ସଅ] ଏହିପରି କହିଛନ୍ତି 'ତୁମେ ନିଜ ସମ୍ବନ୍ଧରେ ଛଅଗୋଟି କଥାର ମୋତେ ସଂକଳ୍ପର ପ୍ରତିଶ୍ରୁତି ଦିଅ । ( ଅର୍ଥାତ ସେ କହୁଛନ୍ତି ଯଦି ତୁମେ ଏପରି କରିବ, ତେବେ ମୁଁ ତୁମଙ୍କୁ ବୈକୁଣ୍ଠର ସୁସମ୍ବାଦ ଦେଉଛି)'

ଯେତେବେଳେ ତୁମେ କଥା ବାର୍ତ୍ତା କରିବ, ସତ କଥା କହିବ । ଯଦି ତୁମେ ପ୍ରତିଜ୍ଞା କରିବ ଏହାକୁ ପୂରଣ କର । ଯଦି ତୁମ ପାଖରେ କେହି କିଛି ସାମଗ୍ରୀ ରଖନ୍ତି, ସେ ମାଗିବା ସମୟରେ ସେହି ଅମାନତକୁ ତାଙ୍କୁ ଦେଇଦିଅ (ହଁ ନାହିଁ କିମ୍ବା ଆଜିକାଲି

କହି ଟାଳି ଦିଅନାହିଁ) । ନିଜର ଗୁପ୍ତାଙ୍ଗର ସୁରକ୍ଷା କର । ଅବନତ ଦୃଷ୍ଟି ଦ୍ୱାରା କାର୍ଯ୍ୟକର ଏବଂ ନିଜ ହସ୍ତକୁ ଅତ୍ୟାଚାରରୁ ରୋକି ରଖ ।

(ମସନଦ୍ ଅହମଦ୍ ବିନ୍ ହମ୍ବଲ, ଖଣ୍ଡ ୫, ପୃ ୩୨୩)

ହଜରତ ଅବୁ ସଇଦ୍ ଖୁଦ୍‌ରି[ରଅ] ବର୍ଣ୍ଣନା କରିଛନ୍ତି ଯେ ନବୀ କରିମ[ସଅ] ଏହିପରି କହିଛନ୍ତି: 'ରାସ୍ତା ଉପରେ ସଭା ସମିତି ଲଗାଇବାରୁ ଦୂରେଇ ରୁହ' । ସେମାନେ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ୍ ! ଆମଙ୍କୁ ରାସ୍ତାରେ ସଭା ସମିତି ଆୟୋଜନ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ' । ତହୁଁ ରସୁଲୁଲ୍ଲାଃ[ସଅ] ଉତ୍ତର ଦେଲେ, 'ତା'ହେଲେ ରାସ୍ତା ପ୍ରତି ତୁମର କର୍ତ୍ତବ୍ୟ ପୁରଣ କର ।' ସେମାନେ ପଚାରିଲେ 'ରାସ୍ତାର ହକ୍ କ'ଣ ?' ସେ କହିଲେ, 'ପ୍ରତ୍ୟେକ ଯାତାୟାତ କରୁଥିବା ବ୍ୟକ୍ତିଙ୍କ ସଲାମର ଉତ୍ତର ଦିଅ, ଚକ୍ଷୁ ଅବନତ ରଖ, ପଚାରୁଥିବା ପଥଚାରୀ ବ୍ୟକ୍ତିଙ୍କୁ ବାଟ ଦେଖାଇ ଦିଅ । ଶିଷ୍ଟାଚାରର ଉପଦେଶ ଦିଅ ଓ ମନ୍ଦ କର୍ମରୁ ବଞ୍ଚିତ ରହିବା ପାଇଁ ନିର୍ଦ୍ଦେଶ ଦିଅ । (ମସନଦ୍ ଅହମଦ୍ ବିନ୍ ହମ୍ବଲ, ଖଣ୍ଡ ୩, ପୃ ୬୧)

ହଜରତ୍ ମସିହ ମଉଦ[ଅସ] କହିଛନ୍ତି : 'ପବିତ୍ର କୁର୍‌ଆନ ଯେକି ମନୁଷ୍ୟର ସ୍ୱାଭାବିକ ଇଚ୍ଛା ଓ ଦୁର୍ବଳତା ପ୍ରତି ଲକ୍ଷ୍ୟ ରଖି ପରିସ୍ଥିତି ଅନୁଯାୟୀ ଶିକ୍ଷା ଦେଉଛି । ଏହା କିପରି ସୁନ୍ଦର ଉପାୟ ବର୍ଣ୍ଣନା କରିଛି :

﴿قُل لِّلْمُؤْمِنِينَ يَغُضُّوا مِنْ أَبْصَارِهِمْ وَيَحْفَظُوا فُرُوجَهُمْ ذَٰلِكَ أَزْكَىٰ لَهُمْ﴾

କୁଲ୍ ଲିଲ୍ ମୁ'ମିନା ୟଗୁଜ୍ଜୁ ମିନ୍ ଅବସାରିହିମ୍ ଓ୍ୱ ୟହ୍‌ଫଜୁ ଫୁରୁଯହୁମ - ଜାଲିକା ଅଜ୍‌କା ଲହୁମ୍

ଅର୍ଥାତ୍ 'ହେ ରସୁଲ୍ ! ତୁମେ ବିଶ୍ୱାସକାରୀମାନଙ୍କୁ କହିଦିଅ ଯେ ସେମାନେ ନିଜର ଚକ୍ଷୁକୁ ଅବନତ ରଖିବେ ଓ ନିଜର ଗୁପ୍ତାଙ୍ଗର ସୁରକ୍ଷା କରିବେ । ଏହା ଏପରି କର୍ମ ଯଦ୍ୱାରା ସେମାନଙ୍କ ହୃଦୟ ପବିତ୍ର ରହିବ' ।

**(ଅଲ ନୁର ୩୧)**

ଫୁରୁଜର ତାତ୍ପର୍ଯ୍ୟ କେବଳ ଗୁପ୍ତାଙ୍ଗ ହିଁ ନୁହେଁ, ବରଂ ପ୍ରତ୍ୟେକ ପ୍ରକାର ଛିଦ୍ର ଯେଉଁଥିରେ କାନ ଇତ୍ୟାଦି ମଧ୍ୟ ସଂପୃକ୍ତ । ଏବଂ ଏଥିରେ ଏ କଥାକୁ ମଧ୍ୟ ନିଷେଧ କରାଯାଇଛି 'ଗୈର ମୁହରମ ଔରତ' (ସେହି ଅପରିଚିତ ମହିଳା, ଯେଉଁମାନଙ୍କ ସହିତ ବିବାହ କରିବାକୁ ବୈଧ କରାଯାଇଛି) ତାଙ୍କର କୌଣସି ସଙ୍ଗୀତ ଗାନ ଇତ୍ୟାଦି ଶୁଣିବା ଅନୁଚିତ । ମନେରଖ, ସହସ୍ର ପ୍ରକାରର ଅଭିଜ୍ଞତାରୁ ଏହା ପ୍ରମାଣିତ ଯେ ଯେଉଁ

ବିଷୟମାନରୁ ଅଲ୍ଲାଃତାଲା ବାରଣ କରିଛନ୍ତି, ପରିଶେଷରେ ମନୁଷ୍ୟକୁ ସେଥିରୁ ନିବୃତ ହେବାକୁ ହିଁ ପଡୁଛି । (ମଲ୍‌ଫୂଜାତ, ଖଣ୍ଡ ୭, ପୃ ୧୩୫)

ପୁଣି ପ୍ରତିଶ୍ରୁତ ମସିହ[ଅସ] କହିଛନ୍ତି : 'ଇସଲାମରେ ଯେଉଁ କଟକଣା ଓ ସର୍ତ୍ତାବଳୀ ରହିଛି, ତାହା ସମାନ ଭାବରେ ଉଭୟ ସ୍ତ୍ରୀ ଓ ପୁରୁଷଙ୍କ ପାଇଁ ନିର୍ଦ୍ଧାରିତ । ପରଦା କରିବାର ଆଦେଶ ଯେପରି ସ୍ତ୍ରୀମାନଙ୍କ ପାଇଁ ରହିଛି, ସେହିପରି ପୁରୁଷମାନଙ୍କ ପାଇଁ ଚକ୍ଷୁ ଅବନତ ରଖିବାର କଡ଼ା ଆଦେଶ ମଧ୍ୟ ରହିଛି । ନମାଜ, ରୋଜା, ଜକାତ୍, ହଜ୍, ହଲାଲ ଓ ହରାମ୍ ମଧ୍ୟରେ ପ୍ରଭେଦ (ବୈଧ ଓ ଅବୈଧର ପ୍ରଭେଦ) ଅଲ୍ଲାଃତାଲାଙ୍କ ଆଦେଶର ମୁକାବିଲାରେ ନିଜର ଚିରାଚରିତ ଅଭ୍ୟାସ ଓ ପ୍ରଥାକୁ ପରିତ୍ୟାଗ କରିବା ପାଇଁ ରହିଥିବା କଟକଣା ଯୋଗୁ ଇସଲାମର ଦ୍ୱାର ଅତି ସଂକୀର୍ଣ୍ଣ ହୋଇ ରହିଛି । ଏହି କାରଣ ହେତୁ ପ୍ରତ୍ୟେକ ବ୍ୟକ୍ତି ସେ ଦ୍ୱାରରେ ପ୍ରବେଶ କରିପାରନ୍ତି ନାହିଁ । (ମଲ୍‌ଫୂଜାତ, ଖଣ୍ଡ ୫, ପୃ ୬୧୪, ନୂତନ ସଂସ୍କରଣ)

ଏହାଦ୍ୱାରା ପୁରୁଷମାନେ ବୁଝିପାରିଥିବେ ଯେ ସେମାନଙ୍କ ଚକ୍ଷୁ ମଧ୍ୟ ସର୍ବଦା ଅବନତ ରହିବା ଉଚିତ । ଲଜ୍ଜା କେବଳ ମହିଳାମାନଙ୍କ ପାଇଁ ନୁହେଁ, ପୁରୁଷମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । ପୁଣି ସେ ବର୍ଣ୍ଣନା କରିଛନ୍ତି: 'ଈଶ୍ୱର 'ଖୁଲ୍‌କ୍ ଏ ଏହସାନ୍' ଅର୍ଥାତ୍ ପବିତ୍ରତାର ପ୍ରାପ୍ତି ସକାଶେ କେବଳ ଉତ୍ତମ ଶିକ୍ଷା ହିଁ ଦେଇନାହାନ୍ତି ବରଂ ମନୁଷ୍ୟ ଆତ୍ମାକୁ ଶୁଦ୍ଧପୁତ କରିବା ପାଇଁ ପାଞ୍ଚଗୋଟି ଉପଚାର ମଧ୍ୟ ଶିଖାଇଛନ୍ତି । ଯେପରି ନିଜ ଚକ୍ଷୁକୁ କୌଣସି ବାହ୍ୟ ଅଯାଚିତ ମହିଳା ଉପରେ ଦୃଷ୍ଟି ନିକ୍ଷେପ କରିବାରୁ ବଞ୍ଚିତ ରଖିବା, ନିଜର କର୍ଣ୍ଣକୁ ବର୍ଜନୀୟ ମହିଳାଙ୍କ ଶବ୍ଦ ଶୁଣିବାରୁ ବଞ୍ଚିତ ରଖିବା ଓ ସେମାନଙ୍କ ସମ୍ବନ୍ଧରେ ହେଉଥିବା କୌଣସି ଆଲୋଚନାକୁ ନ ଶୁଣିବା । ଏପରି କୌଣସି କାର୍ଯ୍ୟକ୍ରମ ବା ଉତ୍ସବକୁ ଯିବାରୁ ନିଜକୁ ବଞ୍ଚିତ ରଖିବା, ଯେଉଁଠାକୁ ଯିବା ଦ୍ୱାରା ଏପରି କାମ ପ୍ରବୃତ୍ତି ଉତ୍ପନ୍ନ ହେବାର ଆଶଙ୍କା ଥିବ । ଯଦି ବିବାହ କରି ନଥିବ, ତେବେ ରୋଜା ରଖିବା ଦ୍ୱାରା ଆହାରକୁ ନିୟନ୍ତ୍ରଣ କରିବା ଇତ୍ୟାଦି ।'

ସେ ବର୍ଣ୍ଣନା କରିଛନ୍ତି, 'ଏଠାରେ ମୁଁ ବଡ଼ ଦାବୀର ସହିତ କହୁଛି ଯେ ଏପରି ଉତ୍କୃଷ୍ଟ ଶିକ୍ଷା ସମସ୍ତ ଉପାୟ ସହିତ ଯାହା ପବିତ୍ର କୁରଆନ ବର୍ଣ୍ଣନା କରିଛି, କେବଳ ଇସଲାମ୍‌ର ହିଁ ବୈଶିଷ୍ଟ୍ୟ ପ୍ରତିପାଦନ କରେ । ଏଠାରେ ଆଉ ଏକ ବିଷୟ ସ୍ମରଣ ରଖିବା ଯୋଗ୍ୟ, ଯେହେତୁ ମନୁଷ୍ୟର ସ୍ୱାଭାବିକ ପ୍ରବୃତ୍ତି ଯେଉଁଥିରେ କାମ ବାସନାର ଉତ୍ସ ରହିଛି, ସଂପୂର୍ଣ୍ଣ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ସେଥିରୁ ପୃଥକ ହୋଇପାରିବ ନାହିଁ । କାମ ବାସନା ସମୟ ଓ ସୁଯୋଗ ପାଇ ଯେପରି ଉତ୍ତେଜନା ପ୍ରବଣ ହୁଏ,

ତହିଁରୁ ରୋକି ହୁଏ ନାହିଁ । କିମ୍ବା ଏହା କହିପାରିବା ଯେ ଅତ୍ୟଧିକ ସଂକଟରେ ପଡ଼ିଯାଏ । ଏଇଥିପାଇଁ ଅଲ୍ଲାଃତାଲା ଆମଙ୍କୁ ଏପରି ଶିକ୍ଷା ଦେଇ ନାହାନ୍ତି ଯେ ଆମେ କେବଳ ଅପରିଚିତା ନବ ଯୌବନା ମହିଳାମାନଙ୍କ ସୌନ୍ଦର୍ଯ୍ୟରେ ବଶୀଭୂତ ହେବା ତଥା ତାଙ୍କର ନୃତ୍ୟ ସଂଗୀତ ଇତ୍ୟାଦି ଶୁଣିବା ବରଂ ପବିତ୍ର ବିଚାର ସହିତ ଶୁଣିବା । କିନ୍ତୁ ଅମକୁ ଏହା ତାଗିଦ କରାଯାଇଛି ଯେ ଅପରିଚିତ ନାରୀର ଶୋଭନୀୟ ଓ ମନଲୋଭା ଗୀତନାଚ ତଥା ସେମାନଙ୍କ ସୌନ୍ଦର୍ଯ୍ୟର ପ୍ରଶଂସା ଆଦୌ ଶୁଣିବା ନାହିଁ । ପବିତ୍ର ଦୃଷ୍ଟିରେ ହେଉ କି ଅପବିତ୍ର ଭାବନାରେ । ବରଂ ଏ ସମସ୍ତ ବିଷୟ ଦେଖିବା ଓ ଶୁଣିବା ମନୋବୃତ୍ତିକୁ ଘୃଣା କରିବା ଉଚିତ, ଯେପରିକି ମୁର୍ଦ୍ଦାରକୁ ଘୃଣା କରାଯାଏ । ନଚେତ୍ ଠୋକର୍ ଖାଇବା ନିଶ୍ଚିତ । ଯେହେତୁ ପ୍ରଭୁ ଚାହୁଛନ୍ତି ଯେ ଆମ ଚକ୍ଷୁ, ହୃଦୟ ଓ ବିଚାର ଭାବନା ସବୁକିଛି ପବିତ୍ର ରହୁ । ତେଣୁ ସେ ଏହି ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିଛନ୍ତି । ନିଃସନ୍ଦେହରେ ଅତ୍ୟଧିକ ସ୍ୱାଧିନତା ଠୋକର ଖାଇବାର କାରଣ ହୋଇଥାଏ । ଯଦି ଆମେ କୌଣସି କ୍ଷୁଧାତୁର କୁକୁର ସମ୍ମୁଖରେ ନରମ ନରମ ରୁଟି ରଖିଦେଇ ଆଶା କରିବା ଯେ ସେ କୁକୁରର ରୁଟି ପ୍ରତି କୌଣସି ଖିଆଲ ମଧ୍ଯ ଆସିବ ନାହିଁ, ତେବେ ଆମେ ଭୁଲ ଧାରଣା ରଖିଛେ । ତେଣୁ ପ୍ରଭୁ ଚାହିଲେ ଯେ ଶରୀରର ମନ୍ଦ ଭାବନାତ୍ମକ ଶକ୍ତିକୁ ଗୁପ୍ତ କାର୍ଯ୍ୟ ନିମନ୍ତେ ସୁଯୋଗ ନମିଳୁ ଓ ଏପରି କୌଣସି ଅବସର ହିଁ ନଆସୁ ଯେଉଁଥିରେ ମନ୍ଦ ଭାବନା ଜାଗ୍ରତ ହେଉ ।

(ଇସଲାମୀ ଓସୁଲକି ଫଲାସଫି, ରୁହାନି ଖଜାଏ୍ଵିନ, ଗ୍ରନ୍ଥଖଣ୍ଡ ୧୦, ପୃ ୩୪୩ - ୩୪୪)

# ଅନୈତିକ କାର୍ଯ୍ୟରୁ ଦୂରେଇ ରୁହ

ପୁଣି ଏହି ଦ୍ୱିତୀୟ ସର୍ତ୍ତର ଚତୁର୍ଥ ଶ୍ରେଣୀର କୁକର୍ମ ହେଉଛି ଅନୈତିକ କର୍ମରୁ ଦୂରେଇ ରହିବା । ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ବର୍ଣ୍ଣନା କରିଛନ୍ତି

﴿وَاعْلَمُوْا اَنَّ فِيْكُمْ رَسُوْلَ اللّٰهِ لَوْ يُطِيْعُكُمْ فِيْ كَثِيْرٍ مِّنَ الْاَمْرِ لَعَنِتُّمْ وَلٰكِنَّ اللّٰهَ حَبَّبَ اِلَيْكُمُ الْاِيْمَانَ وَزَيَّنَهٗ فِيْ قُلُوْبِكُمْ وَكَرَّهَ اِلَيْكُمُ الْكُفْرَ وَالْفُسُوْقَ وَالْعِصْيَانَ ـ اُوْلٰٓئِكَ هُمُ الرّٰشِدُوْنَ﴾

ୱାଅଲମୁ ଅନ୍ନା ଫିକୁମ୍ ରସୁଲଲ୍ଲାହି ଲୌୟୁତିଇକୁମ୍ ଫି କସିରିମ୍ ମିନଲ୍ ଅମ୍‌ରି ଲଅନିତୁମ୍ ୱଲାକିନ୍ନଲ୍ଲାହା ହବ୍‌ବବା ଏଲୈକୁମୁଲ୍ ଇମାନା

ଓ୍ୱଲୈୟନହୂ ଫି କୁଲୁବିକୁମ୍ ଓ୍ୱ କର୍‌ରହା ଇଲୈହକୁମୁଲ୍ କୁଫ୍‌ରା ଓ୍ୱଲ୍ ଫୁସୁକା ଓ୍ୱଲ୍‌ଇସ୍‌ୟାନା – ଉଲାଇକା ହୁମୁର୍ ରାଶିଦୁନ ।

ଅର୍ଥାତ 'ଏବଂ ଜାଣିରଖ ! ତୁମମାନଙ୍କ ମଧ୍ୟରେ ଅଲ୍ଲାଃଙ୍କ ରସୁଲ ଉପସ୍ଥିତ ଅଛନ୍ତି । ଯଦି ସେ ତୁମର ଅଧିକାଂଶ କଥା ମାନି ନିଅନ୍ତି, ତେବେ ତୁମେ ନିଶ୍ଚୟ ଅସୁବିଧାରେ ପଡ଼ିଯିବ । କିନ୍ତୁ ଅଲ୍ଲାଃତାଲା ତୁମପାଇଁ ବିଶ୍ୱାସକୁ ପ୍ରିୟ କରି ଦେଇଛନ୍ତି ଓ ଏହାକୁ ତୁମ ହୃଦୟରେ ସାଇତି ରଖିଛନ୍ତି । ଏବଂ ତୁମ ପାଇଁ ଅବିଶ୍ୱାସ ଓ ଅବଜ୍ଞା ପ୍ରତି ଅତ୍ୟଧିକ ଘୃଣା ଜାତ କରାଇ ଦେଇଛନ୍ତି । ଏମାନେ ସେହି ବ୍ୟକ୍ତି, ଯେଉଁମାନେ ସତ୍‌ମାର୍ଗ ପ୍ରାପ୍ତ କରିଛନ୍ତି ।'

**(ଅଲ ହୁଜୁରାତ୍ ୮)**

ଗୋଟିଏ ହଦିସ୍‌ରେ ଅସଓ୍ୱଦ୍ ଅବୁ ହୁରେରା[ରଅ]ଙ୍କ ଠାରୁ ଶୁଣିଛନ୍ତି ଯେ ରସୁଲୁଲ୍ଲା[ସଅ] କହିଥିଲେ 'ଯେତେବେଳେ ତୁମମାନଙ୍କ ମଧ୍ୟରୁ କେହି ରୋଜା ରଖିଥିବ, ତେବେ ସେ ଅଶ୍ଳୀଳ କଥା କହନ୍ତୁ ନାହିଁ, ଦୁରାଚାର ଜନିତ କୁଭାଷା କହନ୍ତୁ ନାହିଁ ତଥା ଅଜ୍ଞାନତା ପୂର୍ଣ୍ଣ କଥା କହନ୍ତୁ ନାହିଁ । ଯେ କେହି ରୋଜାଦାର ସହିତ ନିର୍ବୋଧ ବ୍ୟବହାର କରେ, ତେବେ ତାକୁ ଏପରି କହୁ ଯେ ମୋତେ କ୍ଷମାକର, ମୁଁ ଜଣେ ରୋଜାଦାର । (ମୁସନଦ୍ ଅହମଦ ବିନ୍ ହମ୍ବଲ୍, ଖଣ୍ଡ ୧, ପୃଷ୍ଠା ୩୫୬)

ହଜରତ୍ ମୁହମ୍ମଦ[ସଅ] ବର୍ଣ୍ଣନା କରିଛନ୍ତି ଯେ ବିଶ୍ୱାସକାରୀ ସହିତ ଗାଳିଗୁଲଜ କରିବା ଏକ ମନ୍ଦ କର୍ମ । ଏବଂ ତା'ସହିତ ଯୁଦ୍ଧ କରିବା ଅଧର୍ମ ।

(ମୁସନଦ୍ ଅହମଦ ବିନ୍ ହମ୍ବଲ୍, ଖଣ୍ଡ ୧, ପୃ ୪୩୯)

ଅବ୍ଦୁର୍ ରହମାନ ବିନ୍ ସିବଲ୍ ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲା[ସଅ] ଏହିପରି କହିଛନ୍ତି 'ବ୍ୟପାରିମାନେ ପାପୀ ଲୋକ ।' ପୁଣି ତାକୁ ପଚାରାଗଲା 'ହେ ଅଲ୍ଲାଃଙ୍କ ରସୁଲ୍ ! କ'ଣ ଅଲ୍ଲାଃତାଲା ବ୍ୟବସାୟକୁ ବୈଧ କରିନାହାନ୍ତି ?' ତହୁଁ ସେ ଉତ୍ତର ଦେଲେ, 'କାହିଁକି ନୁହେଁ କିନ୍ତୁ ଯେତେବେଳେ ସେମାନେ କିଣାବିକା କରନ୍ତି, ସେମାନେ ମିଥ୍ୟା କୁହନ୍ତି ଏବଂ ରାଣ ଖାଇ ମୂଲ୍ୟ ବଢ଼ାଇ ଥାଆନ୍ତି' ।

ବର୍ଣ୍ଣନାକାରୀ କହିଛନ୍ତି ରସୁଲୁଲ୍ଲା[ସଅ] ଆହୁରି କହିଲେ 'ଦୁରାଚାରୀ ବ୍ୟକ୍ତି ନର୍କଗାମୀ ।' ତାଙ୍କୁ ପଚରାଗଲା ଯେ ଦୁରାଚାରୀ କିଏ ? ମହାଭାଗ କହିଲେ, 'ମହିଳାମାନେ ମଧ୍ୟ ଦୁରାଚାରୀ ହୁଅନ୍ତି ।' ଜଣେ ବ୍ୟକ୍ତି ପଚାରିଲା 'ହେ ଅଲ୍ଲାଃଙ୍କ ରସୁଲ ! କଣ ସେମାନେ ଆମର ମାତା, ଭଗ୍ନି ଓ ପତ୍ନୀ ନୁହନ୍ତି ?' ରସୁଲୁଲ୍ଲା[ସଅ] କହିଲେ 'କାହିଁକି ନୁହେଁ ? କିନ୍ତୁ ଯେତେବେଳେ ସେମାନଙ୍କୁ କିଛି ଦିଆଯାଏ, ସେମାନେ

କୃତଜ୍ଞ ହୁଅନ୍ତି ନାହିଁ ଓ ଯେତେବେଳେ କୌଣସି ପରୀକ୍ଷାରେ ପଡ଼ି ବିପଦ ଆପଦ ବା ଅସୁବିଧା ହୋଇଯାଏ, ସେତେବେଳେ ଧୈର୍ଯ୍ୟହରା ହୋଇଯାନ୍ତି ।

(ମୁସନଦ୍ ଅହମଦ ବିନ୍ ହମ୍ବଲ୍, ଖଣ୍ଡ ୩, ପୃଷ୍ଠା ୪୨୮)

ସୁତରାଂ ଏହା ବ୍ୟବସାୟୀମାନଙ୍କ ପାଇଁ ଚିନ୍ତାର ବିଷୟ ଯେ ଅତି ସ୍ୱଚ୍ଛ ଓ ସାଧୁତା ପୂର୍ବକ ବ୍ୟାପାର କରିବା ଉଚ୍ଚିତ୍ । ଏହା ମଧ୍ୟ ବୈଅତର ସର୍ତ୍ତାବଳୀର ଏକ ନିୟମ ।

ହଜରତ ମସିହ ମଉଦ୍[ଅସ] କହିଛନ୍ତି 'ପବିତ୍ର କୁର୍‌ଆନରୁ ପ୍ରମାଣିତ ହୁଏ ଯେ ଅବିଶ୍ୱାସକାରୀଙ୍କ ପୂର୍ବରୁ ପ୍ରଥମେ (ଫାସିକ୍) ଦୁରାଚାରୀଙ୍କୁ ଶାସ୍ତି ଦେବା ଉଚିତ.... ବିଧିର ଏହା ବିଧାନ ଯେ ଯେତେବେଳେ ଗୋଟିଏ ଜାତି ବା ବ୍ୟକ୍ତି ଦୁରାଚାରୀ ହୋଇଯାନ୍ତି, ସେତେବେଳେ ସେ ଅନ୍ୟ ଏକ ଜାତିଙ୍କୁ ତାଙ୍କ ଉପରେ ବିଜୟ ପ୍ରଦାନ କରିଥାନ୍ତି । ଅର୍ଥାତ୍ ତାଙ୍କ ଉପରେ ଆଧିପତ୍ୟ ପ୍ରଦାନ କରନ୍ତି'

(ମଲଫୁଜାତ୍, ଖଣ୍ଡ ୨, ପୃ ୬୫୩ ନୂତନ ସଂସ୍କରଣ)

ପୁଣି କହିଛନ୍ତି, 'ଯେତେବେଳେ ସେମାନେ ଅନୈତିକ କାର୍ଯ୍ୟ କଳାପରେ ସୀମା ଉଲଘଂନ କରିଛନ୍ତି ଓ ଏକ ପ୍ରଭୁଙ୍କ ଆଦେଶର ଅବମାନନା କରିଛନ୍ତି ଏବଂ ଅଲ୍ଲାଃତାଲାଙ୍କର ଚିହ୍ନମାନଙ୍କ ପ୍ରତି ସେମାନଙ୍କ ମନରେ ଘୃଣାଭାବ ଜାତ ହୋଇଯାଇଛି ଏବଂ ସାଂସାରୀକ ମୋହମାୟାରେ ଲିପ୍ତ ହୋଇ ଯାଇଛନ୍ତି, ସେତେବେଳେ ଅଲ୍ଲାଃତାଲା ମଧ୍ୟ ସେମାନଙ୍କୁ ହଲାକୁ ଖାଁ, ଚଙ୍ଗେଜ୍ ଖାଁ ଆଦିଙ୍କ ଦ୍ୱାରା ବିନାଶ କରାଇଲେ । ଉଲ୍ଲେଖ ଅଛି ଯେ ସେ ସମୟରେ ଆକାଶରୁ ଏହି ଶବ୍ଦ ଶୁଣା ଯାଉଥିଲା :

اَيُّهَا الْكُفَّارُ اُقْتُلُو االْفُجَّارَ

ଆୟୋହଲ୍ କୁଫାରୋ ଉକ୍‌ତୁଲୁଲ୍ ଫୁଯ୍‌ଯାର

ଅର୍ଥାତ 'ହେ କାଫିର୍‌ମାନେ ! ଦୁରାଚାରୀଙ୍କୁ ବଧ କର ।' ସୁତରାଂ ମନ୍ଦ ଆଚରିତ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଅବିଶ୍ୱାସକାରୀ (କାଫିର)ମାନଙ୍କ ଠାରୁ ମଧ୍ୟ ହୀନ ଓ ଘୃଣାର ପାତ୍ର । (ମଲଫୁଜାତ୍, ଖଣ୍ଡ ୩, ପୃ ୧୦୮)

ପୁଣି କହିଛନ୍ତି, ଅତ୍ୟାଚାରୀ ଓ ଦୁରାଚାରୀ ବ୍ୟକ୍ତିଙ୍କ ପ୍ରାର୍ଥନା ଗ୍ରହୀତ ହୁଏ ନାହିଁ । କାରଣ ସେମାନେ ଈଶ୍ୱରଙ୍କ ପ୍ରତି ବେଖାତିର ଭାବ ପ୍ରକଟ କରି ଥାଆନ୍ତି ତେଣୁ ପ୍ରଭୁ ମଧ୍ୟ ତାଙ୍କ ପ୍ରତି ବେଖାତିର ହୋଇଯାନ୍ତି । କୌଣସି ପୁତ୍ର ଯଦି ବାପର ସମ୍ମାନ

ନକରେ ଓ  ଦୁଷ୍ଟପୁତ୍ର ହୋଇଥାଏ, ତେବେ ବାପ କିପରି ତା'ର ଚିନ୍ତା କରିବ । ତା'ହେଲେ ପ୍ରଭୁ କାହିଁକି ତା' ପ୍ରତି ଧ୍ୟାନ ଦେବେ ।

(ତଫସିର, ହଜରତ୍ ମସିହ ମଉଦ୍[ଅସ] ଖଣ୍ଡ ୩, ପୃ ୬୧୧)

# ଅତ୍ୟାଚାର କରନାହିଁ

ପୁଣି ଦ୍ୱିତୀୟ ସର୍ତ୍ତରେ ରହିଛି ଯେ ଅତ୍ୟାଚାର କରିବ ନାହିଁ । ପବିତ୍ର କୁରଆନ୍‌ରେ ଉଲ୍ଲେଖ ଅଛି :

﴿فَاخۡتَلَفَ الۡاَحۡزَابُ مِنۡۢ بَیۡنِہِمۡ ۚ فَوَیۡلٌ لِّلَّذِیۡنَ ظَلَمُوۡا مِنۡ عَذَابِ یَوۡمٍ اَلِیۡمٍ﴾

ଫଖ୍‌ତଲଫଲ୍ ଅହ୍‌ଜାବୁ ମିମ୍ ବୈନିହିମ୍ – ଫୱେଲୁଲ୍ ଲିଲ୍ଲଜିନା ଜଲମୁମିନ୍ ଅଜାବିନ୍ ୟୋମ୍ ଅଲିମ୍

ଏହାର ଅର୍ଥ ହେଉଛି 'ଏମାନଙ୍କ ମଧ୍ୟରୁ ହିଁ ଦଳଗୁଡିକ ମଧ୍ୟରେ ମତଭେଦ ସୃଷ୍ଟି ହୋଇଗଲା । ତେଣୁ ସେମାନଙ୍କ ଉପରେ ଅତ୍ୟନ୍ତ ଯନ୍ତ୍ରଣା ଦାୟକ ଶାସ୍ତି ଆସିଲା, ଯେଉଁମାନେ ଅତ୍ୟାଚାର କରିଥିଲେ' । **(ଅଲ୍ ଜୁଖ୍‌ରଫ୍ ୬୬)**

ହଜରତ୍ ଯାବିର[ରଅ] ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ମୁହମ୍ମଦ[ସଅ] କହିଥିଲେ 'ଅତ୍ୟାଚାରରୁ ବଞ୍ଚିତ ରୁହ । କାରଣ ଅତ୍ୟାଚାର ମହାପ୍ରଳୟ ଦିନ ଘନ ଅନ୍ଧକାର ହୋଇ ସମ୍ମୁଖକୁ ଆସିବ । ଲୋଭ, କୃପଣତା, ଇର୍ଷା ଓ ଦ୍ୱେଷଭାବରୁ ବଞ୍ଚିତ ରୁହ । କାରଣ ଲୋଭ, କୃପଣତା ଓ ଇର୍ଷା ଦ୍ୱେଷ ଭାବ ଅତୀତର ଲୋକମାନଙ୍କୁ ବିନାଶ କରିଥିଲା ।  ଏ ସମସ୍ତ ଅସତ୍‌କର୍ମ ସେମାନଙ୍କୁ ରକ୍ତପାତ କରିବାକୁ ପ୍ରେରିତ କରିଥିଲା ଓ ତାଙ୍କ ଦ୍ୱାରା ସମ୍ମାନଜନକ ବସ୍ତୁମାନଙ୍କର ଅପମାନ କରାଇଥିଲା ।

(ମସ୍‌ନଦ୍ ଅହମଦ ବିନ ହମ୍ବଲ, ଖଣ୍ଡ ୩, ପୃ ୩୨୩)

ଏହିପରି ଅନ୍ୟର ଅଧିକାରକୁ ନଦେବା ଅଥବା ଆତ୍ମସାତ୍ କରିବା ମଧ୍ୟ ଅତ୍ୟାଚାର ଅନ୍ତର୍ଭୁକ୍ତ । ହଜରତ୍ ଅବ୍ଦୁଲ୍ଲା ବିନ୍ ମସ୍‌ଉଦ୍[ରଅ] ବର୍ଣ୍ଣନା କରିଛନ୍ତି ଯେ ମୁଁ ପଚାରିଲି 'ହେ ଅଲ୍ଲାଃଙ୍କ ରସୁଲ୍ ! କେଉଁପରି ଅତ୍ୟାଚାର ସବୁଠାରୁ ବଡ଼ ବୋଲାଏ ?' ମହାଭାଗ ଉତ୍ତର ଦେଲେ 'ସବୁଠାରୁ ବଡ଼ ଅତ୍ୟାଚାର ହେଉଛି ଯେ କୌଣସି ବ୍ୟକ୍ତି ନିଜ ଭାଇର ଅଧିକାରଭୁକ୍ତ ସମ୍ପତ୍ତିରୁ ଯଦି ହାତେ ଜମି ମାଡ଼ି ବସେ, ସେହି ଜମିର ଗୋଟିଏ ଗୋଡ଼ି ମଧ୍ୟ ଯାହାକୁ ସେ ଅତ୍ୟାଚାର କରି ବଳପୂର୍ବକ ପ୍ରାପ୍ତ କରିଛି, ସେ ଜମିର ସମସ୍ତ ପରସ୍ତକୁ ଗଳାର ଶିକୁଳି କରି କୟାମତ୍ ଦିନ ତା' ବେକରେ ପିନ୍ଧାଇ

ଦିଆଯିବ । ସେ ଜମିର ଗଭୀରତାର ଜ୍ଞାନ ସେହି ମହାନ ଅସ୍ତିତ୍ୱ ବ୍ୟତୀତ ଆଉ କାହାକୁ ଜଣାନାହିଁ, ଯିଏ ଏହାକୁ ଜନ୍ମ ଦେଇଛନ୍ତି ।

(ମସନଦ୍ ଅହମଦ୍ ବିନ୍ ହମ୍ବଲ, ଖଣ୍ଡ ୧, ପୃ ୩୯୬)

କେତେକ ବ୍ୟକ୍ତି ଯେଉଁମାନେ ନିଜ ଭାଇ ଭଉଣୀ ତଥା ପଡୋଶୀମାନଙ୍କର ଅଧିକାର ଦିଅନ୍ତି ନାହିଁ ଓ କଳିଗୋଳ କରି ସମ୍ପତ୍ତିକୁ କରାୟତ କରି ନିଅନ୍ତି ଓ ଜମିକୁ ବଳ ପୂର୍ବକ ଦଖଲ କରି ନିଅନ୍ତି, ସେମାନଙ୍କୁ ଏହି ବିଷୟରେ ଚିନ୍ତା କରିବା ଉଚିତ । ଅହମଦି ହେବା ପରେ ଯେହେତୁ ଉକ୍ତ ସର୍ତ୍ତ ସହିତ ଆମେ ବୈଅତ୍ କରିଛେ ଯେ ଆମେ କାହାର ଅଧିକାରକୁ ଆତ୍ମସାତ୍ କରିବୁ ନାହିଁ ଓ କାହାରି ପ୍ରତି ଅତ୍ୟାଚର କରିବୁ ନାହିଁ, ତେଣୁ ଏହା ଏକ ସାଂଘାତିକ ବିଷୟ ।

ଏକ ହଦିସରେ ଉଲ୍ଲେଖ ରହିଛି, ହଜରତ ଅବୁହୁରେରା[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ୍ ମୁହମ୍ମଦ[ସଅ] ଏହିପରି କହିଥିଲେ : 'କ'ଣ ତୁମେ ଜାଣିଛ ଯେ ଗରୀବ କିଏ ?' ଆମେମାନେ କହିଲୁ ଯାହା ପାଖରେ ଧନ, ସମ୍ପତ୍ତି ନଥାଏ । ତହୁଁ ମହାଭାଗ ଉତ୍ତର ଦେଲେ 'ମୋ ଉମ୍ମତ୍ (ସଂପ୍ରଦାୟ) ମଧ୍ୟରେ ନିର୍ଧନ ସେହି ବ୍ୟକ୍ତି, ଯିଏ କୟାମତ୍ ଦିନ ରୋଜା, ନମାଜ, ଜକାତ ଇତ୍ୟାଦି ସବୁ କର୍ମ ନିଜ ସାଥିରେ ନେଇ ଯାଇଥିବ, ଅଥଚ ସେ କାହାରିକୁ ଗାଳି ଦେଇଥିବ, କାହାର ଅପନିନ୍ଦା କରିଥିବ, କାହାର ଧନ ଖାଇ ଥିବ ଓ କାହାର ଅଯଥା ରକ୍ତପାତ କରିଥିବ କିମ୍ବା କାହାରିକୁ ଜୀବନରୁ ମାରିଥିବ । ସୁତରାଂ ସେହି ଅତ୍ୟାଚାରୀତ ଲୋକମାନଙ୍କୁ ତା'ର ସମସ୍ତ ସତକର୍ମର ଫଳ ଦିଆଯିବ । ଏପରି ଯଦି ସେହି ଅତ୍ୟାଚାରୀତ ବ୍ୟକ୍ତିମାନଙ୍କ ଅଧିକାର ଦେବା ପୂର୍ବରୁ ତାହାର ପୁଣ୍ୟ ଶେଷ ହୋଇ ଯାଇଥିବ, ତେବେ ସେମାନଙ୍କ ପାପ ତା ଉପରେ ଲଦି ଦିଆଯିବ । ଏପରି ଭାବରେ ତାକୁ ବୈକୁଣ୍ଠ ପରିବର୍ତ୍ତେ ନର୍କରେ ପକାଇ ଦିଆଯିବ । ଏହି ବ୍ୟକ୍ତି ବାସ୍ତବରେ ନିର୍ଧନ ପଦବାଚ୍ୟ ।

(ମୁସଲିମ୍, କିତାବୁଲ ବର୍ରେ ଓସିଲା, ଭାଗ ତହରିମୁଲ ଜୁଲ୍ମ)

ବର୍ତ୍ତମାନ ଚିନ୍ତା କରନ୍ତୁ, ଯାହା ଆମ ସମସ୍ତଙ୍କୁ ଚିନ୍ତା କରିବା ଆବଶ୍ୟକ ମଧ୍ୟ ଯେ ଯେଉଁମାନେ ଏପରି ଅନିଷ୍ଟକର କାର୍ଯ୍ୟ କରନ୍ତି, ସେମାନଙ୍କ ପାଇଁ ଭୟଙ୍କର ବିପଦ ରହିଛି । ଅଲ୍ଲାଃତାଲା କରନ୍ତୁ ଯେ ଆମମାନଙ୍କ ମଧ୍ୟରୁ କେହି ହେଲେ ଏପରି ଦୟନୀୟ ଅବସ୍ଥାରେ ଅଲ୍ଲାଃତାଲାଙ୍କ ଛାମୁରେ କଦାପି ଉପସ୍ଥିତ ନ ହୁଅନ୍ତୁ ।

ହଜରତ୍ ମସିହ ମଉଦ[ଅସ] କହିଛନ୍ତି 'ମୋ ଜମାଅତର ସମସ୍ତ ବ୍ୟକ୍ତି ଯେଉଁମାନେ ଏଠାରେ ଉପସ୍ଥିତ ଅଛନ୍ତି କିମ୍ବା ନିଜ ପାଖରେ ବାସ କରୁଛନ୍ତି, ଏହି

ଇଚ୍ଛାପତ୍ରକୁ ଧ୍ୟାନ ପୂର୍ବକ ଶୁଣନ୍ତୁ । ସେ ସମସ୍ତ ବ୍ୟକ୍ତି ଯେଉଁମାନେ ଏହି ସଂପ୍ରଦାୟର ଅନ୍ତର୍ଭୁକ୍ତ ହୋଇ ମୋ ସହିତ ଆସ୍ଥା ସ୍ଥାପନ ପୂର୍ବକ ବୈଅତ ଦ୍ୱାରା ସମ୍ପର୍କ ରଖୁଛନ୍ତି, ସେମାନଙ୍କ ସକାଶେ ମୋର କହିବାର ଅଭିପ୍ରାୟ ହେଉଛି ଯେ ସେମାନେ ସଦାଚାର ଓ ଆଦର୍ଶ କାର୍ଯ୍ୟ କଳାପ ସହିତ ସଂଯମ ରକ୍ଷା କରିବାର ଶ୍ରେଷ୍ଠତମ ସ୍ତରକୁ ପହଞ୍ଚି ଯାଆନ୍ତୁ । ଏବଂ କୌଣସି ବିଶୃଙ୍ଖଳା, ଷଡ଼ଯନ୍ତ୍ର ଓ କୁତ୍ସିତ କର୍ମ ଯେପରି ତାଙ୍କ ନିକଟକୁ ନ ଆସିବ । ସେମାନେ ପାଞ୍ଚବେଳା ନମାଜ ନିୟମିତ ଧାରାରେ ପାଠ କରିବାରେ ଅଭ୍ୟସ୍ତ ହୁଅନ୍ତୁ । ସେମାନେ ମିଥ୍ୟାବାଦୀ ନହୁଅନ୍ତୁ । କାହାରିକୁ ମୌଖିକ କଷ୍ଟ ନ ଦିଅନ୍ତୁ ନାହିଁ କୌଣସି ପ୍ରକାରର କୁମନ୍ତ୍ରଣାରେ ପଡନ୍ତୁ ନାହିଁ । ଅତ୍ୟାଚାର ତଥା ବିଦ୍ରୋହାତ୍ମକ ବିଚାର ମନରେ ନ ଆଣନ୍ତୁ । ଅର୍ଥାତ୍ ପ୍ରତ୍ୟେକ ପ୍ରକାରର ପାପ, ଅପରାଧ ଓ କୌଣସି ଅନୈତିକ ତଥା ଅନୁଚିତ କର୍ମ ଏବଂ କାମୋତ୍ତେଜିତ ଭାବନା ଓ ଦୁଷ୍କର୍ମରୁ ବଞ୍ଚିତ ରୁହନ୍ତୁ । ପ୍ରଭୁଙ୍କ ସହିତ ପବିତ୍ର ହୃଦୟରେ ଧ୍ୟାନ କରିବା, କାହାରି ମନରେ କଷ୍ଟ ନଦେବାର ପୁଣ୍ୟ ଭାବନା ଆଣିବା ସହିତ ବିନମ୍ର ଭକ୍ତ ହୋଇଯାଆନ୍ତୁ । ଏବଂ କୌଣସି ବିଷାକ୍ତ ତତ୍ତ୍ୱ ବା ବିଷାକ୍ତ ସ୍ୱଭାବ ତା' ବ୍ୟକ୍ତିତ୍ୱରେ ନରହୁ.... ଏବଂ ସମସ୍ତ ମାନବଜାତି ପ୍ରତି ସହାନୁଭୂତି ତାଙ୍କ ଜୀବନର ସିଦ୍ଧାନ୍ତ ହେଉ ତଥା ତାଙ୍କର ପ୍ରଭୁଙ୍କ ପ୍ରତି ଭୟ ରହୁ । ନିଜ ଜିହ୍ୱା, ନିଜ ହସ୍ତ ଓ ନିଜ ହୃଦୟର ଭାବନାକୁ ପ୍ରତ୍ୟେକ ଅପବିତ୍ର ଓ ଖଳ ପ୍ରକୃତିର ଉପାୟ ତଥା ଆତ୍ମସାତ କରିବାରୁ ବଞ୍ଚିତ ରଖନ୍ତୁ । ପାଞ୍ଚ ବେଳା ନମାଜକୁ ନିୟମିତ ରୂପେ ପ୍ରତିଷ୍ଠିତ ରଖନ୍ତୁ । ଏବଂ ଅତ୍ୟାଚାର, ବିଶୃଙ୍ଖଳା ତଥା ଛଳ କପଟ ପୂର୍ଣ୍ଣ ଆଚରଣ,ଲୋଭାସକ୍ତ ହୋଇ ଲାଞ୍ଚ ନେବା, କାହାରି ଅଧିକାରକୁ ଛଡାଇ ନେବା ତଥା ଭୁଲ ଓ ଅନାବଶ୍ୟକ ପକ୍ଷପାତିତା ଠାରୁ ଦୂରେଇ ରୁହନ୍ତୁ । କୌଣସି ଖରାପ ସଙ୍ଗତିରେ ବସନ୍ତୁ ନାହିଁ । ଯଦି ପରେ ପ୍ରମାଣିତ ହୁଏ ଯେ କୌଣସି ବ୍ୟକ୍ତି ତାଙ୍କ ସହିତ ଚଳ ପ୍ରଚଳ କରୁଛି, ତେବେ ସେ ଅଲ୍ଲାଃତାଲାଙ୍କ ଆଦେଶର ଉଲଂଘନ କରୁଛି... କିମ୍ବା ଯେଉଁ ବ୍ୟକ୍ତି ଭକ୍ତମାନଙ୍କ ଅଧିକାରର କୌଣସି ଖାତିର କରନ୍ତି ନାହିଁ ବା ଧ୍ୟାନ ରଖନ୍ତି ନାହଁ କିମ୍ବା ଅତ୍ୟାଚାରୀ ପ୍ରବୃତ୍ତି, ମନ୍ଦ ସ୍ୱଭାବ କିମ୍ବା ଅସଦାଚରଣ ପ୍ରଦର୍ଶନ କରୁଥିବା ବ୍ୟକ୍ତି କିମ୍ବା ଯେଉଁ ବ୍ୟକ୍ତି ସହିତ ତୁମର ଦୀକ୍ଷା ମୂଳକ ଆସ୍ଥାର ସମ୍ବନ୍ଧ ରହିଛି, ତାଙ୍କ ବିଷୟରେ ଅନଧିକାର ଚର୍ଚ୍ଚା ଓ ଅଯଥା ସମାଲୋଚନା କରୁଛି, ଗାଳିଗୁଲଜ ତଥା ମିଥ୍ୟାରୋପ ଲଗାଉଛି ଏବଂ ମିଥ୍ୟାବାଦୀ ହୋଇ ପ୍ରଭୁଙ୍କ ଭକ୍ତମାନଙ୍କୁ ଧୋକା ଦେବାକୁ ଚାହୁଛି । ତେବେ ତୁମପାଇଁ ଏହା ଅନିବାର୍ଯ୍ୟ ହେବ ଯେ ତୁମେ ସେ ସମସ୍ତ କୁକର୍ମକୁ ନିଜ ଠାରୁ ଦୂରେଇ ରଖ । ଏବଂ ସେହି ବ୍ୟକ୍ତି ଠାରୁ ମଧ୍ୟ ବଞ୍ଚିତ ରୁହ, ଯେଉଁମାନେ ମାରାତ୍ମକ । ତୁମମାନଙ୍କ ପାଇଁ ଏହା ଜରୁରୀ ଯେ ତୁମେ ଚେଷ୍ଟା କର

ଯେପରି ତୁମ ଦ୍ୱାରା କୌଣସି ଧର୍ମ, କୌଣସି ଜାତି ଓ କୌଣସି ଗୋଷ୍ଠୀର ଅନିଷ୍ଟ ନହେଉ । ତୁମେ ପ୍ରତ୍ୟେକଙ୍କ ପାଇଁ ସତ୍ ଉପଦେଶ ଦାତା ହୋଇଯାଅ । ଏବଂ ସତର୍କ ରୁହ ଯେପରିକି କୌଣସି ଦୁଷ୍ଟ ଓ ନଷ୍ଟ ଚରିତ୍ର, ଗଣ୍ଡଗୋଳକାରୀ ଓ ଖଳ ପ୍ରକୃତିର ଲୋକ ତୁମ ମେଳରେ ବା ତୁମ ସଭାରେ ପ୍ରବେଶ ନକରନ୍ତୁ । ନା ତୁମ ଘରେ ତୁମ ସହିତ ରୁହନ୍ତୁ । କାରଣ ସେମାନେ ଯେ କୌଣସି ସମୟରେ ତୁମ ପ୍ରତି ଆଘାତ ପହଞ୍ଚାଇବାର କାରଣ ହୋଇପାରନ୍ତି ।

ସେହିପରି କହିଛନ୍ତି 'ଏହା ସେହି ବିଷୟ ଓ ସର୍ତ୍ତଗୁଡ଼ିକର ବର୍ଣ୍ଣନା, ଯାହା ସମ୍ବନ୍ଧରେ ମୁଁ ଆରମ୍ଭରୁ କହି ଆସୁଛି ଯେ ମୋ ଜମାଅତର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏହା ଅନିବାର୍ଯ୍ୟ ହେବ ଯେ ସେମାନେ ମୋର ଏହି ଇଚ୍ଛାପତ୍ର ଉପରେ ପ୍ରତିଷ୍ଠିତ ରହିବେ । ଏବଂ ତୁମ ସଭା ସମିତିମାନଙ୍କରେ ଯେପରି କୌଣସି ପ୍ରକାରର ଅପବିତ୍ରତା ଓ ଥଟ୍ଟା ପରିହାସ ମୂଳକ କାର୍ଯ୍ୟ ନହେବା ଆବଶ୍ୟକ । ଶୁଦ୍ଧଚିତ୍ତ ମନ, ପବିତ୍ର ପ୍ରବୃତ୍ତି ଓ ପବିତ୍ର ଭାବନା ସହିତ ଭୂମିରେ ବିଚରଣ କର । ଏବଂ ମନେରଖ ଯେ ପ୍ରତ୍ୟେକ ପ୍ରକାର ମନ୍ଦ କର୍ମ ବିରୋଧ କରିବା ଯୋଗ୍ୟ ହୋଇ ନଥାଏ । ତେଣୁ ଏହା ଆବଶ୍ୟକ ଯେ ଏଥିପ୍ରତି ଧ୍ୟାନ ନଦେଇ କ୍ଷମା ମାର୍ଜନା କରିବାର ଅଭ୍ୟାସ କର ଓ ଧୈର୍ଯ୍ୟ ତଥା ନିଷ୍ଠାର ସହିତ କାର୍ଯ୍ୟ କର । କାହାରିକୁ ଅନୁଚିତ ଭାବେ ଆକ୍ରମଣ କରନାହିଁ ଓ ନଜର ଉତ୍ତେଜିତ ଭାବନାକୁ ଚାପିରଖ । ଯଦି କୌଣସି ବିଷୟରେ ତାତ୍ତ୍ୱିକ ଆଲୋଚନା କିମ୍ବା ଧର୍ମ ସମ୍ବନ୍ଧୀୟ ବାର୍ତ୍ତାଳାପ କର, ଅଥଚ ଯଦି କେହି ମୂର୍ଖତା ପୂର୍ଣ୍ଣ ବ୍ୟବହାର ତୁମକୁ ଦେଖାଉଛି, ତେବେ ତାଙ୍କୁ କେବଳ ସଲାମ କହି ସେହି ସଭାରୁ ଶୀଘ୍ର ଉଠିଆସ । ଯଦି ତୁମକୁ ଉତ୍ପୀଡ଼ିତ କରାଯାଏ କିମ୍ବା ଗାଳି ଦିଆଯାଏ ତଥା ତୁମ ପ୍ରତି ଅଭଦ୍ର ଭାଷା ପ୍ରୟୋଗ କରାଯାଏ, ତେବେ ସାବଧାନ ରୁହ! ଯେପରିକି ମୁର୍ଖ ସହିତ ତୁମର ପ୍ରତିବାଦ ମୂର୍ଖତାପୂର୍ଣ୍ଣ ନହେବ, ଅନ୍ୟଥା ତୁମେ ମଧ ତାଙ୍କ ପରି ବିବେଚିତ ହେବ । ପ୍ରଭୁ ଚାହୁଁଛନ୍ତି ଯେ ତୁମଙ୍କୁ ନେଇ ଏପରି ଏକ ସମ୍ପ୍ରଦାୟ ପ୍ରସ୍ତୁତ କରିବେ, ଯିଏ କି ସମସ୍ତ ସଂସାର ପାଇଁ ସଦାଚାରୀତା ଓ ସତ୍ୟତାର ଆଦର୍ଶ ହେବ । ତେଣୁ ତୁମମାନଙ୍କ ମଧ୍ୟରୁ ଏପରି ବ୍ୟକ୍ତିମାନଙ୍କୁ ଶୀଘ୍ର ବାହାର କର, ଯେଉଁମାନେ ଦୁଷ୍କର୍ମୀ, କଳହ ପ୍ରିୟ ତଥା ମନ୍ଦ ସ୍ୱଭାବର ଦୃଷ୍ଟାନ୍ତ ହୋଇ ରହିଛନ୍ତି । ଯେଉଁ ବ୍ୟକ୍ତି ଆମ ଜମାଅତ୍‌ରେ ଦାରିଦ୍ର୍ୟ, ସତ୍‌କର୍ମ, ପବିତ୍ରତା, ନମ୍ରତା, ମିଷ୍ଟଭାଷୀ, ଉତ୍ତମ ଚରିତ୍ର ଆଚରଣ ସହକାରେ ନ ରହିପାରୁଛି, ସେ ଶୀଘ୍ର ଆମଠାରୁ ପୃଥକ ହୋଇଯାଉ । କାରଣ ଆମର ପ୍ରଭୁ ଏହା ଚାହାନ୍ତି ନାହିଁ ଯେ ଏପରି ବ୍ୟକ୍ତି ଆମ ମଧ୍ୟରେ ରହନ୍ତୁ । ସେ ଦୁର୍ଭାଗ୍ୟ ପୂର୍ଣ୍ଣ ଭାବେ ଅପମୃତ୍ୟୁ ମରିବ । କାରଣ ସେ ସତ୍‌ପଥକୁ ଗ୍ରହଣ କଲାନାହିଁ । ତୁମେ ପାଞ୍ଚବେଳା ନମାଜ ପାଠ ଦ୍ୱାରା ନିଜର ଓ ଚାରିତ୍ରିକ ଅବସ୍ଥା ସହିତ ପରିଚିତ ହେବ ।

ଯାହାଙ୍କ ଠାରେ ଦୁଷ୍ଟ ଆଚରଣର ବୀଜ ବା ତତ୍ତ୍ୱ ରହିଥିବ, ସେ ଏହି ଉପଦେଶ ଉପରେ ପ୍ରତିଷ୍ଠିତ ରହିପାରିବ ନାହିଁ ।'

(ଇସ୍ତିହାର ୨୯ ମଇ ୧୮୯୮, ତବଲିଗ୍ ରେସାଲତ୍, ପୃ ୪୨-୪୩)

# ଖୟାନତ୍ (ଆତ୍ମସାତ୍) କରନାହିଁ

ପୁଣି ଖୟାନତ୍ ବିଷୟରେ ଅଲ୍ଲାଃତାଲା କହିଛନ୍ତି

﴿وَلَا تُجَادِلْ عَنِ الَّذِيْنَ يَخْتَانُوْنَ اَنْفُسَهُمْ اِنَّ اللّٰهَ لَايُحِبُّ مَنْ كَانَ خَوَّانًا اَثِيْمًا﴾

ୱଲା ତୁଯାଦିଲୁ ଅନିଲ୍‌ଲଜିନା ୟଖ୍‌ତାନୁନା ଅନଫୁସହୁମ୍; ଇନ୍ନଲ୍ଲାହା ଲାୟୁହିବ୍‌ବୁ ମନ୍‌କାନା ଖୱ୍ୱାନନ୍ ଅସୀମା

ଅର୍ଥାତ୍ 'ସେହି ଲୋକମାନଙ୍କ ତରଫରୁ ଯୁକ୍ତି କର ନାହିଁ ଯେଉଁମାନେ ବିଶ୍ୱାସଘାତକତା କରିବାରେ ସୀମା ଲଂଘନ କରିଛନ୍ତି, କାରଣ ସେମାନେ ହେଉଛନ୍ତି ପାପୀ । ନିଃସନ୍ଦେହରେ ଅଲ୍ଲାଃତାଲା ଖୟାନତ୍‌କାରୀ ଓ ପାପୀମାନଙ୍କୁ ପସନ୍ଦ କରନ୍ତି ନାହିଁ ।' **(ଅଲ ନିସା, ୧୦୮)**

ଏକ ହଦିସ୍‌ରେ ଉଲ୍ଲେଖ ଅଛି ହଜରତ ଅବୁହୁରୈରା[ରଅ] ବର୍ଣ୍ଣନା କରୁଛନ୍ତି ରସୁଲୁଲ୍ଲାଃ[ସଅ] କହିଥିଲେ 'କେହି ବ୍ୟକ୍ତି ଯଦି ତୁମ ପାଖରେ କୌଣସି ଜିନିଷକୁ ଅମାନତ୍ (ନ୍ୟାସ ସ୍ୱରୂପ) ରଖିବାକୁ ଦେଇଥାଏ, ତା'ର ଅମାନତ୍ ତାକୁ ଫେରାଇ ଦିଅ । ଏବଂ ସେ ବ୍ୟକ୍ତି ସହିତ ମଧ୍ୟ ବିଶ୍ୱାସଘାତକତା କରନାହିଁ, ଯିଏ ତୁମ ସହିତ ବିଶ୍ୱାସଘାତକେତା କରିଛି' । (ଅବୁଦାଉଦ୍, କିତାବୁଲ୍ ବିୟୁ, ଭାଗ ଫର୍ ରିଜ୍‌ଲ୍ ୟାଖୁଜ୍ ହକ୍‌କହୁ) ।

ହଜରତ ମସିହ ମଉଦ୍[ଅସ] କହିଛନ୍ତି ଦୁଷ୍କର୍ମରୁ ବଞ୍ଚିତ ରହିବାର ପ୍ରକାର ଭେଦ ମଧ୍ୟରୁ ଦ୍ୱିତୀୟ କିସମ୍‌ର ସଦ୍‌ଗୁଣ ହେଉଛି ଅମାନତ୍ ଓ ଦିୟାନତ୍ । ଅର୍ଥାତ୍ ଅନ୍ୟର ଧନକୁ ଚକ୍ରାନ୍ତ କରି ହାତେଇ ନେବା ଅର୍ଥାତ ପ୍ରତାରଣାର ଭାବନା ସହିତ ବ୍ୟାଜାପ୍ତ କରିବା ଦ୍ୱାରା ତାକୁ କଷ୍ଟ ପହଞ୍ଚାଇବା ପାଇଁ ରାଜି ନହେବା । ତେଣୁ ଏହା ସ୍ପଷ୍ଟ ହେବା ଉଚିତ ଯେ ଦିୟାନତ୍ ଓ ଅମାନତ୍ ମନୁଷ୍ୟର ସ୍ୱାଭାବିକ ଗୁଣ ମଧ୍ୟରୁ ଗୋଟିଏ । ଏଥିପାଇଁ ଗୋଟିଏ ଅବୋଧ କ୍ଷୀର ପିଉଥିବା ଶିଶୁ ଯେ କି ନିଜର ଛୋଟ ଆୟୁ ଦୃଷ୍ଟିରୁ ଅତ୍ୟନ୍ତ ସରଳ ଓ ନିଷ୍ପାପ ଜୀବନ ପାଇଥିବା ଯୋଗୁଁ ଭଲ ମନ୍ଦର କଦାପି ଜ୍ଞାନ ରଖି ନଥାଏ । ତଥାପି ଅନ୍ୟର ଜିନିଷ ପ୍ରତି ଏପରି ଘୃଣା କରିଥାଏ ଯେ ଅନ୍ୟ ମହିଳାର କ୍ଷୀର ମଧ୍ୟ ଅତି କଷ୍ଟରେ ପିଇଥାଏ ।

(ଇସଲାମୀ ଓସୁଲକି ଫଲାସଫି, ରୁହାନି ଖଜାଏନ, ଖଣ୍ଡ ୧୦, ପୃ ୩୪୪)

# ବିଶୃଙ୍ଖଳିତ ଆଚରଣରୁ ବଞ୍ଚିତ ରୁହ

ପୁଣି ବିଶୃଙ୍ଖଳିତ ଆଚରଣ ସମ୍ବନ୍ଧରେ ଅଲ୍ଲାଃତାଲା ବର୍ଣ୍ଣନା କରୁଛନ୍ତି

﴿وَابۡتَغِ فِيۡمَآ اٰتٰىكَ اللّٰهُ الدَّارَ الۡاٰخِرَةَ وَلَا تَنۡسَ نَصِيۡبَكَ مِنَ الدُّنۡيَا وَاَحۡسِنۡ كَمَاۤ اَحۡسَنَ اللّٰهُ اِلَيۡكَ وَلَا تَبۡغِ الۡفَسَادَ فِى الۡاَرۡضِ ؕ اِنَّ اللّٰهَ لَا يُحِبُّ الۡمُفۡسِدِيۡنَ﴾

'ୱ୍ବତଗି ଫିମାଆ ତାକଲ୍ଲାହୁଦ୍ ଦାରଲ୍ ଆଖିରତା ୱ୍ଲା ତନ୍ସା ନସିବକା ମିନଦ୍ ଦୁନିୟା ଓ ଅହ୍ସିନ୍ କମା ଅହସନଲ୍ଲାହୁ ଏଲୈକା ୱ୍ଲା ତବ୍ଗିଲ୍ ଫସାଦା ଫିଲ୍ ଅରଜ୍ – ଇନ୍ନଲ୍ଲାହା ଲାୟୁହିବ୍ଲୁଲ୍ ମୁଫ୍ସିଦିନ୍

ଅର୍ଥାତ 'ଯାହାକିଛି ଅଲ୍ଲାଃ ତୁମଙ୍କୁ ଦେଇଛନ୍ତି, ଏହାଦ୍ୱାରା ପରକାଳ ଜୀବନର ଘରକୁ ସଜାଡ଼ିବା ପାଇଁ ଇଚ୍ଛା କର, ଏବଂ ଏହି ସଂସାରର ନିର୍ଦ୍ଧାରିତ ଅଂଶକୁ ମଧ୍ୟ ଉପେକ୍ଷା କରନାହିଁ ଏବଂ ସହାନୁଭୂତିଶୀଳ ହୋଇଯାଅ ଯେପରିକି ବିଶୃଙ୍ଖଳିତ (ହୀନ ଚକ୍ରାନ୍ତ ଓ ବିଦ୍ରୋହାତ୍ମକ ଭାବନା) ପ୍ରସାରଣ କରନାହିଁ । ନିଃସନ୍ଦେହରେ ଅଲ୍ଲାଃତାଲା ବିଶୃଙ୍ଖଳାକାରୀଙ୍କୁ ପସନ୍ଦ କରନ୍ତି ନାହିଁ ।'

**(ଅଲ୍ କସସ୍ ୭୮)**

ହଜରତ ମଆଜ ବିନ୍ ଜବଲ୍[ରଅ] ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲାଃ[ସଅ] କହିଲେ 'ଯୁଦ୍ଧ ଦୁଇ ପ୍ରକାରର । ପ୍ରଥମଟି ସେହି ଧରଣର ସଂଗ୍ରାମ, ଯାହା ଦ୍ୱାରା ଅଲ୍ଲାଃଙ୍କର ପ୍ରସନ୍ନତା ଲାଭ କରିବା ପାଇଁ ଇମାମଙ୍କ ଆଜ୍ଞା ପାଳନ କରାଯାଏ । ଏପରି ବ୍ୟକ୍ତି ନିଜର ଧନ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରିଥାଏ । ସେ ନିଜ ସହିତ ଯାତ୍ରା କରୁଥିବା ସହଯାତ୍ରୀର ପ୍ରତ୍ୟେକ ପ୍ରକାରର ସୁବିଧା କରିଥାଏ ଏବଂ ବିଶୃଙ୍ଖଳିତରୁ ଆଚରଣ ଦୂରେଇ ରହିଥାଏ । ତେଣୁ ଏପରି ବ୍ୟକ୍ତିର ଶୋଇବା, ଜାଗିବା ଇତ୍ୟାଦି ସମସ୍ତ କର୍ମ ପୁଣ୍ୟ ଅର୍ଜନ କରିବାର ସାଧନ ହୋଇଥାଏ । ଏପରି ବ୍ୟକ୍ତି ଅଛନ୍ତି ଯିଏ କି ନିଜ ଅହଂକାର ପାଇଁ ଓ ନିଜର ବଡ଼ପଣ ଦେଖାଇବା ପାଇଁ ତଥା ନିଜର ବାହାଦୁରୀ କଥା ଶୁଣାଇବା ପାଇଁ ଯୁଦ୍ଧ କରନ୍ତି । ଏପରି ବ୍ୟକ୍ତି ଦଳପତିଙ୍କର ଅବଜ୍ଞା କରିଥାଏ । ଏବଂ ଯୁଦ୍ଧଭୂମିରେ ଉପଦ୍ରବ ସୃଷ୍ଟି କରିଥାଏ । ତେଣୁ ଏପରି ଧରଣର ଦୁଇ ବ୍ୟକ୍ତି କେବେ ହେଲେ ସମତୁଲ୍ୟ ହୋଇ ପାରନ୍ତି ନାହିଁ ।

(ସୁନନ୍ ଅବୁଦାଉଦ୍, କିତାବୁଲ୍ ନିହାଜ୍ ଫି ମନ୍ସ୍ବରାଜୁ ଓ ସ୍ୱଲତମିସ)

ହଜରତ ଅସ୍‌ମା[ରଅ] (ଜଏଦ୍‌ଙ୍କ ସୁପୁତ୍ରୀ) ବର୍ଣ୍ଣନା କରିଛନ୍ତି: ହଜରତ ମୁହମ୍ମଦ[ସଅ] ଏହିପରି କହିଛନ୍ତି: 'କ'ଣ ମୁଁ ତୁମକୁ ତୁମମାନଙ୍କ ମଧ୍ୟରୁ ଉତ୍ତମ ବ୍ୟକ୍ତିଙ୍କ ସମ୍ବନ୍ଧରେ କହିବି କି ?' ଅନୁଚରମାନେ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ନିଶ୍ଚୟ କୁହନ୍ତୁ ।' ମହାଭାଗ କହିଲେ 'ଉତ୍ତମ ବ୍ୟକ୍ତି ଯେତେବେଳେ କୌଣସି ଭଲ ଦୃଶ୍ୟ ଦେଖନ୍ତି, ଅଲ୍ଲାଃଙ୍କର ଗୁଣଗାନରେ ଲାଗି ପଡ଼ନ୍ତି ।' ପୁଣି କହିଲେ, 'କ'ଣ ମୁଁ ତୁମଙ୍କୁ ଦୁଷ୍ଟଲୋକଙ୍କ ସମ୍ବନ୍ଧରେ ଅବଗତ କରିବି ? ଦୁଷ୍ଟ ହେଉଛନ୍ତି ସେହି ବ୍ୟକ୍ତି, ଯେଉଁମାନେ ଚୁଗୁଲି କରିବା ଓ ପରଛିଦ୍ର ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ଏଣେତେଣେ ବିଚରଣ କରୁଥାନ୍ତି । ସ୍ନେହ ଶ୍ରଦ୍ଧା କରୁଥିବା ଅନୁରାଗ ପ୍ରେମୀ ଲୋକମାନଙ୍କ ମଧ୍ୟରେ ସେମାନେ ବିଶୃଙ୍ଖଳା ସୃଷ୍ଟି କରିଦିଅନ୍ତି ଏବଂ ଏହି କାମନା କରନ୍ତି ଯେ ସେମାନେ କିପରି ପାପଗ୍ରସ୍ତ ହୋଇଯାଆନ୍ତୁ ।'

(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଖଣ୍ଡ ୬, ପୃ ୪୫୯)

ହଜରତ ମସିହ ମଉଦ୍[ଅସ] ବର୍ଣ୍ଣନା କରିଛନ୍ତି, ଯେଉଁମାନେ କେବଳ ଏଥିଯୋଗୁଁ ତୁମ ସହିତ ସମ୍ପର୍କ ଛିନ୍ନ କରି ପୃଥକ ହୋଇ ଯାଆନ୍ତି ଯେ ତୁମେ ଈଶ୍ୱରଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟରେ ପ୍ରବେଶ କରିଛ । ତୁମେ ତାଙ୍କ ସହିତ କୌଣସି କଳହ ଯୁକ୍ତ ଦଙ୍ଗା କରନାହିଁ । ବରଂ ସେମାନଙ୍କ ପାଇଁ ପରୋକ୍ଷ ଭାବେ ପ୍ରାର୍ଥନା କର ଯେ ଅଲ୍ଲାଃ ତାଙ୍କୁ ମଧ୍ୟ ଦୂରଦୃଷ୍ଟି ସଂପନ୍ନ ହିତାହିତ ଜ୍ଞାନ ପ୍ରଦାନ କରନ୍ତୁ, ଯେପରି କି ତୁମମାନଙ୍କୁ ବୁଦ୍ଧି ଜ୍ଞାନ ଦେଇଛନ୍ତି । ତୁମେ ନିଜର ଉତ୍ତମ ସ୍ୱଭାବ ଓ ସତ୍ ଆଚରଣ ଦ୍ୱାରା ଏହା ପ୍ରମାଣିତ କରିଦିଅ ଯେ ତୁମେ ସତ୍‌ପଥକୁ ଗ୍ରହଣ କରିଛ । ଦେଖ ! ମୁଁ ଏଥିପାଇଁ ଅବତରିତ ହୋଇଛି ଯେ ତୁମଙ୍କୁ ବାରମ୍ବାର ଏହି ଆଦେଶ ଦେବି ଯେ ପ୍ରତ୍ୟେକ ପ୍ରକାର ଉପଦ୍ରବ ଓ ବିଶୃଙ୍ଖଳିତ ସ୍ଥାନମାନଙ୍କରୁ ବଞ୍ଚିତ ରୁହ । ଗାଳି ମନ୍ଦ ଶୁଣି ମଧ୍ୟ ଧୈର୍ଯ୍ୟ ରଖ, ଅସତ୍‌ର ଉତ୍ତର ସତ୍ କର୍ମ ଦ୍ୱାରା ଦିଅ । ଯଦି କୌଣସି ବ୍ୟକ୍ତି କଳିଗୋଳ କରିବା ପାଇଁ ଉଦ୍ୟମ କରେ, ତେବେ ଉତ୍ତମ ହେବ ଯେ ତୁମେ ସେଠାରୁ ଉଠି ଚାଲିଯାଅ ଏବଂ ଭଦ୍ରତାର ସହିତ ବାର୍ତ୍ତାଳାପ କର । ....... ଯେତେବେଳେ ମୁଁ ଏହା ଶୁଣେ ଯେ ଅମୁକ ବ୍ୟକ୍ତି ଏହି ଜମାଅତର ଅନ୍ତର୍ଭୁକ୍ତ ହୋଇ ମଧ୍ୟ ଅନ୍ୟ କାହାରି ସହିତ କଳି ଝଗଡ଼ା କରିଛି, ସେକଥାକୁ ମୁଁ କଦାପି ପସନ୍ଦ କରେନାହିଁ । ପ୍ରଭୁ ମଧ୍ୟ ଚାହାନ୍ତି ନାହିଁ ଯେ ସେହି ଜମାଅତ୍ ଯାହା ଏକ ଆଦର୍ଶ ହୋଇ ଛିଡ଼ା ହେବ, ଏପରି ପଥ ଅବଲମ୍ବନ କରୁ ଯାହା ତକ୍‌ୱା (ଈଶ୍ୱର ଭୟ)ର ପଥ ନୁହେଁ । ବରଂ ମୁଁ ତୁମକୁ ଏହା ମଧ୍ୟ କହୁଛି ତଥା ଅଲ୍ଲାଃତାଲା ମଧ୍ୟ ଏହାକୁ ସମର୍ଥନ କରୁଛନ୍ତି ଯେ ଯଦି କୌଣସି ବ୍ୟକ୍ତି

ଏହି ଜମାଅତରେ ଥାଇ ସଂଯମ ଓ ଧୈର୍ଯ୍ୟ ଦ୍ୱାରା କାମ ନେଉ ନାହିଁ, ତା'ହେଲେ ସେ ମନେରଖୁ ଯେ ସେ ଏହି ଜମାଅତ୍‌ରେ ସଂପୃକ୍ତ ନୁହେଁ । ସମ୍ଭବତଃ ତୁମମାନଙ୍କ ଉଦବେଗ ଓ ଉତ୍ତେଜନାର କାରଣ ଏହା ହୋଇପାରେ ଯେ ମୋତେ ଅଶ୍ଳୀଳ ଭାଷାରେ ଗାଳଗୁଲଜ କରା ଯାଉଛି । ତେବେ ଏହି ବିଷୟକୁ ଅଲ୍ଲାଃତାଲାଙ୍କୁ ସମର୍ପିତ କରିଦିଅ । କିନ୍ତୁ ତୁମେ ଏହାର ନିଷ୍ପତ୍ତି କରିପାରିବ ନାହିଁ । ମୋର ସମସ୍ୟା ପ୍ରଭୁଙ୍କ ଉପରେ ଛାଡ଼ିଦିଅ । ତୁମେ ସେହି ସବୁ ଗାଳିମନ୍ଦ ଶୁଣି ମଧ ସଂଯମ ରକ୍ଷା କର ଓ ଧୈର୍ଯ୍ୟର ସହିତ ଦ୍ୱାରା କାର୍ଯ୍ୟ କର । (ମଲଫୁଜାତ୍, ଖଣ୍ଡ ୪, ପୃ ୧୫୭)

# ବିଦ୍ରୋହାତ୍ମକ କାର୍ଯ୍ୟ କଳାପରୁ ବଞ୍ଚିତ ହୁଅ

ପୁଣି ଏହି ଦ୍ୱିତୀୟ ସର୍ତ୍ତରେ ଏହି କଥାର ସଂକଳ୍ପ ନିଆଯାଇଛି ଯେ ବିଦ୍ରୋହ ପନ୍ଥାରୁ ବଞ୍ଚିତ ରହିବି । ହଜରତ୍ ମସିହ ମଉଦ୍[ଅସ] ବର୍ଣ୍ଣନା କରିଛନ୍ତି

وَقَاتِلُوْهُمْ حَتّٰى لَا تَكُوْنَ فِتْنَةٌ وَّيَكُوْنَ الدِّيْنُ لِلّٰهِ

'ଓ୍ୱ କାତିଲୁହୁମ୍ ହତ୍‌ତା ଲାତକୁନା ଫିତ୍‌ନତୁନ୍ ଓ୍ୱ ୟକୁନଦ୍ଦିନୁ ଲିଲ୍ଲାହେ'

ଅର୍ଥାତ୍ 'ସେହି ସୀମା ପର୍ଯ୍ୟନ୍ତ ତାଙ୍କ ସହିତ ପ୍ରତିଦ୍ୱନ୍ଦିତା କର, ଯେପରିକି ସେମାନଙ୍କର ବିଦ୍ରେହ ଦୂର ହୋଇଯିବ ଏବଂ ଧର୍ମ ସଂକ୍ରାନ୍ତୀୟ ପ୍ରତିବନ୍ଧକ ଉଠିଯିବ ଏବଂ ଅଲ୍ଲାଃଙ୍କ ରାଜତ୍ୱ ପ୍ରତିଷ୍ଠିତ ହୋଇଯିବ' । **(ଅଲ୍ ବକ୍‌ରା ୧୯୪)**

ପୁଣି କହିଛନ୍ତି

قُلْ قِتَالٌ فِيْهِ كَبِيْرٌ وَصَدٌّ عَنْ سَبِيْلِ اللّٰهِ وَكُفْرٌ بِهٖ وَالْمَسْجِدِ الْحَرَامِ وَاِخْرَاجُ اَهْلِهٖ مِنْهُ اَكْبَرُ عِنْدَ اللّٰهِ وَالْفِتْنَةُ اَكْبَرُ مِنَ الْقَتْلِ وَلَا يَزَالُوْنَ يُقَاتِلُوْنَكُمْ حَتّٰى يَرُدُّوْكُمْ عَنْ دِيْنِكُمْ اِنِ اسْتَطَاعُوْا

'କୁଲ୍ କିତାଲୁନ୍ ଫିହି କବିରୁନ ଓ୍ୱସଦ୍‌ଦୁନ୍ ଅନ୍ ସବିଲିଲ୍ଲାହେ ଓ୍ୱକୁଫ୍‌ରୁନ୍ ବିହି ଓ୍ୱଲ୍ ମସ୍‌ଜିଦିଲ୍ ହରାମେ ଓ୍ୱଇଖ୍‌ରାୟୁ - ଅହଲିହୀ ମିନ୍‌ହୁ ଅକ୍‌ବରୁ ଇନ୍ଦଲ୍ଲାହି ଓ୍ୱଲ୍ ଫିତ୍‌ନତୁ ଅକ୍‌ବରୁ ମିନଲ୍ କିତାଲ - ଓ୍ୱଲା ୟଜାଲୁନା ୟୁକାତଲୁନକୁମ୍ ହତ୍‌ତା ୟରୁଦ୍ଦୁକୁମ୍ ଅନ୍ ଦୀନିକୁମ୍ ଇନିସ୍ତତାଉ

**(ଅଲ ବକ୍‌ରା ୨୧୮)**

ଅର୍ଥାତ୍ 'ପବିତ୍ର ସହରରେ ହତ୍ୟା କରିବା ତ ହେଉଛି ପାପ । କିନ୍ତୁ ପ୍ରଭୁଙ୍କ ମାର୍ଗରୁ ରୋକିବା ଓ ଅଧର୍ମକୁ ସ୍ୱୀକାର କରିବା ତଥା ଅଲ୍ଲାଃଙ୍କର ପୁଣ୍ୟ ଭକ୍ତମାନଙ୍କୁ (ମସଜିଦ୍ ହରାମ) ପବିତ୍ର କା'ବା ଗୃହରୁ ନିଷ୍କାସିତ କରିବା ମଧ୍ୟ ଏକ ପାପ । ବିଦ୍ରୋହ ଭାବକୁ ପ୍ରୋତ୍ସାହିତ କରିବା ଅର୍ଥାତ୍ ଶାନ୍ତି ଶୃଙ୍ଖଳାକୁ ଭଙ୍ଗ କରିବା ପାଇଁ କୁମନ୍ତ୍ରଣା ଦେବା ହତ୍ୟା ଅପରାଧ ଠାରୁ ମଧ୍ୟ ଅଧିକ ପାପ' ।

(ଜଙ୍ଗେ ମୁକଦ୍ଦସ୍, ରୁହାନି ଖଜାଏନ୍, ଖଣ୍ଡ ୬, ପୃ ୨୫୫)

ପୁଣି କହିଛନ୍ତି 'ମୁଁ ଲକ୍ଷ୍ୟ କରୁଛି ଯେ ଆଜିକାଲି ହିନ୍ଦୁମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲମାନମାନଙ୍କ ମଧ୍ୟରୁ କେତେକ ନିର୍ବୋଧ ଓ ଚକ୍ରାନ୍ତକାରୀ ଲୋକମାନେ ସରକାରଙ୍କ ବିପକ୍ଷରେ ଏପରି ଆଚରଣ ପ୍ରଦର୍ଶନ କରିଥାନ୍ତି, ଯେଉଁଥିରୁ ବିଦ୍ରୋହ ଭାବର ଆଭାସ ମିଳେ । ବରଂ ମୋତେ ସଂଦେହ ହେଉଛି ଯେ କୌଣସି ସମୟରେ ବିଦ୍ରୋହର ରଙ୍ଗ ସେମାନଙ୍କ ସ୍ୱଭାବରେ ପ୍ରକଟିତ ହୋଇଯିବ । ତେଣୁ ମୁଁ ମୋର ଜମାଅତର ଲୋକମାନଙ୍କୁ ଯେଉଁମାନେ ପଞ୍ଜାବରେ ଅଛନ୍ତି, ସେମାନଙ୍କୁ ତଥା ଭାରତର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଅହମଦି ବ୍ୟକ୍ତିମାନଙ୍କୁ ଯାହାଙ୍କ ସଂଖ୍ୟା ଅଲ୍ଲାଃଙ୍କ କୃପାରୁ କେତେ ଲକ୍ଷରେ ପହଞ୍ଚି ସାରିଲାଣି, ତାଙ୍କୁ ତାଗିଦ୍ କରି ଉପଦେଶ ହେଉଛି ଯେ ମୋର ଏହି ଶିକ୍ଷାକୁ ସର୍ବଦା ଭଲ ଭାବରେ ମନେ ରଖିବ । ଯାହାକୁ ମୁଁ ବିଗତ ୨୬ ବର୍ଷ ହେଲା ମୌଖିକ ଓ ଲିଖିତ ରୂପେ ସ୍ମରଣ କରାଇ ଆସୁଛି । ତୁମେମାନେ ବର୍ତ୍ତମାନ ପ୍ରଚଳିତ ସରକାରର ସମ୍ପୂର୍ଣ୍ଣ ଭାବେ ଆଜ୍ଞା ପାଳନ କର, କାରଣ ସେ ହେଉଛନ୍ତି ଆମର ସଂରକ୍ଷକ ଓ ସାହାଯ୍ୟକାରୀ ।..... ତେଣୁ ମନେରଖ, ଓ ଭଲଭାବେ ମନେରଖ ! ଏପରି ବ୍ୟକ୍ତି ମୋ ଜମାଅତରେ ରହିପାରିବ ନାହିଁ, ଯିଏ ସରକାରଙ୍କ ବିରୁଦ୍ଧରେ କୌଣସି ବିଦ୍ରୋହ ଭାବ ମନରେ ରଖିଥାଏ । ଏବଂ ମୋ ନିକଟରେ ଏହା ଅତି ଘୃଣିତ ବିଷୟ ଯେ ଯେଉଁ ଦେଶର ପ୍ରଶାସକଙ୍କ ଦ୍ୱାରା ଆମ୍ଭେ ଅତ୍ୟାଚାରୀମାନଙ୍କ କବଳରୁ ସୁରକ୍ଷିତ ରହୁଛନ୍ତି ଓ ଯାହାର ଛତ୍ରଛାୟାରେ ଆମ ଜମାଅତ ଉନ୍ନତି ଆଡ଼କୁ ଅଗ୍ରସର ହୋଇପାରୁଛି, ଆମ ପ୍ରତି ତାଙ୍କର ଏହି ସହାନୁଭୂତି ପାଇଁ କ'ଣ ଆମେ କୃତଜ୍ଞତା ଜ୍ଞାପନ କରିବା ନାହିଁ ? ଅଲ୍ଲାଃତାଲା ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣନା କରିଛନ୍ତି

"هَلۡ جَزَآءُ الۡاِحۡسَانِ اِلَّا الۡاِحۡسَانُ"

'ହଲ୍ ଜଜାଉଲ୍ ଇହ୍‌ସାନି ଇଲ୍ଲଲ୍ ଇହ୍‌ସାନୁ'

ଅର୍ଥାତ 'ଉପକାରର ପ୍ରତି ବଦଳରେ ଉପକାର ।'

ହଦିସରେ ବର୍ଣ୍ଣନା ହୋଇଛି, ଯିଏ ମନୁଷ୍ୟର କୃତଜ୍ଞ ନୁହେଁ, ସେ ଅଲ୍ଲାଃତାଲାଙ୍କର ମଧ୍ଯ କୃତଜ୍ଞ ନୁହେଁ । ଅନ୍ତତଃ ଏକଥା ଚିନ୍ତା କର ଯେ ଯଦି ଏହି ଶାସକଙ୍କ ଛତ୍ରଛାୟାରୁ ତୁମେ ବାହାରିଯିବ, ତେବେ ତୁମର ଠିକଣା କେଉଁଠି ହେବ । ଏପରି କୌଣସି ଶାସକର ନାମ କୁହ, ଯିଏ ତୁମଙ୍କୁ ଆଶ୍ରୟ ଦେଇପାରିବ ? ପ୍ରତ୍ୟେକ ଇସଲାମୀୟ ଶାସକ ତୁମଙ୍କୁ ହତ୍ୟା କରି ମାରିବା ଉଦ୍ଦେଶ୍ୟରେ ଦାନ୍ତ କଡ଼ମଡ଼ କରୁଛି । କାରଣ ସେମାନଙ୍କ ଦୃଷ୍ଟିରେ ତୁମେମାନେ ଅଣ ମୁସଲମାନ । ତେଣୁ ତୁମେ ଏହି ଈଶ୍ୱର ପ୍ରଦତ୍ତ ପୁରସ୍କାରର ସମ୍ମାନ କର .... ଏବେ ଯଦି କୌଣସି ବ୍ୟକ୍ତି ଜାଣିଶୁଣି ଏପରି ଭ୍ରାନ୍ତ ଧାରଣାକୁ ପ୍ରସାରିତ କରିବ ଯେ ଏକ ଆତତାୟୀ ଖୁନୀ ମେହଦି ଆସିବ ତଥା ଖ୍ରୀଷ୍ଟ ରାଜାମାନଙ୍କୁ ବଳି ପକାଇବ, ଏସବୁ କପୋଳ କଳ୍ପିତ ଧାରଣାର ପ୍ରଶ୍ନ, ଯଦ୍ୱାରା ଆମର ପ୍ରତିପକ୍ଷ ମୁସଲମାନମାନଙ୍କ ହୃଦୟ କଳୁଷିତ ଓ କଠୋର ହୋଇ ଯାଇଛି । ଯେଉଁମାନଙ୍କର ଏପରି ଧାରଣା ରହିଛି ସେମାନେ ଅତି ଭୟଙ୍କର ଲୋକ । ଏପରି ନିର୍ବୋଧ ମତବାଦୀମାନେ କୌଣସି ସମୟରେ ବିଦ୍ରୋହର ମୁଣ୍ଡ ଟେକି ପାରନ୍ତି, ବରଂ ନିଶ୍ଚୟ ଟେକିବେ । ତେଣୁ ଆମର ସର୍ବଦା ଏହି ପ୍ରୟାସ ରହୁ ଯେ ମୁସଲମାନମାନେ ଉକ୍ତ ଭ୍ରାନ୍ତ ଧାରଣାରୁ କିପରି ନିସ୍ତାର ପାଆନ୍ତୁ । ମନେରଖ ! ସେ ଧର୍ମ କଦାପି ଅଲ୍ଲାଃତାଲାଙ୍କ ତରଫରୁ ହୋଇ ପାରିବ ନାହିଁ, ଯେଉଁଥିରେ ମନୁଷ୍ୟ ପ୍ରତି ସ୍ନେହ ଓ ସହାନୁଭୂତିର ଭାବ ନାହିଁ । ପ୍ରଭୁ ଆମକୁ ଏହି ଶିକ୍ଷା ଦେଇଛନ୍ତି ଯେ ପୃଥିବୀ ପ୍ରତି ଦୟା ଓ ସହାନୁଭୂତି କର, ଆକାଶରୁ ତୁମ ପ୍ରତି ଦୟା ଓ କରୁଣା ବିରାଜିତ ହେବ ।

(ମଜ୍‌ମୁଆ ଇସ୍ତିହରାତ୍, ଖଣ୍ଡ ୩, ପୃ ୫୮୨-୫୮୫)

# ତାମସିକ ଆବେଗରେ କବଳିତ ହୁଅ ନାହିଁ

ପୁଣି ଏହି ଦ୍ୱିତୀୟ ସର୍ତ୍ତରେ ଏହି ବିଷୟ ପ୍ରତି ଧ୍ୟାନ ଆକର୍ଷିତ କରାଯାଇଛି ଯେ ତାମସିକ ଆବେଗ ସମୟରେ ଏହାର ବଶବର୍ତ୍ତୀ ହେବ ନାହିଁ । ହଜରତ୍ ମସିହ୍ ମଉଦ୍[ଅସ] କହିଛନ୍ତି ଆଧ୍ୟାତ୍ମିକ ସ୍ଥିତିରେ ଚତୁର୍ଥ ସ୍ତମ୍ଭରେ ଥିବା ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ପରମେଶ୍ୱର କୁର୍‌ଆନରେ ଏହି ପଙ୍କ୍ତିରେ ବର୍ଣ୍ଣନା କରିଛନ୍ତି

﴿وَالَّذِيْنَ هُمْ لِفُرُوْجِهِمْ حٰفِظُوْنَ﴾

ଓ୍ୱଲ୍ଲଜିନା ହୁମ୍‌ଲିଫୁରୁ ଜିହିମ୍ ହାଫିଜୁନ୍

ଅର୍ଥାତ୍ 'ତୃତୀୟ ଶ୍ରେଣୀରୁ ଉନ୍ନତି କରି ସେହି ବିଶ୍ୱାସକାରୀ ଚତୁର୍ଥ ସ୍ତରରେ ପହଞ୍ଚିବ, ଯେଉଁମାନେ ନିଜକୁ ନିଷିଦ୍ଧ କରାଯାଉଥିବା ତାମସିକ ଆବେଗ ଓ

କାମୋତ୍ତେଜିତ ଭାବନାରୁ ବଞ୍ଚିତ ରହିବେ ।'

ଏହି ଶ୍ରେଣୀ ଏଥିପାଇଁ ତୃତୀୟ ଶ୍ରେଣୀ ଅପେକ୍ଷା ଅଧିକ ଗୌରବଶାଳୀ, ଯେହେତୁ ତୃତୀୟ ଶ୍ରେଣୀର ବିଶ୍ୱାସକାରୀ ଯାହାଙ୍କର ଧନ ଅଧିକ ପ୍ରିୟ, ତାକୁ ସେ ପ୍ରଭୁଙ୍କ ମାର୍ଗରେ ଅର୍ପଣ କରିଦିଏ । କିନ୍ତୁ ଚତୁର୍ଥ ଶ୍ରେଣୀର ବିଶ୍ୱାସକାରୀ ସେହି ବସ୍ତୁକୁ ମଧ୍ୟ ଅଲ୍ଲାଃତାଲା ମାର୍ଗରେ ଉତ୍ସର୍ଗ କରିଦିଏ, ଯାହା ଧନ ଠାରୁ ମଧ୍ୟ ଅଧିକ ପ୍ରିୟ ଓ ଅନ୍ତରଙ୍ଗ ହୋଇଥାଏ ଅର୍ଥାତ୍ କାମୋତ୍ତେଜିତ ଭାବନା । କାରଣ ମନୁଷ୍ୟକୁ ନିଜର ଭୋଗ ବିଳାସ ତଥା କାମ ବାସନା ପ୍ରତି ଏପରି ଗଭୀର ପ୍ରେମ ରହିଥାଏ, ଯାହାକୁ ଚରିତାର୍ଥ କରିବା ପାଇଁ ସେ ନିଜର ପ୍ରିୟ ଧନକୁ ପାଣି ପରି ଖର୍ଚ୍ଚ କରିଦିଏ ଏବଂ ହଜାର ହଜାର ଟଙ୍କା ନଷ୍ଟ କରିଦିଏ । ନିଜର ଏହି ପ୍ରବଳ କାମନାକୁ ଚରିତାର୍ଥ କରିବା ପାଇଁ ସେ ଧନକୁ କୌଣସି ଗୁରୁତ୍ୱ ଦେଇ ନଥାଏ । ଯେପରିକି ଦେଖିବାକୁ ମିଳେ ଯେ ଏପରି ତୁଚ୍ଛ ତଥା କୃପଣ ଲୋକ ଯେଉଁମାନେ କୌଣସି ଦରୀଦ୍ର, ଭୋକିଲା ତଥା ଫୁଙ୍ଗୁଳ ବସ୍ତ୍ରହୀନ ଲୋକଙ୍କୁ ନିଜର କୃପଣତା ଯୋଗୁଁ ଗୋଟିଏ ପଇସା ଦେବାକୁ କୁଣ୍ଠିତ ହୋଇଥାନ୍ତି । କିନ୍ତୁ କାମନା ବାସନାରେ ବଶବର୍ତ୍ତୀ ହୋଇ ବାରଙ୍ଗନା ନାରୀମାନଙ୍କୁ ହଜାର ହଜାର ଟଙ୍କା ଦେଇ ନିଜ ଘରକୁ ଫମ୍ପା କରି ଦେଇଥାନ୍ତି । ଅତଏବ, କାମାସକ୍ତ ପ୍ରବୃତ୍ତିର ସ୍ରୋତ ଏତେ ପ୍ରଖର ଓ ପ୍ରଭାବଶାଳୀ ହୋଇଥାଏ ଯେ କୃପଣ ପରି ମଇଳାକୁ ମଧ୍ୟ ବୁହାଇନିଏ । ତେଣୁ ଏକଥା ନିଶ୍ଚିତ ରୂପେ ସ୍ପଷ୍ଟ ହୁଏ ଯେ ସେହି ଆସ୍ଥାର ଶକ୍ତି ଅପେକ୍ଷା ଯାହା ମାଧ୍ୟମରେ କୃପଣତା ଦୂର ହୋଇଥାଏ ଓ ମନୁଷ୍ୟ ନିଜର ପ୍ରିୟ ଧନକୁ ଈଶ୍ୱରଙ୍କ ମାର୍ଗରେ ଅର୍ପଣ କରିଦିଏ, ଏହି ବିଶ୍ୱାସର ଶକ୍ତି ଦ୍ୱାରା କାମ ବାସନାର ଝଡ଼ରୁ ବଞ୍ଚିତ ରୁହେ । ଅତ୍ୟନ୍ତ ପ୍ରଭାବଶାଳୀ ଶୈତାନ ଦୁରାତ୍ମାର ପ୍ରତିଦ୍ୱନ୍ଦିତା କରିବାରେ ଅତ୍ୟନ୍ତ ଦୃଢ଼ ଓ ସ୍ଥାୟୀ ହୋଇଯାଏ । କାରଣ ଏହାର କାମ ହେଉଛି 'ନଫ୍‌ସେ ଅମାରା' (ତାମସିକ ପ୍ରବୃତ୍ତି) ଦିଗରେ ପ୍ରବର୍ତ୍ତାଇବାର ଭାବ ସଦୃଶ ପୁରୁଣା ଅଜଗରକୁ ମଧ୍ୟ ନିଜ ପାଦ ତଳେ ଦଳିପକାଏ । କୃପଣତା ହୁଏ ତ କାମ ବାସନାର ଉତ୍ତେଜିତ ଅବସ୍ଥାରେ ତଥା ଲୋକ ଦେଖାଣିଆ ଅପ ଯଶ ପ୍ରାପ୍ତି ଉଦ୍ଦେଶ୍ୟରେ ମଧ୍ୟ ଦୂର ହୋଇପାରେ । କିନ୍ତୁ ଯେଉଁ ଝଡ଼ କାମାସକ୍ତ ଭାବନାର ବଶବର୍ତ୍ତୀ ହୋଇ ଜାତ ହୋଇଥାଏ, ତାହା ଅତ୍ୟନ୍ତ ଦୃଢ଼ ଓ ସ୍ଥାୟୀ ତଥା ପ୍ରଭାବଶାଳୀ ହୋଇଥାଏ । ଏହା ଅଲ୍ଲାଃଙ୍କ କୃପା ବ୍ୟତୀତ କୌଣସି ମତେ ଦୂର ହୋଇ ପାରିବ ନାହିଁ । ଯେଉଁ ପ୍ରକାରେ ଶରୀରର ପ୍ରତ୍ୟେକ ଅଙ୍ଗ ଠାରୁ ଅସ୍ଥି ସର୍ବାଧିକ ଦୃଢ଼ ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥାୟୀ ରହିଥାଏ, ସେହିପରି ଉକ୍ତ ଝଡ଼କୁ ଦୂର କରିବାର ବିଶ୍ୱାସ ଶକ୍ତି ମଧ୍ୟ ଅତି ଦୃଢ଼, ପ୍ରଭାବଶାଳୀ ଓ ଦୀର୍ଘସ୍ଥାୟୀ ହୋଇଥାଏ । ଯଦ୍ୱାରା ଏପରି ଶତ୍ରୁ ବିରୁଦ୍ଧରେ ଦୀର୍ଘ ସମୟ

ଧରି ପ୍ରତିଦ୍ୱନ୍ଦିତା କରି ଅଲ୍ଲାଃତାଲାଙ୍କ କୃପାରୁ ତା'କୁ ପରାସ୍ତ କରି ପାରିବ । କାରଣ କାମ ବାସନାର ଝଡ଼ ଏପରି ଏକ ଭୟାବହ ଓ ବିପତ୍ତିଜନକ ତୋଫାନ ହୋଇ ତାଣ୍ଡବ ସୃଷ୍ଟି କରିବ, ଯାହାର ଦୂରୀକରଣ ଅଲ୍ଲାତାଲାଃଙ୍କ ବିଶେଷ ଅନୁଗ୍ରହ ବା କୃପା ବ୍ୟତୀତ ହୋଇ ପାରିବ ନାହିଁ । ଏଣୁ ହଜରତ୍ ୟୁସୁଫ୍ ଅସ ଙ୍କୁ କହିବାକୁ ପଡ଼ିଥିଲା ।

﴿وَمَآ اُبَرِّئُ نَفۡسِیۡ ۚ اِنَّ النَّفۡسَ لَاَمَّارَۃٌۢ بِالسُّوۡٓءِ اِلَّا مَا رَحِمَ رَبِّیۡ﴾

ଓ୍ୱମା ଉବର୍ରିଉ ନଫ୍‌ସି ଇନ୍ନନ୍ ନଫ୍‌ସା ଲଅମ୍ମାରତୁନ୍ ବିସ୍‌ସୁଇ ଇଲ୍ଲା ମା ରହିମା ରବି

ଅର୍ଥାତ୍ ମୁଁ ଆପଣାକୁ ଦୋଷମୁକ୍ତ କରି ପାରୁନାହିଁ, ଯେହେତୁ ମନରେ ଅତ୍ୟଧିକ ମନ୍ଦ ଭାବନା ଜାଗ୍ରତ ହେଉଛି ଏବଂ ଏହାର ଆକ୍ରମଣ ଦାଉରୁ ରକ୍ଷା ପାଇବା ଅସମ୍ଭବ ଅଲ୍ଲାଃଙ୍କ କରୁଣା ବ୍ୟତୀତ । **(ୟୁସୁଫ ୫୪)**

ଯେପରି କି ଉକ୍ତ ଆୟତରେ ଉଲ୍ଲେଖ ଅଛି 'ଇଲ୍ଲାମା ରହିମା ରବି ।' ନୁହ ଅସ ଙ୍କ ସମୟରେ ହୋଇଥିବା ବନ୍ୟା ବିଷୟରେ ମଧ୍ୟ ଏହିପରି ଶବ୍ଦର ପ୍ରୟୋଗ ହୋଇଛି । ଅଲ୍ଲାଃତାଲା କହୁଛନ୍ତି

﴿لَا عَاصِمَ الۡیَوۡمَ مِنۡ اَمۡرِ اللّٰہِ اِلَّا مَنۡ رَّحِمَ﴾

'ଲା ଆସିମଲ୍ ୟୋମା ମିନ୍ ଅମ୍‌ରିଲ୍ଲାହେ ଇଲ୍ଲା ମର୍‌ରହିମା'

ଅର୍ଥାତ 'ଆଜି ଅଲ୍ଲାଃଙ୍କ ନିଷ୍ପତ୍ତିରୁ କେହି ରକ୍ଷା କରିପାରିବେ ନାହିଁ କିନ୍ତୁ ଯାହା ପ୍ରତି ସେ କରୁଣା କରନ୍ତି ।' **(ହୁଦ ୪୪)**

ସୁତରାଂ ଉକ୍ତ ବିଷୟ ନୁହ ଅସ ଙ୍କ ବାତ୍ୟା ସହିତ ତୁଳନା କରାଯାଇଛି ଯେ ସେ ସମୟର ବନ୍ୟାର ତାଣ୍ଡବ ଯେତେ ଭୟଙ୍କର ଥିଲା । ଏହି କାମ ବାସନାର ଝଡ଼ ମଧ୍ୟ ସେହିପରି ଭୟଙ୍କର ।

(ବରାହିନ ଅହମଦିୟା, ଖଣ୍ଡ ୫, ରୁହାନି ଖଜାଇନ, ଖଣ୍ଡ ୧୦, ପୃ : ୨୦୫-୨୦୬)

ସାରାଂଶ ହେଉଛି କାମ ବାସନାର ଆବେଗ ତୁମ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ସର୍ବଦା ଚେଷ୍ଟା କରିବ । କିନ୍ତୁ ତୁମେ ନିଜକୁ ତା' କବଳରୁ ବଞ୍ଚିତ ରଖିବାକୁ ମଧ୍ୟ ସର୍ବଦା ଚେଷ୍ଟାରତ ଥାଅ ଓ ଅଲ୍ଲାଃଙ୍କର ସାହାଯ୍ୟ ଭିକ୍ଷା କର ।

ଆଜିକାର ସମୟରେ ଭୋଗ ବିଳାସର ବିଭିନ୍ନ ପ୍ରକାର ପନ୍ଥା ବାହାରି ପଡ଼ିଲାଣି । ତେଣୁ ପୂର୍ବାପେକ୍ଷା ଅଧିକ ଦୁଆ କରିବା ଦିଗରେ ଓ ଅଲ୍ଲାଃତାଲାଙ୍କ ଆଡ଼କୁ ନଇଁବା ସହିତ କରୁଣା ମାଗିବା ଅତ୍ୟନ୍ତ ଆବଶ୍ୟକ ।

اَلَا لِلّٰهِ الدِّيۡنُ الۡخَالِصُ ۔ وَالَّذِيۡنَ اتَّخَذُوۡا مِنۡ دُوۡنِهٖۤ اَوۡلِيَآءَ ۘ مَا نَعۡبُدُ

هُمۡ اِلَّا لِيُقَرِّبُوۡنَاۤ اِلَى اللّٰهِ زُلۡفٰى ؕ اِنَّ اللّٰهَ يَحۡكُمُ بَيۡنَهُمۡ فِىۡ مَا هُمۡ فِيۡهِ

يَخۡتَلِفُوۡنَ ؕ اِنَّ اللّٰهَ لَا يَهۡدِىۡ مَنۡ هُوَ كٰذِبٌ كَفَّارٌ

ଅଲା ଲିଲ୍ଲାହେ ଦିନୁଲ୍ ଖାଲିସୁ ଓ୍ୱଲ୍ଲଜିନତ୍ତଖଜୁ ମିନ୍ଦୁନିହୀ ଅଓଲିୟାଆ ମାନାଅ ବୁଦୁହୁମ୍ ଇଲ୍ଲା ଲିୟୁକର୍ରିବୁନା ଇଲଲ୍ଲାହି ଜୁଲ୍ଫା ଇନ୍ନଲ୍ଲାହା ୟହ୍କୁମୁ ବୈନହୁମ୍ ଫିମାହୁମ୍ ଫିହିୟଖ୍ତଲିଫୁନ୍ ଇନ୍ନଲ୍ଲାହା ଲାୟହ୍ଦି ମନ୍ହୋଓ୍ୱା କାଜିବୁନ୍ କଫ୍ଫାର୍

ଅର୍ଥାତ 'ସାବଧାନ ! ବାସ୍ତବ ଧର୍ମନିଷ୍ଠା ଅଲ୍ଲାଃଙ୍କ ମହିମାର ଆନୁକୁଲ୍ୟରେ ଆସିଥାଏ । ଯେଉଁ ବ୍ୟକ୍ତିମାନେ ତାଙ୍କ ବ୍ୟତୀତ ଅନ୍ୟକୁ ମିତ୍ର କରିନେଲେ, ଏପରି କହୁଛନ୍ତି ଆମେ ଏହି ଉଦ୍ଦେଶ୍ୟ ବ୍ୟତୀତ ସେମାନଙ୍କର ଉପାସନ କରୁ ନାହୁଁ ଯେ ସେମାନେ ଆମକୁ ଅଲ୍ଲାଃଙ୍କ ନିକଟବର୍ତ୍ତୀ କରାଇ ସାନିଧ୍ୟର ଚରମ ସ୍ଥାନରେ ପହଞ୍ଚାଇ ଦେବେ । ନିଶ୍ଚୟ ହିଁ ଅଲ୍ଲାଃତାଲା ସେମାନଙ୍କ ମଧ୍ୟରେ ଏହାର ନିଷ୍ପତ୍ତି କରିବେ ଯେଉଁଥିରେ ସେମାନନେ ମତଭେଦ କରିଛନ୍ତି । ଅଲ୍ଲାଃତାଲା ତାଙ୍କୁ କଦାପି ସଦ୍‌ବୁଦ୍ଧି ଦିଅନ୍ତି ନାହିଁ ଓ ସେମାନେ କୃତଘ୍ନ ।'

**(ଅଲ ଜୁମର ୪)**

ମସିହ ମଉଦ୍[ଅସ] କହିଛନ୍ତି ସେହି ଅଲ୍ଲାଃଙ୍କୁ ଗ୍ରହଣ କର, ଯାହାର ସତ୍ତା ପ୍ରତି ତୌରାତ ଓ ଇଞ୍ଜିଲ ତଥା ପବିତ୍ର କୁରଆନ୍ ସମସ୍ତେ ସହମତ ଅଛନ୍ତି । କୌଣସି ଏପରି ପ୍ରଭୁ ନିଜ ତରଫରୁ ତିଆରି କରନାହିଁ, ଯାହାର ଅସ୍ତିତ୍ୱ ପ୍ରତି ଉକ୍ତ ତିନିଗୋଟି ପୁସ୍ତକର ସମ୍ମତି କ୍ରମେ ପ୍ରମାଣ ମିଳେ ନାହିଁ । ସେ କଥାକୁ ଗ୍ରହଣ କର, ଯାହାକୁ ବିବେକ ଓ ଆତ୍ମା ସାକ୍ଷୀ ଦେଉଛି ଓ ଯାହାର ଅଲ୍ଲାଃଙ୍କ ପୁସ୍ତକ ସହମତି ଦେଇଥାନ୍ତି । ଈଶ୍ୱରଙ୍କୁ ଏପରି ଭାବରେ ଗ୍ରହଣ କରନାହିଁ, ଯଦ୍ୱାରା ପ୍ରଭୁଙ୍କ ଦିବ୍ୟ ଗ୍ରନ୍ଥମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହେବ । ବ୍ୟଭିଚାର କରନାହିଁ, ମିଥ୍ୟା କୁହନାହିଁ, କୁଦୃଷ୍ଟିରୁ ଦୂରେଇ ରୁହ । ପ୍ରତ୍ୟେକ ପ୍ରକାର ଦୁରାଚାର, ଅତ୍ୟାଚାର, ଆତ୍ମସାତ, କୁଟ ଚକ୍ରାନ୍ତ ଓ ବିଦ୍ରୋହ ପନ୍ଥାରୁ ବଞ୍ଚିତ ରୁହ ଏବଂ କାମୋଦ୍ଦିପକ ଭାବନାର ବଶବର୍ତ୍ତି ହୁଅନାହିଁ । ପାଞ୍ଚବେଳା ନମାଜ ପାଠ କର । କାରଣ ମନୁଷ୍ୟ ସ୍ୱଭାବରେ ପାଞ୍ଚ ପ୍ରକାର ଉପାୟରେ ହିଁ ପରିବର୍ତ୍ତନ ଆସିଥାଏ । ଏବଂ ନିଜର ପ୍ରିୟ ନବୀ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି କୃତଜ୍ଞ

ରୁହ । ତାଙ୍କ ପାଇଁ ଦରୁଦ୍ ପ୍ରେରଣ କର । କାରଣ ସେ ହିଁ ଅନ୍ଧକାରମୟ ଯୁଗ ପରେ ଆଲୋକ ବର୍ତ୍ତିକା ହୋଇ ନୂତନ ଭାବେ ଅଲ୍ଲାଃତାଲାଙ୍କୁ ଚିହ୍ନିବାର ମାର୍ଗଦର୍ଶନ କରାଇଲେ ।

ପୁଣି କହିଛନ୍ତି 'ଉକ୍ତ ନୀତିମାନ ମୋ ସମ୍ପ୍ରଦାୟର ପ୍ରମୁଖ ନିଦର୍ଶନ । ଯେଉଁ ମାନବିକ ସହାନୁଭୂତିକୁ ବଞ୍ଚାଇବା, ମାନବଜାତିକୁ ଦୁଃଖ ନପହଞ୍ଚାଇବା ତଥା ଶାସକ ଓ ଉପରିସ୍ଥ ଅଧିକାରୀମାନଙ୍କ ବିରୋଧ ନ କରିବା ଇତ୍ୟାଦି ଶିକ୍ଷାର ଆଧାରଶୀଳା ଏହି ସମ୍ପ୍ରଦାୟ ରଖିଛି, ଅନ୍ୟ ମୁସଲମାନମାନଙ୍କ ମଧ୍ୟରେ ଏହାର ଅସ୍ତିତ୍ୱ ମିଳିବ ନାହିଁ । ସେମାନଙ୍କର ନୀତି ଓ ସିଦ୍ଧାନ୍ତ ନିଜର ଅତ୍ୟଧିକ ଭୁଲ ହେତୁ ନିଆରା ହୋଇଥାଏ । ଯାହାର ସ୍ପଷ୍ଟୀକରଣର ଆବଶ୍ୟକତା ନାହିଁ ନା ଏହା ସେଥିପାଇଁ ଉପଯୁକ୍ତ ସମୟ ।

(ପାଦଟିକା, ତରିୟାକୁଲ୍ କୁଲୁବ, ରୁହାନି ଖଜାଇନ, ଖଣ୍ଡ-୧୫, ପୃ : ୫୨୪-୫୨୬)

# ତୃତୀୟ ସର୍ତ୍ତ

**ଅଲ୍ଲାଃ ଓ ରସୁଲଙ୍କ ଆଦେଶାନୁଯାୟୀ କୌଣସି ଅବହେଳା ନକରି ପାଞ୍ଚବେଳା ନମାଜ ସୁଚାରୁ ରୂପେ ପାଠ କରିବ ଓ ଯଥା ସମ୍ଭବ ତହଜ୍ଜୁଦ୍ ନମାଜ ପଢ଼ିବା ସହିତ ସମ୍ମାନୀୟ ନବୀ ଶ୍ରେଷ୍ଠ[ସଅ]ଙ୍କ ପ୍ରତି ଦରୁଦ ପ୍ରେରଣ କରିବ । ପ୍ରତ୍ୟେକ ଦିନ ନିଜ ଦୋଷ ଦୁର୍ବଳତା ଜନିତ ପାପର ମାର୍ଜନା ପାଇଁ ନିରନ୍ତର କ୍ଷମା ପ୍ରାର୍ଥନା କରିବ ତଥା ଆନ୍ତରିକ ପ୍ରେମ ସହିତ ଅଲ୍ଲାଃଙ୍କ ଅନୁଗ୍ରହଗୁଡିକୁ ସ୍ମରଣ କରି ତାହାଙ୍କ ପ୍ରଶଂସା ଓ ଗୁଣଗାନ କରିବାକୁ ନିଜର ଦୈନିକ ନିୟମରେ ପରିଣତ କରିବ ।**

## ପାଞ୍ଚବେଳା ନମାଜକୁ ଅନିବାର୍ଯ୍ୟ କର

ଏହି ସର୍ତ୍ତରେ ଯେଉଁ ବିଷୟ ବର୍ଣ୍ଣିତ ହୋଇଅଛି ,ଏଥିରେ ସର୍ବ ପ୍ରଥମେ ଏହାହିଁ ରହିଛି ଯେ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ଆଦେଶ କ୍ରମେ ପାଞ୍ଚବେଳା ନମାଜ ନିୟମିତ ରୂପେ ପାଠ କରିବ । ଉକ୍ତ ଆଦେଶ ପୁରୁଷ ଓ ସ୍ତ୍ରୀ ସକାଶେ ତଥା ସେହି ପିଲାମାନଙ୍କ ପାଇଁ ମଧ୍ୟ ଯେଉଁମାନଙ୍କ ବୟସ ଦଶବର୍ଷ ଅତିକ୍ରାନ୍ତ ହୋଇ ସାରିଛି, ଏହା ଅନିବାର୍ଯ୍ୟ କରାଯାଇଛି ଯେ ନମାଜ ନିର୍ଦ୍ଧାରିତ ସମୟରେ ପାଠ କର । ପୁରୁଷମାନଙ୍କ ପାଇଁ ଆଦେଶ ରହିଛି ଯେ ନମାଜ ସାମୁହିକ ଭାବରେ ପାଠ କରିବାର ବ୍ୟବସ୍ଥା କର । ମସ୍‌ଜିଦ୍‌କୁ ଯାଅ ଓ ଏହାକୁ ଜନପଦ କର । ପ୍ରଭୁଙ୍କ କୃପା ଓ ଅନୁଗ୍ରହକୁ ଅନ୍ୱେଷଣ କର । ପାଞ୍ଚବେଳା ନମାଜ ସମ୍ବନ୍ଧରେ କୌଣସି ଛାଡ଼ କରାଯାଇ ନାହିଁ, ଯଦିଓ ଯାତ୍ରାରେ କେତେକ କୋହଳ କରାଯାଇଛି କିମ୍ବା ରୋଗରେ ପିଡ଼ିତ ଥିଲେ କିଛି ସୁବିଧା ରହିଛି । ଯେପରି କି ନମାଜ ଜମା କରିନେବା ଅର୍ଥାତ ଦୁଇଟି ନମାଜକୁ ଏକତ୍ର କରି ପଢ଼ିବା, 'କସର' ବା ସଂକ୍ଷିପ୍ତ କରି ପାଠ କରିବା, ରୋଗଗ୍ରସ୍ତ ଥିବା ଅବସ୍ଥାରେ ମସ୍‌ଜିଦ୍ ଯାଇ ନ ପାରିଲେ, ଘରେ ପଢ଼ିନେବା ଉଚିତ । କିନ୍ତୁ ଏଥିରୁ ଅନୁମାନ କରିବା ଆବଶ୍ୟକ ଯେ ନମାଜ (ସାମୁହିକ ଭାବରେ ନମାଜ ପାଠ କରିବା)ର କିପରି ମହତ୍ତ୍ୱ

ରହିଛି । ଏହାର ଗୁରୁତ୍ୱ ବିଷୟରେ ମୁଁ ଏବେ କେତେକ ରଚନା ପ୍ରସ୍ତୁତ କରୁଛି । କିନ୍ତୁ ଏକଥା ମଧ୍ୟ କହିବାକୁ ଚାହୁଁଛି ଯେ ବୈୟତକାରୀଙ୍କୁ ନିଜର ଆତ୍ମ ସମୀକ୍ଷା କରିନେବା ଆବଶ୍ୟକ ଯେ ଆମେ ଯେତେବେଳେ ନିଜକୁ ବିକିଦେବା ପାଇଁ ପ୍ରତିଜ୍ଞା କରୁଛେ, କିନ୍ତୁ କ'ଣ ଆମେ କୁର୍‌ଆନର ନିମ୍ନଲିଖିତ ସ୍ପଷ୍ଟ ଆଦେଶମାନର ମାନୁଛେ ? ଏବଂ ସୁସ୍ପଷ୍ଟ ଆଦେଶମାନ ଉପରେ ପ୍ରତିଷ୍ଠିତ ରହିଛେ କି ? ପ୍ରତ୍ୟେକ ଅହମଦୀ ନିଜ ବିଷୟରେ ସ୍ୱୟଂ ଜାଣେ । ତେଣୁ ସେ ସ୍ୱୟଂ ନିଜକୁ ଅନୁଶୀଳନ କରୁ ଓ ଜାଣୁ ଯଦି ଆମେ ନିଜ ହୃଦୟକୁ ଅଣ୍ଡାଳିବା ତେବେ ଆମ ମଧ୍ୟରେ ଏକ ବିରାଟ ପରିବର୍ତ୍ତନ ସୃଷ୍ଟି ହୋଇପାରିବ ।

ପବିତ୍ର କୁରାଆନରେ ଅଲ୍ଲାଃତାଲା ବର୍ଣ୍ଣନା କରଛନ୍ତି:

﴿وَاَقِيۡمُوا الصَّلٰوةَ وَاٰتُوا الزَّكٰوةَ وَاَطِيۡعُوا الرَّسُوۡلَ لَعَلَّكُمۡ تُرۡحَمُوۡنَ﴾

ୱ୍ ଅକିମୁସ୍‌ସଲାତା ୱ୍‌ଆତୁଜ୍ ଜକାତା ୱ୍‌ଅତିଉର୍‌ରସଲୁ ଲାଅଲ୍ଲକୁମ୍ ତୁର୍‌ହମୁନ୍

ଅର୍ଥାତ 'ଏବଂ ନମାଜକୁ ପ୍ରତିଷ୍ଠା କର ଏବଂ ଜକାତ (ଅଲ୍ଲାଃଙ୍କ ମାର୍ଗରେ ଦାନ କରିବା) ଦିଅ ଏବଂ ରସୁଲ୍‌ଙ୍କ ଆଜ୍ଞାକାରୀ ହୁଅ, ଯଦ୍ୱାରା ତୁମ ଉପରେ କରୁଣା କରାଯିବ ।' **(ଅଲ ନୁର ୫୭)**

ପୁଣି ସୁରଃ ତାହା, ଆୟତ ୧୫ରେ ବର୍ଣ୍ଣିତ ଅଛି :

﴿اِنَّنِیۡۤ اَنَا اللّٰہُ لَاۤ اِلٰہَ اِلَّاۤ اَنَا فَاعۡبُدۡنِیۡ ۙ وَاَقِمِ الصَّلٰوۃَ لِذِکۡرِیۡ﴾

"ଇନ୍ନନୀ ଅନଲ୍ଲାହୋ ଲାଇଲାହା ଇଲ୍ଲା ଅନଫାବୁଦ୍‌ନି ୱ୍‌ଅକିମିସ୍ ସଲାତା ଲିଜିକ୍‌ରି"

ଅର୍ଥାତ 'ନିଶ୍ଚିତ ଭାବେ ମୁଁ ହିଁ ଅଲ୍ଲାଃ, ମୋ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହନ୍ତି । ତେଣୁ ମୋର ଉପାସନା ଦ୍ୱାରା ନମାଜକୁ ପ୍ରତିଷ୍ଠା କର ।'

ଏହିପରି ପବିତ୍ର କୁର୍‌ଆନରେ ଅନେକ ଥର ନମାଜ ବିଷୟରେ ଆଦେଶ ରହିଛି । ଗୋଟିଏ ହଦିସ୍ ଉପସ୍ଥାପନ କରୁଛି:

ହଜରତ୍ ଯାବିର[ରଅ]ଙ୍କ ଦ୍ୱାରା ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ[ସଅ] କହୁଥିବାର ଆମେ ଶୁଣିଥିଲୁ ଯେ 'ନମାଜକୁ ଛାଡ଼ିବା ଦ୍ୱାରା ମନୁଷ୍ୟକୁ ଶିର୍କ (ଅନେକେଶ୍ୱରବାଦ) ଏବଂ ଅବଜ୍ଞାକାରୀର ନିକଟବର୍ତ୍ତୀ କରିଦିଏ ।'

(ମୁସଲିମ୍ କିତାବୁଲ୍ ଇମାନ୍, ଇସ୍‌ମୁଲ୍ କୁଫ୍ର ଅଲା ମିନ୍ ତରକୁସ୍ ସଲାତ)

ହଜରତ ମୁହମ୍ମଦ[ସଅ] କହୁଥିଲେ ଯେ 'ମୋ ଆଖିର ଶୀତଳତା ନମାଜରେ

ଅଛି ।' ହଜରତ୍ ଅବୁହୁରେରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ମହାଭାଗ କହୁଥିଲେ 'କୟାମତ୍ (ଅନ୍ତିମ ବିଚାର) ଦିନ ଲୋକମାନଙ୍କ ଠାରୁ ସର୍ବପ୍ରଥମେ ନମାଜ ବିଷୟରେ ହିସାବ ନିଆଯିବ । ଯଦି ଏହି ହିସାବ ଠିକ୍ ଥିବ, ତେବେ ତା'ର ଜୀବନ ସ୍ୱାର୍ଥକ ହୋଇଯିବ ଓ ସେ ମୁକ୍ତି ପାଇଯିବ । ଯଦି ଏହି ହିସାବ୍ ଠିକ ନଥିବ, ତେବେ ସେ ଅସଫଳ ହେବ ଓ କ୍ଷତି ଉଠାଇବ । ଯଦି ତା'ର ଫରଜ୍ ନମାଜ (ବାଧ୍ୟତାମୂଳକ) ପାଠ କରିବାରେ କୌଣସି ଅଭାବ ଓ ତ୍ରୁଟି ବିଚ୍ୟୁତ ରହିଥାଏ, ତେବେ ଅଲ୍ଲାଃତାଲା କହିବେ, 'ଦେଖ, ମୋ ଭକ୍ତର କିଛି ନଫିଲ୍ (ଅତିରିକ୍ତ ନମାଜ ରହିଛି ! ଯଦି ଅଛି, ତାହେଲେ ତା'ର ଯାହା କିଛି ଅଭାବ ଅସୁବିଧା ବା ତ୍ରୁଟି ରହିଛି, ତାହାକୁ ନଫିଲ ମାଧ୍ୟମରେ ପୂରଣ କରି ଦିଆଯିବ । ସେହିପରି ଅନ୍ୟାନ୍ୟ କର୍ମର ମଧ୍ୟ ପରୀକ୍ଷଣ କରାଯିବ । (ତିର୍‌ମିଜି କିତାବୁସ୍ ସଲାତ୍) ପୁଣି ହଦିସ୍‌ରେ ଉଲ୍ଲେଖ ଅଛି ଯେ ଅବୁ ହୁରୈରା[ରଅ] କହିଛନ୍ତି, ରସୁଲୁଲ୍ଲାଃ ଏହା କହୁଥିବାର ଶୁଣିଲୁ ଯେ 'ଯଦି କାହାରି ଘର ସମ୍ମୁଖରେ ଗୋଟିଏ କେନାଲ୍ ପ୍ରବାହିତ ହେଉଥାଏ ଓ ସେ ସେଥିରେ ଦିନକୁ ପାଞ୍ଚଥର ସ୍ନାନ କରେ, କ'ଣ ତା' ଦେହରେ କୌଣସି ମଇଳା ରହିବ କି ?' ଅନୁଚରମାନେ କହିଲେ 'ହେ ଅଲ୍ଲାଃଙ୍କ ରସୁଲ୍ ! ତା' ଦେହରେ କୌଣସି ମଳି ରହିବ ନାହିଁ ।' ତହୁଁ ମହାଭାଗ କହିଲେ 'ପାଞ୍ଚ ନମାଜ୍‌ର ଉଦାହରଣ ମଧ୍ୟ ଠିକ୍ ସେହିପରି । ଅଲ୍ଲାଃତାଲା ଏହାଦ୍ୱାରା ସମସ୍ତ ପାପ କ୍ଷମା କରିଦିଅନ୍ତି ଓ ତା'ର ଦୁର୍ବଳତାକୁ ମଧ୍ୟ ଦୂର କରିଦିଅନ୍ତି ।' (ହଦିସ୍ ବୁଖାରି, କିତାବୁଲ୍ ମଓ୍ୱାକିତୁସ୍ ସଲାତ୍)

ହଜରତ୍ ମସିହ ମଉଦ[ଅସ] କହିଛନ୍ତି 'ନମାଜ ପଢ଼, ନମାଜ ପଢ଼, ଏହା ସମସ୍ତ ପ୍ରକାର କଲ୍ୟାଣର ଚାବିକାଠି ।' (ଇଜାଲା ଅଓହାମ, ପୃ : ୮୨୯, ପ୍ରଥମ ସଂସ୍କରଣ)

ହଜୁର୍ ପୁଣି କହିଛନ୍ତି, 'ନମାଜର ସାରତତ୍ତ୍ୱ ଓ ଏହାର ଆତ୍ମା ହେଉଛି ଦୁଆ ବା ପ୍ରାର୍ଥନା ।' (ଅସ୍ଥାମେ ସୁଲହ, ରୁହାନି ଖଜାଇନ୍, ଖଣ୍ଡ ୧୪, ପୃ ୨୪୧)

ସେ ଆଗକୁ ବର୍ଣ୍ଣନା କରିଛନ୍ତି 'ହେ ସମସ୍ତ ଲୋକମାନେ, ଯେଉଁମାନେ ନିଜକୁ ମୋ ଜମାଅତରେ ଗଣନା କରୁଛ, ଆକାଶରେ ତୁମେ ସେତିକିବେଳେ ମୋ ସଂପ୍ରଦାୟରେ ଅନ୍ତର୍ଭୁକ୍ତ ହେବ, ଯେତେବେଳେ ବାସ୍ତବିକ ରୂପରେ ତୁମେ ତକଓ୍ୱା ବା ଅଲ୍ଲାଃଙ୍କ ପ୍ରତି ଭୟ ରଖି ସତମାର୍ଗରେ ପରିଚାଳିତ ହେବ । ତେଣୁ ତୁମର ପାଞ୍ଚବେଳା ନମାଜକୁ ଏପରି ବିନମ୍ର ଓ ଭୟ ସହିତ ପାଠକର, ଯେପରିକି ତୁମେ ପ୍ରଭୁଙ୍କୁ ପ୍ରତ୍ୟକ୍ଷରେ ଦେଖୁଛ । ଏବଂ ନିଜର ରୋଜା (ଉପବାସ)କୁ ଯଥାର୍ଥ ଭାବେ ପୂରଣ କର । ପ୍ରତ୍ୟେକ ସେହି ବ୍ୟକ୍ତି ଯେଉଁମାନେ ଜକାତ ଦେବାକୁ ସକ୍ଷମ, ସେମାନେ

ଜକାତ ଦିଅନ୍ତୁ । ଯାହାପାଇଁ ହଜ୍ (ମକ୍‌କା ଓ ମଦିନାର ତୀର୍ଥ) ଅନିବାର୍ଯ୍ୟ କରାଯାଇଛି ଓ ଯାତ୍ରାରେ ଯଦି କୌଣସି ପ୍ରକାରର ବାଧା ବା ଅସୁବିଧା ନଥାଏ, ତା'ହେଲେ ସେ ହଜ୍ କରୁ । ସତକର୍ମକୁ ଯତ୍ନର ସହିତ ସମ୍ପାଦନ କର ଓ ଦୁରାଚାର ପ୍ରତି ବିତୃଷ୍ଣା ହୋଇ ଛାଡ଼ିଦିଅ । ନିଶ୍ଚିତ ଭବରେ ମନେରଖ ! କୌଣସି କର୍ମ ପ୍ରଭୁଙ୍କ ପର୍ଯ୍ୟନ୍ତ ପହଞ୍ଚିବ ନାହିଁ ଯାହା ଈଶ୍ୱରଭୟ ଓ ଧର୍ମନିଷ୍ଠତାରୁ ଶୂନ୍ୟ ଥିବ । ପ୍ରତ୍ୟେକ ସତ୍‌କର୍ମର ମୂଳ ତକୱା । ଯେଉଁ କର୍ମରେ ତକୱାର ମୂଳ ଅକ୍ଷତ ଥାଏ, ସେ କର୍ମ ମଧ୍ୟ ନଷ୍ଟ ହେବ ନାହିଁ ।

(କିସ୍ତି ନୂହ୍, ରୁହାନି ଖଜାଇନ, ଖଣ୍ଡ ୧୯, ପୃ ୧୫)

ସେ କହିଛନ୍ତି : 'ନମାଜ କ'ଣ ତାହା ତୁମେ ଜଣିଛ କି ? ତାହା ହେଉଛି ଏକ 'ଦୁଆ' ବା ପ୍ରାର୍ଥନା, ଯେଉଁଥିରେ ତସ୍‌ବିହ, ତମ୍‌ହିଦ ଓ ତକ୍‌ଦିସ୍ ଅର୍ଥାତ ସର୍ବ ଗୁଣ ସଂପନ୍ନ ପ୍ରଭୁଙ୍କ ମହିମା ଓ ଗୁଣଗାନ ତଥା 'ଇସ୍ତେଗ୍‌ଫାର' ଓ 'ଦରୁଦ୍' (ତାଙ୍କଠାରୁ କ୍ଷମା ଭିକ୍ଷା କରିବା ଓ ମୁହମ୍ମଦ[ସଅ]ଙ୍କ ପ୍ରତି ଶାନ୍ତି ପ୍ରେରଣ କରିବା) ଅତି ବ୍ୟାକୁଳତା ଓ କାକୁତି ମିନତି ସହିତ କରାଯାଇଥାଏ । ତେଣୁ ତୁମେ ଯେତେବେଳେ ନମାଜ ପାଠ କରିବ, ସେତେବେଳେ ଅଜ୍ଞାନୀ ଲୋକମାନଙ୍କ ପରି ନିଜ ଦୁଆରେ କେବଳ ଆରବି ଶବ୍ଦ ଉଚ୍ଚାରଣ କରିବାରେ ସୀମିତ ରୁହନାହିଁ । କାରଣ ସେମାନଙ୍କ ନମାଜ, କ୍ଷମାଭିକ୍ଷା ସବୁକିଛି ଏକ ପ୍ରକାର ଔପଚାରିକ ନୀତି, ଯହିଁରେ କୌଣସି ବାସ୍ତବିକତା ନାହିଁ । କିନ୍ତୁ ତୁମେ ଯେତେବେଳେ ନମାଜ ପାଠ କରିବ, ସେତେବେଳେ କୁର୍‌ଆନର ଦୁଆ ବ୍ୟତୀତ ଯାହା ଅଲ୍ଲାଃତାଲାଙ୍କ ବାଣୀ, ଅନ୍ୟ କେତେକ ଦୁଆ ବା ପ୍ରାର୍ଥନା ଯାହା ମୁହମ୍ମଦ[ସଅ]ଙ୍କ ଦ୍ୱାରା ନିର୍ଦ୍ଦେଶିତ ସେହି ପ୍ରାର୍ଥନା କରିବାକୁ ହେବ । ଏହା ବ୍ୟତୀତ ଅନ୍ୟ ଯେତେ ଦୁଆ ନିଜସ୍ୱ ମାତୃଭାଷାରେ ହିଁ ବିନମ୍ର ଭାବ ସହିତ କର । ଯଦ୍ୱାରା ତୁମ ହୃଦୟରେ କରୁଣାପୂର୍ଣ୍ଣ ନିବେଦନର କିଛି ପ୍ରଭାବ ପଡିବ ।'

(କିସ୍ତି ନୂହ, ରୁହାନି ଖଜାଇନ୍, ଖଣ୍ଡ ୧୯, ପୃ : ୬୮-୬୯)

ପୁଣି ବର୍ଣ୍ଣନା କରିଛନ୍ତି 'ନମାଜ ଏପରି ଏକ ଉପାଦାନ ଯଦ୍ୱାରା ଆକାଶ ମନୁଷ୍ୟ ପାଖରେ ନଇଁଯାଏ । ନମାଜର ଅଧିକାର ଏପରି ପୂରଣ କର ଯେ ମୋର ମୃତ୍ୟୁ ହୋଇଯାଇଛି ଓ ଜୀବାତ୍ମା କୋମଳ ଅବସ୍ଥାରେ ତରଳି ଯାଇ ଅଲ୍ଲାଃତାଲାଙ୍କ ଛାମୁରେ ପଡ଼ି ରହିଛି..... ଯେଉଁ ଘରେ ଏହିପରି ନମାଜ ହେଉଥିବ, ସେ ଘର କଦାପି ନଷ୍ଟ ହେବନାହିଁ । ହଦିସ୍‌ରେ ବର୍ଣ୍ଣିତ ଅଛି ଯେ ଯଦି ନୋହା[ଅସ] ସମୟରେ ନମାଜ ଥାଆନ୍ତା, ତେବେ ତାଙ୍କ ସଂପଦାୟ କଦାପି ବିନାଶ ହୋଇ ନଥାନ୍ତେ ।

ହଜ୍, ରୋଜା, ଜକାତ୍ ଏସବୁ ସର୍ତ୍ତ ଉପରେ ଆଧାରିତ । କିନ୍ତୁ ନମାଜ ପାଇଁ କୌଣସି ସର୍ତ୍ତ ନାହିଁ । ଅନ୍ୟ ସବୁ କର୍ମ ଭିତ୍ତିକ ଉପାସନା ବର୍ଷକୁ ଥରେ ହୁଏ । କିନ୍ତୁ ନମାଜ ଦିନକୁ ପାଞ୍ଚଥର ପାଠ କରାଯାଏ । ତେଣୁ ଯେ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବେ ସର୍ତ୍ତ ପୂରଣ କରାଯାଇ ନମାଜ ପାଠ ନହୁଏ ତା'ହେଲେ ତହିଁରୁ ଲବ୍ଧ କଲ୍ୟାଣ ମଧ୍ୟ ପ୍ରାପ୍ତ ହୁଏ ନାହିଁ, ଯାହାର ସମୃଦ୍ଧି ସେହି କର୍ମରେ ନିହିତ ଥାଏ । ପୁଣି ଏହି ବୈଅତ୍ କରିବାର କୌଣସି ଲାଭ ଫଳପ୍ରଦ ହୁଏନାହିଁ ।' (ମଲଫୁଜାତ୍, ଭାଗ ସୌମ, ପୃ ୬୨୭)

ହଜ୍‌ରତ୍ ମସିହ ମଉଦ[ଅସ] କହିଛନ୍ତି ନମାଜ ପ୍ରତ୍ୟେକ ମୁସଲମାନ ପାଇଁ (ଫର୍ଜ) ବାଧ୍ୟତାମୂଳକ । ହଦିସ୍ ଶରିଫ୍‌ରେ ବର୍ଣ୍ଣନା କରାଯାଇଛି ଯେ ହଜରତ୍ ମୁହମ୍ମଦ[ସଅ]ଙ୍କ ନିକଟକୁ ଏକ ଗୋଷ୍ଠୀର ଲୋକ ଆସିଲେ ଏବଂ ଇସଲାମ ଧର୍ମ ଗ୍ରହଣ କଲେ । ସେମାନେ ବିନତୀ କରି କହିଲେ, 'ହେ ଅଲ୍ଲାଙ୍କ ରସୁଲ ! ଆମକୁ ନମାଜ ଛାଡ଼ କରି ଦିଆଯାଉ । କାରଣ ଆମେ ବ୍ୟବସାୟୀ ଲୋକ, ଗୋରୁ ଗାଈ ଇତ୍ୟାଦି ପଶୁମାନଙ୍କ ରକ୍ଷଣାବେକ୍ଷଣ ଯୋଗୁଁ ଆମ ଲୁଗାପଟାର କୌଣସି ଯତ୍ନ ରହୁନାହିଁ ଏବଂ ନା ଆମ ପାଖରେ ତାର କୌଣସି ଅବସର ରହିଛି ।' ଏହାର ଉତ୍ତରରେ ମହାଭାଗ କହିଲେ 'ଦେଖ ! ଯଦି ନମାଜ ନାହିଁ ତା'ହେଲେ ଆଉ କ'ଣ ବାକି ରହିଲା ? ସେ ଧର୍ମ ହିଁ ନୁହେଁ ଯେଉଁଥିରେ ନମାଜ ନାହିଁ । ତେବେ ନମାଜ କ'ଣ ? ନମାଜ ହେଉଛି ନିଜର ଦୁଃଖ, ଅନାଟନ ଓ ନିଜ ଦୋଷ ଦୁର୍ବଳତାକୁ ଅଲ୍ଲାଃତାଲାଙ୍କ ସମ୍ମୁଖରେ ରଖି ତାହାଙ୍କ ଠାରୁ ନିଜର ଆବଶ୍ୟକତା ଲୋଡ଼ିବା । କେତେବେଳେ ତାହାଙ୍କ ମହାନତା ଓ ତାଙ୍କ ଆଦେଶ ପାଳନ ନିମନ୍ତେ ହାତବାନ୍ଧି ଛିଡ଼ା ହେବା ତ ଆଉ କେତେବେଳେ ନିଜକୁ ଅତ୍ୟନ୍ତ ତୁଚ୍ଛ ମନେକରି ଓ ଅତି ବିନୟ ଭାବରେ ତାଙ୍କ ସମ୍ମୁଖରେ ସିଜ୍‌ଦାରେ ପଡ଼ିଯିବା ଅର୍ଥାତ ସାଷ୍ଟାଙ୍ଗ ପ୍ରଣିପାତ ହୋଇ ମୁଣ୍ଡିଆ ମାରିବା । ପ୍ରଭୁଙ୍କ ଠାରୁ ନିଜର ଆବଶ୍ୟକତା ଲୋଡ଼ିବା । ଏହାକୁ ନମାଜ କୁହାଯାଏ । ଜଣେ ଭିକ୍ଷୁକ ଯେପରି ଭିକ୍ଷାଦାତାର ପ୍ରଶଂସା କରେ ଯେ ତୁମେ ଏପରି ବଡ଼, ସେପରି ମହାନ । ତାଙ୍କର ବଡ଼ପଣି ଓ ଗୌରବକୁ ବର୍ଣ୍ଣନା କରି ତାଙ୍କ ଦୟା ଓ କରୁଣାକୁ ସ୍ପନ୍ଦିତ କରାଇ ପୁଣି ତା'ଠାରୁ ମାଗୁଥାଏ । ତେଣୁ ଯେଉଁ ଧର୍ମରେ ଏସବୁ ନାହିଁ ସେ ଧର୍ମ ହିଁ କ'ଣ ?

ମନୁଷ୍ୟ ସଦାସର୍ବଦା ଅଭାବ ଗ୍ରସ୍ତ । ତେଣୁ ପ୍ରଭୁଙ୍କ ଠାରୁ ତାହାଙ୍କ ପ୍ରସନ୍ନତାର ପଥ ନିରନ୍ତର ମାଗୁଥାଉ । ପ୍ରଭୁଙ୍କ ଅନୁକମ୍ପାର ଆକାଂକ୍ଷା ରଖିଥାଉ । କାରଣ ତାହା ଠାରୁ ପ୍ରାପ୍ତ ହୋଇଥିବା ଶକ୍ତି ଓ ସାମର୍ଥ୍ୟ ଦ୍ୱାରା ଯାହା କିଛି କରାଯାଇ ପାରିବ । ହେ ପ୍ରଭୁ ! ଆମକୁ ଶକ୍ତି ପ୍ରଦାନ କର ଯେ ଆମେ ତୁମ୍ଭର ହୋଇଯାଉ ଓ ତୁମ୍ଭ ପ୍ରସନ୍ନତା ପ୍ରତି

ସଂକଳ୍ପବଦ୍ଧ ହୋଇ ତୁମ୍ଭଙ୍କୁ ଖୁସି କରିପାରିବୁ । ଈଶ୍ୱରଙ୍କ ପ୍ରତି ପ୍ରେମ, ତାଙ୍କ ପ୍ରତି ଭୟ ଓ ତାହାଙ୍କ ସ୍ମରଣରେ ହୃଦୟ ମଗ୍ନ ରହିବାର ଅନ୍ୟ ନାମ ନମାଜ । ଏବଂ ଏହା ହିଁ ବାସ୍ତବ ଧର୍ମ ।

ପୁଣି ଯେଉଁ ବ୍ୟକ୍ତି ନମାଜରୁ ନିସ୍ତାର ପାଇବାକୁ ଚାହୁଁଛି ସେ ପଶୁଠାର ଅଧିକ କ'ଣ କଲା ? ସେହିପରି ଖାଇବା, ପିଇବା ଓ ପଶୁତୁଲ୍ୟ ଶୋଇ ରହିବା କଦାପି ଧର୍ମ ନୁହେଁ । ଏହାକୁ ଅବଜ୍ଞାକାରୀମାନଙ୍କ ଜୀବନ କୁହାଯାଏ । ବରଂ ବୀତସ୍ପୃହ ଭାବ ପ୍ରଦର୍ଶନ କରିବା ହିଁ ବିଧର୍ମୀର ଭକ୍ତି ।' (ଅଲ ହକମ, ଖଣ୍ଡ ୩, ୨୧ ମାର୍ଚ୍ଚ ୧୯୦୩)

ନମାଜ୍‌ରେ ଆନନ୍ଦ କିପରି ମିଳିପାରିବ, ଏ ବିଷୟରେ ହଜରତ୍ ମସିହ ମଉଦ୍[ଅସ] ବର୍ଣ୍ଣନା କରିଛନ୍ତି 'ହେ ଅଲ୍ଲାଃ ! ତୁମ୍ଭେ, ମୋତେ ଦେଖୁଛ । ଏହା ତୁମକୁ ଜଣାଅଛି ଯେ ମୁଁ କିପରି ଅନ୍ଧ ଓ ଦୃଷ୍ଟିହୀନ ହୋଇ ଏପରି ମୃତ ଅବସ୍ଥାରେ ପଡ଼ି ରହିଛି । ମୁଁ ଜାଣିପାରୁଛି ଯେ କିଛି ସମୟ ପରେ ମୋତେ ସ୍ୱର ମିଳିବ ତ ମୁଁ ତୁମ୍ଭ ଆଡ଼କୁ ଦୌଡ଼ି ଆସିବି । ସେତେବେଳେ ମୋତେ କେହି ରୋକି ପାରିବେ ନାହିଁ । କିନ୍ତୁ ମୋ ହୃଦୟ ଅନ୍ଧ ଓ ଅପରିଚିତ । ତେଣୁ ତୁମ୍ଭେ ଏଥିରେ ଏପରି ଜ୍ୟୋତିର ପ୍ରକାଶ ଅବତୀର୍ଣ୍ଣ କର ଯେ ତୁମ୍ଭ ପ୍ରେମ ଓ ଆଗ୍ରହ ଏଥିରେ ଉତ୍ପନ୍ନ ହୋଇଯାଉ । ତୁମ୍ଭେ ଏପରି ଦୟାକର ଯେ ମୁଁ ଆଧ୍ୟାତ୍ମିକତାରେ ଅନ୍ଧ ନ ହୋଇଯାଏ ଓ ଅନ୍ଧମାନଙ୍କ ସହିତ ସମ୍ମିଳିତ ନହୁଏ ।

ଯେତେବେଳେ ଏହି ପ୍ରକାର ଦୁଆ ମାଗିବ ତଥା ସେଥିରେ ନିରନ୍ତର ଲାଗି ରହିବ, ତା ହେଲେ ଦେଖିବ ଯେ ଏପରି ଏକ ସମୟ ଆସିବ ଯେ ଏହି ସ୍ୱାଦ ହୀନ ନମାଜ ଭିତରକୁ ଦିବ୍ୟ ଆନନ୍ଦମୟ ଏକ ବସ୍ତୁ ଆକାଶରୁ ଆସି ପଡ଼ିବ, ଯଦ୍ୱାରା ମନରେ ଆହୁରି ଭକ୍ତି ଓ ଆତୁର ଭାବର କୋହ ଉଠିବ ।'

(ମଲ୍‌ଫୁଜାତ୍, ଖଣ୍ଡ ୨, ପୃ : ୬୧୬)

# ନମାଜ ତହଜୁଦ୍‌ର ବ୍ୟବସ୍ଥା କର

ପୁଣି ଏହି ତୃତୀୟ ସର୍ତ୍ତରେ ରହିଛି ଯେ ତହଜୁଦ୍ ନମାଜ ପାଠକର ।

ଅଲ୍ଲାଃତାଲା କହୁଛନ୍ତି :

﴿وَمِنَ الَّيْلِ فَتَهَجَّدْ بِهٖ نَافِلَةً لَّكَ عَسٰۤى اَنْ يَّبْعَثَكَ رَبُّكَ مَقَامًا مَّحْمُوْدًا﴾

ଓ୍ୱ ମିନଲ୍ ଲୈଲି ଫତହଜ୍ଜଦ୍ ବିହୀ ନାଫେଲତଲ୍‌ଲକ୍ - ଅସା' ଅଇଁ ଯବ୍ ଅସକା ରବ୍‌ବୁକା ମକାମମ୍ ମହ୍‌ମୁଦା

ଅର୍ଥାତ 'ସୂର୍ଯ୍ୟ ଅସ୍ତ ହେବା ପରଠାରୁ ରାତିର ଅନ୍ଧକାର ଘନୀଭୂତ ହେବା ପର୍ଯ୍ୟନ୍ତ ନମାଜକୁ ପ୍ରତିଷ୍ଠା କର ଏବଂ ଫଜର୍ ନମାଜ ପରେ ପବିତ୍ର କୁର୍ଆନ୍ ଆବୃତି କରିବା ପ୍ରତି ଗୁରୁତ୍ୱ ଦିଅ । ନିଶ୍ଚିତ ଭାବେ ଫଜର ସମୟରେ କୁର୍ଆନ ପାଠ କରିବା ଅତି ଉତ୍ତମ ଓ ମହତ୍ତ୍ୱପୂର୍ଣ୍ଣ ବିଷୟ । ରାତ୍ରିର ନିସ୍ତବ୍ଧ ଭାଗରେ କୁର୍ଆନ ଆବୃତ୍ତି କରିବା ସହିତ ନମାଜ ତହଜୁଦ୍ ପାଠକର । ଏହା ତୁମପାଇଁ ଅତିରିକ୍ତ ନମାଜ ହେବ । ସମ୍ଭବତଃ ଏହାଦ୍ୱାରା ଅଲ୍ଲାଃ ତୁମକୁ ପ୍ରଶଂସନୀୟ ସ୍ଥାନ ପ୍ରଦାନ କରିଦେବେ ।' **(ବନି ଇସ୍ରାଇଲ୍ ୮୦)**

ହଜରତ୍ ବେଲାଲ୍[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ୍ ମୁହମ୍ମଦ[ସଅ] କହୁଥିଲେ : ତୁମେମାନେ ନମାଜ ତହଜୁଦ୍ ପାଠ କରିବାର ବ୍ୟବସ୍ଥା କର । କାରଣ ଏହା ପୂର୍ବବର୍ତ୍ତୀ ଧର୍ମନିଷ୍ଠ ବ୍ୟକ୍ତିମାନଙ୍କର ଆଚରଣଶୀଳ ନୀତି ଥିଲା । ଅଲ୍ଲାଃତାଲାଙ୍କ ସାନିଧ ପ୍ରାପ୍ତ କରିବାର ଏହା ଏକ ଉପାୟ । ଏହି ଅଭ୍ୟାସ ପାପର ପ୍ରତିରୋଧ କରେ ଓ ମନ୍ଦ କର୍ମକୁ ନାଶ କରିଥାଏ । ଶାରୀରିକ ବ୍ୟାଧିରୁ ସୁରକ୍ଷିତ ରଖିଥାଏ । (ତିର୍ମିଜି, ଅବ୍ୱାବୁଦ୍ ଦାଓ୍ୱାତ୍)

ଏକ ହଦିସ୍‌ରେ ହଜରତ୍ ଅବୁହୁରୈରା[ରଅ] ବର୍ଣ୍ଣନା କରିଛନ୍ତି : ରସୁଲୁଲ୍ଲାଃ ଏହିପରି କହୁଥିଲେ 'ଯେତେବେଳେ ରାତ୍ରିର ଶେଷ ପ୍ରହର ହୋଇଯାଏ, ସେତେବେଳେ ଅଲ୍ଲାଃତାଲା ପୃଥିବୀ ପୃଷ୍ଠ ଆଡ଼କୁ ଆସି କୁହନ୍ତି ଯେ କେହି ବ୍ୟକ୍ତି ଅଛି ଯିଏ ମୋତେ ପ୍ରାର୍ଥନା କରିବ ଓ ମୁଁ ତା'ର ଦୁଆକୁ ଗ୍ରହଣ କରିବି । କେହି ଅଛି; ଯିଏ ମୋଠାରୁ କ୍ଷମା ଭିକ୍ଷା କରିବ ଓ ମୁଁ ତାର କ୍ଷମା ମାର୍ଜନା କରିବି ? କେହି ଅଛି ଯିଏ ମୋଠାରୁ ରୋଜଗାର ମାଗିବ ଓ ମୁଁ ତାକୁ ଜୀବିକା ପ୍ରଦାନ କରିବି । କେହି ଅଛି ଯେ ମୋଠାରୁ ନିଜର କଷ୍ଟ ନିବାରଣ ପାଇଁ ଦୁଆ କରିବ ଓ ମୁଁ ତା'ର କଷ୍ଟ ଲାଘବ କରିଦେବି । ଅଲ୍ଲାଃତାଲା ସେ ପର୍ଯ୍ୟନ୍ତ ଏହିପରି କହି ଚାଲିଥାନ୍ତି ଯେ ପର୍ଯ୍ୟନ୍ତ ରାତି ପାହି ସକାଳ ହୋଇଯାଏ ।' (ମୁସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଖଣ୍ଡ ୨, ପୃ : ୫୨୧)

ଅନେକ ବ୍ୟକ୍ତି ମୋ ନିକଟକୁ ଦୁଆ ପାଇଁ ପତ୍ର ଲେଖୁଛନ୍ତି । ସେମାନେ ସ୍ୱୟଂ ଏହି ନୀତି ଉପରେ ପାଳନ କରନ୍ତୁ । ତେବେ ସେ ଅଲ୍ଲାଃତାଲାଙ୍କ କିପରି କରୁଣା ବୃଷ୍ଟି ହେଉଛି ତାହା ଦେଖି ପାରିବେ । ହଜ୍‌ରତ୍ ଅବୁହୁରୈରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ଥରେ କହିଲେ 'ଅଲ୍ଲାଃତାଲା କହୁଛନ୍ତି ଯିଏ ମୋର ମିତ୍ର ସହିତ ଶତ୍ରୁତା କରେ, ମୁଁ ତା' ବିପକ୍ଷରେ ଯୁଦ୍ଧର ଘୋଷଣା କରୁଛି । ମୋର ଭକ୍ତ ଯେତିକି ସେହି ବସ୍ତୁର ନିକଟତର ହେଉଥାଏ ଯାହାକୁ ମୁଁ ସେତିକି ଅଧିକ ପସନ୍ଦ କରେ । ମୁଁ ତା' ସକାଶେ ଏହା ଅନିବାର୍ଯ୍ୟ କରିଦିଏ ଯେ ସେ ତାହାକୁ ହାସଲ କରିପାରିବ, ଯାହାକୁ ସେ

ଅନ୍ୟ କାହାରି ଠାରୁ ହାସଲ କରିପାରିବ ନାହିଁ । ନଫିଲ୍ (ଅତିରିକ୍ତ) ନମାଜ ଦ୍ୱାରା ମୋର ଅତି ନିକଟତର ହୋଇଯାଏ, ଏପରିକି ମୁଁ ତାକୁ ପ୍ରେମ କରିବାକୁ ଲାଗେ । ଯେତେବେଳେ ମୁଁ ତା'କୁ ନିଜର ମିତ୍ର କରିନିଏ ମୁଁ ତା'ର କର୍ଣ୍ଣ ହୋଇଯାଏ, ଯେଉଁଥିରେ ସେ ଶୁଣେ । ମୁଁ ତା'ର ଚକ୍ଷୁ ହୋଇଯାଏ, ଯେଉଁଥିରେ ସେ ଦେଖେ । ତା'ର ହସ୍ତ ହୋଇଯାଏ, ଯେଉଁଥିରେ ସେ ଧରେ, ତା'ର ପାଦ ହୋଇଯାଏ, ଯେଉଁଥିରେ ସେ ଚାଲେ । ଅର୍ଥାତ୍ ମୁଁ ତା'ର ସର୍ବାଙ୍ଗରେ ପରିଣତ ହୋଇଯାଏ । ଯଦି ସେ ମୋତେ ମାଗେ ମୁଁ ତାକୁ ଦିଏ । ଯଦି ସେ ମୋର ଶରଣାଗତ ହୁଏ, ମୁଁ ତାକୁ ଆଶ୍ରୟ ପ୍ରଦାନ କରେ ।' (ବୁଖାରୀ କିତାବୁଲ୍ ରିକାବ, ଖଣ୍ଡ ତଓ୍ୱାଜା)

ଅବୁହୁରୈରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ହଜରତ୍ ରସୁଲୁଲ୍ଲାଃ[ସଅ] କହୁଥିଲେ: ଅଲ୍ଲାଃତାଲା ସେ (ପୁରୁଷ) ବ୍ୟକ୍ତି ଉପରେ କରୁଣା କରନ୍ତୁ, ଯିଏ ରାତିରେ ବିଛଣାରୁ ଉଠି ନମାଜ ପାଠକରେ ଓ ସେ ତା'ର ପତ୍ନୀକୁ ମଧ୍ୟ ଉଠାଏ । ଯଦି ସେ ଉଠିବାକୁ ଅନିଚ୍ଛା ପ୍ରକାଶ କରେ, ତେବେ ସେ ତା' ମୁହଁକୁ ପାଣି ଛିଞ୍ଚିଥାଏ, ଫଳତଃ ସେ ଉଠି ଛିଡ଼ା ହୋଇଯାଏ । ସେହିପରି ଅଲ୍ଲାଃତାଲା ସେହି ପତ୍ନୀ ଉପରେ ମଧ୍ୟ କରୁଣା କରନ୍ତୁ ଯିଏ ରାତ୍ରିରେ ବିଛଣାରୁ ଉଠି ନିଜେ ନମାଜ ପଢ଼ିବ ଓ ତା'ର ପତିକୁ ଜଗ୍ରତ କରାଇବ ଏବଂ ଯଦି ସେ ଉଠିବାକୁ ଅନିଚ୍ଛା ପ୍ରକାଶ କରିବ, ସେ ତା' ମୁଖକୁ ପାଣି ଛିଞ୍ଚିବ ଯେପରି ସେ ଉଠି ଛିଡ଼ା ହୋଇଯିବ ।' (ଅବୁଦାଉଦ୍, କିତାବୁସ୍ ସଲାତ)

ହଜରତ୍ ମସିହ୍ ମଉଦ୍[ସଅ] ବର୍ଣ୍ଣନା କରିଛନ୍ତି 'ଆମ ଜମାଅତ୍‌କୁ ଏହା ଆବଶ୍ୟକ ଯେ ତହଜ୍ଜୁଦ୍ ନମାଜକୁ ଅନିବାର୍ଯ୍ୟ କରିଦିଅନ୍ତୁ । ଯେଉଁମାନେ ଅଧିକ ନପଢ଼ି ପାରୁଛନ୍ତି, ସେମାନେ ଅନ୍ତତଃ ଦୁଇ ରେକାତ ପାଠ କରନ୍ତୁ । କାରଣ ତା'କୁ ଅନ୍ତତଃ ଦୁଆ କରିବାର ସୁଯୋଗ ମିଳିଯିବ । ସେ ସମୟର ଦୁଆରେ ଏକ ବିଶେଷ ପ୍ରକାରର ପ୍ରଭାବ ରହିଥାଏ । କାରଣ ତାହା ବାସ୍ତବିକ ମନରେ ବେଦନା ଓ ଉତ୍କଣ୍ଠା ସହିତ ବାହାରିଥାଏ । ଜଣେ ବ୍ୟକ୍ତି ସୁଖ ନିଦ୍ରାରୁ କିପରି ଉଠିପାରିବ ? ତେଣୁ ସେ ସମୟରେ ଉଠିବା ହିଁ ଏକ ବେଦନା ହୃଦୟରେ ଜାତ କରିଥାଏ, ଯଦ୍ୱାରା ଦୁଆରେ ବ୍ୟାକୁଳତା ଓ କରୁଣା ଭାବ ସୃଷ୍ଟି ହୋଇଥାଏ । ଏହି ଆଗ୍ରହ ଓ ଭାବନା ଦୁଆକୁ ଗ୍ରହଣଯୋଗ୍ୟ କରାଇଥାଏ । କିନ୍ତୁ ଯଦି ଉଠିବାରେ ଅବହେଳା ଓ ଆଳସ୍ୟତା ପ୍ରଦର୍ଶିତ ହୁଏ, ତେବେ ଏହା ସ୍ପଷ୍ଟ ହୋଇଯାଏ ଯେ ସେ ବ୍ୟାକୁଳତା ବା କରୁଣାର ଭାବ ହୃଦୟରେ ନାହିଁ । କାରଣ ନିଦ ତ ଦୁଃଖକୁ ଦୂରେଇ ଦିଏ । କିନ୍ତୁ ଯେତେବେଳେ ସେ ନିଦ୍ରାରୁ ଜାଗ୍ରତ ହୁଏ, ଜଣାପଡ଼େ ଯେ ନିଦଠାରୁ ବଳି କୌଣସି ଯନ୍ତ୍ରଣା ଓ ଦୁଃଖ ଏପରି

ରହିଛି, ଯାହା ନିଦ୍ରାରୁ ଉଠାଇବାକୁ ବାଧ କରୁଛି ।' (ମଲଫୁଜାତ୍, ଖଣ୍ଡ ୭, ପୃ : ୧୮୨)

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି : 'ରାତ୍ରିରେ ଉଠ ଓ ଦୁଆକର ଯେ ଅଲ୍ଲାଃତାଲା ତୁମକୁ ନିଜର ପଥ ପ୍ରଦର୍ଶନ କରାନ୍ତୁ । ହଜରତ୍ ମୁହମ୍ମଦ[ସଅ]ଙ୍କ ଅନୁଚରମାନେ ମଧ୍ୟ କ୍ରମାନ୍ୱୟରେ ଏହି ସଂସ୍କାର ପାଇଥିଲେ । ସେମାନେ ପ୍ରଥମେ କ'ଣ ଥିଲେ ? ଜଣେ କୃଷକର ବିହନ ସଦୃଶ ଥିଲେ, ଯାହାକୁ ସେ ମାଟିରେ ବୁଣି ଦେଇଥିଲା । ପୁଣି ମହଭାଗ ସେଥିରେ ଜଳ ସିଞ୍ଚନ କଲେ । ସେମାନଙ୍କ ପାଇଁ ଦୁଆ କଲେ । ବିହନ ଉତ୍କୃଷ୍ଟ ଧରଣର ଥିଲା ଓ ଭୂମି ମଧ୍ୟ ଉର୍ବର ଥିଲା । ତା' ସହିତ ଉକ୍ତ ଜଳସେଚନ ଦ୍ୱାରା ଫଳ ଅତି ଉତ୍ତମ ମାନର ବାହାରିଲା । ଯେଉଁ ପ୍ରକାର ହଜୁର[ସଅ] ଚାଲିଲେ, ସେହିପରି ସେମାନେ ମଧ୍ୟ ଚାଲିଲେ । ସେମାନେ ଦିବା ନିଶି ଅପେକ୍ଷା କରୁ ନଥିଲେ । ତୁମେମାନେ ସହୃଦୟର ସହିତ ତୌବା (ପ୍ରାୟଶ୍ଚିତ) କର । ତହଜ୍ଜୁଦ୍‌ରେ ଉଠି ଦୁଆକର । ହୃଦୟକୁ ସଠିକ୍ କର, ଓ ଚେତନା ଜାଗ୍ରତ କର । ଦୁର୍ବଳତାକୁ ଛାଡ଼ିଦିଅ ଏବଂ ପ୍ରଭୁଙ୍କ ଇଚ୍ଛା ଅନୁଯାୟୀ ନିଜ କଥନ ଓ କର୍ତ୍ତବ୍ୟର ପାଳନ କର ।

(ମଲଫୁଜାତ୍, ପ୍ରଥମ ଭାଗ ପୃ୨୮)

## ହଜରତ୍ ମୁହମ୍ମଦ[ସଅ]ଙ୍କ ପ୍ରତି ଦରୁଦ୍ ପ୍ରେରଣ କରିବାରେ ନିରନ୍ତରତା ଅବଲମ୍ବନ କର

ବୈୟତ୍‌ର ତୃତୀୟ ସର୍ତ୍ତ ଏହା ରହିଛି ଯେ ହଜରତ୍ ମୁହମ୍ମଦ[ସଅ]ଙ୍କ ପ୍ରତି ଦରୁଦ୍ ପ୍ରେରଣ କରିବା ପାଇଁ ସର୍ବଦା ପ୍ରୟାସ କରିବା (ଅର୍ଥାତ ଅଲ୍ଲାଃଙ୍କ ଛାମୁରେ ମୁହମ୍ମଦ[ସଅ]ଙ୍କ ପ୍ରତି ଶାନ୍ତି ଓ ଆଶିଷର କାମନା ମୂଳକ ପ୍ରାର୍ଥନା) ଏଥିରେ ନିରନ୍ତରତା ଅବଲମ୍ବନ କରିବା । ଏ ସମ୍ପର୍କରେ ଅଲ୍ଲାଃତାଲା ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣନା କରିଛନ୍ତି

﴿إِنَّ اللّٰهَ وَمَلٰٓئِكَتَهٗ يُصَلُّوْنَ عَلَى النَّبِيِّ يٰٓاَيُّهَا الَّذِيْنَ اٰمَنُوْا صَلُّوْا عَلَيْهِ وَسَلِّمُوْا تَسْلِيْمًا﴾

ଇନ୍ନଲ୍ଲାହା ଓ୍ୱମଲାଇକତୁହୁ ୟୁସୁଲ୍ଲୁନା ଅଲନ୍‌ନବୀଇ । ୟାଅୟୋହଲ୍ ଲଜିନା ଆମନୁ ସଲ୍ଲୁ ଅଲୈହ ଓ୍ୱସଲ୍ଲିମୁ ତସ୍‌ଲିମା

ଅର୍ଥାତ 'ନିଶ୍ଚିତ ଭାବେ ଅଲ୍ଲାଃତାଲା ଓ ସମସ୍ତ ଦେବଦୂତମାନେ ଏହି ନବୀଶ୍ରେଷ୍ଠଙ୍କ ପ୍ରତି ଦରୁଦ ଓ ଶାନ୍ତି ପ୍ରେରଣ କରୁଛନ୍ତି । ତେଣୁ ହେ ଲୋକମାନେ !

ଯେଉଁମାନେ ବିଶ୍ୱାସ ଆଣିଛ, ତୁମେ ମଧ୍ୟ ତାଙ୍କ ପ୍ରତି ଦରୁଦ୍ ଓ ପର୍ଯ୍ୟାପ୍ତ ଶାନ୍ତି ପ୍ରେରଣ କର' । **(ଅଲ୍ ଅହଜାବ୍ ୫୭)**

ହଜରତ୍ ଅବ୍ଦୁଲ୍ଲା ବିନ୍ ଉମରୋ ବିନ୍ ଅଲ୍‌ଆସ[ରଅ]ଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଛି ଯେ ସେ ହଜରତ ମୁହମ୍ମଦ[ସଅ]ଙ୍କୁ କହିବାର ସେ ଶୁଣିଥିଲେ 'ଯେତେବେଳେ ତୁମେ ମୁଅଜ୍ଜନ (ଅଜାନ ଦେବା ଲୋକ)କୁ ଅଜାନ ଦେବାର ଶୁଣିବ, ତୁମେ ମଧ୍ୟ ସେହି ଶବ୍ଦମାନ ଆବୃତ୍ତ କର, ଯାହା ତୁମେ ଶୁଣିଲ । ପୁଣି ମୋ ଉପରେ ଦରୁଦ୍ ପ୍ରେରଣ କର । ଯେଉଁ ବ୍ୟକ୍ତି ମୋ ପ୍ରତି ଦରୁଦ୍ ପ୍ରେରଣ କରେ ଅଲ୍ଲାଃତାଲା ତାକୁ ୧୦ଗୁଣ କରୁଣା ପ୍ରଦାନ କରିବେ ।' ପୁଣି କହିଛନ୍ତି : 'ମୋ ପାଇଁ ଅଲ୍ଲାଃତାଲାଙ୍କ ଠାରୁ ପର୍ଯ୍ୟାପ୍ତ ପରିମାଣର ସାହାଯ୍ୟ ଓ ସମର୍ଥନ ମାଗ ଯେ କି ବୈକୁଣ୍ଠର ସ୍ତର ବା ସୋପାନ ମଧ୍ୟରୁ ଗୋଟିଏ । ଯାହାକୁ ଅଲ୍ଲାଃଙ୍କ ଭକ୍ତମାନଙ୍କ ମଧ୍ୟରୁ ଜଣେ ଭକ୍ତକୁ ପ୍ରଦାନ କରାଯିବ । ଏବଂ ମୁଁ ଆଶା ରଖୁଛି ଯେ ମୁଁ ହିଁ ସେହି ବ୍ୟକ୍ତି ହେବି । ଯେ କେହି ବ୍ୟକ୍ତି ମୋ ପାଇଁ ବ୍ୟାପକ ସମର୍ଥନ ମାଗିବ, ତା'ପାଇଁ କରା ଯାଇଥିବା ସୁପାରିଶ ସିଦ୍ଧ ହୋଇଯିବ । (ସହି ମୁସଲିମ୍, କିତାବୁସ୍ ସଲାତ୍, ଭାଗ ଅଲ କୌଲ ମିସଲୁଲ୍ କୌଲୁଲ ମୋଅଜନ ଲିମନ୍ ସମିଅହୁ ସ୍ୱସଲ୍ଲି ଆଲନ୍ ନବୀ) ଅତଏବ୍ ଏ ସମସ୍ତ ବିଷୟକୁ ଦୃଷ୍ଟିରେ ରଖିବାକୁ ପଡ଼ିବ ଯେ ଅଲ୍ଲାଃତାଲାଙ୍କ ଅନୁଗ୍ରହ ପ୍ରାପ୍ତ କରିବାକୁ ହେଲେ ଓ ତାହାଙ୍କ ସାନିଧ୍ୟ ଲାଭ କରିବାକୁ ହେଲେ, ସେହିପରି ନିଜର ଦୁଆକୁ ଗ୍ରହଣଯୋଗ୍ୟ କରାଇବାକୁ ହେଲେ, ଏହା ଆବଶ୍ୟକ ଯେ ହଜରତ୍ ମୁହମ୍ମଦ[ସଅ]ଙ୍କ ଓ୍ୱସିଲା ବା ମାଧ୍ୟମକୁ ଅବଲମ୍ବନ କର ଯାହାର ଉତ୍କୃଷ୍ଟ ଉପାୟ ହଦିସରେ ବର୍ଣ୍ଣିତ ଅଛି । ହଜରତ୍ ମସିହ ମଉଦ[ଅସ] କହିଛନ୍ତି ଯେ ଅତ୍ୟଧିକ ମାତ୍ରାରେ ଦରୁଦ୍ ପାଠ କର,

**اَللّٰھُمَّ صَلِّ عَلٰی مُحَمَّدٍ وَّعَلٰی اٰلِ مُحَمَّدٍ کَمَا صَلَّیْتَ عَلٰی**

**اِبْرَاھِیْمَ وَعَلٰی آلِ اِبْرَاھِیْمَ اِنَّکَ حَمِیْدٌ مَّجِیْدٌ.**

**اَللّٰھُمَّ بَارِکْ عَلٰی مُحَمَّدٍ وَّعَلٰی آلِ مُحَمَّدٍ کَمَا بَارَکْتَ عَلٰی**

**اِبْرَاھِیْمَ وَعَلٰی آلِ اِبْرَاھِیْمَ اِنَّکَ حَمِیْدٌ مَّجِیْدٌ.**

'ଅଲ୍ଲାହୁମ୍ମା ସଲ୍ଲେ ଆଲା ମୁହମ୍ମଦିଉଁ ୱ୍ଆଲା ଆଲେ ମୁହମ୍ମଦିନ୍ କମା ସଲ୍ଲେତା ଆଲା ଇବ୍ରାହିମା ଓଆଲା ଆଲେ ଇବ୍ରାହିମା ଇନ୍ନକା ହମିଦୁନ୍ ମଜିଦ୍ । ଅଲ୍ଲାହୁମ୍ମା ବାରିକ୍ ଅଲା ମୁହମ୍ମଦିଉଁ ଓ ଆଲା ଆଲେ ମୁହମ୍ମଦିନ୍ କମା ବାରକ୍ତା ଆଲା ଇବ୍ରାହିମା ଓ ଆଲା ଆଲେ ଇବ୍ରାହିମା ଇନ୍ନକା ହମିଦୁନ୍ ମଜିଦ୍ ।'

ହଜରତ୍ ଆମିର୍ ବିନ୍ ରବିୟା[ରଅ]ଙ୍କ ଦ୍ୱାରା ବର୍ଣ୍ଣିତ ହୋଇଛି ଯେ ହଜରତ୍ ମୁହମ୍ମଦ[ସଅ] ଏହିପରି କହିଥିଲେ 'ଯେଉଁ ମୁସଲମାନ ମୋ ପ୍ରତି ଦରୁଦ୍ ପ୍ରେରଣ କରେ, ସେ ଯେ ପର୍ଯ୍ୟନ୍ତ ଦରୁଦ୍ ପାଠ କରୁଥାଏ ସେ ପର୍ଯ୍ୟନ୍ତ ଦେବଦୂତଗଣ ତାପ୍ରତି ଦରୁଦ୍ ପ୍ରେରଣ କରି ଥାଆନ୍ତି । ଏବେ ସେ ଏଥିରେ କମ୍ କରୁ ନତୁବା ଅଧିକ କରୁ ।'

ହଜରତ୍ ଉମର ବିନ୍ ଖତାବ[ରଅ] କହିଛନ୍ତି 'ଦୁଆ ଆକାଶ ଓ ପୃଥିବୀର ମଧ୍ୟ ଭାଗରେ ଅଟକିଯାଏ । ଯେ ପର୍ଯ୍ୟନ୍ତ ତୁମେ ରସୁଲୁଲ୍ଲାଃ[ସଅ]ଙ୍କ ପ୍ରତି ଦରୁଦ୍ ପ୍ରେରଣ ନକରିଛ, ସେ ପର୍ଯ୍ୟନ୍ତ ତାହାର କୌଣସି ଅଂଶ ମଧ୍ୟ ପ୍ରଭୁଙ୍କ ଛାମୁରେ ଉପସ୍ଥିତ କରାଯିବା ପାଇଁ ଉପରକୁ ଯାଏନାହିଁ ।'

(ତିର୍‌ମିଜି, କିତାବୁସ୍ ସଲାତ୍, ଭାଗ ମାଜା ଫି ଫଜଲିସ ସ୍‌ଲାତ ଅଲନ୍ ନବୀ)

ହଜରତ୍ ଅବ୍ଦୁଲ୍ଲା ବିନ୍ ମସ୍‌ଉଦ[ରଅ]ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ[ସଅ] କହିଲେ, 'ଲୋକମାନଙ୍କ ମଧ୍ୟରୁ କୟାମତ୍ ବା ଅନ୍ତିମ ବିଚାର ଦିବସର ସବୁଠାରୁ ଅଧିକ ନିକଟତମ ସେହି ବ୍ୟକ୍ତି ହେବ, ଯିଏ ସେମାନଙ୍କ ମଧ୍ୟରୁ ମୋ ପ୍ରତି ଅଧିକ ଦରୁଦ୍ ପ୍ରେରଣ କରିଥିବ ।'

(ତିରମିଜି, କିତାବୁସ୍ ସଲାତ୍ ମାଯାଆ ଫିଫଜଲୁସ୍ ସଲାତି ଅଲନ୍ ନବୀଏ)

ହଜରତ୍ ମସିହ ମଉଦ୍[ଅସ] ଦରୁଦ୍‌ର ଉପକାରୀତା ସମ୍ବନ୍ଧରେ ନିଜର ଅନୁଭୁତିକୁ ସ୍ୱୟଂ ବର୍ଣ୍ଣନା କରିଛନ୍ତି: 'ଥରେ ଏପରି ସଂଯୋଗ ହେଲା ଯେ ମୁଁ ଦୀର୍ଘଦିନ ଧରି ଦରୁଦ୍ ପାଠକଲି । ଅର୍ଥାତ୍ ହଜରତ୍ ମୁହମ୍ମଦ[ସଅ]ଙ୍କ ପ୍ରତି ଦରୁଦ୍ ପ୍ରେରଣ କଲି । କାରଣ ମୋର ବିଶ୍ୱାସ ଥିଲା ଯେ ଅଲ୍ଲାଃଙ୍କର ପଥ ଅତି ସୂକ୍ଷ୍ମ ଧରଣର । ଏବଂ ନବୀ କରିମ[ସଅ]ଙ୍କ ମାଧ୍ୟମ ବ୍ୟତୀତ ଏହାକୁ ପ୍ରାପ୍ତ କରିବା ଦୁଃସାଧ୍ୟ ବିଷୟ । ଯେପରିକି ଅଲ୍ଲାଃତାଲା କହିଛନ୍ତି "وَابْتَغُوْٓا اِلَيْهِ الْوَسِيْلَةَ"

ୱ୍‌ବତଗୁ ଏଲୈହିଲ୍ ୱ୍‌ସିଲତା... ଏହାପରେ କିଛି ଅବଧି ବିତିଯିବା ପରେ ମୁଁ ଅର୍ଦ୍ଧଚେତନ ଅବସ୍ଥାରେ ଦେଖିଲି ଯେ ଦୁଇଜଣ ବ୍ୟକ୍ତି ଆସିଲେ । ଜଣେ ଭିତର ପାଖ ବାଟ ଦ୍ୱାରା ଓ ଅନ୍ୟ ଜଣକ ବାହାର ପାଖ ବାଟ ଦ୍ୱାରା ଘର ଭିତରକୁ ପ୍ରବେଶ କଲେ ।

ଉଭୟଙ୍କ କାନ୍ଧରେ ଗୋଟିଏ ଲେଖାଏ ନୂର (ଜ୍ୟୋତି)ର ପାତ୍ର ବା କଳସ ଥିଲା । ସେମାନେ କହୁଥିଲେ

" هٰذَا بِمَا صَلَّيْتَ عَلٰى مُحَمَّدٍ " 'ହାଜାବେମା ସଲ୍ଲୈତା ଆଲା ମୁହମ୍ମଦିନ୍' ଅର୍ଥାତ୍ 'ଏହି ଆଶୀଷ ଦାୟକ ସମୃଦ୍ଧି ସେହି ଦରୁଦ୍ ପାଇଁ ଉଦ୍ଦିଷ୍ଟ, ଯାହା ତୁମେ ମୁହମ୍ମଦ[ସଅ]ଙ୍କ ପ୍ରତି ପ୍ରେରଣ କରିଥିଲ ।'

(ହକିକତୁ ଓ୍ୱହି, ପାଦଟିକା ପୃ : ୧୨୮, ରୁହାନି ଖଜାଇନ, ଖଣ୍ଡ ୨୨, ପୃ : ୧୩୧)

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି: 'ଦରୁଦ୍ ଶରିଫ୍‌ର ଫଳ ସ୍ୱରୂପ .... ମୁଁ ଦେଖୁଛି ଯେ ଅଲ୍ଲାଃତାଲାଙ୍କର ଅନୁକମ୍ପା ବିଚିତ୍ର ଜ୍ୟୋତି ଆକାରରେ ହଜରତ ମୁହମ୍ମଦ[ସଅ]ଙ୍କ ଅଭିମୁଖେ ଯାଉଛି ଓ ପୁଣି ସେଠାରେ ଯାଇ ମହାଭାଗଙ୍କ ହୃଦୟରେ ବିଲୀନ ହୋଇଯାଉଛି । ପୁଣି ସେଠାରୁ ବାହାରି ଅସଂଖ୍ୟ ସ୍ରୋତରେ ପରିଣତ ହୋଇଯାଉଛି । ପ୍ରତ୍ୟେକ ଅଂଶୀଦାରକୁ ଅନୁପାତ କ୍ରମେ ତାଙ୍କର ଭାଗ ପହଞ୍ଚି ଯାଉଛି । ନିଶ୍ଚିତ ଭାବେ କୌଣସି କଲ୍ୟାଣ ହଜରତ୍ ମୁହମ୍ମଦ[ସଅ]ଙ୍କ ମାଧ୍ୟମ ବ୍ୟତୀତ ଅର୍ଥାତ୍ ତାଙ୍କର ଆନୁଗତ୍ୟ ବ୍ୟତୀତ କାହାରିକୁ ପ୍ରାପ୍ତ ହୋଇପାରିବ ନାହିଁ । ତେବେ ଦରୁଦ୍ ଶରିଫର ମହିମା କ'ଣ ? ଏହା ହଜରତ୍ ମୁହମ୍ମଦ[ସଅ]ଙ୍କର ସେହି ସିଂହାସନକୁ ଆନ୍ଦୋଳିତ କରିଥାଏ, ଯେଉଁଥିରୁ ଆଧ୍ୟାତ୍ମିକ ଜ୍ୟୋତିର ସ୍ରୋତ ପ୍ରବାହିତ ହେଉଛି । ଯେଉଁମାନେ ଅଲ୍ଲାତାଲାଙ୍କର କୃପା ଓ କରୁଣା ପ୍ରାପ୍ତ କରିବାକୁ ଇଚ୍ଛୁକ, ସେମାନଙ୍କ ପାଇଁ ଏହା ଅନିବାର୍ଯ୍ୟ ଯେ ସେମାନେ ଅତ୍ୟଧିକ ଦରୁଦ୍ ଶରିଫ୍ ପାଠ କରନ୍ତୁ, ଯଦ୍ୱାରା ସେହି ହିତ ସାଧନକାରୀ ମଧ୍ୟରେ ଏକ ଆନ୍ଦୋଳନ ସୃଷ୍ଟି ହେବ ।'

(ଅଲ୍ ହକମ୍, ୨୮ ଫେବୃଆରୀ ୧୯୦୩)

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି, 'ମନୁଷ୍ୟ ବାସ୍ତବରେ ଈଶ୍ୱରଙ୍କ ଭକ୍ତ ଅର୍ଥାତ ତାହାଙ୍କ ଅକିଞ୍ଚନ ଦାସ । ଦାସର କର୍ତ୍ତବ୍ୟ ହେଉଛି ମାଲିକ ଯାହା ଆଦେଶ ଦେବ ସେ ତାକୁ ଗ୍ରହଣ କରିବ । ସେହିପରି ଯଦି ତୁମେ ଇଚ୍ଛା କରୁଛ ଯେ ହଜରତ ମୁହମ୍ମଦ[ସଅ]ଙ୍କର  ଅନୁକମ୍ପା ପ୍ରାପ୍ତ କରିବ, ତେବେ ଆବଶ୍ୟକ ହେଉଛି ଯେ ତୁମେ ତାଙ୍କର ଦାସ ହୋଇଯାଅ । ପବିତ୍ର କୁର୍‌ଆନରେ ଅଲ୍ଲାଃତାଲା ବର୍ଣ୍ଣନା କରିଛନ୍ତି

"قُلْ يٰعِبَادِيَ الَّذِيْنَ اَسْرَفُوْا عَلٰى اَنْفُسِهِمْ"

'କୁଲ୍ ୟା ଇବାଦିୟଲ୍ଲଜିନା ଅସ୍‌ରଫୁ ଆଲା ଅନ୍‌ଫୋସେହିମ୍' । ଏଠାରେ ଭକ୍ତର ତାତ୍ପର୍ଯ୍ୟ ଭୃତ୍ୟ ବା ଦାସ, ସମସ୍ତ ମାନବ ନୁହନ୍ତି । ରସୁଲୁଲ୍ଲାଃ[ସଅ]ଙ୍କ ଭୃତ୍ୟ ବା ଦାସ ହେବାକୁ ହେଲେ ଏହା ଜରୁରୀ ଯେ ମହାନୁଭବଙ୍କ ପ୍ରତି ଦରୁଦ ପ୍ରେରଣ କରାଯାଉ ।

ଏବଂ ମହାଭାଗଙ୍କ କୌଣସି ଆଦେଶର ଅବମାନନା ନ କରାଯାଉ । ପ୍ରତ୍ୟେକ ଆଦେଶର ପାଳନ ପ୍ରତି ସଂକଳ୍ପବଦ୍ଧ ରହୁ ।

(ଅଲ୍‌ବଦର୍, ଖଣ୍ଡ ୨, ନମ୍ବର-୧୪,୧୪ ଅପ୍ରେଲ ୧୯୦୩, ପୃ : ୧୦୯)

ହଜରତ୍ ମସିହ ମଉଦ[ଅସ] କହିଛନ୍ତି

’’اَللّٰھُمَّ صَلِّ وَسَلِّمْ وَبَارِکْ عَلَیْہِ وَاٰلِہٖ بِعَدَدِ ھَمِّہٖ وَغَمِّہٖ وَحُزْنِہٖ لِھٰذِہِ الْاُمَّۃِ وَاَنْزِلْ عَلَیْہِ اَنْوَارَ رَحْمَتِکَ اِلَی الْاَبَدِ۔‘‘

‘ଅଲ୍ଲାହୁମ୍ମାସଲ୍ଲି ୱ୍ୱସଲ୍ଲିମ୍ମ ୱ୍ୱବାରିକ୍ ଆଲୈହେ ୱ୍ୱଆଲେହି ବି ଅଦଦେ ହମ୍ମେହି ୱ୍ୱଗମ୍ମେହି ୱ୍ୱହୁଜ୍‌ନିହୀ ଲେହାଜେହିଲ ଉମ୍ମତି ୱ୍ୱଅନ୍‌ଜିଲୁ ଅଲୈହେ ଅନ୍‌ୱ୍ୱାରା ରହ୍‌ମତେକା ଇଲଲ୍ ଅବଦି’

ଅର୍ଥାତ ‘ହେ ଅଲ୍ଲାଃ ! ଦରୁଦ୍ ଓ ସଲାମ ତଥା ସମସ୍ତ ପ୍ରକାର କଲ୍ୟାଣ ପ୍ରେରଣ କର । ଆପଣ ଓ ଆପଣଙ୍କ ମତାବଲମ୍ବୀଙ୍କ ଉପରେ ଏପରି ଅଧିକ ପରିମାଣରେ ରହମତ୍ (କୃପା) ଓ ବରକତ୍ (କଲ୍ୟାଣ)ଥିଲା, ଯେତିକି ଦରଦ ଓ ଚିନ୍ତା ମହାଭାଗଙ୍କ ହୃଦୟରେ ଏହି ଜାତି ପାଇଁ ଥିଲା । ଏବଂ ମହାଭାଗଙ୍କ ଉପରେ ଅଲ୍ଲାଃଙ୍କ ରହମତ୍‌ର ଜ୍ୟୋତି ସର୍ବଦା ଅବତୀର୍ଣ୍ଣ କରି ଚାଲିଥାନ୍ତୁ । (ବର୍‌କାତୁଦ୍ ଦୁଆ, ରୁହାନି ଖଜାଇନ, ଖଣ୍ଡ ୪, ପୃ : ୧୧)

## ଅନବରତ କ୍ଷମା ଯାଚନା (ଇସ୍ତଗ୍‌ଫାର) କର

ପୁଣି ଏହି ତୃତୀୟ ସର୍ତ୍ତରେ ଇସ୍ତଗଫାର (କ୍ଷମାଭିକ୍ଷା) କରିବା ସମ୍ବନ୍ଧରେ ମଧ୍ୟ କୁହାଯାଇଛି । ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା କହିଛନ୍ତି :

﴿فَقُلْتُ اسْتَغْفِرُوْا رَبَّكُمْ اِنَّهٗ كَانَ غَفَّارًا ۔ يُّرْسِلِ السَّمَآءَ عَلَيْكُمْ مِّدْرَارًا ۔ وَّيُمْدِدْكُمْ بِاَمْوَالٍ وَّ بَنِيْنَ وَيَجْعَلْ لَّكُمْ جَنّٰتٍ وَّيَجْعَلْ لَّكُمْ اَنْهٰرًا﴾

‘ଫକୁଲ୍ ତୁସ୍‌ତଗ୍‌ଫିରୁ ରବ୍‌ବକୁମ୍ - ଇନ୍ନହୁ କାନା ଗଫାରଇଁ ୟୁର୍‌ସିଲିସ୍ ସମାଅନ୍ ଅଲୈକୁମ୍ ମିଦ୍‌ରାରା । ୱ୍ୱ ୟୁମୁଦିଦ୍‌କୁମ ବି ଅମ୍‌ୱ୍ୱାଲିଉଁ ୱ୍ୱ ବନିନା ୱ୍ୱ ୟୟଅଲ୍ ଲକୁମ୍ ଯନ୍ନତିଉଁ ଓ ୟଜଅଲ୍ ଲକୁମ ଅନ୍‌ହାରା ।

ଅର୍ଥାତ ମୁଁ କହିଲି ନିଜ ପାଳନକର୍ତ୍ତାଙ୍କ ଠାରୁ କ୍ଷମା ଯାଚନା କର । ନିଶ୍ଚୟ ହିଁ ସେ ଅତୀବ କ୍ଷମାଶୀଳ । ସେ ତୁମ ନିକଟକୁ ଅବିରାମ ଭାବରେ ବର୍ଷୁଥିବା ମେଘକୁ ପଠାଇବେ । ଏବଂ ସେ ଧନ ଓ ସନ୍ତାନ ସହିତ ତୁମର ସାହାଯ୍ୟ କରିବେ । ତୁମପାଇଁ ଉଦ୍ୟାନମାନ ତିଆରି କରିଦେବେ ଓ ତୁମ ପାଇଁ ଝରଣା ପ୍ରବାହିତ କରାଇ ଦେବେ । **(ନୁହ ୧୧-୧୩)**

﴿فَسَبِّحۡ بِحَمۡدِ رَبِّکَ وَاسۡتَغۡفِرۡهُ اِنَّهٗ کَانَ تَوَّابًا﴾

ଫସବ୍‌ବିହ୍ ବେହମ୍‌ଦେ ରବ୍‌ବିକା ଓ୍ୱସ୍‌ତଗ୍‌ଫିର୍‌ହୁ ଇନ୍ନହୁ କାନା ତଓ୍ୱାବା

ଅର୍ଥାତ ନିଜ ପାଳନକର୍ତ୍ତାଙ୍କ ପ୍ରଶଂସା ସହିତ ତାହାଙ୍କ (ତସ୍‌ବିହ) ଗୁଣଗାନ କର ଓ ତାଙ୍କଠାରୁ କ୍ଷମା ଭିକ୍ଷାକର । ସେ ନିଶ୍ଚିତ ଭାବେ ବହୁତ ଅଧିକ ତୌବା (ଅନୁତାପ)କୁ ଗ୍ରହଣ କରିଥାନ୍ତି । **(ଅନ୍ ନସର ୪)**

ଏ ବିଷୟରେ ଏକ ହଦିସ ରହିଛି । ଅବୁବରଦା ବିନ୍ ଅବିମୁସା[ରଅ] ନିଜର ପିତା ଅବୁମୁସାଙ୍କ କଥନ ଅନୁଯାୟୀ ବର୍ଣ୍ଣନା କରିଛନ୍ତି : ରସୁଲୁଲ୍ଲାଃ[ସଅ] କହିଥିଲେ 'ଅଲ୍ଲାଃତାଲା ମୋ ଉପରେ ମୋର ସଂପ୍ରଦୟକୁ ଦୁଇଗୋଟି ଅମାନତ୍ ଦେବାକୁ ଦୈବବାଣୀ ଅବତୀର୍ଣ୍ଣ କରିଛନ୍ତି । ତାହା ଏପରି

وَمَا كَانَ اللّٰهُ لِيُعَذِّبَهُمۡ وَاَنۡتَ فِيۡهِمۡ ـ وَمَا كَانَ اللّٰهُ مُعَذِّبَهُمۡ وَهُمۡ يَسۡتَغۡفِرُوۡنَ

'ଓ୍ୱମା କାନଲ୍ଲାହୁ ଲିୟୁଅଜ୍‌ଜିବୁହୁମ୍ ଓ୍ୱଅନ୍‌ତା ଫିହିମ୍ ଓ୍ୱମା କାନଲ୍ଲାହୋ ମୁଅଜିବହୁମ୍ ଓ୍ୱହୁମ୍ ୟସ୍‌ତଗ୍‌ଫିରୁନ୍ **(ଅଲ୍ ଅନ୍‌ଫାଲ୍ ୩୪)**

ଅର୍ଥାତ୍ : 'ଯେ ପର୍ଯ୍ୟନ୍ତ ତୁମେ ତାଙ୍କ ମଧ୍ୟରେ ଉପସ୍ଥିତ ରହିଛ ଅଲ୍ଲାଃତାଲା ଏପରି ନୁହନ୍ତି ଯେ ତାଙ୍କୁ ଦଣ୍ଡିତ କରିବେ । ଯେ ପର୍ଯ୍ୟନ୍ତ ସେମାନେ କ୍ଷମାଭିକ୍ଷା କରୁଥିବେ, ଅଲ୍ଲାଃ ଏପରି ନୁହନ୍ତି ଯେ ସେ ତାଙ୍କୁ ଶାସ୍ତି ବିଧାନ କରିବେ । ଅତଏବ ଯେତେବେଳେ ମୁଁ ସେମାନଙ୍କ ଠାରୁ ପୃଥକ ହେଲି, ତାଙ୍କ ପାଇଁ ଶେଷ ବିଚାର ଦିବସ ପର୍ଯ୍ୟନ୍ତ ଇସ୍ତଗ୍‌ଫାର ଛାଡ଼ି ଆସିଲି ।

(ଯାମେ ତିରମିଜି, କିତାବ୍ ତଫସିରୁଲ୍ କୁରଆନ୍)

ହଜରତ ଇବ୍ନେ ଅବାସ[ରଅ] ବର୍ଣ୍ଣନା କରିଛନ୍ତି ଯେ ରସୁଲେ କରୀମ[ସଅ] କହିଲେ 'ଯେଉଁ ବ୍ୟକ୍ତି ଇସ୍ତଗ୍‌ଫାର ସହିତ ଜଡ଼ିତ ରହିଥାଏ ଅର୍ଥାତ ସର୍ବଦା କ୍ଷମା ଭିକ୍ଷା କରୁଥାଏ, ଅଲ୍ଲାଃତାଲା ତା' ସକାଶେ ପ୍ରତ୍ୟେକ ପ୍ରକାରର ଅଭାବ ଅନାଟନରୁ ମଧ୍ୟ ଉଦ୍ଧାରିବାର ପଥ ପ୍ରଦର୍ଶିତ କରାଇ ଦିଅନ୍ତି । ଏବଂ ତାହାର ପ୍ରତ୍ୟେକ ପ୍ରକାର

ଅସୁବିଧାରୁ ମୁକୁଳିବାର ପଥ ସୁଖମ କରିଦିଅନ୍ତି । ତାକୁ ଏପରି ମାଧ୍ୟମରେ ଜୀବିକା ପ୍ରଦାନ କରିଥାନ୍ତି, ଯାହାର ସେ କଳ୍ପନା ମଧ୍ୟ କରି ନଥାଏ ।'

(ସୁନନ୍ ଅବି ଦାଉଦ୍, କିତାବୁଲ୍ ୱିତ୍ର, ଭାଗ ଇସ୍ତିଗ୍‌ଫାର)

ହଜ୍‌ରତ୍ ମସିହ ମଉଦ୍[ଅସ] ବର୍ଣ୍ଣନା କରିଛନ୍ତି, 'ଇସ୍ତଗଫାର ଦ୍ୱାରା ଇମାନ (ଧର୍ମବିଶ୍ୱାସ)ର ମୂଳ ମଜବୁତ ହୋଇଥାଏ । ପ୍ରଥମତଃ ନିଜ ହୃଦୟକୁ ଅଲ୍ଲାଃତାଲାଙ୍କ ପ୍ରେମରେ ଦୃଢ଼ୀଭୁତ କରି ପାପର ଉତ୍ପତ୍ତିକୁ ଯାହା ଏକାନ୍ତ ସମୟରେ ମନ ଭିତରେ ଆନ୍ଦୋଳିତ ହୁଏ, ପ୍ରଭୁଙ୍କ ସମ୍ପର୍କ ବଳରେ ଏହାକୁ ରୋକିବା ଓ ପ୍ରଭୁଙ୍କ ପ୍ରେମରେ ଲୀନ ହୋଇ ତାଙ୍କ ସାହାଯ୍ୟ ଲୋଡ଼ିବା ଇତ୍ୟାଦି ଏପରି ଇସ୍ତଗ୍‌ଫାର ହେଉଛି ଈଶ୍ୱରଙ୍କ ସାନିଧ ପ୍ରାପ୍ତ ବ୍ୟକ୍ତିମାନଙ୍କର, ଯେଉଁମାନେ ନିମିଷକ ପାଇଁ ଅଲ୍ଲାଃତାଲାଙ୍କ ଠାରୁ ଦୂରେଇ ରହିବାକୁ ନିଜର ବିନାଶର କାରଣ ଭାବନ୍ତି । ତେଣୁ ସେମାନେ କ୍ଷମା ଯାଚନା କରନ୍ତି ଯେ ଅଲ୍ଲାଃତାଲା ତାଙ୍କୁ ଧରି ରଖନ୍ତୁ । ଦ୍ୱିତୀୟ ପ୍ରକାରର କ୍ଷମା ଯାଚନା ହେଉଛି ମନ୍ଦକର୍ମ ଜନିତ ପାପରୁ ବାହାରି ପ୍ରଭୁଙ୍କ ଆଡ଼କୁ ଦୌଡ଼ିବା ଓ ଚେଷ୍ଟା କରିବା । ଯେପରି ବୃକ୍ଷ ଭୂମିରେ ଲାଗିଯାଏ, ସେହିପରି ହୃଦୟ ପ୍ରଭୁଙ୍କ ଦାସ ହୋଇଯାଉ । ଫଳତଃ ପବିତ୍ର ଭାବେ ପ୍ରତିପାଳିତ ହୋଇ ପାପ ରୂପୀ ଉତ୍ତପ୍ତ ଝାଞ୍ଜି ଓ ପବନରୁ ସୁରକ୍ଷିତ ରହିପାରିବ । ଉଭୟ ପ୍ରକାରର ନାମ ଇସ୍ତଗ୍‌ଫାର ରଖାଯାଇଛି । କାରଣ 'ଗଫାର' ଯା' ମଧ୍ୟରୁ ଇସ୍ତଗଫାର୍ ଶବ୍ଦ ବାହାରିଛି, ତାହା ଢ଼ାଙ୍କିବା ଓ ଲୁଚିବାକୁ କୁହାଯାଏ । ସୁତରାଂ ଇସ୍ତଗଫାର୍‌ର ତାତ୍ପର୍ଯ୍ୟ ହେଉଛି ଯେ ପ୍ରଭୁଙ୍କ ସେହି ବ୍ୟକ୍ତିର ପାପକୁ ଯିଏକି ତା' ପ୍ରେମରେ ନିଜକୁ ସମ୍ପୃକ୍ତ ରଖିଥାଏ ଲୁଚି ରଖୁ । ମାନବିକତାର ମୂଳ ଚେର ଯେପରି ନଗ୍ନ ନ ହୋଇଯାଉ । ବରଂ ଅଲ୍ଲାଃତାଲାଙ୍କ ଚାଦର ଦ୍ୱାରା ଢ଼ାଙ୍କି ହୋଇ ତାହାଙ୍କ ପବିତ୍ରତାରେ ଅଂଶଗ୍ରହଣ କରୁ । ଯଦି କୌଣସି ପାପର ଚେର ଅଙ୍କୁରିତ ହେବା ସମୟରେ ନଗ୍ନ ହୋଇ ଯାଇଥାଏ, ତେବେ ତାକୁ ଢ଼ାଙ୍କିବା ସହିତ ତା'ର ନଗ୍ନତାର କୁପ୍ରଭାବରୁ ବଞ୍ଚିତ ରଖେ । ଯେହେତୁ ଅଲ୍ଲାଃତାଲା ମଙ୍ଗଳମୟ ଆଶୀଷଧାରା ହୋଇଥାନ୍ତି, ତେଣୁ ତାହାଙ୍କ ଜ୍ୟୋତି ପ୍ରତ୍ୟେକ ପ୍ରକାର ଅନ୍ଧକାରକୁ ଦୂର କରିବାକୁ ସର୍ବଦା ପ୍ରସ୍ତୁତ ଥାଏ । ପବିତ୍ର ଜୀବନକୁ ପ୍ରାପ୍ତ କରିବା ପାଇଁ ଏହା ହିଁ ସଳଖ ବାଟ, ଯଦ୍ୱାରା ଆମେ ଏହି ଦୂରାବସ୍ଥାକୁ ଭୟ କରି ସେହି ପବିତ୍ରକାରୀ ସ୍ରୋତ ଆଡ଼କୁ ନିଜର ବେନି କରକୁ ପ୍ରସାରଣ କରିବା । ଫଳ ସ୍ୱରୂପ ତାହା ଆମ ଆଡ଼କୁ ତୀବ୍ର ବେଗରେ ଗତି କରିବ ଓ ସମସ୍ତ ପ୍ରକାର ଅପରିଚ୍ଛନ୍ନତାକୁ ଏକବାରେ ଦୂର କରିଦେବ । ପ୍ରଭୁକୁ ସନ୍ତୁଷ୍ଟ କରିବା ପାଇଁ ଏହାଠାରୁ ଅଧିକ କୌଣସି ତ୍ୟାଗ ନାହିଁ ଯେ ଆମେ ବାସ୍ତବିକ ରୂପରେ

ତାଙ୍କ ପଥରେ ମୃତ୍ୟୁକୁ ସ୍ୱୀକାର କରି ସ୍ୱୟଂ ନିଜକୁ ତାଙ୍କ ସମ୍ମୁଖରେ ଅର୍ପଣ କରିଦେବା ।'

(ସିରାଯୁଦ୍ଦିନ୍ ଇସାଇ କେ ଗ୍ଚର ସଓ୍ୱାଲୋଁ କା ଯଓ୍ୱାବ, ରୁହାନି ଖଜାଇନ୍, ଭାଗ ୧୨, ପୃ : ୩୪୬-୩୪୭)

ପୁଣି ସେ କହିଛନ୍ତି : 'ଯେତେବେଳେ ପ୍ରଭୁଙ୍କ ଠାରୁ ସାମର୍ଥ୍ୟ ଭିକ୍ଷା କରିବ ଅର୍ଥାତ ଇସ୍ତଗ୍ଫାର କରିବ, ତେବେ ରୁହୁଲ କୁଦ୍ଦୁସ୍ (ପବିତ୍ର ଆତ୍ମା)ର ସାହାଯ୍ୟ ଓ ସମର୍ଥନ ଦ୍ୱାରା ସେମାନଙ୍କର ଦୁର୍ବଳତା ଦୂରେଇ ଯାଇପାରେ । ପାପ ଆଚରଣ ବା କୁକର୍ମ କରିବାରୁ ସେମାନେ ବଞ୍ଚିତ ହୋଇପାରିବେ । ଯେପରିକି ଈଶ୍ୱରଙ୍କ ପ୍ରେରିତ ନବୀମାନେ ବଞ୍ଚି ଥାଆନ୍ତି । ଏବଂ ଯଦି ଏପରି ବ୍ୟକ୍ତି ଥାଆନ୍ତି, ଯେଉଁମାନେ ପାପଚାର କରି ଦେଇଛନ୍ତି, ତେବେ ଇସ୍ତଗ୍ଫାର ତାଙ୍କୁ ଏହି ଲାଭ ଦେଇଥାଏ ଯେ ସେମାନେ ପାପର ପରିଣାମ ଅର୍ଥାତ ଦୈବ ଶାସ୍ତିରୁ ମୁକ୍ତି ଲାଭ କରନ୍ତି । କାରଣ ଜ୍ୟୋତି ବା ପ୍ରକାଶର ଆଗମନ ପରେ ଅନ୍ଧକାର ଲୋପ ପାଇଯାଏ । ଯେଉଁମାନେ ଇସ୍ତଗ୍ଫାର୍ ନକରନ୍ତି ଅର୍ଥାତ ପ୍ରଭୁଙ୍କ ଠାରୁ ସାମର୍ଥ୍ୟ ନ ଲୋଡ଼ନ୍ତି, ସେମାନେ ନିଜ ଦୁଷ୍କର୍ମ ପାଇଁ ଦଣ୍ଡ ପାଉଥାନ୍ତି ।' (କିସ୍ତି ନୁହ, ରୁହାନି ଖଜାଇନ୍, ଭାଗ ୧୯, ପୃ : ୩୪)

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି : 'କେତେକ ବ୍ୟକ୍ତି ଏପରି ଅଛନ୍ତି ଯେଉଁମାନେ ପାପାଚରିତ କର୍ମ ବିଷୟରେ ଜାଣିପାରନ୍ତି ଓ ଆଉ କେତେକ ବ୍ୟକ୍ତିଙ୍କୁ ସେ ସମ୍ବନ୍ଧରେ ଜଣା ନଥାଏ । ଏହି କାରଣରୁ ଏହାର ନିଦାନ ପାଇଁ ଅଲ୍ଲାଃତାଲା ସଦାସର୍ବଦା ଇସ୍ତଗଫାର୍‌ର ଉପାୟ ନିର୍ଦ୍ଧାରଣ କରିଛନ୍ତି । ଯେ ମନୁଷ୍ୟ ପ୍ରତ୍ୟେକ ପାପ ପାଇଁ ହୁଏତ ପ୍ରତ୍ୟକ୍ଷ ରୂପେ ହେଉ ବା ପରୋକ୍ଷ ରୂପେ, ତା'ର ଜ୍ଞାତସାରରେ ହେଉ କିମ୍ବା ତା'ର ଅଜ୍ଞାତରେ ହେଉ, ତାର ହାତ, ଗୋଡ଼, ତୁଣ୍ଡ, ନାକ, କାନ ଓ ଆଖି ଇତ୍ୟାଦି ଅଙ୍ଗଗୁଡ଼ିକ ପ୍ରତ୍ୟେକ ପ୍ରକାରର ପାପ ପାଇଁ ଇସ୍ତଗ୍ଫାର କରୁଥିବ । ଆଜିକାଲି ଏପରି ଅବସ୍ଥା ଦେଖାଦେଇ ଥିବାରୁ ହଜରତ ଆଦମ୍[ଅସ]ଙ୍କ ଦୁଆ ପାଠ କରିବା ଆବଶ୍ୟକ ।

رَبَّنَا ظَلَمْنَا اَنْفُسَنَا وَاِنْ لَّمْ تَغْفِرْلَنَا وَتَرْحَمْنَا لَنَكُوْنَنَّ مِنَ الْخَاسِرِيْنَ

'ରବ୍‌ବନା ଜଲମ୍‌ନା ଅନ୍‌ଫୋସନା ଓ୍ୱଇଲ୍ଲମ୍ ତଗ୍‌ଫିର୍‌ଲନା ଓ୍ୱତର୍‌ହମ୍‌ନା ଲନକୁନନ୍ନା ମିନଲ୍ ଖାସେରିନ୍ **(ଆରାଫ୍ ୨୪)**

ଏହି ଦୁଆ ପ୍ରଥମରୁ ହିଁ ଗୃହୀତ ହୋଇଯାଇଛି । ଅବହେଳା କିମ୍ବା ନିଶ୍ଚିନ୍ତରେ ନିଜର ଜୀବନ ଅତିବାହିତ କରନାହିଁ । ଯେଉଁମାନେ ଅବହେଳା ବା ଆଳସ୍ୟ ପରାୟଣ

ହୋଇ ଜୀବନ ଅତିବାହିତ କରନ୍ତି ନାହିଁ, କଦାପି ଏହାର ଆଶା ନଥାଏ ଯେ ସେମାନେ ନିଜେ ଶକ୍ତି ଠାରୁ ଅଧିକ ଅସୁବିଧାରେ ପଡ଼ିବେ କିମ୍ବା ବିପଦଗ୍ରସ୍ତ ହେବେ । କୌଣସି ବିପଦ ଅଲ୍ଲାଃତାଲାଙ୍କ ଆଦେଶ ବିନା ଆସେନାହିଁ । ଯେପରିକି ମୋତେ ଏହି ଦୁଆ ବା ପ୍ରାର୍ଥନା ପାଇଁ ଐଶ୍ୱରିକ ବାଣୀ ପ୍ରାପ୍ତ ହୋଇଛି ।

"رَبِّ كُلُّ شَىْءٍ خَادِمُكَ رَبِّ فَاحْفَظْنِىْ وَانْصُرْنِىْ وَارْحَمْنِىْ۔"

ରବ୍‌ବେ କୁଲ୍ଲୋ ଶୈଇନ ଖାଦିମୁକା, ରବ୍‌ବେ ଫା'ହ୍‌ଫଜ୍‌ନି, ଓ୍ୱନ୍‌ସୁର୍‌ନି ଓ୍ୱର୍ ହମ୍‌ନି ।

(ମଲଫୁଜାତ୍, ଭାଗ ୨, ପୃ : ୫୭୭)

# ଇସ୍ତଗ୍‌ଫାର ଓ ତୌବା
# (କ୍ଷମା ଯାଚନା ଓ ପ୍ରାୟଶ୍ଚିତ)

ହଜରତ୍ ମସିହ ମଉଦ୍[ଅସ] ବର୍ଣ୍ଣନା କରିଛନ୍ତି

"وَاَنِ اسْتَغْفِرُوْا رَبَّكُمْ ثُمَّ تُوْبُوْا اِلَيْهِ"

'ଓ୍ୱ ଅନିସ୍‌ତଗ୍‌ଫିରୁ ରବ୍‌ବକୁମ୍ ସୁମ୍ମାତୁବୁ ଇଲୈହେ **(ହୁଦ୍ ୪)**

ମନେରଖ ! ଉକ୍ତ ଦୁଇଗୋଟି ବିଷୟ ଏହି ଜାତିକୁ ପ୍ରଦାନ କରାଯାଇଛି । ପ୍ରଥମତଃ ସାମର୍ଥ୍ୟ ପ୍ରାପ୍ତ କରିବାକୁ ଓ ଦ୍ୱିତୀୟତଃ ପ୍ରାପ୍ତ ହୋଇଥିବା ସାମର୍ଥ୍ୟକୁ କାର୍ଯ୍ୟକାରୀ କରି ଦେଖାଇବାକୁ । ସାମର୍ଥ୍ୟ ପ୍ରାପ୍ତ କରିବା ହେଉଛି ଇସ୍ତଗଫାର, ଯାହାକୁ ଅନ୍ୟ ଅର୍ଥରେ ସାହାଯ୍ୟ ବା ସହଯୋଗ ପାଇବା କୁହାଯାଏ । ସାଧୁସନ୍ଥମାନେ କୁହନ୍ତି ଯେପରି ବ୍ୟାୟାମ ଓ ଭାର ଉତ୍ତୋଳନ ଇତ୍ୟାଦି କଲେ ଶାରୀରିକ କ୍ଷମତା ଓ ଶକ୍ତି ବୃଦ୍ଧି ହୋଇଥାଏ, ସେହିପରି ଆଧାତ୍ମିକ ମୁଦ୍‌ଗର ବା ଗଦା ଚାଳନା କରିବା ହେଉଛି ଇସ୍ତଗ୍‌ଫାର । ଏହାଦ୍ୱାରା ଆତ୍ମାକୁ ଏକ ଶକ୍ତି ପ୍ରାପ୍ତ ହୁଏ ଓ ହୃଦୟରେ ଦୃଢ଼ତା ଆସିଥାଏ । ଯେଉଁମାନେ ସାମର୍ଥ୍ୟ ପ୍ରାପ୍ତ କରିବାକୁ ଇଚ୍ଛା କରନ୍ତି, ସେମାନେ ଇସ୍ତଗ୍‌ଫାର କରନ୍ତୁ । ଗଫାର ଢ଼ାଙ୍କିବା ବା ଚାପି ଧରିବାକୁ କୁହାଯାଏ । ଇସ୍ତଗ୍‌ଫାର ଦ୍ୱାରା ମନୁଷ୍ୟ ସେହି ଭାବନା ବା ବିଚାରକୁ ଢାଙ୍କିବା ଓ ଦବାଇବାକୁ ଚେଷ୍ଟାକରେ, ଯିଏକି ପ୍ରଭୁ ଆଡ଼କୁ ଯିବାରେ ପ୍ରତିରୋଧକ ହୋଇଥାଏ । ସୁତରାଂ ଇସ୍ତଗ୍‌ଫାରର ଅର୍ଥ ହେଉଛି, ସେହି ବିଷାକ୍ତ ବିଷର ଯାହା ମନୁଷ୍ୟକୁ ଆକ୍ରମଣ କରି ନଷ୍ଟଭ୍ରଷ୍ଟ କରିବାକୁ

ରହୁଛି, ତାକୁ ଦମନ କରି ପ୍ରଭୁଙ୍କ ଆଦେଶ ପାଳନ କରିବା ପଥରେ ଥିବା ଅବରୋଧକୁ ହଟାଇବା ଓ ତାହାକୁ କାର୍ଯ୍ୟକାରୀ କରି ଦେଖାଇବା । ଏକଥା ମଧ୍ୟ ମନେ ରଖିବା ଉଚିତ ଯେ ଅଲ୍ଲାଃତାଲା ମନୁଷ୍ୟ ଠାରେ ଦୁଇ ପ୍ରକାର ଗୁଣ ରଖିଛନ୍ତି । ଗୋଟିଏ ବିଷାକ୍ତ ଗୁଣ ଯାହାର ପ୍ରେରକ ଦୁରାତ୍ମା (ଶୈତାନ) ଓ ଅନ୍ୟଟି ବିଷନାଶକ ଗୁଣ । ଯେତେବେଳେ ମନୁଷ୍ୟ ଅଂହକାରୀ ହୋଇଯାଏ ଓ ନିଜକୁ କ୍ଷମତାଶାଳୀ ମନେକରେ ତଥା ବିଷନାଶକ ନିର୍ଝରର ସାହାଯ୍ୟ ନିଏନାହିଁ, ସେତେବେଳେ ବିଷଯୁକ୍ତ ଶକ୍ତି ପ୍ରଭାବଶାଳୀ ହୋଇଯାଏ । କିନ୍ତୁ ଯେତେବେଳେ ସେ ନିଜକୁ ଦୀନହୀନ ଓ ଦୁର୍ବଳ ମନେ କରେ ଏବଂ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟର ଆଶାୟୀ ହୁଏ, ସେତେବେଳେ ଅଲ୍ଲାଃତାଲାଙ୍କ ଆଡୁ ଗୋଟିଏ ନିର୍ଝର ବାହାରି ଆସେ, ଯଦ୍ୱାରା ତା'ର ଆତ୍ମା ତରଳି ପ୍ରବାହିତ ହେବାକୁ ଲାଗେ । ଏହାହିଁ ଇସ୍ତଗଫାରର ତାତ୍ପର୍ଯ୍ୟ । ଅର୍ଥାତ ସେ ପୁଣ୍ୟ ଶକ୍ତିକୁ ପ୍ରାପ୍ତ କରି ବିଷାକ୍ତ ଗୁଣ ଉପରେ ବିଜୟ ଲାଭ କରେ ।'

(ମଲଫୁଜାତ୍, ଖଣ୍ଡ ୧, ପୃ ୩୪୮-୩୪୯)

# ଅଲ୍ଲାଃତାଲାଙ୍କର ପ୍ରଶଂସା କରୁଥାଅ

ପୁଣି ଏହି ତୃତୀୟ ସର୍ତ୍ତରେ ଏକଥା ମଧ୍ୟ ରହିଛି ଯେ ସର୍ବଦା ଅଲ୍ଲାଃତାଲାଙ୍କ ପ୍ରଶଂସା କରୁଥିବ । ଏ ସମ୍ବନ୍ଧରେ ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା ବର୍ଣ୍ଣନା କରିଛନ୍ତି:

اَلْحَمْدُ لِلّٰهِ رَبِّ الْعٰلَمِيْنَ

ଅଲ୍‌ହମ୍‌ଦୁ ଲିଲ୍ଲାହେ ରବ୍‌ବିଲ୍ ଆଲମୀନ୍

ଅର୍ଥାତ 'ସମସ୍ତ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଯେ କି ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡର ପାଳନ କର୍ତ୍ତା ।' **(ଅଲ ଫାତିହା ୨)**

اَلْحَمْدُ لِلّٰهِ الَّذِىْ لَهٗ مَا فِى السَّمٰوٰتِ وَمَا فِى الْاَرْضِ وَلَهُ الْحَمْدُ فِى الْاٰخِرَةِ وَهُوَ الْحَكِيْمُ الْخَبِيْرُ

ଅଲ୍‌ହମୁଦ୍ ଲିଲ୍ଲାହିଲ୍‌ଲଜି ଲହୁ ମାଫିସ୍ ସମାୱାତେ ୱମାଫିଲ୍ ଅର୍‌ଜେ ୱ ଲହୁଲ୍ ହମ୍‌ଦୁ ଫିଲ୍ ଆଖିରାତି ୱହୁୱଲ୍ ହକିମୁଲ୍ ଖବୀର୍

ଅର୍ଥାତ 'ସମସ୍ତ ପ୍ରକାର ସ୍ତୁତି ଅଲ୍ଲାଃଙ୍କର । ଯାହାଙ୍କର ସବୁକିଛି, ଯାହା ଆକାଶରେ ରହିଛି ଓ ଭୂମିରେ ରହିଛି ଏବଂ ପରକାଳରେ ମଧ୍ୟ ସମସ୍ତ ପ୍ରଶଂସା ତାଙ୍କରି ପାଇଁ ହେବ ଏବଂ ସେ ସର୍ବଜ୍ଞ ଓ ପରମ ବିବେକଶୀଳ ।' **(ସବା ୨)**

ହଜରତ୍ ଅବୁହୁରୈରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ହଜରତ୍ ମୁହମ୍ମଦ[ସଅ] କହିଥିଲେ, 'ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯଦି ଅଲ୍ଲାଃତାଲାଙ୍କ ସ୍ତୁତି ଗାନ କରିବା ବ୍ୟତୀତ ଆରମ୍ଭ କରାଯାଏ, ତେବେ ତାହା ଅସମ୍ପୂର୍ଣ୍ଣ ରହେ ।'

ଅନ୍ୟ ଏକ ସ୍ଥାନରେ ବର୍ଣ୍ଣନା କରାଯାଇଛି 'ପ୍ରତ୍ୟେକ ବାକ୍ୟ ଯାହା ଅଲ୍ଲାଃତାଲାଙ୍କ ସ୍ତୁତି ବ୍ୟତୀତ ଆରମ୍ଭ କରାଯାଏ, ତାହା କଲ୍ୟାଣକାରୀ ନୁହେଁ ଓ ତାହା ପ୍ରଭାବହୀନ ହୋଇଥାଏ ।'

(ସୁନନ୍ ଇବ୍ନେ ମାଜା, ହଦିସ୍ ନମ୍ବର ୧୮୫୪ ଏବଂ ସୁନନ୍ ଅବୂଦାଉଦ୍, ହଦିସ୍ ନମ୍ବର ୪୮୩୨)

ଏକ ହଦିସ୍‌ରେ ବର୍ଣ୍ଣିତ ଅଛି ଯେ ନୁମାନ ବିନ୍ ବଶୀର[ରଅ] ବର୍ଣ୍ଣନା କରିଛନ୍ତି : ନବୀକରୀମ[ସଅ] ମଞ୍ଚ ଉପରେ ଛିଡ଼ା ହୋଇ କହିଲେ, 'ଯେଉଁ ବ୍ୟକ୍ତି ଅଳ୍ପରେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ ନକରେ ସେ ଅଲ୍ଲାଃଙ୍କ ଅନୁଗ୍ରହ ପାଇଁ ମଧ୍ୟ କୃତଜ୍ଞତା ଜ୍ଞାପନ କରିପାରେ ନାହିଁ । ଅଲ୍ଲାଃତାଲାଙ୍କ ପ୍ରଦତ୍ତ ପୁରସ୍କାରକୁ ସ୍ମରଣ କରିବା ମଧ୍ୟ କୃତଜ୍ଞତାର ପରିଚାୟକ । ଏହାକୁ ସ୍ମରଣ ନକରିବା ଅର୍ଥ କୃତଘ୍ନ ହେବା ।

(ମସନଦ୍ ଅହମଦ୍ ବିନ୍ ହମ୍ବଲ, ଖଣ୍ଡ ୪, ପୃ : ୨୭୮)

ହଜ୍‌ରତ୍ ମଆଜ୍ ବିନ୍ ଜବଲ୍[ରଅ] ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲାଃ[ସଅ] ତାଙ୍କ ହାତ ଧରି କହିଲେ 'ହେ ମୁଆଜ ! ଅଲ୍ଲାଃତାଲାଙ୍କ ରାଣ ! ନିଶ୍ଚିତ ରୂପେ ମୁଁ ତୁମ ସହିତ ପ୍ରେମ କରୁଛି ।' ପୁଣି ମହାଭାଗ କହିଲେ 'ହେ ମୁଆଜ ! ମୁଁ ତୁମକୁ ଇଚ୍ଛାପତ୍ର (ଓସିୟତ) କରୁଛି ଯେ 'ତୁମେ ପ୍ରତ୍ୟେକ ନମାଜ ପରେ ଏହି ଦୁଆ ପଢିବାକୁ ଭୁଲିଯିବ ନାହିଁ .....

اَللّٰھُمَّ اَعِنِّیْ عَلٰی ذِکْرِکَ وَ شُکْرِکَ وَحُسْنِ عِبَادَتِکَ۔

'ଅଲ୍ଲାହୁମ୍ମା ଆଇନ୍ନି ଜିକ୍‌ରୋକା ଓ୍ୱଶୁକ୍‌ରେକା ଓ୍ୱହୁସ୍‌ନେ ଇବାଦତିକା'

ଅର୍ଥାତ 'ହେ ଅଲ୍ଲାଃ ! ମୋତେ ଶକ୍ତି ପ୍ରଦାନ କର ଯେ ମୁଁ ତୁମ୍ଭଙ୍କୁ ସ୍ମରଣ କରିବା, ତୁମ୍ଭର କୃତଜ୍ଞ ରହିବା ଓ ଉତ୍ତମ ରୂପେ ତୁମ୍ଭର ଉପାସନା କରିପାରିବି ।'

(ସୁନନ୍ ଅବିଦାଉଦ୍, କିତାବୁଲ୍ ଓ୍ୱିତ୍‌ର୍)

ହଜରତ ମସିହ ମଉଦ[ଅସ] ବର୍ଣ୍ଣନା କରିଛନ୍ତି : 'ଯଦି ମନୁଷ୍ୟ ଗୁରୁତର ସହିତ ଚିନ୍ତା କରେ, ସେ ଜାଣିପାରିବ ଯେ ବାସ୍ତବରେ ସମସ୍ତ ପ୍ରକାର ସ୍ତୁତି ଓ ମହିମାର ପାତ୍ର

ହେଉଛନ୍ତି ଅଲ୍ଲାଃତାଲା ଏବଂ କୌଣସି ବ୍ୟକ୍ତି କିମ୍ବା ସୃଷ୍ଟଜ ପ୍ରାଣୀ ବାସ୍ତବ ରୂପେ ସ୍ତୁତି ଓ ପ୍ରଶଂସାର ପାତ୍ର ନୁହନ୍ତି । ଯଦି କୌଣସି ବ୍ୟକ୍ତି ନିଃସ୍ୱାର୍ଥପର ଭାବରେ ଚିନ୍ତା କରେ, ତେବେ ସେ ସ୍ପଷ୍ଟ ଭାବେ ଜାଣିପାରିବ ଯେ ଯଦି କୌଣସି ବ୍ୟକ୍ତି ପ୍ରଶଂସାର ଯୋଗ୍ୟ ଅଛି, ସେ ଏଥିପାଇଁ ପ୍ରଶଂସାର ପାତ୍ର ବୋଲାଇବ । କୌଣସି ଏପରି ଯୁଗରେ ଯେତେବେଳେ ସୃଷ୍ଟିର କୌଣସି ଅସ୍ତିତ୍ୱ ନଥିଲା କିମ୍ବା ତା'ର କୌଣସି ଚିହ୍ନ ବର୍ତ୍ତ ନଥିଲା, ସେ ତା'ର ସୃଷ୍ଟିକର୍ତ୍ତା ହୋଇଥିବେ । ନଚେତ୍ ଏଥିପାଇଁ ପ୍ରଶଂସାଯୋଗ୍ୟ ହୋଇପାରିବ ଯେତେବେଳେ ଏହି ସୃଷ୍ଟିର କୌଣସି ଅସ୍ତିତ୍ୱ ବା ଆକାର ନଥିଲା ଏବଂ ନା ଏକଥା ଜଣାଥିଲା ଯେ ମନୁଷ୍ୟର ଅସ୍ତିତ୍ୱ ପାଇଁ ତା'ର ପ୍ରାଣ ଓ ସ୍ୱାସ୍ଥ୍ୟରକ୍ଷା ତଥା ତା'ର ଜୀବନର ସ୍ଥାୟୀତ୍ୱ ପାଇଁ କି କି ବସ୍ତୁର ଆବଶ୍ୟକତା ରହିଛି । ସେସବୁ ଉପାଦାନ ପ୍ରଭୁ ଯୋଗାଇ ଦେଇଛନ୍ତି କିମ୍ବା କୌଣସି ଏପରି ସମୟରେ ସମ୍ଭବତଃ ତା' ଉପରେ ଅନେକ ବିପଦ ଆସି ପାରିଥାନ୍ତା ଯେଉଁଥିରୁ ସେ ନିଜ କରୁଣା ବଳରେ ସୁରକ୍ଷିତ ରଖିଥାଇ ପାରିଥାନ୍ତି । କିମ୍ବା ଏହି କାରଣରୁ ଈଶ୍ୱର ପ୍ରଶଂସାର ପାତ୍ର ହୋଇପାରନ୍ତି ଯେ ପରିଶ୍ରମକୁ ବ୍ୟର୍ଥ ନକରି ତା'ର ପାରିଶ୍ରମିକ ଠାରୁ ଅଧିକ ଓ ଏହାର ସଠିକ୍ ଅଧିକାର ପ୍ରଦାନ କରିଥାନ୍ତି ତଥା ଉତ୍ତମ ଫଳ ପ୍ରଦାନ କରିଥାନ୍ତି । ଯଦିଓ ମଜୁରିଆକୁ ତା'ର ଉପଯୁକ୍ତ ପାରିଶ୍ରମିକ ଦେବା ମଧ୍ୟ ଏକ ବଦଳା । କିନ୍ତୁ ଏପରି ବ୍ୟକ୍ତି ମଧ୍ୟ ଅନୁଗ୍ରହକାରୀ ହୋଇପାରେ ଯିଏ କାହାରିକୁ ସଠିକ ଓ ଯଥାଯଥ ରୂପେ ତା'ର ପ୍ରାପ୍ୟ ଦେଇଥାଏ । ଏ ସମସ୍ତ ମହାନ କର୍ମ ଏପରି ଉଚ୍ଚକୋଟିର ବିବେଚିତ ହୁଏ, ଯାହା କାହାରିକୁ ମଧ୍ୟ ପ୍ରଶଂସାର ପାତ୍ର କରିଦେଇଥାଏ । ଏବେ ଧ୍ୟାନର ସହିତ ବିଚାର କର ଯେ ବାସ୍ତବ ରୂପେ ଏ ସମସ୍ତ ପ୍ରଶଂସାର ପାତ୍ର ହେଉଛନ୍ତି କେବଳ ଅଲ୍ଲାଃତାଲା, ଯିଏ ଉକ୍ତ ସମସ୍ତ ବିଶେଷ ଗୁଣରେ ସଂପୂର୍ଣ୍ଣ ରୂପେ ଦକ୍ଷ ଓ ପ୍ରଶଂସିତ ଏବଂ ଅନ୍ୟ କାହାରି ଠାରେ ଏହି ବିଶେଷତ୍ୱ ନାହିଁ... ।

ସୁତରାଂ ପ୍ରାଥମିକତା ଦୃଷ୍ଟିରୁ ନିଜର ସତ୍ତା ଧାରଣର ଅଧିକାରୀ ରୂପେ ସେ ସ୍ୱୟଂ ସଂପୂର୍ଣ୍ଣ ତଥା ଅଲ୍ଲାଃ ହିଁ ପୂର୍ଣ୍ଣତଃ ଓ ସର୍ବଶ୍ରେଷ୍ଠ ପ୍ରଶଂସାର ପାତ୍ର । ତାହାଙ୍କ ସମକକ୍ଷ ଅନ୍ୟ କେହି ହେଲେ ନିଜସ୍ୱ ପ୍ରଶଂସାର ଅଧିକାରୀ ନୁହନ୍ତି । ଯଦି କେହି ପ୍ରଶଂସାର ଅଧିକାରୀ ବୋଲି ଦାବି କରେ, ତେବେ ଏହା କେବଳ ତାହାଙ୍କ କୃପା ଦ୍ୱାରା ସମ୍ଭବ । ଏହା ମଧ୍ୟ ଅଲ୍ଲାଃତାଲାଙ୍କ କରୁଣା ଯେ ସେ ଏକ ଓ ଅଦ୍ୱିତୀୟ । କିନ୍ତୁ ନିଜର କୃପା ଦ୍ୱାରା କେତେକଙ୍କୁ ସେ ନିଜ ପ୍ରଶଂସାରେ ସମ୍ମିଳିତ କରିଛନ୍ତି ।'

(ରୁଦାଦ୍ ଏ ଜଲସା ଦୁଆ, ରୁହାନି ଖଜାଇନ, ଖଣ୍ଡ୧୫ : ପୃ : ୫୯୮-୬୦୨)

ପୁଣି ଜମାଅତକୁ ସାର୍ବଜନୀନ ଉପଦେଶ ଦେଇ ମସିହ ମଉଦ[ଅସ] କହିଛନ୍ତି : 'ଯଦି ତୁମେ ଚାହୁଁଛ ଯେ ଆକାଶରେ ଦେବଦୂତମାନେ ତୁମର ପ୍ରଶଂସା କରନ୍ତୁ, ତା'ହେଲେ ତୁମେ ମାଡ଼ଖାଅ ଓ ଖୁସିହୁଅ । ଏବଂ ଗାଳିମନ୍ଦ ଶୁଣ ଓ କୃତଜ୍ଞ ହୁଅ । ବିଫଳତା ଦେଖ, କିନ୍ତୁ ସମ୍ପର୍କ ଛିନ୍ନ କରନାହିଁ । ତୁମେ ପ୍ରଭୁଙ୍କ ଅନ୍ତିମ ସଂପ୍ରଦାୟ । ତେଣୁ ସେପରି ସଦାଚାରୀତା ପ୍ରଦର୍ଶନ କର, ଯାହା ଉଚ୍ଚକୋଟୀର ହୋଇଥିବ । ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ତୁମମାନଙ୍କ ମଧ୍ୟରେ ଆଳସ୍ୟ ପରାୟଣ ହୋଇଯିବ, ସେ ଏକ ନିକୃଷ୍ଟ ବସ୍ତୁ ପରି ଜମାଅତରୁ ବାହାରକୁ ଫିଙ୍ଗି ଦିଆଯିବ । ସେ ବଡ଼ ଦୟନୀୟ ଅବସ୍ଥାରେ ହତୋତ୍ସାହିତ ହୋଇ ମରିବ ଏବଂ ଅଲ୍ଲାଃତାଲାଙ୍କର କିଛିହେଲେ କ୍ଷତି କରିପାରିବ ନାହିଁ । ଦେଖ, ମୁଁ ବଡ଼ ହରଷର ସହିତ ତୁମମାନଙ୍କୁ ସୂଚନା ଦେଉଛି ଯେ ତୁମ ପ୍ରଭୁ ବାସ୍ତବରେ ସର୍ବତ୍ର ବିଦ୍ୟମାନ । ଯଦିଓ ସମସ୍ତେ ତାହାଙ୍କର ସୃଷ୍ଟି, କିନ୍ତୁ ସେ ସେହି ବ୍ୟକ୍ତିକୁ ବାଛି ନିଅନ୍ତି ଯିଏ ତାଙ୍କୁ ବାଛିଥାଏ । ସେ ତା'ର ନିକଟକୁ ଆସିଯାନ୍ତି ଯିଏ ତାଙ୍କ ନିକଟକୁ ଯାଏ । ଯିଏ ତାଙ୍କୁ ସମ୍ମାନ ଦେଇଥାଏ, ସେ ମଧ୍ୟ ତାକୁ ସମ୍ମାନ ପ୍ରଦାନ କରିଥାନ୍ତି । ତୁମେ ତୁମର ହୃଦୟକୁ ସଳଖ କରି ନିଜର ତୁଣ୍ଡ, ଚକ୍ଷୁ ଓ କାନକୁ ପବିତ୍ର କରି ତାହାଙ୍କ ସମୀପକୁ ଚାଲିଆସ, ଯଦ୍ୱାରା ସେ ତୁମଙ୍କୁ ଗ୍ରହଣ କରିନେବେ ।'

(କିସ୍ତି ନୁହ, ରୁହାନି ଖଜାଇନ, ଖଣ୍ଡ ୧୯, ପୃ : ୧୫)

ହଜରତ୍ ମସିହ ମଉଦ୍[ଅସ] ପୁଣି କହିଛନ୍ତି, 'ଏକଥା ଭାବନାହିଁ ଯେ ଅଲ୍ଲାଃତାଲା ତୁମ୍ଭଙ୍କୁ ନଷ୍ଟ କରିଦେବେ । ତୁମ୍ଭେ ପ୍ରଭୁଙ୍କ ହାତରେ ରୋପଣ କରାଯାଇଥିବା ଏକ ବୀଜ । ପ୍ରଭୁ କହୁଛନ୍ତି, ଏହି ବୀଜ ଅଙ୍କୁରିତ ହେବ, ବିକଶିତ ହେବ ଓ ପ୍ରତ୍ୟେକ ଆଡ଼ୁ ଏହାର ଶାଖା ବାହାରିବ ଯାହା ବୃଦ୍ଧି ପାଇ ଏକ ବିଶାଳ ବୃକ୍ଷରେ ପରିଣତ ହୋଇଯିବ । ତେଣୁ ସେମାନଙ୍କୁ ଆଶିଷ ପ୍ରାପ୍ତ ହେଉ ଯେଉଁମାନେ ଅଲ୍ଲାଃଙ୍କ କଥା ଉପରେ ବିଶ୍ୱାସ ଆଣିଲେ ଓ ଯାହା ବାଧାବିଘ୍ନ ଆସିଲା ତାକୁ ଭୟ କଲେ ନାହିଁ । କାରଣ ବାଧାବିଘ୍ନ ଆସିବା ମଧ୍ୟ ଜରୁରୀ ଯଦ୍ୱାରା ଅଲ୍ଲାଃତାଲା ତୁମକୁ ପରୀକ୍ଷା କରନ୍ତି ଯେ କେଉଁମାନେ ନିଜ ବୈଅତର ବା ଦୀକ୍ଷିତ ହୋଇଥିବା ଦାବୀରେ ସତ୍ୟବାଦୀ ଓ କେଉଁମାନେ ସତ୍ୟରେ ଅଟଳ ନୁହଁନ୍ତି । ସେମାନେ ହିଁ କୌଣସି ପରୀକ୍ଷାର ସମ୍ମୁଖୀନ ହେଲେ ଅସ୍ଥିର ବା ବିଚଳିତ ହୋଇପଡ଼ନ୍ତି । କିନ୍ତୁ ସେମାନେ ଅଲ୍ଲାଃତାଲାଙ୍କର କିଛିହେଲେ କ୍ଷତି କରିପାରିବେ ନାହିଁ । ଏବଂ ଦୁର୍ଭାଗ୍ୟ ସେମାନଙ୍କୁ ନର୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେବ । ସେ ଭାବିବ ଯଦି ମୁଁ ଜନ୍ମ ନହୋଇଥାନ୍ତି ତା'ହେଲେ ମୋ ପାଇଁ ଭଲ ହୋଇଥାଆନ୍ତା । କିନ୍ତୁ ସେହି ଲୋକମାନେ ଯେଉଁମାନେ ଶେଷ ସମୟ

ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ରହିବେ । ସେମାନଙ୍କ ପାଇଁ ଭୟଙ୍କର ବିପତ୍ତିମାନ ଆସିବ, ଦୁର୍ଘଟଣାର ଝଡ଼ ପ୍ରବାହିତ ହେବ ଓ ଅନ୍ୟାନ୍ୟ ଜାତି ବା ଗୋଷ୍ଠୀମାନେ ସେମାନଙ୍କ ପ୍ରତି ଥଟ୍ଟା ଓ ଉପହାସ କରିବେ । ସଂସାରବାସୀ ସେମାନଙ୍କୁ ଘୃଣା ଚକ୍ଷୁରେ ଦେଖିବେ । ପରିଶେଷରେ ସେମାନେ ହିଁ ବିଜୟୀ ହେବେ ତଥା କଲ୍ୟାଣର ଦ୍ୱାର ସେମାନଙ୍କ ପାଇଁ ଖୋଲି ଦିଆଯିବ ।'

ଅଲ୍ଲାଃତାଲା ମୋତେ ସମ୍ବୋଧନ କରି କହିଛନ୍ତି ଯେ 'ମୁଁ ମୋର ଜମାଅତର ଲୋକମାନଙ୍କୁ ସୂଚିତ କରି ଦେବି ଯେ ଯେଉଁ ଲୋକମାନେ ବିଶ୍ୱାସ ସ୍ଥାପନ କଲେ, ତାହା ଏପରି ବିଶ୍ୱାସ, ଯେଉଁଥିରେ ସାଂସାରିକ ଲାଳସାର କୌଣସି ମିଶ୍ରଣ ନଥିବ ଓ ସେହି ବିଶ୍ୱାସ କପଟତା ଓ ଭୀରୁତା ଦ୍ୱାରା ଦୂଷିତ ହୋଇ ନଥିବ ଏବଂ ସେହି ବିଶ୍ୱାସ ଆଜ୍ଞାପାଳନ କରିବାର କୌଣସି ଶ୍ରେଣୀରୁ ବଞ୍ଚିତ ନଥିବ । ଏପରି ସତ୍ ବିଶ୍ୱାସୀ ବ୍ୟକ୍ତିମାନେ ହିଁ ପ୍ରଭୁଙ୍କ ପସନ୍ଦ ଯୋଗ୍ୟ ଈଶ୍ୱର କହୁଛନ୍ତି, ଏହିମାନେ ହିଁ ସତପଥ ଉପରେ ପ୍ରତିଷ୍ଠିତ ରହିଛନ୍ତି ।' (ଅଲ୍‌ଓ୍ୱସିଅତ୍, ରୁହାନି ଖଜାଇନ, ଖଣ୍ଡ ୨୦, ପୃ : ୩୦୯)

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହା ଉପରେ ପ୍ରତିଷ୍ଠିତ ହୋଇ ରହିବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଆମଙ୍କୁ ବାସ୍ତବିକ୍ ରୂପେ ସଚ୍ଚା ଅହମଦି ମୁସଲମାନ ରୂପେ ଗଢ଼ି ତୋଳନ୍ତୁ । ଆମମାନଙ୍କୁ ଅଙ୍ଗୀକାର କରିଥିବା ବୈଅତ (ପ୍ରତିଜ୍ଞା) ଉପରେ ପ୍ରତିଷ୍ଠିତ ରହି ତଦନୁସାରେ ପାଳନକାରୀ କରିଦିଅନ୍ତୁ । ଈଶ୍ୱର ଓ ତାଙ୍କ ଦିବ୍ୟ ବାର୍ତ୍ତାବହଙ୍କର ନୈଷ୍ଠିକ ଓ ପୂର୍ଣ୍ଣ ଆସ୍ଥାବାନ କରିଦିଅନ୍ତୁ । ଆମମାନଙ୍କ ଦ୍ୱାରା କେବେ କୌଣସି ଏପରି କର୍ମ ନହେଉ, ଯା'ଫଳରେ ହଜରତ୍ ମସିହ ମଉଦ୍ [ଅସ] ଙ୍କର ଏହି ପ୍ରିୟ ଜମାଅତ ଉପରେ କୌଣସି କଳଙ୍କ ଲାଗିବ । ହେ ଅଲ୍ଲାଃ ! ଆମମାନଙ୍କର ଦୋଷ ତ୍ରୁଟିକୁ କ୍ଷମା କର, ଆମର ଦୋଷ ଦୁର୍ବଳତାକୁ ଢ଼ାଙ୍କି ନିଅ, ଆମମାନଙ୍କୁ ସର୍ବଦା ନିଜର ଆଜ୍ଞାବହ ଓ ନିଷ୍ଠାବାନଙ୍କ ମଧ୍ୟରେ ଗଣନା କର ! ଆମଙ୍କୁ ଆମ ପ୍ରତିଜ୍ଞାବଦ୍ଧତା ଓ ବୈୟତ୍‌ରେ ପ୍ରତିଷ୍ଠିତ ରଖ ଏବଂ ନିଜର ପ୍ରିୟମାନଙ୍କ ମଧ୍ୟରେ ସମ୍ମିଳିତ କର । ଆମର ଆଗାମୀ ବଂଶଧରଙ୍କୁ ମଧ୍ୟ ଏହି ସଂକଳ୍ପ ଉପରେ ପାଳନ କରିବାକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । କଦାପି ଆମକୁ ନିଜ ଠାରୁ ଦୂରେଇ ଦିଅନ୍ତୁ ନାହିଁ ଆମଙ୍କୁ ତୁମ୍ଭର ଦିବ୍ୟ ଜ୍ଞାନ ପ୍ରଦାନ କର । ହେ କରୁଣାମୟ କୃପାପ୍ରଦୟକାରୀ ପ୍ରଭୁ ଆମ ଉପରେ ଦୟାକରନ୍ତୁ ଓ ଆମର ସମସ୍ତ ପ୍ରାର୍ଥନା ସ୍ୱୀକାର କରନ୍ତୁ ଆମମାନଙ୍କୁ ସେହି ସମସ୍ତ ଦୁଆର ଉତ୍ତରାଧିକାରୀ କରିଦିଅନ୍ତୁ ଯାହା ହଜରତ ମସିହ ମଉଦ [ଅସ] ନିଜ ଜମାଅତ ପାଇଁ ସଂଯୁକ୍ତ ହୋଇ ରହିବା ବ୍ୟକ୍ତିଙ୍କ ସକାଶେ ଧାର୍ଯ୍ୟ କରିଛନ୍ତି ।

(୨୭ ଜୁଲାଇ ୨୦୦୩, ଉଦଯାପନୀ ଭାଷଣ, ଜଲ୍‌ସା ସାଲାନା, ଲଣ୍ଡନ)

ଏହା ଏପରି ମହତ୍ତ୍ୱପୂର୍ଣ୍ଣ ତଥା ଜରୁରୀ ବିଷୟ, ଯାହାର ଆବଶ୍ୟକତା ବର୍ତ୍ତମାନ ଯୁଗରେ ଆହୁରି ଅଧିକ ଅନୁଭବ କରାଯାଉଛି । ଯେତେବେଳେ ଆମେ ହଜରତ୍ ମସିହ ମଉଦ[ଅସ]ଙ୍କ ପ୍ରବର୍ତ୍ତନ ଯୁଗର ସମୟରୁ ଦୂରେଇ ଯାଉଛୁ, ଆମେ ଗର୍ବିତ ଏଥିପାଇଁ ଯେ ମସିହ ମଉଦ୍ଙ୍କ ଅମୁକ ଅନୁଚରଙ୍କ ବଂଶଧର ହୋଇଥିଲେ ହେଁ, କିନ୍ତୁ ନିଜର ପୂର୍ବଜଙ୍କ ତ୍ୟାଗ ପ୍ରତି କୌଣସି ଧ୍ୟାନ ଦେଉ ନାହୁଁ କିମ୍ବା ଆମର ଖୁବ କମ୍ ଧ୍ୟାନ ରହିଛି । ଆସନ୍ତା ପିଢ଼ି ମଧ୍ୟରେ ଶାରୀରିକ ଭାବେ ରକ୍ତରେ ତ ପରିବର୍ତ୍ତନ ହୋଇଗଲା, ହେଲେ ଆଧ୍ୟାତ୍ମିକ ସ୍ତରରେ ମହତ୍ୱ ହ୍ରାସ ପାଇଲାଣି । ଯାହାହେଉ ଏହା ଏକ ପ୍ରକୃତି ଗତ ବିଷୟ ଯେ ଯେତେବେଳେ ମନୁଷ୍ୟ କ୍ରମେ କ୍ରମେ ଅବତାରତ୍ୱର ସମୟ କାଳରୁ ଦୂରେଇ ଯାଆନ୍ତି, ସେମାନଙ୍କ ଠାରେ କେତେକ ଅଭାବ ଓ ଦୁର୍ବଳତା ଜାତ ହୋଇଯାଏ । କିନ୍ତୁ ଉନ୍ନତି କରୁଥିବା ଜମାଅତ ଯୁଗ ଓ ଅବସ୍ଥାରେ ପ୍ରଭାବିତ ହୋଇ କେବଳ ରୋଦନ କରି ସେହିଠାରେ ବସି ରହନ୍ତି ନାହିଁ, ବରଂ ଅଧିକ ପ୍ରୟାସ କରନ୍ତି । ଆମେ ଭାଗ୍ୟବାନ ଯେ ଆମ ପାଇଁ ଏହି ସୁସମ୍ବାଦ ତଥା ଭବିଷ୍ୟତବାଣୀ ରହିଛି ଯେ ଆମେ ମୁହମ୍ମଦୀୟ ମସିହଙ୍କ ଜମାଅତରେ ଅନ୍ତର୍ଭୁକ୍ତ ହୋଇ ହଜରତ ମୁହମ୍ମଦ[ସଅ]ଙ୍କ ଅନୁସୃତ ଶିକ୍ଷାକୁ ସଂସାରରେ ପ୍ରସାରିତ କରିବା, ଯାହା ନିର୍ଦ୍ଧାରିତ ହୋଇ ରହିଛି । କିନ୍ତୁ ଏଥି ପାଇଁ ସର୍ତ୍ତ ରହିଛି ଯେ ଆମେ ତୌହିଦ (ଏକେଶ୍ୱରବାଦ) ଉପରେ ଦୃଢ଼ତାର ସହିତ ପ୍ରତିଷ୍ଠିତ ରହିବା । ଏହି ଶିକ୍ଷା ଉପରେ କେବଳ ସ୍ୱୟଂ ନିଜେ ପ୍ରତିଷ୍ଠିତ ରହିବା ନାହିଁ ବରଂ ନିଜର ଆଗାମୀ ପିଢ଼ିକୁ ମଧ୍ୟ ପ୍ରତିଷ୍ଠିତ କରାଇବା । ଏବେ ମୁଁ ହଜରତ ମସିହ ମଉଦ୍[ଅସ]ଙ୍କର ଏକ କଥନ ଉଲ୍ଲେଖ କରୁଛି, ଯଦ୍ୱାରା ଏହା ସ୍ପଷ୍ଟ ହୋଇଯିବ ଯେ ମହାନୁଭବ ନିଜର ବୈଅତକାରୀଙ୍କ ଠାରୁ କ'ଣ ଆଶା ପୋଷଣ କରୁଛନ୍ତି । ତତ୍‌ପରେ ବୈଅତ୍‌ର ଚତୁର୍ଥ ସର୍ତ୍ତ ଆରମ୍ଭ କରିବି ।

ହଜୁର୍ କହିଛନ୍ତି 'ମୋ ହାତରେ 'ତୌବା' ପ୍ରାୟଶ୍ଚିତ କରିବା ଅର୍ଥ ବୈଅତ କରିବା କିମ୍ବା ମୃତ୍ୟୁବରଣ କରିବା । ଯଦ୍ୱାରା ତୁମେ ଅନ୍ୟ ଏକ ନୂତନ ଜୀବନ ଲାଭ କରିବ । ବୈଅତ ଯଦି ହୃଦୟରୁ ନାହିଁ, ତେବେ ତା'ର କୌଣସି ପରିଣାମ ମଧ୍ୟ ନାହିଁ । ମୋର ବୈଅତ୍ ବା ଦୀକ୍ଷା ନେବା ଦ୍ୱାରା ପ୍ରଭୁ ତୁମ ହୃଦୟର ସ୍ୱୀକୃତି ଋହୁଁଛନ୍ତି । ତେଣୁ ଯିଏ ମୋତେ ଆନ୍ତରିକତାରୁ ଗ୍ରହଣ କରୁଛି ଓ ବାସ୍ତବ ତୌବା (ପ୍ରାୟଶ୍ଚିତ) କରୁଛି, ସେହି କ୍ଷମାଦାତା ଓ ଦୟାଳୁ ପ୍ରଭୁ ତା'ର ପାପକୁ ନିଶ୍ଚୟ କ୍ଷମା ପ୍ରଦାନ କରିବେ । ସେ ଏପରି ହୋଇଯିବ ଯେପରିକି ମାତା ଗର୍ଭରୁ ଜାତ ହୋଇଛି । ସେତେବେଳେ ଦେବଦୂତ ମଧ୍ୟ ତା'ର ସୁରକ୍ଷା କରିଥାଆନ୍ତି ।'

(ମଲଫୂଜାତ୍, ତୃତୀୟ ଖଣ୍ଡ, ପୃ : ୨୬୨)

# ବୈଅତର ଚତୁର୍ଥ ସର୍ତ୍ତ

**ସାଧାରଣତଃ ସମସ୍ତ ମାନବ ଜାତି ଏବଂ ବିଶେଷତଃ ମୁସଲମାନ୍‌ମାନଙ୍କୁ ନିଜର ତାମସିକ ଆବେଗ ଦ୍ୱାରା କୌଣସି ପ୍ରକାରର ଅନୁଚିତ କଷ୍ଟ ପହଞ୍ଚାଇବ ନାହିଁ । ନା ତୁଣ୍ଡ ଦ୍ୱାରା ନା ହାତ ଦ୍ୱାରା ନା ଅନ୍ୟ କୌଣସି ପ୍ରକାରେ କ୍ଷତି ପହଁଞ୍ଚାଇବ ।**

ଯେପରିକି ଏହି ସର୍ତ୍ତରୁ ଏହା ସ୍ୱଷ୍ଟ ଜାଣାପଡ଼େ ଯେ କ୍ରୋଧର ବଶବର୍ତ୍ତୀ ହୋଇ ନିଜର ଅଭିମାନକୁ ଯଥାର୍ଥ ମନେ କରି ଓ ନିଜର ମିଥ୍ୟା ବଡ଼ପଣ ଦେଖାଇ, ନା ନିଜ ହାତ ଦ୍ୱାରା ବା ନିଜ ତୁଣ୍ଡ ଦ୍ୱାରା ହେଉ କାହାରିକୁ କଷ୍ଟ ଦିଅନାହିଁ । ଏହା ତ ଏକ ଜରୁରୀ ସର୍ତ୍ତ ଯେ କୌଣସି ମୁସଲମାନକୁ ଦୁଃଖ ଦେବି ନାହିଁ । ଏହା ଆମ ଉପରେ ଧାର୍ଯ୍ୟ କରି ଦିଆଯାଇଛି । ଏହା ଉପରେ ତ ଆମେ ନିଶ୍ଚୟ କଟକଣା କରିବା । କାରଣ ଯେହେତୁ ମୁସଲମାନ ଆମ ପ୍ରିୟ ନବୀ ହଜରତ ମୁହମ୍ମଦ୍‌[ସଅ]ଙ୍କ ସହିତ ସମ୍ବନ୍ଧିତ, ତେଣୁ ତାଙ୍କର ମନ୍ଦ ଚିନ୍ତା ତ ଆମେ କରିପାରିବା ନାହିଁ । କେବଳ କେତେକ ତଥାକଥିତ ଦୁଷ୍ଟ ମୌଲାନାଙ୍କ ବ୍ୟତୀତ ଯେଉଁମାନେ ଇସଲାମ ନାମରେ ଏକ କଳଙ୍କ ସାଜିଛନ୍ତି । ଯେଉଁମାନେ ଚଳିତ ଯୁଗର ମସିହ ମଉଦ୍ ଓ ମେହଦିଙ୍କ ବିଷୟରେ ନିଜର ଶତ୍ରୁତା ଆଚରଣର ସମସ୍ତ ସୀମା ଲଙ୍ଘଂନ କରି ଦେଇଛନ୍ତି । ସେହି ଦୁଷ୍ଟମାନଙ୍କ ବିପକ୍ଷରେ ମଧ୍ୟ ଆମେ ସର୍ବଶକ୍ତିମାନ ଅଲ୍ଲାଃଙ୍କର ସାହାଯ୍ୟ ଭିକ୍ଷା କରି ତାଙ୍କ ସମ୍ମୁଖରେ ନତମସ୍ତକ ହେଉଛି । ଏହିପରି ପ୍ରାର୍ଥନା କରୁଛୁ 'ହେ ଅଲ୍ଲାଃ, ତୁମେ ହିଁ ସେମାନଙ୍କର ବିଚାର କରି ଶାସ୍ତି ବିଧାନ କର । ତାହା ଏଥିପାଇଁ ଯେ ପ୍ରଭୁଙ୍କ ପ୍ରେରିତ ଅବତାର ତାଙ୍କୁ ନିକୃଷ୍ଟ ପ୍ରାଣୀ ବୋଲି କହି ସାରିଛନ୍ତି । ଅନ୍ୟଥା ଆମର କାହାରି ପ୍ରତି କ୍ରୋଧ ବା ଶତ୍ରୁତା ନାହିଁ । ଆମେ ତ ଅଲ୍ଲାଃଙ୍କ ଶିକ୍ଷା ଉପରେ ପାଳନ କରୁଥିବା ବ୍ୟକ୍ତି । ଅଲ୍ଲାଃତାଲା ଆମଙ୍କୁ ନିଜ କ୍ରୋଧକୁ ଚାପି ରଖିବା ପାଇଁ ଉପଦେଶ ଦେଇ କହୁଛନ୍ତି :

﴿اَلَّذِيْنَ يُنْفِقُوْنَ فِى السَّرَّآءِ وَالضَّرَّآءِ وَالْكٰظِمِيْنَ الْغَيْظَ وَالْعَافِيْنَ عَنِ النَّاسِ ؕ وَاللّٰهُ يُحِبُّ الْمُحْسِنِيْنَ﴾

ଅଲ୍ଲଜିନା ୟୁନ୍‌ଫିକୁନା ଫିସ୍ ସର୍‌ରାଇ ଓ୍ୱଜ୍ ଜର୍‌ରାଇ ଓ୍ୱଲ୍ କାଜିମିନଲ୍ ଗୈଜା ଓ୍ୱଲ୍ ଆଫିନା ଅନିନ୍ ନାସ; ଓ୍ୱଲ୍ଲାହୁ ୟୁହିବ୍‌ବୁଲ୍ ମୁହ୍‌ସିନୀନ୍

ଅର୍ଥାତ୍ 'ଯେଉଁମାନେ ସ୍ୱଚ୍ଛଳ ଅବସ୍ଥାରେ ଓ ଅଭାବଗ୍ରସ୍ତ ଅବସ୍ଥାରେ ମଧ୍ୟ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରନ୍ତି, କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତି ଓ ଲୋକଙ୍କୁ କ୍ଷମା କରି ଦିଅନ୍ତି, ଅଲ୍ଲାଃ ସେହିପରି ଉପକାର କରିବା ଲୋକଙ୍କ ସହିତ ପ୍ରେମ କରିଥାନ୍ତି ।' **(ଆଲେ ଇମରାନ ୧୩୫)**

ଏହି ଆୟତ ଦ୍ୱାରା ହିଁ ହଜରତ୍ ଇମାମ୍ ହୁସେନ[ଅସ]ଙ୍କ କ୍ରୀତଦାସ ଦାସତ୍ୱରୁ ମୁକ୍ତ ହୋଇଥିଲେ । ବର୍ଣ୍ଣିତ ଅଛି ଯେ ସେହି କ୍ରୀତଦାସ ତାଙ୍କ ମୁନିବଙ୍କ ଉପରେ ଭୁଲ ବଶତଃ କୌଣସି ଗରମ ପଦାର୍ଥ ପକାଇଦେଲା । ସେ ବଡ଼ କ୍ରୋଧାନ୍ୱୀତ ହୋଇ ତା' ଆଡ଼କୁ ଋହିଁଲେ । ସେ କ୍ରୀତଦାସ ଅତି ଋଲାକ ଓ ଉପସ୍ଥିତ ବୁଦ୍ଧି ଥିବା ଯୋଗୁଁ ହଠାତ୍ କହି ଉଠିଲା وَالْكٰظِمِيْنَ الْغَيْظَ 'ଓ୍ୱଲ କାଜି ମିନଲ୍ ଗୈଜା' ଆପଣ କହିବା ଠିକ୍ ଅଛି, କ୍ରୋଧକୁ ଋପିଦେଲେ ।' ସେ ଭୃତ୍ୟ ଭାବିଲା ନିଜ କ୍ରୋଧକୁ ତ ସେ ଋପିନେଲେ, କିନ୍ତୁ ସମ୍ଭବତଃ ହୃଦୟରେ ବଦଳା ନେବାର ଭାବନା ଥିବ, ଯଦ୍ୱାରା ଅନ୍ୟ କୌଣସି ସମୟରେ ଦଣ୍ଡ ମିଳିବ । ତେଣୁ ସେ ଶୀଘ୍ର କହିଲା وَالْعَافِيْنَ عَنِ النَّاس 'ଓ୍ୱଲ ଆଫିନା ଅନିନ୍ ନାସେ' । ଏହା ଶୁଣି ମୁନିବ କହିଲେ 'ଯାଅ ମୁଁ ତୁମଙ୍କୁ କ୍ଷମା କରିଦେଲି ।' ଜ୍ଞାନ ଓ ଉପସ୍ଥିତ ବୁଦ୍ଧି ଏପରି କାମରେ ଆସିଲା ଯେ ସେ ପୁଣି ହଠାତ୍ କହିଲା وَاللّٰهُ يُحِبُّ الْمُحْسِنِيْنَ 'ଓ୍ୱଲ୍ଲାହୋ ୟୁହିବୁଲ୍ ମୁହ୍‌ସିନିନ୍ ।' ତହୁଁ ସେ କହିଲେ 'ଯାଅ ମୁଁ ତୁମଙ୍କୁ ଦାସତ୍ୱରୁ ମୁକ୍ତି ଦେଉଛି ।' ଯେହେତୁ ସେ ଯୁଗରେ ଦାସ କିଣା ଯାଉଥିଲେ ଓ ଏତେ ସହଜରେ ତାଙ୍କୁ ସ୍ୱତନ୍ତ୍ର କରାଯାଉ ନଥିଲା, କିନ୍ତୁ ସେ ଭୃତ୍ୟର ଉପସ୍ଥିତ ବୁଦ୍ଧି ଓ ଜ୍ଞାନ ମାଲିକର 'ତକଓ୍ୱା' (ଅଲ୍ଲାଙ୍କ ପ୍ରତି ଭୟ) କାର୍ଯ୍ୟରେ ଆସିଲା ଓ ତାକୁ ମୁକ୍ତି ମିଳିଗଲା । ଏହାହିଁ ହେଉଛି ପ୍ରକୃତ ଇସଲାମୀୟ ଶିକ୍ଷା ।

## ତ୍ରୁଟି ମାର୍ଜନା ଓ କ୍ଷମା ଆଚରଣ ଦ୍ୱାରା କାମ ନିଅ

ହଜରତ୍ ମସିହ ମଉଦ[ଅସ] ଉପକାର କରିବା ସନ୍ଦର୍ଭରେ ଯେଉଁ ଆଚରଣ ରହିଛି ସେ ସମ୍ବନ୍ଧରେ ଏହିପରି ବର୍ଣ୍ଣନା କରିଛନ୍ତି : 'ଏମାନଙ୍କ ମଧ୍ୟରେ ପ୍ରଥମ ଆଚରଣ ହେଉଛି କ୍ଷମା । ଅର୍ଥାତ କାହାରି ଅପରାଧକୁ କ୍ଷମା କରିଦେବା । ଏହାଦ୍ୱାରା ଏପରି ଉପକାର ହୋଇଥାଏ ଯେ ଯେଉଁ ବ୍ୟକ୍ତି ଅପରାଧ କରେ, ସେ ଏକ ପ୍ରକାର ଅନିଷ୍ଟ କରୁଥାଏ ଓ ତାହା ଏପରି ଅବସ୍ଥାରେ ହୋଇଥାଏ ଯେ ତା' ପ୍ରତି ମଧ୍ୟ ଅନିଷ୍ଟ

ପହଞ୍ଚାଇବା, ତାକୁ ଦଣ୍ଡିତ କରାଯିବା, କାରାଦଣ୍ଡ ଦିଆଯିବା ଆର୍ଥିକ ଦଣ୍ଡ ବା ଜୋରିମନା କରାଯିବା କିମ୍ବା ନିଜେ ତା'ଉପରେ ହାତ ଉଠାଇ ଶାସ୍ତି ଦିଆଯିବା ଇତ୍ୟାଦି ଅବସ୍ଥାରେ ଯଦି ତାକୁ କ୍ଷମାଦେବା ସମିଚୀନ ହେଉଛି, ତେବେ ତାକୁ କ୍ଷମା କରିଦେବା ହିଁ ତା'ପ୍ରତି ଉପକାର ହେବ ।' ଏହି ସନ୍ଦର୍ଭରେ ପବିତ୍ର କୁର୍‌ଆନର ଶିକ୍ଷା ହେଉଛି :

وَالْـكٰظِمِيْنَ الْغَيْظَ وَالْعَافِـيْنَ عَنِ النَّاسِ

ୱ୍ୱଲ୍ କାଜିମିନଲ୍ ଗୈଜା ୱ୍ୱଲଆଫିନା ଅନିନ୍ ନାସ

**(ଆଲେ ଇମରାନ୍ ୧୩୫)**

جَزٰٓؤُا سَيِّئَةٍ سَيِّئَةٌ مِّثْلُهَا فَمَنْ عَفَا وَاَصْلَحَ فَاَجْرُهٗ عَلَى اللّٰهِ

ଯଜାଉ ସୟେଅତିନ୍ ସୟେଅତୁମ୍ ମିସ୍‌ଲୁହା; ଫମନ୍ ଅଫା ଓଅସ୍‌ଲାହା ଫଅଯ୍‌ରୁହୁ ଅଲଲ୍ଲାହି **(ଅଲ ଶୁରା ୪୧)**

ଅର୍ଥାତ 'ସତପୁରୁଷ ସେହିମାନେ ଯେଉଁମାନେ କ୍ରୋଧକୁ ସମ୍ବରଣ କରି ରଖନ୍ତି ଓ ନିଜ ଉତ୍ତେଜିତ ଅବସ୍ଥାକୁ ଦମନ କରନ୍ତି । କ୍ଷମା ସମୟରେ ତାହାର ଦୋଷକୁ କ୍ଷମା କରି ଦିଅନ୍ତି । ଏବଂ କୁକର୍ମର ସେତିକି ପରିମାଣରେ ଶାସ୍ତି ଦିଅ, ଯେତିକି କୁକର୍ମ କରାଯାଇଛି । କିନ୍ତୁ ଯେଉଁ ବ୍ୟକ୍ତି ଦୋଷ କ୍ଷମିଦିଏ ଓ ଏପରି ଅବସ୍ଥାରେ କ୍ଷମା କରେ ଯା'ଫଳରେ ଦୋଷର ସୁଧାର ହୋଇଯାଏ ଓ କୌଣସି ପ୍ରକାର ବିଶୃଙ୍ଖଳା ଜାତ ହୁଏ ନାହିଁ ଅର୍ଥାତ କ୍ଷମାର ଆଚରଣ ପରିସ୍ଥିତି ଅନୁଯାୟୀ ହୋଇଥାଏ, ତେବେ ସେ ସେଥିପାଇଁ ପୁଣ୍ୟଲାଭ କରିବ ।'

(ଇସଲାମୀ ଓସୁଲକି ଫଲାସଫି, ରୁହାନି ଖଜାଇନ୍, ଖଣ୍ଡ ୧୦, ପୃ : ୩୫୧)

ଗୋଟିଏ ପ୍ରସିଦ୍ଧ ହଦିସ୍ ରହିଛି ଯାହା ଅଧିକାଂଶ ଲୋକ ଜାଣିଥିବେ । ସେଥିରେ ହଜରତ୍ ମୁହମ୍ମଦ[ସଅ] ନିଜ ଛାତି ଆଡ଼କୁ ଇଙ୍ଗିତ କରି କହିଥିଲେ 'ତକ୍‌ୱା ବା ସଂଯମଶୀଳତା ଏଇଠି ଅଛି ।' ଅର୍ଥାତ ବାସ୍ତବିକ ଓ ଅତୁଳନୀୟ ତକ୍‌ୱା ଯଦି କୌଣସି ଠାରେ ଅଛି ତାହାର ଏକମାତ୍ର ସ୍ଥାନ କେବଳ ହଜରତ୍ ମୁହମ୍ମଦ[ସଅ]ଙ୍କ ହୃଦୟ । ସେହି ହୃଦୟରେ ଈଶ୍ୱର ଭୟ ବ୍ୟତୀତ ଆଉ କିଛି ନାହିଁ । ଅତଃ ହେ ଲୋକମାନେ ! ହେ ବିଶ୍ୱାସକାରୀମାନଙ୍କ ଜମାଅତ୍ ! ତୁମମାନଙ୍କ ପାଇଁ ସର୍ବଦା ଏହି ଆଦେଶ ରହିଛି ଯେ ତୁମେ ଯେଉଁ ସତ୍ ଆଦର୍ଶ ଉପରେ ପରିଚାଳିତ ହେବ, ତାହା ହଜରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ[ସଅ]ଙ୍କ ପୁଣ୍ୟ ଓ ଆଦର୍ଶମୟ ଜୀବନ । ଏଥିପାଇଁ ନିଜର ହୃଦୟକୁ ଅଣ୍ଡାଳି ଦେଖ ଯେ କ'ଣ ତୁମେ ସହୃଦୟରେ ସେହି ସତ୍ ଆଦର୍ଶ ଉପରେ ପରିଚାଳିତ ହୋଇ ନିଜ ମଧ୍ୟରେ ତକ୍‌ୱା ଭରିବାକୁ ଚେଷ୍ଟା କରୁଛ ? କ'ଣ ତୁମଠାରେ ପ୍ରଭୁଙ୍କ ଡ଼ରଭୟ ଓ

ତାହା ଦ୍ୱାରା ଉପୁଜିଥିବା ସମବେଦନା ତଥା ଉପକାରର ମନୋଭାବ ଜାଗ୍ରତ ହୋଇଛି କି ?

ଏବେ ମୁଁ ସମ୍ପୂର୍ଣ୍ଣ ହଦିସଟିକୁ ବର୍ଣ୍ଣନା କରୁଛି ଯାହା ଏହିପରି । ହଜରତ୍ ଅବୁହୁରୈରା[ରଅ] ଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲା[ସଅ] କହିଥିଲେ, 'ପରସ୍ପର ମଧ୍ୟରେ କଳହ କରନାହିଁ । ଈର୍ଷାନ୍ୱୀତ ହୁଅନାହିଁ, ପରସ୍ପର ମଧ୍ୟରେ ବିଦ୍ୱେଷ ଭାବ ରଖନାହିଁ । ଜଣେ ଅନ୍ୟ ସହିତ ଶତ୍ରୁତା ରଖନାହିଁ । ଏବଂ ତୁମେ ଜଣକର ସୌଦା ଉପରେ ଅନ୍ୟ ଜଣେ ମୁଲଚାଲ କରନାହିଁ । ହେ ଅଲ୍ଲାଙ୍କର ଭକ୍ତମାନେ ! ପରସ୍ପର ଭାଇ ଭାଇ ହୋଇଯାଅ । ଜଣେ ମୁସଲମାନ, ଅନ୍ୟ ଜଣେ ମୁସଲମାନର ଭାଇ । ସେ ନିଜ ଭାଇ ଉପରେ ଅତ୍ୟାଚାର କରେ ନାହିଁ । ତାକୁ ତିରସ୍କୃତ କରେନାହିଁ ଓ ତା'କୁ ତୁଚ୍ଛ ମନେ କରେ ନାହିଁ । ପୁଣି ହଜରତ୍ ମୁହମ୍ମଦ[ସଅ] ନିଜ ଛାତି ଆଡକୁ ଇଶାରା କରି ତିନିଥର କହିଲେ 'ଅତ୍ ତକୱା ହା ହୁନା' ଅର୍ଥାତ୍ ତକୱା ଏଠାରେ ଅଛି । କୌଣସି ବ୍ୟକ୍ତିର ଅସତ୍ କର୍ମ ପାଇଁ କେବଳ ଏତିକି ଯଥେଷ୍ଟ ଯେ ସେ ନିଜ ମୁସଲମାନ ଭାଇକୁ ତୁଚ୍ଛ ମନେ କରୁଛି । ପ୍ରତ୍ୟେକ ମୁସଲମାନ ପାଇଁ ଅନ୍ୟ ମୁସଲମାନର ରକ୍ତ, ଧନ ଓ ସମ୍ମାନକୁ ଅବୈଧ କରାଯାଇଅଛି । (ସହି ମୁସ୍‌ଲିମ୍, କିତାବୁଲ୍ ବର୍‌ରେ ଓସ୍ ସିଲ୍‌ହ)

# କାହାରିକୁ କଷ୍ଟ ଦିଅ ନାହିଁ

ଚତୁର୍ଥ ସର୍ତ୍ତରେ ଏହା ବର୍ଣ୍ଣନା କରାଯାଇଛି ଯେ ନା ହାତ ଦ୍ୱାରା ନା ତୁଣ୍ଡ ଦ୍ୱାରା କିମ୍ବା କୌଣସି ଅନ୍ୟ ପ୍ରକାରରେ କାହାରିକୁ କଷ୍ଟ ଦେବା ନାହିଁ । ଏହି ସର୍ତ୍ତକୁ ମୁଁ ବିସ୍ତାରପୂର୍ବକ ବର୍ଣ୍ଣନା କରୁଛି ।

ଉକ୍ତ ହଦିସ୍ ଯାହାକୁ ମୁଁ ପାଠ କଲି ସେଥିମଧ୍ୟରୁ ଏହାକୁ ସମ୍ମୁଖରେ ରଖ । ଈର୍ଷା କରନାହିଁ । ଈର୍ଷା ଏପରି ଏକ ବିଷୟ ଯାହା ବୃଦ୍ଧି ପାଇ ଶତ୍ରୁତା ପର୍ଯ୍ୟନ୍ତ ଚାଲିଯାଏ । ଏହି ଈର୍ଷା ସକାଶେ ସବୁ ସମୟରେ ଯା' ସହିତ ଈର୍ଷା ରହିଛି, ତା'ର ଅନିଷ୍ଟ କରିବାର ଭାବନା ମନରେ ଆସିଥାଏ । ପୁଣି ଈର୍ଷା ଗୋଟିଏ ଏପରି ବସ୍ତୁ ଯେ ସେ ସ୍ୱୟଂ ମଧ୍ୟ ଏହି ଈର୍ଷାର ଅଗ୍ନିରେ ଜଳୁଥାଏ ଓ ଛୋଟ ଛୋଟ କଥା ଯୋଗୁଁ ତା ମନରେ ଈର୍ଷା ଉତ୍ପନ୍ନ ହୁଏ । ଯେପରି ସେ ଅମୁକ ଲୋକର ବ୍ୟବସାୟରେ କିପରି ଉନ୍ନତି ହେଉଛି, ତା'ପାଖରେ ମୋ ଅପେକ୍ଷା ଧନ ଅଧିକ ରହିଛି । ଅମୁକର ଘର ମୋ ଘର ଅପେକ୍ଷା ଅଧିକ ଭଲ । ଅମୁକର ପିଲାମାନେ ମୋ ପିଲାମାନଙ୍କ ଅପେକ୍ଷା ଅଧିକ ଯୋଗ୍ୟ । ସ୍ତ୍ରୀମାନଙ୍କର ଏପରି ଅବସ୍ଥା ହୁଏ ଯେ ଯଦି କାହାରି ପାଖରେ ଭଲ ଗହଣା

ଦେଖନ୍ତି, ତେବେ ମନରେ ଇର୍ଷା ଆରମ୍ଭ ହୋଇଯାଏ ଯେ ତା'ପାଖରେ ମୋ ଅପେକ୍ଷା ବେଶି ଓ ଭଲ ଗହଣା ରହିଛି । ପୁଣି ଧର୍ମ ବିଷୟରେ ମଧ୍ୟ ଯେଉଁଠି ସତକର୍ମକୁ ଦେଖି ଭଲ ଭାବନା ଆସିବା କଥା ଓ ନିଜର ପ୍ରୟାସ ହେବା ଆବଶ୍ୟକ ଯେ ମୁଁ ମଧ୍ୟ ଆଗକୁ ବଢ଼ି ସତକର୍ମ କରିବି ଓ ଧର୍ମର ସେବା କରିବି । କିନ୍ତୁ ତା ପରିବର୍ତ୍ତେ ସେବାକାରୀମାନଙ୍କର ଗୋଡ଼ ଟାଣିବା ଆରମ୍ଭ କରି ଦିଅନ୍ତି ଏବଂ କୌଣସି ପ୍ରକାରର ଆରୋପ ଲଗାଇ ତାଙ୍କୁ ସତ୍‌କର୍ମରୁ ନିବୃତ କରି ଦିଅନ୍ତୁ ।

ପୁଣି ଏହି ହଦିସରେ ଉଲ୍ଲେଖ ଅଛି ଯେ କଳହ କରନାହିଁ । ଛୋଟ ଛୋଟ କଥା ହୁଏ, ସେଥିରେ କଳହ ଆରମ୍ଭ ହୋଇଯାଏ । ଉଦହାରଣ ସ୍ୱରୂପ ଗୋଟିଏ ଛୋଟ କଥାକୁ ନିଆଯାଉ । କୌଣସି କର୍ମକର୍ତ୍ତା ଜଲ୍‌ସା ସମୟରେ କୌଣସି ପିଲାକୁ ତା'ର ବାରମ୍ବାର ଦୁଷ୍ଟାମି କରିବା ଯୋଗୁଁ ତା' ପ୍ରତି ଟିକିଏ କଠୋର ହୋଇ ରୋକିଦେଲା ଯେ ଯଦି ପୁଣି ତୁ ଏପରି ଦୁଷ୍ଟାମି କରିବୁ, ତୋତେ ଦଣ୍ଡ ଦିଆଯିବ । ପାଖରେ ବସିଥିବା ମା କିମ୍ବା ବାପା ସଙ୍ଗେସଙ୍ଗେ ଉତ୍ୟକ୍ତ ହୋଇ ସେହି କର୍ମୀ ଆଡ଼କୁ ମାଡ଼ି ଆସନ୍ତି । ଅନୁଭୁତିରୁ ଜଣାଯାଏ ଯେ ସେ ବିଚରା କର୍ମୀର ଏପରି ଦୁର୍ଦ୍ଦଶା କରିଦିଅନ୍ତି ଯେ (ଅଲ୍ଲାଃହିଁ ଆଶ୍ରୟ) ଏବେ ତୁମର ଏପରି କର୍ମ ଦ୍ୱାରା ତୁମେ ତୁମର ବୈଅତର ପ୍ରତିଜ୍ଞା ଭଙ୍ଗ କଲ । ନିଜର ଚରିତ୍ରକୁ ନଷ୍ଟକଲ । ଏପରିକି ନିଜର ଆଗାମୀ ପିଢ଼ିର ଚପଳମତି ହୃଦୟରେ ଜମାଅତର ଶୃଙ୍ଖଳା ପ୍ରତି ରହିଥିବା ସମ୍ମାନକୁ ମଧ୍ୟ ଲୋପ କରିଦେଲ ଓ ତା'ର ମାନସିକତାରୁ ଠିକ ଓ ଭୁଲର ପରିଚୟକୁ ମଧ୍ୟ ଲୋପ କରିଦେଲ ଇତ୍ୟାଦି ।

ପୁଣି କୁହାଯାଇଛି ଶତ୍ରୁତା କରନାହିଁ । ଏବେ ଛୋଟ ଛୋଟ କଥା ଯୋଗୁଁ ଶତ୍ରୁତା ଆରମ୍ଭ ହୋଇଯାଏ । ହୃଦୟ ଭିତରେ ଦ୍ୱେଷ ତଥା ଘୃଣାଭାବ ଭରିଯାଏ । ଓର ଉଣ୍ଡି ବସିଥାନ୍ତି ଯେ କେତେବେଳେ ସୁଯୋଗ ମିଳିବ, ମୁଁ ତା'ଠାରୁ ଶତ୍ରୁତାର ବଦଳା ନେବି । ଅଥଚ ଆଦେଶ ରହିଛି ଯେ କାହାରି ସହିତ ଶତ୍ରୁତା କରନାହିଁ ଓ କାହାରି ଠାରେ ଦ୍ୱେଷ ରଖନାହିଁ । ହଦିସ ଶରିଫରେ ବର୍ଣ୍ଣିତ ଅଛି ଯେ ଜଣେ ଅନୁଚର ହଜରତ ମୁହମ୍ମଦ[ସଅ]ଙ୍କୁ ନିବେଦନ କଲେ ଯେ ମୋତେ ସଂକ୍ଷେପରେ କିଛି ଉପଦେଶ ଦିଅ, ଯାହାକୁ ମୁଁ ପାଶୋରିବି ନାହିଁ । ମହାଭାଗ କହିଲେ, 'କ୍ରୋଧରୁ ବଞ୍ଚିତ ହୁଅ' । ସୁତରାଂ ଯଦି କ୍ରୋଧରୁ ବଞ୍ଚିତ ରହିବା ପାଇଁ ସବୁବେଳେ ଧ୍ୟାନ ରଖିବ, ତେବେ ଦ୍ୱେଷ, ଇର୍ଷା ଇତ୍ୟାଦି ଆପେ ଆପେ ଲୋପ ପାଇଯିବ । ପୁଣି ଏକ ବଦ ଅଭ୍ୟାସ କାହାରି କ୍ଷତି କରିବା ଓ କାହା ମନରେ କଷ୍ଟଦେବା । ଅର୍ଥାତ କାହାରି ଅନିଷ୍ଟ କରିବା କିମ୍ବା କାହାରିକୁ ଅସୁବିଧାରେ ପକାଇବା ଉଦ୍ଦେଶ୍ୟରେ ଦର ବୃଦ୍ଧି କରି ସଉଦା ଉପରେ ମୁଲେଇ କରିବା । ଉକ୍ତ ହଦିସ ଦ୍ୱାରା ଏକଥାକୁ ବାରଣ କରା ଯାଇଛି ଯେ କେବଳ ଅନ୍ୟର

ସଉଦା ଖରାପ କରିବା ଉଦ୍ଦେଶ୍ୟରେ ଅଧିକ ମୂଲ୍ୟ ଦେଇ ଜିନିଷ କିଣ ନାହିଁ । ଯେହେତୁ ସେଥିରୁ ତାର କୌଣସି ବିଶେଷ ଲାଭ ହୁଏ ନାହିଁ । ସେହିପରି କେହି ଯଦି କୌଣସି ସ୍ଥାନକୁ ବନ୍ଧୁଘର କରିବାକୁ ସନ୍ଦେଶ ପଠାଇଛି, ସେଠାକୁ ଅନ୍ୟ କେହି ଯଦି ଜାଣିଶୁଣି ପାତ୍ର ଖୋଜିବା ପାଇଁ ଖବର ଦିଏ, ତେବେ ଏହି ଆଚରଣ ମଧ୍ୟ ଉକ୍ତ ସୀମାରେଖା ମଧ୍ୟରେ ଗଣନା ହେଉଛି । ତେଣୁ ଏପରି କରିବା ମଧ୍ୟ ନିଷିଦ୍ଧ। ସେଥିପାଇଁ ଅହମଦୀମାନଙ୍କୁ ଏଥିରୁ ବଞ୍ଚିତ ରହିବା ଉଚିତ । ପୁଣି କୁହାଯାଇଛି ଯେ ଅତ୍ୟାଚାର କରିବ ନାହିଁ, କାହାକୁ ତୁଚ୍ଛ ମନେ କରିବ ନାହିଁ । କାହାରିକୁ ଅପମାନିତ କରିବ ନାହିଁ । ଅତ୍ୟାଚାରୀ କଦାପି ଅଲ୍ଲାଃତାଲାଙ୍କ ସାନିଧ୍ୟ ପ୍ରାପ୍ତ କରିପାରେ ନାହିଁ। ତେବେ ଏହା କିପରି ହୋଇପାରିବ ଯେ ଏକ ପକ୍ଷ ଆପଣ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ବୈଅତ କରି ଯୁଗର ନବୀକୁ ମାନୁଛ, ଅଥଚ ଅନ୍ୟ ପକ୍ଷରେ ଅତ୍ୟାଚାର କରି ଲୋକମାନଙ୍କର ଅଧିକାର ଉପରେ ଦଖଲ କରୁଛ । ଆଜିକାଲି ଦେଖା ଯାଉଛି ଯେ ଭାଇମାନଙ୍କୁ ସେମାନଙ୍କ ଅଧିକାର ଦିଆ ଯାଉନାହିଁ । ଭଉଣୀମାନଙ୍କୁ ସେମାନଙ୍କ ସମ୍ପତ୍ତିରୁ ଭାଗ ଦିଆଯାଉ ନାହିଁ । କେବଳ ଏଥିପାଇଁ ଯେ ସେମାନେ ଅନ୍ୟ ପରିବାର ବା ବଂଶରେ ବିବାହ କରିଛନ୍ତି । କାଳେ ଆମ ପୈତୃକ ସମ୍ପତ୍ତି ଅନ୍ୟ ବଂଶକୁ ଚାଲିଯିବ, ଏପରି ଧାରଣା ଗ୍ରାମାଞ୍ଚଳରେ ଅଧିକ ମାତ୍ରାରେ ଦେଖା ଯାଉଛି । ଏପରି ନହେଉ ଯେ ତୁମେ ନିଜ ପତ୍ନୀମାନଙ୍କ ଉପରେ ଅତ୍ୟାଚାର କରିବ ଓ ସେମାନଙ୍କ ଅଧିକାରର ଧ୍ୟାନ ରଖିବ ନାହିଁ । ପତ୍ନୀମାନେ ମଧ୍ୟ ନିଜ ସ୍ୱାମୀ ପ୍ରତି କର୍ତ୍ତବ୍ୟର ଧ୍ୟାନ ରଖିବେ ନାହିଁ। ଦୈନନ୍ଦିନ ଜୀବନରେ ଅନେକ କଥା ଏପରି ବାହାରିବ, ଯାହା ଅନ୍ୟାୟ ଓ ଅତ୍ୟାଚାରର ପରିଧି ମଧ୍ୟକୁ ଆସୁଛି । ଅନେକ ଘଟଣା ଏପରି ଘଟିଯାଉଛି, ଯେଉଁଥିରୁ ଏହା ଅନୁଭୂତ ହେଉଛି । ଯାହାର କାରଣ ଅନ୍ୟକୁ ତୁଚ୍ଛ ମନେ କରିବା କିମ୍ବା ଅନ୍ୟକୁ ନୀଚ ମନେ କରିବା ।

ଏକ ପକ୍ଷେ ବୈଅତର ଦାବୀ କରି ପ୍ରତ୍ୟେକ ପ୍ରକାର ଦୁଷ୍କର୍ମରୁ ଦୂରେଇ ରହିବାର ପ୍ରତିଜ୍ଞା କରିବା ଅନ୍ୟ ପକ୍ଷେ ଏପରି କାର୍ଯ୍ୟକଳାପ । ସ୍ପଷ୍ଟ ଆଦେଶ ରହିଛି ଯେ ଜଣେ ମୁସଲମାନ ଅନ୍ୟ ମୁସଲ୍‌ମାନଙ୍କୁ ତୁଚ୍ଛ ମଣିବା କଦାପି ଉଚିତ ନୁହେଁ । ସେହିପରି ସେମାନଙ୍କ ରକ୍ତ, ଧନ ଓ ସମ୍ମାନ ପରସ୍ପର ପାଇଁ ଅବୈଧ । ତେବେ ଯେଉଁମାନେ ଯୁଗର ଅବତାରକୁ ସ୍ୱୀକାର କରି ଇସଲାମୀୟ ଶିକ୍ଷା ଉପରେ ସବୁଠାରୁ ଅଧିକ କାର୍ଯ୍ୟକାରୀ କରିବାର ଦାବୀ କରୁଛନ୍ତି, ସେମାନେ ଯଦି ଏପରି ଆଚରଣ କରନ୍ତି, ତା'ହେଲେ ଏହା କିପରି ସହ୍ୟ କରାଯିବ ଯେ ସେମାନେ ମସିହ ମଉଦ୍[ଅସ]ଙ୍କର

ଜମାଅତରେ ସମ୍ମିଳିତ ରହିବେ । ଏହି କଥାକୁ ସାମାନ୍ୟ ନଭାବି ହଜରତ୍ ମୁହମ୍ମଦ[ସଅ]ଙ୍କ ଅନୁଚରମାନଙ୍କର ଏହି ବିଷୟରେ କିପରି କାର୍ଯ୍ୟକଳାପ ଥିଲା, ଇସଲାମ ଗ୍ରହଣ କଲାପରେ ସେମାନେ ନିଜକୁ କିପରି ପରିବର୍ତ୍ତନ କରିଥିଲେ ଇତ୍ୟାଦି ସମ୍ବନ୍ଧରେ ହଦିସ୍ ମଧ୍ୟରୁ ଆଉ କିଛି ଦୃଷ୍ଟାନ୍ତ ଉପସ୍ଥାପନ କରୁଛି ।

ହଜରତ୍ ଅବୁଜର୍ ଗଫାର[ରଅ] ବର୍ଣ୍ଣନା କରୁଛନ୍ତି ଯେ ତାଙ୍କ କୂଅରୁ ପାଣି ଦିଆଯାଉଥିଲା । ଥରେ ଗୋଟିଏ ପରିବାରର କେତେକ ଲୋକ ଆସିଲେ । ତାଙ୍କ ମଧ୍ୟରୁ ଜଣେ କହିଲା ଯେ ତୁମମାନଙ୍କ ମଧ୍ୟରୁ କିଏ ଅବୁଜର୍‌ଙ୍କ ପାଖକୁ ଯିବ ଓ ତାଙ୍କ ମୁଣ୍ଡବାଳ ଧରି ତାଙ୍କୁ ପଚାରିବ ? ଜଣେ ବ୍ୟକ୍ତି କହିଲା 'ମୁଁ ଏ କାର୍ଯ୍ୟ କରିବି ।' ଅତଃ ସେ ବ୍ୟକ୍ତି ତାଙ୍କ ପାଣିକୁଣ୍ଡ ପାଖକୁ ଗଲା ଓ ତାଙ୍କୁ ହଇରାଣ କରିବା ଆରମ୍ଭ କରିଦେଲା । ସେତେବେଳେ ଅବୁଜର୍ ଛିଡ଼ା ହୋଇଥିଲେ । ତା'ର ଏପରି ବ୍ୟବହାର ଦେଖି ସେ ବସି ପଡ଼ିଲେ ଓ ପରେ ଶୋଇ ପଡ଼ିଲେ । ସେ ବ୍ୟକ୍ତି ପଚାରିଲା 'ହେ ଅବୁଜର୍ ! ତୁମେ କାହିଁକି ବସିଗଲ ଓ ପୁଣି ଶୋଇ ପଡ଼ିଲ ? ଅବୁଜର୍ ଉତ୍ତର ଦେଲେ 'ରସୁଲୁଲ୍ଲା[ସଅ] ଆମମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ଯେତେବେଳେ ତୁମଙ୍କୁ କାହାରି ପ୍ରତି କ୍ରୋଧ ଆସିବ ଓ ତୁମେ ଛିଡ଼ା ହୋଇଥିବ, ସେତେବେଳେ ସଙ୍ଗେସଙ୍ଗେ ବସିପଡିବ । ଯେବେ ତା'ର କ୍ରୋଧ ଶାନ୍ତ ହୋଇଯିବ ତେବେ ଭଲ, ନଚେତ୍ ସେ ଶୋଇଯାଉ । (ମସ୍‌ନଦ୍ ଅହମଦ୍ ବିନ୍ ହମ୍‌ଲ୍, ଖଣ୍ଡ ୫, ପୃ : ୧୫୨)

ପୁଣି ଉଲ୍ଲେଖ ଅଛି, ବର୍ଣ୍ଣନାକାରୀ କହୁଛନ୍ତି ଯେ ଆମେ ଜଣେ ଅନୁଚର ଉର୍‌ୱା ବିନ୍ ମୁହମ୍ମଦ୍[ରଅ]ଙ୍କ ପାଖରେ ବସିଥିଲୁ । ତାଙ୍କ ନିକଟକୁ ଜଣେ ବ୍ୟକ୍ତି ଆସିଲା ଓ ତାଙ୍କ ସହିତ ଏପରି ବାର୍ତ୍ତାଳାପ କଲା ଯେ ତାଙ୍କୁ କ୍ରୋଧ ଆସିଗଲା । କିନ୍ତୁ ଯେତେବେଳେ ତାଙ୍କ କ୍ରୋଧ ଅତ୍ୟଧିକ ହୋଇଗଲା, ସେ ଛିଡ଼ା ହୋଇ ପଡିଲେ । ଓ୍ୱଜୁ କରି ଆମ ପାଖକୁ ଫେରି ଆସିଲେ । ପୁଣି ସେ କହିଲେ, ମୋର ପିତା ମୋତେ ମୋର ପିତାମହ ଉତେୟାଙ୍କ ମାଧ୍ୟମରେ ଯେ କି ଅନୁଚର ମଧ୍ୟରେ ଥିଲେ, ଏ ବିଷୟ ଶୁଣାଇଛନ୍ତି ଯେ ରସୁଲୁଲ୍ଲାଃ[ସଅ] କହୁଥିଲେ, 'କ୍ରୋଧ ଶୈତାନ (ଦୁରାତ୍ମା) ତରଫ୍‌ରୁ ଆସିଥାଏ ଓ ଶୈତାନକୁ ନିଆଁରୁ ଜାତ କରା ଯାଇଛି । ତେବେ ନିଆଁକୁ ପାଣି ଢାଳି ଲିଭାଯାଏ । ତେଣୁ ତୁମମାନଙ୍କ ମଧ୍ୟରୁ ଯେବେ କାହାରିକୁ କ୍ରୋଧ ଆସେ, ତେବେ ସେ ଓ୍ୱଜୁ କରିନେବା ଉଚିତ ।' (ମସନଦ୍ ଅହମଦ ବିନ ହମ୍ବଲ, ଭାଗ ୪, ପୃ : ୨୨୬)

ହଜରତ୍ ଜିଆଦ୍ ବିନ୍ ଅଲାକା[ରଅ] ତାଙ୍କ କକା କତ୍‌ବା ବିନ୍ ମାଲିକ୍[ରଅ]ଙ୍କ ଦ୍ୱାରା ବର୍ଣ୍ଣିତ କଥାରେ ଉଲ୍ଲେଖ କରୁଛନ୍ତି ଯେ ହଜରତ୍ ମୁହମ୍ମଦ[ସଅ] ଏହି ଦୁଆ ମାଗୁଥିଲେ

'ହେ ମୋର ଅଲ୍ଲାଃ ! ମୁଁ ଦୁରାଚାର ଓ ମନ୍ଦ କାମନାରୁ ବଞ୍ଚିବା ପାଇଁ ତୁମ୍ଭର ଶରଣ ଲୋଡୁଛି । (ସୁନନ୍ ତିରମିଜି, କିତାବୁଦ୍ ଦାଓ୍ଵାତ, ଭାଗ ଯାମେ ଦାଓ୍ଵାତ)

ଏଥି ସମ୍ବନ୍ଧରେ ହଜରତ ମସିହ ମଉଦ୍[ଅସ] କ'ଣ କହୁଛନ୍ତି ଓ ତାଙ୍କ ଜମାଅତ୍ ଠାରୁ ସେ କି ପ୍ରକାର ଆଶା ରଖୁଛନ୍ତି, ତାହା ମୁଁ ପ୍ରସ୍ତୁତ କରୁଛି । ସେ କହିଛନ୍ତି :

ମୋ ଜମାଅତ୍‌ର ସମସ୍ତ ବ୍ୟକ୍ତି ଯେଉଁମାନେ ଏଠାରେ ଉପସ୍ଥିତ ଅଛନ୍ତି କିମ୍ବା ନିଜ ନିଜ ବାସସ୍ଥାନରେ ରହୁଛନ୍ତି ଏହି ଓ୍ଵସିଅତ୍ (ଇଚ୍ଛାପତ୍ର)କୁ ଧ୍ୟାନ ପୂର୍ବକ ଶୁଣନ୍ତୁ । ଯେଉଁମାନେ ଏହି ସମ୍ପ୍ରଦାୟରେ ସମ୍ପୃକ୍ତ ହୋଇ ମୋ ସହିତ ଆସ୍ଥା ରଖିଛନ୍ତି ଓ ମୋର ଆନୁଗତ୍ୟ ସ୍ୱୀକାର କରିଛନ୍ତି, ଏହାର ଉଦ୍ଦେଶ୍ୟ ହେଉଛି ଯେ ସେମାନେ ସଦାଚାର, ସତ୍ୟନିଷ୍ଠ ଓ ଈଶ୍ୱର ଭୟ ଦିଗରେ ସର୍ବୋତ୍ତମ ଶ୍ରେଣୀରେ ପ୍ରତିଷ୍ଠିତ ହୋଇ ଯାଆନ୍ତୁ । ଯେପରିକି କୌଣସି କଳହ, କୌଣସି ଅସତକର୍ମ ଓ ମନ୍ଦ ଅଭ୍ୟାସ ସେମାନଙ୍କ ନିକଟକୁ ନଆସୁ । ସେ ପାଞ୍ଚବେଳା ନମାଜ ସାମୁହିକ ଭାବରେ (ବା ଜମାଅତ) ନିୟମିତ ଭାବରେ ପାଠ କରୁଥିବ । ସେ ମିଥ୍ୟା କହୁ ନଥିବ, ସେ କାହାରିକୁ ମୁଖ ଦ୍ୱାରା କଷ୍ଟ ଦେଉ ନଥିବ, ସେ କୌଣସି ପ୍ରକାରର କୁକର୍ମରେ ସମ୍ପୃକ୍ତ ନଥିବ । କୌଣସି ଦୁଷ୍ଟାମି, ଅତ୍ୟାଚାର, ବିଶୃଙ୍ଖଳା ଓ ବିଦ୍ରୋହ ଭାବନା ମଧ୍ୟ ହୃଦୟରେ ଆଣୁ ନଥିବ । ଅର୍ଥାତ୍ ତାତ୍ପର୍ଯ୍ୟ ହେଉଛି ଯେ ପ୍ରତ୍ୟେକ ପ୍ରକାରର କୁକର୍ମ, ଅପରାଧ, ଅସଦ କର୍ମ, ତାମସିକ ଆବେଗ ଓ ଅଯଥା ବା ଅନୁଚିତ କାର୍ଯ୍ୟରୁ ବଞ୍ଚିତ ରହୁଥିବ । ପ୍ରଭୁଙ୍କର ସେ ସ୍ୱଚ୍ଛ ହୃଦୟରେ, ଶାନ୍ତଶିଷ୍ଟ ଓ ବିନମ୍ର ଭକ୍ତ ହୋଇଯାଉ । କୌଣସି ପ୍ରକାରର ବିଷାକ୍ତ ମନୋଭାବ ତାଙ୍କ ବ୍ୟକ୍ତିତ୍ୱରେ ନରହୁ । ମାନବ ସମାଜ ପ୍ରତି ସମବେଦନା ସେମାନଙ୍କର ନୀତି ହେଉ ଓ ସେ ପ୍ରଭୁଙ୍କ ସର୍ବଦା ଡ଼ରୁଥାଉ । ନିଜକୁ ତୁଚ୍ଛ ମଣୁ ନିଜ ହାତକୁ ଓ ନିଜ ହୃଦୟକୁ ପ୍ରତ୍ୟେକ ପ୍ରକାର ମନ୍ଦ ବିଚାରରୁ ମୁକ୍ତ ରଖୁ । ନମାଜ ଦୃଢ଼ତା ସହିତ ନିର୍ଦ୍ଧାରିତ କରୁ ଓ ପାଞ୍ଚବେଳା ନମାଜକୁ ଅନିବାର୍ଯ୍ୟ ରୂପେ ପ୍ରତିଷ୍ଠା କରୁ । ତୁମେମାନେ ଅତ୍ୟାଚାର, ଔଦ୍ଧତ୍ୟ, ବେଇମାନି (ଠକାମି), ଲାଞ୍ଚ, ଅନ୍ୟର ଅଧିକାର ଦଖଲ କରିବା ତଥା ଅନୁଚିତ ପକ୍ଷପାତ କରିବାରୁ ଦୂରେଇ ରୁହ । କୌଣସି ଅସାଧୁ ସଙ୍ଗତିରେ ବସାଉଠା କର ନାହିଁ । ଯଦି ପରେ ପ୍ରମାଣ ହୁଏ ଯେ କୌଣସି ବ୍ୟକ୍ତି ଅସାଧୁ ବା ଦୁଷ୍ଟମାନଙ୍କ ସଙ୍ଗତିରେ ରହୁଛି ବା ତାଙ୍କ ସହିତ ଚଳପ୍ରଚଳ କରୁଛି, ତେବେ ସେ ପ୍ରଭୁଙ୍କ ଆଦେଶକୁ ପାଳନ କରୁନାହିଁ । ଅଥବା ଲୋକମାନଙ୍କର ଅଧିକାର ପ୍ରତି କୌଣସି ଖାତିରୀ ନାହିଁ କିମ୍ବା ସେ ମଧ୍ୟ ଅତ୍ୟାଚାରୀ, ଦୁଷ୍ଟ ପ୍ରକୃତିର ବ୍ୟକ୍ତି କିମ୍ବା ଯେଉଁ ବ୍ୟକ୍ତି ସହିତ ବୈଅତ ଓ ଶ୍ରଦ୍ଧାର ସମ୍ପର୍କ ରଖିଛି, ତାଙ୍କ ପ୍ରତି ଅଯଥା ମନ୍ଦ ବିଚାର, ଗାଳିମନ୍ଦ, କୁଭାଷା, ଲାଞ୍ଛନା ଓ ମିଥ୍ୟାରୋପର ଅଭ୍ୟାସ ରଖି ପ୍ରଭୁ ଓ ତାଙ୍କ

ଭକ୍ତମାନଙ୍କୁ ଧୋକା ଦେବାକୁ ଚାହୁଁଛି । ତେଣୁ ଏପରି ବ୍ୟକ୍ତି ପାଇଁ ଅନିବାର୍ଯ୍ୟ ହେଉଛି ଯେ ସେ ଉକ୍ତ କୁକର୍ମମାନଙ୍କୁ ନିଜ ଅନ୍ତରରୁ ଦୂରେଇ ଦେବା ସହିତ ସେପରି ବ୍ୟକ୍ତିଙ୍କ ଠାରୁ ନିଜକୁ ସୁରକ୍ଷିତ ରଖୁ, ଯେଉଁମାନେ ଭୟଙ୍କର ଓ ବିପଦଜନକ । ଏଥିପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ ଯେ ତୁମେ ଯେପରି କୌଣସି ଧର୍ମ, ଜାତି କିମ୍ବା ଗୋଷ୍ଠୀର ଲୋକମାନଙ୍କୁ କ୍ଷତି ପହଞ୍ଚାଇବାର କାମନା କରିବ ନାହିଁ । ଏବଂ ପ୍ରତ୍ୟେକଙ୍କ ପାଇଁ ସଦୁପଦେଶକାରୀ ହୁଅ । ଏକଥା ପ୍ରତି ମଧ୍ୟ ନିହାତି ଧ୍ୟାନ ଦେବା ଉଚିତ ଯେ ଦୁଷ୍ଟ, ଖଳ ପ୍ରବୃତ୍ତିର ଲୋକ ଓ ଦୁରାଚାର ବ୍ୟକ୍ତିମାନଙ୍କର ସଭା ସମିତିରେ ତୁମମାନଙ୍କ  କଦାପି ପାଦ ନ ପଡୁ । ନା ସେମାନେ ତୁମ ଗୃହରେ ରହିପାରିବେ । କାରଣ କୌଣସି ସମୟରେ ସେମାନେ ତୁମର ବିଘ୍ନ ଘଟାଇବାର କାରଣ ହୋଇପାରନ୍ତି ।

କହୁଛନ୍ତି.... ଏଗୁଡିକ ସେହି ବିଷୟ ଓ ସର୍ତ୍ତାବଳୀର ଅନ୍ତର୍ଗତ, ଯାହାକୁ ମୁଁ ପ୍ରଥମରୁ କହି ଆସୁଛି । ମୋ ଜମାଅତରେ ଥିବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଏହା ଅନିବାର୍ଯ୍ୟ ଯେ ସେମାନେ ମୋର ଏହି ଇଚ୍ଛାପତ୍ର (ୱସିଅତ) ଉପରେ ପୂର୍ଣ୍ଣ ରୂପେ କାର୍ଯ୍ୟ ନିର୍ବାହ କରିବେ । ଏହା ମଧ୍ୟ ମନେ ରଖିବା ଉଚିତ ଯେ ତୁମ ସଭା ସମିତି ବା ଅନୁଷ୍ଠାନ ମଧ୍ୟରେ ଯେପରି କୌଣସି ଅପବିତ୍ରତା ଓ ଥଟ୍ଟା ପରିହାସ ଜନକ କାର୍ଯ୍ୟ ନହେଉ । ସହୃଦୟତା, ସ୍ୱଚ୍ଛ ସ୍ୱଭାବ ତଥା ପବିତ୍ର ବିଚାର ସହିତ ଭୂମିରେ ଚଳପ୍ରଚଳ କର । ମନେରଖ, ପ୍ରତ୍ୟେକ କୁକର୍ମ ପ୍ରତିସ୍ପର୍ଦ୍ଧାର ଯୋଗ୍ୟ ନୁହେଁ । ତେଣୁ ଆବଶ୍ୟକ ହେଉଛି, ଅଧିକାଂଶ ଉପେକ୍ଷା ଓ କ୍ଷମା କରିବାର ଅଭ୍ୟାସ କର । ଧୈର୍ଯ୍ୟ ତଥା ନମ୍ରତା ସହିତ କାର୍ଯ୍ୟକର । କାହାରିକୁ ଅନୁଚିତ ଉପାୟରେ ଆକ୍ରମଣ କରନାହିଁ । ନିଜର ତାମସିକ ଭାବନାକୁ ଚାପିରଖ । ଯଦି କୌଣସି ଯୁକ୍ତିତର୍କ କିମ୍ବା ଧର୍ମ ସମ୍ବନ୍ଧୀୟ ଆଲୋଚନା ହୁଏ, ତେବେ ଶିଷ୍ଟାଚାର ଓ କୋମଳ ଶବ୍ଦ ପ୍ରୟୋଗ କରି ଆଲୋଚନା କର । ଯଦି କେହି ମୂର୍ଖତା ପୂର୍ଣ୍ଣ ବ୍ୟବହାର କରେ, ତେବେ ସଲାମ୍ କରି ସେଠାରୁ ଶୀଘ୍ର ଚାଲିଆସ । ଯଦି ତୁମ ସନ୍ତାପିତ ହୁଅ କିମ୍ବା ତୁମଙ୍କୁ ଗାଳି ଦିଆଯାଏ ଓ ତୁମ ପ୍ରତି କୁଭାଷା ପ୍ରୟୋଗ କରାଯାଏ, ତେବେ ସାବଧାନ ରୁହ ଯେ ମୁର୍ଖ ସହିତ ତୁମେ ଯେପରି ମୁର୍ଖତା ପୂର୍ଣ୍ଣ ବ୍ୟବହାର ନକର । ନଚେତଉ ତୁମେ ମଧ୍ୟ ତାଙ୍କ ସଦୃଶ ଗଣାହେବ । ଏହା ପ୍ରଭୁଙ୍କ ଇଚ୍ଛା ଯେ ସେ ତୁମଙ୍କୁ ନେଇ ଏପରି ଏକ ଜମାଅତ୍ ତିଆରି କରିବେ, ଯିଏ ସମସ୍ତ ସଂସାର ପାଇଁ ସଦାଚାର ଓ ସତ୍ୟତାର ଆଦର୍ଶ ହେବ । ତେଣୁ ନିଜ ମଧ୍ୟରୁ ଏପରି ବ୍ୟକ୍ତିଙ୍କୁ ଶୀଘ୍ର ବହିଷ୍କାର କର, ଯେଉଁମାନେ ଦୁଷ୍କର୍ମ, ଖଳ ପ୍ରବୃତ୍ତି ତଥା ଦୁରାଚାରୀତାର ପାତ୍ର ।

ଯେଉଁ ବ୍ୟକ୍ତି ଆମ ଜମାଅତ୍‌ରେ ଦାରିଦ୍ର୍ୟ, ସତକର୍ମ, ସ୍ୱଚ୍ଛତା, ସହନଶୀଳତା, କୋମଳ ଭାଷା, ଭଲ ସ୍ୱଭାବଗତ ଗୁଣ ଓ ସଦାଚାରୀ ହୋଇ ରହି ନପାରିବ, ସେ ଯଥା ଶୀଘ୍ର ଆମ ଠାରୁ ପୃଥକ ହୋଇଯାଉ । କାରଣ ଆମ ପ୍ରଭୁ ଚାହାନ୍ତି ନାହିଁ ଯେ ଏପରି ବ୍ୟକ୍ତି ଆମ ମଧ୍ୟରେ ରହୁ । ଏହା ସୁନିଶ୍ଚିତ ସେ ଦୁର୍ଭାଗ୍ୟ ପୂର୍ଣ୍ଣ ଭାବେ ମୃତ୍ୟୁ ବରଣ କରିବ । କାରଣ ସେ ସତ୍‌ପଥକୁ ଗ୍ରହଣ କଲାନାହିଁ । ତେଣୁ ତୁମେମାନେ ସାବଧାନ ହୋଇଯାଅ ଓ ବାସ୍ତବିକ୍ ସତ ହୃଦୟ, ବିନମ୍ର ସ୍ୱଭାବ ଓ ସତ୍ୟବାଦୀ ହୋଇଯାଅ । ତୁମେ ପାଞ୍ଚବେଳା ନମାଜ ଓ ସଦାଚାରୀତା ଦ୍ୱାରା ପରିଚିତ ହେବ । ଯାହା ଠାରେ କୁକର୍ମର ବୀଜ ରହିଛି, ସେ ଉକ୍ତ ଉପଦେଶ ଉପରେ ପ୍ରତିଷ୍ଠିତ ରହିପାରିବ ନାହିଁ । (ମଜମୁଆ ଇସ୍ତେହାର, ଖଣ୍ଡ ୩, ପୃ ୪୬-୪୮)

ପୁଣି କହିଛନ୍ତି ମନୁଷ୍ୟକୁ ଏହା କରିବା ଉଚିତ ଯେ ସେ ଅଭଦ୍ର ନହେଉ, ନିର୍ଲଜ ଆଚରଣ ଓ ଅଲାଜୁକପଣ ନକରୁ । ଲୋକମାନଙ୍କ ସହିତ ଦୁର୍ବବ୍ୟହାର ନକରୁ । ପ୍ରେମ ଓ ସଦ୍‌ଭାବନା ପୂର୍ଣ୍ଣ ବ୍ୟବହାର କରୁ । ନିଜର ଇଚ୍ଛା ପୁର୍ତ୍ତିପାଇଁ କାହାରି ସହିତ ଦ୍ୱେଷ ନରଖୁ । କଠୋରତା ଓ ବିନମ୍ରତାର ପ୍ରୟୋଗ ଉଚ୍ଚିତ୍ ଅବସରରେ କରୁ ।
(ମଲଫୁଜାତ୍, ଭାଗ ୫, ପୃ : ୬୦୯)

# ଶିଷ୍ଟାଚାର ଓ ବିନମ୍ରତା ଅବଲମ୍ବନ କର

ପୁଣି ଶିଷ୍ଟାଚାର ଓ ବିନୟଭାବ ବିଷୟରେ ମସିହ ମଉଦ[ଅସ] ଏହିପରି ବର୍ଣ୍ଣନା କରିଛନ୍ତି :

ଅଲ୍ଲାଃତାଲାଙ୍କ ପ୍ରକୋପ ଆସି ତୌବା (ପଶ୍ଚାତାପ)ର ଦ୍ୱାର ବନ୍ଦ କରିଦେବା ପୂର୍ବରୁ ଶୀଘ୍ର ତୌବା କର । ଯେତେବେଳେ ସାଂସାରୀକ ଆଇନ ପ୍ରତି ଏତେ ଭୟ ରହୁଛି, ତେବେ କେଉଁ କାରଣରୁ ଅଲ୍ଲାଃତାଲାଙ୍କ ଆଇନକୁ ଡ଼ରିବ ନାହିଁ ? ଯେତେବେଳେ ବିପଦ ମୁଣ୍ଡ ଉପରକୁ ଆସିଯାଏ, ସେତେବେଳେ ତା'ର ସ୍ୱାଦ ତ ଚାଖିବାକୁ ହିଁ ପଡ଼ିବ । ତେଣୁ ଆବଶ୍ୟକ ଯେ ପ୍ରତ୍ୟେକ ବ୍ୟକ୍ତି ତହ୍‌ଜୁଦ୍ ନମାଜ ପାଇଁ ଉଠିବାକୁ ଚେଷ୍ଟା କରୁ । ପାଞ୍ଚବେଳା ନମାଜରେ ମଧ୍ୟ ସଂପୂର୍ଣ୍ଣ ନିଷ୍ଠାବାନ ହୋଇ ପ୍ରାର୍ଥନା କର । ପ୍ରଭୁଙ୍କୁ ଅସନ୍ତୁଷ୍ଟ କଲାପରି କର୍ମ ପାଇଁ ପ୍ରାୟଶ୍ଚିତ କର । ତୌବାର ବାସ୍ତବିକ ତାତ୍ପର୍ଯ୍ୟ ହେଉଛି ସମସ୍ତ ଅସତ୍‌କର୍ମ ଓ ପ୍ରଭୁଙ୍କୁ ପ୍ରସନ୍ନ କରି ପାରୁ ନଥିବା କାରଣମାନଙ୍କୁ ତ୍ୟାଗ କରି ହୃଦୟରେ ଏକ ସତ୍ୟ ପରିବର୍ତ୍ତନ ଆଣ । ନିଜର ପାଦ ଆଗକୁ ବଢ଼ାଅ ଓ ତକଓ୍ୱା ବା ଈଶ୍ୱର ଭୟ ମନରେ ରଖ । ଏହାଦ୍ୱାରା ମଧ୍ୟ ପ୍ରଭୁଙ୍କ

କରୁଣା ହୋଇଥାଏ । ମାନବୀୟ ସ୍ୱଭାବକୁ ସରଳ ଓ ବିନୟ କର, ଯେପରି ମନରେ କ୍ରୋଧ ନଆସିବ । ଏହା ପରିବର୍ତ୍ତେ ବିନମ୍ରତା ତଥା ସେବା ମୂଳକ ମନୋଭାବ ତା'ର ସ୍ଥାନ ଗ୍ରହଣ କରୁ । ନିଜର ଆଚରଣ ସୁଧାରିବା ସହିତ ନିଜର ସାମର୍ଥ୍ୟ ଅନୁଯାୟୀ ଦାନ ମଧ୍ୟ କରିବା ଉଚିତ ।

﴿يُطْعِمُوْنَ الطَّعَامَ عَلٰى حُبِّهٖ مِسْكِيْنًا وَّ يَتِيْمًا وَّاَسِيْرًا﴾

ୟୁତଇମୁନତ୍ ତାଆମା ଆଲା ହୁବ୍‌ବେହି ମିସକିନଉଁ ୱ୍ୟତିମଉଁ ୱ୍ୱଅସିରା

ଅର୍ଥାତ୍ 'ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ପାଇଁ ନିର୍ଧନ, ଅନାଥ ଓ ବନ୍ଦୀମାନଙ୍କୁ ଖାଇବାକୁ ଦିଅନ୍ତି ଓ କୁହନ୍ତି ଯେ ଆମେ କେବଳ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତି ପାଇଁ ଏହା କରୁଛୁ ଏବଂ ସେ ଦିନକୁ ଆମେ ଭୟ କରୁଛୁ, ଯାହା ଅତ୍ୟନ୍ତ ଭୟାବହ ।' **(ଅଲ୍ ଦହର୍ -୯)**

ଏହାର ସାରାଂଶ ହେଉଛି ଯେ ଦୁଆ ଓ ତୌବା ଦ୍ୱାରା ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କର ଓ ଦାନ ମଧ୍ୟ ଦେଉଥାଅ । ଅଲ୍ଲାଃତାଲା ତୁମମାନଙ୍କ ପ୍ରତି ଦୟା ଓ କୃପା କରିବେ ।

(ମଲଫୂଜାତ୍, ଖଣ୍ଡ ୧, ପୃ : ୧୩୪-୧୩୫)

ସେ ପୁଣି କହିଛନ୍ତି: 'ହେ ବନ୍ଧୁଗଣ ! ଏହି ନୀତିକୁ ଦୃଢ଼ତାର ସହିତ ଧରିଥାଅ । ପ୍ରତ୍ୟେକ ଜାତିଙ୍କ ସହିତ ବିନମ୍ର ଭାବ ରଖ । ନମ୍ରତା ଦ୍ୱାରା ଜ୍ଞାନ ବୃଦ୍ଧି ହୁଏ ଓ ସହନଶୀଳତା ଦ୍ୱାରା ଉଚ୍ଚ ବିଚାର ଉତ୍ପନ୍ନ ହୁଏ । ଯେଉଁ ବ୍ୟକ୍ତି ଏହି ପଦ୍ଧତି ଅନୁସରଣ ନକରେ ସେ ଆମମାନଙ୍କ ମଧ୍ୟରେ ନୁହେଁ । ଯଦି କେହି ଆମ ଜମାଅତରେ ବିରୋଧିମାନଙ୍କ ଗାଳି ଓ କଟୁକଥା ପ୍ରତି ଧୈର୍ଯ୍ୟ ରଖିପାରୁ ନାହିଁ, ତେବେ ତା'ର ଅଧିକାର ଅଛି ଯେ ସେ ନ୍ୟାୟାଳୟରେ ଏଥିପାଇଁ ଅଭିଯୋଗ କରୁ । କିନ୍ତୁ ଏହା ଉଚିତ୍ ନୁହେଁ ଯେ କାହାରିକୁ କଠୋରତାର ମୁକାବିଲାରେ କଠୋରତା ଅବଲମ୍ବନ କରି କୌଣସି ବିବାଦ ସୃଷ୍ଟି କରିବ । ଏହା ହେଉଛି ସେହି ୱ୍ୱସିଅତ୍ (ଇଚ୍ଛାପତ୍ର), ଯାହାକୁ ମୁଁ ମୋର ଜମାଅତ୍‌ର ଲୋକମାନଙ୍କ ସକାଶେ କରିଛି । ଏବଂ ଏପରି ବ୍ୟକ୍ତିମାନଙ୍କ ଠାରୁ ଆମେ ବିମୁଖ ହେଉଛୁ ଓ ଯିଏ ଏହା ଉପରେ ପାଳନ ନକରୁଛି, ଆମେ ତାକୁ ଜମାଅତ୍‌ରୁ ପୃଥକ କରୁଛୁ । (ତବ୍‌ଲିଗେ ରିସାଲତ୍, ଖଣ୍ଡ ୬, ପୃ : ୧୭୦)

# ବୈଅତର୍ ପଞ୍ଚମ ସର୍ତ୍

**ଜୀବନର ଯେ କୌଣସି ପରିସ୍ଥିତିରେ ତାହା ସୁଖ ହେଉ କି ଦୁଃଖ ହେଉ, ସୁବିଧା ଥାଉ କି ଅସୁବିଧା ଥାଉ, ଦୁର୍ଦ୍ଦଶା ବେଳେ କି ସମୃଦ୍ଧି ବେଳେ ବିପଦ ଅପଦ ସବୁ ସମୟରେ ଅଲ୍ଲାଃଙ୍କ ପ୍ରତି ନିଷ୍ଠା, ଭକ୍ତି ଓ ଆସ୍ଥାକୁ ଅତୁଟ ରଖିବ । ସ୍ୱଚ୍ଛନ୍ଦ ହେଉ କି ପରୀକ୍ଷାର ସମୟ ହେଉ, ପ୍ରତ୍ୟେକ ସ୍ଥିତିକୁ ଈଶ୍ୱରଙ୍କ ନିଷ୍ପତ୍ତି ଉପରେ ଛାଡ଼ିଦେବ । ତାଙ୍କ ମାର୍ଗରେ ପ୍ରତ୍ୟେକ ଅପମାନ ଓ ଦୁଃଖ ସ୍ୱୀକାର କରିବା ନିମନ୍ତେ ପ୍ରସ୍ତୁତ ରହିବ ଏବଂ କୌଣସି ବିପତ୍ତିର ଆଗମନରେ ପଛଘୁଞ୍ଚା ନଦେଇ ଆଗକୁ ପାଦ ବଢ଼ାଇବ ।**

ଅଲ୍ଲାଃତାଲା ପବିତ୍ର କୁର୍‌ଆନରେ ବର୍ଣ୍ଣନା କରିଛନ୍ତି

﴿وَمِنَ النَّاسِ مَنۡ يَّشۡرِىۡ نَفۡسَهُ ابۡتِغَآءَ مَرۡضَاتِ اللّٰهِ‌ؕ وَاللّٰهُ رَءُوۡفٌۢ بِالۡعِبَادِ﴾

ୱ୍ମେନନ୍‌ନାସେ ମୈଁୟଶ୍‌ରୀ ନଫ୍‌ସହୁବ୍‌ତିଗାଆ ମର୍‌ଜାତିଲ୍ଲାହି ୱ୍ଲ୍ଲାହୋ ରଉଫୁମ୍ ବିଲ୍ ଇବାଦ୍

ଅର୍ଥାତ 'ଏବଂ ଲୋକମାନଙ୍କ ମଧ୍ୟରେ ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି, ଯେଉଁମାନେ ନିଜ ଜୀବନକୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ବିକ୍ରୟ କରିଦିଅନ୍ତି । ଏବଂ ଅଲ୍ଲାଃ ନିଜ ଭକ୍ତଙ୍କ ପ୍ରତି ଅତ୍ୟନ୍ତ କୃପା ପ୍ରଦାନକାରୀ ।'

**(ଅଲ ବକ୍‌ରା ୨୦୮)**

ହଜରତ ମସିହ ମଉଦ[ଅସ] ଉକ୍ତ ଆୟତକୁ ବ୍ୟାଖ୍ୟା କରି ବର୍ଣ୍ଣନା କରିଛନ୍ତି ଯେ ମନୁଷ୍ୟମାନଙ୍କ ମଧ୍ୟରେ ସେହି ବ୍ୟକ୍ତି ଉତ୍ତମ, ଯିଏ ଅଲ୍ଲାଃତାଲାଙ୍କ ପ୍ରେମ ପାଇଁ ନିଜକୁ ହଜେଇ ଦିଏ । ସେମାନେ ନିଜ ଜୀବନକୁ ବିକ୍ରୟ କରିଦିଅନ୍ତି ଓ ପ୍ରଭୁଙ୍କ ଇଚ୍ଛାକୁ ମୂଲ୍ୟାୟନ କରନ୍ତି । ଏମାନେ ସେହି ବ୍ୟକ୍ତି ଯେଉଁମାନଙ୍କ ଉପରେ ଅଲ୍ଲାଃତାଲାଙ୍କର କରୁଣା ରହିଛି ।.... ପ୍ରଭୁ ଉକ୍ତ ଆୟତରେ କହୁଛନ୍ତି, ସମସ୍ତ ଦୁଃଖରୁ ସେହି ବ୍ୟକ୍ତିଙ୍କ ପରିତ୍ରାଣ କରାଯିବ, ଯିଏ ମୋର ଇଚ୍ଛାର ମାର୍ଗରେ ଜୀବନ ବିକ୍ରି କରିଦିଏ ଏବଂ ପୂର୍ଣ୍ଣ ପ୍ରଯତ୍ନ ସହିତ ନିଜର ସେହି ଅବସ୍ଥାର ପ୍ରମାଣ ଦେଇଥାଏ ଯେ ସେ ଏକାନ୍ତ ପ୍ରଭୁଙ୍କର ଓ

ନିଜର ସମସ୍ତ ବ୍ୟକ୍ତିତ୍ୱକୁ ଏପରି ଏକ ବସ୍ତୁ ମନେକରେ ଯେ ତାକୁ ପ୍ରଭୁଙ୍କ ଆଜ୍ଞାବହ ହେବା ଓ ତାହାଙ୍କ ସୃଷ୍ଟିର ସେବା କରିବା ସକାଶେ ଜାତ କରାଯାଇଛି ।'

(ରିପୋର୍ଟ ଜଲ୍‌ସା, ଆଲମେ ମଜାହବ୍, ପୃ : ୧୩୧-୧୩୨/ ଇସଲାମୀ ଓସୁଲକି ଫଲାସଫି, ରୁହାନି ଖଜାଇନ୍, ଖଣ୍ଡ ୧୦, ପୃ : ୩୮୫)

ପୁଣି ବର୍ଣ୍ଣନା କରୁଛନ୍ତି, 'ପ୍ରଭୁଙ୍କ ପ୍ରିୟ ଭକ୍ତ ନିଜର ଜୀବନ ତାଙ୍କର ମାର୍ଗରେ ଉତ୍ସର୍ଗ କରିଦିଏ । ଏବଂ ଏହାର ପ୍ରତି ବଦଳରେ ପ୍ରଭୁଙ୍କ ଇଚ୍ଛାକୁ କିଣିନିଏ । ସେହି ଲୋକମାନେ ହିଁ ପ୍ରଭୁଙ୍କ ବିଶେଷ ଅନୁଗ୍ରହର ପାତ୍ର ।'

(ଇସଲାମୀ ଓସୁଲକି ଫଲାସଫି, ରୁହାନି ଖଜାଇନ, ଖଣ୍ଡ ୧୦, ପୃ ୪୬୩)

ସେ ପୁଣି ବର୍ଣ୍ଣନା କରିଛନ୍ତି 'କେତେକ ବ୍ୟକ୍ତି ଏପରି ଅଛନ୍ତି, ଯିଏ ନିଜର ଜୀବନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ଏଥିପାଇଁ ବିକ୍ରୟ ବା ଉତ୍ସର୍ଗ କରି ଦିଅନ୍ତି ଯେ କିପରି ଅଲ୍ଲାଃ ତାଙ୍କ ପ୍ରତି ପ୍ରସନ୍ନ ହୋଇଯାଆନ୍ତୁ ।'

(ମୈତ୍ରୀ ସନ୍ଦେଶ, ରୁହାନି ଖଜାଇନ, ଖଣ୍ଡ ୨୩, ପୃ ୪୬୩)

ଏହିପରି ଲୋକମାନଙ୍କ ପାଇଁ ଅଲ୍ଲାଃତାଲା ସୁସମ୍ବାଦ ଦେଇ କହୁଛନ୍ତି :

﴿ يٰۤاَيَّتُهَا النَّفۡسُ الۡمُطۡمَئِنَّةُ ـ ارۡجِعِىۡۤ اِلٰى رَبِّكِ رَاضِيَةً مَّرۡضِيَّةً ـ فَادۡخُلِىۡ فِىۡ عِبٰدِىۡ ـ وَادۡخُلِىۡ جَنَّتِىۡ ﴾

ଯାଅୟୋହନ୍ ନଫ୍‌ସୁଲ୍ ମୁତ୍‌ମଇନ୍ନା– ଇର୍‌ଜିଇ ଇଲାରବ୍‌ବେକା ରାଜିଅତମ୍ ମର୍‌ଜିୟାଃ ଫଦ୍‌ଖୁଲି ଫି ଇବାଦୀ ୱ୍ଦ୍‌ଖୁଲି ଯନ୍ନତି

ଅର୍ଥାତ୍ : 'ହେ ଶାନ୍ତିପ୍ରାପ୍ତ ଆତ୍ମା ! ନିଜ ପାଳନକର୍ତ୍ତା ଆଡ଼କୁ ଫେରିଆସ (ଏପରି ଅବସ୍ଥାରେ ଯେ) ତୁମେ ତାହାଙ୍କ ଠାରେ ପ୍ରସନ୍ନ ହୋଇଛ ଏବଂ ସେ ତୁମ ଠାରେ ପ୍ରସନ୍ନ ହୋଇଛନ୍ତି । ସୁତରାଂ ତୁମେ ଆମ୍ଭ ଭକ୍ତଙ୍କ ମଧ୍ୟରେ ପ୍ରବେଶ କରି ଯାଅ ଏବଂ ମୋର ବୈକୁଣ୍ଠ ମଧ୍ୟରେ ପ୍ରବେଶ କରିଯାଅ ।'

**(ଅଲ୍ ଫଜର୍ ୨୮-୩୧)**

ପ୍ରଭୁଙ୍କ ନିଷ୍ପତ୍ତିରେ ପ୍ରସନ୍ନ ରହିବା ବ୍ୟକ୍ତି ଓ ତାଙ୍କ ସକାଶେ ଦୁଃଖ ଓ କ୍ଲେଶ ଭୋଗ କରିବା ବ୍ୟକ୍ତିଙ୍କୁ ଅଲ୍ଲାଃତାଲା ବିନା ପ୍ରତିଫଳରେ କଦାପି ଛାଡ଼ନ୍ତି ନାହିଁ । ଆମମାନଙ୍କ ମଧ୍ୟରେ ଅନେକ ଏପରି ଅଛନ୍ତି ଯେଉଁମାନେ ଦୋଷ ତ୍ରୁଟି ଓ ଦୁର୍ବଳତା ରୂପକ ପ୍ରତିମା ସଦୃଶ । ଆମମାନଙ୍କ ଦ୍ୱାରା ଅନେକ ଭୁଲ ହୋଇଯାଉଛି । କିନ୍ତୁ ଯଦି ଅଲ୍ଲାଃଙ୍କ ନିଷ୍ପତ୍ତି ଉପରେ ସନ୍ତୁଷ୍ଟ ରହିବାର ଅଭ୍ୟାସ ଅଛି ଓ ପ୍ରତ୍ୟେକ ଦୁର୍ଦ୍ଦଶାକୁ ସହ୍ୟ

କରିବା ପାଇଁ ପ୍ରସ୍ତୁତ ଥାନ୍ତି ତଥା ସହ୍ୟ କରୁଛନ୍ତି । (କିନ୍ତୁ ନାରୀମାନଙ୍କ ପରି ନୁହେଁ ଯିଏ ସାମାନ୍ୟ କ୍ଷତି ପାଇଁ ଧୈର୍ଯ୍ୟହରା ହୋଇ ଆକାଶକୁ ମୁଣ୍ଡରେ ଟେକି ଧରନ୍ତି ଓ ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତି । ଅର୍ଥାତ ପାଟିତୁଣ୍ଡ ଓ ବିଳାପ କରି ଯେପରି ଆକାଶକୁ ମୁଣ୍ଡରେ ଟେକି ଧରିଛନ୍ତି) ତେଣୁ ଏପରି ଧୈର୍ଯ୍ୟଧାରୀଙ୍କ ପାଇଁ ଅଲ୍ଲାଃଙ୍କ ରସୁଲ ଏହି ସୁସମ୍ବାଦ ଦେଉଛନ୍ତି ।

## ଦୁଃଖ କ୍ଲେଶ ପାପର ପ୍ରାୟଶ୍ଚିତ ହୋଇଯାଏ

ହଜରତ୍ ଅବୁହୁରୈରା[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ୍ ମୁହମ୍ମଦ[ସଅ] ଏହିପରି କହିଥିଲେ, 'କୌଣସି ମୁସଲମାନକୁ କୌଣସି ବିପଦ, କୌଣସି ଦୁଃଖ, କୌଣସି ସନ୍ତାପ, କୌଣସି କ୍ଲେଶ, କୌଣସି ଉଦ୍‌ବେଗ ଆସେ ନାହିଁ ଏପରି କି ଗୋଟିଏ କଣ୍ଟା ମଧ୍ୟ ତାକୁ ଚୁଭେ ନାହିଁ । କିନ୍ତୁ ଅଲ୍ଲାଃତାଲା ତା'ର କଷ୍ଟକୁ ତା'ର ପାପର ପ୍ରାୟଶ୍ଚିତ କରିଦିଅନ୍ତି ।

(ମୁସଲିମ୍, କିତାବୁଲ୍ ବର୍‌ରେ ଓ୍ୱସିଲାଃ, ସଓ୍ୱାବୁଲ୍ ମୁମେନିନ୍ ଫିମା ୟୁସିବହୁ ମିମ୍ ମରଜିନ୍ ଅଓ ହୁଜ୍‌ନ୍)

ପୁଣି ଉଲ୍ଲେଖ ଅଛି ଯେ ହଜରତ୍ ସୋଏବ ବିନ୍ ସିନାନ[ରଅ] ବର୍ଣ୍ଣନା କରିଛନ୍ତି: ରସୁଲୁଲ୍ଲା[ସଅ] ଏହିପରି କହିଥିଲେ 'ମୋମିନ (ବିଶ୍ୱାସକାରୀ)ଙ୍କ ବିଷୟ ମଧ୍ୟ ଅତି ବିଚିତ୍ର । ତା'ର ସମସ୍ତ କାର୍ଯ୍ୟ ମଙ୍ଗଳକର ହିଁ ହୋଇଥାଏ । ଏହି ଅନୁଗ୍ରହ କେବଳ ବିଶେଷ ଭାବରେ ବିଶ୍ୱାସକାରୀଙ୍କ ପାଇଁ ହୋଇଥାଏ । ଯଦି ତା'କୁ କୌଣସି ଖୁସି ଓ ଉଲ୍ଲାସ ତଥା ସୁଖ ସମୃଦ୍ଧି ପ୍ରାପ୍ତ ହୁଏ, ତେବେ ସେ ଅଲ୍ଲାଃତାଲାଙ୍କ ଠାରେ କୃତଜ୍ଞ ହୋଇଥାଏ । ତା'ର କୃତଜ୍ଞତା ତା'ପାଇଁ ଅଧିକ ଭଲ ଓ ମଙ୍ଗଳଦାୟକ ହୋଇଯାଏ । ଯଦି ତା'କୁ କୌଣସି ଦୁଃଖ, ଯନ୍ତ୍ରଣା, ଅସୁବିଧା ଘେରିଯାଏ ତେବେ ସେ ଧୈର୍ଯ୍ୟ ଧରେ । ତା'ର ଏହି କାର୍ଯ୍ୟଧାରା ମଧ୍ୟ ତା' ପାଇଁ ଉତ୍ତମ ଓ ମଙ୍ଗଳମୟ ହୋଇଯାଏ । ଯେହେତୁ ସେ ଧୈର୍ଯ୍ୟ ଧରି ପୁଣ୍ୟ ପ୍ରାପ୍ତ କରିଥାଏ ।'

(ମୁସ୍‌ଲିମ୍, କିତାବୁଜ ଜେହାଦ୍, ଭାଗ ମୋମିନ ଅମରହୁ କୁଲୋହୁ ଖୈର)

ପୁଣି ଅନେକ ସମୟରେ ସନ୍ତାନମାନଙ୍କ ଦ୍ୱାରା ମଧ୍ୟ ଅଲ୍ଲାଃତାଲା ନିଜ ଭକ୍ତମାନଙ୍କ ପରୀକ୍ଷା କରେ । ସନ୍ତାନର ମୃତ୍ୟୁ ହେବା ସମୟରେ ଅତ୍ୟଧିକ ଶୋକ ଓ ବିଳାପ କରାଯାଏ, ବିଶେଷ ଭାବେ ନାରୀମାନେ କରିଥାନ୍ତି । ଅଲ୍ଲାଃତାଲାଙ୍କ ଧନ୍ୟବାଦ କରିବା ଉଚିତ ଯେ ଜମାଅତ ଅହମଦୀୟାକୁ ସେ ଅତ୍ୟଧିକ ସହନଶୀଳ କରିବା ଓ ଅଲ୍ଲାଃତାଲାଙ୍କ ନିଷ୍ପତ୍ତି ଉପରେ ସନ୍ତୁଷ୍ଟ ରହିବାର ଶକ୍ତି ମାତାମାନଙ୍କୁ ପ୍ରଦାନ

କରିଛନ୍ତି । କିନ୍ତୁ ଅନେକ ସମୟରେ କେତେକ ସ୍ଥାନରୁ ଏପରି ଅଭିଯୋଗ ମଧ୍ୟ ଆସିଥାଏ, ବିଶେଷ ଭାବରେ ଅଶିକ୍ଷିତ ବର୍ଗରେ । କେବଳ ଅଶିକ୍ଷିତ ବର୍ଗରେ ନୁହେଁ, ବରଂ ଶିକ୍ଷିତ ବର୍ଗରେ ମଧ୍ୟ ମୁଁ ଦେଖିଛି ଅକୃତଜ୍ଞତା ଓ ଦୋଷାରୋପର ଶବ୍ଦ ମୁହଁରୁ ବାହାରିଯାଏ ।

ଏକ କଥନ ଅଛି ଯେ ହଜରତ ମୁହମ୍ମଦ[ସଅ] ନାରୀମାନଙ୍କ ବୈୟତ୍ ସମୟରେ ଏକଥା ପ୍ରତିଜ୍ଞା କରୁଥିଲେ । ହଦିସ୍‌ରେ ଏହିପରି ବର୍ଣ୍ଣିତ ଅଛି । ହଜରତ୍ ଉସିଦ୍[ରଅ] ଜଣେ ବୈଅତ କରିଥିବା ଶିଷ୍ୟାଙ୍କ କଥନ ଅନୁଯାୟୀ ବର୍ଣ୍ଣନା କରିଛନ୍ତି ଯେ ହଜରତ୍ ମୁହମ୍ମଦ[ସଅ] ବୈଅତ ଗ୍ରହଣ ଫର୍ମରେ ତାଙ୍କଠାରୁ ଯେଉଁ ପ୍ରତିଶ୍ରୁତି ନେଇଥିଲେ, ସେଥିରେ ଏକଥା ମଧ୍ୟ ଥିଲା ଯେ ଆମେ ହଜୁରଙ୍କର ଅବମାନନା କରିବୁ ନାହିଁ । ଶୋକ ଓ ସନ୍ତାପ ସମୟରେ ନା ନିଜ ମୁଖକୁ ରାମ୍ପୁଡ଼ିବୁ ବିଦାରିବୁ ନା ବିଳାପ କରି କ୍ରନ୍ଦନ କରିବୁ ନା ନିଜର ବସ୍ତ୍ର ଇତ୍ୟାଦି ଫାଡ଼ିବୁ ନା ମୁଣ୍ଡର କେଶ ମୁକୁଳା ରଖିବୁ । ଅର୍ଥାତ୍ ଏପରି ଢ଼ଙ୍ଗ କରିବୁ ନାହିଁ, ଯଦ୍ଦ୍ୱାରା ଅତିଶୟ ଦୁଃଖ, ସନ୍ତାପ, ଅଧୈର୍ଯ୍ୟ ଓ ନୈରାଶ୍ୟ ଭାବ ପ୍ରକାଶିତ ହେଉଥିବ । (ଅବୁଦାଉଦ୍, କିତାବୁଲ୍ ଜନାଏଜ୍, ଭାଗ ଫିନୌହ)

## ଅସଲ ଧୈର୍ଯ୍ୟ ଦୁଃଖର ପ୍ରାରମ୍ଭିକ ସମୟରେ ହିଁ ହୁଏ

ପୁଣି ହଜରତ୍ ଅନସର[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ୍ ମୁହମ୍ମଦ[ସଅ] ଜଣେ ମହିଳାଙ୍କ ପାଖ ଦେଇ ଗଲାବେଳେ ଦେଖିଲେ ଯେ ସେ ଏକ କବର ପାଖରେ ବସି କାନ୍ଦୁ ଥିଲା । ମହାଭାଗ କହିଲେ, 'ଅଲ୍ଲାଙ୍କୁ ଭୟ କର ଓ ଧୈର୍ଯ୍ୟ ଧର ।' ଏହାଶୁଣି ସେ ସ୍ତ୍ରୀ ଜଣକ କହିଲା, 'ଯାଅ ଯାଅ ନିଜ ବାଟରେ ଯାଅ, ଯେଉଁ ବିପତ୍ତି ମୋ ଉପରେ ପଡ଼ିଛି, ତାହା ତୁମ ଉପରେ କେବେ ପଡ଼ି ନାହିଁ ।' ବାସ୍ତବରେ ସେ ମହାଭାଗଙ୍କୁ ଚିହ୍ନି ନଥିଲା । ତେଣୁ ଏପରି କଠୋର ଶବ୍ଦ ତା ମୁହଁରୁ ବାହାରିଥିଲା । ଯେତେବେଳେ ତାକୁ କୁହାଗଲା ଯେ, ସେ ହେଉଛନ୍ତି ରସୁଲୁଲ୍ଲାଃ ମୁହମ୍ମଦ[ସଅ] ସେତେବେଳେ ସେ ଛାନିଆ ହୋଇ ମହାଭାଗଙ୍କ ଦ୍ୱାରକୁ ଆସିଲା ଯାହାର କେହି ଦରଓ୍ୱାନ ନଥିଲେ । ତେଣୁ ସେ ଭିତରକୁ ଯାଇ ମିନତି କଲା 'ହଜୁର ! ମୁଁ ଆପଣଙ୍କୁ ଚିହ୍ନି ପାରି ନଥିଲି' । ମହାଭାଗ କହିଲେ 'ବାସ୍ତବିକ ଧୈର୍ଯ୍ୟ' ତ ଦୁଃଖର ପ୍ରାରମ୍ଭରେ ହିଁ ହୋଇଥାଏ । ଅନ୍ୟଥା ପରିଶେଷରେ ସମସ୍ତେ କାନ୍ଦି ବୋବେଇ ନିଜକୁ ସମ୍ଭାଳି ନିଅନ୍ତି ।

(ବୁଖାରି, କିତାବୁଲ୍ ଜନାଏଜ୍, ଭାଗ ଜ୍ୟାରତୁଲ୍ କୁବୁର୍)

ପଞ୍ଚମ ସର୍ତ୍ତରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ବିଷୟ ବର୍ଣ୍ଣନା କରାଯାଇଛି । ଯେ କୌଣସି ପରିସ୍ଥିତି ହୋଇ ଥାଉନା କାହିଁକି ଅଭାବ ଅନାଟନର ଦିନ ଲମ୍ବି ଥାଉ, ଅବା ସାଂସାରିକ ଲାଳସା ନିଜ ସମ୍ମୁଖରେ ଦୃଷ୍ଟିଗୋଚର ହୋଇଥାଉ । ଏପରି ଭାବନା ମଧ୍ୟ ଉତ୍ପନ୍ନ ହେଉ ଯେ ଯଦି ଅମୁକ କାର୍ଯ୍ୟ କରିବି କିମ୍ବା ସେ କାର୍ଯ୍ୟ ପ୍ରତି ଢ଼ଳିଯିବି, ତେବେ ବହୁତ ଲାଭ ପାଇପାରିବି । ସାଂସାରିକ ସାଧନ ମଧ୍ୟ ଲାଳାୟୀତ କରିଥାଏ ଯେ କୌଣସି କଥା ନାହିଁ ଅହମଦି ହୋଇ ଓ ଏହି ଜମାଅତ ସହିତ ସମ୍ପର୍କ ରଖି ଏହି କାର୍ଯ୍ୟ କରିନିଅ । ଏହି ବ୍ୟବସାୟ କରିନିଅ । ଏହାଦ୍ୱାରା ତୁମେ ତୁମ ଅବସ୍ଥାକୁ ସୁଧାରି ସ୍ୱଚ୍ଛଳ ହୋଇଯିବ । ପ୍ରଭୁଙ୍କ ସେବା ମଧ୍ୟ କରିନେବ । କିନ୍ତୁ ଏସବୁ ଈଶ୍ୱର ଓ ତାଙ୍କ ଜମାଅତ ଠାରୁ ଦୂରେଇ ଦେବାର ପ୍ରତରଣା ମୂଳକ ବିଶୃଙ୍ଖଳା (ଦଜ୍ଜାଲି ଫିତ୍‌ନା) ବ୍ୟତୀତ ଅନ୍ୟ କିଛି ନୁହେଁ । ହଜରତ ମସିହ ମଉଦ୍[ଅସ] କହିଛନ୍ତି, 'ଯଦି ତୁମେ ବୈଅତ କରିଛ, ତେବେ ଏ ପ୍ରକାର ଧୋକା ବା ଠକାମିରୁ ଦୂରେଇ ରୁହ । ଅଲ୍ଲାଃଙ୍କ ବିଶ୍ୱସ୍ତ ହେବାର ଆଦର୍ଶ ଦେଖାଅ ଓ ତାଙ୍କ ଆଡ଼କୁ ନଇଁଯାଅ । ତେବେ ତୁମେ ମୋର ହୋଇଯିବ ଓ ତୁମମାନଙ୍କୁ ସବୁକିଛି ପ୍ରାପ୍ତ ହୋଇଯିବ । ଏ ସମ୍ବନ୍ଧରେ ହଜରତ୍ ମୁହମ୍ମଦ[ସଅ]ଙ୍କର ଅତି ସୁନ୍ଦର ଉପଦେଶ ରହିଛି:

ହଜରତ୍ ଇବ୍‌ନେ ଅବାସ[ରଅ] ବର୍ଣ୍ଣନା କରିଛନ୍ତି ଯେ ଥରେ ମୁଁ ଯେତେବେଳେ ହଜରତ୍ ମୁହମ୍ମଦ[ସଅ]ଙ୍କ ସହିତ ବାହନରେ ତାଙ୍କ ପଛରେ ବସିଥିଲି, ମହାଭାଗ କହିଲେ 'ପୁଅ ମୁଁ ତୋତେ କିଛି ଉପଦେଶ ଦେଉଛି । ପ୍ରଥମତଃ ତୁମେ ଅଲ୍ଲାଃତାଲାଙ୍କୁ ଧ୍ୟାନକର । ସେ ମଧ୍ୟ ତୁମର ଧ୍ୟାନ ରଖିବେ । ତୁମେ ଅଲ୍ଲାଃତାଲା ଉପରେ ପ୍ରେମ ଦୃଷ୍ଟି ରଖ, ତେବେଯାଇ ତାଙ୍କୁ ସମ୍ମୁଖରେ ପାଇବ । ଯଦି କୌଣସି ଜିନିଷ ମାଗିବାର ଥାଏ, ତେବେ ଅଲ୍ଲାଃଙ୍କୁ ମାଗିବ । ଯଦି ତୁମେ ସାହାଯ୍ୟ ଲୋଡ଼ିବ, ଅଲ୍ଲାଃଙ୍କଠାରୁ ସାହାଯ୍ୟ ଲୋଡ଼ । ମନେରଖ, ଯଦି ସମସ୍ତ ବ୍ୟକ୍ତି ଏକତ୍ର ହୋଇ ତୋତେ ଲାଭ ଦେବାକୁ ଚାହାନ୍ତି, ତେବେ ସେ ତୋତେ କିଛିହେଲେ ଲାଭ ଦେଇପାରିବେ ନାହିଁ । ଅଲ୍ଲାଃଙ୍କ ଇଚ୍ଛା ବିନା ଏହା ସମ୍ଭବ ନୁହେଁ । ଯଦି ସେମାନେ ତୋତେ କ୍ଷତି ପହଞ୍ଚାଇବାକୁ ସମସ୍ତେ ଏକଜୁଟ ହୋଇଯାନ୍ତି, ତେବେ ସେମାନେ ତୋତେ କ୍ଷତି ପହଞ୍ଚାଇ ପାରିବେ ନାହିଁ । ତାହା ବିନା ଯେ ଅଲ୍ଲାଃ ତୁମ ଭାଗ୍ୟରେ କ୍ଷତି ଲେଖି ଦେଇଥିବେ । ଭାଗ୍ୟର ଲେଖନୀ ଲିପିବଦ୍ଧ ହୋଇଛି ଓ ଭାଗ୍ୟର ପୃଷ୍ଠା ଶୁଷ୍କ ହୋଇ ଯାଇଛି (ଅର୍ଥାତ ଏହା ପ୍ରଭୁଙ୍କର ଅଟଳ ନିଷ୍ପତ୍ତି)।' (ସୁନନ୍ ତିର୍‌ମିଜି, କିତାବ ସିଫତୁଲ୍ କିୟାମତ୍, ଭାଗ ନଂ ୫୯)

ଆଉ ଏକ କଥନରେ ଏହାର ଉଲ୍ଲେଖ ରହିଛି ଯେ ହଜରତ ମୁହମ୍ମଦ[ସଅ] କହିଥିଲେ 'ଅଲ୍ଲାଃତାଲା ଉପରେ ଦୃଷ୍ଟି ପକାଅ । ତୁମେ ତାଙ୍କୁ ତମ ସମ୍ମୁଖରେ ଅବଶ୍ୟ ପାଇବ । ଅଲ୍ଲାଃତାଲାଙ୍କୁ ସୁଖ ସମୃଦ୍ଧି ସମୟରେ କୁଶଳରେ ଥିବା ବେଳେ ଚିହ୍ନ । ସେ ଅଭାବଗ୍ରସ୍ତ ଅବସ୍ଥାରେ ତୁମକୁ ଚିହ୍ନିବେ । ମନେରଖ, ଯାହା ତୁମଠାରୁ ପୃଥକ ହୋଇଗଲା ଓ ତୁମ ନିକଟରେ ପହଞ୍ଚି ପାରିଲା ନାହିଁ, ତେବେ ଭାବିନିଅ ତାହା ତୁମ ଭାଗ୍ୟରେ ନଥିଲା । ଯାହା ତୁମକୁ ମିଳିଗଲା, ତାହା ତୁମକୁ ପ୍ରାପ୍ତ ନହୋଇ ରହିପାରିବ ନାହିଁ । କାରଣ କପାଳ ଲିଖନରେ ତାହା ହିଁ ହେବାର ଥିଲା । ଜାଣିରଖ, ଅଲ୍ଲାଃତାଲାଙ୍କ ସହାୟତା ଧୈର୍ଯ୍ୟଶୀଳ ବ୍ୟକ୍ତିଙ୍କ ସହିତ ରହିଛି । ଆନନ୍ଦର କ୍ଷଣ ଅସ୍ଥିରତା ସହିତ ଜଡ଼ିତ ରହିଛି । ପ୍ରତ୍ୟେକ ଅଭାବ, ଅନାଟନ ପରେ ଉନ୍ନତିର ପଥ ସୁଗମ ଓ ସହଜ ହୁଏ ।'

(ସୁନନ୍ ତିର୍ମିଜି, ଅବ୍ୱାବ ସିଫତୁଲ୍ କୟାମତ୍, ରିୟାଜୁସ୍ ସାଲେହୀନ୍, ଭାଗ ମୁରାକିବ. ହଦିସ୍ ନଂ ୬୨)

ହଜରତ୍ ମୁହମ୍ମଦ[ସଅ]ଙ୍କ କୌଣସି କାର୍ଯ୍ୟ ଅଲ୍ଲାଃତାଲାଙ୍କ ଇଚ୍ଛା ବ୍ୟତୀତ ହେଉ ନଥିଲା । ତଥାପି ମହାଭାଗ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପାଇଁ କିପରି କାତରତା ସହିତ ଦୁଆ କରିଥିଲେ ।

ଗୋଟିଏ ବର୍ଣ୍ଣନା ଏପରି ରହିଛି ଯେ ମୁହମ୍ମଦ ବିନ ଇବ୍ରାହିମ୍ ହଜରତ୍ ଆଇଶା[ରଅ]ଙ୍କ କଥନ ଅନୁଯାୟୀ ବର୍ଣ୍ଣନା କରିଛନ୍ତି । ସେ କହିଲେ 'ମୁଁ ହଜରତ ମୁହମ୍ମଦ[ସଅ]ଙ୍କ ପାଖରେ ଶୋଇଥିଲି । ରାତିରେ ଉଠି ଦେଖେ ତ ମହାଭାଗ ସେଠାରେ ନଥିଲେ । ପୁଣି ଦରାଣ୍ଡିବା ପରେ ମୋ ହାତ ହଜୁର୍ଙ୍କ ଠାରେ ଲାଗିଗଲା । ମୋ ହାତ ହଜୁରଙ୍କ ଗୋଡ଼ରେ ବାଜିଲା । ଜାଣିପାରିଲି ଯେ ମହାଭାଗ ସଜଦାଃରେ ଅଛନ୍ତି ଓ ଦୁଆ କରୁଛନ୍ତି 'ହେ ଅଲ୍ଲାଃ ମୁଁ ତୁମ୍ଭ ଅସନ୍ତୋଷରୁ ବଞ୍ଚିବା ପାଇଁ ତୁମ୍ଭ ପ୍ରସନ୍ନତାର ଆଶ୍ରୟ ମାଗୁଛି । ତୁମ୍ଭ ଶାସ୍ତି ରକ୍ଷା ହେବା ପାଇଁ ତୁମ୍ଭ କ୍ଷମାର ଶରଣ ଲୋଡୁଛି । ମୁଁ ତୁମ୍ଭର ପ୍ରଶଂସାକୁ ଗଣନା କରିପାରିବି ନାହିଁ । ତୁମ୍ଭେ ସେହିପରି ବିଦ୍ୟମାନ, ଯେପରି ସ୍ୱୟଂ ତୁମ୍ଭ ସ୍ତୁତିଗାନ ବର୍ଣ୍ଣନା କରିଛି ।' (ସୁନନ୍ ତିର୍ମିଜି, କିତାବୁଦ୍ ଦାୱାତ୍)

ପୁଣି ଏକ ବାଖ୍ୟା ରହିଛି ଯେ ମଦିନାର ଜଣେ ବ୍ୟକ୍ତି ହଜରତ୍ ଅବ୍ଦୁଲ ୱହାବ ବିନ୍ ୱର୍ଦ ବର୍ଣ୍ଣନା କରିଛନ୍ତି । ହଜରତ୍ ମୁଆୱିୟା ହଜରତ୍ ଆଇଶା[ରଅ]ଙ୍କ ପାଖକୁ ପତ୍ର ଲେଖିଲେ 'ମୋତେ କିଛି ଲିଖିତ ଉପଦେଶ ପ୍ରେରଣ କରନ୍ତୁ' । ଆଇଶା[ରଅ] ଲେଖି ପଠାଇଲେ 'ଅସ୍‌ସଲାମୋ ଆଲୈକୁମ୍' । ତେବେ ମୁଁ ରସୁଲୁଲ୍ଲାଃ[ସଅ]ଙ୍କ ଠାରୁ ଏହା କହିବାର ଶୁଣିଥିଲି, ଯେଉଁ ବ୍ୟକ୍ତି ଲୋକମାନଙ୍କୁ ଅସନ୍ତୁଷ୍ଟ କରି ଅଲ୍ଲାଃତାଲାଙ୍କ

ପ୍ରସନ୍ନତା ଲାଭ କରିବାକୁ ଇଚ୍ଛା କରୁଛି, ଅଲ୍ଲାଃ ସ୍ୱୟଂ ତା'ସକାଶେ ପରିବ୍ୟାପକ ହୋଇଯାନ୍ତି ଏବଂ ଯିଏ ଲୋକମାନଙ୍କୁ ଖୁସି କରିବା ପାଇଁ ଅଲ୍ଲାଃଙ୍କୁ ପ୍ରସନ୍ନ କରେ ନାହିଁ, ଅଲ୍ଲାଃ ସେ ବ୍ୟକ୍ତିକୁ ଲୋକମାନଙ୍କ ଜିମାରେ ଦେଇଦିଅନ୍ତି ।'

(ତିର୍‌ମିଜି, କିତାବୁଜ୍ ଜୋହଦ୍, ହଦିସ ନଂ ୨୪୧୪)

# ତୁମେ ପ୍ରଭୁଙ୍କର ଅନ୍ତିମ ସଂପ୍ରଦାୟ

ହଜରତ୍ ମସିହ ମଉଦ[ଅସ] ଅଲ୍ଲାଃଙ୍କ ସହିତ ନିଷ୍ଠାପୂର୍ଣ୍ଣ ସମ୍ପର୍କ ରଖିବା ସକାଶେ ନିଜ ଜମାଅତକୁ ଉପଦେଶ ଦେଇ କହିଛନ୍ତି : 'ଏହା ନିଶ୍ଚିତ ଯେ ବିଭିନ୍ନ ପ୍ରକାର କଷ୍ଟ ଓ ବିପତ୍ତି ଦ୍ୱାରା ତୁମର ପରୀକ୍ଷା ମଧ୍ୟ ହେବ । ଯେପରିକି ପୂର୍ବ କାଳରେ ବିଶ୍ୱାସକାରୀ ମାନଙ୍କର ପରୀକ୍ଷା ନିଆଯାଇଥିଲା । ତେଣୁ ସଚେତନ ରୁହ, ଏପରି ନହେଉ ଯେ ତୁମେ ଠୋକର ଖାଇଯାଅ । ପୃଥିବୀ ତୁମର କିଛିହେଲେ କ୍ଷତି କରିପାରିବ ନାହିଁ, ଯଦି ତୁମର ଆକାଶ ସହିତ ଦୃଢ଼ ସମ୍ପର୍କ ରହିଛି । ଯଦି କେବେ ତୁମେ ନିଜର ଅନିଷ୍ଟ କରିବ, ତେବେ ତାହା ନିଜ ହାତରେ କରିବ, ଶତ୍ରୁଙ୍କ ହାତରେ ନୁହେଁ । ଯଦି ତୁମର ସାଂସାରିକ ସମ୍ମାନ ଚାଲିଯାଏ, ତା'ହେଲେ ଅଲ୍ଲାଃ ତୁମଙ୍କୁ ଆକାଶରେ ଏକ ଚିରସ୍ଥାୟୀ ସମ୍ମାନ ପ୍ରଦାନ କରିବେ । ତେଣୁ ତୁମେ ପ୍ରଭୁକୁ ଛାଡ଼ନାହିଁ । ହୋଇପାରେ ଯେ ତୁମକୁ ନିର୍ଯ୍ୟାତିତ କରାଯିବ ଓ ଅନେକ ଇଚ୍ଛା ଅଭିଳାଷାରୁ ବଞ୍ଚିତ କରାଯିବ । ତେଣୁ ଏପରି ଅବସ୍ଥାରେ ନିରାଶ ହୁଅ ନାହିଁ । କାରଣ ତୁମର ପ୍ରଭୁ ତୁମକୁ ପରୀକ୍ଷା କରୁଛନ୍ତି ଯେ ତୁମେ ତାଙ୍କ ମାର୍ଗରେ ଦୃଢ଼ ସଂକଳ୍ପ ରହିଛ କି ନାହିଁ । ଯଦି ତୁମ୍ଭେ ଇଚ୍ଛା କରୁଛ ଯେ ଆକାଶରେ ଦେବଦୂତ ମଧ୍ୟ ତୁମର ପ୍ରଶଂସା କରନ୍ତୁ, ତେବେ ତୁମେ ମାଡ଼ ଖାଅ ଓ ଖୁସି ହୁଅ । ଗାଳି ମନ୍ଦ ଶୁଣ ଓ କୃତଜ୍ଞତା ପ୍ରକଟ କର । ଅସଫଳତା ଦେଖ, କିନ୍ତୁ ଅଲ୍ଲାଃଙ୍କ ସହିତ ସମ୍ପର୍କ ଛିନ୍ନ କରନାହିଁ । ତୁମେ ହେଉଛ ପ୍ରଭୁଙ୍କର ଅନ୍ତିମ ସଂପ୍ରଦାୟ । ସେଥିପାଇଁ ଏପରି ସତ୍‌କର୍ମ କର, ଯାହାର ଗୁଣବତ୍ତା ଉଚ୍ଚକୋଟୀର ହୋଇଥିବ । ତୁମ ମାନଙ୍କ ମଧ୍ୟରେ ଯେଉଁ ବ୍ୟକ୍ତି ଅଳସୁଆ ହୋଇଯିବ, ସେ ଏକ ନିକୃଷ୍ଟ ବସ୍ତୁ ପରି ଜମାଅତ୍‌ରୁ ବାହାରକୁ ଫିଙ୍ଗି ଦିଆଯିବ ଓ ସେ ବଡ଼ ନିରାଶ ଜନକ ମୃତ୍ୟୁ ମରିବ । କିନ୍ତୁ ପ୍ରଭୁଙ୍କର କୌଣସି ଅନିଷ୍ଟ କରିପାରିବ ନାହିଁ । ଦେଖ ! ମୁଁ ବଡ଼ ଆନନ୍ଦର ସହିତ ତୁମକୁ ବାର୍ତ୍ତା ଦେଉଛି ଯେ ତୁମର ପ୍ରଭୁ ପ୍ରକୃତରେ ବିଦ୍ୟମାନ ଅଛନ୍ତି । ସମସ୍ତେ ତାଙ୍କରି ସୃଷ୍ଟି, କିନ୍ତୁ ସେ ତାକୁ ହିଁ ବାଛିନିଅନ୍ତି ଯିଏ ତାଙ୍କୁ ବାଛିଥାଏ । ସେ ତା' ନିକଟକୁ ଆସିଯାନ୍ତି ଯିଏ ତାଙ୍କ ଆଡ଼କୁ ଯାଏ । ଯିଏ ତାଙ୍କୁ ସମ୍ମାନ କରେ ସେ ମଧ୍ୟ ତାର ସମ୍ମାନ କରନ୍ତି ।' (କସ୍ତିନୁହ, ରୁହାନି ଖଜାଇନ୍, ଖଣ୍ଡ ୧୯, ପୃ : ୧୫)

ପୁଣି ସେ କହିଛନ୍ତି, 'ଆମମାନଙ୍କ ପାଇଁ ଏହା ଉଚିତ ଯେ ଆମେ ଅଲ୍ଲାଃଙ୍କୁ ପ୍ରସନ୍ନ କରିବା । ତେଣୁ ଏଥିପାଇଁ ଆବଶ୍ୟକ ହେଉଛି ସତ୍ୟତା, ନିଷ୍କପଟତା, ବାସ୍ତବ ପ୍ରେମ ଓ ସତ୍ୟନିଷ୍ଠାର ସ୍ଥାପନ । ଏହା ନହେଉ ଯେ ଆମେ କେବଳ ମୌଖିକ କଥାବାର୍ତ୍ତା ପର୍ଯ୍ୟନ୍ତ ଆମର ଉଦ୍ୟମ ଓ ସାହସକୁ ସୀମିତ ରଖିବା । ଯଦି ଅଲ୍ଲାଃତାଲାଙ୍କୁ ସନ୍ତୁଷ୍ଟ କରିବା, ତେବେ ଅଲ୍ଲାଃତାଲା ମଧ୍ୟ ଆମକୁ ସମୃଦ୍ଧି ପ୍ରଦାନ କରିବେ । କଲ୍ୟାଣ ଓ ଦୟାର ଦ୍ୱାର ଆମ ପାଇଁ ଖୋଲିଦେବେ । ଉକ୍ତ ସଂକୀର୍ଣ୍ଣ ଦ୍ୱାରରେ ଯାହା ସତ୍ୟନିଷ୍ଠର ଦ୍ୱାର, ଯାହାକୁ ଅତିକ୍ରମ କରିବା ଏତେ ସରଳ ନୁହେଁ । ଆମେ କଦାପି ଏଥିପାଇଁ ଗର୍ବିତ ହୋଇପାରିବା ନାହିଁ ଯେ ଆମକୁ ସତ୍ୟ ସ୍ୱପ୍ନ କିମ୍ବା ଦୈବିବାଣୀ ପ୍ରାପ୍ତ ହେଉଛି ଏବଂ ହାତ ଉପରେ ହାତ ରଖି ବସି ରହିବା । ଅଲ୍ଲାଃତାଲାଙ୍କ ସତ୍ତାକୁ ଅନୁଭବ କରିବା ପାଇଁ ଯେଉଁସବୁ ପ୍ରୟାସ କରିବା କଥା ସେଥିରୁ ବିରତ ହୋଇଯିବା, ଅଲ୍ଲାଃତାଲା ଏହା ପସନ୍ଦ କରନ୍ତି ନାହିଁ ।' (ଅଲ ବଦର, ଖଣ୍ଡ ୩, ନଂ ୧୮-୧୯, ୮-୧୬ ମଇ ୧୯୦୪)

ପୁଣି ମହାଶୟ କହିଛନ୍ତି, 'ପ୍ରତ୍ୟେକ ବିଶ୍ୱାସକାରୀଙ୍କ ଅବସ୍ଥା ଏହାହିଁ ହୋଇଥାଏ । ଯଦି ସେ ନିଷ୍କପଟତା ଓ ନିଷ୍ଠାର ସହିତ ତାଙ୍କର ହୋଇଯାଏ, ତେବେ ପ୍ରଭୁ ତାର ମିତ୍ର ହୋଇଯାନ୍ତି । କିନ୍ତୁ ଯଦି ବିଶ୍ୱାସର ଗୃହ ବିପନ୍ନ ଅବସ୍ଥାରେ ଥାଏ, ତେବେ ନିଃସନ୍ଦେହରେ ସଂକଟ ଆସିପାରେ । ଆମେ କାହାରି ହୃଦୟର ଅବସ୍ଥାକୁ ତ ଜାଣି ନାହୁଁ...... କିନ୍ତୁ ଯଦି କେହି ଶୁଦ୍ଧପୂତ ରୁପେ ପ୍ରଭୁଙ୍କର ହୋଇଯାଏ, ତେବେ ପ୍ରଭୁ ତାର ବିଶେଷ ସୁରକ୍ଷା କରିଥାନ୍ତି । ଯଦିଓ ସେ ପ୍ରତ୍ୟେକଙ୍କର ପ୍ରଭୁ, କିନ୍ତୁ ଯିଏ ପ୍ରଭୁଙ୍କ ସାନିଧ୍ୟ ପାଇଁ ନିଜକୁ ସମର୍ପିତ କରିଦିଅନ୍ତି, ତାଙ୍କ ପ୍ରତି ବିଶେଷ ଆଧ୍ୟାତ୍ମିକ ଜ୍ୟୋତି ପ୍ରକଟିତ ହୋଇଥାଏ । ପ୍ରଭୁଙ୍କ ଠାରେ ନିଜର ଅସ୍ତିତ୍ୱ ହରାଇବା ହେଉଛି ନିଜର ଭାବନାକୁ ଛିନ୍ନଭିନ୍ନ କରିଦେବା । ଯେପରି ଏହାର କୌଣସି ଅଂଶ ମଧ୍ୟ ଅବଶେଷ ରହିବ ନାହିଁ । ତେଣୁ ମୁଁ ବାରମ୍ବାର ନିଜର ଜମାଅତ୍‌କୁ କହୁଛି ଯେ ବୈଅତ୍ ପ୍ରତି କଦାପି ଗର୍ବିତ ହୁଅ ନାହିଁ । ଯଦି ହୃଦୟ ପବିତ୍ର ନାହିଁ, ତେବେ ହାତ ଉପରେ ହାତରଖି ବସିବାରେ ଲାଭ କ'ଣ ? କିନ୍ତୁ ଯିଏ ବାସ୍ତବ ପକ୍ଷେ ସ୍ୱୀକାର କରୁଛି ଓ ବିଶ୍ୱାସ ରଖୁଛି ତା'ର ବଡ଼ ବଡ଼ ପାପ କ୍ଷମା କରି ଦିଆଯାଉଛି ଏବଂ ତା'କୁ ଏକ ନୂତନ ଜୀବନ ପ୍ରଦାନ କରାଯାଉଛି । (ମଲଫୁଜାତ୍, ଖଣ୍ଡ ୩, ପୃ : ୬୫)

# ଯେଉଁମାନେ ମୋର, ସେମାନେ ମୋଠାରୁ ପୃଥକ ହୋଇପାରିବେ ନାହିଁ

ହଜରତ ମସିହ ମଉଦ[ଅସ] ପୁଣି କହୁଛନ୍ତି, 'ଯଦି କେହି ମୋର ପଦଚିହ୍ନ ଉପରେ ଚାଲିବାକୁ ଇଚ୍ଛା ନକରୁଛି, ତେବେ ସେ ମୋ ଠାରୁ ପୃଥକ ହୋଇଯାଉ । ମୋତେ କ'ଣ ଜଣା ଯେ ଏବେ କେଉଁ ପ୍ରକାର ଭୟଙ୍କର କଣ୍ଟକଯୁକ୍ତ ଅରଣ୍ୟ ପଥଦେଇ ମୋତେ ଅତିକ୍ରମ କରିବାକୁ ହେବ । ତେଣୁ ଯେଉଁମାନଙ୍କର କୋମଳ ପାଦ ରହିଛି, ସେମାନେ ମୋ ସହିତ କାହିଁକି କଷଣ ଭୋଗିବେ ? ଯେଉଁମାନେ ମୋର, ସେମାନେ ମୋଠାରୁ ଅଲଗା ହୋଇ ପାରିବେ ନାହିଁ । ନା କୌଣସି ସଂକଟରେ ନା ଲୋକମାନଙ୍କର ଗାଳି ଗୁଲଜ ଦ୍ୱାରା । ନା କୌଣସି ପ୍ରାକୃତିକ ବିପଦରୁ ଆଉ ନା କୌଣସି ପରୀକ୍ଷାର ସମ୍ମୁଖୀନ ହୋଇ । ଯେଉଁମାନେ ମୋର ନୁହନ୍ତି, ସେମାନେ ବୃଥାଟାରେ କେବଳ ମିତ୍ରତାର ଅଭିନୟ କରିଥାନ୍ତି । କାରଣ ସେମାନେ ଅତିଶୀଘ୍ର ପୃଥକ କରାଯିବେ ଓ ତାଙ୍କର ଭବିଷ୍ୟତ ପୂର୍ବାପେକ୍ଷା ଅଧିକ ଶୋଚନୀୟ ହୋଇଯିବ । କ'ଣ ଆମେ ଭୂମିକମ୍ପର ବିପତ୍ତିକୁ ଭୟ କରିପାରିବା ? କ'ଣ ଆମେ ପ୍ରଭୁଙ୍କ ମାର୍ଗରେ ଆସୁଥିବା ବିପର୍ଯ୍ୟୟକୁ ଦେଖି ଭୟଭୀତ ହୋଇଯିବା ? କ'ଣ ଆମେ ଆମ ପ୍ରିୟ ପ୍ରଭୁଙ୍କର କୌଣସି ପରୀକ୍ଷାରୁ ପୃଥକ ହୋଇପାରିବା ? କେବଳ ତାଙ୍କରି ଦୟା, ଅନୁକମ୍ପା ଓ କରୁଣା ବ୍ୟତୀତ କଦାପି ଅଲଗା ହୋଇପାରିବା ନାହିଁ । ତେଣୁ ଯେଉଁମାନେ ଅଲଗା ହେବାକୁ ଚାହୁଁଛନ୍ତି, ସେମାନେ ଅଲଗା ହୋଇଯାଆନ୍ତୁ । ସେମାନଙ୍କୁ ବିଦାୟକାଳୀନ ସଲାମ । କିନ୍ତୁ ମନେରଖ ! ମନ୍ଦ ଭାବନା ଓ ସମ୍ପର୍କ ଛିନ୍ନ କରିବା ପରେ ଯଦି ପୁଣି ନତମସ୍ତକ ହୁଅନ୍ତି, ତେବେ ଅଲ୍ଲାଃତାଲାଙ୍କ ନିକଟରେ ତା'ର ଅବନତ ହେବାର ସେପରି ସମ୍ମାନ ହେବନାହିଁ, ଯେପରି ନିଷ୍ଠାବାନ ଲୋକମାନେ ସମ୍ମାନ ପାଇଥାନ୍ତି । କାରଣ ମନ୍ଦ ଭାବନା ଓ ବିଦ୍ରୋହର କାଳୀମା ଏକ ବିରାଟ ଦାଗ ।'

(ଅନୁଓ୍ୱାରୁଲ ଇସଲାମ୍, ରୁହାନି ଖଜାଇନ, ଖଣ୍ଡ ୯, ପୃ : ୨୩-୨୪)

# ସଂପୂର୍ଣ୍ଣ ନିଷ୍ଠା ଓ ଦୃଢ଼ତାର ଆଦର୍ଶ ଦେଖାଅ

ଆଜିଠାରୁ ଏକଶତ ବର୍ଷ ପୂର୍ବେ ହଜରତ ମସିହ ମଉଦ[ଅସ]ଙ୍କ ଜୀବନ କାଳରେ ହିଁ ଦୁଇ ଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ସଂପୂର୍ଣ୍ଣ ବିଶ୍ୱସ୍ତତା ଓ ଦୃଢ଼ତାର ଆଦର୍ଶ ପ୍ରଦର୍ଶିତ କରିଥିଲେ । ଏବଂ ନିଜର ବୈଅତର ସଂକଳ୍ପକୁ ସତ୍ୟସିଦ୍ଧ କରି

ଦେଖାଇଥିଲେ । ଦୀକ୍ଷା ମୂଳକ ଆନୁଗତ୍ୟର ସ୍ୱୀକୃତିକୁ ଭାଙ୍ଗିବା ନିମନ୍ତେ ତାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇବାର ପ୍ରୟାସ କରାଗଲା । କିନ୍ତୁ ସେହି ଦୃଢ଼ତାର ରାଜକୁମାରମାନେ ତାହାକୁ ଖାତିର ନକରି ବୈଅତର ପ୍ରତିଜ୍ଞା ଉପରେ ଅଟଳ ରହିଲେ । ମସିହ ମଉଦ୍[ଅସ] ତାଙ୍କର ଉଚ୍ଛ୍ୱସିତ ପ୍ରଶଂସା କଲେ । ସେମାନେ ହେଉଛନ୍ତି ହଜରତ ସାହିବଜାଦା ସୟଦ୍ ଅବ୍ଦୁଲ୍ ଲତିଫ ଶହୀଦ୍[ରଅ] ଏବଂ ଅବ୍ଦୁର ରହମାନ୍ ଖାଁ ସାହେବ[ରଅ] । ହଜୁରଙ୍କର ଗୋଟିଏ ଉକ୍ତି ଏଠାରେ ଉପସ୍ଥାପନ କରୁଛି ।

ସେ କହିଛନ୍ତି 'ଏବେ ବିଶ୍ୱାସ ଓ ନ୍ୟାୟ ସହିତ ଚିନ୍ତା କରିବା ଆବଶ୍ୟକ ଯେ ଯେଉଁ ସମ୍ପ୍ରଦାୟର ଆଧାର ଛଳ କପଟ, ମିଥ୍ୟା ଓ କପୋଳ କଳ୍ପିତ ଧାରଣା ଉପରେ ପର୍ଯ୍ୟବସିତ ହୋଇଥାଏ, କଣ ସେହି ସମ୍ପ୍ରଦାୟର ଲୋକମାନେ ଏପରି ଦୃଢ଼ତା ଓ ପରାକ୍ରମ ପ୍ରଦର୍ଶନ କରିପାରିବେ ଯେ ଏହି ମାର୍ଗରେ ପଥର ଦ୍ୱାରା ପେଷି ହୁଅନ୍ତୁ । ନିଜର ସ୍ତ୍ରୀ, ପିଲାମାନଙ୍କ ପାଇଁ ତିଳେ ହେଲେ ଚିନ୍ତା ନକରି ଏପରି ବୀରତ୍ୱ ସହିତ ନିଜ ଜୀବନ ଦେଇ ଦେବେ ? ଏପରିକି ବାରମ୍ବାର ବୈଅତ୍ର ପ୍ରତିଜ୍ଞା ଭଙ୍ଗ କରିବାର ସର୍ତ୍ତ ଉପରେ ମୁକ୍ତି ଦିଆଯିବାର ପ୍ରତିଶ୍ରୁତି ଦିଆଯାଉଥିବା ସତ୍ତ୍ୱେ ସେହି ମାର୍ଗକୁ ଛାଡିଲେ ନାହିଁ ? ସେହିପରି ଶେଖ୍ ଅବ୍ଦୁର୍ ରହମାନ ସାହିବ[ରଅ]ଙ୍କୁ ମଧ୍ୟ କାବୁଲରେ ଗଳାକାଟି ବଧ କରାଗଲା । କିନ୍ତୁ ସେ ଆଃ ବୋଲି କହିଲେ ନାହିଁ କି ଏକଥା ମଧ୍ୟ କହିଲେ ନାହିଁ ଯେ 'ମୋତେ ଛାଡ଼ିଦିଅ ମୁଁ ବୈଅତର ପ୍ରତିଜ୍ଞା ଭଙ୍ଗ କରୁଛି ।' ତେଣୁ ଏହାହିଁ ସତ୍ୟ ଧର୍ମର ପରିଚୟ । ସତ୍ୟ ଧର୍ମାଧୀଶ ଇମାମ୍‌ଙ୍କ ଚିହ୍ନ ହେଉଛି ଯେତେବେଳେ କେହି ତାକୁ ପୂର୍ଣ୍ଣ ରୂପେ ଚିହ୍ନିନିଏ ଓ ବିଶ୍ୱାସର ମାଧୁର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ତାଙ୍କ ହୃଦୟରେ ବସା ବାନ୍ଧିଯାଏ, ଏପରି ବ୍ୟକ୍ତି ସେହି ପଥରେ ମୃତ୍ୟୁକୁ ଭୟ କରନ୍ତି ନାହିଁ । ହଁ, ଯେଉଁମାନେ ଉପର ଦେଖାଣିଆ ବିଶ୍ୱାସ ରଖନ୍ତି ଓ ସେମାନଙ୍କ ଅନ୍ତରରେ ଧର୍ମ ବିଶ୍ୱାସ ପ୍ରବେଶ ହୋଇ ନଥାଏ, ସେମାନେ 'ୟହୁଦା ଅସ୍‌କର ୟୁତି'ଙ୍କ ପରି ସାମାନ୍ୟ ଧନ ଲୋଭରେ ଧର୍ମତ୍ୟାଗ କରି ଫେରିଯାନ୍ତି । ଲୋକମାନଙ୍କର ପ୍ରତ୍ୟେକ ନବୀଙ୍କ ସମୟରେ ଅନେକ ନିଦର୍ଶନ ରହିଛି । ତେଣୁ ପ୍ରଭୁଙ୍କୁ ଧନ୍ୟବାଦ ଯେ ସ୍ୱଚ୍ଛ ଓ ନିର୍ମଳ ଲୋକମାନଙ୍କ ଏକ ବୃହତ ଜମାଅତ୍ ମୋ ସହିତ ରହିଛି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ମୋପାଇଁ ଗୋଟିଏ ଲେଖାଏ ଚିହ୍ନ । ଏହା ଅଲ୍ଲାଃଙ୍କ କରୁଣା ।

رَبِّ اِنَّکَ جَنَّتِیْ وَرَحْمَتُکَ جُنَّتِیْ وَاٰیَاتُکَ غِذَائِیْ وَفَضْلُکَ رِدَائِیْ

ରବ୍‌ବେ ଇନ୍ନକା ଜନ୍ନତି ଓ୍ୱରହମତୁକା ଜନ୍ନତି ଓ୍ୱଆୟାତୁକା ଗିଜାଇ ଓ୍ୱଫଜ୍‌ଲକା ରିଦାଇ ।

ଅର୍ଥାତ୍ 'ହେ ମୋର ପାଳନ କର୍ତ୍ତା ! ତୁମେ ମୋର ସ୍ୱର୍ଗ । ତୁମ୍ଭର ଦୟା ଓ ଅନୁକମ୍ପା
ମୋର ସୁରକ୍ଷା କବଚ । ତୁମ୍ଭର ଦିବ୍ୟ ପଙ୍କ୍ତି ଓ ଚିହ୍ନମାନ ମୋର ଆହାର ।
ଏବଂ ତୁମ୍ଭ କରୁଣା ଓ ଅନୁଗ୍ରହ ମୋର ଚଦର ।'

(ହକିକତୁଲ୍ ଓ୍ୱହୀ, ରୁହାନି ଖଜାଇନ୍, ଖଣ୍ଡ ୨୨ ପୃ : ୩୬୦-୩୬୧)

ଏହା ସତ୍ତ୍ୱେ ମଧ୍ୟ ଜମାଅତର ଏକଶତ ବର୍ଷରୁ ଊର୍ଦ୍ଧ୍ୱ ଇତିହାସ ଏହି ବିଷୟର ସାକ୍ଷୀ ରହିଛି ଯେ ଏପରି ବିଶ୍ୱସନୀୟତା, ଭକ୍ତି ଓ ଦୃଢ଼ତାର ଉଦାହରଣ ପ୍ରତିଷ୍ଠା ହୋଇ ଚାଲିଛି । ଆମର ବହୁ ଧନ ଜୀବନର ଅନିଷ୍ଟ ହେଲା । ଜମାଅତର ନିରୀହ ଧର୍ମପ୍ରାଣ ବ୍ୟକ୍ତିମାନଙ୍କୁ ଶହୀଦ୍ କରି ଦିଆଗଲା । ପୁତ୍ରକୁ ବାପ ସମ୍ମୁଖରେ ଓ ବାପକୁ ପୁତ୍ର ସମ୍ମୁଖରେ ମାରି ଦିଆଗଲା । ତା'ହେଲେ ପ୍ରଭୁ ଯିଏ ସର୍ବାପେକ୍ଷା ଅଧିକ ଭକ୍ତି ଓ ଅନୁରକ୍ତିର ବଦଳା ଦିଅନ୍ତି, ସେ କ'ଣ ଏହି ରକ୍ତବିନ୍ଦୁର ତ୍ୟାଗକୁ ବୃଥାରେ ଛାଡ଼ିଦେଲେ ? ନା, ସେ ପୂର୍ବାପେକ୍ଷା ଅଧିକ ମାତ୍ରାରେ ସେମାନଙ୍କ ବଂଶ ଉପରେ ତାହାଙ୍କ, ଦୟା ଓ ଅନୁକମ୍ପା ବୃଷ୍ଟି କଲେ । ଆପଣମାନଙ୍କ ମଧ୍ୟରୁ ଅନେକ ଯେଉଁମାନେ ଏଠାରେ ଉପସ୍ଥିତ ରହିଛନ୍ତି କିମ୍ବା ସଂସାରର ବିଭିନ୍ନ ଦେଶରେ ପ୍ରସାରିତ ହୋଇଛନ୍ତି, ଏକଥା ସ୍ୱଚକ୍ଷୁରେ ଦେଖିଥିବା ସାକ୍ଷ୍ୟ ବହନ କରନ୍ତି । ବରଂ ଆପଣଙ୍କ ମଧ୍ୟରୁ କେତେକ ଉକ୍ତ ଦୟା ଓ ଅନୁକମ୍ପାର ଅଧିକାରୀ ମଧ୍ୟ ହୋଇଛନ୍ତି । ଏହା ସେହି ବିଶ୍ୱସ୍ତତାର ପ୍ରତିଫଳ ଯାହାକି ଆପଣମାନେ ପ୍ରଭୁଙ୍କ ସହିତ କରିଥିଲେ । ହଜରତ ମସିହ ମଉଦ୍ [ଅସ] ଙ୍କ ସହିତ କରିଥିବା ବୈଅତର ପ୍ରତିଶ୍ରୁତିକୁ ସତ୍ୟ କରି ଦେଖାଇଲେ । ଏକଥା ନହେଉ ଯେ କାଳେ ସୁଖ ସମୃଦ୍ଧି ଦ୍ୱାରା ଆପଣ କିମ୍ବା ଆପଣଙ୍କ ଆଗାମୀ ପିଢ଼ି ଉକ୍ତ ବୈଅତର ସ୍ୱୀକୃତିକୁ ଭୁଲିଯିବ । ସେହି ପ୍ରିୟତମ ପ୍ରଭୁଙ୍କ ସହିତ ସର୍ବଦା ବିଶ୍ୱସ୍ତତାର ସମ୍ପର୍କ ରଖ, ଯଦ୍ୱାରା ଏହି ଦୟା ଆପଣଙ୍କ ଭବିଷ୍ୟତ ବଂଶରେ ମଧ୍ୟ ପ୍ରତିଷ୍ଠିତ ହୋଇ ରହୁ । ଏହି ବିଶ୍ୱସ୍ତତାର ସମ୍ପର୍କକୁ ଆଗାମୀ ପିଢ଼ିରେ ମଧ୍ୟ ଉତ୍ପନ୍ନ କରିଚାଲ ।

# ବୈଅତର ଷଷ୍ଠ ସର୍ତ୍ତ

**ସମାଜରେ ପ୍ରଚଳିତ କୁପ୍ରଥା ଓ ଅଣ ଇସଲାମୀୟ ରାଜନୀତିକୁ ବର୍ଜନ କରିବ । ଲୋଭ, ଲାଳସା, ପାର୍ଥିବ ସୁଖ ସମ୍ଭୋଗ ଠାରୁ ବଞ୍ଚିତ ରହିବ ଏବଂ ପବିତ୍ର କୁରଆନର ଆଦେଶକୁ ପୂର୍ଣ୍ଣ ରୂପେ ସ୍ୱୀକାର କରି ଧର୍ମ କାର୍ଯ୍ୟରେ ନିଜକୁ ସମର୍ପଣ କରିବ । ନିଜର ପ୍ରତ୍ୟେକ ଆଚରଣରେ ଅଲ୍ଲାଃ ଓ ରସୁଲଙ୍କ ଆଦେଶଗୁଡିକୁ ପାଳନ କରିବାକୁ ନିଜ ଜୀବନର ବ୍ରତ କରିବ ।**

ହଜରତ ମସିହ ମଉଦ୍[ଅସ] କହିଛନ୍ତି ଯେ ତୁମେମାନେ ମୋର ଏକଥା ଉପରେ ମଧ୍ୟ ପ୍ରତିଜ୍ଞା କର ଯେ କୁପ୍ରଥା ଓ ଅଯଥା ଆଶା ଓ ଅଭିଳାଷର ଅନୁସରଣ କରିବ ନାହିଁ । ଏପରି ପ୍ରଥା ଓ ରୀତିନୀତି ଯାହାକୁ ତୁମେ ଧର୍ମ ସହିତ କେବଳ ଏଥିପାଇଁ ସମ୍ମିଳିତ କରିଦେଇଛ ଯେ ତୁମେ ଯେଉଁ ପରିବେଶରେ ବସବାସ କରୁଛ ଏହା ତାହାର ଅଂଶ । ଅନ୍ୟ ଧର୍ମରେ ଯେହେତୁ ସେହି ପ୍ରଥା ରହିଥିଲା, ତେଣୁ ତୁମେ ମଧ୍ୟ ତାକୁ ଧାରଣ କରିନେଲ । ଯେପରି ବିବାହ ଅବସରରେ କେତେକ ଅନାବଶ୍ୟକ ରୀତିନୀତି ବା କୁପ୍ରଥା ରହିଛି । ଯଥା : ବର ତରଫରୁ କନ୍ୟା ପାଇଁ ଆସିଥିବା ଜିନିଷପତ୍ର ଦେଖାଇବା । ସେହିପରି କନ୍ୟା ପକ୍ଷରୁ ଆସିଥିବା ଜିନିଷପତ୍ରକୁ ଦେଖାଇବା । ପୁଣି ଯୌତୁକ ସାମଗ୍ରୀକୁ ପ୍ରଦର୍ଶିତ କରିବା । ଏ ସମସ୍ତ ଦ୍ରବ୍ୟର ବିଧିବଦ୍ଧ ଭାବେ ଏକ ପ୍ରଦର୍ଶନୀ ଲଗାଯାଇଥାଏ । ଇସଲାମରେ ତ କେବଳ 'ହକ୍ ମହେର' (ସ୍ତ୍ରୀ ଧନ) ସହିତ ନିକାହର ପୋଷଣ କରାଯାଏ । ଏହା ବ୍ୟତୀତ ସମସ୍ତ ପ୍ରକାର ପ୍ରଥା ଅଯଥା ଓ ବ୍ୟର୍ଥ ହୋଇଥାଏ । ପ୍ରଥମତଃ ବର ପକ୍ଷରୁ ଆସିଥିବା କିମ୍ବା କନ୍ୟା ପକ୍ଷରୁ ଦିଆଯାଇଥିବା ଯୌତୁକ ପ୍ରଦର୍ଶନ ଦ୍ୱାରା ସେମାନଙ୍କର ଉଦ୍ଦେଶ୍ୟ ଏହା ରହୁଛି ଯେ ଯେଉଁମାନେ ସାମର୍ଥ୍ୟ ରଖୁଛନ୍ତି, କେବଳ ନିଜର ବଡ଼ପଣ ଦେଖାଇ ହେବା । ଦେଖ, ଆମ ବଂଶର ଲୋକମାନେ ନିଜର ଭାଇ ଭଉଣୀ, ଝିଅ, ପୁଅ ବିଭାଘରରେ ଯାହାସବୁ ଦେଇଥିଲେ ଆମେ ସେମାନଙ୍କ ଠାରୁ ଅଧିକ ଦେଇଛୁ । ଏହା ଲୋକ ଦେଖାଣିଆ, ବୃଥା ବଡ ଲୋକି ବ୍ୟତୀତ ଅନ୍ୟ କିଛି ନୁହେଁ । ଆଜିକାଲି ଆପଣମାନଙ୍କ ମଧ୍ୟରେ

ଅନେକ ଏପରି ଅଛନ୍ତି, ଯାହାକୁ ଅଲ୍ଲାଃତାଲା ନିଜର ବିଶେଷ ଅନୁଗ୍ରହ ଦ୍ୱାରା ଏଠାକୁ ଆସିବା ସହିତ ଅନେକ କିଛି ସମୃଦ୍ଧି ଦେଇଛନ୍ତି । ଅନେକ କଲ୍ୟାଣ ଓ ଉନ୍ନତିର ପ୍ରଥା ଖୋଲି ଦେଇଛନ୍ତି । ଏହା ମଧ୍ୟ ହଜରତ ମସିହ ମଉଦ୍ [ଅସ] ଙ୍କ ଜମାଅତ୍‌ରେ ସମ୍ପୃକ୍ତ ହେବାର ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଛି ଯାହା ସେମାନଙ୍କ ତ୍ୟାଗର ପ୍ରତିଫଳନ । ଏପରି କେତେକ ଅଛନ୍ତି, ଯେଉଁମାନେ ଏହି କୃପା ଓ କଲ୍ୟାଣ ପ୍ରକାଶ କରି ଈଶ୍ୱରଙ୍କ ଛାମୁରେ ନତମସ୍ତକ ହୋଇ ତାହାଙ୍କ ମାର୍ଗରେ ବ୍ୟୟ କରିବା ପରିବର୍ତ୍ତେ ବିବାହ ଉତ୍ସବରେ ଐଶ୍ୱର୍ଯ୍ୟ ଓ ଆଡ଼ମ୍ବର ତଥା ମିଥ୍ୟା ବଡପଣ ପାଇଁ ଏ ସମସ୍ତ ପ୍ରଥାକୁ ପ୍ରଚଳନ କରିଥାଆନ୍ତି । ପୁଣି ବିବାହ ସମୟରେ 'ଓ୍ୱଲିମା' (ବର ତରଫରୁ ଦିଆଯାଇଥିବା ଭୋଜି)ରେ ଖାଦ୍ୟ ବା ବ୍ୟଞ୍ଜନ ଇତ୍ୟାଦି ନଷ୍ଟ ହେବାରେ ଲାଗିଥାଏ । କେବଳ ବାହ୍ୟ ଆଡମ୍ବର ପାଇଁ ଅନେକ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । ତେଣୁ ଯେଉଁମାନେ ଗରିବ ଓ ସାମର୍ଥ୍ୟହୀନ ବ୍ୟକ୍ତି ଥାନ୍ତି, ସେମାନେ ମଧ୍ୟ ଏହାର ଦେଖାଦେଖି ଯୌତୁକ ଇତ୍ୟାଦିକୁ ଦେଖାଇବା ପାଇଁ ଋଣଗ୍ରସ୍ତ ହୋଇଯାଆନ୍ତି । ପୁଣି କେତେକ ବ୍ୟକ୍ତି କନ୍ୟାପକ୍ଷ ଓ ବରପକ୍ଷଙ୍କ ଦାବି ଅନୁସାରେ ଯେ ଲୋକେ କ'ଣ କହିବେ, ବୋହୂ ଯୌତୁକରେ କିଛି ଆଣିନାହିଁ । ତେଣୁ ବାଧ୍ୟତାମୂଳକ ପରିସ୍ଥିତିରେ ପଡି ସେ କରଜରେ ବୁଡିଯାନ୍ତି । ଅନ୍ତତଃ ପୁଅ ପକ୍ଷଙ୍କୁ କିଛି ତ ପ୍ରଭୁଙ୍କ ଭୟ ହେବା ଆବଶ୍ୟକ । କେବଳ ରୀତି ନୀତି ଓ ସାମାଜିକ ଚଳଣୀକୁ ନେଇ ନିଜର ନାକକୁ ବଡ଼ କରିବା ଅର୍ଥାତ ନିଜର ଟେକ ରଖିବା ପାଇଁ ଗରିବମାନଙ୍କୁ ଅସୁବିଧାରେ ପକାନ୍ତୁ ନାହିଁ, ସେମାନଙ୍କୁ ଋଣଗ୍ରସ୍ତ ହେବାକୁ ବାଧ୍ୟ କରନ୍ତୁ ନାହିଁ । ଅଥଚ ଏଠାରେ ଦାବି କରନ୍ତି ଯେ ଆମେ ହେଉଛୁ ଅହମଦି ଏବଂ ଦଶଗୋଟି ସର୍ତ୍ତ ମୂଳକ ଦୀକ୍ଷା ଅବଲମ୍ବନ କରି ସେଗୁଡିକ ଉପରେ ବୈୟତ୍‌ର ସଂପୂର୍ଣ୍ଣ ରୂପେ ପାଳନ କରିବୁ । ମୁଁ ଏଠାରେ ଗୋଟିଏ ବିଭାଘରର ପ୍ରଥା ବିଷୟରେ ସଂକ୍ଷିପ୍ତ ଭାବେ ବର୍ଣ୍ଣନା କରିବି । ଯଦି ଏହାକୁ ବିସ୍ତାର ପୂର୍ବକ ବର୍ଣ୍ଣନା କରାଯାଏ, ତାହେଲେ ଏହି ବିଭାଘର ପରମ୍ପରା ଉପରେ ଅତି ଭୟାବହ ପରିଣାମ ସମ୍ମୁଖକୁ ଆସିପାରେ । ଏହାର ଅନେକ ଉଦାହରଣ ମଧ୍ୟ ମିଳିପାରେ । ଯେତେବେଳେ ସାମାଜିକ କୁପ୍ରଥା ଓ ରୀତିପ୍ରଥା ବଢ଼ିଯାଏ, ସେତେବେଳେ ମନୁଷ୍ୟ ଏକବାର ଅନ୍ଧ ହୋଇଯାଏ । ଏହାପରେ ତା'ର ପରବର୍ତ୍ତୀ ପାଦ ସଠିକ ରୂପେ ନ ପଡିବାରୁ ସେ ସମ୍ପୂର୍ଣ୍ଣ ଭାବେ ଲୋଭ ଲାଳସାର ବଶବର୍ତ୍ତୀ ହୋଇଯାଏ । ଅଥଚ ବୈଅତ୍ କରିବା ପରେ ସେ ପ୍ରତିଜ୍ଞା କରିଥାଏ ଯେ ପ୍ରତ୍ୟେକ ପ୍ରକାରର ଲୋଭ ଲାଳସାରୁ ନିଜକୁ ବଞ୍ଚିତ କରିବ ଏବଂ ଅଲ୍ଲାଃ ଓ ରସୁଲଙ୍କ ଆଦେଶଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ନିଜ ଉପରେ ଲାଗୁ କରିଦେବ ।

ଅଲ୍ଲାଃ ଏବଂ ରସୁଲ ଆମ ଠାରୁ କ'ଣ ଆଶା କରନ୍ତି ? ଏହା ଯେ ଅଯଥା ପ୍ରଥା ଓ କୁରୀତି, ଅପସଂସ୍କୃତି ତଥା ପାର୍ଥିବ ଲାଳସା ତ୍ୟାଗ କରି ମୋ ଆଦେଶର ଅନୁସରଣ କର । ଅଲ୍ଲାଃତାଲା ପବିତ୍ର କୁରଆନରେ କହୁଛନ୍ତି ।'

﴿فَاِنۡ لَّمۡ یَسۡتَجِیۡبُوۡا لَکَ فَاعۡلَمۡ اَنَّمَا یَتَّبِعُوۡنَ اَهۡوَآءَهُمۡ وَمَنۡ اَضَلُّ مِمَّنِ اتَّبَعَ

هَوٰىهُ بِغَیۡرِ هُدًی مِّنَ اللّٰهِ اِنَّ اللّٰهَ لَا یَهۡدِی الۡقَوۡمَ الظّٰلِمِیۡنَ﴾

ଫଇଲ୍ଲମ୍ ୟସ୍ତଯିବୁ ଲକା ଫ'ଲମ୍ ଅନ୍ନମା ୟତ୍ତବିଉନା ଅହ୍ୱାଅହୁମ୍; ଓ୍ୱମନ୍ ଅଜଲ୍ଲୁ ମିମ୍ମାନିତ୍ ତବାଆ ହଓ୍ୱାହୁ ବେଗୈରେ ହୁଦମ୍ମିନଲ୍ଲାହେ ଇନ୍ନଲ୍ଲାହା ଲାୟହ୍‌ଦିଲ୍ କୌମଜ୍ ଜ୍ୱାଲିମିନ୍

ଅର୍ଥାତ 'ଯଦି ସେମାନେ ତୋର ଏହି ନିମନ୍ତ୍ରଣକୁ ଗ୍ରହଣ ନକରନ୍ତି, ତେବେ ଜାଣି ରଖ ! ସେମାନେ କେବଳ ନିଜର ଇଚ୍ଛାର ଅନୁସରଣକାରୀ । ଏହା ଅପେକ୍ଷା ଅଧିକ ପଥଭ୍ରଷ୍ଟକାରୀ କିଏ ହେବ, ଯିଏ ଅଲ୍ଲାଃଙ୍କ ନିର୍ଦ୍ଦେଶ ଓ ଚେତାବନୀକୁ ଉପେକ୍ଷା କରି ନିଜର ଇଚ୍ଛା ବା ଆକାଂକ୍ଷାର ଅନୁସରଣ କରିବ । ଅଲ୍ଲାଃତାଲା କଦାପି ଅତ୍ୟାଚାରୀ ଗୋଷ୍ଠୀକୁ ସଦ୍‌ପଥଗାମୀ କରନ୍ତି ନାହିଁ ।'

**(ଅଲ୍ କସସ୍ ୫୧)**

ତେବେ ଦେଖନ୍ତୁ, ଉକ୍ତ ଆୟତ୍‌ରେ ଅଲ୍ଲାଃତାଲା ନିଷ୍ପତ୍ତି କରି ଦେଇଛନ୍ତି, ଯାହା ଆମ ପାଇଁ ବଡ଼ ଭୟର ବିଷୟ ଯେ ଯେଉଁମାନେ କେବଳ ନିଜ ଇଚ୍ଛାରେ କବଳିତ ସେମାନେ କଦାପି ସତ୍‌ପଥ ପାଇବେ ନାହିଁ । ଏବେ ଆମେ ଗୋଟିଏ ଦିଗରେ ଏହି ଦାବି କରୁଛେ ଯେ ଆମେ ଚଳିତ ସମୟର ଯୁଗାବତାରଙ୍କୁ ଚିହ୍ନିନେଲୁ ଓ ମାନିନେଲୁ । କିନ୍ତୁ ଅନ୍ୟ ଦିଗରେ ସମାଜରେ ଥିବା କୁକର୍ମ ଠାରୁ ନିଜକୁ ଦୂରେଇ ରଖିପାରିଲୁ ନାହିଁ । ଯୁଗାବତାରଙ୍କ ହାତରେ ବୈଅତ କରି ଏହା ପ୍ରତିଜ୍ଞା କରିଛୁ ଯେ ଆମେ ସାମାଜିକ ଅପକର୍ମ ଛାଡ଼ିଦେବୁ । ତେବେ କ'ଣ ଆମେ ପଶ୍ଚାତଗାମୀ ହେଉଛେ କି ? ପ୍ରତ୍ୟେକଙ୍କୁ ଏହା ସମୀକ୍ଷା କରିବା ଉଚିତ୍ । ପ୍ରତ୍ୟେକଙ୍କୁ ଆତ୍ମ ଅନୁଶୀଳନ କରିବା ଆବଶ୍ୟକ । ଯଦି ଆମେ ଏହି ବୈଅତ ଉପରେ ଦୃଢ଼ିଭୁତ ରହିଛେ ଓ ପ୍ରଭୁଙ୍କ ପ୍ରତି ଭୟ ରଖି ବିଶ୍ୱାସରେ ସୁଦୃଢ଼ ରହିଛେ ଓ ଭୋଗ ବିଳାସରୁ ଦୂରେଇ ଯାଉଛେ, ତେବେ ସେହି ପ୍ରିୟ ମହାମହିମ ପ୍ରଭୁଙ୍କ ପ୍ରଶଂସା କରି ତଥା ପ୍ରଭୁଙ୍କ ଗୁଣଗାନ କରି ପୁଣି ତାଙ୍କରି ଆଡ଼କୁ ଯିବା, ଯାହା ବୈକୁଣ୍ଠର ସୁସମ୍ବାଦ ଦେଉଛି । ଯେପରି କି ଈଶ୍ୱର କୁହନ୍ତି :

﴿وَاَمَّا مَنۡ خَافَ مَقَامَ رَبِّهٖ وَنَهَى النَّفۡسَ عَنِ الۡهَوٰى فَاِنَّ الۡجَنَّةَ هِىَ الۡمَاۡوٰى﴾

ଓ୍ୱ ଅମ୍ମା ମନ୍‌ଖାଫା ମକାମା ରବ୍‌ବେହି ଓ୍ୱ ନହନ୍‌ନଫ୍‌ସା ଅନିଲ୍ ହଓ୍ୱା ଫଇନ୍ନଲ୍ ଜନ୍ନତା ହିୟୟାଲ୍ ମାଅ୍‌ଓ୍ୱା

ଅର୍ଥାତ 'ଯେଉଁମାନେ ନିଜ ପାଳନକର୍ତ୍ତାଙ୍କ ଶକ୍ତି ବା ପରାକ୍ରମକୁ ଭୟ କରନ୍ତି ଓ ନିଜ ଭାବନାକୁ ତୁଚ୍ଛ ଅଭିଳାଷାରୁ ନିବୃତ୍ତ କରି ରହିଲେ ନିଃସନ୍ଦେହରେ ତାଙ୍କର ସ୍ଥାନ ସ୍ୱର୍ଗପୁର ଓ ବୈକୁଣ୍ଠ ହିଁ ତାଙ୍କର ବାସସ୍ଥାନ ।'

**(ଅଲ୍ ନାଜିଆତ୍, ୪୧-୪୨)**

ଏବେ କୁପ୍ରଥା ଓ ରୀତିନୀତି ବିଷୟରେ କେତେକ ହଦିସ୍ ଉପସ୍ଥାପନ କରୁଛି ।

ହଜରତ୍ ଆଇଶା[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ୍ ମୁହମ୍ମଦ[ସଅ] ଏହିପରି କହିଥିଲେ, 'ଯେଉଁ ବ୍ୟକ୍ତି ଧର୍ମ ବିଷୟରେ କୌଣସି ଏପରି ରୀତିନୀତି ବାହାର କରେ, ଯାହାର ଧର୍ମ ସହିତ କୌଣସି ସମ୍ବନ୍ଧ ନଥାଏ, ତେବେ ସେହିଁ ରୀତି ବର୍ଜିତ ଓ ଅନସ୍ୱୀକାର୍ଯ୍ୟ ।' (ବୁଖାରି, କିତାବୁସ୍ ସୁଲାହ, ଭାଗ ଇଜା ଇସ୍ତଲହୁ ଆଲା ସଲହେ ଯୌର୍)

ହଜରତ୍ ଯାବିର[ରଅ] ବର୍ଣ୍ଣନା କରିଛନ୍ତି, ହଜରତ୍ ମୁହମ୍ମଦ[ସଅ] ଆମମାନଙ୍କୁ ସମ୍ବୋଧିତ କରି କହୁଥିବା ସମୟରେ ମହାଭାଗଙ୍କ ଆଖି ଲାଲ ହୋଇଗଲା ଓ କଣ୍ଠସ୍ୱର ତୀବ୍ର ହୋଇଗଲା । ଅବସ୍ଥା ଏପରି ଉତ୍ତେଜିତ ହୋଇଗଲା ସତେ ଯେପରି ମହାଭାଗ ଆମକୁ କୌଣସି ଆକ୍ରମଣକାରୀ ସୈନ୍ୟ ଠାରୁ ଭୟଭୀତ କରାଉଛନ୍ତି । ମହାନୁଭବ କହିଲେ, 'ସେହି ସୈନ୍ୟ ତୁମ ଉପରେ ପ୍ରାତଃ ସମୟରେ କିମ୍ବା ସନ୍ଧ୍ୟା ସମୟରେ କେବେହେଲେ ଆକ୍ରମଣ କରିପାରେ ।' ଏହା ମଧ୍ୟ କହିଲେ 'ମୁଁ ଓ ସେ ସମୟ ଅର୍ଥାତ୍ କୟାମତ୍ (ଶେଷ ବିଚାର ଦିବସ) ଏପରି ଏକତ୍ର ଭାବେ ପ୍ରେରଣ କରା ଯାଇଅଛୁ' (ଏହା କହି ନିଜର ତର୍ଜନୀ ଓ ମଝି ଆଙ୍ଗୁଳିକୁ ଏକତ୍ର ଦେଖାଇ କହିଲେ 'ତାହା ଏହିପରି । ଯେପରିକି ଏହି ଦୁଇ ଆଙ୍ଗୁଳି ମିଳିତ ହେଉଛନ୍ତି ।' ସେ ଏହା ମଧ୍ୟ କହିଲେ, 'ଏବେ ମୁଁ ତୁମକୁ ଏକଥା କହୁଛି ଯେ ସର୍ବୋତ୍ତମ କଥନ ଅଲ୍ଲାଃଙ୍କ ପୁସ୍ତକ ଏବଂ ସର୍ବୋତ୍ତମ ମାର୍ଗ ମୁହମ୍ମଦ୍[ସଅ]ଙ୍କ ମାର୍ଗ । ମନ୍ଦ କର୍ମ ହେଉଛି ଧର୍ମରେ ନୂଆ ନୂଆ ପ୍ରଥା ବାହାର କରିବା । ପ୍ରତ୍ୟେକ ପ୍ରକାର ବିଦ୍‌ଅତ୍ (ଅପସଂସ୍କୃତି) ପଥଭ୍ରଷ୍ଟତା ଆଡ଼କୁ ନେଇ ଯାଇଥାଏ ।' (ମୁସ୍‌ଲିମ୍, କିତାବୁଲ୍ ଜୁମା, ଭାଗ ତଖ୍‌ଫିଫୁସ୍ ସଲାତ୍ ଓ୍ୱଲ୍ ଖୁତବା)

ହଜରତ୍ ଉମର ଓବି ଔଫ[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜ୍‌ରତ୍ ମୁହମ୍ମଦ[ସଅ] କହିଥିଲେ 'ଯେଉଁ ବ୍ୟକ୍ତି ମୋର ସୁନ୍ନତ (ଅନୁସୃତ ପନ୍ଥା) ମଧ୍ୟରୁ କୌଣସି ସୁନ୍ନତକୁ ଏପରି ଭାବେ ଜୀବିତ ରଖେ ଯେ ଲୋକମାନେ ତା'ର ଅନୁସରଣ କରିଥାଆନ୍ତି, ତେବେ ସେହି ସୁନ୍ନତକୁ ଜୀବିତ କରିଥିବା ବ୍ୟକ୍ତି ମଧ୍ୟ ଅନୁସରଣକାରୀଙ୍କ ସମତୁଲ୍ୟ ପୁଣ୍ୟ ଲାଭ କରିବ । ଅନୁସରଣକାରୀଙ୍କ ପୁଣ୍ୟରୁ କିଛିହେଲେ ମଧ୍ୟ କମ୍ କରାଯିବ ନାହିଁ । ଯେଉଁ ବ୍ୟକ୍ତି କୌଣସି ବିଦ୍‌ଅତ୍ (କୁପ୍ରଥା) ଉତ୍ପନ୍ନ କଲା ଓ ଲୋକମାନେ ତାହା ଆପଣେଇ ନେଲେ, ତେବେ ସେ ବ୍ୟକ୍ତିକୁ ମଧ୍ୟ ଅନୁସରଣକାରୀଙ୍କ ପାପରୁ କିଛି ହେଲେ କମ୍ କରାଯିବ ନାହିଁ ।' (ସୁନନ୍ ଇବ୍ନେ ମାଜା, ଭାଗ ମନ୍ ଅହ୍‌ୟା ସୁନ୍ନତ୍ କଦ୍ ଅମିଯ୍ୟତତ୍)

## ନୂଆ ନୂଆ କୁପ୍ରଥା ଓ ଅପସଂସ୍କୃତି ବର୍ଜନୀୟ

ଉକ୍ତ ହଦିସ ଦ୍ୱାରା ହଜରତ୍ ମୁହମ୍ମଦ୍[ସଅ] କହିଛନ୍ତି 'ଯେଉଁ ପ୍ରଥା ଧର୍ମ ସହିତ ସମ୍ବନ୍ଧିତ ନୁହେଁ, ତାହା ଧର୍ମଠାରୁ ଦୂରେଇ ନେଇଯାଏ । ଅଲ୍ଲାଃ ଓ ରସୁଲଙ୍କ ଆଦେଶକୁ ଖଣ୍ଡନ କରୁଥାଏ, ତେବେ ସେ ସମସ୍ତ ଅସତ ପନ୍ଥା ବର୍ଜନୀୟ ଓ ତାହାର ପ୍ରଚଳନକୁ ନିଷିଦ୍ଧ କରିବା ଉଚିତ୍ । ସୁତରାଂ ଏ ସମସ୍ତ ବିଷୟରୁ ବଞ୍ଚିତ ରୁହ । କାରଣ ଏସବୁ ପରମ୍ପରା ଧର୍ମରେ ନୂଆ ନୂଆ ରୀତିକୁ ସ୍ଥାନ ଦେବ ଓ ଏହି ଚଳଣୀ ଧର୍ମକୁ ବିଗାଡ଼ି ଦେବ । ଯେପରି ଆଜିକାଲି ଦେଖାଯାଉଛି, ଅନ୍ୟାନ୍ୟ ଧର୍ମମାନଙ୍କରେ ଏହି କୁପ୍ରଥା ଓ ସାମାଜିକ ଚଳଣୀ ଅଗ୍ରଣୀ ସ୍ଥାନ ଗ୍ରହଣ କରି ଧର୍ମକୁ ବିଗାଡ଼ି ଦେଇଛି । ତେଣୁ ଏହା ହେବାର ଥିଲା, କାରଣ ଚଳିତ ଯୁଗରେ ଜୀବନ୍ତ ଧର୍ମ କେବଳ ଇସଲାମ । କିନ୍ତୁ ଯଦି ଆପଣ ସମୀକ୍ଷା କରିବେ, ତେବେ ଜାଣିପାରିବେ ଯେ ଅନ୍ୟ ଧର୍ମରେ ମଧ୍ୟ ଏ ସବୁ ଦେଖା ଦେଉଛି ଯେପରି କି ଖ୍ରୀଷ୍ଟଧର୍ମ । ଏହା ଗୋଟିଏ ଧର୍ମ ହୋଇଥିଲେ ସୁଦ୍ଧା ବିଭିନ୍ନ ସ୍ଥାନରେ, ବିଭିନ୍ନ ରାଷ୍ଟ୍ରରେ ନିଜର ସାମାଜିକ ଚାଲିଚଳଣ ଅନୁସାରେ ଖାପ ଖୁଆଇ ସେହିସବୁ କୁପ୍ରଥା ଓ ଅପସଂସ୍କୃତିକୁ ଧର୍ମର ଅଂଶ ବିଶେଷ କରି ନେଇଛନ୍ତି । ଆଫ୍ରିକାରେ ମଧ୍ୟ ସେହି ଅବସ୍ଥା ଦେଖାଦେଇଛି । ପୁଣି ଯେତେବେଳେ କୁପ୍ରଥା ଓ ରୀତି ରିୱାଜ୍‌ର ବାଟ ଖୋଲିଯାଏ, ସେତେବେଳେ ଧର୍ମରେ ନୂଆ ନୂଆ ପରମ୍ପରା ଉତ୍ପନ୍ନ ହୋଇ ଚାଲିଥାଏ । ତେଣୁ ହଜରତ୍ ମୁହମ୍ମଦ[ସଅ] ଏହି ପ୍ରଥାର ପ୍ରଚଳନକାରୀମାନଙ୍କୁ ଅତ୍ୟଧିକ ଭୟଭୀତ କରାଇଛନ୍ତି । କାରଣ ମହାଭାଗଙ୍କୁ ଏହାର ବହୁତ ଚିନ୍ତା ଥିଲା । ହଦିସରେ ବର୍ଣ୍ଣିତ ଅଛି, ମହାଭାଗ କହିଲେ 'ମୁଁ ତୁମଙ୍କୁ ଏହି ବିଦ୍‌ଅତ୍ ହେତୁ ମନରେ ଲୋଭ ଜନ୍ମିବା ଓ ପାର୍ଥିବ ଲାଳସାର ଶିକାର ହେବା ପ୍ରତି

ବହୁତ ଶଙ୍କାଗ୍ରସ୍ତ । ମୁଁ ଭୟ କରୁଛି ଯେ ଏହି କାରଣରୁ କାଳେ ଧର୍ମରେ କୁପ୍ରଥା ଉତ୍ପନ୍ନ ନ ହୋଇଯାଉ ଓ ତୁମେ ପଥଭ୍ରଷ୍ଟ ନ ହୋଇଯାଅ ।’

ଆଜିକାଲି ଆପଣମାନେ ଏଠାରେ ଏହି ପାଶ୍ଚାତ ସଭ୍ୟତାର ସମାଜ ଭିତରେ ବାସ କରୁଛନ୍ତି । ଏଠାରେ ସହସ୍ର ପ୍ରକାର ପ୍ରଥା, ରୀତି ରିୱାଜ ରହିଛି, ଯାହା ଆପଣଙ୍କୁ ବାସ୍ତବ ଧର୍ମଠାରୁ ଦୂରେଇ ନେଇ ଯାଇପାରେ । ଇସଲାମର ସୁନ୍ଦର ଶିକ୍ଷା ଉପରେ ପରଦା ପକାଇପାରେ । କାରଣ ସାଂସାରିକ ଜାକଜମକ ଅଧିକ ପ୍ରଭାବିତ କରିଥାଏ । ତେଣୁ ଏହି ସମାଜ ବା ପରିବେଶ ଭିତରେ ଅତି ସତର୍କତା ସହିତ ପଦଚାଳନା କରିବା ଆବଶ୍ୟକ । ସୁତରାଂ ଆମମାନଙ୍କ ସେମାନଙ୍କ କୁପ୍ରଥାକୁ ଆପଣାଇବା ପରିବର୍ତ୍ତେ ଇସଲାମର ଉତ୍ତମ ଓ ସୁନ୍ଦର ଶିକ୍ଷାରେ ଅନୁପ୍ରାଣୀତ ହେବା ଆବଶ୍ୟକ । ପ୍ରତ୍ୟେକ ଅହମଦୀର ଚରିତ୍ର ଏପରି ସୁଦୃଢ ଆଚରଣ ହେବା ଆବଶ୍ୟକ ଯେ ପାଶ୍ଚାତ ସମାଜ ତା’ଉପରେ ନିଜର ପ୍ରଭାବ ପକାଇ ପାରିବ ନାହିଁ । ନାରୀମାନଙ୍କ ପାଇଁ ପରଦାର ଇସଲାମୀୟ ଆଦେଶ ରହିଛି । ନାରୀମାନଙ୍କର ସମ୍ମାନ ଏଥିରେ ରହିଛି ଯେ ପରଦା ଦ୍ୱାରା ସେମାନଙ୍କର ଏକ ସାମାଜିକ ମର୍ଯ୍ୟାଦା ସ୍ପଷ୍ଟ ରୂପେ ଦୃଷ୍ଟିଗୋଚର ହୁଏ । ଯେତେବେଳେ ନାରୀ ସ୍ୱୟଂ ନିଜର ପରଦା କରିବ ଓ ସେ ସମାଜରେ ପରଦାର ବିଶେଷତ୍ୱ ବର୍ଣ୍ଣନା କରିବ, ତେବେ ତା’ର ପ୍ରଭାବ ସେହି ସମାଜରେ ପୁରୁଷ ଦ୍ୱାରା ପରଦା ଉପକାରିତା ବିଷୟରେ ବର୍ଣ୍ଣନା କରିବା ଅପେକ୍ଷା ଅଧିକ ପ୍ରଭାବଶାଳୀ ହେବ । ତେଣୁ ଯେଉଁ ନାରୀମାନେ ପରଦା କରନ୍ତି, ସେମାନଙ୍କର ଭିନ୍ନ ବେଶଭୂଷା ଯୋଗୁଁ ଧର୍ମ ପ୍ରଚାର କରିବାକୁ ମଧ୍ୟ ଅଧିକ ଅବସର ମିଳିଥାଏ । ଏ ଦିଗରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଆହୁରି ମଧ୍ୟ ଏହି ପାଶ୍ଚାତ୍ୟ ସଭ୍ୟତାର ଅନେକ ଅସତ କର୍ମ ରହିଛି । ସେ ସମସ୍ତକୁ ବାଧ ହୋଇ ଆମେ କେବଳ ଏଥିପାଇଁ ଆପଣାଇବା ନାହିଁ, ଯେହେତୁ ଆମେ ସେହି ସମାଜରେ ବାସ କରୁଛୁ । ଏହା ଏକ ଅତି ଭୟଙ୍କର ପରିସ୍ଥିତି । ଯେପରିକି ଯଦି ଆପଣଙ୍କର ବନ୍ଧୁତା କୌଣସି ଏପରି ବ୍ୟକ୍ତି ସହିତ ହୋଇଥାଏ, ଯେ ମଦ୍ୟପାନ କରେ ଓ ଆପଣ ତା’ସହିତ କୌଣସି ରେଷ୍ଟୁରାଣ୍ଟ କିମ୍ବା ‘ବାର’ ମଦ ବିକ୍ରୟ ସ୍ଥାନକୁ ଚାଲିଯାଆନ୍ତି ଏବଂ ଏହାକୁ ଠିକ ବୋଲି ମନେ କରନ୍ତି । ସେ ତା’ର ମଦ ପିଉଥାଉ, କିନ୍ତୁ ମୁଁ ଚା, କଫି କିମ୍ବା ଅନ୍ୟ ଯେ କୌଣସି ପାନୀଅ ବ୍ୟବହାର କରିବି । ତେବେ ଏହା ମଧ୍ୟ ଭୁଲ ଏକ କାର୍ଯ୍ୟ । ବହୁତ ସତ୍ତର୍କତାର ଆବଶ୍ୟକତା ରହିଛି । କାଳେ ଏକଥା ନହେଉ ତା’ର କଥାରେ ପ୍ରଭାବିତ ହୋଇ ପ୍ରଥମେ ଗୋଟିଏ ଢୋକ ପିଇନେବେ, ପୁଣି ପରେ ଏହା ନୀତିଗତ ଅଭ୍ୟାସରେ ପରିଣତ ହୋଇଯିବ । ଅଲ୍ଲାଃତାଲା ନକରନ୍ତୁ ଯେ ଏପରି ଅବସ୍ଥା ହେଉ । ତେଣୁ

ନିମ୍ନଲିଖିତ ହଦିସ୍‌କୁ ଯେଉଁଥିରେ ହଜରତ ମୁହମ୍ମଦ[ସଅ] ଅତ୍ୟଧିକ ଚିନ୍ତା କରିଛନ୍ତି, ତାହା ମୁଁ ଆପଣମାନଙ୍କ ସମ୍ମୁଖରେ ପ୍ରସ୍ତୁତ କରୁଛି । ହଜରତ୍ ଅବୁ ବରଜ[ରଅ] ବର୍ଣ୍ଣନା କରିଛନ୍ତି ଯେ ନବୀ କରିମ[ସଅ] କହିଲେ 'ସେହି ବିଷୟ, ଯେଉଁ କାରଣରୁ ମୁଁ ତୁମ ପାଇଁ ଆଶଙ୍କାରେ ରହିଛି, ତାହା ଏପରି ଅନୁଚିତ କାମନା, ଯାହା ତୁମ ପେଟ ଓ ଯୌନାଙ୍ଗ ଦ୍ୱାରା ଉତ୍ପନ୍ନ ହୋଇଯିବ । ଏହାର ଫଳ ସ୍ୱରୂପ ତୁମେ ପଥଭ୍ରଷ୍ଟ ହୋଇ ଯିବାର ସମ୍ଭାବନା ଦେଖାଦେବ ।' (ମସନଦ ବିନ୍ ହମ୍ବଲ, ଭାଗ-୪, ପୃ :୪୨୩)

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି 'ଯେ ପର୍ଯ୍ୟନ୍ତ ମନୁଷ୍ୟ ସତ୍ୟକାମୀ ତପସ୍ୟା ବା ସାଧନା ନ କରିବ ଏବଂ କଠିନ ପରିଶ୍ରମ ଦ୍ୱାରା ନିଜ ଚରିତ୍ର ନ ସୁଧାରିବ, ଜ୍ଞାନର ଭଣ୍ଡାର ଯାହା ଇସଲାମରେ ରହିଛି ଏବଂ ଯାହାକୁ ପ୍ରାପ୍ତ କଲେ ପାପମୟ ଜୀବନର ମୃତ୍ୟୁ ଘଟିଥାଏ, ଯଦ୍ଦ୍ୱାରା ମନୁଷ୍ୟ ପ୍ରଭୁଙ୍କୁ ଦର୍ଶନ କରିପାରିବ ଓ ତାଙ୍କ ସହିତ ବାର୍ତ୍ତାଳାପ କରିପାରିବ, ସେ ସବୁ ପ୍ରାପ୍ତ ହୋଇପାରିବ ନାହିଁ । ତେଣୁ ସ୍ପଷ୍ଟ ଶବ୍ଦରେ ଅଲ୍ଲାଃ କହୁଛନ୍ତି:

﴿وَاَمَّا مَنْ خَافَ مَقَامَ رَبِّهٖ وَنَهَى النَّفْسَ عَنِ الْهَوٰى فَاِنَّ الْجَنَّةَ هِىَ الْمَاْوٰى﴾

ୱଅମ୍ମା ମନ୍‌ଖାଫା ମକାମା ରବ୍‌ବେହୀ ୱନହନ୍ ନଫ୍‌ସା ଅନିଲ୍‌ହୱା ଫଇନ୍ନଲ୍ ଯନ୍ନତା ହିୟଲ୍ ମାୱା **(ଅନ୍ ନାଜିଆତ୍ ୪୧-୪୨)**

ଏହା ଅତି ସରଳ କଥା ଯେ ଜଣେ ବ୍ୟକ୍ତି ଅହଂକାର ପୂର୍ଣ୍ଣ ଭାବରେ କୁହେ 'ମୁଁ ଅଲ୍ଲାଃତାଲା ପ୍ରତି ବିଶ୍ୱାସ ରଖୁଛି । କିନ୍ତୁ ଏ ଦାବୀ କରିବା ସତ୍ତ୍ୱେ ଯଦି ବିଶ୍ୱାସର କୌଣସି ଚିହ୍ନ ଓ କୌଣସି ପରିଣାମ ଉତ୍ପନ୍ନ ହୁଏନାହିଁ, ଏହା କେବଳ ବାଚନିକ ମାତ୍ର ହେବ । ଏପରି ବ୍ୟକ୍ତି ଅଲ୍ଲାଃଙ୍କର କୌଣସି ପରୱା କରନ୍ତି ନାହିଁ ଏବଂ ଅଲ୍ଲାଃତାଲା ମଧ୍ୟ ସେମାନଙ୍କର ପରୱା କରନ୍ତି ନାହିଁ ।' (ଅଲ୍ ହକମ୍, ଭାଗ ୯, ନମ୍ବର ୨୯, ପୃ ୬)

ପୁଣି ସେ କହିଛନ୍ତି 'ଯେ କେହି ନିଜ ପାଳନ କର୍ତ୍ତାଙ୍କ ସମ୍ମୁଖରେ ଛିଡ଼ା ହେବା ପାଇଁ ଭୟ କରେ ଓ ନିଜର ଅନୁଚିତ ଇଚ୍ଛା ବା ଆକାଂକ୍ଷାକୁ ଦମନ କରି ରଖେ, ତେବେ ତା'ର ସ୍ଥାନ ବୈକୁଣ୍ଠ ହୋଇଥାଏ । ମନର ବିକାରକୁ ରୋକିବା ହିଁ ଅଲ୍ଲାଃଙ୍କ ମଧ୍ୟରେ ବିଲୀନ ହେବା ଓ ଏହାଦ୍ୱାରା ମନୁଷ୍ୟ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତ କରି ଏହି ସଂସାରରେ ବୈକୁଣ୍ଠ ପ୍ରାପ୍ତ କରିପାରେ । (ବଦର୍, ଭାଗ ନମ୍ବର ୧, ୩ ଅଗଷ୍ଟ ୧୯୦୫, ପୃ ୨)

# ଇସଲାମୀୟ ଶିକ୍ଷା ପାଇଁ ଆମର ମାର୍ଗଦର୍ଶକ ହେଉଛି ପବିତ୍ର କୁର୍‌ଆନ

ସୁତରାଂ କୁପ୍ରଥା ଓ ଅପ ସଂସ୍କୃତି ତଥା ଲୋଭ, ମୋହ, ପାର୍ଥିବ, ଲାଳସାରୁ ବଞ୍ଚିତ ରହିବା ଇସଲାମୀୟ ଶିକ୍ଷାର ଅଂଶ ବିଶେଷ । ଉକ୍ତ ଶିକ୍ଷାକୁ ବୁଝିବା ନିମନ୍ତେ ଆମର ମାର୍ଗଦର୍ଶକ ହେଉଛି କୁରଆନ । ବାସ୍ତବିକ ରୂପେ ଯଦି ଜଣେ ବିଶ୍ୱାସକାରୀ କୁରଆନ ପୂର୍ଣ୍ଣତଃ ନିଜ ଜୀବନର ନିର୍ଦ୍ଧାରିତ ନିୟମ କରିନିଏ, ତାହେଲେ ସମସ୍ତ କୁକର୍ମ ଆପେ ଆପେ ସମାପ୍ତ ହୋଇଯାଏ । କୌଣସି ପ୍ରକାର ଲୋଭ ଲାଳସାର ସ୍ଥାନ ହୃଦୟରେ ଆଉ ରହେ ନାହିଁ । କାରଣ ଏହା ସେହି ଦିବ୍ୟଗ୍ରନ୍ଥ, ଯାହା ଆମର ସଂସ୍କୃତି ରୂପେ ଶରିୟତ୍ ବା ଧାର୍ମିୟ ବିଧାନକୁ ସମ୍ପୂର୍ଣ୍ଣ କରିବା ସହିତ ମନୁଷ୍ୟ ଜୀବନର ସମସ୍ତ ଦିଗକୁ ଏକତ୍ରିତ କରି ଅଲ୍ଲାଃ ହଜରତ୍ ମୁହମ୍ମଦ[ସଅ]ଙ୍କ ପବିତ୍ର ହୃଦୟରେ ଅବତୀର୍ଣ୍ଣ କଲେ । ପୁଣି ଯେଉଁଠାରେ ଆବଶ୍ୟକତା ଥିଲା, ରସୁଲୁଲ୍ଲାଃ ନିଜ କଥନ ଓ କର୍ମ ଦ୍ୱାରା ଓ ସାମାଜିକ କାର୍ଯ୍ୟକଳାପ ଦ୍ୱାରା ଏହାର ସ୍ପଷ୍ଟୀକରଣ କରିଥିଲେ । ତେଣୁ ହଜରତ୍ ମସିହ ମଉଦ୍[ଅସ] କହିଲେ 'ଏହାକୁ ତୁମେମାନେ ନିଜ ମନ ମସ୍ତିଷ୍କରେ ଗ୍ରହଣ କର । ଏହି ସଂକ୍ରାନ୍ତରେ ପବିତ୍ର କୁରଆନ, ହଦିସ ଓ ହଜରତ୍ ମସିହ ମଉଦ[ଅସ]ଙ୍କର କିଛି ଉଦାହରଣ ଦେଉଛି : ଅଲ୍ଲାଃତାଲା କହିଛନ୍ତି:

﴿وَلَقَدْ يَسَّرْنَا الْقُرْاٰنَ لِلذِّكْرِ فَهَلْ مِنْ مُّدَّكِرٍ﴾

ୱ୍ଲକଦ୍ ୟସ୍‌ସର୍‌ନଲ୍ କୁରଆନା ଲିଜ୍ ଜିକରି ଫହଲ୍ ମିମ୍ ମୁଦ୍‌ଦକିରିନ୍

ଅର୍ଥାତ 'ଏବଂ ନିସେନ୍ଦହ ଆମ୍ଭେ କୁର୍‌ଆନ୍‌କୁ ଉପଦେଶ ନିମନ୍ତେ ଅତି ସରଳ କରିଛୁ । ତେଣୁ କେହି ଅଛିକି ଏହି ଉପଦେଶକୁ ଗ୍ରହଣ କରିବ ?'

**(ଅଲ କମର ୧୮)**

ହଦିସ୍‌ରେ ବର୍ଣ୍ଣିତ ଅଛି ଯେ ହଜରତ୍ ଅବୁ ମୁସା ଅଶ୍‌ଅରି[ରଅ] କହିଛନ୍ତି ନବୀ କରୀମ[ସଅ] କହିଲେ 'ଏପରି ବିଶ୍ୱାସକାରୀ ଯେଉଁମାନେ କୁର୍‌ଆନ ପାଠ କରନ୍ତି ଓ ତା'ଉପରେ ପାଳନ କରନ୍ତି, ସେମାନେ ନାରଙ୍ଗୀ ସଦୃଶ, ଯାହାର ସ୍ୱାଦ ମଧ୍ୟ ଭଲ ହୋଇଥାଏ ଓ ତାହାର ସୁବାସ ମଧ୍ୟ ଉତ୍ତମ ହୋଇଥାଏ । ଏପରି ବିଶ୍ୱାସକାରୀ ଯିଏ କୁରଆନ୍ ପାଠ କରେ ନାହିଁ । କିନ୍ତୁ ଏହା ଉପରେ ପାଳନ କରିବାକୁ ଯଦି ଚେଷ୍ଟାରତ ଥାଏ, ସେ ଖଜୁରୀ ପରି ହୋଇଥାଏ, ଯାହାର ସ୍ୱାଦ ତ ଅତି ଭଲ ହୋଇଥାଏ, ହେଲେ ତା'ର କୌଣସି ସୁଗନ୍ଧ ନଥାଏ । କୁରଆନ କରୀମ ପାଠ କରିବା ମୁନାଫିକ୍ (କପଟ

ବିଶ୍ୱାସୀ)ଙ୍କ ପରି ଏକ ଦୃଷ୍ଟାନ୍ତ ହୋଇପାରେ । ଏହା ଗୋଟିଏ ସୁଗନ୍ଧିତ ପୁଷ୍ପଭରା ଗଛ ପରି ହୋଇଥାଏ, ଯାହା ସୁଗନ୍ଧିତ ଥାଏ ଅଥଚ ତା'ର ଫଳ ଅତି ତିକ୍ତ ହୋଇଥାଏ । କୁର୍‌ଆନ କରୀମ ପଠନ କରୁଥିବା ମୁନାଫିକ୍‌ଙ୍କ ଉଦାହରଣ ଏପରି ଯେ ସେ ବନଜାତ ଫଳ ପରି, ଯାହାର ସ୍ୱାଦ ମଧ୍ୟ ଖରାପ ଓ ଗନ୍ଧ ମଧ୍ୟ ଖରାପ ହୋଇଥାଏ ।

(ବୁଖାରି, କିତାବୁଲ୍ ଫଜାଏଲ୍ କୁରଆନ)

ହଜ୍‌ରତ୍ ମସିହ ମଉଦ୍[ଅସ] କହିଛନ୍ତି 'ପବିତ୍ର କୁର୍‌ଆନ ଗୁଢ଼ ତତ୍ତ୍ୱରେ ପରିପୂର୍ଣ୍ଣ ରହିଛି । ପ୍ରତ୍ୟେକ ଶିକ୍ଷାରେ ବାଇବେଲ ତୁଳନାରେ ବାସ୍ତବିକ ସତ୍‌କର୍ମର ଶିକ୍ଷା ଦେବାରେ ଏହାର ପାଦ ଆଗରେ ରହିଛି । ବିଶେଷତଃ ସତ୍ୟ ଓ ଅପରିବର୍ତ୍ତନଶୀଳ ପ୍ରଭୁଙ୍କୁ ଦେଖିବାର ଜ୍ୟୋତିର୍ମୟ ଦୀପ କୁର୍‌ଆନ୍ ହସ୍ତରେ ହିଁ ରହିଛି । ଯଦି ସଂସାରକୁ ତାହା ଆସି ନଥାନ୍ତା, ତେବେ ଅଲ୍ଲାଃ ଜାଣନ୍ତି ଯେ ସଂସାରରେ ସୃଷ୍ଟଜ ବସ୍ତୁମାନଙ୍କ ପୂଜାର ସୀମା କେଉଁ ପର୍ଯ୍ୟନ୍ତ ପହଞ୍ଚିଥାନ୍ତା । ତେଣୁ ଏହା ଧନ୍ୟବାଦର ସ୍ଥାନ ଯେ ପ୍ରଭୁଙ୍କ ଏକେଶ୍ୱରବାଦ ଯାହାକି ସଂସାରରୁ ଲୁପ୍ତ ହୋଇଯାଇଥିଲା, ତାହା ପୁନଃ ସ୍ଥାପିତ ହୋଇଗଲା ।' (ତୋହଫା କୈଶରିଆ, ରୁହାନି ଖଜାଇନ, ଭାଗ ୧୨, ପୃ : ୨୮୨)

# ପବିତ୍ର କୁରଆନ ହିଁ ତୁମ ଜୀବନ

ସେ ପୁଣି କହିଛନ୍ତି 'କୁର୍‌ଆନ ଶରିଫଙ୍କୁ ପରିତ୍ୟକ୍ତ ଭାବେ ଛାଡ଼ିଦିଅ ନାହିଁ । କାରଣ ଏଥିରେ ହିଁ ତୁମର ଜୀବନ ରହିଛି । ଯେଉଁମାନେ କୁର୍‌ଆନକୁ ସମ୍ମାନ ଦିଅନ୍ତି, ସେମାନଙ୍କୁ ଆକାଶରେ ସମ୍ମାନ ପ୍ରାପ୍ତି ହେବ । ଯେଉଁମାନେ ପ୍ରତ୍ୟେକ ହଦିସ୍ ଓ ପ୍ରତ୍ୟେକ କଥନ ଉପରେ କୁର୍‌ଆନ୍‌କୁ ପ୍ରମୁଖ ଭାଗରେ ରଖିବେ, ସେମାନଙ୍କୁ ସ୍ୱର୍ଗରେ ପ୍ରମୁଖତା ପ୍ରଦାନ କରାଯିବ । ମାନବ ଜାତିପାଇଁ ଭୂପୃଷ୍ଠ ଉପରେ ଏବେ କୌଣସି ଗ୍ରନ୍ଥ ନାହିଁ କିନ୍ତୁ ପବିତ୍ର କୁରଆନ । ଏବଂ ସମସ୍ତ ମାନବ ଜାତି ପାଇଁ ଅନ୍ୟ କୌଣସି ରସୁଲ୍ (ବାର୍ତ୍ତାବହ) ଓ ଶଫି (ସୁପାରିଶ କର୍ତ୍ତା) ନାହାନ୍ତି, କିନ୍ତୁ ହଜରତ୍ ମୁହମ୍ମଦ୍ ମୁସ୍ତାଫା[ସଅ] ।'

(କିସ୍ତି ନୁହ, ରୁହାନି ଖଜାଇନ୍, ଭାଗ ୧୦, ପୃ : ୧୩)

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି 'ପବିତ୍ର କୁର୍‌ଆନ ନିଜର ଆଧ୍ୟାତ୍ମିକ ବିଶେଷତ୍ୱ ଓ ନିଜର ପ୍ରକାଶ ଦ୍ୱାରା ସତ୍ୟାନ୍ୱେଷୀମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ଓ ତାଙ୍କ ହୃଦୟକୁ ପ୍ରକାଶିତ କରିଥାଏ । ବଡ଼ ବଡ଼ ଚିହ୍ନ ଦେଖାଇ ପ୍ରଭୁଙ୍କ ସହିତ ଏପରି ସୁଦୃଢ଼ ସମ୍ବନ୍ଧ ସ୍ଥାପନ କରିଥାଏ ଯେ ତାହା କୌଣସି ତରବାରୀ ବା ଅସ୍ତ୍ର ଦ୍ୱାରା ଖଣ୍ଡିତ ହୋଇପାରେ ନାହିଁ । ଯିଏ ତାକୁ ଖଣ୍ଡନ କରିବାକୁ ଚେଷ୍ଟାକରେ, ତାକୁ

ଦମନ କରିବା ପୂର୍ବକ ସେ ହୃଦୟର ଚକ୍ଷୁ କୁ ଖୋଲିଦିଏ ଓ ପାପର ମନ୍ଦ ସ୍ରୋତକୁ ବନ୍ଦ କରିଦିଏ । ଈଶ୍ୱରଙ୍କ ସହିତ ଆନନ୍ଦଦାୟକ ବାର୍ତ୍ତାଳାପ ପାଇଁ ଯୋଗ୍ୟ କରିଦିଏ ଓ ପରୋକ୍ଷର ଜ୍ଞାନ ପ୍ରଦାନ କରିଥାଏ । ପ୍ରାର୍ଥନା ଗ୍ରହଣ କରିବା ପରେ ନିଜ ବାଣୀ ଦ୍ୱାରା ପ୍ରଭୁ ସୂଚନା ଦେଇଥାନ୍ତି । ଏବଂ ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ପବିତ୍ର କୁରଆନର ସତ୍ୟତାର ସହିତ ପ୍ରକୃତ ଅନୁଗାମୀଙ୍କ ପ୍ରତି ବିରୋଧ ଆଚରଣ ପ୍ରଦର୍ଶନ କରେ, ଈଶ୍ୱର ତାଙ୍କ ପ୍ରଚଣ୍ଡ ନିଦର୍ଶନ ସହିତ ପ୍ରକଟିତ ହୁଅନ୍ତି ଯେ ସେ ସେହି ଭକ୍ତଙ୍କ ସହିତ ଅଛନ୍ତି, ଯେଉଁମାନେ ତାଙ୍କ ଦିବ୍ୟବାଣୀକୁ ଅନୁସରଣ କରନ୍ତି ।'

(ଚଶମା ଏ ମାରିଫତ, ରୁହାନି ଖଜାଇନ୍, ଭାଗ -୨୩, ପୃ : ୩୦୮-୩୦୯)

ପୁଣି କହିଛନ୍ତି 'ତେଣୁ ତୁମେ ସାବଧାନ ରୁହ, ପ୍ରଭୁଙ୍କ ଶିକ୍ଷା ଓ ପବିତ୍ର କୁର୍‌ଆନ୍‌ର ପ୍ରଦର୍ଶିତ ମାର୍ଗର ବିପରୀତରେ ପାଦେ ହେଲେ ଆଗକୁ ପାଦ ଉଠାଅ ନାହିଁ । ମୁଁ ତୁମକୁ ସତ୍ୟ କହୁଛି ଯେ କୌଣସି ବ୍ୟକ୍ତି ପବିତ୍ର କୁର୍‌ଆନର ସାତ ଶହଟି ଆଦେଶ ମଧ୍ୟରୁ କୌଣସି ଛୋଟ ଆଦେଶ ଟାଳିବାକୁ ଚେଷ୍ଟା କରେ, ସେ ମୁକ୍ତିର ଦ୍ୱାରକୁ ନିଜ ହସ୍ତରେ ବନ୍ଦ କରିଥାଏ । ସଚ୍ଚା ଓ ପୁର୍ଣ୍ଣତଃ ମୁକ୍ତିର ମାର୍ଗ କୁରଆନ ହିଁ ଖୋଲି ଦେଇଛି, ଅନ୍ୟଥା ଆଉ ଯେତେ ଗ୍ରନ୍ଥ ରହିଥିଲେ ସେସବୁ ଏହାର ଛାୟା ମାତ୍ର । ତେଣୁ ତୁମେମାନେ ପବିତ୍ର କୁରଆନକୁ ସମ୍ପୂର୍ଣ୍ଣ ବୁଝି ବିଚାରି ପାଠ କର ଓ ତା' ସହିତ ଅତ୍ୟଧିକ ପ୍ରେମ କର । ଏପରି ପ୍ରେମ, ଯାହା ତୁମେ କାହାରି ସହିତ କରି ନଥିବ । କାରଣ ଯେପରିକି ପ୍ରଭୁ ମୋତେ ସମ୍ବୋଧନ କରି କହିଛନ୍ତି, اَلْخَيْرُ كُلُّهٗ فِى الْقُرْاٰنِ 'ଅଲ୍‌ଖୈରୁ କୁଲ୍ଲୋହୁ ଫିଲ୍ କୁର୍‌ଆନ୍' ସମସ୍ତ ପ୍ରକାର କଲ୍ୟାଣ ପବିତ୍ର କୁର୍‌ଆନରେ ରହିଛି, ଏହା ହିଁ ସତ୍ୟ । ଦୁଃଖ ଲାଗେ ସେହି ଲୋକମାନଙ୍କ ପ୍ରତି ଯେଉଁମାନେ କୌଣସି ଅନ୍ୟ ବସ୍ତୁକୁ ତା'ଉପରେ ପ୍ରାଧାନ୍ୟ ଦିଅନ୍ତି । ତୁମର ସମସ୍ତ ପ୍ରକାରର ସଫଳତା ଓ ମୁକ୍ତିର ମାର୍ଗ କୁର୍‌ଆନ୍‌ରେ ରହିଛି । ତୁମର ଯେକୌଣସି (ଧର୍ମଗତ) ଆବଶ୍ୟକତା ଓ ସମସ୍ୟା ଏପରି ନାହିଁ, ଯାହାର ସମାଧାନ ପବିତ୍ର କୁର୍‌ଆନ୍‌ରେ ରହି ନାହିଁ । ଅନ୍ତିମ ବିଚାର ଦିନ ତୁମର ଧର୍ମ ବିଶ୍ୱାସ ସତ୍ୟ ହେବ କି ମିଥ୍ୟା ହେବ, ତା'ର କଷୋଟି ହେଉଛି କୁର୍‌ଆନ । ପବିତ୍ର କୁର୍‌ଆନ ବ୍ୟତୀତ ଆକାଶ ତଳେ ଅନ୍ୟ କୌଣସି ପୁସ୍ତକ ନାହିଁ, ଯାହା କୁର୍‌ଆନ୍ ମାଧ୍ୟମ ବିନା ସିଧାସଳଖ ଭାବେ ତୁମର ମାର୍ଗଦର୍ଶନ କରାଇ ପାରିବ । ପ୍ରଭୁ ତୁମ ଉପରେ ଅସୀମ କୃପା କରିଛନ୍ତି ଯେ ପବିତ୍ର କୁର୍‌ଆନ ପରି ଦିବ୍ୟ ପୁସ୍ତକ ତୁମକୁ ପ୍ରଦାନ କରିଛନ୍ତି । ମୁଁ ତୁମଙ୍କୁ ସତ୍ୟ କହୁଛି ଯେ ସେହି ପୁସ୍ତକ ଯାହାକୁ ତୁମ ସମ୍ମୁଖରେ ପାଠ କରାଯାଇଛି, ଯଦି ତାହା ଖ୍ରୀଷ୍ଟିୟାନମାନଙ୍କ ସମ୍ମୁଖରେ ପାଠ କରାଯାଇ ଥାଆନ୍ତା, ତେବେ ସେମାନେ ଧ୍ୱଂସ

ହୋଇ ନଥାନ୍ତେ । ଏହି ପୁରସ୍କାର ଓ ନିଦର୍ଶନ କେବଳ ତୁମଙ୍କୁ ପ୍ରଦାନ କରାଯାଇଛି । ଯଦି ତୌରାତ ପରିବର୍ତ୍ତେ ୟହୁଦିମାନଙ୍କୁ କୁରଆନ ଦିଆ ଯାଇଥାନ୍ତା, ତେବେ ତାଙ୍କର କେତେକ ଗୋଷ୍ଠୀ କୟାମତ ବା ଅନ୍ତିମ ବିଚାର ଦିବସର ଅବଜ୍ଞାକାରୀ ହୋଇନ ଥାନ୍ତେ । ତେଣୁ ଏହି ଆଶୀର୍ବାଦର ସମ୍ମାନ କର, ଯାହା ତୁମଙ୍କୁ ପ୍ରଦାନ କରାଯାଇଛି । ଏହା ଅତି ପ୍ରିୟ ପୁରସ୍କାର ଓ ଏକ ବିଶାଳ ସମ୍ପଦ । ଯଦି କୁର୍‌ଆନ୍ ଆସି ନଥାନ୍ତା, ତେବେ ସମସ୍ତ ସଂସାର ଏକ ଦୁର୍ଗନ୍ଧଯୁକ୍ତ ମାଂସ ପିଣ୍ଡୁଳା ସଦୃଶ ହୋଇ ରହି ଯାଇଥାନ୍ତା । କୁର୍‌ଆନ୍ ସେହି ପୁସ୍ତକ, ଯାହା ଆଗରେ ସମସ୍ତ ନିଦର୍ଶନ ତୁଚ୍ଛ ।'

(କିସ୍ତି ନୂହ, ରୁହାନି ଖଜାଇନ୍, ଭାଗ ୧୯, ପୃ ୨୬-୨୭)

ସେଥିପାଇଁ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜର ସମୀକ୍ଷା କରିବା ଆବଶ୍ୟକ ଯେ କେଉଁ ସୀମା ପର୍ଯ୍ୟନ୍ତ ପବିତ୍ର କୁର୍‌ଆନ ପ୍ରତି ମନୁଷ୍ୟ ପ୍ରେମ କରୁଛି ଓ ତାହାର ଆଦେଶକୁ ପାଳନ କରୁଛି । ଏହାର ଶିକ୍ଷାକୁ ଅନୁକରଣ କରିବା ପାଇଁ ମଧ୍ୟ ପ୍ରୟାସ କରୁଛି । ପ୍ରେମକୁ ପ୍ରଦର୍ଶିତ କରିବାର ମଧ୍ୟ ଏକ ଶିଷ୍ଟାଚାର ରହିଛି । ସବୁଠାରୁ ଆବଶ୍ୟକ ବିଷୟ ଯାହା ପ୍ରତ୍ୟେକ ଅହମଦିକୁ ନିଜ ଉପରେ ଧାର୍ଯ୍ୟ କରିନେବା ଉଚିତ । ତାହା ହେଉଛି ଦୈନିକ ନିରନ୍ତର ଅନ୍ତତଃ ପକ୍ଷେ ଦୁଇ ବା ତିନି ପରିଚ୍ଛଦ (ରୁକୁ) ଅବଶ୍ୟ ଆବୃତ୍ତି (ତିଲାଓ୍ୱତ) କରିବ । ପୁଣି ଦ୍ୱିତୀୟ ଚରଣରେ ଏହାର ଅନୁବାଦକୁ ମଧ୍ୟ ଅଧ୍ୟୟନ କରିବା । ଦୈନିକ କୁରଆନ ଆବୃତ୍ତି ସହିତ ଅନୁବାଦ ପାଠ କଲେ ଧିରେ ଧିରେ ଏହି ସୁନ୍ଦର ଶିକ୍ଷା ଆପଣା ଛାଏଁ ମନ ମସ୍ତିଷ୍କରେ ପ୍ରବେଶ କରିବା ଆରମ୍ଭ ହୋଇଯିବ ।

ପୁଣି ଏହି ଷଷ୍ଠ ସର୍ତ୍ତରେ ହଜରତ୍ ମସିହ ମଉଦ୍[ଅସ] ଏକଥା ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ ଅଲ୍ଲାଃ ଓ ରସୁଲ୍ ଆଦେଶମାନଙ୍କୁ ନିଜର ପ୍ରତ୍ୟେକ କାର୍ଯ୍ୟରେ ଆଦର୍ଶ ଭିତ୍ତିକ ଆଚରଣ ରୂପେ ସମ୍ମୁଖରେ ରଖିବ । ଯେତେବେଳେ ଆବଶ୍ୟକ ହେବ ସେଗୁଡ଼ିକ ଅଧ୍ୟୟନ କରି ତହିଁରୁ ପରାମର୍ଶ ଗ୍ରହଣ କରିବ । ଏବେ ଏହା କ'ଣ କେବଳ ମୌଖିକ ଭାବରେ ତୁଣ୍ଡରେ କହିବା କଥା କି? ଏହି ପ୍ରତିଜ୍ଞାକୁ ପୂରଣ କରିବା ବିଷୟରେ ମନୁଷ୍ୟ ଯେତେବେଳେ ଗୁରୁତର ସହିତ ବିଚାର କରିବ, ତେବେ ସେ ଚିନ୍ତାଗ୍ରସ୍ତ ହୋଇ ପଡିବା । କାରଣ ଅଲ୍ଲାଃତାଲା କହିଛନ୍ତି :

﴿يَـٰٓأَيُّهَا الَّذِيْنَ اٰمَنُوْٓا اَطِيْعُوا اللّٰهَ وَاَطِيْعُوا الرَّسُوْلَ وَ اُولِى الْاَمْرِ

مِنْكُمْ فَاِنْ تَنَازَعْتُمْ فِىْ شَىْءٍ فَرُدُّوْهُ اِلَى اللّٰهِ وَالرَّسُوْلِ اِنْ كُنْتُمْ

﴿ تُؤْمِنُوْنَ بِاللّٰهِ وَالْيَوْمِ الْاٰخِرِ ذٰلِكَ خَيْرٌ وَّ اَحْسَنُ تَاْوِيْلًا ﴾

ୟା ଅୟୁହଲ୍ ଲଜିନା ଆମନୁ ଅତିଉଲ୍ଲାହା ଓ୍ୱତିଉର୍ ରସୁଲା ଓ୍ୱଉଲିଲ୍ ଅମ୍‌ରେ ମିନ୍‌କୁମ୍ ଫଇନ୍ ତନାଜାଅତୁମ୍ ଫିଶୈଇନ୍ ଫରୁଦ୍ଦୁହୁ ଇଲଲ୍ଲାହେ ଓ୍ୱର୍‌ରସୁଲି ଇନ୍‌କୁନ୍‌ତୁମ୍ ତୁମିନୁନା ବିଲ୍ଲାହି ଓ୍ୱଲ୍ ୟୋମିଲ୍ ଆଖିର୍ ଜାଲିକା ଖୈରୁଉଁ ଓ୍ୱ ଅହସନୁ ତାଓ୍ୱିଲା

ଅର୍ଥାତ୍ 'ହେ ଲୋକମାନେ, ଯେଉଁମାନେ ବିଶ୍ୱାସ ସ୍ଥାପନ କରିଛ, ଅଲ୍ଲାଃତାଲାଙ୍କ ଆଜ୍ଞା ପାଳନ କର ଓ ରସୁଲ୍‌ଙ୍କ ଆଜ୍ଞାର ପାଳନ କର ତଥା ନିଜର ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ମଧ୍ୟ ଆଜ୍ଞାବହ ହୁଅ । ଯଦି ତୁମର କୌଣସି ବିଷୟରେ ବରିଷ୍ଠ ଅଧିକାରୀମାନଙ୍କ ସହିତ ମତଭେଦ ହୋଇଯାଏ, ତେବେ ଏପରି ବିଷୟକୁ ଅଲ୍ଲାଃ ଓ ତାଙ୍କ ରସୁଲ୍ ଆଡ଼କୁ ଫେରାଇ ଦିଅ, ଯଦି ବାସ୍ତବରେ ତୁମେ ଅଲ୍ଲାଃ ଓ ପରକାଳ ଉପରେ ବିଶ୍ୱାସ ରଖୁଛ । ଏହା ଉତ୍ତମ ପନ୍ଥା ଯାହା ପରିଣାମ ଦୃଷ୍ଟିରୁ ମଧ୍ୟ ଶ୍ରେୟସ୍କର ।' **(ଅନ୍ ନିସା ୬୦)**

ପୁଣି କହିଛନ୍ତି

﴿ اَطِيْعُوا اللّٰهَ وَالرَّسُوْلَ لَعَلَّكُمْ تُرْحَمُوْنَ ﴾

'ଅତିଉଲ୍ଲାହା ଓର୍‌ରସୁଲା ଲାଅଲ୍ଲକୁମ୍ ତୁର୍‌ହମୁନ୍

ଅର୍ଥାତ୍ 'ଅଲ୍ଲାଃ ଓ ରସୁଲ୍‌ଙ୍କ ଆଜ୍ଞା ପାଳନ କର ଯଦ୍ୱାରା ତୁମ ଉପରେ ଦୟା କରାଯିବ ।' **(ଆଲେ ଇମ୍ରାନ ୧୩୩)**

ପୁଣି କହିଛନ୍ତି

﴿ يَسْـَٔلُوْنَكَ عَنِ الْاَنْفَالِ قُلِ الْاَنْفَالُ لِلّٰهِ وَالرَّسُوْلِ فَاتَّقُوا اللّٰهَ وَاَصْلِحُوْا ذَاتَ بَيْنِكُمْ وَاَطِيْعُوا اللّٰهَ وَرَسُوْلَهٗ اِنْ كُنْتُمْ مُّؤْمِنِيْنَ ﴾

'ୟସ୍ ଅଲୁନକା ଅନିଲ୍ ଅନ୍‌ଫାଲ୍ କୁଲିଲ୍ ଅନ୍‌ଫାଲୁ ଲିଲ୍ଲାହେ ଓ୍ୱର୍‌ରସୁଲ୍ ଫତ୍‌ତକୁଲ୍ଲାହା ଅସଲେହୁ ଜାତା ବୈନିକୁମ୍ ଓ୍ୱଅତିଉଲ୍ଲାହା ଓ୍ୱରସୁଲହୁ ଇନ୍‌କୁନ୍‌ତୁମ୍ ମୁମିନିନ୍

ଅର୍ଥାତ୍ 'ହେ ରସୁଲ୍ ! ଲୋକମାନେ ତୁମଙ୍କୁ 'ମାଲେ ଗନିମତ' (ଯୁଦ୍ଧରେ ପରାଜିତ ହୋଇଥିବା ପକ୍ଷଙ୍କ ଦ୍ୱାରା ଛାଡ଼ି ଯାଇଥିବା ଧନ) ବିଷୟରେ ପଚାରୁଛନ୍ତି । ତୁମେ ତାଙ୍କୁ କହିଦିଅ ସେହି ଗନିମତର ଧନ ଅଲ୍ଲାଃ ଓ ରସୁଲ୍‌ଙ୍କର ।

ଅତଏବ ଅଲ୍ଲାଃଙ୍କୁ ଭୟକର ଓ ପରସ୍ପର ମଧ୍ୟରେ ସୁଧାର ସୃଷ୍ଟି କର । ଯଦି ତୁମେମାନେ ବିଶ୍ୱାସକାରୀ, ତେବେ ଅଲ୍ଲାଃ ଓ ରସୁଲଙ୍କ ଆଜ୍ଞା ପାଳନ କର ।' **(ଅଲ୍ ଅନ୍‌ଫାଲ୨)**

ଏଠାରେ ଅଲ୍ଲାଃତାଲା କହୁଛନ୍ତି ମୋର ଆଦେଶମାନଙ୍କୁ ଯଥାର୍ଥ ଭାବେ ମାନି ଚଳ ଏବଂ ତଦନୁଯାୟୀ ପାଳନ କର । ରସୁଲୁଲ୍ଲାଃ[ସଅ] ଉକ୍ତ ଆଦେଶର ଯେଉଁ ବ୍ୟାଖ୍ୟା କରିଛନ୍ତି, ତଦନୁସାରେ କାର୍ଯ୍ୟ କର । ତୁମର ଯେଉଁ ଅମୀର ବା ହାକିମ ନିଯୁକ୍ତ କରାଯାଇଛି ଓ ଯେଉଁ ବ୍ୟବସ୍ଥା ଧାର୍ଯ୍ୟ କରାଯାଇଛି, ତାଙ୍କୁ ମାନ୍ୟତା ଦିଅ ଓ ତାଙ୍କର ସଂପୂର୍ଣ୍ଣ ଭାବରେ ଆଜ୍ଞା ପାଳନ କର । ତେବେ ଯାଇ କୁହାଯାଇ ପାରିବ ଯେ ତୁମେ ବୈଅତ୍ କରିବାର ପ୍ରତିଶ୍ରୁତିକୁ ପୂରଣ କରିଛ । ଏ ସମ୍ବନ୍ଧରେ କେତେକ ହଦିସ୍ ବର୍ଣ୍ଣନା କରୁଛି ।

ହଜରତ ଓବାଦା[ରଅ] ବିନ୍ ସାମତଙ୍କ ଦ୍ୱାରା କଥିତ ଅଛି ଯେ ଆମେ ରସୁଲେ କରିମ୍[ସଅ]ଙ୍କ ବୈଅତ ଏହି ଆଦେଶ ଉପରେ କରିଥିଲୁ ଯେ ଆମଙ୍କୁ କୌଣସି କଥା ପସନ୍ଦ ଲାଗୁ କିମ୍ବା ନାପସନ୍ଦ, ଉଭୟ ପରିସ୍ଥିତିରେ ତାଙ୍କର ଆଦେଶ ଶୁଣିବୁ ଓ ତାହା କାର୍ଯ୍ୟକାରୀ କରିବୁ । (ବୁଖାରି କିତାବୁଲ୍ ଏହ୍‌କାମ୍, ଭାଗ କୈଫ ୟବାଇଲ୍ ଇମାମୁନ୍ନାସ)

ଅବ୍ଦୁର ରହମାନ୍ ବିନ୍ ଉମର ସୁଲ୍‌ମି ଏବଂ ହଜ୍‌ର୍ ବିନ ହଜର୍ ବର୍ଣ୍ଣନା କରିଛନ୍ତି ଯେ ସେମାନେ ଇର୍‌ବାଜ ବିନ୍ ସାରିୟାଙ୍କ ନିକଟକୁ ଆସିଲେ । ପୁଣି ଇରବାଜ୍[ରଅ] କହିଲେ ଦିନେ ହଜୁର[ସଅ] ପ୍ରତ୍ୟୁଷରେ ଫଜର ନମାଜ ପଢ଼ାଇଲେ । ପୁଣି ମହାଭାଗ[ସଅ] ଅତି ପ୍ରଭାବଶାଳୀ ଏବଂ ମର୍ମସ୍ପର୍ଶୀ ଉପଦେଶ ଦେଲେ, ଯା' ଫଳରେ ଲୋକମାନଙ୍କର ଆଖିରୁ ଧାର ଧାର ହୋଇ ଲୁହ ବହିବାକୁ ଲାଗିଲା । ହୃଦୟରେ ଭୟ ଜାତ ହୋଇଗଲା । ଉପସ୍ଥିତ ଲୋକମାନଙ୍କ ମଧ୍ୟରୁ ଜଣେ ଅନୁରୋଧ କରି କହିଲା, 'ହେ ଅଲ୍ଲାଃଙ୍କ ରସୁଲ ! ଏହାତ ବିଦାୟ ବେଳାର ଉପଦେଶ ଭଳି ଲାଗୁଛି ! ଆପଣଙ୍କ ଉପଦେଶ କ'ଣ ?'

ମହାମହିମ ଉତ୍ତର ଦେଲେ 'ମୋର ୱସିୟତ୍ (ଇଚ୍ଛାପତ୍ର) ତୁମମାନଙ୍କ ପାଇଁ ହେଉଛି ଯେ ତୁମେମାନେ ଅଲ୍ଲାଃତାଲାଙ୍କର ତକୱା (ଈଶ୍ୱର ଭୟ) ସର୍ବଦା ହୃଦୟରେ ରଖିଥାଅ । ଆଦେଶ ଶୁଣ ଓ ପାଳନ କର । ତୁମର ଆଦେଶଦାତା ଅମୀର ବା ହାକିମ ଜଣେ କୃଷ୍ଣକାୟ ନିଗ୍ରୋ ଦାସ ହୋଇଥିଲେ ସୁଦ୍ଧା ତାଙ୍କର ଆଜ୍ଞାବହ ହୁଅ । କାରଣ ଏପରି ଯୁଗ ଆସିବାର ଅଛି ଯଦି ତୁମମାନଙ୍କ ମଧ୍ୟରୁ ମୋ ପରେ କେହି ଜୀବିତ ରୁହେ, ତା'ହେଲେ ସେ ବହୁତ ତିକ୍ତ ମତଭେଦ ଦେଖିବ । ତେଣୁ ତୁମେ ଏପରି ବିବାଦାସ୍ପଦ ପରିସ୍ଥିତିରେ ପଡ଼ିଥିଲେ ମଧ୍ୟ ଏପରି ସଂକଟ ବେଳେ ମୋର ଓ ମୋର ନିର୍ଦ୍ଦେଶ ପ୍ରାପ୍ତ

ଖଲିଫାମାନଙ୍କ ସୁନ୍ନତ୍‌ର ଅନୁସରଣ କରିବା ସହିତ ସେମାନଙ୍କୁ ଜାବୁଡ଼ି ଧରି ରଖିବ, ଯେପରି ଦାନ୍ତରେ କାମୁଡ଼ି ଧରାଯାଏ । ଧର୍ମକୁ ବିଗାଡ଼ି ଦେଇ ସେଥିରେ କୌଣସି ନୂତନ ମନଗଢା ସିଦ୍ଧାନ୍ତ ପୁରାଇ ଦିଆ ଯାଇଥିଲେ ତୁମମାନଙ୍କୁ ସେଥିରୁ ବଞ୍ଚିତ ରହିବାକୁ ହେବ । କାରଣ ପ୍ରତ୍ୟେକ ନୂତନ କଥା ଯାହା ଧର୍ମ ନାମରେ ଆରମ୍ଭ କରାଯାଏ, ସେସବୁ ବିଦ୍‌ଅତ୍ (ଭ୍ରାନ୍ତ ଧାରଣା) ଓ ଭୁଲ ପରମ୍ପରା । ତେଣୁ ଏହି ବିଦଅତ୍ ନିଶ୍ଚିତ ଭାବେ ପଥଭ୍ରଷ୍ଟ କରାଏ ।

(ସୁନନ୍ ତିର୍‌ମିଜି, କିତାବୁଲ୍ ଇଲ୍‌ମ୍, ଭାଗ ମାଜାଅ ଫିଲ୍ ଅଖଜ୍ ବିଲ୍ ସୁନ୍ନତେ/ଅବୁଦାଉଦ୍, କିତାବୁଲ୍ ସୁନ୍ନତେ, ଭାଗ ଲୁଜୁମୁସ୍ ସୁନ୍ନତି)

ହଜ୍‌ରତ୍ ମୁହମ୍ମଦ[ସଅ]ଙ୍କର ସମ୍ପୂର୍ଣ୍ଣ ଅନୁସରଣକାରୀ ଓ ବିଶ୍ୱାସ ଆଣିଥିବାର ଦାବୀ କରୁଥିବା ବ୍ୟକ୍ତି ହିସାବରେ ଆମେ ଯେଉଁ ଅହମଦିମାନେ ରହିଛେ, ଆମମାନଙ୍କୁ ସର୍ବଦା ଏହି ଉପଦେଶ ଓ ଏହି ହଦିସ୍‌କୁ ସମ୍ମୁଖରେ ରଖି କାର୍ଯ୍ୟ କରିବା ଆବଶ୍ୟକ । ଏହି ପ୍ରକାର କଥନ ରହିଛି ଯେ ହଜରତ୍ ଅନସ୍[ରଅ] କହିଛନ୍ତି ଯେ ନବୀ କରିମ[ସଅ] କହୁଥିଲେ 'ଯାହା ପାଖରେ ତିନିଗୋଟି କର୍ମ ରହିଥାଏ ସେ ସତ୍‌ବିଶ୍ୱାସର ସ୍ୱାଦକୁ ପାଇଯାଏ । ପ୍ରଥମତଃ ଅଲ୍ଲାଃ ଓ ତାଙ୍କ ଦିବ୍ୟ ବାର୍ତ୍ତାବହ (ରସୁଲ) ଅନ୍ୟାନ୍ୟ ସମସ୍ତ ଅସ୍ତିତ୍ୱ ଠାରୁ ତାଙ୍କୁ ଅଧିକ ପ୍ରିୟ ହୋଇଥିବେ । ଦ୍ୱିତୀୟତଃ ସେ କୌଣସି ବ୍ୟକ୍ତିକୁ କେବଳ ଅଲ୍ଲାଃତାଲ୍ଲାଙ୍କ ପ୍ରେମାସକ୍ତ କରିଥିବେ ଓ ତାଙ୍କ ପ୍ରିୟତମ ହୋଇଥିବେ । ତୃତୀୟତଃ ସେ ଅବଜ୍ଞାକାରୀ ଆଡ଼କୁ ଫେରି ଆସିବାକୁ ଏପରି ଅନିଚ୍ଛା ପ୍ରକାଶ କରୁଥିବେ, ଯେପରିକି ସେ ନିଆଁରେ ପଡ଼ିବାକୁ ନାପସନ୍ଦ କରିଥାଏ ।'

(ବୁଖାରି, କିତାବୁଲ୍ ଇମାନ, ଭାଗ ହଲାୱତୁଲ୍ ଇମାନ)

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି 'ଦେଖ, ଅଲ୍ଲାଃତାଲା କୁର୍‌ଆନ କରିମ୍‌ରେ କହୁଛନ୍ତି

﴿ قُلْ إِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِيْ يُحْبِبْكُمُ اللّٰهُ ﴾

କୁଲ୍ ଇନ୍‌କୁନ୍‌ତୁମ୍ ତୁହିବୁନଲ୍ଲାହା ଫତ୍‌ତବେଉନି ୟୁହ ବିବ୍ କୁମୁଲ୍ଲାହୁ

**(ଆଲେ ଇମ୍ରାନ୍ ୩୨)**

ପରମେଶ୍ୱରଙ୍କ ପ୍ରିୟପାତ୍ର ହେବାପାଇଁ କେବଳ ଏକ ମାତ୍ର ପନ୍ଥା ହେଉଛି, ତୁମେ ରସୁଲୁଲ୍ଲା[ସଅ]ଙ୍କର ଅନୁଗତ ହୋଇଯାଅ । ଅନ୍ୟ କୌଣସି ପନ୍ଥା ନାହିଁ ଯେ ଅଲ୍ଲାଃଙ୍କ ସହିତ ସମ୍ପର୍କ ସ୍ଥାପନ କରାଇଦେବ, କିଏ ବା ଅଲ୍ଲାଃଙ୍କ ସହିତ ଭେଟ କରାଇଦେବ । ଅନ୍ୱେଷଣ କରିବା (ମନୁଷ୍ୟର କେବଳ ଏହା ହିଁ ଲକ୍ଷ୍ୟ ହେବା ଉଚିତ

ଯେ ସେ ଏକ ଓ ଅଦ୍ୱିତୀୟ ଅଲ୍ଲାଃଙ୍କର ଅନ୍ୱେଷଣ କରୁ) କୌଣସି ପ୍ରକାରର ଅପସଂସ୍କୃତି ଭୁଲ୍ ପରମ୍ପରାର ବଶୀଭୁତ ନହେବା ଆବଶ୍ୟକ । ଦେଖ ମୁଁ ପୁଣି ତୁମଙ୍କୁ କହୁଛି ରସୁଲୁଲ୍ଲା[ସଅ]ଙ୍କ ଦ୍ୱାରା ପ୍ରଦର୍ଶିତ ନିଚ୍ଛକ ଓ ବାସ୍ତବିକ ମାର୍ଗ ବ୍ୟତୀତ ଅନ୍ୟ କୌଣସି ଉପାୟରେ ମନୁଷ୍ୟ କଦାପି ସଫଳ ହୋଇ ପାରିବ ନାହିଁ ।

ଆମର କେବଳ ଜଣେ ମାତ୍ର ରସୁଲ ଓ କେବଳ ଏକମାତ୍ର ଧର୍ମଶାସ୍ତ୍ର କୁର୍ଆନ । ଯାହା ହଜରତ୍ ମୁହମ୍ମଦ ରସୁଲୁଲ୍ଲା[ସଅ]ଙ୍କ ଉପରେ ଅବତୀର୍ଣ୍ଣ ହୋଇଛି ଏବଂ ଯାହାକୁ ଅନୁସରଣ କରି ଆମେମାନେ ଈଶ୍ୱରଙ୍କୁ ପ୍ରାପ୍ତ ହୋଇପାରିବା ।

ଆଜିକାଲି ମୁସଲିମ ଭିକ୍ଷୁମାନଙ୍କ ଦ୍ୱାରା ବାହାର କରାଯାଇଥିବା ପଦ୍ଧତି କିମ୍ବା ପିର ଫକିର (ମୁସଲମାନ ସନ୍ଥ)ଙ୍କର ନାମରେ ପ୍ରଚଳନ କରାଯାଇଥିବା ପୀଠ (ମଜାର୍ ବା କବର ପୂଜା ସ୍ଥଳୀ) ଇତ୍ୟାଦି ମାଧ୍ୟମରେ ମନ୍ତ୍ର ଜପ ବା ଦୁଆ ଇତ୍ୟାଦି ଏ ସମସ୍ତ ମନୁଷ୍ୟକୁ ସତ୍‌ମାର୍ଗରୁ ଦୂରେଇ ଦେବାର ସାଧନ ହୋଇଛନ୍ତି । ତେଣୁ ତୁମେମାନେ ଏସବୁଥିରୁ ଦୂରେଇ ରୁହ ଓ ଏସବୁକୁ ବର୍ଜନ କର ! ସେହି ଲୋକମାନେ ହଜରତ ମୁହମ୍ମଦ[ସଅ]ଙ୍କ 'ଖାତମୁଲ୍ ଅମ୍ବିୟା' ବା ସର୍ବଶ୍ରେଷ୍ଠ ନବୀ ହେବାର ମୋହରକୁ ଭାଙ୍ଗିବାକୁ ଚେଷ୍ଟା କରନ୍ତି, ଯେପରିକି ସେମାନେ ନିଜର ଏକ ଶରିୟତ୍ (ନିୟମାବଳୀ) ତିଆରି କରିଛନ୍ତି ।

ତୁମେମାନେ ମନେରଖ ଯେ ପବିତ୍ର କୁରଆନ ହଜରତ୍ ମୁହମ୍ମଦ[ସଅ]ଙ୍କ ଆଦେଶର ଅନୁସରଣ ଏବଂ ନମାଜ, ରୋଜା ଇତ୍ୟାଦି ଯାହା କି ରସୁଲୁଲ୍ଲାଃ[ସଅ]ଙ୍କ ଦ୍ୱାରା ପ୍ରଚଳିତ କରାଯାଇଛି । ଏହା ବ୍ୟତୀତ ଅଲ୍ଲାଃତାଲାଙ୍କ ଦୟା ଓ କରୁଣାର ଦ୍ୱାର ଖୋଲିବାର ଆଉ କୌଣସି ଚାବିକାଠି ନାହିଁ କିମ୍ବା ଅନ୍ୟ କୌଣସି ସାଧନ ବି ନାହିଁ ।

ଭୁଲାମନ ସେହି ବ୍ୟକ୍ତି, ଯିଏ ଉକ୍ତ ପଥକୁ ଛାଡ଼ି କୌଣସି ନୂତନ ପଥ ବାହାର କରିଥାଏ । ସେ ବିଫଳ ହୋଇ ମରିବ, ଯିଏ ଅଲ୍ଲାଃ ଓ ତାଙ୍କର ରସୁଲଙ୍କ ଆଦେଶକୁ ଅବଜ୍ଞା କରିବ, ବରଂ ଅନ୍ୟ ମାର୍ଗ ଦ୍ୱାରା ତାହାଙ୍କ ସତ୍ତାକୁ ଖୋଜୁଥିବ ।'

(ମଲଫୁଜାତ, ୩ୟ ଖଣ୍ଡ ପୃ : ୧୦୨-୧୦୩)

ପୁଣି ସେ କହିଛନ୍ତି

﴿قُلْ اِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِىْ يُحْبِبْكُمُ اللّٰهُ﴾

'କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍ କୁମୁଲ୍ଲାହୋ'

**(ଆଲେ ଇମ୍ରାନ ୩୨)**

ଅଲ୍ଲାଃତାଲାଙ୍କୁ ପ୍ରସନ୍ନ କରିବାର ଏହା ହେଉଛି ଏକ ମାର୍ଗ ଯେ ହଜରତ ମୁହମ୍ମଦ[ସଅ] ଙ୍କର ଅନୁକରଣ କରାଯାଉ । ଦେଖାଯାଛି ଯେ ଲୋକମାନେ ବିଭିନ୍ନ ପ୍ରକାରର କୁପ୍ରଥା ଓ ଭୁଲ୍ ପରମ୍ପରା ମଧ୍ୟରେ ଆବଦ୍ଧ ହୋଇ ରହିଛନ୍ତି । କୌଣସି ବ୍ୟକ୍ତିର ମୃତ୍ୟୁ ହୋଇଗଲେ, ବିଭିନ୍ନ ପ୍ରକାରର କପୋଳକଳ୍ପିତ ରୀତିନିତୀ ସବୁ କରାଯାଉଛି । ମାତ୍ର ଏହା ପରିବର୍ତ୍ତେ ଉଚିତ ହେଉଛି ଯେ ମରି ଯାଇଥିବା ଲୋକ ପାଇଁ ଦୁଆ କରିବା ଆବଶ୍ୟକ । ଏପରି ମନଗଢ଼ା କୁପ୍ରଥା ପାଳନ କରିବା ଦ୍ୱାରା ହଜରତ ମୁହମ୍ମଦ[ସଅ] ଙ୍କ ପ୍ରତି ନା କେବଳ ବିରୋଧ ପ୍ରଦର୍ଶିତ ହୁଏ, ବରଂ ତାଙ୍କୁ ତିରସ୍କାର ଓ ନିନ୍ଦା କରିବାର କାରଣ ମଧ୍ୟ ହୋଇଥାଏ । ତାହା ଏହିପରି ଯେ ମୁହମ୍ମଦ୍[ସଅ] ଙ୍କ ବାଣୀ ବା ଆଦେଶକୁ କୌଣସି ଗୁରୁତ୍ୱ ଦିଆଯାଏ ନାହିଁ । ଯଦି ଏଥିପ୍ରତି ଗୁରୁତ୍ୱ ଦିଆଯାଆନ୍ତା ତେବେ ଏସବୁ କପୋଳକଳ୍ପିତ କଥାମାନର ଆବଶ୍ୟକତା କ'ଣ ରହିଥାନ୍ତା ?'

(ମଲଫୁଜାତ ତୃତୀୟ ଖଣ୍ଡ, ପୃ: ୩୧୬)

ପୁଣି ମହାଶୟ କହିଛନ୍ତି 'ଏହି କ୍ଷଣସ୍ଥାୟୀ ଅଳ୍ପ ଦିନର ସଂସାର ତ କୌଣସି ମତେ ବିତିଯିବ । ତାହା ଅଭାବ ଅନାଟନରେ ହେଉ କିମ୍ବା ସୁଖ ସମୃଦ୍ଧିରେ ହେଉ । କିନ୍ତୁ ପରକାଳର ବିଷୟ ଅତି ଜଟିଳ ବିଷୟ । ତାହା ଚିରସ୍ଥାୟୀ ଓ ସେଥିରୁ କୌଣସି ପ୍ରକାର ତ୍ରାହି ମିଳିବ ନାହିଁ । ତେଣୁ ଯଦି ମନୁଷ୍ୟ ସେଠାକୁ ଏପରି ଅବସ୍ଥାରେ ଯାଏ ଯେ ସେ ପ୍ରଭୁଙ୍କ ସହିତ ତା'ର କର୍ମମୟ ଜୀବନର ସମସ୍ତ ମାମଲା ପରିଷ୍କାର ରହିଛି ଅଥବା ଈଶ୍ୱର ଭୟ ତା' ହୃଦୟରେ ପ୍ରଭାବିତ ହୋଇ ରହିଥିଲା ଏବଂ ସେହି ପ୍ରତ୍ୟେକ ପ୍ରକାର ଅସତକର୍ମ ଯାହାକୁ ଅଲ୍ଲାଃତାଲା ପାପ ବୋଲି କହିଛନ୍ତି ସେଥିରୁ ନିଜକୁ ବଞ୍ଚିତ କରି ରଖିଛି, ତେବେ ପ୍ରଭୁଙ୍କ ଅନୁଗ୍ରହ ତାକୁ ସାହାଯ୍ୟ କରିବ । ସେ ସେହି ସ୍ଥାନରେ ରହିବ, ଯେଉଁଠାରେ ଅଲ୍ଲାଃତାଲା ତା'ପ୍ରତି ପ୍ରସନ୍ନ ହେବେ ଏବଂ ସେ ଅଲ୍ଲାଃତାଲାଙ୍କ ପ୍ରତି ପ୍ରସନ୍ନ ହେବ । ଯଦି ସେ ଏପରି କରିନାହିଁ ବରଂ ଅବହେଳା ପ୍ରଦର୍ଶନ କରି ଆଳସ୍ୟ ଜୀବନ ଅତିବ୍ୟରିତ କରିଛି, ତା'ହେଲେ ତା'ର ପରିଣାମ ଅତି ଭୟାବହ ହେବ । ତେଣୁ ବୈଅତ କରିବା ବେଳେ ଏହା ନିଷ୍ପତ୍ତି କରିନେବା ଆବଶ୍ୟକ ଯେ ବୈଅତର ଉଦ୍ଦେଶ୍ୟ କ'ଣ ? ଏବଂ ଏହାଦ୍ୱାରା ତାକୁ କ'ଣ ଲାଭ ପ୍ରାପ୍ତ ହେବ । ଯଦି କେବଳ ସାଂସାରିକ ସୁଖ ପ୍ରାପ୍ତିର ଉଦ୍ଦେଶ୍ୟ ରହିଛି, ତେବେ ତାହା କୌଣସି ଲାଭପ୍ରଦ ନୁହେଁ । କିନ୍ତୁ ଯଦି ଧର୍ମ ପାଇଁ ଓ ଅଲ୍ଲାଃତାଲା ପ୍ରସନ୍ନତା ଲାଭ ପାଇଁ ଏହା ଉଦ୍ଦିଷ୍ଟ, ତେବେ ଏପରି ବୈଅତ ମଙ୍ଗଳକାରୀ ତଥା ଏହାର ପ୍ରକୃତ ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ନିଜ ସହିତ ଜଡ଼ିତ ରଖି ପାରିବ । ଯଦ୍ୱାରା ସମସ୍ତ ପ୍ରକାର କଲ୍ୟାଣ ସଂପୂର୍ଣ୍ଣ ଆଶା କରା ଯାଇପାରେ, ଯାହା ବାସ୍ତବ ଅବା ସଚ୍ଚା ବୈଅତରୁ ପ୍ରାପ୍ତ ହୋଇଥାଏ । (ମଲଫୁଜାତ, ଭାଗ ୩ ପୃ : ୧୪୨)

ଅଲ୍ଲାଃତାଲା ଆମମାନଙ୍କୁ ହଜରତ୍ ମସିହ ମଉଦ୍[ଅସ]ଙ୍କୁ ଚଳିତ ଯୁଗର ଇମାମ ରୂପେ ଆନ୍ତରିକତାର ସହିତ ଗ୍ରହଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯେଉଁ ଉଦ୍‌ବେଗ ଓ ଆଗ୍ରହ ସହିତ ସେ ଅଲ୍ଲାଃ ଓ ତାହାଙ୍କ ରସୁଲ[ସଅ]ଙ୍କ ଆଧିପତ୍ୟ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ନିଜର ଜମାଅତ ଗଢ଼ିବାକୁ ଇଚ୍ଛା କରୁଛନ୍ତି ଏବଂ ଯେଉଁ ଦରଦ ସହିତ ଉପଦେଶମାନ ଦେଇଛନ୍ତି, ଅଲ୍ଲାଃତାଲା ଆମମାନଙ୍କୁ ସେହିପରି କରିଦିଅନ୍ତୁ । ଯେଉଁ ସର୍ତ୍ତାବଳୀ ଉପରେ ଆମମାନଙ୍କ ଠାରୁ ବୈଅତର ପ୍ରତିଜ୍ଞା ନେଇଛନ୍ତି, ଆମେ ଏହାକୁ ସଂପୂର୍ଣ୍ଣ ରୂପେ ଅନୁକରଣ କରିବା ପାଇଁ ଯୋଗ୍ୟତା ଲାଭ କରି ପାରନ୍ତୁ ଓ ଏହାକୁ ନିଷ୍ଠାର ସହିତ ସମ୍ପାଦନ କରିପାରନ୍ତୁ । ସର୍ବଦା ଏହାକୁ ନିଜ ସମ୍ମୁଖରେ ରଖିବା ଆମର ଧ୍ୟେୟ ହେଉ । ଆମର କୌଣସି କର୍ମ ହଜରତ ମସିହ ମଉଦ୍[ଅସ]ଙ୍କ ଶିକ୍ଷା ବିରୁଦ୍ଧରେ ଚାଲିବାର ଆରୋପ ଆମ ଉପରେ ନ ଲାଗୁ । ଯେପରି ଆମେ ସର୍ବଦା ନିଜର ଆତ୍ମ ସମୀକ୍ଷା କରିବାରେ ସକ୍ଷମ ହୋଇ ପାରିବୁ, ସେଥିପାଇଁ ଅଲ୍ଲାଃତାଲା ଆମର ସହାୟ ହୁଅନ୍ତୁ । ଆଜି ଅଲ୍ଲାଃତାଲାଙ୍କ କୃପାରୁ ଦୁଆ ପରେ ଏହି ଜଲସା (ଆଧ୍ୟାତ୍ମିକ ସମାବେଶ) ସମାପନ ହେବ । ଏହି ଜଲସାର ଆଶିଷ ଓ ଅନୁକମ୍ପା ଦ୍ୱାରା ଆପଣମାନେ କେବଳ ବର୍ଷ ସାରା ନୁହେଁ ବରଂ ସାରା ଜୀବନ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲା ଆମ ଆଗାମି ବଂଶଧର ମାନଙ୍କ ମଧ୍ୟରେ ଅଲ୍ଲାଃତାଲା, ତାଙ୍କ ରସୁଲ୍[ସଅ], ମସିହ ମଉଦ[ଅସ] ତଥା ଖିଲାଫତ୍ ସହିତ ପ୍ରେମ ଓ ଶ୍ରଦ୍ଧାର ଭାବକୁ ପ୍ରତିଷ୍ଠିତ କରି ରଖନ୍ତୁ । ଅଲ୍ଲାଃତାଲା ଆମ ଅତୀତର ଦୁର୍ବଳତା ଓ ପାପ କୁ ଘୋଡ଼ାଇ ନେଇ ଆମକୁ କ୍ଷମା ପ୍ରଦାନ କରନ୍ତୁ । ଆମକୁ କେବଳ, ଆଉ କେବଳ ମାତ୍ର ନିଜ କରୁଣା ଓ ଦୟା ଦ୍ୱାରା ନିଜର ସ୍ନେହଶୀଳମାନଙ୍କ ଜମାଅତରେ ସମ୍ମିଳିତ ରଖନ୍ତୁ । ହେ ଅଲ୍ଲାଃ ! ତୁମ୍ଭେ ଗଫୁରୁର୍ ରହିମ (କରୁଣାର ସାଗର)ଓ ସମସ୍ତ ପାପ ମାର୍ଜନକାରୀ । ଆମମାନଙ୍କ ପାପକୁ କ୍ଷମାକର, ଆମ ଉପରେ ଦୟା କର, ନିଜର କରୁଣା ଓ ଅନୁକମ୍ପାର ଚଦରରେ ଆମମାନଙ୍କୁ ଢ଼ାଙ୍କି ଦିଅ । ଆମମାନଙ୍କୁ କଦାପି ନିଜଠାରୁ ପୃଥକ କରନାହିଁ । (ଏହିପରି ହେଉ ହେ ଜଗତର ପାଳନ କର୍ତ୍ତା) ।'

(ଉଦଯାପନୀ ଭାଷଣ, ଜଲସା ସାଲାନା ଜର୍ମାନୀ, ୨୨ ଅଗଷ୍ଟ ୨୦୦୩)

# ବୈଅତର୍ ସପ୍ତମ ସର୍ତ୍ତ୍

**ଏହା ଯେ ଅଭିମାନ ଓ ଅହଂକାରକୁ ସମ୍ପୂର୍ଣ୍ଣ ତ୍ୟାଗ କରିବ । ଶାଳୀନତା ଓ ସଦାଚାରୀତା ଏବଂ ଦୀନହୀନ ଭାବରେ ଓ ନମ୍ରତା ପୂର୍ବକ ଜୀବନ ଅତିବାହିତ କରିବ ।**

## ଶିର୍କ (ଅନେକଶ୍ୱରବାଦ) ପରେ ଅହଂକାର ପରି ଦୁର୍ଦ୍ଦଶା ଅନ୍ୟ କିଛି ହୋଇ ନପାରେ ।

ଶୈତାନ ଅହଂକାର ଦେଖାଇ ଆରମ୍ଭରୁ ହିଁ ନିର୍ଣ୍ଣୟ କରିସାରିଛି ଯେ ମୁଁ ପ୍ରାଣ ପଣେ ଜୋର ଦେଇ ଲୋକମାନଙ୍କୁ ପ୍ରଭୁଙ୍କ ନୈଷ୍ଠିକ ଭକ୍ତ ହେବାକୁ ଦେବି ନାହିଁ ଏବଂ ବିଭିନ୍ନ ଉପାୟରେ ଏପରି ଭାବେ ମନୁଷ୍ୟକୁ ନିଜ ଜାଲରେ ଫସାଇବି ଯେ ତାଙ୍କ ଦ୍ୱାରା ସତ୍‌କର୍ମ ହୋଇଥିଲେ ମଧ୍ୟ ସେ ନିଜର ସ୍ୱଭାବ ଅନୁସାରେ ଗର୍ବ ଓ ଅଭିମାନ କରିବାରେ ଲାଗିବ ଏବଂ ଏହି ଅଭିମାନ ଧିରେ ଧିରେ ତାକୁ ଅହଂକାର ଆଡ଼କୁ ନେଇଯିବ । ଅହଂକାର ପରିଶେଷରେ ତାକୁ ସତ୍‌କର୍ମର ପୁଣ୍ୟରୁ ବଞ୍ଚିତ କରିଦେବ । କାରଣ ଶୈତାନ ଆରମ୍ଭରୁ ହିଁ ନିଷ୍ପତ୍ତି କରି ନେଇଥିଲା ଯେ ମନୁଷ୍ୟକୁ ସତ୍‌ମାର୍ଗରୁ ପଥଭ୍ରଷ୍ଟ କରାଇବ । ସେ ନିଜେ ମଧ୍ୟ ଅହଂକାର ହେତୁ ଅଲ୍ଲାଃତାଲାଙ୍କ ଆଦେଶର ଅବମାନନା କରିଥିଲା । ତେଣୁ ଏହା ହିଁ ସେହି କୌଶଳ,ଯାହାକୁ ଶୈତାନ ବିଭିନ୍ନ ଉପାୟରେ ମନୁଷ୍ୟ ଠାରେ ପରୀକ୍ଷା କରିଥାଏ । ଯେହେତୁ 'ଇବାଦୁର୍ ରହମାନ' ଅର୍ଥାତ୍ ଅଲ୍ଲାଃତାଲାଙ୍କ ନୈଷ୍ଠିକ ଉପାସନାକାରୀ ହିଁ ପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ବିଶେଷ ଭକ୍ତ ଓ ଉପାସକ ହୋଇଥାନ୍ତି, ତେଣୁ ସେମାନେ ଏହି ଆକ୍ରମଣରୁ ରକ୍ଷା ପାଇଥାନ୍ତି । ସାଧାରଣତଃ ଅହଂକାର ହିଁ ଏପରି ଏକ ମାର୍ଗ, ଯଦ୍ୱାରା ଶୈତାନ ମନୁଷ୍ୟକୁ ନିଜ ଫାସରେ କବଳିତ କରିବାରେ ସଫଳ ହୋଇ ଯାଆନ୍ତି । ଏହା ଏପରି ଏକ ବିଷୟ ଯାହାକୁ ମାମୁଲି ଭାବ ନାହିଁ ! ଆମେ ବୈଅତ କରିବାବେଳେ ସର୍ତ୍ତକୁ ସ୍ୱୀକାର କରି ନେଇଛୁ ଯେ ଆମେ ଅହଙ୍କାର କରିବୁ ନାହିଁ, ଅଭିମାନ କରିବୁ ନାହିଁ ଓ ସେ ସମସ୍ତକୁ

ସର୍ବଥା ତ୍ୟାଗ କରିବୁ । ଏହା ଏତେ ସରଳ କାର୍ଯ୍ୟ ନୁହେଁ । ଏହା ଅନେକ ପ୍ରକାରର ହୋଇଥାଏ, ବିଭିନ୍ନ ଉପାୟ ମନୁଷ୍ୟ ଜୀବନରେ ଶୈତାନ ଆକ୍ରମଣ କରିବାରେ ଲାଗିଥାଏ । ଏହା ଅତି ଭୟାବହ ଅବସ୍ଥାରେ ପହଞ୍ଚି ଥାଏ । ବାସ୍ତବିକ ରୂପେ ଅଲ୍ଲାଃଙ୍କର କୃପା ହେଲେ ଯାଇ ଏଥିରୁ ରକ୍ଷା ପାଇ ପାରିବ । ଏଇଥିପାଇଁ ହଜରତ ମସିହ ମଉଦ୍[ଅସ] ଅଲ୍ଲାଃତାଲାଙ୍କ କରୁଣା ପ୍ରାପ୍ତ କରିବା ପାଇଁ ମଧ୍ୟ ଏହି ସପ୍ତମ ସର୍ତ୍ତରେ ଏକ ଅଭିନବ ଉପାୟ ବତାଇଛନ୍ତି ଏବଂ କହିଛନ୍ତି 'ଯେବେ ତୁମେ ଅହଙ୍କାରର ଅଭ୍ୟାସକୁ ତ୍ୟାଗ କରିବ, ସେତେବେଳେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଯିବ, ସେହି ସ୍ଥାନକୁ ଯଦି ବିନମ୍ର ଓ ନିରୀହ ଗୁଣ ଦ୍ୱାରା ପୂରଣ କରା ନଯାଏ, ପୁଣି ଅହଙ୍କାର ଆକ୍ରମଣ କରିବ । ତେଣୁ ନମ୍ରତାକୁ ଗ୍ରହଣ କରିନିଅ । କାରଣ ଏହି ପଥ ଅଲ୍ଲାଃତାଲାଙ୍କୁ ପସନ୍ଦ । ସେ ସ୍ୱୟଂ ମଧ୍ୟ ନମ୍ରତାର ଗୁଣକୁ ଉତ୍କର୍ଷ ସ୍ଥାନରେ ପହଞ୍ଚାଇଥିଲେ, ଯାହାର କୌଣସି ଉପମା ନାହିଁ । ସେଇଥିପାଇଁ ଅଲ୍ଲାଃତାଲା ପ୍ରସନ୍ନ ହୋଇ ତାଙ୍କୁ (ଇଲହାମ୍) ଦୈବବାଣୀ ଦ୍ୱାରା ସମ୍ବାଦ ଦେଲେ, "ତେରି ଆଜିଜାନା ରାହେଁ ଉସକୋ ପସନ୍ଦ ଆଇ" (ତୋର ବିନମ୍ର ଭାବ ତାହାଙ୍କୁ ପସନ୍ଦ ଆସିଲା) ତେଣୁ ଯେହେତୁ ଆମେ ତାଙ୍କ ହାତରେ ଦୀକ୍ଷା ନେବାର ଦାବୀ କରୁଛେ ଓ ତାଙ୍କୁ ଯୁଗର ଇମାମ (ପଥ ପ୍ରଦର୍ଶକ) ବୋଲି ସ୍ୱୀକାର କରୁଛେ, ତା'ହେଲେ ଆମମାନଙ୍କୁ କେଉଁ ସୀମା ପର୍ଯ୍ୟନ୍ତ ଉକ୍ତ ଗୁଣକୁ ଗ୍ରହଣ କରିବା ଆବଶ୍ୟକ । ଏମିତି ଦେଖିବାକୁ ଗଲେ ମନୁଷ୍ୟର କୌଣସି ସାମର୍ଥ୍ୟ ନାହିଁ ଯେ ସେ ଅହଙ୍କାର ଦେଖାଇ ହେବ ବା ଉଦଣ୍ଡତା ପ୍ରକାଶ କରିବ । ଅଲ୍ଲାଃତାଲା ପବିତ୍ର କୁର୍ଆନରେ କହିଛନ୍ତି

﴿وَلَا تَمْشِ فِى الْاَرْضِ مَرَحًا. اِنَّکَ لَنْ تَخْرِقَ الْاَرْضَ وَلَنْ تَبْلُغَ الْجِبَالَ طُوْلًا﴾

ୱ୍ଲା ତମ୍‌ଶିଫିଲ୍ ଅର୍‌ଜେ ମରହନ୍ ଇନ୍ନକା ଲନ୍ ତଖ୍‌ରିକଲ ଅରଜା ୱ୍ଲନ୍ ତବ୍‌ଲୁଗଲ୍ ଜିବାଲା ତୁଉଲା

ଅର୍ଥାତ ଏବଂ ଭୁମି ଉପରେ କଉଡ଼ି ହୋଇ ଚାଲନାହିଁ । ତୁମେ ନିଃସନ୍ଦେହରେ ଭୁମିକୁ ଫାଡ଼ି ପାରିବ ନାହିଁ କି ଆକାରରେ ପାହାଡ଼ର ଶିଖରକୁ ପହଞ୍ଚି ପାରିବ ନାହିଁ ।' **(ବନି ଇସ୍ରାଇଲ ୩୮)**

ଯେପରି ଏହି ଆୟତରୁ ସ୍ପଷ୍ଟ ହେଉଛି ଯେ ମନୁଷ୍ୟର ତ କୌଣସି ସାମର୍ଥ୍ୟ ହିଁ ନାହିଁ । କେଉଁ କଥାପାଇଁ ସେ ଗର୍ବିତ, କେତେକ ଲୋକ ନିଜକୁ ଏ ଯୁଗର ରାଜା ବୋଲି ମନେ କରନ୍ତି । ନିଜର ପରିସୀମା ବାହାରିବାକୁ ଇଚ୍ଛା କରନ୍ତି ନାହିଁ , ବରଂ ନିଜ ପରିସର ମଧ୍ୟରେ ରହି ଭାବନ୍ତି ଯେ ଆମେ ଶ୍ରେଷ୍ଠତମ ବ୍ୟକ୍ତି । ଏହାର ଏକ ଛୋଟ

ଉଦାହରଣ ଏବେ ମୁଁ ଦେଉଛି, ଯାହା ଏକ ଘରୋଇ ପରିବେଶର ସୀମା ମଧ୍ୟରେ ରହିଛି । ଏହା ଆପଣଙ୍କ ଘରର ପରିବେଶ ମଧ୍ୟରେ ସୀମାବଦ୍ଧ । କେତେକ ପୁରୁଷ ନିଜ ଘରେ ସ୍ତ୍ରୀ ପିଲାଙ୍କ ସହିତ ଏପରି ଅତ୍ୟାଚାର ପୂର୍ଣ୍ଣ ବ୍ୟବହାର କରନ୍ତି ଯେ ଆତ୍ମା ଥରି ଉଠେ । କେତେକ ପିଲା ମୋ ନିକଟକୁ ଲେଖନ୍ତି ଯେ ଆମେ ବାଲ୍ୟ ଅବସ୍ଥାରୁ ଆସି ଯୌବନରେ ପହଞ୍ଚି ସାରିଲୁଣି । ଏବେ ଆଉ ସହ୍ୟ କରି ହେଉନାହିଁ । ଆମ ପିତାମାତା ଆମମାନଙ୍କ ସହିତ ସଦାସର୍ବଦା ନିଷ୍ଠୁର ବ୍ୟବହାର କରୁଛନ୍ତି । ବାପ ଘରକୁ ପ୍ରବେଶ କରିବା ମାତ୍ରେ ଆମେ ଶଙ୍କାଗ୍ରସ୍ତ ହୋଇ ନିଜ କକ୍ଷକୁ ଚାଲିଯାଉ । ଯଦି କେବେ ଆମ ପିତାଙ୍କ ସମ୍ମୁଖରେ ମାତା କିମ୍ବା ଆମେ କୌଣସି କଥା କହିଦେଉ ଯାହା କି ତାଙ୍କ ସ୍ୱଭାବର ବିପରୀତ ହୋଇଥାଏ, ସେ ଏପରି ଅତ୍ୟାଚାରୀ ପିତାର ରୂପ ଦେଖାନ୍ତି, ଯାହା ସମସ୍ତଙ୍କ ପାଇଁ ଏକ କାଳ ହୋଇଯାଏ । ସୁତରାଂ ଏହି ଅହଂକାର ହିଁ ଏପରି ପିତାମାନଙ୍କୁ ଅତ୍ୟାଚାରର ଶେଷ ସୀମାରେ ପହଞ୍ଚାଇ ଦିଏ । ପ୍ରାୟତଃ ଏପରି ଲୋକମାନେ ନିଜର ବ୍ୟବହାର ବାହାରେ ଲୋକମାନେ ଭାବନ୍ତି ଯେ, ଏପରି ଭଦ୍ର ବ୍ୟକ୍ତି ଆଉ କେହି ନାହାନ୍ତି । ଉତ୍ତମ ବ୍ୟବହାରର ସାକ୍ଷ୍ୟ ସେମାନଙ୍କ ସପକ୍ଷରେ ହୋଇଥାଏ । କେତେକ ଏପରି ବ୍ୟକ୍ତି ମଧ୍ୟ ଥାଆନ୍ତି ଯେଉଁମାନଙ୍କ ବ୍ୟବହାର ଘର ଓ ବାହାର ଉଭୟ ଠାରେ ଏକାପରି ହୋଇଥାଏ । ସେମାନଙ୍କର ସବୁ ହାବଭାବ ଖୋଲାଖୋଲି ଭାବେ ସମ୍ମୁଖକୁ ଆସିଯାଏ । ଏପରି କାର୍ଯ୍ୟକଳାପ ଅହଂକାରୀ ବ୍ୟକ୍ତିମାନଙ୍କର ସନ୍ତାନ ବିଶେଷ ଭାବେ ପୁତ୍ରମାନେ ଯେତେବେଳେ ଯୌବନ ଅବସ୍ଥାର ପହଞ୍ଚନ୍ତି ସେତେବେଳେ ସେହି ଅତ୍ୟାଚାରର ପ୍ରତିକ୍ରୀୟା ସ୍ୱରୂପ ତାଙ୍କ ପିତାମାତା ଭଗୀନି ତାଙ୍କ ବିରୁଦ୍ଧରେ ଛିଡ଼ା ହୋଇଯାଆନ୍ତି । ପୁଣି ଯେତେବେଳେ ଏପରି ଏକ ସମୟ ଆସେ ଯେ ପିତା ନିଜ ଦୁର୍ବଳ ଅବସ୍ଥାକୁ ଆସିଯାଏ, ସେତେବେଳେ ବିଶେଷ ଭାବେ ତାଙ୍କଠାରୁ ପ୍ରତିଶୋଧ ନିଅନ୍ତି । ଏପରି ଦୃଷ୍ଟାନ୍ତ ଆତ୍ମ ବଡ଼ିମାର ମନୋଭାବ ରଖିଥିବା ବ୍ୟକ୍ତିଙ୍କ ଅଧିକୃତ କ୍ଷେତ୍ରରେ ମିଳିଥାଏ । ସମାଜରେ ବିଭିନ୍ନ ପ୍ରକାର ପରିବେଶର ସୀମା ଥାଏ । ଗୋଟିଏ ଘର ଭିତର ପରିବେଶ ଓ ଅନ୍ୟଟି ଘର ବାହାରର ପରିବେଶ । ନିଜ ନିଜ ପରିବେଶରେ ଯଦି ସମୀକ୍ଷା କରାଯାଏ, ତେବେ ଅହଂକାରର ଏପରି ଅନେକ ଦୃଷ୍ଟାନ୍ତ ଆପଣଙ୍କୁ ମିଳି ଯାଉଥିବ ।

ପୁଣି ଏହାର ପରାକାଷ୍ଠା ସେହି ପରିବେଶ ରୂପରେ ଦୃଷ୍ଟିଗୋଚର ହୁଏ, ଯେଉଁଠାରେ କେତେକ ଗୋଷ୍ଠୀ, କେତେକ ଦେଶ, କେତେକ ସାମ୍ରାଜ୍ୟ ନିଜର ଗର୍ବ ଅହଂକାର ସକାଶେ ଅନ୍ୟ ପ୍ରତ୍ୟେକ ବ୍ୟକ୍ତିକୁ ନିଜଠାରୁ ତୁଚ୍ଛ ମନେ କରେ । ଗରିବ ଜାତି ଓ ଦରିଦ୍ର ରାଜ୍ୟକୁ ନିଜ ପାଦତଳର ଜୋତା କରି ରଖିଥାଏ । ଆଜି ସଂସାରରେ

ଏହା ହିଁ ହେଉଛି ବିଶୃଙ୍ଖଳାର ବଡ଼ କାରଣ । ଯଦି ଏହି ଗର୍ବ ଅହଙ୍କାର ଶେଷ ହୋଇଯିବ, ସଂସାରରୁ ବିଶୃଙ୍ଖଳା ମଧ୍ୟ ଲୋପ ପାଇବ । କିନ୍ତୁ ଏହି ଅହଙ୍କାରରେ କବଳିତ ସେହି ଜାତି ଓ ପ୍ରଶାସନକୁ ଜଣା ନାହିଁ ଯେ ଯଦି ଅଲ୍ଲାଃ ସେମାନଙ୍କ ଗର୍ବ ଓ ଆତ୍ମ ଅଭିମାନକୁ ଭାଙ୍ଗି ଦେବ ତାହେଲେ ସେମାନଙ୍କ ଅସ୍ତିତ୍ୱ କିପରି ଲୋପ ପାଇବ ତାହା ତାଙ୍କୁ ଜଣା ପଡ଼ିବ ନାହିଁ ।

ଅଲ୍ଲାଃତାଲା ପବିତ୍ର କୁର୍‌ଆନରେ ବର୍ଣ୍ଣନା କରିଛନ୍ତି;

﴿وَلَا تُصَعِّرْ خَدَّكَ لِلنَّاسِ وَلَا تَمْشِ فِي الْأَرْضِ مَرَحًا ۔ اِنَّ اللّٰهَ لَا يُحِبُّ كُلَّ مُخْتَالٍ فَخُوْرٍ

ୱଲା ତୁସୟିର୍ ଖଦ୍ଦକା ଲିନ୍ନାସେ  ୱଲା ତମ୍‌ଶୀ ଫିଲ୍‌ଅର୍‌ଜେ ମରହନ୍ - ଇନ୍ନଲ୍ଲାହା ଲାୟୁହିବ୍‌ବୁ କୁଲ୍ଲା ମୁଖ୍‌ତାଲିନ୍ ଫଖୁର୍

ଅର୍ଥାତ‘ ଏବଂ ଲୋକମାନଙ୍କ ସମ୍ମୁଖରେ ଅହଂକାର ସହିତ ନିଜର ଗାଲକୁ ଫୁଲାଅ ନାହିଁ ଏବଂ ଭୂମି ଉପରେ ଗୋଡ଼ କଚାଡ଼ି ଚାଲ ନାହିଁ । ଅଲ୍ଲାଃତାଲା କୌଣସି ଗର୍ବ ଓ ଆତ୍ମ ବଡ଼ିମା କରୁଥିବା ଲୋକଙ୍କୁ ପସନ୍ଦ କରନ୍ତି ନାହିଁ ।’

**(ଲୁକ୍‌ମାନ ୧୯)**

ଯେପରି କି ଉକ୍ତ ଆୟତରୁ ସ୍ପଷ୍ଟ ହେଉଛି ଯେ ଅଲ୍ଲାଃତାଲା କହୁଛନ୍ତି, ଅଯଥାରେ ନିଜ ଗାଲ ଫୁଲାଇ ଅହଂକାର କରି ବିଚରଣ କରନାହିଁ । ଆତ୍ମ ଅଭିମାନ କରୁଥିବା ବ୍ୟକ୍ତିର ଏକ ବିଶେଷ ଠାଣି ରହିଥାଏ ଏବଂ ସେ ନିଜର ବେକକୁ ଅତି ଦର୍ପରେ ଟାଣ କରି ଚାଲିବା ଅଲ୍ଲାଃତାଲାଙ୍କୁ କଦାପି ପସନ୍ଦ ନୁହେଁ ।

କେତେଙ୍କ ଲୋକଙ୍କର ଅଭ୍ୟାସ ଥାଏ ନିଜ ଠାରୁ କମ୍ ବର୍ଗର ଲୋକମାନଙ୍କ ସମ୍ମୁଖରେ ଆଡ଼ମ୍ବର ଦେଖାଇ ଥାଆନ୍ତି ଏବଂ ନିଜ ଠାରୁ ଉପର ଶ୍ରେଣୀର ଲୋକଙ୍କ ସମ୍ମୁଖରେ ଦୁଃଖି ହୋଇପଡ଼ନ୍ତି । ଏପରି ଲୋକମାନଙ୍କ ଠାରେ ଦୋମୁହାଁ ନୀତିର ଖରାପ ମଧ୍ୟ ପ୍ରକଟିତ ହୋଇଥାଏ । ସେଥିପାଇଁ ଏହି ଅହଂକାର ଅନେକ ପ୍ରକାରର ଚାରିତ୍ରିକ ମନ୍ଦକର୍ମର କାରଣ ହୋଇଥାଏ । ସତ୍‌କର୍ମ ଦିଗରେ ଅଗ୍ରସର ହେବାର ପଥ ଧିରେ ଧିରେ ବନ୍ଦ ହୋଇଯାଏ ।  ପୁଣି ଧର୍ମରୁ ମଧ୍ୟ ଦୂରେଇ ଯାଆନ୍ତି, ଜମାଅତର ବ୍ୟବସ୍ଥା ଠାରୁ ମଧ୍ୟ ଦୂରକୁ ଚାଲି ଯାଆନ୍ତି । ଯେପରି ସେମାନଙ୍କର ଅହଂକାର ବୃଦ୍ଧି ହେବାକୁ ଲାଗେ, କ୍ରମଶଃ ସେମାନେ ଅଲ୍ଲାଃତାଲା ଓ ତାଙ୍କ ରସୁଲ୍‌ଙ୍କ ସାନିଧ ଠାରୁ ଓ ଅଲ୍ଲାଃଙ୍କ କୃପାରୁ ମଧ୍ୟ ଦୂରେଇ ଚାଲିଯାଆନ୍ତି ।

ଗୋଟିଏ ହଦିସରେ ଉଲ୍ଲେଖ ଅଛି ହଜରତ୍ ଯାବିର୍[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ ମୁହମ୍ମଦ[ସଅ] ଏହିପରି କହିଥିଲେ 'କୟାମତ୍ (ଅନ୍ତିମ ବିଚାର) ଦିନ ତୁମମାନଙ୍କ ମଧ୍ୟରୁ ମୋତେ ସବୁଠାରୁ ପ୍ରିୟ ଓ ସବୁଠାରୁ ନିକଟତର ସେହି ଲୋକମାନେ ହେବେ, ଯେଉଁମାନେ ଉତ୍ତମ ଚରିତ୍ରବାନ ଥିବେ । ତୁମମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ତିରସ୍କୃତ ଓ ମୋଠାରୁ ଅଧିକ ଦୂରରେ ସେହି ଲୋକମାନେ ରହିବେ, ଯେଉଁମାନେ 'ସରସାର୍' ଅର୍ଥାତ୍ କୁହାଳିଆ ହୋଇ ବଢ଼ି ଚଢ଼ି ମନଗଢା କଥା କୁହନ୍ତି । 'ମୁତଶଦ୍ଦିକ' ଅର୍ଥାତ୍ ଯେଉଁମାନେ ମୁହଁ ଫୁଲାଇ କଥା କୁହନ୍ତି । 'ମୁତ୍ଫୈହିକ୍' ଅର୍ଥାତ୍ ଯେଉଁମାନେ ଲୋକମାନଙ୍କ ଉପରେ ନିଜର ଦର୍ପ ଅହଙ୍କାର ବ୍ୟକ୍ତ କରନ୍ତି । ଅନୁଚରମାନେ କହିଲେ 'ହେ ଅଲ୍ଲାଃଙ୍କ ରସୁଲ୍ ! ସରସାର ତଥା ମୁତ୍ଶଦ୍ଦିକର ଅର୍ଥ ତ ଆମେ ଜାଣି ପାରୁଛୁ । କିନ୍ତୁ ମୁତ୍ଫୈହିକ କାହାକୁ କହନ୍ତି ? ମହାଭାଗ କହିଲେ ଅଭିମାନପୂର୍ଣ୍ଣ ଭାଷାରେ କଥା କହିବା ବ୍ୟକ୍ତିଙ୍କୁ ଏହା ବୁଝାଏ ।

(ତିର୍‌ମିଜି, ଅବ୍‌ୱାବୁଲ୍ ବିର୍‌ରେ ୱସସିଲା, ଭାଗ ଫି ମାଆଲିଅଲ୍ ଅଖ୍‌ଲାକ୍)

ଅନ୍ୟ ଏକ ହଦିସ୍ ଇବ୍ନେ ମସୁଦ୍[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ ମୁହମ୍ମଦ[ସଅ] କହୁଥିଲେ ତିନୋଟି ବିଷୟ ପ୍ରତ୍ୟେକ ପାପର ମୂଳ କାରଣ । ଯେଉଁଥିରୁ ବଞ୍ଚିତ ରହିବା ଆବଶ୍ୟକ । ଅଭିମାନରୁ ବଞ୍ଚିତ ହୁଅ, କାରଣ ଅଭିମାନ ହିଁ ଶୈତାନକୁ ପ୍ରବର୍ତ୍ତାଇଲା ଯେ ସେ ଆଦମକୁ ସିଜ୍‌ଦାଃ ନକରୁ । ଦ୍ୱିତୀୟତଃ ଲୋଭରୁ ବଞ୍ଚିତ ରୁହ । କାରଣ ଲୋଭ ହିଁ ଆଦମ୍‌କୁ ବୃକ୍ଷର ଫଳ ଆସ୍ୱାଦନ କରିବା ପାଇଁ ପ୍ରବର୍ତ୍ତାଇଲା । ତୃତୀୟତଃ ଇର୍ଷାରୁ ବଞ୍ଚିତ ରୁହ ।

କାରଣ ଇର୍ଷା ଯୋଗୁଁ ହିଁ ଆଦମଙ୍କ ଦୁଇ ପୁତ୍ରରୁ ଜଣେ ନିଜ ଭାଇକୁ ହତ୍ୟା କରି ଦେଲା । (ରିସାଲା କେଶରୀଆ, ବାବୁଲ୍ ହସଦ୍, ପୃ : ୭୯) ପୁଣି ହଦିସରେ ବର୍ଣ୍ଣିତ ଅଛି: ହଜରତ୍ ଅବ୍ଦୁଲାଃ ବିନ୍ ମସୁଦ[ରଅ], ବର୍ଣ୍ଣନା କରିଛନ୍ତି ଯେ ହଜରତ ମୁହମ୍ମଦ୍[ସଅ] କହିଥିଲେ, 'ଯା'ହୃଦୟରେ ତିଳେମାତ୍ର ଗର୍ବ ରହିଥିବ,ଅଲ୍ଲାଃତାଲା ତାକୁ ବୈକୁଣ୍ଠରେ ପ୍ରବେଶ କରିବାକୁ ଦେବେନାହିଁ ।' ଜଣେ ବ୍ୟକ୍ତି ନିବେଦନ କଲା 'ହେ ଅଲ୍ଲାଃଙ୍କ ରସୁଲ୍ ! ମନୁଷ୍ୟ ଚାହୁଁଛି ତା'ର ବସ୍ତ୍ର ପରିଷ୍କାର ହେଉ, ତା'ର ଯୋତା ଭଲ ହେଉ ଓ ସେ ସୁନ୍ଦର ଦେଖାଯାଉ ।' ତହୁଁ ମହାଭାଗ କହିଲେ 'ଅଲ୍ଲାଃତାଲା ସୁନ୍ଦରତାକୁ ପସନ୍ଦ କରନ୍ତି । ବାସ୍ତବରେ ଅଭିମାନ ହେଉଛି ମନୁଷ୍ୟ ସତ୍ୟତାର ବିରୋଧ କରିବା । ଲୋକମାନଙ୍କୁ ତୁଚ୍ଛ ମଣେ, ସେମାନଙ୍କୁ ହୀନ ଚକ୍ଷୁରେ ଦେଖେ ଓ ସେମାନଙ୍କ ସହିତ ଅସଦବ୍ୟବହାର କରେ ।' (ସହି ମୁସ୍‌ଲିମ୍, କିତାବୁଲ ଇମାନ, ଭାଗ ତହରିମୁଲ କିବ୍‌ର୍ ଓ ବୟାନହ୍)

ପୁଣି ଅନ୍ୟତ୍ର ଉଲ୍ଲେଖ ଅଛି ଯେ ହଜରତ ଅବୁହୁରୈରା[ରଅ] ବର୍ଣ୍ଣନା କରିଛନ୍ତି ରସୁଲୁଲ୍ଲାଃ[ସଅ] ଏହିପରି କହିଥିଲେ 'ନର୍କ ବୈକୁଣ୍ଠ ମଧ୍ୟରେ ବାଦାନୁବାଦ ଲାଗିଲା । ନର୍କ କହିଲା 'ମୋ ମଧ୍ୟରେ ବଡ଼ ବଡ଼ ଦୁଷ୍ଟ, ଅତ୍ୟାଚାରୀ ଓ ଅହଂକାରୀ ପ୍ରବେଶ କରନ୍ତି । ବୈକୁଣ୍ଠ କହିଲା ମୋ ମଧ୍ୟରେ ସରଳ ସ୍ୱଭାବର ଦୀନ ଦୁଃଖିମାନେ ପ୍ରବେଶ କରନ୍ତି । ଏହାପରେ ଅଲ୍ଲାଃତାଲା ନର୍କକୁ କହିଲେ ତୁ ମୋର ପ୍ରକୋପକୁ ପ୍ରକାଶ କରିବାର କାରଣ ସାଜିଛୁ । ମୁଁ ଯାହାକୁ ଇଚ୍ଛା କରେ ତୋ ମାଧ୍ୟମରେ ଦଣ୍ଡିତ କରିଥାଏ । ପୁଣି ସେ ବୈକୁଣ୍ଠକୁ କହିଲେ, ତୁ ମୋର କରୁଣାକୁ ପ୍ରକଟ କରିଥାଉ । ମୁଁ ଯାହାକୁ ଇଚ୍ଛା କରେ ତୋ ମାଧ୍ୟମରେ ମୋର ଦୟା ଓ କରୁଣା ସଂଚାର କରିଥାଏ । ତୁମ ଉଭୟଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଏହାର ସମ୍ପୂର୍ଣ୍ଣ ଭାଗ ମିଳିବ ।'

(ସହି ମୁସ୍‌ଲିମ୍, କିତାବୁଲ୍ ଜନ୍ନତ ଓ ସିଫତ୍ ନରସୁହା ଓ ଅହ୍‌ଲିହା)

ଅଲ୍ଲାଃତାଲା କରନ୍ତୁ ଯେ ପ୍ରତ୍ୟେକ ଅହମଦୀ ନମ୍ରତା, ସରଳ ସ୍ୱଭାବ ଓ ଉଚ୍ଚ ଚରିତ୍ରଗତ ମାର୍ଗରେ ଚାଲି ଅଲ୍ଲାଃତାଲାଙ୍କ ଦୟା ଓ କରୁଣାର ଦୃଷ୍ଟି ପାଆନ୍ତୁ । ଅଲ୍ଲାଃତାଲାଙ୍କ ସ୍ୱର୍ଗର ପାରିଜାତରେ ପ୍ରବେଶ କରନ୍ତୁ । ଏବଂ ପ୍ରତ୍ୟେକ ଗୃହ ଅହଂକାରର ପାପରୁ ପବିତ୍ର ହୋଇଯାଉ ।

ଏକ ହଦିସରେ ଉଲ୍ଲେଖ ଅଛି ହଜରତ ଅବୁ ସଇଦ୍ ଖୁଦ୍‌ରି[ରଅ] ଓ ହଜରତ ଅବୁ ହୁରେରା[ରଅ]ଙ୍କ ଦ୍ୱାରା ବର୍ଣ୍ଣିତ ହୋଇଛି ଯେ ରସୁଲୁଲ୍ଲାଃ[ସଅ] ଏହିପରି କହିଥିଲେ, 'ଇଜ୍ଜତ' ଅଲ୍ଲାଃତାଲାଙ୍କ ପରିଧାନ ଏବଂ କିବ୍ରିଆଇ (ବଡ଼ପଣ) ଅଲ୍ଲାଃତାଲାଙ୍କ ଚାଦର । ଯେ କେହି ଏହାକୁ ମୋ ଠାରୁ ଛଡ଼େଇ ନେବାକୁ ଚେଷ୍ଟା କରିବ, ମୁଁ ତା'କୁ ଶାସ୍ତି ଦେବି ।'

(ସହି ମୁସ୍‌ଲିମ୍, କିତାବୁଲ୍ ବିର୍ ଓ ସିଲ୍‌ହା)

## ଅହଂକାରୀ କଦାପି ବୈକୁଣ୍ଠରେ ପ୍ରବେଶ କରିପାରିବ ନାହିଁ

ସୁତରାଂ ଅହଙ୍କାର ପରିଶେଷରେ ମନୁଷ୍ୟକୁ ପ୍ରଭୁଙ୍କ ବିରୁଦ୍ଧରେ ଛିଡ଼ା କରାଇଦିଏ । ଯଦି ପ୍ରଭୁଙ୍କ ସମତୁଲ୍ୟ କରୁଥିବା ବ୍ୟକ୍ତିଙ୍କୁ ଅଲ୍ଲାଃତାଲା କହୁଛନ୍ତି ଯେ ସେ କ୍ଷମା କରିବେ ନାହିଁ, ତା' ହେଲେ ଯେତେବେଳେ କେହି ନିଜେ ଈଶ୍ୱର ବୋଲାଇବାର ଦାବୀଦାର ହୋଇଯାଏ, ତେବେ ତାକୁ କିପରି କ୍ଷମା କରାଯାଇ ପାରିବ । ଏହି ଅହଂକାର ହିଁ ବିଭିନ୍ନ ଯୁଗରେ ବିଭିନ୍ନ ସମୟରେ ଫିରୌନ ପ୍ରବୃତ୍ତି ଲୋକମାନଙ୍କୁ ଜାତ କରିଛି । ଆଉ ପୁଣି ଏପରି ଫିରୌନ ଗୋଷ୍ଠୀମାନଙ୍କୁ ଓ ଶାସକମାନଙ୍କୁ ଏକଥା ଜଣାନାହିଁ ଯେ ଅଲ୍ଲାଃତାଲା ଯେତେବେଳେ ସେମାନଙ୍କର ଗର୍ବ

ଓ ଅହଂକାରକୁ ଚୂର୍ଣ୍ଣ କରନ୍ତି, ସେତେବେଳେ ସେମାନଙ୍କ ଚିହ୍ନ ବର୍ଣ୍ଣ ମଧ୍ୟ ଖୋଜିଲେ ମିଳେ ନାହିଁ । ଏପରି ଫିରୌନମାନଙ୍କର ପରିଣାମ ଆପଣମାନେ ଅନୁଧ୍ୟାନ କରିଛନ୍ତି ଓ ଏ ଯୁଗରେ ମଧ୍ୟ ନିଜେ ଦେଖିଛନ୍ତି । ଅତି ଭୟଙ୍କର ସ୍ଥିତି ଦେଖା ଦେଇଛି । ପ୍ରତ୍ୟେକ ଅହମଦୀଙ୍କୁ ସାମାନ୍ୟ ଅହଂକାରରୁ ମଧ୍ୟ ବଞ୍ଚିତ ରହିବା ଉଚିତ । କାରଣ ଏହା ପୁଣି ପ୍ରସାରିତ ହୋଇ ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୁ କବଳିତ କରିଦିଏ । ଅଲ୍ଲାଃତାଲା ଆମଙ୍କୁ ସତର୍କ ମଧ୍ୟ କରାଇ ଦେଇଛନ୍ତି ଓ ସ୍ପଷ୍ଟ କରି ଦେଇଛନ୍ତି ଯେ ଏହି ଦର୍ପ ଓ ଅହଂକାର ମୋର ଚାଦର । ମୁଁ ଜଗତର ପାଳନକର୍ତ୍ତା, କିବ୍ରିୟାଇ (ବଡ଼ିମା) ହେଉଛି ମୋର । ଏହାକୁ ସ୍ୱୀକାର କର ଓ ନମ୍ରତା ଦେଖାଅ । ଯଦି ଏହି ସୀମାରୁ ବାହାରକୁ ବାହାରିବାକୁ ଚେଷ୍ଟା କରିବ, ଶାସ୍ତିରେ କବଳିତ ହେବ । ଯଦି ତୁମ ଦେହରେ ଶୋରିଷ ପରି କ୍ଷୁଦ୍ର ଅହଙ୍କାର ରହିଛି, ତେବେ ତୁମ ପାଇଁ ଶାସ୍ତିକୁ ନିଶ୍ଚିତ କରାଯାଇଛି । କିନ୍ତୁ ତା' ସହିତ ଏହି ସୁସମ୍ବାଦ ମଧ୍ୟ ଦିଆଯାଇଛି ଯେ ଯଦି ଅଣୁ ମାତ୍ର ମଧ୍ୟ ତୁମଠାରେ ଧର୍ମବିଶ୍ୱାସ ରହିଛି, ତେବେ ମୁଁ ତୁମଙ୍କୁ ନରକାଗ୍ନିର ଶାସ୍ତିରୁ ରକ୍ଷା କରିବି । ଯେପରିକି ହଦିସ୍‌ରେ ଉଲ୍ଲେଖ ଅଛି ।

ହଜରତ ଅବ୍ଦୁଲ୍ଲାଃ[ରଅ]ଙ୍କ ଦ୍ୱାରା ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲା[ସଅ] କହିଥିଲେ, 'ଯା' ହୃଦୟରେ ଶୋରିଷ ଦାନା ପରି ଅହଙ୍କାର ଥିବ, ସେ ବୈକୁଣ୍ଠରେ ପ୍ରବେଶ କରିପାରିବ ନାହିଁ । ଯା' ହୃଦୟରେ ଶୋରିଷ ଦାନା ପରି ମଧ୍ୟ ବିଶ୍ୱାସ ଥିବ, ସେ ନରକାଗ୍ନିରେ ପ୍ରବେଶ କରିବ ନାହିଁ ।' (ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ମୁକଦ୍ଦମା)

ହଜରତ ମସିହ ମଉଦ୍[ଅସ] କହିଛନ୍ତି 'ମୁଁ ସତ କହୁଛି ଯେ ଅନ୍ତିମ ବିଚାର ଦିନ ଶିର୍କ (ଅନେକେଶ୍ୱରବାଦ) ପରେ ଅହଂକାର ଯେପରି ଆଉ କୌଣସି ଦୁର୍ଦ୍ଦଶା ନାହିଁ । ଏହା ଏକ ଏପରି ବିପଦ ଯାହା ଉଭୟ ଲୋକରେ ମନୁଷ୍ୟକୁ ଲାଞ୍ଛିତ କରିଥାଏ । ପ୍ରଭୁଙ୍କର କୃପା ପ୍ରତ୍ୟେକ ଏକେଶ୍ୱରବାଦୀଙ୍କୁ ବଞ୍ଚାଇ ନିଏ, ପରନ୍ତୁ ଅହଙ୍କାରୀକୁ ନୁହେଁ । ଶୈତାନ ମଧ୍ୟ ଏକେଶ୍ୱରବାଦୀ ହେବାର କହି ହେଉଥିଲା । କିନ୍ତୁ ଯେହେତୁ ତା'ଠାରେ ଅହଙ୍କାର ଥିଲା ଓ ଆଦମ୍‌କୁ ଯିଏ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ପ୍ରିୟ ଥିଲେ, ଯେତେବେଳେ ଶୈତାନ ତାଙ୍କୁ ତିରସ୍କୃତ ଦୃଷ୍ଟିରେ ଦେଖିଲା ଓ ତାଙ୍କ ବିଷୟରେ ତର୍କ କଲା, ସେ ପଦଦଳିତ ହେଲା ଓ ଭର୍ତ୍ସନାର ବୋଝ ତା ବେକରେ ପକାଇ ଦିଆଗଲା । ସୁତରାଂ ପ୍ରଥମ ପାପ ଯାହାଦ୍ୱାରା ଜଣେ ବ୍ୟକ୍ତି ସଦା ସର୍ବଦା ପାଇଁ ମୃତ୍ୟୁର ସ୍ୱାଦ ଚାଖିଲା,ତାହା ଅହଂକାର ହିଁ ଥିଲା ।'

(ଆଇନା କମାଲାତେ ଇସଲାମ, ରୁହାନି ଖଜାଇନ, ଖଣ୍ଡ ୫, ପୃ : ୫୯୮)

ପୁଣି କହିଛନ୍ତି, 'ଯଦି ତୁମ ଭିତରେ କୌଣସି ପ୍ରକାରର ଅହଙ୍କାର କିମ୍ବା ଲୋକ ଦେଖାଣିଆ ଭାବ ରହିଛି କିମ୍ବା ଆତ୍ମ ବଡ଼ିମା ତଥା ଆଳସ୍ୟ ପରାୟଣ ହେବାର କିଞ୍ଚିତ ଝଲକ ମଧ୍ୟ ରହିଛି, ତେବେ ତୁମେ ଏପରି ପାତ୍ର ନୁହଁ ଯେ ତୁମଙ୍କୁ ଗ୍ରହଣ କରାଯିବ । ଏପରି ନହେଉ ଯେ ତୁମେ କେତେକ ବିଷୟକୁ ନେଇ ସ୍ୱୟଂ ନିଜକୁ ଧୋକା ଦେଉଥିବ ଯେ ଯାହା କିଛି କରିବାର ଥିଲା ଆମେ କରିନେଇଛୁ । କିନ୍ତୁ ଈଶ୍ୱର ତୁମ ଅସ୍ତିତ୍ୱର ପୂର୍ଣ୍ଣ ରୂପେ ପରିବର୍ତ୍ତନ ଚାହୁଁଛନ୍ତି । ସେ ତୁମଠାରୁ ଏକ ମୃତ୍ୟୁ ମାଗୁଛନ୍ତି, ଯା'ପରେ ସେ ତୁମଙ୍କୁ ଜୀବିତ କରିବେ ।

(କିସ୍ତି ନୁହ, ରୁହାନି ଖଜାଇନ, ଖଣ୍ଡ ୧୯, ପୃ : ୧୨ - ୧୩)

## ଅହଙ୍କାର ଓ ଶୈତାନ ମଧ୍ୟରେ ପ୍ରଗାଢ଼ ସମ୍ବନ୍ଧ ରହିଛି

ପୁଣି କହିଛନ୍ତି 'ହେ ଲୋକମାନେ, ଯେଉଁମାନେ ଅବତାରମାନଙ୍କ ତୁଳନାରେ କୋଟି କୋଟି ଗୁଣରେ ନିମ୍ନସ୍ତରର ଶ୍ରେଣୀଭୁକ୍ତ ହୋଇ ଥାଆନ୍ତି ଏବଂ ଦୁଇ ଦିନ ନମାଜ ପଢ଼ି ଅହଙ୍କାର କରନ୍ତି । ସେହିପରି ରୋଜା, ହଜର ପବିତ୍ରତା ପରିବର୍ତ୍ତେ ଅହଙ୍କାର ଓ ଲୋକ ଦେଖାଣିଆ ଭାବଜାତ ହୋଇଥାଏ । ମନେରଖ, ଅହଙ୍କାର ଶୈତାନ ଠାରୁ ଆସିଛି ଓ ସେ ଅନ୍ୟକୁ ଶୈତାନରେ ପରିଣତ କରିଦେବ । ଯେ ପର୍ଯ୍ୟନ୍ତ ମନୁଷ୍ୟ ଏହାଠାରୁ ଦୂରେଇବ, ନାହିଁ ସତ୍ୟତାକୁ ସ୍ୱୀକାର କରିବା ଓ ଅଲ୍ଲାଃତାଲାଙ୍କ ଅନୁକମ୍ପା ପ୍ରାପ୍ତ କରିବାର ପଥରେ ପ୍ରତିବନ୍ଧକ ସାଜିବ । ତେଣୁ କୌଣସି ପ୍ରକାରର ଅହଙ୍କାର କରିବା ଆବଶ୍ୟକ ନୁହେଁ । ନା ଜ୍ଞାନ ଗାରିମା ଯୋଗୁଁ, ନା ଧନ ସଂପତ୍ତି ସକାଶେ । ନା ସମ୍ମାନ ହେତୁ ନା ଜାତି, ଗୋଷ୍ଠୀ ବା ବଂଶ ଆଭିଜାତ୍ୟ ପାଇଁ । କାରଣ ଅଧିକାଂଶ ଭାବେ ଏହି ସବୁରୁ ଅହଙ୍କାର ଜାତ ହୋଇଥାଏ । ଯେ ପର୍ଯ୍ୟନ୍ତ ମନୁଷ୍ୟ ଉକ୍ତ ଅହଙ୍କାରରୁ ନିଜକୁ ପବିତ୍ର ତଥା ସ୍ୱଚ୍ଛ ନକରିବ, ସେ ପର୍ଯ୍ୟନ୍ତ ସେ ପ୍ରଭୁଙ୍କ ନିକଟରେ ପସନ୍ଦଯୋଗ୍ୟ ହୋଇ ପାରିବ ନାହିଁ । ସେହି ଈଶ୍ୱରୀୟ ଜ୍ଞାନ ଯାହା ଅସଦ୍ ଭାବନାକୁ ଜଳାଇ ଦିଏ, ତାହା ପ୍ରାପ୍ତ ହୁଏନାହିଁ । କାରଣ ଏସବୁ ଶୈତାନର ଅଂଶ ବିଶେଷ । ଏହାକୁ ଅଲ୍ଲାଃତାଲା ପସନ୍ଦ କରନ୍ତି ନାହିଁ... ।'

ହଜରତ୍ ମସିହ୍ ମଉଦ୍ [ଅସ] କହିଛନ୍ତି 'କେତେକ ମୌଳିକ ବିଷୟ ରହିଛି । ସେସବୁ ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଓ ସେଥିରୁ ବଞ୍ଚିତ ରୁହ । କେତେକ ବ୍ୟକ୍ତି ଦୁଇ, ଚାରି ଦିନ ନମାଜ ପାଠ କରି ଭାବନ୍ତି ଯେ ଆମେ ବଡ଼ ସାଧୁ ଓ ନୈଷ୍ଠିକ ହୋଇଗଲୁ । ଚେହେରା ଉପରେ ବିଚିତ୍ର ଭାବ ଆଣି ଗାମ୍ଭିର୍ଯ୍ୟ ଦେଖାଇବା ଦ୍ୱାରା

ଗର୍ବଭାବ ମଧ୍ୟ ଜଣାପଡ଼େ । ଆପଣମାନେ ବେଳେବେଳେ ଅନେକ ଲମ୍ବା ଚୋଲା ପରିହିତ ବସ୍ତ୍ରଧାରୀ ବାବାମାନଙ୍କୁ ଦେଖିଥିବେ । ହାତରେ ତସ୍‌ବିହ୍ ମାଳ ଧରି ମସ୍‌ଜିଦ୍‌ରୁ ବାହାରୁଥିବେ । ସେମାନଙ୍କ ଠାଣୀରୁ ହିଁ ଗର୍ବ ଓ ଅଭିମାନର ଝଲକ୍ ଦେଖାଯାଏ । ଅଲ୍ଲାଃତାଲାଙ୍କୁ ଅଶେଷ ଧନ୍ୟବାଦ ଯେ ଜମାଅତ ଅହମଦିୟା ଏପରି ଚୋଲା ପରିଧାନକାରୀଙ୍କ ଠାରୁ ମୁକ୍ତ । ପୁଣି ହଜ୍ କରି ଆସୁଥିବା ହାଜୀମାନଙ୍କର ଏପରି ଭାବେ ପ୍ରଚାର ହୁଏ ଯେ ତାହା ସୀମା ବହିର୍ଭୁତ । ଏପରି ଲୋକମାନଙ୍କର ରୋଜା ମଧ୍ୟ ଲୋକ ଦେଖାଣିଆ ହୋଇଥାଏ ଓ ହଜ୍‌ର ବାହ୍ୟ ଉପଚାର ମଧ୍ୟ । କେବଳ ଆତ୍ମ ବଡ଼ିମା ବ୍ୟକ୍ତ କରିବାକୁ ଏସବୁ କରାଯାଏ ଯେ ଲୋକେ କୁହନ୍ତୁ ଅମୁକ ଲୋକ ବଡ଼ ସାଧୁ ପୁରୁଷ । ସେ ବହୁତ ରୋଜା ରଖୁଛି, ହଜ୍ ମଧ୍ୟ କରିଛି । ବଡ଼ ନ୍ୟାୟବନ୍ତ ଓ ବହୁତ ଧର୍ମ ପରାୟଣ ବ୍ୟକ୍ତି । ଏ ସମସ୍ତ ଲୋକ ଦେଖାଣିଆ ଅହଙ୍କାର ଯୋଗୁଁ ଜାତ ହୋଇଥାଏ । ବାହ୍ୟ ପ୍ରଦର୍ଶନ ଯୋଗୁଁ ଅହଙ୍କାର ଜନ୍ମ ନିଏ । ପୁଣି ସେ କହିଛନ୍ତି, କେତେକ ଲୋକ ନିଜର ଜାତି ବର୍ଣ୍ଣ ଉପରେ ଅହଙ୍କାର କରିଥାଆନ୍ତି ଯେ ଆମେ ବଡ଼ ଶ୍ରେଷ୍ଠ ଜାତିର ଲୋକ । ସେ ଅମୁକ ବ୍ୟକ୍ତି କେଉଁଠି ଆମର ସମକକ୍ଷ ହେବା ପାଇଁ ମୁକାବିଲା କରିପାରିବ ! ସେ ତ ଛୋଟ ଜାତିର ଲୋକ । ତେଣୁ ହଜରତ ମସିହ ମଉଦ୍[ଅସ] କହିଛନ୍ତି 'ଅହଙ୍କାର ଅନେକ ପ୍ରକାରର ହୋଇଥାଏ, ଯାହା ତୁମଙ୍କୁ ପ୍ରଭୁଙ୍କ ଐଶ୍ୱରିକ ଜ୍ଞାନ ଠାରୁ ଦୂରେଇ ନେଇଯାଏ । ତାହାଙ୍କ ସାନିଧ୍ୟ ପ୍ରାପ୍ତ ହେବାରୁ ମଧ୍ୟ ଦୂରେଇ ଦେଇଥାଏ । ଫଳତଃ ମନୁଷ୍ୟ ଧିରେ ଧିରେ ଶୈତାନର ଅଣ୍ଟିରେ ପଡ଼ି ଯାଇଥାଏ ।'

ପୁଣି କହିଛନ୍ତି; 'ମୋ ନିକଟରେ ପବିତ୍ର ହେବାପାଇଁ ଏହା ହେଉଛି ଉତ୍କୃଷ୍ଟ ପନ୍ଥା । ଏହା ସମ୍ଭବ ନୁହେଁ ଯେ ଏହାଠାରୁ ଅଧିକ କୌଣସି ଉତ୍ତମ ମାର୍ଗ ମିଳିପାରିବ, ଯଦ୍ୱାରା ମନୁଷ୍ୟ କୌଣସି ପ୍ରକାରର ଅହଂକାର ଓ ଗର୍ବ କରିବ ନାହିଁ । ନା ଜ୍ଞାନ ସକାଶେ ନା ବଂଶ ଆଭିଜାତ୍ୟ ସକାଶେ, ନା ନିଜର ଧନ ପାଇଁ । ଯେବେ ପ୍ରଭୁ କାହାରିକୁ ଚକ୍ଷୁ ପ୍ରଦାନ କରିଥାନ୍ତି, ଯା' ଫଳରେ ସେ ଦେଖିପାରେ ଏବଂ ତଦ୍ୱାରା ପ୍ରତ୍ୟେକ ପ୍ରକାର ଜ୍ୟୋତିର ପ୍ରକାଶ ବାହାରେ ଯାହା ଏହି ଅନ୍ଧକାରରୁ ମୁକ୍ତି ଦିଏ, ତାହା ଆକାଶରୁ ହିଁ ଆସିଥାଏ । ମନୁଷ୍ୟ ସର୍ବଦା ସ୍ୱର୍ଗୀୟ ଜ୍ୟୋତିର ଆଶ୍ରୀତ ଥାଏ । ଚକ୍ଷୁ ମଧ୍ୟ ପଥ ଦେଖିପାରିବ ନାହିଁ ଯେ ପର୍ଯ୍ୟନ୍ତ ସୂର୍ଯ୍ୟର ପ୍ରକାଶ ଆକାଶରୁ ନ ଆସିବ । ସେହିପରି ସମସ୍ତ ଅନ୍ତର୍ନିହିତ ଜ୍ୟୋତି ଯାହା ପ୍ରତ୍ୟେକ ପ୍ରକାରର ଅନ୍ଧକାରକୁ ଦୂର କରେ, ସେ ସ୍ଥାନରେ ତକୱା (ଈଶ୍ୱର ଭୟ) ଓ ପବିତ୍ରତାର ଜ୍ୟୋତି ଉତ୍ପନ୍ନ କରି ଆକାଶରୁ ହିଁ ଆସିଥାଏ । ମୁଁ ସତ୍ୟ କହୁଛି ଯେ ମନୁଷ୍ୟର ଅଲ୍ଲାଃଙ୍କ ପ୍ରତି ଭୟ, ସଂଯମତା, ବିଶ୍ୱାସ,

ଉପାସନା ଓ ସ୍ୱଚ୍ଛତା ସବୁକିଛି ଆକାଶରୁ ଆସିଥାଏ । ଏହା ପ୍ରଭୁଙ୍କ ଦୟା ଓ କରୁଣା ଉପରେ ଆଧାରିତ । ସେ ଚାହିଲେ ଏହାକୁ ପ୍ରତିଷ୍ଠିତ ରଖିବେ, ସେ ଚାହିଲେ ଏହାକୁ ଦୂର କରିଦେବେ । ସୁତରାଂ ବାସ୍ତବିକ ଜ୍ଞାନ ତାହାକୁ କୁହାଯାଏ ଯେ ମନୁଷ୍ୟ ନିଜ ଅସ୍ତିତ୍ୱକୁ ମୃତ ସମାନ ଲୋପ କରିଦେବ । ଏବଂ ନିଜ ପ୍ରାଣ ଉତ୍ସର୍ଗ କରି ଅଲ୍ଲାଃଙ୍କ ଛାମୁରେ ପଡ଼ି ବିନମ୍ରତା ତଥା କାତରତା ପୂର୍ବକ ପ୍ରଭୁଙ୍କ ଦୟା ଓ କରୁଣା ଭିକ୍ଷା କରିବ । ସେ ଈଶ୍ୱରୀୟ ଜ୍ଞାନକୁ ମାଗୁ ଯାହା ଅହଙ୍କାରର ଭାବନାକୁ ଜାଳି ପୋଡି ଦିଏ ଓ ଅନ୍ତରରେ ଏକ ଦିବ୍ୟ ଜ୍ଞାନ ଓ ସତ୍‌କର୍ମ ପାଇଁ ଶକ୍ତି ଓ ଉତ୍ସାହ ଉତ୍ପନ୍ନ କରିଦିଏ । ପୁଣି ଯଦି ତାହାଙ୍କ କୃପାରୁ ସେହି ଆଶିଷରୁ ତାକୁ ଭାଗ ମିଳିଯାଏ ତଥା କୌଣସି ସମୟରେ ଯଦି କୌଣସି ପ୍ରକାରର ବୌଦ୍ଧିକ ତତ୍ତ୍ୱ ଓ ଆତ୍ମଶାନ୍ତି ଆସିଯାଏ, ତେବେ ଏଥିପାଇଁ ସେ ଅହଙ୍କାର ଓ ଗର୍ବ ନକରୁ । ବରଂ ତା'ର ବିନମ୍ରତା ଓ କୃତଜ୍ଞ ଭାବ ଯୋଗୁଁ ସେ ଆହୁରି ଉନ୍ନତି ଲାଭ କରୁ । କାରଣ ଯେତିକି ସେ ନିଜକୁ ତୁଚ୍ଛ ମନେ କରିବ, ସେହି ଅନୁପାତରେ ଅନୁକମ୍ପା ଓ ଦିବ୍ୟ ଜ୍ଞାନର ଜ୍ୟୋତି ଅଲ୍ଲାଃଙ୍କ ତରଫରୁ ଅବତୀର୍ଣ୍ଣ ହେବ, ଯାହା ତାକୁ ଜ୍ଞାନ ଓ ଶକ୍ତି ପ୍ରଦାନ କରିବ । ଯଦି ମନୁଷ୍ୟ ଏହି ବିଶ୍ୱାସ ରଖିବ, ତେବେ ଆଶା କରାଯାଇ ପାରେ ଯେ ଅଲ୍ଲାଃତାଲାଙ୍କ ଦୟାରୁ ତା'ର ଚାରିତ୍ରିକ ଅବସ୍ଥା ଭଲ ହୋଇଯିବ । ସଂସାରରେ ନିଜକୁ କିଛି ଭାବିନେବା (ମୁଁ ଏପରି, ମୁଁ ସେପରି, ମୋର ଏଇଆ ଅଛି ଇତ୍ୟାଦି) ମଧ୍ୟ ଅହଙ୍କାର ଅନ୍ତର୍ଭୁକ୍ତ । ଏବଂ ତାହା ଏପରି ଅବସ୍ଥା ଉତ୍ପନ୍ନ କରିଦିଏ ଯେ ସେ ଅନ୍ୟକୁ ତୁଚ୍ଛ ଭାବେ ଓ ତାଙ୍କୁ ଧିକ୍କାର କରିଥାଏ ।

(ମଲଫୂଜାତ, ଖଣ୍ଡ ୪, ପୃ : ୨୧୨-୨୧୩)

ପୁଣି ସେ କହିଛନ୍ତି; 'ଅହଙ୍କାର ଅତି ଭୟଙ୍କର ବ୍ୟାଧି । ଯେଉଁ ମନୁଷ୍ୟ ଠାରେ ଏହା ଉତ୍ପନ୍ନ ହୋଇଯାଏ, ତା'ର ଆଧ୍ୟାତ୍ମିକ ମୃତ୍ୟୁ ଘଟିଥାଏ । ମୁଁ ନିଃସନ୍ଦେହରେ କହିପାରେ ଯେ ଏହି ରୋଗ ହତ୍ୟା ଠାରୁ ମଧ୍ୟ ଆହୁରି ସାଂଘାତିକ । ଅହଙ୍କାରୀ ଶୈତାନର ଭାଇ ହୋଇଯାଏ । କାରଣ ଅହଙ୍କାର ହିଁ ଶୈତାନକୁ ଅପମାନିତ ଓ ତିରସ୍କୃତ କରିଥିଲା । ତେଣୁ ବିଶ୍ୱାସକାରୀମାନଙ୍କ ପାଇଁ ଏହା ସର୍ତ୍ତ ରହିଛି ଯେ ତାଙ୍କଠାରେ ଅହଙ୍କାର ଜାତ ହେବ ନାହିଁ, ବରଂ ବିନମ୍ରତା ଓ କୃତଜ୍ଞ ଭାବ ରହିବା ଉଚିତ । ଏହା ପ୍ରଭୁଙ୍କ ପ୍ରେରିତ ନବୀମାନଙ୍କର ବିଶେଷତ୍ୱ ଯେ ସେମାନଙ୍କ ଠାରେ ଅତ୍ୟଧିକ ବିନମ୍ରତା ଓ ସାନୁନୟ ରହିଥାଏ । ସବୁଠାରୁ ଅଧିକ ହଜରତ ମୁହମ୍ମଦ[ସଅ]ଙ୍କର ଜଣେ ସେବକଙ୍କୁ ପଚରାଗଲା ଯେ ତୁମ ସହିତ କି ପ୍ରକାର ବ୍ୟବହାର ହେଉଥିଲା ? ସେବକ ଉତ୍ତର ଦେଲା, ବାସ୍ତବିକତା ହେଉଛି ମୋଠାରୁ ଅଧିକ ସେ (ରସୁଲୁଲ୍ଲା) ମୋର ସେବା କରୁଥିଲେ ।'

(اَللّٰھُمَّ صَلِّ عَلٰی مُحَمَّدٍ وَّ عَلٰی اٰلِ مُحَمَّدٍ وَ بَارِکْ وَسَلِّمْ).

ଅଲ୍ଲାହୁମ୍ମା ସଲ୍ଲିଆଲା ମୁହମ୍ମଦିନ୍ ଓଆଲା ଆଲେ ମୁହମ୍ମଦିନ୍ ଓବାରିକ୍ ଓସଲ୍ଲିମ୍

(ମଲଫୁଜାତ୍, ଖଣ୍ଡ ୪, ପୃ ୪୩୭-୪୩୮)

# ଅହଙ୍କାର ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଅତ୍ୟନ୍ତ ଘୃଣ୍ୟ କର୍ମ

ପୁଣି ମହାଶୟ କହିଛନ୍ତି; 'ମୁଁ ମୋର ଜମାଅତଙ୍କୁ ଉପଦେଶ ଦେଉଛି ଯେ ଅହଙ୍କାରରୁ ବଞ୍ଚିତ ରୁହ । କାରଣ ଅହଙ୍କାର ଆମର ମହାପ୍ରତାପୀ ଅଲ୍ଲାଃଙ୍କ ଦୃଷ୍ଟିରେ ଅତ୍ୟନ୍ତ ଘୃଣିତ କାର୍ଯ୍ୟ । କିନ୍ତୁ ତୁମେ କଦାପି ବୁଝିପାରିବ ନାହିଁ ଯେ ଅହଙ୍କାର କିପରି ବସ୍ତୁ ତେଣୁ ମୋ ଠାରୁ ବୁଝିନିଅ ଯେ ମୁଁ ପ୍ରଭୁଙ୍କ ଆତ୍ମାରୁ କହୁଛି ।

ପ୍ରତ୍ୟେକ ଯିଏ ନିଜ ଭାଇକୁ ଏଥିପାଇଁ ତୁଚ୍ଛ ଭାବେ ଯେ ସେ ସ୍ୱୟଂ ତା'ଠାରୁ ଅଧିକ ବିଦ୍ୱାନ ବା ବୁଦ୍ଧିମାନ କିମ୍ୱା ଅଧିକ କଳା ସମ୍ପନ୍ନ ଅଥବା ବିଭିନ୍ନ ବିଦ୍ୟାରେ ନିପୁଣ, ସେହି ବ୍ୟକ୍ତି ଅହଙ୍କାରୀ । କାରଣ ସେ ଈଶ୍ୱରଙ୍କୁ ଜ୍ଞାନ ଓ ବୁଦ୍ଧିର ନିର୍ଝର ବୋଲି ମନେ କରେ ନାହିଁ ଏବଂ ନିଜକୁ ନିଜେ ସବୁ କାମରେ ପାରଙ୍ଗମ ବୋଲି ଭାବେ, କ'ଣ ଅଲ୍ଲାଃତାଲା ଏତିକି ସାମର୍ଥ୍ୟ ରଖି ନାହାନ୍ତି ଯେ ସେହି ବ୍ୟକ୍ତିକୁ ପାଗଳ କରିଦେବେ ଓ ତା'ର ସେହି ଭାଇକୁ ଯାହାକୁ ସେ ନିଚ୍ଚ ଭାବୁଛି, ବୁଦ୍ଧି, ଜ୍ଞାନ ଓ କଳା ଇତ୍ୟାଦିରେ ଶ୍ରେଷ୍ଠତା ପ୍ରଦାନ କରିଦେବେ । ସେହି ବ୍ୟକ୍ତି ଯିଏ ନିଜର ଧନ, ଐଶ୍ୱର୍ଯ୍ୟର କଳ୍ପନା କରି ନିଜ ଭାଇକୁ ତୁଚ୍ଛ ମନେକରେ, ସେ ମଧ୍ୟ ଅହଙ୍କାରୀ । କାରଣ ସେ ଏକଥାକୁ ପାଶୋରି ଯାଉଛି ଯେ ଏହି ବୈଭବ ଅଲ୍ଲାଃ ହିଁ ତାକୁ ଦେଇଛନ୍ତି । ସେ ହେଉଛି ଅନ୍ଧ, ଯିଏ ଜାଣେନାହିଁ ଯେ ସେହି ପ୍ରଭୁ, ଏହା କରିବାକୁ ସକ୍ଷମ ଯେ ତା ଉପରେ ଏପରି ବିପଦ ନେଇ ଆସିବେ ଯଦ୍ୱାରା ସେ ନିମିଷ ମାତ୍ରକେ ନର୍କରେ ଯାଇ ପଡ଼ିଯିବ । ଯେଉଁ ଭାଇକୁ ସେ ତୁଚ୍ଛ ଭାବୁଛି, ତା'ଠାରୁ ଅଧିକ ଧନ ସମ୍ପତ୍ତି ତାକୁ ପ୍ରଦାନ କରିଦେବେ । ଏପରି ଯେଉଁ ବ୍ୟକ୍ତି ଶାରୀରିକ ଗଠନ ଓ ସ୍ୱାସ୍ଥ୍ୟ ଉପରେ ଗର୍ବିତ ହୋଇଥାଏ, ନିଜର ରୂପ, ରଙ୍ଗ, ସୌନ୍ଦର୍ଯ୍ୟ ତଥା ଶକ୍ତି ସାମର୍ଥ୍ୟ ଉପରେ ଗର୍ବ ଅନୁବବ କରେ ଏବଂ ନିଜ ଭାଇକୁ ଥଟ୍ଟା ପରିହାସ କରିବା ସହିତ ନିକୃଷ୍ଟ ନାମ ଦେଇଥାଏ । ସେହିପରି ତା'ର ଶାରୀରିକ ଦୋଷ ଦୁର୍ବଳତାକୁ ଲୋକମାନଙ୍କ ଆଗରେ ଶୁଣାଉଥାଏ, ସେ ମଧ୍ୟ ଅହଙ୍କାରୀ । ସେ ଅଲ୍ଲାଃଙ୍କ ଠାରୁ ଅନଭିଜ୍ଞ ରହିଛି ଯେ ନିମିଷ ମାତ୍ରକେ ତାକୁ ଏପରି ଶାରୀରିକ ରୋଗରେ ପୀଡ଼ିତ କରିଦେବେ ଏବଂ ଯାହାକୁ ସେ ନିକୃଷ୍ଟ ଭାବୁଥିଲା, ଦୀର୍ଘ ସମୟ ପର୍ଯ୍ୟନ୍ତ ତା'ର ଶକ୍ତିରେ ଏପରି ଉନ୍ନତି ପ୍ରଦାନ କରିଦେବେ ଯେ ତାହା ଉଣା

ହେବନାହିଁ । କାରଣ ସେ ଯାହା ଚାହାନ୍ତି ତାହା କରିଥାନ୍ତି । ସେହିପରି ସେହି ବ୍ୟକ୍ତି ମଧ୍ୟ ଯିଏ ନିଜ ଶକ୍ତି ଉପରେ ନିର୍ଭର କରେ, ଅଲ୍ଲାଃଙ୍କ ଠାରେ ପ୍ରାର୍ଥନା କରେ ନାହିଁ ବା ସେଥିରେ ଅବହେଳା କରେ, ସେ ମଧ୍ୟ ଅହଙ୍କାରୀ । କାରଣ ଶକ୍ତି ସାମର୍ଥ୍ୟର ସ୍ରୋତକୁ ସେ ଚିହ୍ନିଲା ନାହିଁ ଓ ନିଜକୁ ସାମର୍ଥ୍ୟବାନ ବୋଲି ମନେ କଲା । ତେଣୁ ହେ ମୋର ପ୍ରିୟଗଣ ! ତୁମେ ମୋର ଏହି ସମସ୍ତ କଥାକୁ ମନେ ରଖ । ଏପରି ନହେଉ ଯେ ତୁମେ କୌଣସି ଦୃଷ୍ଟିରୁ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଅହଙ୍କାରୀ ବୋଲି ଗଣନା ହୁଅ ଓ ତୁମଙ୍କୁ ଜ୍ଞାତ ନହେଉ । ଜଣେ ବ୍ୟକ୍ତି ଯିଏ ନିଜ ଭାଇର ଭୁଲ ଶବ୍ଦ ଉଚ୍ଚାରଣକୁ ଗର୍ବର ସହିତ ଠିକ୍ କରି କହିହୁଏ, ସେ ମଧ୍ୟ ଅହଙ୍କାରରେ ଭାଗୀଦାର ହୋଇଯାଏ । ଜଣେ ବ୍ୟକ୍ତି ଯିଏ ନିଜ ଭାଇର କଥାକୁ ଆଦର ସହିତ ଶୁଣିବାକୁ ଇଚ୍ଛୁକ ନୁହେଁ ଓ ମୁହଁ ମୋଡ଼ି ଚାଲିଯାଏ, ସେ ମଧ୍ୟ ଅହଙ୍କାରରେ ଭାଗୀଦାର । ଜଣେ ବ୍ୟକ୍ତି ଯିଏ ପ୍ରାର୍ଥନା କରୁଥିବା ବ୍ୟକ୍ତିକୁ ଥଟ୍ଟା ଓ ପରିହାସରେ ଦେଖେ, ସେ ମଧ୍ୟ ଅହଙ୍କାରରେ ଭାଗିଦାର । ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ନବୀ, ରସୁଲ ବା ଅବତାରମାନଙ୍କ ସମ୍ପୂର୍ଣ୍ଣ ଭାବେ ଆଜ୍ଞା ପାଳନ ନକରନ୍ତି କିମ୍ବା କରିବାକୁ ଇଚ୍ଛା କରନ୍ତି ନାହିଁ ସେ ମଧ୍ୟ ଅହଙ୍କାରର ଏକ ଅଂଶୀଦାର । ଏବଂ ସେହି ବ୍ୟକ୍ତି ନବୀ ଓ ଅବତାରଙ୍କର କଥାକୁ ଧ୍ୟାନ ପୂର୍ବକ ଶୁଣିବାକୁ ଇଚ୍ଛା କରେ, ସେମାନଙ୍କ ଲିଖିତ ବକ୍ତବ୍ୟମାନଙ୍କୁ ଧ୍ୟାନପୂର୍ବକ ଅଧ୍ୟୟନ କରେ ନାହିଁ, ସେ ମଧ୍ୟ ଅହଙ୍କାରରେ ଭାଗୀଦାର ରୂପେ ବିବେଚିତ ହେବ । ତେଣୁ ଚେଷ୍ଟାକର ଯେ ତୁମେ ଅହଙ୍କାରର କୌଣସି ଲେଶମାତ୍ର ଅଂଶ ମଧ୍ୟର ଯେପରି ଭାଗୀଦାର ନହୁଅ । ଅନ୍ୟଥା ବିନାଶ ହୋଇ ଯିବ । ବରଂ ତୁମେ ତୁମର ସ୍ତ୍ରୀ ପିଲାଙ୍କ ସହିତ ମୁକ୍ତି ପାଅ ! ଅଲ୍ଲାଃତାଲାଙ୍କ ଆଡ଼କୁ ନଇଁ ଯାଅ ଓ ସଂସାରରେ ଯଥା ସମ୍ଭବ ଯଦି ତୁମେ କାହା ସହିତ ପ୍ରେମ କରୁଛ, ତେବେ ଅଲ୍ଲାଃଙ୍କ ସହିତ ହିଁ ପ୍ରେମ କର । ସଂସାରରେ ମନୁଷ୍ୟ ଯଦି କାହାରିକୁ ଅଧିକ ଭୟ କରେ ତୁମେ ଅଲ୍ଲାଃଙ୍କୁ ଭୟ କର । ନିର୍ମଳ ହୃଦୟର ହୋଇଯାଅ । ପବିତ୍ର, ଶୁଦ୍ଧପୂତ ଭାବନା, ସରଳ ସ୍ୱଭାବ ତଥା ବିନମ୍ର, ସଦାଚାରୀ ଓ ସାଧୁ ହୋଇଯାଅ, ଯଦ୍ୱାରା ତୁମ ଉପରେ କୃପା ହେବ ।'

(ନୁଜୁରୁଲ୍ ମସିହ୍, ରୁହାନି ଖଜାଇନ, ଭାଗ ୧୮, ପୃ : ୪୦୨-୪୦୩)

ପୁଣି ଦ୍ୱିତୀୟତଃ ଯାହା ସର୍ତ୍ତରେ ବର୍ଣ୍ଣନା କରାଯାଇଛି ତାହା ହେଉଛି ନମ୍ରତା, ଶିଷ୍ଟାଚାର, ସଦ୍ ଚରିତ୍ର ଓ ଦୟାଶୀଳତା ପୂର୍ବକ ଜୀବନ ଅତିବାହିତ କରିବ । ଯେପରିକି ମୁଁ ଆଗରୁ ମଧ୍ୟ କହିଛି, ଯେତେବେଳେ ଆପଣ ନିଜର ମନ ମସ୍ତିଷ୍କକୁ ଅହଙ୍କାରରୁ ମୁକୁଳାଇବାକୁ ପ୍ରୟାସ କରିବେ, ତେବେ ନିଃସନ୍ଦେହରେ ଏହା ଏକ ଉତ୍ତମ ଗୁଣ ଓ ପବିତ୍ର ଚରିତ୍ର ରୂପେ ନିଜ ମଧ୍ୟରେ ଉତ୍ପନ୍ନ କରିବାକୁ ହେବ । ନଚେତ୍

ପୁଣି ଶୈତାନ୍ ଆକ୍ରମଣ କରିବ । କାରଣ ସେ ଏଇଥିପାଇଁ ଓର ଉଣ୍ଡି ବସି ରହିଛି ଯେ ଆପଣଙ୍କ ପିଛା ଛାଡ଼ିବ ନାହିଁ । ତେଣୁ ସେହି ସ୍ୱଭାବ ହେବନ ବିନମ୍ରତା ଓ ଉଦାର ଭାବର । ଏହା କଦାପି ହୋଇ ପାରିବ ନାହିଁ ଯେ ଅହଙ୍କାରୀ ଓ ବିନୟୀ ଏକତ୍ର ରହିପାରିବେ । ଅହଙ୍କାରୀ ବ୍ୟକ୍ତି ସର୍ବଦା ଏପରି ବିନୟୀ ଲୋକମାନଙ୍କ ପ୍ରତି ଯେଉଁମାନେ କରୁଣାମୟ ଅଲ୍ଲାଃଙ୍କ ଉପାସକ ଥାଆନ୍ତି, ସେମାନଙ୍କୁ ବ୍ୟଙ୍ଗ ବିଦୃପ କରିବାରେ ଲାଗନ୍ତି । ତେଣୁ ଏପରି ବ୍ୟକ୍ତିମାନଙ୍କ ସହିତ ଆପଣ ତାଙ୍କ ପରି ବ୍ୟବହାର କରନ୍ତୁ ନାହିଁ, ବରଂ ପ୍ରଭୁଙ୍କ ଏହି ଆଦେଶକୁ ପାଳନ କରନ୍ତୁ । ଅଲ୍ଲାଃତାଲା କହିଛନ୍ତି

﴿وَعِبَادُ الرَّحْمٰنِ الَّذِيْنَ يَمْشُوْنَ عَلَى الْاَرْضِ هَوْنًا وَّاِذَا خَاطَبَهُمُ الْجَاهِلُوْنَ قَالُوْا سَلٰمًا﴾

'ଓ୍ୱଇବାଦୁର ରହମାନିଲ୍ଲଜିନା ୟମ୍‌ଶୁନା ଅଲଲ୍ ଅର୍‌ଜେ ହୌନୌଁ ଓଇଜା ଖାତବହୁମୁଲ୍ ଯାହିଲୁନା କାଲୁ ସଲାମା ।'

ଅର୍ଥାତ 'ଏବଂ କୃପାଳୁ ପ୍ରଭୁଙ୍କ ଭକ୍ତ ହେଉଛନ୍ତି ସେମାନେ, ଯେଉଁମାନେ ଭୂମି ଉପରେ ଶାନ୍ତି ଓ କୋମଳତା ପୂର୍ବକ ବିନମ୍ର ଭାବରେ ବିଚରଣ କରନ୍ତି ଏବଂ ଯେତେବେଳେ ଅଜ୍ଞାନୀମାନେ ତାଙ୍କ ସହିତ ବାର୍ତ୍ତାଳାପ କରନ୍ତି, ସେମାନେ ଉତ୍ତରରେ କହନ୍ତି, 'ସଲାମ୍' ଅର୍ଥାତ 'ତୁମ ପ୍ରତି ଶାନ୍ତି ଓ ନିରାପତ୍ତା ବିରାଜିତ ହେଉ ।' **(ଅଲ ଫୁର୍‌କାନ ୩୪)**

ହଜରତ ଅବୁ ସଇଦ୍ ଖୁଦ୍‌ରି[ରଅ] ଙ୍କ ଦ୍ୱାରା ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲା[ସଅ] କହିଥିଲେ, ଯିଏ ଅଲ୍ଲାଃଙ୍କ ପାଇଁ ଏକ ଉଚ୍ଚସ୍ତରର ନମ୍ରତା ଧାରଣ କରେ, ଅଲ୍ଲାଃତାଲା ତା'ର ଯଶକୁ ଉଚ୍ଚତର କରାଇ ଦିଅନ୍ତି । ଏପରିକି ତାକୁ ମହତ ଲୋକମାନଙ୍କ ମଧ୍ୟରେ ସ୍ଥାନ ଦେବେ । ଏବଂ ଯିଏ ଅଲ୍ଲାଃଙ୍କ ସମ୍ମୁଖରେ ସାମାନ୍ୟତମ ଅହଙ୍କାର ପ୍ରଦର୍ଶନ କରେ, ଅଲ୍ଲାଃତାଲା ତାକୁ ସେତିକି ନିମ୍ନଗାମୀ କରି ଫୋପାଡ଼ି ଦେବେ । ଏପରିକି ତାକୁ (ଅସ୍‌ଫଲୁର ସାଫିଲିନ) ନିଛମାନର ନାରକୀୟ ଲୋକମାନଙ୍କ ମଧ୍ୟରେ ପ୍ରବେଶ କରାଇ ଦେବେ । (ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ, ଭାଗ ମସ୍‌ନଦଲ ମୁକସ୍‌ସରିନ ମିନ୍ ସାହାବା)

ଏପରି ଲୋକମାନଙ୍କ ସଭାରୁ ସଲାମ କହି ଉଠି ଆସିବା ହିଁ ଭଲ ଓ ତାହା ଦ୍ୱାରା ଆପଣଙ୍କ ସମ୍ମାନ ରକ୍ଷା ହୁଏ ଓ ତାହା ଆପଣଙ୍କ ପାଇଁ ଶ୍ରେୟସ୍କର । ଏହି କାରଣରୁ ଆପଣଙ୍କ ମାନସମ୍ମାନ ବୃଦ୍ଧି ହୋଇଥାଏ ଓ ବିରୋଧିମାନେ ନିଜର ସେହି ସବୁ ବାକ ବିତଣ୍ଡା ମୂଳକ ଆଳାପ ଯୋଗୁଁ ହିଁ (ଅସ୍‌ଫଲୁସ୍ ସାଫେଲିନ) ନିଛସ୍ତରର ଓ ନାରକୀୟମାନଙ୍କ ମଧ୍ୟରେ ସମ୍ମିଳିତ ହୋଇଯାଆନ୍ତି ।

ଗୋଟିଏ ହଦିସ୍‌ରେ ଉଲ୍ଲେଖ ଅଛି ଯାହାକୁ ଆମେ ନିଜ ଜୀବନରେ ମଧ୍ୟ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ ।

ହଜରତ ଅବୁହୁରେରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ[ସଅ] କହୁଥିଲେ 'ସଦ୍‌କା' ଦାନ ଦେଲେ ଧନ କମ୍ ହୁଏନାହିଁ ଓ ଅଲ୍ଲାଃଙ୍କ ଭକ୍ତ ଯାହାକୁ ଯେତେ ପରିମାଣରେ କ୍ଷମା କରେ, ଅଲ୍ଲାଃତାଲା ତା'ର ସମ୍ମାନ ସେତିକି ଅଧିକ ବଢ଼ାଇଥାନ୍ତି । ଯେତିକି ଅଧିକ କେହି ନମ୍ରତା ଓ ବିନୟ ଭାବ ପୋଷଣ କରିଥାଏ, ଅଲ୍ଲାଃତାଲା ତାକୁ ସେତିକି ଅଧିକ ସମ୍ମାନ ପ୍ରଦାନ କରିଥାନ୍ତି ।

(ମୁସ୍‌ଲିମ୍, କିତାବୁଲ ବିର୍‌ରେ ଓ ସିଲ୍, ଭାଗ ଇସ୍ତେହ୍‌ବାବ୍ ଅଲ ଅଫୁଓ୍ୱତଓ୍ୱାଜା)

ଅୟାଜ ବିନ୍ ହମାର୍ ଅଲ୍ ମଜାଶଇ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ[ସଅ] ଆମମାନଙ୍କ ମଧ୍ୟରେ ଭାଷଣ ଦେବାକୁ ଛିଡ଼ା ହେଲେ ଓ କହିଲେ 'ଅଲ୍ଲାଃତାଲା ମୋତେ ଦୈବୀବାଣୀ କରିଛନ୍ତି ଯେ ତୁମେ ଏପରି ନମ୍ରତା ଅବଲମ୍ବନ କର ଯେ ତୁମମାନଙ୍କ ମଧ୍ୟରେ କେହି କାହାରି ପ୍ରତି ଗର୍ବ ନକରୁ ଓ କେହି କାହାରି ପ୍ରତି ଅତ୍ୟାଚାର ନକରୁ ।'

ପୁଣି ଗୋଟିଏ କଥନ ରହିଛି ଯାହାକୁ ଆମେ ନିଜ ଜୀବନରେ ମଧ୍ୟ ଦୃଷ୍ଟିରେ ରଖିବା ଆବଶ୍ୟକ ଯେ ହଜରତ ଅବୁ ହୁରେରା[ରଅ] ବର୍ଣ୍ଣନା କରିଛନ୍ତି ରସୁଲୁଲ୍ଲା[ସଅ] କହିଥିଲେ 'ଅଲ୍ଲାଃତାଲାଙ୍କ ମାର୍ଗରେ ଧନ ଖର୍ଚ୍ଚ କଲେ ଧନ କମ୍ ହୋଇଯାଏ ନାହିଁ । ଅଲ୍ଲାଃଙ୍କ ଭକ୍ତ କାହାରିକୁ ଯେତେ ଅଧିକ କ୍ଷମା କରିଥାନ୍ତି, ଅଲ୍ଲାଃତାଲା ତାକୁ ସେତିକି ଅଧିକ ସମ୍ମାନ ପ୍ରଦାନ କରିଥାନ୍ତି । ଯେତେ ଅଧିକ କେହି ନମ୍ରତା ଓ ବିନୟ ଭାବ ଗ୍ରହଣ କରିଥାଏ, ଅଲ୍ଲାଃତାଲା ତାକୁ ସେତିକି ଅଧିକ ମହାନତା ପ୍ରଦାନ କରିଥାନ୍ତି ।'

(ମୁସଲିମ୍, କିତାବୁଲ୍ ବିର୍‌ରେ ଓସ୍‌ସିଲାଃ, ଭାଗ ଇସ୍ତଦ୍ଧାବୁଲ୍ ଅଫୁଓ୍ୱତଓ୍ୱାଜା)

ସୁତରାଂ ପ୍ରତ୍ୟେକ ଅହମଦି ଜଣେ ଅନ୍ୟ ଜଣକୁ କ୍ଷମା କରିବାର ଅଭ୍ୟାସ କରୁ । ଏହା ଦ୍ୱାରା ପରଲୋକରେ ମଧ୍ୟ ନିଜ ସ୍ତର ବୃଦ୍ଧି ପାଇ ଚାଲିବ । ଓ ଅଲ୍ଲାଃତାଲା ଏହି ସଂସାରରେ ମଧ୍ୟ ଆପଣଙ୍କ ସମ୍ମାନ ବୃଦ୍ଧି କରି ଚାଲିଥିବେ । ଅଲ୍ଲାଃତାଲା ତାହାଙ୍କ ପ୍ରତି କରାଯାଇଥିବା କୌଣସି କାର୍ଯ୍ୟକୁ ଉପଯୁକ୍ତ ପ୍ରତିଫଳ ନ ଦେଇ ଛାଡ଼ନ୍ତି ନାହିଁ ।

## ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ଦୃଷ୍ଟିରେ ବିନୟୀ ଲୋକଙ୍କ ସ୍ଥାନ

ରସୁଲୁଲ୍ଲାଃ[ସଅ]ଙ୍କ ଦୃଷ୍ଟିରେ ବିନୟୀ ଲୋକମାନଙ୍କ ସ୍ଥାନ କିପରି ଥିଲା, ତାହା ଏହି ହଦିସରୁ ଅନୁମାନ କରିପାରିବେ । ହଜରତ ଅବୁ ସଇଦ୍ ଖୁଦ୍‌ରି[ରଅ] ରସୁଲୁଲ୍ଲାଃ[ସଅ]ଙ୍କ

କଥନକୁ ବର୍ଣ୍ଣନା କରିଛନ୍ତି ଯେ ବିନମ୍ର ଲୋକମାନଙ୍କ ସହିତ ପ୍ରେମ କର । ସେ କହିଛନ୍ତି 'ମୁଁ ରସୁଲୁଲ୍ଲା[ସଅ]ଙ୍କୁ ଏହି ଦୁଆ କରିବାର ଶୁଣିଥିଲି

"اَللّٰهُمَّ اَحْيِنِىْ مِسْكِيْنًا وَاَمِتْنِىْ مِسْكِيْنًا وَاحْشُرْنِىْ فِى زُمْرَةِ الْمَسَاكِيْنِ"

ଅଲ୍ଲାହୁମ୍ମା ଅହଇନି ମିସ୍‌କିନୌଁ ଓ ଅମିତ୍‌ନି ମିସ୍‌କିନୌଁ ଓ୍ୱହ୍‌ଶୁରନି ଫି ଜୁମ୍‌ରତିଲ୍ ମସାକିନ୍ ।'

ଅର୍ଥାତ୍ 'ମୋତେ ବିନମ୍ରତା ଭାବ ପୋଷଣ କରିବା ଅବସ୍ଥାରେ ଜୀବିତ ରଖ ଓ ବିନମ୍ର ଥିବା ଅବସ୍ଥାରେ ମୃତ୍ୟୁ ଦିଅ ଓ ମୋତେ ବିନମ୍ର ଲୋକମାନଙ୍କ ଗୋଷ୍ଠୀରେ ଉତ୍‌ଥିତ କର ।'

(ଇବ୍ନେ ମାଜା, କିତାବୁଜ୍ ଜୁହଦ୍, ଭାଗ ମଯାଲି ସତଲଫୁକରା) ।

ସୁତରାଂ ପ୍ରତ୍ୟେକ ଅହମଦିଙ୍କୁ ସେହି ମାର୍ଗ ଚୟନ କରିବା ଆବଶ୍ୟକ, ଯାହା ଉପରେ ଆମର ମୁନିବ ହଜରତ ମୁହମ୍ମଦ୍ ମୁସ୍ତଫା[ସଅ] ଚାଲି ଦେଖାଇଛନ୍ତି । ପ୍ରତ୍ୟେକ ଅହମଦୀ ନିଜକୁ ବିନମ୍ର ଲୋକଙ୍କ ମଧ୍ୟରେ ଆବଦ୍ଧ ରଖିବା ଆବଶ୍ୟକ । କାରଣ ଏହାହିଁ ବୈଅତର ପ୍ରାଣ ବୋଲି ଧରି ନେବାକୁ ହେବ ଯେ ବିନମ୍ରତା ସହିତ ଜୀବନ ନିର୍ବାହ କରିବି ।

ଗୋଟିଏ କଥନରେ ଆସୁଛି, ଅବୁହୁରୈରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ଜାଫର[ରଅ] ବିନୟୀ ଲୋକମାନଙ୍କ ସହିତ ବହୁତ ପ୍ରେମ କରୁଥିଲେ । ସେମାନଙ୍କ ସଭାରେ ବସୁଥିଲେ ଓ ସେ ତାଙ୍କ ସହିତ ମିଷ୍ଟ ଭାଷାରେ କଥାବାର୍ତ୍ତା କରୁଥିଲେ । ତେଣୁ ରସୁଲୁଲ୍ଲାଃ[ସଅ] ଜାଫରଙ୍କୁ ଅବୁଲ ମସାକିନ (ବିନୟୀଙ୍କ ସର୍‌ଦାର) ନାମରେ ଡ଼ାକନ୍ତି ।

(ଇବ୍ନେ ମାଜା, କିତାବୁଜ୍ ଜୁହଦ୍, ଭାଗ ମଯାଲିସ୍‌ତୁଲ୍ ଫୁକରାଅ)

ହଜରତ ମସିହ ମଉଦ୍[ଅସ] କହିଛନ୍ତି 'ଯଦି ଅଲ୍ଲାଃତାଲାଙ୍କୁ ସନ୍ଧାନ କରିବାକୁ ଚାହୁଁଛ, ତେବେ ବିନମ୍ର ଲୋକମାନଙ୍କ ହୃଦୟରେ ସନ୍ଧାନ କର । ଏହି କାରଣରୁ ଅଲ୍ଲାଃତାଲାଙ୍କ ନବୀମାନେ ବିନମ୍ରତାର ପୋଷାକ ପରିଧାନ କରିଥିଲେ । ସେଥିପାଇଁ ବଡ଼ ଜାତି ଓ ବୃହତ ଗୋଷ୍ଠୀର ଲୋକମାନେ ଛୋଟ ଜାତି ବା କ୍ଷୁଦ୍ର ଗୋଷ୍ଠୀରଲୋକମାନଙ୍କ ପ୍ରତି ପରିହାସ ନକରନ୍ତୁ । ନା, କେହି ଏହା କହୁ ଯେ ମୋର ବଂଶ ଆଭିଜାତ୍ୟ ବଡ଼ । ଅଲ୍ଲାଃତାଲା କହିଛନ୍ତି ତୁମେ ମୋ ନିକଟକୁ ଯେତେବେଳେ ଆସିବ, ସେତେବେଳେ ମୁଁ ଏହି ପ୍ରଶ୍ନ କରିବି ନାହିଁ ଯେ ତୁମର ବଂଶ ବା ଜାତି କ'ଣ । ବରଂ ପ୍ରଶ୍ନ ଏହା ହେବ ଯେ ତୁମର କେଉଁ ସବୁ କର୍ମ ରହିଛି । ଏହି ପ୍ରକାର ପ୍ରଭୁଙ୍କର

ନବୀ (ମୁହମ୍ମଦ ସଲମ) ନିଜ କନ୍ୟାଙ୍କୁ କହିଛନ୍ତି ଯେ ହେ ଫାତିମା ! ପ୍ରଭୁ କୌଣସି ଜାତିକୁ ପଚାରିବେ ନାହିଁ । ଯଦି ତୁମେ କୌଣସି କୁକର୍ମ କରିବ, ତେବେ ଅଲ୍ଲାଃ ତୁମକୁ ଏଇଥିପାଇଁ କ୍ଷମା ଦେବେନାହିଁ ଯେ ତୁମେ ରସୁଲଙ୍କ କନ୍ୟା । ତେଣୁ ଏହା ଉଚିତ ଯେ ତୁମେ ପ୍ରତ୍ୟେକ ସମୟରେ ନିଜର କାର୍ଯ୍ୟକଳାପ ଦେଖିଚାହିଁ କର ।'

(ମଲଫୁଜାତ, ତୃତୀୟ ଖଣ୍ଡ, ପୃ : ୩୭୦)

ପୁଣି ସେ କହିଛନ୍ତି 'ତକୱା ଥିବା ବ୍ୟକ୍ତି ବା ଅଲ୍ଲାଃତାଲାଙ୍କ ଭୟ ରଖୁଥିବା ବ୍ୟକ୍ତିମାନଙ୍କ ପାଇଁ ଏହି ସର୍ତ୍ତ ଥିଲା ଯେ ସେ ବିନମ୍ରତା ସହିତ ନିଜର ଜୀବନ ନିର୍ବାହ କରିବ । ଏହା ତକୱାର ଏକ ଶାଖା, ଯଦ୍ୱାରା ଆମକୁ ଅନୁଚିତ କ୍ରୋଧର ମୁକାବିଲା କରିବାକୁ ହେବ । ବଡ଼ ବଡ଼ ବ୍ରହ୍ମଜ୍ଞାନୀ ଓ ସତ୍ୟବାଦୀମାନଙ୍କ ନିମନ୍ତେ ଶେଷ ଓ କଠିନ ଲକ୍ଷ୍ୟ ସ୍ଥଳ ହେଉଛି କ୍ରୋଧରୁ ହିଁ ବଞ୍ଚିତ ରହିବା । ଅହଙ୍କାର ତଥା ଅଭିମାନ କ୍ରୋଧରୁ ହିଁ ଜାତ ହୋଇଥାଏ । ସେହିପରି ବେଳେ ବେଳେ ସ୍ୱୟଂ କ୍ରୋଧ, ଅହଙ୍କାର ଓ ଅଭିମାନର ପରିଣାମ ସ୍ୱରୂପ ହୋଇଥାଏ । କାରଣ କ୍ରୋଧ ସେତେବେଳେ ଉତ୍ପନ୍ନ, ହେବ ଯେତେବେଳେ ମନୁଷ୍ୟ ନିଜକୁ ଅନ୍ୟ ଉପରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାଏ ।'

(ରିପୋର୍ଟ ଜଲସା ସାଲାନା ୧୮୯୭, ପୃ : ୪୯)

ସେ କହିଛନ୍ତି 'ତୁମେ ଯଦି ଚାହୁଁଛ ଯେ ଆକାଶରେ ଅଲ୍ଲାଃତାଲା ତୁମ ପ୍ରତି ପ୍ରସନ୍ନ ହୁଅନ୍ତୁ, ତେବେ ପରସ୍ପର ମଧ୍ୟରେ ଏପରି ହୋଇଯାଅ ଯେପରି ଗୋଟିଏ ଗର୍ଭରୁ ଦୁଇଟି ଭାଇ । ତୁମମାନଙ୍କ ମଧ୍ୟରେ ଅଧିକ ମହାନ ସେହି ବ୍ୟକ୍ତି ଯିଏ ଅଧିକ ଭାବେ ନିଜ ଭାଇର ଦୋଷକୁ କ୍ଷମା କରେ । ଅଭାଗା ହେଉଛି ସେହି ବ୍ୟକ୍ତି, ଯିଏ ଜିଦ୍ କରେ ଓ କ୍ଷମା କରେ ନାହିଁ । ତେଣୁ ତା' ସହିତ ମୋର କୌଣସି ସମ୍ପର୍କ ନାହିଁ ।'

(କିସ୍ତୀ ନୁହ୍, ରୁହାନି ଖଜାଇନ୍, ଭାଗ ୧୯, ପୃ : ୧୨-୧୩ ।)

# ବୈଅତର ଅଷ୍ଟମ ସର୍ତ୍ତ

**ଏହା ଯେ ଧର୍ମ ତଥା ଧର୍ମର ପ୍ରତିଷ୍ଠା ଓ ଇସଲାମ ପ୍ରତି ସହାନୁଭୂତିକୁ ନିଜ ପ୍ରାଣ, ନିଜ ଧନ ଓ ନିଜ ମାନ ମର୍ଯ୍ୟାଦା ତଥା ନିଜ ସନ୍ତାନ ଓ ନିଜର ପ୍ରତ୍ୟେକ ପ୍ରିୟ ବସ୍ତୁ ଠାରୁ ପ୍ରିୟତମ ମନେ କରିବ ।**

ଧର୍ମକୁ ଦୁନିଆ ଉପରେ ପ୍ରାଥମିକତା ଦେବା ଏପରି ଏକ ସଂକଳ୍ପ ଯେ ଜମାଅତର ପ୍ରତ୍ୟେକ ବ୍ୟକ୍ତି ଯାହାର ଜମାଅତ ସହିତ ନିବିଡ ସମ୍ପର୍କ ରହିଛି ଓ ସେ ସଭା ସମିତିରେ କିମ୍ବା ଧାର୍ମିକ ସମାରୋହ ଇତ୍ୟାଦିରେ ସମ୍ମିଳିତ ହେଉଛି ସେ ଏହି ପ୍ରତିଜ୍ଞାକୁ ବାରମ୍ବାର ଆବୃତ୍ତି କରିଥାଏ । ପ୍ରତ୍ୟେକ ଇଜ୍‌ତେମା, ଆଧ୍ୟାତ୍ମିକ ସମାରୋହ ଓ ଜଲସାମାନଙ୍କରେ ଲଗାଯାଇଥିବା ବ୍ୟାନର ମଧ୍ୟରେ ଏହା ହିଁ ଲେଖା ଯାଇଥାଏ ଯେ ମୁଁ ଧର୍ମକୁ ଦୁନିଆ ଉପରେ ପ୍ରାଥମିକତା ଦେବି । ତେବେ ଏକଥାକୁ ଏତେ ପ୍ରାଧାନ୍ୟ କାହିଁକି ଦିଆଯାଇଛି ? ଏଥିପାଇଁ ଯେ ଏହା ବ୍ୟତୀତ ଧର୍ମ ବିଶ୍ୱାସ ତିଷ୍ଠି ରହିପାରିବ ନାହିଁ । ଏହା ଉପରେ ଚଳିବା କୌଣସି ସରଳ କାର୍ଯ୍ୟ ନୁହେଁ । ତେଣୁ ଏହାର ପ୍ରାପ୍ତି ପାଇଁ ପ୍ରତି ସମୟ ଓ ପ୍ରତି କ୍ଷଣ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଲୋଡ଼ିବା ଆବଶ୍ୟକ । ତାଙ୍କ କୃପା ହେଲେ ଏହି ଉଚ୍ଚତମ ସ୍ଥାନ ସ୍ଥାପିତ ହୋଇପାରିବ । ସେଇଥିପାଇଁ ଆମେ ଯେହେତୁ ହଜ୍‌ରତ୍ ମସିହ୍ ମଉଦ [ଅସ] ଙ୍କ ବୈଅତ୍‌ରେ ଦୀକ୍ଷା ନେଇ ଅଲ୍ଲାଃତାଲାଙ୍କ ଦୟାରୁ ସମ୍ମିଳିତ ହୋଇ ରହିଛେ, ଆମ ପାଇଁ ଅଲ୍ଲାଃ ପବିତ୍ର କୁର୍‌ଆନ୍‌ରେ ଏପରି ଆଦେଶ ଦେଇଛନ୍ତି,

﴿وَمَآ اُمِرُوْٓا اِلَّا لِيَعْبُدُوا اللّٰهَ مُخْلِصِيْنَ لَهُ الدِّيْنَ . حُنَفَآءَ وَيُقِيْمُوا الصَّلٰوةَ وَيُؤْتُوا الزَّكٰوةَ وَذٰلِكَ دِيْنُ الْقَيِّمَةِ﴾

ଓ୍ୱମା ଉମେରୁ ଇଲ୍ଲା ଲେୟାବୁଦୁଲ୍ଲାହା ମୁଖଲିସିନା ଲହୁଦ୍ଦିନା ହୁନଫାଆ ଓ୍ୱୟୁକିମୁସ୍ ସଲାତା ଓ୍ୱୟୁତୁଜ୍ ଜକାତା ଓ୍ୱଜାଲିକା ଦିନୁଲ୍ କୟେମା

ଅର୍ଥାତ୍ ‘ସେମାନଙ୍କୁ କେବଳ ଏହି ଆଦେଶ ଦିଆଯାଇଥିଲା ଯେ ସେମାନେ ଏକ ଅଲ୍ଲାହ୍‌ଙ୍କ ଉପାସନା କରନ୍ତୁ ଓ ଉପାସନାକୁ କେବଳ ତାହାଙ୍କ ପାଇଁ ଗୁରୁତ୍ୱ ଆରୋପ କରନ୍ତୁ । ସର୍ବଦା ତାଙ୍କରି ଆଡ଼କୁ ନତମସ୍ତକ ହୋଇ ନମାଜକୁ ସାମୁହିକ ଭାବେ ପାଠ କରନ୍ତୁ । ଜକାତ ଦିଅନ୍ତୁ (ଅଲ୍ଲାଙ୍କ ମାର୍ଗରେ ଧନ ଅର୍ପଣ କରନ୍ତୁ) । ଏହାହିଁ ପ୍ରତିଷ୍ଠିତ ହୋଇ ରହିବା ଓ ପ୍ରତିଷ୍ଠିତ କରି ରଖୁଥିବା ଶିକ୍ଷା ପ୍ରଦାନକାରୀ ଧର୍ମ । **(ଅଲ୍ ବୈୟନାତ୍ ୬)**

ତେଣୁ ନମାଜକୁ ପ୍ରତିଷ୍ଠା କରିବା ଅର୍ଥାତ ଜମାଅତ ସହିତ ସାମୁହିକ ଭାବେ ଓ ନିର୍ଦ୍ଧାରିତ ସମୟରେ ନମାଜ ପାଠ କରିବା ଦ୍ୱାରା ଅଲ୍ଲାହ୍‌ଙ୍କ ପଥରେ ବ୍ୟୟ କଲେ ଅର୍ଥାତ ଗରିବମାନଙ୍କର ଧ୍ୟାନ ରଖିଲେ ଯାଇ ଆମେ ବାସ୍ତବିକ୍ ଧର୍ମ ଉପରେ ପ୍ରତିଷ୍ଠିତ ହୋଇ ରହିପାରିବା । ଏହି ଶିକ୍ଷାମାନଙ୍କୁ ନିଜ ଜୀବନର ଅଂଶ ବିଶେଷ ରୂପେ କରି ପାରିବା ଓ ନିଜ ଜୀବନରେ ଏହାକୁ ଲାଗୁ କରିପାରିବା ।

ଯେତେବେଳେ ଆମେମାନେ ଅଲ୍ଲାହ୍‌ଙ୍କର ଉପାସନା କରିବା, ତାହାଙ୍କ ପ୍ରଦତ୍ତ ଶିକ୍ଷା ଉପରେ ଚାଲିବା, ଅଲ୍ଲାହ୍‌ତାଲା ଆମକୁ ଏହା କରିବାକୁ ସାମର୍ଥ୍ୟ ପ୍ରଦାନ କରିବେ । ଆମ ବିଶ୍ୱାସକୁ ଏପରି ଦୃଢ଼ କରିଦେବେ ଯେ ଆମଙ୍କୁ ନିଜର ଅସ୍ତିତ୍ୱ, ନିଜର ଆକାଂକ୍ଷା, ନିଜର ସନ୍ତାନଗଣ ଧର୍ମ ସମକ୍ଷରେ ତୁଚ୍ଛ ଜଣାପଡ଼ିବେ । ଅର୍ଥାତ ଯେତେବେଳେ ଧର୍ମ ସିଦ୍ଧାନ୍ତ ସମ୍ପୂର୍ଣ୍ଣ ରୂପେ ଅଲ୍ଲାହ୍‌ତାଲାଙ୍କ ପାଇଁ ହୋଇଯିବ ଓ ସେଥି ପାଇଁ ନିଜର କିଛି ଅସ୍ତିତ୍ୱ ରହିବ ନାହିଁ, ତା’ହେଲେ ଅଲ୍ଲାହ୍‌ତାଲା ଏପରି ବ୍ୟକ୍ତିକୁ କଦାପି ନଷ୍ଟ କରିବେ ନାହିଁ । ସେ ତାଙ୍କ ସମ୍ମାନର ରକ୍ଷା କରିଥାନ୍ତି, ସେମାନଙ୍କ ଧନକୁ ମଧ୍ୟ ବୃଦ୍ଧି କରିଥାନ୍ତି ଓ ସେମାନଙ୍କୁ ନିଜର ଅନୁଗ୍ରହ ଓ ଦୟାର ଚଦରରେ ସର୍ବଦା ଗୁଡ଼େଇ ରଖିଥାନ୍ତି ତଥା ତାଙ୍କର ପ୍ରତ୍ୟେକ ପ୍ରକାର ଭୟକୁ ଦୂର କରି ଦେଇଥାନ୍ତି । ଯେପରି କହିଛନ୍ତି,

﴿بَلٰى مَنْ اَسْلَمَ وَجْهَهٗ لِلّٰهِ وَهُوَ مُحْسِنٌ فَلَهٗ اَجْرُهٗ عِنْدَ رَبِّهٖ وَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ﴾

ବଲା ମନ୍‌ଅସ୍‌ଲମା ୱ୍‌ଯ୍‌ଲହୁ ଲିଲ୍ଲାହେ ୱ୍‌ହୁୱା ମୁହ୍‌ସିନୁନ୍ ଫଲହୁ ଅଜରୁହୁ ଇନ୍‌ଦା ରବ୍‌ବିହି ୱ୍‌ଲା ଖୌଫୁନ ଅଲୈହିମ୍ ୱ୍‌ଲାହୁମ୍ ୟହ୍‌ଜନୁନ୍

ଅର୍ଥାତ୍ ‘ନାହିଁ ନାହିଁ, ଯିଏ ମଧ୍ୟ ନିଜକୁ ଅଲ୍ଲାହ୍‌ତାଲାଙ୍କୁ ନିକଟରେ ସମର୍ପଣ କରିଦିଏ, ସେ ଅନୁଗ୍ରହକାରୀ ଓ ବିନୟୀ ଭାବ ବ୍ୟକ୍ତ କରେ, ତା’ର ପ୍ରତିଫଳ ତାହାଙ୍କ

ପାଳନ କର୍ତ୍ତାଙ୍କ ନିକଟରେ ରହିଛି । ସେମାନଙ୍କ ପାଇଁ କୌଣସି ଭୟ ନାହିଁ । ଆଉ ନା ସେମାନେ କେବେ ଦୁଃଖିତ ହେବେ ।' **(ଅଲ ବକ୍ରା ୧୧୩)**

## ଇସଲାମୀୟ ଶିକ୍ଷାର ସାରତତ୍ତ୍ୱ

ପୁଣି କହିଛନ୍ତି;

﴿وَمَنْ اَحْسَنُ دِيْنًا مِّمَّنْ اَسْلَمَ وَجْهَهٗ لِلّٰهِ وَهُوَ مُحْسِنٌ وَّاتَّبَعَ مِلَّةَ اِبْرَاهِيْمَ حَنِيْفًا. وَاتَّخَذَ اللّٰهُ اِبْرَاهِيْمَ خَلِيْلًا﴾

ୱମନ୍ ଅହ୍‌ସନୁ ଦିନମ୍ ମିମ୍‌ମନ୍ ଅସ୍‌ଲମା ୱଜ୍‌ହହୂ ଲିଲ୍ଲାହେ ୱହୁଓ୍ୱା ମୁହ୍‌ସିନୁଁ ୱତ୍‌ତବାଆ ମିଲ୍ଲତା ଇବ୍ରାହିମା ହନିଫା, ୱତ୍ ତଖଜିଲ୍ଲାହୋ ଇବ୍ରାହିମା ଖଲିଲା

ଅର୍ଥାତ 'ଏବଂ ଧର୍ମରେ ତା'ଠାରୁ ଉତ୍ତମ କିଏ ହୋଇପାରେ ଯିଏ ନିଜର ସମସ୍ତ ମନ ଧ୍ୟାନ ପ୍ରଭୁଙ୍କ କାର୍ଯ୍ୟ ପାଇଁ ସମର୍ପିତ କରିଦିଏ । ସେ କୃତଜ୍ଞ ହୋଇଥିବ ଓ ଅଲ୍ଲାଃତାଲାଙ୍କ ଆଡ଼କୁ ନତମସ୍ତକ ହୋଇଥିବା ଇବ୍ରାହିମଙ୍କ ଧର୍ମ ଉପରେ ଚାଲୁଥିବ ଏବଂ ଅଲ୍ଲାଃତାଲା ଇବ୍ରାହିମକୁ ନିଜର ବଂଧୁ କରିଥିଲେ ।'

**(ଅନ୍ ନିସା ୧୨୬)**

ଉକ୍ତ ପଙ୍‌କ୍ତିରେ ଇସଲାମ ଧର୍ମର ଶିକ୍ଷାଗୁଡିକର ସାରମର୍ମ ବର୍ଣ୍ଣନା କରାଯାଇଛି । ଅର୍ଥାତ ପୂର୍ଣ୍ଣ ଆଜ୍ଞାକାରୀତା ଓ ନିଜର ସମସ୍ତ ଶକ୍ତି ସହିତ କେବଳ ମାତ୍ର ଅଲ୍ଲାଃତାଲାଙ୍କ ଆଦେଶ ଉପରେ ପରିଚାଳିତ ହେବ ଓ ତାହାଙ୍କ ଧର୍ମ ପାଇଁ ନିଜକୁ ସମର୍ପିତ କରି କୃତଜ୍ଞତା ଜ୍ଞାପନ କରିବ । ଯେହେତୁ ସେ ଅଲ୍ଲାଃତାଲାଙ୍କ ପାଇଁ କୃତଜ୍ଞକାରୀ ହେବ, ତେଣୁ କେହି ଏକଥା ନ ଭାବୁ ଯେ ଯଦି ପ୍ରତ୍ୟେକ ସମୟରେ ସେ ଧର୍ମ ଦିଗରେ ନିଜକୁ ନିୟୋଜିତ କରେ ଓ ଧର୍ମ ସେବାରେ ଲାଗି ରହେ, ତେବେ ତା'ର ସମ୍ପତ୍ତି ତଥା ସନ୍ତାନମାନେ ନଷ୍ଟ ହୋଇଯିବେ । ନା, ବରଂ ଅଲ୍ଲାଃ ଯିଏ ସବୁଠାରୁ ଅଧିକ ବଦଳା ଦେଇଥାନ୍ତି, ତା'ର ଏହି କାର୍ଯ୍ୟର ପ୍ରତିଫଳ ସେ ସ୍ୱୟଂ ଦେବେ । ଯେପରି କି ପୂର୍ବରୁ ମଧ୍ୟ ବର୍ଣ୍ଣନା କରାଯାଇଛି ସେ ସ୍ୱୟଂ ତା'ର ଜୀବନ, ଧନ ଓ ସମ୍ମାନର ସୁରକ୍ଷା କରିବେ । ଅଲ୍ଲାଃତାଲା ଏପରି ବ୍ୟକ୍ତିଙ୍କୁ ଓ ସେମାନଙ୍କର ବଂଶଧରକୁ ମଧ୍ୟ କଦାପି ନଷ୍ଟ ହେବାକୁ ଦେବେନାହିଁ ।

ସୁତରାଂ ହଜରତ ମସିହ୍ ମଉଦ୍[ଅସ] କହିଛନ୍ତି,

﴿بَلٰى مَنْ اَسْلَمَ وَجْهَهٗ لِلّٰهِ وَهُوَ مُحْسِنٌ فَلَهٗٓ اَجْرُهٗ عِنْدَ رَبِّهٖ وَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ﴾

ବଲାମନ୍ ଅସ୍‌ଲମା ଓ୍ୱଯ୍‌ହହୁ ଲିଲ୍ଲାହେ ଓ୍ୱହୁଓ୍ୱା ମୁହ୍‌ସିନୁନ୍ ଫଲହୁ ଅଯ୍‌ରୁହୁ ଇନ୍‌ଦା ରବ୍‌ବେହି ଓ୍ୱଲା ଖୌଫୁନ୍ ଅଲୈହିମ୍ ଓ୍ୱଲାହୁମ୍ ୟହଜନୁନ୍

ଅର୍ଥାତ୍ 'ଯେଉଁ ବ୍ୟକ୍ତି ନିଜକୁ ଅଲ୍ଲାଃତାଲାଙ୍କ ସତ୍ତା ସମ୍ମୁଖରେ ପକାଇଦିଏ ଓ ନିଜ ଜୀବନକୁ ସମର୍ପିତ କରିଦିଏ ଏବଂ ସତ୍‌କର୍ମ କରିବାରେ ତତ୍ପର ରୁହେ, ସେ ଅଲ୍ଲାଃଙ୍କ ସାନ୍ନିଧ୍ୟର ସ୍ତୋତ୍ରରୁ ନିଜର ପ୍ରତିଫଳ ପାଇବ । ସେମାନଙ୍କୁ ନା କୌଣସି ଭୟ ହେବ ନା ସେମାନେ ଦୁଃଖିତ ହେବେ ।'

**(ଅଲ ବକରା ୧୧୩)**

ଅର୍ଥାତ୍ ଯେଉଁ ବ୍ୟକ୍ତି ନିଜର ସମସ୍ତ ଶକ୍ତିକୁ ପ୍ରଭୁଙ୍କ ମାର୍ଗରେ ଲଗାଇଦିଏ ଓ ତାର ବାକ୍ୟ, କର୍ମ ଉଦ୍ଦୀପନା ଓ ଆବେଗରେ ଆତ୍ମତୃପ୍ତି ଲାଭ କରି ସାରା ଜୀବନ ଶୁଦ୍ଧପୂତ ଭାବେ ପ୍ରଭୁଙ୍କ ପାଇଁ ହୋଇଯାଏ । ବାସ୍ତବି ରୂପେ ଯଦି ସେ ସତ୍‌କର୍ମ କରିବାରେ ସର୍ବଦା ତତ୍ପର ରହିଥାଏ, ତେବେ ପ୍ରଭୁ ତାକୁ ନିଜ ସାମିପ୍ୟରୁ ଉପଯୁକ୍ତ ଫଳ ପ୍ରଦାନ କରିବେ ଏବଂ ଭୟ ଓ ଦୁଃଖରୁ ମୁକ୍ତି ଦେବେ ।

(ସିରାଜୁଦ୍ଦିନ ଈଶାଇକେ ଚ୍ଚର ସଓ୍ୱାଲୌଁକା ଜଓ୍ୱାବ, ରୁହାନି ଖଜାଇନ, ଖଣ୍ଡ ୧୨, ପୃ : ୩୪୪)

ଏକ ହଦିସରେ ବର୍ଣ୍ଣିତ ଅଛି ଯେ ମୁଆଓ୍ୱିୟା ବିନ୍ ହୈୟଦହ୍ କୁଶୈହରି[ରଅ] ନିଜର ଇସଲାମ ଗ୍ରହଣ କରିବା ଘଟଣାର ବର୍ଣ୍ଣନା କରି କହିଛନ୍ତି 'ମୁଁ ରସୁଲୁଲ୍ଲାଃ[ସଅ]ଙ୍କ ନିକଟରେ ପହଞ୍ଚି ପଚ୍ଚରିଲି ଆପଣଙ୍କୁ ଆମ ପାଳନକର୍ତ୍ତା କି ସନ୍ଦେଶ ଦେଇ ପଠାଇଛନ୍ତି ଓ ଆପଣ କେଉଁ ଧର୍ମ ଆଣିଛନ୍ତି ?' ମହାଭାଗ କହିଲେ, 'ପ୍ରଭୁ ମୋତେ (ଦି'ନେ ଇସଲାମ୍) ଇସଲାମ୍ ଧର୍ମ ଦେଇ ପଠାଇଛନ୍ତି' । ମୁଁ ପଚ୍ଚରିଲି 'ଇସଲାମ ଧର୍ମ କ'ଣ ?' ତହୁଁ ମହାଭାଗ ଉତ୍ତର ଦେଲେ, 'ଇସଲାମ ତାତ୍ପର୍ଯ୍ୟ ହେଉଛି ଯେ ତୁମେ ଆପଣାକୁ ଦେହ, ମନ, ଧନ ଓ ପ୍ରାଣ ସହିତ ଅଲ୍ଲାଃତାଲାଙ୍କୁ ସମର୍ପିତ କରିଦିଅ ଓ ଅନ୍ୟାନ୍ୟ ଉପାସ୍ୟମାନଙ୍କ ଠାରୁ ଦୂରେଇ ରୁହ । ନମାଜ ପ୍ରତିଷ୍ଠା କର ଓ ଜକାତ୍ ଦିଅ' । (କନ୍‌ଜୁଲ୍ ଉମ୍ମାଲ)

ଅନ୍ୟ ଏକ କଥନ ଏହିପରି ଯେ ହଜରତ୍ ସୁଫ୍‌ୟାନ[ରଅ] ବର୍ଣ୍ଣନା କରିଛନ୍ତି ଥରେ ମୁଁ କହିଲି, 'ହେ ଅଲ୍ଲାଃଙ୍କ ରସୁଲ୍ ! ମୋତେ ଇସଲାମର କୌଣସି ଏପରି କଥା

ବତାନ୍ତୁ ଯା'ପରେ ଆଉ କାହାରିକୁ ପଚାରିବାର ଆବଶ୍ୟକତା ପଡ଼ିବ ନାହିଁ ।' ଅର୍ଥାତ୍ ମୋତେ ସମ୍ପୂର୍ଣ୍ଣ ଆତ୍ମ ସନ୍ତୋଷ ମିଳିଯିବ । ମହାଭାଗ ଉତ୍ତର ଦେଲେ : 'ତୁମେ ଏହା କୁହ ଯେ ମୁଁ ଅଲ୍ଲାଃତାଲା ଉପରେ ବିଶ୍ୱାସ ସ୍ଥାପନ କରିଛି । ପୁଣି ଏହା ଉପରେ ଦୃଢ଼ ହୋଇଯାଅ ଓ ଦୃଢ଼ତାର ସହିତ ପ୍ରତିଷ୍ଠିତ ରୁହ' ।

(ମୁସ୍‌ଲିମ୍, କିତାବୁଲ୍ ଇମାନ, ଭାଗ ଜାମେ ଆଓସାଫିଲ୍ ଇସଲାମ)

ଅନୁଚରମାନଙ୍କ କାର୍ଯ୍ୟକଳାପର ବର୍ଣ୍ଣନା ଏକ ହଦିସ୍ ଦ୍ୱାରା ଏହିପରି ହୋଇଛି । ପ୍ରାରମ୍ଭିକ ଅବସ୍ଥାରେ ଯେତେବେଳେ ଇସଲାମରେ ମଦ୍ୟପାନକୁ ନଷିଦ୍ଧ କରାଯାଇ ନଥିଲା, ସେତେବେଳେ ଅନୁଚରମାନେ ମଧ୍ୟ ମଦ୍ୟପାନ କରୁଥିଲେ । ପ୍ରାୟତଃ ନିଶାସକ୍ତ ଅବସ୍ଥାରେ ସେମାନଙ୍କ ଠାରେ ଧର୍ମ ଓ ଧର୍ମର ସମ୍ମାନ ରାଜୁତି କରୁଥିଲା । ତାଙ୍କୁ ସର୍ବଦା ଚିନ୍ତା ରହିଥିଲା ଯେ ଧର୍ମ ସର୍ବାପେକ୍ଷା ମହତ୍ତ୍ୱପୂର୍ଣ୍ଣ ହୋଇରହୁ । ତେଣୁ ଯେତେବେଳେ ମଦ ନିଷେଧ ବୋଲି ଆଦେଶ ଆସିଲା, ସେତେବେଳେ ଯେଉଁମାନେ ଏକାଠି ରୁଣ୍ଡ ହୋଇ ମଦ୍ୟପାନ କରୁଥିଲେ ଓ ସେମାନଙ୍କ ମଧ୍ୟରୁ ଅନ୍ୟ କେତେକ ନିଶାଗ୍ରସ୍ତ ଅବସ୍ଥାରେ ମଧ୍ୟ ରହିଥିଲେ । ଯେବେ ମଦ ହରାମ୍ ବୋଲି ନିଷେଧାଜ୍ଞାର ଖବର ତାଙ୍କୁ ମିଳିଲା, ସେମାନେ କାଳ ବିଳମ୍ବ ନ କରି ଏହି ଆଦେଶ ପାଳନ କଲେ । ଏ ସଂକ୍ରାନ୍ତରେ ଏକ ହଦିସରେ ବର୍ଣ୍ଣିତ ଅଛି ଯେ ହଜରତ ଅନସ୍ ବିନ୍ ମାଲିକ[ରଅ] ବର୍ଣ୍ଣନା କରିଛନ୍ତି ଯେ ମୁଁ ଅବୁ ତଲହା ବିନ ଅନ୍‌ସାରି, ଅବୁ ଓବେଦା ବିନ୍ ଜରାହ୍ ଓ ଉବୈ ବିନ୍ କଅବ୍‌ଙ୍କୁ ଖଜୁରିର ତାଡି ପିଆଉଥିଲି । ଜଣେ ଆଗନ୍ତୁକ ଆସି କହିଲା ମଦ୍ୟ ନିଷିଦ୍ଧ ହୋଇ ଯାଇଛି । ଏହା ଶୁଣି ଅବୁ ତଲ୍‌ହା ବିନ ଅନ୍‌ସାରୀ କହିଲେ 'ଅନସ୍ ଉଠ, ମଦ ମାଠିଆଗୁଡିକୁ ଭାଙ୍ଗିଦିଅ ।' ଅନସ୍ କହିଛନ୍ତି 'ମୁଁ ଉଠିଲି ଓ ପଥରର ଏକ ପାତ୍ରକୁ ମାଠିଆ ଉପରେ କଚାଡିଦେଲି ଓ ସେଗୁଡ଼ିକ ଭାଙ୍ଗି ଚୁରମାର ହୋଇଗଲା ।'

(ବୁଖାରି, କିତାବ ଅଖବରୁଲ୍ ଓ୍ୱାହିଦ୍, ଭାଗ ମାଜାଫି ଇଯାଯତୁଲ୍ ଓ୍ୱାହିଦ୍‌ସ୍ ସୁଦୁକି)

# ଇସଲାମର ପ୍ରାଣବନ୍ତ ହେବା ଆମଠାରୁ ଏକ ବଳିଦାନ ମାଗୁଛି

ହଜରତ ମସିହ୍ ମଉଦ୍[ଅସ] କହିଛନ୍ତି; 'ଇସଲାମର ପ୍ରାଣବନ୍ତ ରହିବା ଆମଠାରୁ ଏକ ତ୍ୟାଗ ବା ବଳିଦାନ ମାଗୁଛି । ତାହା କ'ଣ ? ଆମର ସେହି ପଥରେ ମୃତ୍ୟୁବରଣ କରିବା । ଯେଉଁ ମରଣ ଇସଲାମର ଜୀବନ, ମୁସଲମାନମାନଙ୍କ ପ୍ରାଣ ଓ ଜୀବିତ ଈଶ୍ୱରଙ୍କ ଚମତ୍କାରୀତା ଉପରେ ଆଧାରିତ । ଏହା ହିଁ ସେହି ବସ୍ତୁ ଯାହାର ନାମ ଇସଲାମ, ଅନ୍ୟ ଶବ୍ଦରେ ଇସଲାମକୁ ଜୀବିତ କରିବାକୁ ପ୍ରଭୁ ଏବେ ଚାହୁଁଛନ୍ତି ।

ଆବଶ୍ୟକ ଥିଲା ଯେ ସେ ଏହି ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ଉଜାଗର କରିବା ପାଇଁ ନିଜ ତରଫରୁ ଏକ ଗୌରବଶାଳୀ କାରଖାନା (ଅର୍ଥାତ୍ ଈଶ୍ୱରୀୟ ବ୍ୟବସ୍ଥା) ସ୍ଥାପନ କରୁ । ଯିଏ ପ୍ରତ୍ୟେକ ଦୃଷ୍ଟିରୁ ପ୍ରଭାବଶାଳୀ ହେବ । ତେଣୁ ସେହି ମହାମହିମ ଓ ସର୍ବ ଶକ୍ତିମାନ ପ୍ରଭୁ ଏହି ବିନୀତ ସେବକକୁ ମାନବଜାତିର ସୁଧାର ପାଇଁ ପ୍ରେରଣ କରି ସେହି ଲକ୍ଷ୍ୟକୁ ପୂରଣ କରିଛନ୍ତି ।' (ଫତାହ୍ ଇସଲାମ, ରୁହାନି ଖଜାଇନ, ଖଣ୍ଡ ୩, ପୃ : ୧୦-୧୨)

ପୁଣି ମାନ୍ୟବର କହିଛନ୍ତି 'ଯେପର୍ଯ୍ୟନ୍ତ ମନୁଷ୍ୟ ସତ୍ୟତା ଓ ସ୍ୱଚ୍ଛ ହୃଦୟରେ ପ୍ରଭୁଙ୍କ ବିଶ୍ୱସ୍ତ ଭକ୍ତ ନହେବ, ସେ ପର୍ଯ୍ୟନ୍ତ କୌଣସି ଉଚ୍ଚସ୍ତରୀୟ ମର୍ଯ୍ୟଦା ପ୍ରାପ୍ତ କରିବା କଷ୍ଟକର । ଯେତେବେଳେ ଇବ୍ରାହିମଙ୍କ ପାଇଁ ଅଲ୍ଲାଃତାଲା ସାକ୍ଷ୍ୟଦେଲେ ଓ୍ୱ ଇବ୍ରାହିମଲ୍ ଲଜି ଓଫ୍‌ଫା **(ଅନ୍ ନଜମ ୩୧)** ଅର୍ଥାତ୍ ଇବ୍ରାହିମ୍ ସେହି ପୁରୁଷ ଯିଏ ନିଜର ପ୍ରତିଶ୍ରୁତିକୁ ପୂରଣ କଲେ । ତେଣୁ ସେହିପରି ନିଜ ହୃଦୟକୁ ଅନେକେଶ୍ୱରବାଦ ଠାରୁ ପବିତ୍ର କରିବା, ଜୀବିତ ଈଶ୍ୱରଙ୍କ ପ୍ରେମ ହୃଦୟରେ ସ୍ଥାନ ଦେବା, ପ୍ରଭୁଙ୍କ ଇଚ୍ଛା ଅନୁଯାୟୀ ସତପଥରେ ଚାଲିବା ଓ ଯେପରି ଛାୟା ମୂଳପିଣ୍ଡର ଅଧୀନ ହୋଇ ଥାଏ ସେହିପରି ଅଧୀନସ୍ଥ ହେବା, ଯଦ୍ୱାରା ଭକ୍ତ ଓ ଭଗବାନଙ୍କ ଇଚ୍ଛା ଏକ ହେବ ଓ କୌଣସି ପ୍ରଭେଦ ନ ରହିବ । ଏ ସମସ୍ତ ବିଷୟ ପ୍ରାର୍ଥନା ଦ୍ୱାରା ପ୍ରାପ୍ତ ହୋଇଥାଏ । ନମାଜ ବାସ୍ତବରେ ଦୁଆ ପାଇଁ ଉଦ୍ଦିଷ୍ଟ ଯେ ପ୍ରତ୍ୟେକ ଅବସ୍ଥାରେ ଦୁଆ କରାଯାଇ କରିବ । କିନ୍ତୁ ଯେଉଁ ବ୍ୟକ୍ତି ଶୋଇ ରହି ନମାଜ ପାଠ କରେ, ଯାହା ଫଳରେ ତାକୁ ଜଣା ପଡ଼େ ନାହିଁ ଯେ ସେ କ'ଣ କରୁଛି । ତେବେ ତାହା ପ୍ରକୃତ ନମାଜ ନୁହେଁ... ଏଣୁ ଏହା ଆବଶ୍ୟକ ଯେ ନମାଜ ପାଠରେ ମନୁଷ୍ୟ ଆଳସ୍ୟ ନହେଉ ତଥା କୌଣସି ଅବହେଳା ନକରୁ । ଆମ ଜମାଅତ୍ ଯଦି ବାସ୍ତବ ପକ୍ଷେ ଆଧ୍ୟାତ୍ମିକ ଜମାଅତ ହେବାକୁ ଚାହୁଛି, ତେବେ ଏହା ଆବଶ୍ୟକ ଯେ ସେ ଏକ ମରଣକୁ ବରଣକରୁ । ବ୍ୟକ୍ତିଗତ ବିଷୟ ଓ ବ୍ୟକ୍ତିଗତ ସ୍ୱାର୍ଥରୁ ବଞ୍ଚିତ ରୁହନ୍ତୁ ଏବଂ ଅଲ୍ଲାଃତାଲାଙ୍କୁ ପ୍ରତ୍ୟେକ ବିଷୟରେ ସର୍ବୋପର ଭାବନ୍ତୁ ।' (ମଲ୍‌ଫୁଜାତ୍, ଖଣ୍ଡ ୩, ପୃ ୪୫୭-୪୫୮)

# ପାପରୁ ମୁକ୍ତିର ସାଧନ ବିଶ୍ୱାସ

ପୁଣି ମାନ୍ୟବର କହିଛନ୍ତି: 'ହେ, ପ୍ରଭୁଙ୍କ ଅନ୍ୱେଷଣକାରୀ ଭକ୍ତମାନେ ! କାନ ପାତି ଶୁଣ ଯେ ବିଶ୍ୱାସ ପରି କୌଣସି ବସ୍ତୁ ନାହିଁ । ବିଶ୍ୱାସ ହିଁ ପାପରୁ ଉଦ୍ଧାର କରେ, ବିଶ୍ୱାସ ହିଁ ପୁଣ୍ୟ କର୍ମ କରିବାକୁ ଶକ୍ତି ପ୍ରଦାନ କରିଥାଏ । ବିଶ୍ୱାସ ବଳେ ସର୍ବସିଦ୍ଧି । ବିଶ୍ୱାସ ହିଁ ପ୍ରଭୁଙ୍କର ସତ୍ୟ ପ୍ରେମିକ କରିଥାଏ । କ'ଣ ତୁମେ ବିଶ୍ୱାସ ବିନା

ପାପକୁ ପରିତ୍ୟାଗ କରିପାରିବ ? କ'ଣ ତୁମେ ବିଶ୍ୱାସର ଅଦ୍ଭୁତ ପ୍ରକାଶ ବ୍ୟତୀତ ତାମସିକ ଆବେଗରୁ ନିଜକୁ ରୋକି ରଖି ପାରିବ ? କ'ଣ ତୁମେ ବିଶ୍ୱାସ ବ୍ୟତୀତ କୌଣସି ସାନ୍ତ୍ୱନା ପ୍ରାପ୍ତ କରିପାରିବ ? କ'ଣ ତୁମେ ବିଶ୍ୱାସ ବ୍ୟତୀତ କୌଣସି ଯଥାର୍ଥ ବା ବାସ୍ତବିକ ପରିବର୍ତ୍ତନ ଆଣିପାରିବ ? କ'ଣ ତୁମେ ବିଶ୍ୱାସ ବ୍ୟତୀତ କୌଣସି ବାସ୍ତବ ଆନନ୍ଦ ପ୍ରାପ୍ତ କରିପାରିବ ? କ'ଣ ଆକାଶ ତଳେ କୌଣସି ଏପରି ପ୍ରତି ବଦଳ ରହିଛି ଯାହା ତୁମକୁ ପାପରୁ ପରିତ୍ୟାଗ କରାଇ ପାରିବ ? ତେଣୁ ତୁମେ ମନେରଖ ଯେ ବିଶ୍ୱାସ ବ୍ୟତୀତ ତୁମେ ଅନ୍ଧକାରମୟ ଜୀବନରୁ ବାହାରକୁ ଆସିପାରିବ ନାହିଁ । ନା ପବିତ୍ର ଆତ୍ମା ପ୍ରାପ୍ତ ହୋଇପାରିବ । ସେମାନଙ୍କୁ ଅଭିନନ୍ଦନ ଯେଉଁମାନେ ବିଶ୍ୱାସ ସ୍ଥାପନ କରନ୍ତି । କାରଣ ସେମାନେ ହିଁ ପ୍ରଭୁଙ୍କ ଦର୍ଶନ କରିବେ । ଅଭିନନ୍ଦନ ସେମାନଙ୍କୁ ଯେଉଁମାନେ ସନ୍ଦେହ ଓ ଶଙ୍କାରୁ ମୁକ୍ତି ପାଇଗଲେ । କାରଣ ସେମାନେ ହିଁ ପାପରୁ ପରିତ୍ରାଣ ହେବେ । ତୁମଙ୍କୁ ଶୁଭେଚ୍ଛା, ଯେହେତୁ ତୁମଙ୍କୁ ବିଶ୍ୱାସର ସମ୍ପଦ ପ୍ରଦାନ କରାଯିବ । ଏହାପରେ ତୁମ ପାପର ଅନ୍ତ ହୋଇଯିବ । ପାପ ଓ ବିଶ୍ୱାସ ଉଭୟ ଏକତ୍ର ହୋଇ ପାରିବେ ନାହିଁ । କ'ଣ ତୁମେ ଏପରି ଗର୍ତ୍ତରେ ହାତ ପୁରାଇ ପାରିବ, ଯେଉଁଥିରେ ତୁମେ ଏକ ବିଷଧର ସର୍ପକୁ ଦେଖିପାରୁଛ ? କ'ଣ ତୁମେ ଏପରି ସ୍ଥାନରେ ଛିଡ଼ା ହୋଇ ରହିପାରିବ, ଯେଉଁ ସ୍ଥାନରେ ଜ୍ୱାଳାମୁଖି ପର୍ବତର ପଥର ବୃଷ୍ଟି ହେଉଥିବ କିମ୍ବା ବଜ୍ରପାତ ହେଉଥିବ କିମ୍ବା କୌଣସି ଭୟଙ୍କର ସିଂହ ଆକ୍ରମଣ କରୁଥିବା ସ୍ଥାନ ହୋଇଥିବ, କିମ୍ବା ଏପରି ଏକ ସ୍ଥାନ ଯେଉଁଠାରେ ଏକ ମହାମାରୀ ପ୍ଲେଗ ରୋଗ ମାନବ ଜାତିକୁ ବିନାଶ କରୁଥିବ । ତେଣୁ ଯଦି ତୁମଙ୍କୁ ଈଶ୍ୱରଙ୍କ ପ୍ରତି ଏହି ପ୍ରକାର ବିଶ୍ୱାସ ରହିଛି ଯେପରିକି ସର୍ପ, ବଜ୍ର, ସିଂହ, କିମ୍ବା ପ୍ଲେଗ ରୋଗ ପ୍ରତି, ତେବେ ଏହା ଅସମ୍ଭବ ଯେ ତା' ସମ୍ମୁଖରେ ତୁମେ ଅବଜ୍ଞାକାରୀ ହୋଇ ଦଣ୍ଡ ପାଇବାର ମାର୍ଗ ବାଛି ପାରିବ କିମ୍ବା ସତ୍ୟନିଷ୍ଠ ଓ ଆନୁଗତ୍ୟର ଭାବକୁ ତା'ଠାରୁ ବିଚ୍ଛେଦ କରିପାରିବ । (କିସ୍ତି ନୂହ୍, ରୁହାନି ଖଜାଇନ୍, ଖଣ୍ଡ ୧୯, ପୃ : ୬୬-୬୭)

ମହାଶୟ କହିଛନ୍ତି 'ଭୟ ପ୍ରେମ ଓ ପ୍ରତିଷ୍ଠାର ମୂଳ ହେଉଛି ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ । ତେଣୁ ଯାହାକୁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକତା ଦିଆଯାଇଛି, ତା'କୁ ଭୟ ଓ ପ୍ରେମ ମଧ୍ୟ ପୂର୍ଣ୍ଣତଃ ଦିଆଯାଇଛି । ଯାହାକୁ ଭୟ ଓ ପ୍ରେମ ପୂର୍ଣ୍ଣତଃ ଦିଆଯାଇଥାଏ, ପ୍ରତ୍ୟେକ ପ୍ରକାର ପାପରୁ ଯାହା ଦୁଃସାହସିକତାରୁ ଉତ୍ପନ୍ନ ହୁଏ, ତାକୁ ମୁକ୍ତି ଦିଆଯାଏ । ତେଣୁ ଆମମାନଙ୍କୁ ଏହି ମୁକ୍ତି ପାଇଁ ନା କୌଣସି ରକ୍ତ ଅର୍ପଣ କରିବାର ଆବଶ୍ୟକତା ଅଛି ନା କୌଣସି କ୍ରୁଶର ଆବଶ୍ୟକତା ରହିଛି । ନା କୌଣସି ପ୍ରାୟଶ୍ଚିତ (କଫାରା) ଓ କୁର୍ବାନି (ବଳିଦାନ)ର ଆବଶ୍ୟକତା ରହିଛି । ନିଜ ଆତ୍ମାର ସତ୍ତା ଅର୍ଥାତ ଦେହ, ମନ, ଧନର

ତ୍ୟାଗ । ଯାହାର ଆବଶ୍ୟକତାକୁ ଆମ ଆତ୍ମା ଅନୁଭବ କରିଥାଏ । ଏପରି କୁର୍ବାନି ବା ବଳିଦାନର ଅନ୍ୟ ନାମ ଇସଲାମ । ଇସଲାମର ଅର୍ଥ ହେଉଛି ବଧ ହେବାପାଇଁ ନିଜ ବେକକୁ ଆଗରେ ରଖିଦେବା । ଅର୍ଥାତ ସ୍ୱଇଚ୍ଛାରେ ନିଜର ଆତ୍ମାକୁ ପ୍ରଭୁଙ୍କ ଦ୍ୱାର ଦେଶରେ ସମର୍ପି ଦେବା । ଏହି ପ୍ରିୟ ନାମ ଇସଲାମ ସମ୍ପୂର୍ଣ୍ଣ ଶରିୟତ୍‌ର ଆତ୍ମା ଓ ସମସ୍ତ ଆଦେଶର ପ୍ରାଣ । ଜବ୍‌ହା ହେବା ପାଇଁ ଆନ୍ତରିକ ଖୁସି ଓ ଇଚ୍ଛାରେ ନିଜ ବେକକୁ ଆଗରେ ରଖିଦେବା । ସମ୍ପୂର୍ଣ୍ଣ ପ୍ରେମ ଓ ଆସକ୍ତିକୁ ଚାହିଥାଏ । ପୂର୍ଣ୍ଣ ପ୍ରେମ ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନକୁ ଚାହିଥାଏ । ସୁତରାଂ ଇସଲାମ ଶବ୍ଦ ଏହି କଥା ଆଡକୁ ଇଙ୍ଗିତ କରିଥାଏ ଯେ ସଚ୍ଚା କୁର୍ବାନି (ବାସ୍ତବ ବଳୀଦାନ) ପାଇଁ ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ ଓ ପୂର୍ଣ୍ଣ ପ୍ରେମର ଆବଶ୍ୟକତା ରହିଛି । ନା କୌଣସି ଅନ୍ୟ ବସ୍ତୁର ଆବଶ୍ୟକତା ।

(ଲେକ୍‌ଚର ଲାହୋର, ପୃ : ୫-୬ ରୁହାନି ଖଜାଇନ୍, ଖଣ୍ଡ ୨୦, ପୃ ୧୫୧-୧୫୨)

ଅଲ୍ଲାଃତାଲା ଆମଙ୍କୁ ଉକ୍ତ ସମସ୍ତ ବିଷୟର ତତ୍ତ୍ୱ ଜ୍ଞାନକୁ ବୁଝି ତଦନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

(ଖୁତ୍‌ବା ଜୁମା, ୨୯ ଅଗଷ୍ଟ ୨୦୦୩, ଫ୍ରେଙ୍କଫୋଟ, ଜର୍ମାନୀ)

ଇସଲାମର ଶିକ୍ଷା ଏପରି ଏକ ଅନୁପମ ଶିକ୍ଷା, ଯାହା ମାନବୀୟ ଜୀବନର କୌଣସି ଭାଗକୁ ମଧ୍ୟ ଏପରି ଛାଡ଼ି ନାହିଁ, ଯେଉଁଥିରେ ଏହା ଅନୁଭବ ହେବ ଯେ ଏହି ଶିକ୍ଷାରେ କୌଣସି ଅଭାବ ରହିଯାଇଛି । ଏଥିପାଇଁ ଅଲ୍ଲାଃତାଲାଙ୍କର ସେହି ଅନୁଗ୍ରହ ଚାହୁଁଛି ଯେ ତାହାଙ୍କ ପ୍ରିୟତମ ରସୁଲ୍[ସଅ]ଙ୍କ ପ୍ରତି ଅବତୀର୍ଣ୍ଣ ହୋଇଥିବା ଏହି ଶିକ୍ଷାକୁ ଗ୍ରହଣ କରି ନିଜ ଜୀବନର ଅଂଶ କରିବା ସହିତ ନିଜ ଉପରେ ତାହା ଲାଗୁ କରନ୍ତୁ ।

ଆମମାନଙ୍କ ଉପରେ ତ ଆହୁରି ଅଧିକ ଦାୟୀତ୍ୱ ନ୍ୟସ୍ତ କରାଯାଇଛି । କାରଣ ଆମେ ହଜରତ ମୁହମ୍ମଦ୍ ରସୁଲୁଲ୍ଲାଃ[ସଅ]ଙ୍କର ସତ୍ୟ ପ୍ରେମିକ ଓ ଅନୁରକ୍ତ ଦାସ ଚଳିତ ଯୁଗର ଅବତାରରଙ୍କ ଜମାଅତରେ ସମ୍ମିଳିତ ହୋଇଛେ ଓ ସମ୍ମିଳିତ ହେବାର ଦାବୀ ମଧ୍ୟ କରୁଛେ । ତେଣୁ ଅଲ୍ଲାଃତାଲା ଆମମାନଙ୍କୁ ତାଙ୍କର ଉପାସନା କରିବା ଓ ନ୍ୟାଯ୍ୟ ଅଧିକାର ପୂରଣ କରିବା ଦିଗରେ ଧ୍ୟାନ ଆକର୍ଷଣ କରାଇଛନ୍ତି, ସେହିପରି ଆମକୁ ଭକ୍ତମାନଙ୍କର କର୍ତ୍ତବ୍ୟ ପୂରଣ୍ୟ କରିବା ସହିତ ନିଜର ବନ୍ଧୁବାନ୍ଧବ ଓ ନିକଟ ସଂପର୍କୀୟମାନଙ୍କର ଅଧିକାର ଦେବା ପାଇଁ ମଧ୍ୟ ଆଦେଶ ଦେଇଛନ୍ତି । ଏହି ବିଶେଷତ୍ୱ ରହିଥିବା ଯୋଗୁଁ ହଜରତ୍ ମସିହ ମଉଦ୍[ଅସ] ବୈଅତ୍‌ର ନବମ ସର୍ତ୍ତରେ ଅଲ୍ଲାଃତାଲାଙ୍କ ସୃଷ୍ଟଜ ସକଳ ପ୍ରାଣୀ ମାନଙ୍କ ପ୍ରତି ସହାନୁଭୂତି ଓ ତାଙ୍କ ଅଧିକାର ଦେବା ତଥା ସେମାନଙ୍କ ପ୍ରତି ରହିଥିବା ଆମର କର୍ତ୍ତବ୍ୟ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ।

# ବୈଅତର୍ ନବମ ସର୍ତ୍ତ

**ଏହା ଯେ ଅଲ୍ଲାଃତାଲାଙ୍କର ସମସ୍ତ ସୃଷ୍ଟି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା କେବଳ ଅଲ୍ଲାଃଙ୍କ ସନ୍ତୁଷ୍ଟି ପାଇଁ ତତ୍ପର ହୋଇ ରହିବ ଏବଂ ଯଥାସମ୍ଭବ ନିଜର ଈଶ୍ୱର ପ୍ରଦତ୍ତ ଶକ୍ତି ଓ ସାମର୍ଥ୍ୟ ଦ୍ୱାରା ତାହାଙ୍କ ବରଦାନରୁ ମାନବ ସମାଜକୁ ଲାଭ ପହଞ୍ଚାଇବ ।**

ଅଲ୍ଲାଃତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି :

**﴿وَاعْبُدُوا اللّٰهَ وَلَا تُشْرِكُوْا بِهٖ شَيْئًا وَّبِالْوَالِدَيْنِ اِحْسَانًا وَّبِذِى الْقُرْبٰى وَالْيَتٰمٰى وَالْمَسٰكِيْنِ وَالْجَارِ ذِى الْقُرْبٰى وَالْجَارِ الْجُنُبِ وَالصَّاحِبِ بِالْجَنْۢبِ وَابْنِ السَّبِيْلِ وَمَا مَلَكَتْ اَيْمَانُكُمْ. اِنَّ اللّٰهَ لَا يُحِبُّ مَنْ كَانَ مُخْتَالًا فَخُوْرًا﴾**

ଓ୍ୱାବୁଦୁଲ୍ଲାହା ଓ୍ୱଲା ତୁଶ୍‌ରିକୁ ବିହି ଶଇଅଓଁ ଓ୍ୱବିଲ୍ ଓ୍ୱାଲିଦୈନେ ଇହ୍‌ସାନଓଁ ଓ୍ୱବିଜିଲ୍ କୁର୍‌ବା ଓ୍ୱଲ୍‌ୟତାମା ଓ୍ୱଲ୍‌ମସାକିନା ଓ୍ୱଲଯାରିଜିଲ୍ କୁର୍‌ବା ଓ୍ୱଯାରିଜିଲ୍ ଯୁନୁବି ଓ୍ୱସ୍‌ସାହିବେ ବିଲ୍‌ଯମ୍‌ବେ ଓ୍ୱବ୍‌ନସ୍ ସବିଲି ଓ୍ୱମା ମଲକତ୍ ଅଏମାନକୁମ୍ ଇନ୍ନଲ୍ଲାହା ଲାୟୁହିବ୍‌ବୁ ମନ୍‌କାନା ମୁଖ୍‌ତାଲନ୍ ଫଖୁରା ।

ଅର୍ଥାତ 'ଏବଂ ଅଲ୍ଲାଃଙ୍କର ଉପାସନା କର ଏବଂ କାହାରିକୁ ତାଙ୍କର ଭାଗୀଦାର କର ନାହିଁ ଏବଂ ମାତା, ପିତା, ତଥା ନିକଟ ସଂପର୍କୀୟ ପଡ଼ୋଶୀ ଓ ସମ୍ବନ୍ଧ ରହିତ ପଡୋଶୀ, ପାର୍ଶ୍ୱରେ ରହୁଥିବା ଲୋକ, ଯାତ୍ରୀ ତଥା ଯାହାଙ୍କର ତୁମେ ସ୍ୱାମୀ ହୋଇଯାଇଛ, ସେ ସମସ୍ତଙ୍କର ମଧ୍ୟ ଉପକାର କର । ନିଃସନ୍ଦେହରେ ଅଲ୍ଲାଃ ସେମାନଙ୍କୁ କଦାପି ପସନ୍ଦ କରନ୍ତି ନାହିଁ, ଯେଉଁମାନେ ଆତ୍ମଗର୍ବୀ ଓ ବଡ଼ପଣି ଦେଖାଇ ଥାଆନ୍ତି ।' **(ଅଲ୍ ନିସା ୩୭)**

# ସମସ୍ତଙ୍କ ସହିତ ଭଲ ବ୍ୟବହାରର ଶିକ୍ଷା

ଏହି ଆୟତ୍‌ରେ ଅଲ୍ଲାଃତାଲା କହିଛନ୍ତି ଯେ 'ନା କେବଳ ନିଜ ଭାଇ ଓ ବଂଧୁ ପ୍ରିୟଜନ କିମ୍ବା ନିଜର ଜଣାଶୁଣା ପଡ଼ୋଶୀମାନଙ୍କ ସହିତ ଭଲ ବ୍ୟବହାର କର, ସେମାନଙ୍କ ସହିତ ସହାନୁଭୂତି ରଖ ଏବଂ ଯଦି ସେମାନଙ୍କୁ ତୁମର ସହାୟତାର ଆବଶ୍ୟକ ପଡ଼େ, ତେବେ ତାଙ୍କୁ ସାହାଯ୍ୟ କର । ସେମାନଙ୍କର ଯଥାସମ୍ଭବ ଉପକାର କରିପାରିବ ତ ଉପକାର କର । ବରଂ ଏପରି ଲୋକ ଓ ଏପରି ପଡ଼ୋଶୀ ଯେଉଁମାନଙ୍କୁ ତୁମେ ଜାଣ ନାହିଁ କିମ୍ବା ତୁମର ତାଙ୍କ ସହିତ କୌଣସି ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ନାହିଁ, ଯାହାଙ୍କୁ ତୁମେ ଅସ୍ଥାୟୀ ଭାବରେ ସାକ୍ଷାତ କରିଛ, ସେମାନଙ୍କୁ ମଧ୍ୟ ଯଦି ତୁମର ସହାନୁଭୂତି ଓ ସହାୟତାର  ଆବଶ୍ୟକତା ଥାଏ, ସେମାନଙ୍କୁ ଯଦି ତୁମ ଦ୍ୱାରା କୌଣସି ଲାଭ ପହଞ୍ଚି ପାରୁଛି ତେବେ ଅବଶ୍ୟ ତାଙ୍କୁ ଲାଭ ପହୁଞ୍ଚାଅ  । ଏହାଦ୍ୱାରା ଇସଲାମର ଏକ ସୁନ୍ଦର ସମାଜ ଗଠନ ହୋଇପାରିବ । ମାନବ ଜାତିଙ୍କ ସହିତ ସହାନୁଭୂତି ଓ ଅଲ୍ଲାଃତାଲାଙ୍କ ସୃଷ୍ଟିକୁ ଲାଭ ପହୁଞ୍ଚାଇବାର ବିଶେଷତ୍ୱ ଓ ଗୁଣ ନିଜ ଅନ୍ତରରେ ସୃଷ୍ଟି କରିନେବ । ତାହା ଏହି ବିଚାର ସହିତ କରିବ ଯେ ଏହା ସତକର୍ମ ଅପେକ୍ଷା ଅଧିକ ଅନୁଗ୍ରହର ବଳୟ ଭିତରକୁ ଆସୁଛି । ଅନୁଗ୍ରହ ତ ଏହି ଭାବନା ସହିତ କରାଯାଏ ନାହିଁ ଯେ ମୋତେ କୌଣସି ପ୍ରତି ବଦଳ ବା ପାରିତୋଷିକ ମିଳିଯିବ । ଅନୁଗ୍ରହ ତ ମନୁଷ୍ୟ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପାଇବା  କରେ । ତେଣୁ ଏପରି ସୁନ୍ଦର ସମାଜ ସ୍ଥାପିତ ହୋଇଯିବ, ଯେଉଁଥିରେ ନା ପତି ପତ୍ନୀଙ୍କର କଳହ ହେବ ନା ଶାଶୁ ବୋହୂ ମଧ୍ୟରେ ଝଗଡ଼ା ହେବ ନା ଭାଇ ଭାଇ ମଧ୍ୟରେ ବିବାଦ  ହେବ, ନା ପଡ଼ୋଶୀ ସହିତ ପଡ଼ୋଶୀଙ୍କର କୌଣସି କଳିଗୋଳ ସୃଷ୍ଟି ହେବ । ପ୍ରତ୍ୟେକ ପକ୍ଷ ଅନ୍ୟ ପକ୍ଷ ସହିତ ଅନୁଗ୍ରହର ବ୍ୟବହାର କରୁଥିବେ । ସେମାନଙ୍କ ଅଧିକାରକୁ ପ୍ରେମ ଭାବ ସହିତ ସମ୍ପାଦନ କରିବାକୁ ଚେଷ୍ଟାରତ ଥିବେ ଏବଂ କେବଳ ମାତ୍ର ଅଲ୍ଲାଃତାଲାଙ୍କ ପ୍ରେମ  ଓ ତାଙ୍କ ସ୍ନେହ ପାଇବା ପାଇଁ ଏହା ଉପରେ କାର୍ଯ୍ୟକାରୀ କରୁଥିବେ  । ଆଜିକାଲିର ସମାଜରେ ତ ଏହାର ଆବଶ୍ୟକତା ଅଧିକ ରହିଛି ।'

ପୁଣି କହିଛନ୍ତି 'ଯଦି ଏହା ନ କରିବ, ତେବେ ତୁମେ ଅହଙ୍କାରୀ ବୋଲାଇବ ଓ ଅହଙ୍କାରକୁ ଅଲ୍ଲାଃତାଲା ପସନ୍ଦ କରନ୍ତି ନାହିଁ  । ଅହଙ୍କାର ଏପରି ଏକ ବ୍ୟାଧି ଯଦ୍ଦ୍ୱାରା ସମସ୍ତ ପ୍ରକାର ବିଶୃଙ୍ଖଳା ଆରମ୍ଭ ହୋଇଥାଏ । ... ସପ୍ତମ ସର୍ତ୍ତରେ ଏହି ବିଷୟରେ ବିସ୍ତାର ପୂର୍ବକ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ  । ସଂକ୍ଷେପରେ କରିବାକୁ ଗଲେ ସକଳ ପ୍ରାଣୀ ସହିତ ସହାନୁଭୂତି କର, ଯଦ୍ଦ୍ୱାରା ଅଲ୍ଲାଃଙ୍କ ଦୃଷ୍ଟିରେ

ପସନ୍ଦଯୋଗ୍ୟ ହୋଇପାରିବ ଏବଂ ଇହକାଳ ଓ ପରକାଳରେ ଉନ୍ନତି ଲାଭ କର । ଏହି ଏହ୍‌ସାନ୍ (ଅନୁଗ୍ରହ) ଯାହାକୁ ତୁମେ ପରସ୍ପର ପ୍ରତି କରିବ, ଏହାକୁ କେବଳ ପ୍ରେମ ପାଇଁ କର । ଅନୁଗ୍ରହ ଦେଖାଇ ହେବାପାଇଁ କରନାହିଁ । ଅଲ୍ଲାଃତାଲା ପବିତ୍ର କୁର୍‌ଆନରେ କହିଛନ୍ତି

﴿وَيُطْعِمُوْنَ الطَّعَامَ عَلٰى حُبِّهٖ مِسْكِيْنًا وَّيَتِيْمًا وَّ اَسِيْرًا﴾

ଓ୍ୱ ୟୁତ୍‌ଇମୁନତ୍ ତାଆମା ଆଲା ହୁବ୍‌ବେହି ମିସ୍‌କିନଉଁ ଓ୍ୱୟତିମଉଁ ଓ୍ୱ ଅସିରା

ଅର୍ଥାତ 'ଏବଂ ସେମାନେ ଖାଦ୍ୟର ଇଚ୍ଛୁକ ଥାଇ ମଧ୍ୟ ଦରିଦ୍ର, ଅନାଥ ଓ ବନ୍ଦୀମାନଙ୍କୁ ଖାଇବାକୁ ଦିଅନ୍ତି ।' **(ଅଲ ଦହର୍ ୯)**

ଏହାର ଗୋଟିଏ ଅର୍ଥ ହେଉଛି ସେମାନେ ନିଜର ଆବଶ୍ୟକତା ସତ୍ତ୍ୱେ କେବଳ ଅଲ୍ଲାଃତାଲାଙ୍କ ପ୍ରେମ ବା ପ୍ରସନ୍ନତା ପାଇବା ପାଇଁ ଅଭାବଗ୍ରସ୍ତ ଲୋକମାନଙ୍କର ଆବଶ୍ୟକତା ପ୍ରତି ଧ୍ୟାନ ଦେଇଥାଆନ୍ତି । ନିଜେ ଉପବାସ ରହି ଅନ୍ୟକୁ ଖୁଆନ୍ତି; କୃପଣତା ଦେଖାନ୍ତି ନାହିଁ ଯେ ସେ ଯାହା ଦେଉଛନ୍ତି ସେଥିରେ ତା'ର ଆବଶ୍ୟକତା ପୂରଣ ହୋଇପାରିବ ନାହିଁ । ସେମାନଙ୍କ କ୍ଷୁଧା ହୁଏତ ମେଣ୍ଟାଇ ଦିଆଯାଇ ନପାରେ । କିନ୍ତୁ ଯଥାସମ୍ଭବ ସହାୟତା କରିଥାଆନ୍ତି । ଏସବୁ କାର୍ଯ୍ୟ ପୁଣ୍ୟ ଅର୍ଜନ କରିବାକୁ ତଥା ଅଲ୍ଲାଃତାଲାଙ୍କ ଖୁସି ଓ ପ୍ରସନ୍ନତା ପ୍ରାପ୍ତ କରିବାକୁ କରିଥାଆନ୍ତି । ନା କି କୌଣସି ପ୍ରକାର ଅନୁଗ୍ରହ ପ୍ରଦର୍ଶିତ କରିବା ପାଇଁ ।

ଏହାର ଅନ୍ୟ ଏକ ଅର୍ଥ ମଧ୍ୟ ହୋଇପାରେ ଯେ ସେହି ବ୍ୟବହାର୍ଯ୍ୟ ପଦାର୍ଥ ଦିଅନ୍ତି, ଯାହାର ଆବଶ୍ୟକତା ସେମାନଙ୍କୁ ଥାଏ । ଅର୍ଥାତ୍ ଦେଉଥିବା ବ୍ୟକ୍ତିର ଯାହା ଆବଶ୍ୟକତା ରହିଛି, ଯାହାକୁ ସେ ନିଜ ପାଇଁ ପସନ୍ଦ କରେ । ପୁଣି ଅଲ୍ଲାଃତାଲାଙ୍କ ଏହି ଆଦେଶକୁ ସର୍ବଦା ଧ୍ୟାନରେ ରଖିଥାଏ ଯେ ଅଲ୍ଲାଙ୍କ ନିମନ୍ତେ ତୁମେ ତାହା ହିଁ ଦିଅ ଯାହା ତୁମେ ସ୍ୱୟଂ ନିଜ ପାଇଁ ପସନ୍ଦ କରୁଛ । ଏହା ନୁହେଁ ଯେ ଯେପରି କେତେକ ଲୋକ କୌଣସି ଆବଶ୍ୟକ ଥିବା ଭାଇଙ୍କର ସାହାଯ୍ୟ କରିଥାନ୍ତି ସତ କିନ୍ତୁ ଅନୁଗ୍ରହ ଦେଖାଇ ଥାଆନ୍ତି । ବରଂ କେତେକ ଏପରି ପ୍ରକୃତିର ଲୋକ ଅଛନ୍ତି ଯଦି କାହାରିକୁ କୌଣସି ଉପହାର ଦିଅନ୍ତି, ତେବେ ନିଜେ ପ୍ରୟୋଗ କରିଥିବା ବସ୍ତୁରୁ ହିଁ ଦେଇଥାନ୍ତି କିମ୍ବା ବ୍ୟବହାର କରିଥିବା ବସ୍ତ୍ର ଦେଇଥାନ୍ତି । ତେଣୁ ଏପରି ଲୋକମାନଙ୍କୁ ନିଜର ଭାଇ, ଭଉଣୀମାନଙ୍କର ସମ୍ମାନର ଧ୍ୟାନ ରଖିବା ଆବଶ୍ୟକ । ଯଦି ସାମର୍ଥ୍ୟ ନାହିଁ ତେବେ ଏହା ଉତ୍ତମ ଯେ ଉପହାର ନ ଦିଅନ୍ତୁ କିମ୍ବା ତାଙ୍କୁ ଜଣାଇଦିଅନ୍ତୁ ଯେ ଏହା ମୋ ଦ୍ୱାରା ବ୍ୟବହୃତ ବସ୍ତୁ । ଯଦି ତୁମେ ପସନ୍ଦ କରୁଛ ତା'ହେଲେ ଦେବି । ପୁଣି କେତେକ ବ୍ୟକ୍ତି

ଲେଖନ୍ତି ଯେ ଆମେ ଗରିବ ଝିଅମାନଙ୍କ ବିଭାଘରରେ ଭଲ କପଡ଼ା ଦେବାକୁ ଇଚ୍ଛା କରୁଛୁ, ଯାହାକୁ ଆମେ ଥରେ ଅଧେ ବ୍ୟବହାର ମଧ୍ୟ କରିଛୁ କିମ୍ବା ଆମକୁ ତାହା ଛୋଟ ହୋଇଗଲା କିମ୍ବା ଅନ୍ୟ କୌଣସି କାରଣରୁ ବ୍ୟବହାର କରିନାହୁଁ । ସେଥିପାଇଁ ଏ ବିଷୟରେ ଧ୍ୟାନ ରଖିବା ଉଚିତ ଯେ ହୁଏତ ଏପରି ବସ୍ତୁ ଯାହା ଆମର ଜେଲି ତନ୍‌ଜିମ୍ (ସହାୟକ ଅନୁଷ୍ଠାନ) ଯେପରି ଲଜନା କିମ୍ବା ଖୁଦାମୁଲ୍ ଅହମଦିୟା ଇତ୍ୟାଦିଙ୍କ ମାଧ୍ୟମରେ ଦିଆଯାଉ କିମ୍ବା ବ୍ୟକ୍ତିଗତ ରୂପେ କରାଯାଉ, ସେହି ସଂଗଠନମାନଙ୍କୁ ମଧ୍ୟ କୁହାଯାଉଛି ଯେ ଯଦି ଏପରି ଲୋକମାନେ କୌଣସି ବସ୍ତୁ ଦାନ ସ୍ୱରୂପ ଦିଅନ୍ତି, ତେବେ ଗରିବମାନଙ୍କର ସମ୍ମାନର ଧ୍ୟାନ ରଖାଯାଉ । ସେହିପରି ତାହା ଏପରି ଭାବରେ ଦିଆଯାଉ ଯେ ଯଦି ତାହା ପ୍ରକୃତରେ ଦେବା ଉପଯୋଗୀ ହୋଇଥିବ, ତା' ହେଲେ ଦେବା ଉଚିତ । ଏହା ନୁହେଁ ଯେ ଏପରି କପଡ଼ା ବା ପୋଷାକ ଦିଆଯିବ ଯାହା ଆଦୌ ବ୍ୟବହାର ଯୋଗ୍ୟ ହୋଇ ନଥିବ । ଦାଗ ଲାଗିଥିବ, ଝାଳର ଗନ୍ଧ ବାହାରୁଥିବ ଇତ୍ୟାଦି । ଗରିବମାନଙ୍କର ମଧ୍ୟ ଆତ୍ମ ସମ୍ମାନ ରହିଛି । ଏଥି ପ୍ରତି ମଧ୍ୟ ଧ୍ୟାନ ରଖିବା ଉଚିତ୍ । ଯଦି ଏପରି କପଡ଼ା ଦିଆଯାଏ, ତେବେ ତାଙ୍କୁ ଧୋଇ ପରିଷ୍କାର କରି, ସାଇତା କରି ପୁଣି ଦିଆଯାଉ । ଯେପରିକି ମୁଁ ପୂର୍ବରୁ କହିଛି, ଯଦି ସହାୟକ ସଂଗଠନ ଗୁଡ଼ିକ ମଧ୍ୟ କପଡ଼ା ବା ପୋଷାକ ଇତ୍ୟାଦି ଗରିବଙ୍କୁ ବାଣ୍ଟନ୍ତି, ତେବେ ଯାହାକୁ ଏସବୁ ଜିନିଷ ଦିଆଯିବ, ତାହା ଆଗରେ ସ୍ପଷ୍ଟ କରିଦିଅ ଯେ ଏହା ପୂର୍ବରୁ ବ୍ୟବହୃତ ବସ୍ତୁ । ତେଣୁ ଯିଏ ନେବ ସେ ନିଜ ଖୁସିରେ ତାହା ଗ୍ରହଣ କରିପାରେ । ପ୍ରତ୍ୟେକଙ୍କର ଆତ୍ମ ସମ୍ମାନ ରହିଛି, ଯେପରି କି ମୁଁ ପୂର୍ବରୁ କହିଆସିଛି, ଏଥି ପ୍ରତି ବହୁତ ଧ୍ୟାନ ରଖିବାର ଆବଶ୍ୟକତା ରହିଛି ଓ ବିଶେଷ ଧ୍ୟାନ ରଖିବା ଉଚିତ ।

ହଜରତ୍ ମସିହ ମଉଦ୍[ଅସ] ଆୟତ୍

﴿وَيُطْعِمُوْنَ الطَّعَامَ عَلٰى حُبِّهٖ مِسْكِيْنًا وَّيَتِيْمًا وَّ اَسِيْرًا﴾

ଓ୍ୱୟୁତ୍‌ଇମୁନତ୍ ତାଆମା ଅଲା ହୁବ୍‌ବେହି ମିସ୍‌କିନଉଁ ଓ୍ୱୟତିମଉଁ ଓ୍ୱଅସିରା **(ଅଲ ଦହର୍ ୯)**ର ବ୍ୟାଖ୍ୟା କରି କହିଛନ୍ତି : ମନେରଖ, ଈଶ୍ୱର ସତକର୍ମକୁ ବହୁତ ପସନ୍ଦ କରନ୍ତି ଓ ସେ ଚାହାନ୍ତି ଯେ ତାଙ୍କ ସୃଷ୍ଟିର ଜୀବମାନଙ୍କ ପ୍ରତି ସହାନୁଭୂତି କରାଯାଉ । ଯଦି ସେ ଅସଦ୍‌କର୍ମକୁ ପସନ୍ଦ କରିଥାଆନ୍ତେ ତେବେ ସେହି କର୍ମର ଆଦେଶ ମଧ୍ୟ ଦେଇଥାଅନ୍ତେ । କିନ୍ତୁ ଅଲ୍ଲାଃତାଲାଙ୍କ ମହିମା ଏଥିରୁ ପବିତ୍ର ତେଣୁ ତୁମେ ଯେଉଁମାନେ ମୋ ସହିତ ଜଡ଼ିତ ରହିଛ, ମନେରଖ, ଯେ ତୁମେ ପ୍ରତ୍ୟେକ ବ୍ୟକ୍ତି ସହିତ ସେ ଯେ କୌଣସି ଧର୍ମ ବଲମ୍ବୀ ହୋଇଥାନ୍ତୁ ପଛକେ, ସହାନୁଭୂତି ପ୍ରଦର୍ଶନ

କର ଓ ବିନା କୌଣସି ଭେଦଭାବରେ ସମସ୍ତଙ୍କ ସହିତ ସଦ୍ ବ୍ୟବହାର କର । କାରଣ ଏହା ହିଁ ପବିତ୍ର କୁରଆନ୍‌ର ଶିକ୍ଷା ।

﴿وَيُطْعِمُوْنَ الطَّعَامَ عَلٰى حُبِّهٖ مِسْكِيْنًا وَّيَتِيْمًا وَّ اَسِيْرًا﴾

ଓ୍ୱ ୟୁତ୍‌ଇମୁନତ୍ ତାଆମା ଆଲା ହୁବ୍‌ବେହି ମିସ୍‌କିନଉଁ ଓ୍ୱୟତିମଉଁ ଓ୍ୱଅସିରା

ଅର୍ଥାତ 'ଯେଉଁମାନେ ଯୁଦ୍ଧ ବନ୍ଦୀ ହୋଇ ଆସୁଥିଲେ ଅଧିକାଂଶ କୁଫାର୍ (ଅବିଶ୍ୱାସକାରୀ) ଥିଲେ । ଏବେ ଦେଖନ୍ତୁ ଯେ ଇସଲାମର ସହାନୁଭୂତି କେତେ ଉଚ୍ଚକୋଟିର ଥିଲା । ମୋ ମତରେ ସଂପୂର୍ଣ୍ଣ ଚରିତ୍ରିକ ଶିକ୍ଷା ଇସଲାମ ବ୍ୟତୀତ ଅନ୍ୟ କେଉଁ ଧର୍ମକୁ ପ୍ରଦାନ କରାଯାଇ ନାହିଁ । ମୁଁ ସୁସ୍ଥ ହୋଇଗଲେ ଚରିତ୍ରିକ ଶିକ୍ଷା ଉପରେ ଏକ ଭିନ୍ନ ପୁସ୍ତକ ଲେଖିବି । କାରଣ ମୁଁ ଚାହୁଁଛି ଯେ ଯାହାକିଛି ମୋର ଅଭିଳାଷ ରହିଛି, ତାହା ପ୍ରକଟ ହେଉ ଏବଂ ତାହା ମୋର ଜମାଅତ୍ ପାଇଁ ଏକ ସମ୍ପୂର୍ଣ୍ଣ ଶିକ୍ଷା ହେବ ଯେଉଁଥିରେ ପ୍ରଭୁଙ୍କ ପ୍ରସନ୍ନତା ପାଇବାର ପଥ ଦେଖାଯିବ । ମୋତେ ଅନେକ ଦୁଃଖ ହୁଏ ଯେତେବେଳେ ମୁଁ ଦୈନନ୍ଦିନ ଏହା ଦେଖୁଛି ଓ ଶୁଣୁଛି ଯେ କାହା ଦ୍ୱାରା ଏପରି ଘଟଣା ଘଟିଲା ଓ କାହା ଦ୍ୱାରା ସେପରି ଘଟଣା ଘଟିଲା । ମୋର ମନ, ମସ୍ତିଷ୍କ ଏସବୁ ପାଇଁ ଖୁସି ହୁଏ ନାହିଁ । ମୁଁ ମୋର ଜମାଅତକୁ ମଧ୍ୟ ଏବେ ସେହି ଶୈଶବ ଅବସ୍ଥାରେ ଥିବାର ବୋଧ କରୁଛି । ଯିଏ ଦୁଇ ପାହୁଣ୍ଡ ଚାଲେ ତ ଚାରି ପାହୁଣ୍ଡ ପଛରେ ପଡ଼ି ରହିଯାଏ । କିନ୍ତୁ ମୁଁ ବିଶ୍ୱାସ ରଖୁଛି ଯେ ଅଲ୍ଲାଃତାଲା ଏହି ଜମାଅତକୁ ଚରିତ୍ରିକ ବିଶେଷତ୍ୱରେ ପରିପୂର୍ଣ୍ଣ କରିଦେବ । ତେଣୁ ତୁମେମାନେ ମଧ୍ୟ ଚେଷ୍ଟା କର, କୌଣସି ଉପାୟ ସ୍ଥିର କର, ପ୍ରୟାସ କର ଓ ପ୍ରାର୍ଥନାରେ ଲାଗିରୁହ ଯେ ପ୍ରଭୁ ତାଙ୍କ କରୁଣା କରିବେ । କାରଣ ତାଙ୍କ କରୁଣା ବ୍ୟତୀତ କିଛି ହୁଏନାହିଁ । ଯେତେବେଳେ ତାଙ୍କ କରୁଣା ଅବତରିତ ହୁଏ, ସେତେବେଳେ ତାହା ସମସ୍ତ ପଥକୁ ଉନ୍ମୁକ୍ତ କରିଦିଏ ।

(ମଲଫୁଜାତ୍, ଖଣ୍ଡ ୪ ପୃ : ୨୧୮-୨୧୯)

ଅଲ୍ଲାଃତାଲାଙ୍କ କୃପାରୁ ହଜରତ ମସିହ୍ ମଉଦ୍ [ଅସ] ଙ୍କ ପବିତ୍ର ଆଦର୍ଶ ଓ ତାଙ୍କ ଶିକ୍ଷା ଉପରେ ପାଳନ କରିବା ଦ୍ୱାରା ଅନେକ ପ୍ରକାରର ସାମାଜିକ ଓ ନୈତିକ ବ୍ୟାଧି ଯେଉଁଥି ପାଇଁ ତାଙ୍କୁ ସେ ସମୟରେ ଚିନ୍ତା ଘାରି ଥିଲା ଜମାଅତ୍‌ରୁ ଦୂରୀଭୁତ ହୋଇ ଯାଇଥିଲା । ଅଲ୍ଲାଃତାଲାଙ୍କ କୃପାରୁ ଏକ ବୃହତ ଭାଗ ସେହି ଅସତ୍‌କର୍ମରୁ ଏକବାରେ ପବିତ୍ର ହୋଇ ବାହାରି ଥିଲା ଓ ଏବେ ମଧ୍ୟ ଅଛି । କିନ୍ତୁ ଯେତେବେଳେ ଆମେ କ୍ରମେ କ୍ରମେ ସେ ଯୁଗରୁ ଦୂରେଇ ଯାଉଛେ, ସମାଜରେ ଅନେକ କୁକର୍ମ ଦେଖାଯିବା ସହିତ

ଶୈତାନ ଆକ୍ରମଣ କରିବାରେ ଲାଗି ରହିଛି । ତେଣୁ ହଜରତ ମସିହ୍ ମଉଦ୍[ଅସ] ଯେଉଁ ଚିନ୍ତା ପ୍ରକଟ କରିଥିଲେ, ତାଙ୍କ ଶିକ୍ଷା, ପ୍ରୟାସ ଓ ପ୍ରାର୍ଥନା ଦ୍ୱାରା ଅଲ୍ଲାଃତାଲାଙ୍କର କୃପା ଭିକ୍ଷା କରି ସେ ସବୁ କୁକର୍ମରୁ ବଞ୍ଚିତ ରହି ଚ଼ଲିବା ଉଚିତ୍ । ତଦ୍ୱାରା ଅଲ୍ଲାଃତାଲା ହଜରତ ମସିହ୍ ମଉଦ୍[ଅସ]ଙ୍କ ସଂପ୍ରଦାୟକୁ ସର୍ବ ଗୁଣ ସମ୍ପନ୍ନ ତଥା ଶୃଙ୍ଖଳିତ କରି ରଖିବେ । ଏବେ ମୁଁ ଏ ବିଷୟରେ କେତେକ ହଦିସ ପ୍ରସ୍ତୁତ କରୁଛି ।

ହଜରତ ଅବୁହୁରୈରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ[ସଅ] କହିଥିଲେ 'ଅନ୍ତିମ ବିଚ଼ର (କୟାମତ୍) ଦିନ ଅଲ୍ଲାଃତାଲା କହିବେ 'ହେ ଆଦମ ସନ୍ତାନ ! ମୁଁ ଅସୁସ୍ଥ ଥିଲି, କିନ୍ତୁ ତୁମେ ମୋର ଦେଖାଶୁଣା କରିନାହୁଁ ।' ଭକ୍ତ କହିବ, 'ହେ ମୋର ପାଳନକର୍ତ୍ତା ! ମୁଁ ତୁମର ଦେଖାଶୁଣା କିପରି କରିଥାନ୍ତି । ତୁମେ ତ ସାରା ସଂସାରର ପାଳନକର୍ତ୍ତା ।' ଅଲ୍ଲାଃତାଲା କହିବେ 'କ'ଣ ତୁମକୁ ଜଣାଗଲା ନାହିଁ ଯେ ମୋର ଅମୁକ ଭକ୍ତ ରୋଗଗ୍ରସ୍ତ ଥିଲା, ତୁମେ ତାର ଦେଖାଶୁଣା କରି ନଥିଲ । କ'ଣ ତୁମକୁ ଜଣା ନଥିଲା ଯେ ଯଦି ତୁମେ ତା'ର ସେବା ଯତ୍ନ କରିଥା'ନ୍ତ, ତେବେ ମୋତେ ତା ନିକଟରେ ଯାଉଥାଆନ୍ତ । ହେ ଆଦମର ସନ୍ତାନ ! ମୁଁ ତମକୁ ଖାଇବାକୁ ମାଗିଥିଲି କିନ୍ତୁ ମୋତେ ଖାଇବାକୁ ଦେଇ ନଥିଲ ।' ଏହାଶୁଣି ଆଦମ ସନ୍ତାନ (ମନୁଷ୍ୟ) କହିବ, 'ମୁଁ ତୁମଙ୍କୁ କିପରି ଖାଦ୍ୟ ଖୁଆଇଥାନ୍ତି, ତୁମେ ତ ସମଗ୍ର ଜଗତର ପାଳନକର୍ତ୍ତା ।' ତହୁଁ ଅଲ୍ଲାଃତାଲା କହିବେ 'ତୁମଠାରୁ ମୋର ଅମୁକ ଭକ୍ତ ପାଣି ମାଗିଥିଲା, କିନ୍ତୁ ତୁମେ ତାକୁ ପାଣି ପିଆଇ ନଥିଲ, ଯଦି ତାକୁ ପାଣି ପିଆଇ ତୃଷା ନିବାରଣ କରିଥାନ୍ତ, ତା'ର ପ୍ରତିଫଳ ମୋ'ଠାରୁ ଅବଶ୍ୟ ପାଇଥାନ୍ତ ।'

(ମୁସ୍‌ଲିମ୍, କିତାବୁଲ୍ ବିର୍‌ରେ ଓ୍ୱସ୍‌ସିଲାଃ, ଭାଗ ଫଜଲ୍ ଇୟାଦତୁଲ୍ ମରିଜ)

ପୁଣି ଯେ ହଜରତ ଅବ୍ଦୁଲ୍ଲାଃ ବିନ୍ ମସୁଦ[ରଅ] ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲା[ସଅ] ଏହିପରି କହୁଥିଲେ 'ସମସ୍ତ ସୃଷ୍ଟି ଜଗତ ହୋଇଛି ଏକ ଅଲ୍ଲାଃତାଲାଙ୍କ କୁଟୁମ୍ବ ସଦୃଶ୍ୟ । ତେଣୁ ଅଲ୍ଲାତାଲାଙ୍କୁ ନିଜ ସୃଷ୍ଟି ମଧ୍ୟରୁ ସେହି ବ୍ୟକ୍ତି ପସନ୍ଦ ଯିଏ କୁଟୁମ୍ବ ସହିତ ଭଲ ବ୍ୟବହାର କରିଥାଏ ଓ ସେମାନଙ୍କର ଆବଶ୍ୟକତାକୁ ପୂରଣ କରିଥାଏ ।'

(ମିସ୍‌କାତ୍, ବାବୁଲ୍ ଶଫକତ ଓ ରହମତି ଅଲଲ୍ ଖଲକେ)

ପୁଣି ଏକ କଥନ ରହିଛି, ହଜରତ ଅଲି[ରଅ] ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲା[ସଅ] ଏହିପରି କହୁଥିଲେ । ଜଣେ ମୁସଲମାନର ଅନ୍ୟ ମୁସଲମାନ ପ୍ରତି ଛଅଗୋଟି କର୍ତ୍ତବ୍ୟ ରହିଛି

୧. ଯେତେବେଳେ ସେ ତା' ସହିତ ମିଳିବ, 'ଅସ୍‌ସଲା ମୋ ଆଲୈକୁମ୍' କହିବ ।

୨. ଯେତେବେଳେ ସେ ଛିଙ୍କିବ 'ୟରହମୁକଲ୍ଲାହୋ' ଅର୍ଥାତ 'ଅଲ୍ଲାଃ ତୁମ ଉପରେ ଦୟା କରନ୍ତୁ' କହିବ ।

୩. ଯେତେବେଳେ ସେ ଅସୁସ୍ଥ ହୋଇଥିବ, ତାହାର ଦେଖାଶୁଣା କରିବାର ଅଭ୍ୟାସ କେତେକ ଲୋକଙ୍କୁ ଅଲ୍ଲାଃଙ୍କ ଦୟାରୁ ଅତି ଭଲ ଭାବରେ ରହିଛି । ସେ ସ୍ୱୟଂ ହସ୍‌ପିଟାଲ୍ ଯାଇ ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କର ଧ୍ୟାନ ରଖନ୍ତି । ସେ ପରିଚିତ ଥାଉ କିମ୍ବା ଅପରିଚିତ, ସେମାନଙ୍କ ପାଇଁ ଫଳ,ମୂଳ ଇତ୍ୟାଦି ନେଇ ଯାଆନ୍ତି । ଏହା ମାନବ ସେବାର ଏକ ଉତ୍କୃଷ୍ଟ ପନ୍ଥା ।

୪. ଯେତେବେଳେ ସେ ତାକୁ ଡ଼ାକିବ, ତା'ର ଉତ୍ତର ଦେବ ।

୫. ଯେତେବେଳେ ତା'ର ଦେହାନ୍ତ ହୋଇଯିବ, ସେ ତା'ର ଜନଜାଃ ବା ଅନ୍ତେଷ୍ଟିକ୍ରୀୟାରେ ଯୋଗ ଦେବ ।

୬. ସେ ଅନ୍ୟ ପାଇଁ ତାହା ହିଁ ପସନ୍ଦ କରୁ, ଯାହା ସେ ନିଜ ପାଇଁ ପସନ୍ଦ କରୁଛି । ଏବଂ ତା'ର ଅନୁପସ୍ଥିତିରେ ତା'ର ମଙ୍ଗଳ କାମନା କରୁ ।

(ସୁନନ୍ ଅଦ୍ ଦାରମି, କିତାବୁଲ୍ ଇସ୍ତେଜାନ, ଭାଗ ଫିହକ୍କୁଲ୍ ମୁସଲିମି ଅଲଲ୍ ମୁସଲିମ)

ଅନ୍ୟ ଏକ ହଦିସରେ ହଜରତ୍ ଅବ୍ଦୁଲା ବିନ ଉମର[ରଅ] ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲା[ସଅ] ଏହିପରି କହିଥିଲେ 'ଜଣେ ଅନ୍ୟ ଜଣକ ସହିତ ଇର୍ଷା କର ନାହିଁ । ଜଣେ ଅନ୍ୟର କ୍ଷତି କରିବା ପାଇଁ ବଢ଼ିଚଢ଼ି କୌଣସି ବସ୍ତୁର ମୂଲ୍ୟ ବଢ଼ାଅ ନାହିଁ । ପରସ୍ପର ପ୍ରତି ବିଦ୍ୱେଷ ଭାବ ରଖନାହିଁ । ଜଣେ ଅନ୍ୟ ପ୍ରତି ବିମୁଖ ହୁଅ ନାହିଁ ଅର୍ଥାତ ସମ୍ପର୍କ ଛିନ୍ନ କରିବାର ଭାବନା ରଖ ନାହିଁ । ଜଣେ ସଉଦା କରୁଥିବା ବେଳେ ତା'ଉପରେ ଅନ୍ୟ ଜଣେ ବଢ଼ିଚଢ଼ି କିଣାବିକା କର ନାହିଁ, ବରଂ ଅଲ୍ଲାଃତାଲାଙ୍କର ସକଳ ସୃଷ୍ଟଜ ପ୍ରାଣୀ ଓ ଭକ୍ତମାନେ ପରସ୍ପର ମଧ୍ୟରେ ଭାଇ ଭାଇ ହୋଇ ରୁହ । ମୁସଲମାନ ନିଜ ଭାଇ ପ୍ରତି ଅତ୍ୟାଚର କରେ ନାହିଁ ଓ ତାକୁ ତିରସ୍କାର କରେ ନାହିଁ । ତାକୁ ଲଜ୍ଜିତ ଓ ଅପମାନିତ କରେ ନାହିଁ । ମହାଶୟ ନିଜ ଛାତି ଆଡ଼କୁ ସଙ୍କେତ କରି କହିଲେ, ତକଓ୍ୱା (ସଂଜମ) ଏଇଠାରେ ରହିଛି । ଏହି ଶବ୍ଦକୁ ସେ ତିନିଥର କହିଲେ । ପୁଣି କହିଲେ ମନୁଷ୍ୟର ଦୁର୍ଭାଗ୍ୟ ପାଇଁ ଏହା ହିଁ ଯଥେଷ୍ଟ ଯେ ସେ ନିଜର ମୁସଲମାନ ଭାଇକୁ ହୀନ ଚକ୍ଷୁରେ ଦେଖିଥାଏ । ପ୍ରତ୍ୟେକ ମୁସଲ୍‌ମାନର ରକ୍ତ, ଧନ ଓ ମାନ ସମ୍ମାନ ଅନ୍ୟ ମୁସଲ୍‌ମାନ ପାଇଁ ଅବୈଧ କରାଯାଇଛି ଓ ତାହା ସମ୍ମାନଯୋଗ୍ୟ ।

(ମୁସଲିମ୍, କିତାବୁଲ୍ ବିର୍‌ରେ ଓ୍ୱସ୍‌ସିଲହା, ଭାଗ ତହରିମ ଜୁଲ୍‌ମୁଲ୍ ମୁସଲିମ୍ ଓ ଖକ୍ସଲହୁ)

ପୁଣି ଏହିପରି ହଦିସରେ ଉଲ୍ଲେଖ ରହିଛି । ହଜରତ୍ ଅବୁ ହୁରେରା[ରଅ] ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲା[ସଅ] କହିଛନ୍ତି 'ଯେଉଁ ବ୍ୟକ୍ତି କୌଣସି ମୁସଲମାନ୍‌ର ସାଂସାରିକ ଅଶାନ୍ତି ଓ କଷ୍ଟ ନିବାରଣ କରିବ ଏବଂ ଯେଉଁ ବ୍ୟକ୍ତି କାହାରି ଅଭାବ ଅନାଟନ ବେଳେ ତାକୁ ସାହାଯ୍ୟ କରିବ ଓ ତା'ପାଇଁ ସୁଖ ସୁବିଧା ଯୋଗାଇ ଦେବ, ଅଲ୍ଲାଃତାଲା ପରକାଳରେ ତା'ପାଇଁ ସରଳ ଓ ସହଜସାଧ ଅନୁକୂଳ ଅବସ୍ଥା ଉତ୍ପନ୍ନ କରିଦେବେ । ଯିଏ କୌଣସି ମୁସଲ୍‌ମାନର ଦୋଷ ଲୁଚାଇ ନିଏ, ଅଲ୍ଲାଃତାଲା ପରକାଳରେ ତା'ର ଦୋଷ ଦୁର୍ବଳତାକୁ ଲୁଚାଇ ଦେବେ । ଅଲ୍ଲାଃତାଲା ସେହି ଭକ୍ତର ସହାୟତା ପାଇଁ ତତ୍ପର ରହିଥାନ୍ତି, ଯିଏ ନିଜ ଭାଇର ସହାୟତା ପାଇଁ ତତ୍ପର ଥାଏ । ଯେଉଁ ବ୍ୟକ୍ତି ଜ୍ଞାନର ସନ୍ଧାନରେ ବାହାରେ, ଅଲ୍ଲାଃତାଲା ତା'ପାଇଁ ବୈକୁଣ୍ଠର ପଥକୁ ସରଳ କରି ଦିଅନ୍ତି । ଯେଉଁ ଲୋକମାନେ ଅଲ୍ଲାଃଙ୍କ ଗୃହ (ମସଜିଦ୍)ରୁ ଯାଇ କୌଣସି ଅନ୍ୟ ଘରେ ବସି ଅଲ୍ଲାଃତାଲାଙ୍କ ପୁସ୍ତକ ପାଠ କରନ୍ତି ଓ ଏହାର ଅଧ୍ୟୟନରେ ଲାଗି ରହିଥାନ୍ତି, ଅଲ୍ଲାଃତାଲା ତାଙ୍କୁ ଶାନ୍ତି ଓ ନିରାପତ୍ତା ପ୍ରଦାନ କରିଥାଆନ୍ତି । ଅଲ୍ଲାଃତାଲାଙ୍କ କରୁଣା ତାଙ୍କୁ ଘୋଡାଇ ରଖିଥାଏ, ଓ ଦେବଦୂତମାନେ ସେମାନଙ୍କୁ ନିଜ ସୁରକ୍ଷା ଆବରଣ ମଧ୍ୟରେ ରଖିଥାଆନ୍ତି । ପ୍ରଭୁ ନିଜର ସାମିପ୍ୟ ଲାବ କରିଥିବା ଲୋକମାନଙ୍କ ମଧ୍ୟରେ ତାଙ୍କୁ ପରିଗଣିତ କରିଥାନ୍ତି । ଯେଉଁ ବ୍ୟକ୍ତି କର୍ତ୍ତବ୍ୟରେ ଆଳସ୍ୟ ବା ଅବହେଳା ପ୍ରଦର୍ଶନ କରେ, ତା'ର କୁଳ କୁଟୁମ୍ବ ତାକୁ ତେଜସ୍ୱୀ କରି ପାରିବେ ନାହିଁ । ଅର୍ଥାତ ସେ କୁଳ କୁଟୁମ୍ବଙ୍କ ବଳ ପରାକ୍ରମ ଦ୍ୱାରା ବୈକୁଣ୍ଠ ଯାଇପାରିବ ନାହିଁ । ଏଥିରେ ପ୍ରାରମ୍ଭରୁ ଯାହା ବର୍ଣ୍ଣନା କରାଯାଇଛି ତାହା ହେଉଛି ଯେ ଲୋକମାନଙ୍କର ଅଧିକତର ଧ୍ୟାନ ରଖ, ଓ ନିଜ ଭାଇର ଅଶାନ୍ତି ଓ କଷ୍ଟକୁ ନିବାରଣ କର । ଅଲ୍ଲାଃତାଲା ଅନ୍ତିମ ବିଚାର ଦିନ ସେହିପରି ପ୍ରେମର ବ୍ୟବହାର ତୁମ ସହିତ କରିବେ ଓ ତୁମର ଅଶାନ୍ତି ତଥା ଦୁଃଖ କଷ୍ଟକୁ ଦୂର କରିବେ । ହଜରତ ମୁହମ୍ମଦ[ସଅ]ଙ୍କର ଏହା ଆମମାନଙ୍କ ଉପରେ ଅନୁଗ୍ରହ ଯେ ଯଦି ତୁମେ ଚାହୁଁଛ ଯେ ଅଲ୍ଲାଃତାଲା ନିଜ କ୍ଷମାର ଚାଦରରେ ତୁମଙ୍କୁ ଢ଼ାଙ୍କି ନିଅନ୍ତୁ, ତେବେ ଅଶାନ୍ତିରେ ପୀଡ଼ିତ ଓ ନିଷ୍ପେସିତ ଅଭାବଗ୍ରସ୍ତ ଲୋକମାନଙ୍କୁ ଯଥାସମ୍ଭବ ସୁଖ ସୁବିଧା ଯୋଗାଇ ପାରିଲେ, ଏହା ହାସଲ କରିବ । ଏହାଦ୍ୱାରା ଅଲ୍ଲାଃତାଲା ତୁମ ସହିତ ଦୟା ଓ କରୁଣା କରିବେ । ନିଜ ଭାଇମାନଙ୍କର ଦୋଷ ଦୁର୍ବଳତାକୁ ଘୋଡ଼ାଇ ଦିଅ । ସେମାନଙ୍କ ଭୁଲ୍‌କୁ ଧରି ବସି ଏହାର ପ୍ରଚାର କର ନାହିଁ । ଜଣାନାହିଁ ତୁମଠାରେ କେତେ ପ୍ରକାର ଦୋଷ ଦୁର୍ବଳତା ରହିଛି, ଯାହାର ହିସାବ କୟାମତ୍ ଦିନ ଦେବାକୁ ହେବ । ଯଦି ଏହି ସଂସାରରେ ନିଜ ଭାଇମାନଙ୍କର ଦୋଷକୁ ଲୁଚାଇଥିବ ଓ ତାଙ୍କର ଦୋଷତ୍ରୁଟିକୁ ଦେଖି ତାହାର ଚର୍ଚ୍ଚା ନକରି ସେମାନଙ୍କୁ

ସମବେଦନା ଜଣାଇବା ପୂର୍ବକ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିବ, ତେବେ ଅଲ୍ଲାଃତାଲା ମଧ୍ୟ ତୁମ ଦୋଷ ଦୁର୍ବଳତାକୁ ଗୋପନ ରଖିବେ । ଏହା 'ହକୁକୁଲ ଏବାଦ' ଅର୍ଥାତ ସକଳ ମାନବ ପ୍ରତି ତୁମର କର୍ତ୍ତବ୍ୟ, ଯାହାକୁ ତୁମେ ସମ୍ପାଦନ କରିବ, ଏବଂ ଅଲ୍ଲାଃତାଲାଙ୍କ କରୁଣାର ପାତ୍ର ହୋଇପାରିବ ।

ପୁଣି ହଦିସ୍‌ରେ ଆସୁଛି, ହଜରତ ଅବୁହୁରେରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ[ସଅ] ଏହିପରି କହିଛନ୍ତି, ସଜ୍‌କା (ଦାନ) ଦେବା ଦ୍ୱାରା ଧନ ଊଣା ହୁଏ ନାହିଁ । ଯେଉଁ ବ୍ୟକ୍ତି ଅନ୍ୟର ଭୁଲ୍‌କୁ କ୍ଷମା କରେ, ଅଲ୍ଲାଃତାଲା ତା'କୁ ଆହୁରି ସମ୍ମାନ ପ୍ରଦାନ କରନ୍ତି ଓ କାହାରି ଭୁଲ୍‌କୁ କ୍ଷମା କରିଦେଲେ କୌଣସି ଅପମାନ ହୁଏ ନାହିଁ ।

(ମସ୍‌ନଦ୍ ଅହମଦ ବିନ୍ ହମ୍ବଲ୍, ଭାଗ ୨, ପୃ : ୨୩୫)

ପୁଣି କଥନ ରହିଛି, ହଜରତ ଅବ୍ଦୁଲ୍ଲାଃ ବିନ୍ ଅମର[ରଅ] ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲାଃ[ସଅ] ଏହିପରି କହିଥିଲେ, 'ଦୟା କରିଥିବା ଲୋକଙ୍କ ପ୍ରତି ଦୟାବାନ ପ୍ରଭୁ ଦୟା କରିବେ । ତୁମେ ପୃଥିବୀବାସୀଙ୍କ ଉପରେ ଦୟା କର । ଆକାଶରେ ରହିଥିବା ଅଧିଶ୍ୱର ତୁମ ଉପରେ ଦୟା କରିବେ ।' (ସୁନନ୍ ଅବୁଦାଉଦ୍, କିତାବୁଲ୍ ଅଦବ୍, ଭାଗ ଫି ରହମ) । ହଜରତ ମସିହ ମଉଦ୍[ଅସ] କହିଛନ୍ତି, 'ଏକଥା ମଧ୍ୟ ଖୁବ୍ ମନେରଖ ଯେ ପ୍ରଭୁଙ୍କର ଦୁଇଟି ଆଦେଶ ରହିଛି । ପ୍ରଥମତଃ ତାଙ୍କ ସହିତ କାହାରିକୁ ସମକକ୍ଷ କରନାହିଁ ନା ତାହାଙ୍କ ଅସ୍ତିତ୍ୱରେ, ନା ତାଙ୍କ ବିଶେଷତ୍ୱରେ, ନା ତାଙ୍କ ଉପାସନାରେ । ଦ୍ୱିତୀୟତଃ ମାନବଜାତି ସହିତ ସହାନୁଭୂତି ପ୍ରଦର୍ଶନ କର ଓ ଅନୁଗ୍ରହ କର । ଅନୁଗ୍ରହର ଅର୍ଥ ଏହା ନୁହେଁ ଯେ କେବଳ ନିଜର ଭାଇ ବନ୍ଧୁ କୁଟୁମ୍ବ ସହିତ ହିଁ ଅନୁଗ୍ରହ କର, ବରଂ ଯେ କେହି ହୋଇଥାଉ ନା କାହିଁକି ମାନବଜାତି ହେଉ ବା ପ୍ରଭୁଙ୍କ ସୃଷ୍ଟି ମଧ୍ୟରୁ କେହି ହେଉ । ଏହା ଭାବ ନାହିଁ ଯେ ସେ ହିନ୍ଦୁ କି ଖ୍ରୀଷ୍ଟିୟାନ । ମୁଁ ସତ୍ୟ କହୁଅଛି ଅଲ୍ଲାଃତାଲା ତୁମର ନ୍ୟାୟ ସଂଗତ ବିଚାର ନିଜ ହସ୍ତରେ ରଖିଛନ୍ତି । ସେ ଚାହନ୍ତି ନାହିଁ ଯେ ତୁମେ ସ୍ୱୟଂ ତାହା କର । ତୁମେ ଯେତିକି ନମ୍ରତା ଅବଲମ୍ବନ କରିବ ଓ ଯେଉଁ ପରିମାଣରେ ବିନମ୍ରତା ଓ ବିନୟ ଭାବ ପୋଷଣ କରିବ, ଅଲ୍ଲାଃତାଲା ତୁମ ପ୍ରତି ସେତିକି ପ୍ରସନ୍ନ ହେବେ । ନିଜ ଶତ୍ରୁମାନଙ୍କୁ ତୁମେ ଅଲ୍ଲାଃତାଲାଙ୍କ ଦାୟୀତ୍ୱରେ ଦେଇଦିଅ । ମହାପ୍ରଳୟ ନିକଟରେ ରହିଛି, ତୁମଙ୍କୁ ସେ କଷ୍ଟରୁ ଉଦ୍ଧାର କରିବେ । ଯାହା ତୁମଙ୍କୁ ଶତ୍ରୁମାନେ ଦେଉଛନ୍ତି, ସେଥିପାଇଁ ବ୍ୟତିବ୍ୟସ୍ତ ହେବା ଉଚିତ ନୁହେଁ । ମୁଁ ଦେଖୁଛି ଯେ ଏବେ ତାଙ୍କଠାରୁ ତୁମମାନଙ୍କୁ ବହୁତ ଦୁଃଖ ସହିବାକୁ ପଡ଼ିବ । କାରଣ ଯେଉଁମାନେ ଶିଷ୍ଟାଚାର ଓ ଉଦ୍ରାମୀର ସୀମାରୁ ବାହାରି ଯାଆନ୍ତି, ସେମାନଙ୍କ ତୁଣ୍ଡ

ଏପରି ଚାଲେ ଯେପରି କୌଣସି ବନ୍ଧ ଭାଙ୍ଗିଗଲେ ବନ୍ୟା ଆସିଯାଏ । ତେଣୁ ଧର୍ମନିଷ୍ଠ ବ୍ୟକ୍ତିଙ୍କୁ ଉଚିତ ଯେ ନିଜ ତୁଣ୍ଡକୁ ସଂଯତ ରଖନ୍ତୁ ।'

(ମଲ୍‌ଫୁଜାତ୍‌, ଭାଗ ୯, ପୃ: ୧୬୪-୧୬୫)

ମନେରଖ କର୍ତ୍ତବ୍ୟ ଦୁଇ ପ୍ରକାର । ପ୍ରଥମତଃ 'ହକୁକୁଲ୍ଲାହଃ' (ଅଲ୍ଲାଃଙ୍କ ପ୍ରତି କର୍ତ୍ତବ୍ୟ) ଅର୍ଥାତ ଦ୍ୱିତୀୟତଃ ହକୁକୁଲ୍ ଇବାଦ୍ (ସୃଷ୍ଟି ପ୍ରତି କର୍ତ୍ତବ୍ୟ) ଅର୍ଥାତ୍ ମାନବଜାତି ପ୍ରତି କର୍ତ୍ତବ୍ୟ । ଅଲ୍ଲାଃଙ୍କ ହକ୍ (ଅଧିକାର) ଦେବାରେ ଧନଶାଳୀ ଲୋକମାନଙ୍କୁ ଅସୁବିଧା ହୋଇଥାଏ । ଅହଙ୍କାର କରିବା ଓ ନିଜକୁ ସବୁଠାରୁ ଶ୍ରେଷ୍ଠ ଭାବିବା ସେମାନଙ୍କୁ ଏଥିରୁ ବଞ୍ଚିତ କରିଥାଏ । ଯେପରି ନମାଜ ସମୟରେ କୌଣସି ଗରିବ ପାଖରେ ଛିଡ଼ା ହେବା ତାଙ୍କୁ ଭଲ ଲାଗେ ନାହିଁ । ସେମାନଙ୍କୁ ନିଜ ପାଖରେ ବସାଇ ଦିଅନ୍ତି ନାହିଁ ଓ ଏହିପରି ଭାବେ ସେମାନେ ଅଲ୍ଲାଃଙ୍କର ଅଧିକାର ପୂରଣ କରିବାରୁ ବଞ୍ଚିତ ରହିଯାଆନ୍ତି । କାରଣ ମସ୍‌ଜିଦ୍ ହିଁ ଦୀନ ଦୁଃଖିଙ୍କର ଘର ହୋଇଥାଏ ଓ ସେହି ଧନଶାଳୀ ବ୍ୟକ୍ତିମାନେ ସେଠାକୁ ଯିବା ନିଜର ମର୍ଯ୍ୟାଦା ହାନୀ ବୋଧ କରନ୍ତି । ସେହିପରି ସେମାନେ ଭକ୍ତମାନଙ୍କର ଅଧିକାର ପୂରଣ କରିବା ସମ୍ବନ୍ଧରେ ବିଶେଷ ସେବାରେ ଭାଗ ନେଇ ପାରନ୍ତି ନାହିଁ । ଗରିବ ଲୋକ ତ ପ୍ରତ୍ୟେକ ପ୍ରକାର ସେବା ପାଇଁ ତତ୍ପର ରହେ । ସେ ଗୋଡ଼ ଦବାଇ ଦେବାରେ ପାଣି ଆଣିବାରେ, କପଡ଼ା ଧୋଇବାରେ, ଏପରିକି ତାକୁ ଯଦି ଅଳିଆ ଅସନା ନେଇ ପକାଇବାର ସୁଯୋଗ ମିଳିବ, ତେବେ ସେ କୁଣ୍ଠାବୋଧ କରେନାହିଁ । କିନ୍ତୁ ଧନବାନ ବ୍ୟକ୍ତି ଏପରି କାର୍ଯ୍ୟକୁ ଲଜ୍ଜା ଓ ମାନହାନୀ ବୋଧ କରନ୍ତି । ଏହିପରି ସେମାନେ ଏଥିରୁ ବଞ୍ଚିତ ହୋଇଯାଆନ୍ତି । ତେଣୁ ଧନାଢ଼୍ୟ ହେବାଟା ଅନେକ ପ୍ରକାର ପୁଣ୍ୟ ପ୍ରାପ୍ତ କରିବାରେ ବାଧକ ସାଜିଥାଏ । ଏଥିଯୋଗୁଁ ହଦିସରେ କୁହାଯାଇଛି ଯେ, ଦରିଦ୍ର ଲୋକ ପାଞ୍ଚଶହ ବର୍ଷ ପୂର୍ବରୁ ବୈକୁଣ୍ଠ ପ୍ରାପ୍ତ କରିବେ । (ମଲ୍‌ଫୁଜାତ୍, ଭାଗ ୩, ପୃ ୩୬୮)

ପୁଣି ସେ କହିଛନ୍ତି 'ତେଣୁ ସକଳ ସୃଷ୍ଟି ପ୍ରତି ସହାନୁଭୁତି ଏପରି ଏକ ବିଷୟ, ଯଦି ମନୁଷ୍ୟ ତାହାକୁ ଛାଡ଼ିଦିଏ ଓ ତା'ଠାରୁ ଦୂର ହେବାରେ ଲାଗେ, ତେବେ ସେ ଧିରେ ଧିରେ ପଶୁ ପାଲଟିଯାଏ । ମନୁଷ୍ୟ ଜାତିରେ ମାନବିକତାର ମୂଲ୍ୟବୋଧର ଏହି ଉଦ୍ଦେଶ୍ୟ ରହିଛି ।  ସେ ସେହି ସମୟ ପର୍ଯ୍ୟନ୍ତ ମନୁଷ୍ୟ ପଦବାଚ୍ୟ ହେବ ଯେ ପର୍ଯ୍ୟନ୍ତ ନିଜର ଅନ୍ୟ ଭାଇମାନଙ୍କ ସହିତ ବିନୟ ଭାବ, ସଦ୍‌ବ୍ୟବହାର ଓ ହିତ ସାଧନ ପାଇଁ କାର୍ଯ୍ୟ କରି ଚାଲୁଥିବ । ଏବଂ ତା'ଠାରେ ଏପରି କୌଣସି ପ୍ରକାରର ଭେଦଭାବ ନ ଥିବ ଯେପରିକି ସାଆଦି କହିଛନ୍ତି 'ବନି ଆଦମ୍ ଆଯାଏ ୟକ୍ ଦିଗର୍ ଅନ୍ଦ' 'ସମସ୍ତ ମାନବ ଜଣେ ଅନ୍ୟ ଜଣକର ଅଙ୍ଗ ସଦୃଶ ।'

ମନେରଖ, ସହାନୁଭୂତିର ପରିସର ମୋ ଦୃଷ୍ଟିରେ ବହୁତ ବ୍ୟାପକ । କୌଣସି ବ୍ୟକ୍ତି ବା ଜାତିକୁ ପୃଥକ କର ନାହିଁ । ମୁଁ ଆଜିକାଲିର ନିର୍ବୋଧମାନଙ୍କ ପରି ଏହା କହିବାକୁ ଚାହୁଁନାହିଁ ଯେ ତୁମେ ନିଜର ସହାନୁଭୂତି କେବଳ ମୁସଲ୍‌ମାନ୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ କରିଦିଅ ! ମୁଁ କହୁଛି ଯେ ତୁମେ ଅଲ୍ଲାଃତାଲାଙ୍କର ସମସ୍ତ ସୃଷ୍ଟି ପାଇଁ ସହାନୁଭୂତିଶୀଳ ତଥା ସମବେଦନାକାରୀ ହୁଅ । ସେ ପଛକେ ଯେ କେହି ବ୍ୟକ୍ତି ହୋଇଥାଉ । ସେ କୌଣସି ହିନ୍ଦୁ ହୋଇଥାଉ କିମ୍ବା ମୁସଲ୍‌ମାନ ହୋଇଥାଉ କିମ୍ବା ଅନ୍ୟ କେହି ହୋଇଥାନ୍ତୁ । ମୁଁ କଦାପି ସେପରି ଲୋକଙ୍କୁ ପସନ୍ଦ କରେ ନାହିଁ, ଯିଏ ସହାନୁଭୂତି ବା ସମବେଦନାକୁ କେବଳ ନିଜ ଜାତି ପର୍ଯ୍ୟନ୍ତ ସୀମିତ କରିବାକୁ ଚାହାନ୍ତି । (ମଲ୍‌ଫୁଜାତ୍, ଖଣ୍ଡ ୪, ନୂତନ ସଂସ୍କରଣ, ପୃ : ୨୧୬-୨୧୭)

ମହାଶୟ କହିଛନ୍ତି; ପବିତ୍ର କୁର୍‌ଆନରେ ମାତା ପିତା, ସନ୍ତାନ ସନ୍ତତି, ଅନ୍ୟ ସଂପର୍କୀୟ ବ୍ୟକ୍ତି ଦୀନହୀନ ଓ ଦୁଃଖିରଙ୍କ ପ୍ରତି ଯେଉଁ ମାତ୍ରାରେ ଅଧିକାର ଦେବା ବିଷୟ ବର୍ଣ୍ଣନା କରାଯାଇଛି । ମୁଁ ଭାବିପାରୁ ନାହିଁ ଯେ ତାହା ଅନ୍ୟ ପୁସ୍ତକରେ ଉଲ୍ଲେଖ କରାଯାଇଥିବ । ଯେପରିକି ଅଲ୍ଲାଃତାଲା କହିଛନ୍ତି;

﴿وَاعْبُدُوا اللّٰهَ وَلَا تُشْرِكُوْا بِهٖ شَيْئًا وَّبِالْوَالِدَيْنِ اِحْسَانًا وَّبِذِی الْقُرْبٰی وَالْيَتٰمٰی وَالْمَسٰكِيْنِ وَالْجَارِ ذِی الْقُرْبٰی وَالْجَارِ الْجُنُبِ وَالصَّاحِبِ بِالْجَنْبِ وَابْنِ السَّبِيْلِ وَمَا مَلَكَتْ اَيْمَانُكُمْ. اِنَّ اللّٰهَ لَا يُحِبُّ مَنْ كَانَ مُخْتَالًا فَخُوْرًا﴾

'ୱ୍ବୁଦୁଲ୍ଲାହା ୱ୍ଲା ତୁଶରିକୁ ବିହୀ ଶୈୟା ୱ୍ବିଲ୍ ୱ୍ାଲେଦୈନେ ଇହ୍‌ସାନଉଁ ୱ୍ବିଜିଲ୍ କୁର୍‌ବା ୱ୍ଲ୍‌ୟତାମା ୱ୍ଲମସାକିନି ୱ୍ଲ୍‌ଯାରିଜିଲ୍ କୁର୍‌ବା ୱ୍ଲ୍‌ଯାରିଜିଲ୍ ଜୁନ୍‌ବି ୱ୍ସାହିବି ବିଲ୍‌ଯମ୍‌ବି ୱ୍ବ୍‌ନିସ୍ ସବିଲି ୱ୍ମା ମଲକତ୍ ଆଏମାନୁକୁମ୍ ଇନ୍ନଲ୍ଲାହା ଲାୟୁହିବ୍‌ବୁ ମନ୍‌କାନା ମୁଖ୍‌ତାଲନ୍ ଫଖୁରା ।'

ଅର୍ଥାତ 'ତୁମେ ପ୍ରଭୁଙ୍କ ଉପାସନା କର ଓ ତାହାଙ୍କ ସହିତ କାହାରିକୁ ସମକକ୍ଷ କର ନାହିଁ । ଏବଂ ନିଜର ମାତା, ପିତାଙ୍କ ସହିତ ଅନୁଗ୍ରହ କର ଓ ସେମାନଙ୍କ ସହିତ ମଧ୍ୟ ଅନୁଗ୍ରହ କର, ଯେଉଁମାନେ ତୁମର ନିକଟ ସମ୍ପର୍କୀୟ (ଏହି ବାକ୍ୟରେ ସନ୍ତାନ, ଭାଇ ବନ୍ଧୁ ନିକଟ ଓ ଦୂର ସମ୍ପର୍କୀୟ ଆଦି ସମ୍ମିଳିତ) ।'

**(ଅନ୍ ନିସା ୩୭)**

ପୁଣି କହିଛନ୍ତି, ଅନାଥମାନଙ୍କ ସହିତ ମଧ୍ୟ ଅନୁଗ୍ରହ କର, ଦୀନ ଦୁଃଖିମାନଙ୍କ ସହିତ ଓ ଏପରି ପଡ଼ୋଶୀ ଯେଉଁମାନେ ଆତ୍ମୀୟ ଓ ଏପରି ପଡ଼ୋଶୀ ଯେଉଁମାନେ ଅପରିଚିତ । ଏପରି ମିତ୍ର ଯିଏ କୌଣସି କାର୍ଯ୍ୟ କିମ୍ବା ଯାତ୍ରାରେ ମିଳିତ ହୋଇଥାନ୍ତି । କିମ୍ବା ଯେଉଁମାନେ ନମାଜ ଅଥବା ଧର୍ମଜ୍ଞାନ ଶିଖିବା ଅବସରରେ ମିଳିତ ହୁଅନ୍ତି । ସେହି ଲୋକମାନେ ମଧ୍ୟ ଯେଉଁମାନେ ଯାତ୍ରୀ, ସେ ସମସ୍ତ ପ୍ରାଣୀ ଯେଉଁମାନେ ତୁମର ଅଧୀନରେ ଅଛନ୍ତି, ତୁମେ ସେ ସମସ୍ତଙ୍କ ସହିତ ଅନୁଗ୍ରହ କର । ପ୍ରଭୁ ଏପରି ବ୍ୟକ୍ତିଙ୍କୁ ମିତ୍ର କରି ନଥାନ୍ତି ଯିଏ ଅହଂକାର କରିଥାଏ ଓ ବଡ଼ିମା ଦେଖାଇଥାଏ । ଯିଏ ଅନ୍ୟ ଉପରେ ଦୟା କରେ ନାହିଁ । (ଚଶମାଏ ମାରିଫତ୍, ରୁହାନି ଖଜାଇନ୍, ଭାଗ ୨୩, ପୃ : ୨୦୮-୨୦୯)

ହଜରତ୍ ଖଲିଫତୁଲ୍ ମସିହ୍ ପ୍ରଥମ[ରଅ] ଏହି ବିଷୟରେ କହିଛନ୍ତି 'ଭୋଜନ ପାଇଁ ଆହାର ଦେବାର ଉଦ୍ଦେଶ୍ୟ ଏହିପରି ହୋଇଥିବ:

﴿اِنَّا نَخَافُ مِنْ رَّبِّنَا يَوْمًا عَبُوْسًا قَمْطَرِيْرًا﴾

ଇନ୍ନା ନଖାଫୁ ମିର୍ ରବ୍‌ବେନା ୟୋମନ୍ ଅବୁସନ୍ କମ୍‌ତରିରା

ଅର୍ଥାତ 'ଆମେ ନିଜ ପାଳନକର୍ତ୍ତାଙ୍କ ଠାରୁ ଗୋଟିଏ ଦିନର ଯେଉଁ 'ଅବୁସ' ଓ 'କମ୍‌ତରିର୍' ରହିଛି, ତା'ପ୍ରତି ଭୟ କରୁଛୁ ।' **(ଅଲ୍ ଦହର୍ ୧୧)**

'ଅବୁସ' ଅଭାବକୁ କୁହାଯାଏ ଓ 'କମ୍‌ତରୀର' ଦୀର୍ଘ ସମୟକୁ କୁହାଯାଏ । ଅର୍ଥାତ୍ କୟାମତ୍ ବା ଅନ୍ତିମ ଦିନ ଯେପରି ବିଶ୍ୱର ସଂକୀର୍ଣ୍ଣତା ଓ ଦୀର୍ଘ କାଳୀନ ଅବସ୍ଥା ସୃଷ୍ଟି ହେବ ତାକୁ ଆମେ ଭୟ କରୁଛୁ । କ୍ଷୁଧାତୁର ବ୍ୟକ୍ତିଙ୍କୁ ସାହାଯ୍ୟ କଲେ ପ୍ରଭୁ ଲମ୍ବା ସମୟର ଅନାହାରରୁ ମଧ୍ୟ ମୁକ୍ତି ଦିଅନ୍ତି ।

﴿فَوَقٰهُمُ اللّٰهُ شَرَّ ذٰلِكَ الْيَوْمِ وَلَقّٰهُمْ نَضْرَةً وَّسُرُوْرًا﴾

ଫଓ୍ୱକାହୁମୁଲ୍ଲାହୁ ଶର୍‌ରା ଜାଲିକଲ୍ ୟୋମି ଓ୍ୱଲକ୍କାହୁମ୍ ନଜ୍‌ରତଉଁ ଓ୍ୱସୁରୁରା

ଅର୍ଥାତ ପ୍ରଭୁ ସେଦିନର ମନ୍ଦ ପ୍ରଭାବରୁ ରକ୍ଷା କରିଥାନ୍ତି ଓ ଏହି ବଞ୍ଚାଇବା ମଧ୍ୟ ଆନନ୍ଦ ଓ ସତେଜତା ଦ୍ୱାରା ହୋଇଥାଏ । **(ଅଲ୍ ଦହର୍ ୧୨)**

ମୁଁ ପୁଣି କହୁଛି 'ମନେରଖ ! ଆଜିକାଲିର ସମୟରେ ଦରିଦ୍ର ଓ କ୍ଷୁଧାତୁର ଲୋକଙ୍କୁ ସାହାଯ୍ୟ କଲେ ଅନାହାର ଜନିତ ଅନାଟନରୁ ତୁମେ ବଞ୍ଚିଯିବ । ଅଲ୍ଲାଃତାଲା ମୋତେ ଓ ତୁମଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେପରି ପ୍ରକାଶ୍ୟ ସମ୍ମାନ ପାଇଁ ପ୍ରୟାସ କରୁଛେ, ସେହିପରି ଚିରସ୍ଥାୟୀ ସମ୍ମାନ ଓ ସୁଖ ପାଇଁ ମଧ୍ୟ ପ୍ରୟାସ କରିବା ।'

(ହକାଏକୁଲ ଫୁର୍‌କାନ୍, ଖଣ୍ଡ ୪, ପୃ : ୧୯୦-୧୯୧)

ଜମାଅତ୍ ଅହମଦିୟାର ଏହି ବୈଶିଷ୍ଟ୍ୟ ରହିଛି ଯେ ସେ ନିଜର ସାମର୍ଥ୍ୟ ଅନୁସାରେ ମାନବଜାତିର ସେବା କାର୍ଯ୍ୟରେ ଭାଗ ନେବା ପାଇଁ ସର୍ବଦା ଆଗଭର ହୋଇଥାଏ । ଏବଂ ଯେଉଁ ସମ୍ବଳ ଉପଲବ୍ଧ ଅଛି, ତଦନୁ ରୂପେ ସୃଷ୍ଟି ଜଗତ ଓ ମାନବ ଜାତିର ଯଥା ସମ୍ଭବ କଲ୍ୟାଣ ସାଧନ ଓ ସେବା କରୁଛି । ବ୍ୟକ୍ତିଗତ ଭାବେ ମଧ୍ୟ ଓ ଜମାଅତ ମାଧ୍ୟମରେ ସାମଗ୍ରିକ ରୂପେ ମଧ୍ୟ । ସେମାନେ ନିଜର ସାମର୍ଥ୍ୟ ଅନୁସାରେ କ୍ଷୁଧା ମେଣ୍ଟାଇବା ନିମନ୍ତେ ଗରିବମାନଙ୍କୁ ଶିକ୍ଷା ଦୀକ୍ଷାରେ ସହାୟତା କରିବା ତଥା ଗରିବମାନଙ୍କ ବିବାହ ପାଇଁ ଜମାଅତ ଅନ୍ତର୍ଗତ ସହାୟକ ଅନୁଷ୍ଠାନମାନଙ୍କର ସମ୍ମିଳିତ ହୋଇ ବେଅତର ପ୍ରତିଶ୍ରୁତିକୁ ପୂରଣ କରିଥା'ନ୍ତି ଯାହା ପୂରଣ କରିବା ଉଚିତ । ଅଲ୍ଲାଃ କରନ୍ତୁ ଯେ ଆମେ ସେହି ଜାତି ଓ ସେହି ଶାସକଙ୍କ ପରି ନହେଉ ଯେଉଁମାନେ ନିଜର ଅଧିକ ଉତ୍ପାଦନ ସାମଗ୍ରୀକୁ ତ ନଷ୍ଟ କରି ଦିଅନ୍ତି, କିନ୍ତୁ ଦୁଃଖି ଜନତା ପାଇଁ ମାନବିକତା ଦୃଷ୍ଟିରୁ କେବଳ ଏଥିପାଇଁ ଖର୍ଚ୍ଚ କରନ୍ତି ନାହିଁ ଯେ ସେମାନଙ୍କ ଠାରୁ ତାଙ୍କ ରାଜନୈତିକ ଉଦ୍ଦେଶ୍ୟ ପୂରଣ ହୁଏ ନାହିଁ ବା ସେଥିରେ କୌଣସି ଲାଭ ସମ୍ପୃକ୍ତ ନଥାଏ । ଅଥବା ସଂପୂର୍ଣ୍ଣ ରୂପେ ସେମାନଙ୍କର ପ୍ରତ୍ୟେକ କଥାକୁ ମାନିବା ପାଇଁ ଓ ତାଙ୍କୁ ସମର୍ଥନ କରିବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ । ତେଣୁ ଦଣ୍ଡ ସ୍ୱରୂପ ସେ ଜାତି ବା ଗୋଷ୍ଠୀମାନଙ୍କୁ ଭୋକିଲା, ଫୁଙ୍ଗୁଳା ଓ ଉଲଗ୍ନ କରି ରଖାଯାଇଥାଏ । ଅଲ୍ଲାଃତାଲା ଜମାଅତ ଅହମଦିୟାକୁ ପୂର୍ବ ଅପେକ୍ଷା ଅଧିକ ମାନବିକତାର ସେବା କରିବାରେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଏଠାରେ ଆଉ ଏକ କଥା ମଧ୍ୟ କହିବାକୁ ଚହେଁ ଯେ ଜମାଅତ ସ୍ତରରେ ଏହି ମାନବିକତାର ସେବା ଆମର ସାଧ୍ୟ ସମାର୍ଥ୍ୟ ଅନୁସାରେ ହେଉଛି । ଜମାଅତର ଶ୍ରଦ୍ଧାଳୁମାନଙ୍କୁ ଅଲ୍ଲାଃତାଲା ନିଜ କୃପାରୁ ମାନବ ସେବା ନିମନ୍ତେ ଶକ୍ତି ପ୍ରଦାନ କରିଥାନ୍ତି । ସେମାନେ ଅଧିକ ପରିମାଣରେ ଅର୍ଥ ମଧ୍ୟ ଦେଇଥାନ୍ତି, ଯଦ୍ୱାରା ମାନବଜାତିର ସେବାରେ ଉତ୍ସର୍ଗ କରାଯାଇ ପାରିବ । ଅଲ୍ଲାଃତାଲାଙ୍କ କୃପାରୁ ଆଫ୍ରିକା, ରବୁଆ ଓ କାଦିୟାନରେ ସମର୍ପିତ ଭାବନାରେ ଡ଼ାକ୍ତର, ଅଧ୍ୟାପକମାନେ ସେବାରତ ଅଛନ୍ତି । କିନ୍ତୁ ମୁଁ ପ୍ରତ୍ୟେକ ଅହମଦୀ ଡ଼ାକ୍ତର, ଅହମଦି ଅଧ୍ୟାପକ ଓ ଅହମଦି ଓକିଲ ଓ ସେହିପରି ପ୍ରତ୍ୟେକ ଅହମଦି ଯେଉଁମାନେ ନିଜ ବ୍ୟବସାୟ ଅନୁଯାୟୀ କୌଣସି ପ୍ରକାରର ମାନବ ସେବା କରିପାରିବେ ତଥା ଗରିବ ଓ ଅଭାବ ଗ୍ରସ୍ତ ଲୋକଙ୍କର ଉପକାର କରିପାରିବେ, ସେମାନଙ୍କୁ କହୁଛି ଯେ ସେମାନେ ନିଶ୍ଚୟ ଗରିବ ଓ ଅଭାବୀ ଲୋକମାନଙ୍କର ଉପକାର କରିବାକୁ ଚେଷ୍ଟା କରନ୍ତୁ । ଫଳ ସ୍ୱରୂପ ଅଲ୍ଲାଃତାଲା ପୂର୍ବାପେକ୍ଷା ଆପଣଙ୍କ ଜୀବନ, ଧନରେ ଅଧିକ ଉନ୍ନତି ପ୍ରଦାନ କରିବେ ।

(ଇନ୍‌ଶାଆଲ୍ଲାଃ) ! ଯଦି ଆପଣମାନେ ଏହି ମନୋଭାବ ରଖି ସେବା କରିବାରେ ନିୟୋଜିତ ରହିବେ ଯେ ଆମେ ଏ ଯୁଗର ଅବତାରଙ୍କ ସହିତ ବୈଅତର ପ୍ରତିଜ୍ଞା କରିଛୁ, ଯାହାକୁ ଗ୍ରହଣ କରିବା ଆମର କର୍ତ୍ତବ୍ୟ ହେଉଛି । ତେବେ ଆପଣ ଦେଖିବେ ଯେ ଅଲ୍ଲାଃତାଲା ଚାହିଁଲେ ତାଙ୍କ କୃପାରୁ ଆହୁରି ଅଧିକ ଏପରି ସମୃଦ୍ଧି ଲାଭ କରିବେ ଯାହାକୁ ଆପଣ ସମ୍ଭାଳି ପାରିବେ ନାହିଁ ।

## ହଜରତ ମସିହ ମଉଦ୍ ଅସ ଓ ମାନବଜାତି ପ୍ରତି ସହାନୁଭୂତି

ମାନବ ଜାତିର ସହାନୁଭୂତିର ସନ୍ଦର୍ଭରେ ବିଶେଷତଃ ନିଜ ଭାଇମାନଙ୍କ ପ୍ରତି ସମବେଦନା ଓ ସହାୟତା ପ୍ରତି ଉପଦେଶ ଦେଇ ଏକ ଅବସରରେ ମସିହ ମଉଦ୍ ଅସ କହିଛନ୍ତି; 'ମୋର ତ ଏପରି ଅବସ୍ଥା ଯେ ଯଦି କାହାରିକୁ ପୀଡ଼ା ହୁଏ ଓ ମୁଁ ନମାଜରେ ଧ୍ୟାନମଗ୍ନ ଥାଏ ଏବଂ ଯଦି ମୋ କାନରେ ତାର ଶବ୍ଦ ପହଞ୍ଚିଯାଏ, ତେବେ ମୁଁ ଇଚ୍ଛା କରେ ଯେ ନମାଜ ଭଙ୍ଗ କରି ଯଦି ମୁଁ ତାର ଉପକାର କରିପାରନ୍ତି, ତେବେ ଅବଶ୍ୟ କରିବି । ଯଥାସମ୍ଭବ ତାଙ୍କ ଦୁଃଖ ପାଇଁ ସମବେଦନା ଜ୍ଞାପନ କରିବି । ଏହା ଆଚରଣ ବିରୁଦ୍ଧ ଯେ କୌଣସି ଭାଇର ବିପଦ ଓ କଷ୍ଟରେ ତାକୁ ସାହାଯ୍ୟ ସହଯୋଗ କରା ନ ଯିବ । ଯଦି ତୁମେ ତା'ପାଇଁ କିଛିହେଲେ କରିପାରିବ ନାହିଁ, ତେବେ ଅନ୍ତତଃ ତା'ପାଇଁ କେବଳ ଦୁଆହିଁ କରିଦିଅ । ନିଜର ଯିଏ ସେତ ନିଜର, କିନ୍ତୁ ମୁଁ କହୁଛି ଯେ ପର ଲାଗୁଥିବା ବ୍ୟକ୍ତି ଯେପରିକି ହିନ୍ଦୁମାନଙ୍କ ସହିତ ମଧ୍ୟ ଏହିପରି ସଦାଚରର ଆଦର୍ଶ ଦେଖାଅ ଓ ତାଙ୍କ ସହିତ ସହାନୁଭୂତିର ଭାବ ରଖ । ବେପାରୁଆ ଭାବରଖି ସେମାନଙ୍କ ପ୍ରତି କୌଣସି ଅଣଦେଖା ଆଚରଣ କଦାପି ନହେବା ଉଚିତ । ଥରେ ମୁଁ ଭ୍ରମଣରେ ବାହାରକୁ ଯାଉଥିଲି । ଅବ୍ଦୁଲ୍ କରିମ୍ ନାମକ ଜଣେ ଅମିନ ମୋ ସହିତ ଥିଲେ । ସେ କିଛି ଆଗରେ ଥିଲେ ଓ ମୁଁ ପଛରେ । ବାଟରେ ଜଣେ ୭୦-୭୫ ବର୍ଷୀୟ ବୃଦ୍ଧା ମିଳିଲେ । ସେ ଗୋଟିଏ ପତ୍ର ତାଙ୍କୁ ପଢ଼ି ଦେବାକୁ କହିଲେ । କିନ୍ତୁ ସେ ତାକୁ ଛି ଛାକର କରି ଦୂରେଇ ଦେଲେ । ମୋ ମନରେ ଶକ୍ତ ଆଘାତ ଲାଗିଲା । ସେହି ବୃଦ୍ଧା ପତ୍ର ଖଣ୍ଡିକ ମୋତେ ଦେଲା । ମୁଁ ତାହା ନେଇ ଛିଡ଼ା ହୋଇଗଲି ଓ ତାକୁ ପଢ଼ି ଭଲ ଭାବରେ ବୁଝାଇଦେଲି । ଏହାଦ୍ୱାରା ଅମିନଙ୍କୁ ଲଜ୍ଜିତ ହେବାକୁ ପଡ଼ିଲା । କାରଣ ତାକୁ ଛିଡ଼ା ହେବାକୁ ତ ପଡ଼ିଲା, ତା' ସହିତ ପୁଣ୍ୟରୁ ମଧ୍ୟ ସେ ବଞ୍ଚିତ ରହିଲେ ।

(ମଲଫୁଜାତ, ଭାଗ ୪, ପୃ : ୮୨-୮୩)

କହିଛନ୍ତି; 'ପ୍ରଭୁ ଭକ୍ତମାନଙ୍କ ପ୍ରତି ଦୟା କର । ତାଙ୍କ ପ୍ରତି ନା ତୁଣ୍ଡ ନା ହସ୍ତ କିମ୍ବା କୌଣସି ଉପାୟରେ ଅତ୍ୟାଚାର କରନାହିଁ । ସୃଷ୍ଟିର ପ୍ରାଣୀଙ୍କ ଉପକାର ପାଇଁ ଚେଷ୍ଟା କରିଚାଲ । କାହାରି ପ୍ରତି ଅହଙ୍କାର କରନାହିଁ, ହୁଏତ ସେ ତୁମର ଅଧିନସ୍ଥ ହୋଇଥାଉ ପଛକେ । ଏବଂ କାହାରିକୁ ଗାଳି ଦିଅନାହିଁ ହୁଏତ ସେ ତୁମଙ୍କୁ ଗାଳି ଦେଉଥାଉ । ବିନମ୍ର, ଦୟାଳୁ, ସଦ୍‌ଭାବ ଓ ସୃଷ୍ଟି ପ୍ରତି ସମବେଦନକାରୀ ହୋଇଯାଅ, ଯଦ୍ୱାରା ତୁମେ ଗ୍ରହଣୀୟ ହେବ... ବଡ଼ ହୋଇ ଛୋଟମାନଙ୍କ ପ୍ରତି ଦୟା କର ନା ସେମାନଙ୍କର ଅପମାନ । ଶିକ୍ଷିତ ହୋଇ ଅଜ୍ଞାନୀମାନଙ୍କୁ ଉପଦେଶ ଦିଅ, ନା ଗର୍ବରେ ସେମାନଙ୍କର ତିରସ୍କାର । ଏବଂ ଧନୀ ହୋଇ ଦରିଦ୍ରମାନଙ୍କର ସେବା କର ନା ବଡ଼ିମା ଦେଖାଇ ସେମାନଙ୍କ ପ୍ରତି ଅହଂକାର । ବିନାଶ ମାର୍ଗକୁ ଭୟ କର ।'

(କିସ୍ତି ନୂହ, ରୁହାନି ଖଜାଇନ୍, ଭାଗ ୧୯, ପୃ ୧୧-୧୨)

ପୁଣି କହୁଛନ୍ତି 'ଲୋକମାନେ ତୁମଙ୍କୁ ଦୁଃଖ ଦେବେ ଓ ବିଭିନ୍ନ ପ୍ରକାର କଷ୍ଟ ଓ ଅସୁବିଧାରେ ପକାଇବେ । କିନ୍ତୁ ସେଥିପାଇଁ ଜମାଅତର ଲୋକ ଉତ୍ତେଜିତ ହୁଅ ନାହିଁ । କ୍ରୋଧିତ ହୋଇ ହୃଦୟକୁ ଆଘାତ ଦେବା ପରି ଶବ୍ଦ ପ୍ରୟୋଗ କରନାହିଁ । ଅଲ୍ଲାଃତାଲା ଏପରି ବ୍ୟକ୍ତିଙ୍କୁ ପସନ୍ଦ କରନ୍ତି ନାହିଁ । ଆମ ଜମାଅତକୁ ଅଲ୍ଲାଃତାଲା ଏକ ଆଦର୍ଶ ସଂପ୍ରଦାୟ ରୂପେ ଗଢ଼ିବାକୁ ଚାହୁଁଛନ୍ତି ।'

ସେ କହିଛନ୍ତି: 'ଅଲ୍ଲାଃତାଲା ମୁତ୍‌ତକି (ଧର୍ମନିଷ୍ଠ ବ୍ୟକ୍ତି)ଙ୍କୁ ଆଦର କରନ୍ତି । ପ୍ରଭୁଙ୍କ ଗାରିମାକୁ ମନେ ପକାଅ ଓ ସମସ୍ତେ ତାଙ୍କ ପ୍ରକୋପରୁ ଭୟଭୀତ ରୁହ । ମନେରଖ ଯେ ସମସ୍ତେ ଅଲ୍ଲାଃତାଲାଙ୍କ ଭକ୍ତ । କାହାରି ଉପରେ ଅତ୍ୟାଚାର କରନାହିଁ, କ୍ରୋଧ କର ନାହିଁ, କାହାରିକୁ ନିଚ୍ଛ ମଣ ନାହିଁ । ଜମାଅତରେ ଯଦି ଜଣେ ବ୍ୟକ୍ତି ଖରାପ ହୁଏ, ତେବେ ସେ ସମସ୍ତଙ୍କୁ ଖରାପ କରିଦିଏ । ଯଦି ତୁମ ସ୍ୱଭାବରେ କ୍ରୋଧ ଆଡ଼କୁ ଢ଼ଳିବା ରହିଛି, ତେବେ ନିଜ ହୃଦୟକୁ ଅଣ୍ଡାଳି ଦେଖ ଯେ ଏହି କ୍ରୋଧ କେଉଁ ସ୍ରୋତରୁ ଉତ୍ପନ୍ନ ହୋଇଛି, ଏପରି ସ୍ଥିତି ଏକ ଅତି ସୁକ୍ଷ୍ମ ବିଷୟ ।' (ମଲଫୂଜାତ୍, ଭାଗ ୧, ପୃ :୮-୯)

ସେହିପରି କହିଛନ୍ତି: 'ତୁମେ ଏପରି ହୁଅ ଯେ ତୁମର ସତ୍ୟତା, ନିଷ୍ଠା ଓ ଆକୁଳ ବେଦନା ଆକାଶ ପର୍ଯ୍ୟନ୍ତ ପହଞ୍ଚିଯିବ । ପ୍ରଭୁ ଏପରି ବ୍ୟକ୍ତିର ସୁରକ୍ଷା କରିଥାନ୍ତି ଓ ସେହି ବ୍ୟକ୍ତିଙ୍କୁ ଉନ୍ନତି ପ୍ରଦାନ କରିଥାନ୍ତି । ଯାହାକୁ ଦେଖନ୍ତି ଯେ ତାହାର ହୃଦୟ ସତ୍ୟତା ଓ ପ୍ରେମରେ ପରିପୂର୍ଣ୍ଣ ରହିଛି । ସେ ହୃଦୟର ଗଭୀରତା ପର୍ଯ୍ୟନ୍ତ ଦୃଷ୍ଟିପାତ କରନ୍ତି ଓ ମନ ତଳକୁ ଝାଙ୍କି ଦେଖନ୍ତି, କିନ୍ତୁ ସେ ଲୋକ ଦେଖାଣିଆ କଥାକୁ ପସନ୍ଦ

କରନ୍ତି ନାହିଁ । ଯାହାର ହୃଦୟ ପ୍ରତ୍ୟେକ ପ୍ରକାର ବିକାର ଓ ଅପବିତ୍ରତାରୁ ନିର୍ମଳ ତଥା ପବିତ୍ର ଦେଖନ୍ତି, ସେଠାକୁ ଆଗମନ କରି ନିଜର ବାସସ୍ଥାନ ତିଆରି କରନ୍ତି ।'

(ମଲ୍‌ଫୁଜାତ, ଭାଗ ୩, ପୃ : ୧୮୪)

ମୁଁ ପୁଣି କହୁଛି ଯେଉଁ ଲୋକମାନେ ପରୋପକାରୀ ଓ ବିଶ୍ୱାସ, ସତ୍ୟତା ଓ ନିଷ୍ଠାରେ ପରିପୂର୍ଣ୍ଣ ଥାଆନ୍ତି, ସେମାନଙ୍କୁ ଅବଶ୍ୟ ରକ୍ଷା କରାଯିବ । ତେଣୁ ତୁମେ ନିଜ ଭିତରେ ଏହି ବିଶେଷତ୍ୱକୁ ଉତ୍ପନ୍ନ କର । (ମଲଫୁଜାତ୍, ଭାଗ ୪, ପୃ : ୧୮୪)

'ସୁତରାଂ ତୁମେ ପ୍ରଭୁଙ୍କ ନିକଟରେ ଗ୍ରହଣୀୟ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ତୁମର ଅନ୍ତର ଓ ବାହ୍ୟ ଏକାକାର ନଥିବ । ବଡ଼ ହୋଇ ଛୋଟମାନଙ୍କ ଉପରେ ଦୟାକର ନା ସେମାନଙ୍କର ଅପମାନ । ଜ୍ଞାନୀ ହୋଇ ଅଜ୍ଞାନୀମାନଙ୍କୁ ଉପଦେଶ ଦିଅ, ନା ବଡ଼ିମା ଦେଖାଇ ତାଙ୍କର ତିରସ୍କାର । ଧନୀ ହୋଇ ନିର୍ଧନମାନଙ୍କର ସେବା କର ନା ଗାରିମା ଦେଖାଇ ସେମାନଙ୍କ ଉପରେ ଅହଂକାର । ବିନାଶର ପଥକୁ ଭୟ କର, ପ୍ରଭୁଙ୍କ ପ୍ରତି ଭୟ ରଖିଥାଅ । ତକୱା (ସଂଜମତା) ଅବଲମ୍ବନ କର... କିପରି ହତଭାଗା ସେହି ବ୍ୟକ୍ତି, ଯିଏ ଏହି ନିର୍ଦ୍ଦେଶମାନଙ୍କର ଅବମାନନା କରୁଛି, ଯାହା ପ୍ରଭୁଙ୍କ ମୁଖରୁ ବାହାରିଲା ଓ ମୁଁ ବର୍ଣ୍ଣନା କଲି । ଯଦି ତୁମେ ଚାହୁଁଛ ଯେ ଆକାଶରେ ପ୍ରଭୁ ତୁମ ଉପରେ ପ୍ରସନ୍ନ ହୁଅନ୍ତୁ, ତେବେ ତୁମେ ପରସ୍ପର ମଧ୍ୟରେ ଏକ ହୋଇଯାଅ ଯେପରିକି ଗୋଟିଏ ଗର୍ଭରୁ ଜାତ ହୋଇଥିବା ଦୁଇ ଭାଇ । ତୁମ ମଧ୍ୟରେ ଅଧିକ ମହାନ ସେହି ବ୍ୟକ୍ତି, ଯିଏ ନିଜ ଭାଇର ଦୋଷ ତ୍ରୁଟିକୁ ଅଧିକରୁ ଅଧିକ ମାତ୍ରାରେ କ୍ଷମା କରିଥାଏ । ଅଭାଗା ସେହି ବ୍ୟକ୍ତି ଯିଏ ଅଡ଼ି ବସେ ଓ କ୍ଷମା କରେ ନାହିଁ ।' (କିସ୍ତି ନୁହ୍, ରୁହାନି ଖଜାଇନ, ଭାଗ ୧୯, ପୃ : ୧୨-୧୩)

ପୁଣି ଏପରି କହିଛନ୍ତି 'ବାସ୍ତବରେ ଈଶ୍ୱରଙ୍କ ସୃଷ୍ଟଜ ପ୍ରାଣୀଙ୍କ ସହିତ ସହାନୁଭୂତି ପ୍ରଦର୍ଶନ କରିବା ଅତ୍ୟନ୍ତ ବଡ଼ କଥା ଓ ଈଶ୍ୱରଙ୍କୁ ମଧ୍ୟ ଏହିପରି କଥା ବିରକ୍ତ ଲାଗେ ଯେ କେହି ତାଙ୍କ ସୃଷ୍ଟି ସହିତ ସହାନୁଭୂତିରେ ଅବହେଳା ଦେଖାଏ ଓ ଉପେକ୍ଷା କରେ । କାରଣ ତାଙ୍କୁ ନିଜର ସୃଷ୍ଟି ଅତ୍ୟନ୍ତ ପ୍ରିୟ । ତେଣୁ ଯେଉଁ ବ୍ୟକ୍ତି ପ୍ରଭୁଙ୍କ ସୃଷ୍ଟି ସହିତ ସହାନୁଭୂତି ପ୍ରଦର୍ଶନ କରେ ଭାବିନିଅ ଯେ ସେ ନିଜ ପ୍ରଭୁଙ୍କୁ ପ୍ରସନ୍ନ କରୁଛି ।' (ମଲଫୁଜାତ୍, ଭାଗ ୪, ପୃ : ୨୧୫-୨୧୬)

ଅଲ୍ଲାଃତାଲା ଆମମାନଙ୍କୁ ହଜରତ ମସିହ୍ ମଉଦ୍[ଅସ] ଙ୍କର ଏହି ଉପଦେଶକୁ ପାଳନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ତାଙ୍କ ସହିତ ବୈଅତ୍‌ର ଯେଉଁ ସଂକଳ୍ପ ଆମେ କରିଛୁ, ତାହା ପୂରଣ କରିବା ପାଇଁ ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

(ଖୁତ୍‌ବା ଜୁମା, ୧୨ ଡ଼ିସେମ୍ବର ୨୦୦୩, ମସଜିଦ୍ ଫଜଲ୍ ଲଣ୍ଡନ, ବ୍ରିଟେନ)

# ବୈଅତର ଦଶମ ସର୍ତ୍ତ

**ଏହା ଯେ ଏହି ବିନୀତ (ପ୍ରତିଶ୍ରୁତ ମସିହ)ଙ୍କ ସହିତ କେବଳ ପ୍ରଭୁଙ୍କ ପାଇଁ ଅଭିପ୍ରେତ ଭ୍ରାତୃଭାବ ପୁଣ୍ୟାଦେଶ ପାଳନ ଦ୍ୱାରା ସ୍ଥାପନ କରି ମୃତ୍ୟୁ ପର୍ଯ୍ୟନ୍ତ ତାହା ଉପରେ ପ୍ରତିଷ୍ଠିତ ରହିବ । ଏବଂ ଉକ୍ତ ମୈତ୍ରୀ ବଂଧନ ତଥା ଭ୍ରାତୃତ୍ୱର ସମ୍ବନ୍ଧ ସ୍ଥାପନ କରିବାରେ ଏପରି ଉଚ୍ଚକୋଟିର ହୋଇଥିବ, ଯାହାର ଉଦାହରଣ ସାଂସାରିକ ବନ୍ଧୁତ୍ୱର ସଂପର୍କ ସମସ୍ତ ସେବା ଜନିତ କର୍ମର ଅବସ୍ଥାରେ ଦୃଷ୍ଟିଗୋଚର ହୋଇ ନଥିବ ।**

ବୈଅତ୍‌ର ଦଶମ ସର୍ତ୍ତ ହେଉଛି, ଯେ ଆମ ସହିତ କେବଳ ଅଲ୍ଲାଃତାଲାଙ୍କ ସକାଶେ ଭାତୃଭାବର ସମ୍ପର୍କ ସ୍ଥାପନ କରି ଶେଷ ସମୟ ପର୍ଯ୍ୟନ୍ତ ଏହା ଉପରେ ପ୍ରତିଷ୍ଠିତ ରହିବାର ସ୍ୱୀକାରୋକ୍ତି କରିବା ସହିତ ଏହି ସ୍ନେହ ସମ୍ପର୍କରେ ଏପରି ଉଚ୍ଚକୋଟୀର ଆଦର୍ଶ ପ୍ରଦର୍ଶନ କରିବେ ଯାହାକି ଅନ୍ୟାନ୍ୟ ସାସାଂରିକ ସମ୍ବନ୍ଧ, ଓ ଜନ ସେବକ ଅବସ୍ଥାରେ ପରିଲକ୍ଷିତ ହେଉ ନଥିବ ।

## ହଜରତ୍ ମସିହ ମଉଦ୍[ଅସ] ଓ ସମୟର ଖଲିଫାଙ୍କ ସହିତ ଭ୍ରାତୃଭାବ ପ୍ରତିଷ୍ଠା କରିବା ଅତ୍ୟାବଶ୍ୟକ

ଉପରୋକ୍ତ ସର୍ତ୍ତାନୁଯାୟୀ ହଜରତ୍ ମସିହ ମଉଦ୍[ଅସ] ଆମମାନଙ୍କ ଠାରୁ ପ୍ରତିଶ୍ରୁତି ନେଇଛନ୍ତି ଯେ ଏହି ସଂପ୍ରଦାୟର ଯୋଗ ଦେଇ ଭ୍ରାତୃଭାବର ସମ୍ପର୍କ ମୋ ସହିତ ସ୍ଥାପନ କରିବାକୁ ହେବ । କାରଣ ଜଣେ ମୁସଲମାନ ଅନ୍ୟ ଜଣେ ମୁସଲମାନର ଭାଇ । ଏଠାରେ ଯେଉଁ ଭ୍ରାତୃଭାବ ଜନିତ ସ୍ନେହ ଓ ମେତ୍ରୀ ସମ୍ପର୍କ ପ୍ରତିଷ୍ଠା ହେଉଛି, ତାହା ଅଧିକ ସୁଦୃଢ଼ । ଏଠାରେ ସମସ୍କନ୍ଧ କିମ୍ବା ବନ୍ଧୁତ୍ୱର ସମ୍ପର୍କ ପ୍ରତିଷ୍ଠା ହେଉନାହିଁ, ପରନ୍ତୁ ତୁମେ ଏହା ସ୍ୱୀକାର କରୁଛ, ଯେ ଈଶ୍ୱର ଓ ତାଙ୍କ ପ୍ରେରିତ ବାର୍ତ୍ତାବାହାଙ୍କ ଆଦେଶାନୁଯାୟୀ ଆସିଥିବା ମସିହଙ୍କୁ ଆମେ ମାନିବୁ । ତୁମେ ଏହି ସମ୍ପର୍କ ଅଲ୍ଲାଃତାଲାଙ୍କ ନିମନ୍ତେ ପ୍ରତିଷ୍ଠା କରୁଛ । ଅଲ୍ଲାଃତାଲାଙ୍କ ଧର୍ମର ଅଗ୍ରଗତି ତଥା

ଇସ୍‌ଲାମ୍‌କୁ ସମଗ୍ର ସଂସାରର କୋଣେକୋଣେ ପହଞ୍ଚାଇବା ତଥା ପ୍ରସାରିତ କରିବା ନିମନ୍ତେ ଏହି ସମ୍ବନ୍ଧ ଯୋଡୁଛ । ସାର୍ବଜନୀନ ନିର୍ଦ୍ଦେଶଗୁଡ଼ିକ ଉପରେ ଆଜୀବନ ପାଳନ କରିବାର ସ୍ୱୀକାରୋକ୍ତି ମାଧ୍ୟମରେ ଏହି ସମ୍ପର୍କ ନିଶ୍ଚିତ ଚରମ ସଫଳତା ଲାଭ କରିବ ।

ପୁଣି ଏଥି ପ୍ରତି ଧ୍ୟାନ ରଖିବାକୁ ହେବ ଯେ ଏହି ସମ୍ପର୍କ ସ୍ଥିର ନରହି ପ୍ରତିଦିନ ପୂର୍ବାପେକ୍ଷା ଅଧିକ ସୁଦୃଢ଼ ଓ ଏପରି ଉଚ୍ଚକୋଟୀର ହୋଇଉଠୁ ଯେ ଏହା ବିପକ୍ଷରେ ସମସ୍ତ ପ୍ରକାର ସାଂସାରିକ ସମ୍ବନ୍ଧ, ମୈତ୍ରୀ ଓ ବନ୍ଧୁତ୍ୱ ତୁଚ୍ଛ ପ୍ରତିପାଦିତ ହେବ । ଏହା ଏପରି ଦୃଢ ଓ ଅନନ୍ୟ ଉଦାହରଣ ହେଉ ଯେପରି ସମସ୍ତ ପ୍ରକାର ଆର୍ଥିକ ଓ ବସ୍ତୁ ଲାଳସାର ଭାଇଚାରା ସମ୍ବନ୍ଧ ଭାବ ବ୍ୟର୍ଥ ହୋଇ ଦୃଷ୍ଟିଗୋଚର ହେବ । ପୁଣି ସେ କହିଛନ୍ତି ଯେ ସମ୍ପର୍କୀୟମାନଙ୍କ ମଧ୍ୟରେ ଦେଣ ନେଣ କାରବାର କରିବା, କଥା ମାନିବା ଓ ମନାଇବାର ପ୍ରଥା ପ୍ରଚଳିତ ଥିବାର ଭାବନା ମନରେ ସୃଷ୍ଟି ହୋଇପାରେ । ତେଣୁ ଏଠାରେ ଏହା ସ୍ପଷ୍ଟ ହେବା ଉଚିତ, ଯେ ତୁମର ଏହି ସମ୍ପର୍କ ଏକ ଦାସ ବା ସେବକ ପରି ହେବା ଉଚିତ ବରଂ ଏହାଠାରୁ ଅଧିକ । ମନରେ ତିଳେ ମାତ୍ର ବିରୋଧାତ୍ମକ ଭାବନା ନଆଣି ତୁମକୁ ସମ୍ପୂର୍ଣ୍ଣ ଆଜ୍ଞାବହ ହେବାକୁ ପଡ଼ିବ । ଏବେ ଏହି କାମ ହୋଇପାରିବ ନାହିଁ କିମ୍ବା କରିପାରିବି ନାହିଁ ବୋଲ କହିବାର ଅଧିକାର ତୁମକୁ କଦାପି ପହଞ୍ଚିବ ନାହିଁ । ବୈଅତ୍‌ରେ ଅନ୍ତର୍ଭୁକ୍ତ ହୋଇ ମସିହ୍ ମଉଦ୍‌ଙ୍କ ସଂପ୍ରଦାୟରେ ନିଜକୁ ସମର୍ପିତ କରିଦେବା ପରେ ତାଙ୍କର ସମସ୍ତ ଶିକ୍ଷାକୁ ଅନୁସରଣ କରିବାକୁ ହେବ ଓ ଆଦେଶକୁ ମାନିବାକୁ ପଡ଼ିବ । ଯେହେତୁ ତାଙ୍କ ଉତ୍ତାରୁ ଉତ୍ତରାଧିକାରୀ ପରମ୍ପରା ତଥା ଖିଲାଫତ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି, ତେଣୁ ଖଲିଫାମାନଙ୍କ ଆଦେଶ ତଥା ଉପଦେଶକୁ ମାନିବା ତୁମର କର୍ତ୍ତବ୍ୟ । ସେବକ ଓ ଦାସମାନେ କେବଳ ସେବା କରିବା ସକାଶେ ରହିଥାନ୍ତି ଓ ସେମାନେ କାମ କରିବାକୁ ବାଧ ହୋଇଥାନ୍ତି, ଏ ଧାରଣା ମନରେ କେବେ ସୃଷ୍ଟି ନହେଉ । ସମୟେ ସମୟେ ସେବକ ନିମ୍ନ ସ୍ୱରରେ ଅସନ୍ତୋଷ ପ୍ରକଟ କରିଥାଏ । ସର୍ବଦା ସ୍ମରଣ ରହୁ ଯେ ସେବକ ହେବା ଅପେକ୍ଷା ଆମର କର୍ତ୍ତବ୍ୟ ଆହୁରି ଅଧିକ ରହିଛି । କାରଣ ଅଲ୍ଲାଃତାଲାଙ୍କ ସକାଶେ ସ୍ନେହର ସଂପର୍କ ଆଜ୍ଞାବହତାର ସ୍ୱୀକାରୋକ୍ତି ତଥା ସମର୍ପଣର ପ୍ରତିଜ୍ଞା କରିଛନ୍ତି । ମନୁଷ୍ୟ ଯେତେବେଳେ ଆଗ୍ରହ ମନୋଭାବ ନେଇ ନିଜକୁ ସମର୍ପିତ କରିଥାଏ, ତାକୁ ପୁଣ୍ୟ ପ୍ରାପ୍ତି ହୋଇଥାଏ । ଏହା ସମ୍ବନ୍ଧରେ ଯେତେ ଚିନ୍ତା କରିବେ ମହାମାନ୍ୟ ମସିହ ମଉଦ୍[ଅସ]ଙ୍କ ସ୍ନେହରେ ନିମଜ୍ଜିତ ହେବା ସହିତ ଜମାଅତ୍‌ର ସଂଗଠନରେ ଓତଃପ୍ରୋତଃ ଭାବେ ଜଡ଼ିତ ହେବାର ଉପଲବ୍‌ଧି ଅନୁଭବ କରିପାରିବେ । ପବିତ୍ର କୁରଆନ୍‌ରେ

ଅଲ୍ଲାଃତାଲା କହୁଛନ୍ତି

﴿يٰاَيُّهَا النَّبِىُّ اِذَا جَآءَكَ الْمُؤْمِنٰتُ يُبَايِعْنَكَ عَلٰى اَنْ لَّا يُشْرِكْنَ بِاللّٰهِ شَيْئًا وَّلَا يَسْرِقْنَ وَلَا يَزْنِيْنَ وَلَا يَقْتُلْنَ اَوْلَادَهُنَّ وَلَا يَاْتِيْنَ بِبُهْتَانٍ يَّفْتَرِيْنَهٗ بَيْنَ اَيْدِيْهِنَّ وَاَرْجُلِهِنَّ وَلَا يَعْصِيْنَكَ فِىْ مَعْرُوْفٍ فَبَايِعْهُنَّ وَاسْتَغْفِرْ لَهُنَّ اللّٰهَ اِنَّ اللّٰهَ غَفُوْرٌ رَّحِيْمٌ﴾

ଅର୍ଥାତ 'ହେ ନବୀ! ଯେବେ ତୁମ ନିକଟକୁ ବିଶ୍ୱାସକାରୀ ମହିଳାମାନେ ଏହି ସର୍ତ୍ତରେ ଦୀକ୍ଷା ଗ୍ରହଣ କରିବାକୁ ଆସନ୍ତି ଯେ ସେମାନେ ଅଲ୍ଲାଃଙ୍କ ସହିତ ଅନ୍ୟ କାହାକୁ ସମକକ୍ଷ କରିବେ ନାହିଁ, ଚୋରି କରିବେ ନାହିଁ, ବ୍ୟଭିଚାର କରିବେ ନାହିଁ, ସନ୍ତାନଙ୍କୁ ହତ୍ୟା କରିବେ ନାହିଁ, କାହାରି ପ୍ରତି ମିଥ୍ୟାରୋପ କରିବେ ନାହିଁ, ପୁଣ୍ୟ କାର୍ଯ୍ୟରେ ତୁମର ଅମାନ୍ୟ କରିବେ ନାହିଁ, ତେବେ ତୁମେ ସେମାନଙ୍କର ଦୀକ୍ଷା ଗ୍ରହଣ କର ଓ ସେମାନଙ୍କ ପାଇଁ ଅଲ୍ଲାଃଙ୍କ ନିକଟରେ କ୍ଷମା ପ୍ରାର୍ଥନା କର; ଅଲ୍ଲାଃ ହିଁ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।' **(ଅଲ ମୁମତହନାଃ ୧୩)**

ଏହି ପଙ୍କ୍ତିରେ ମହିଳାମାନଙ୍କ ଠାରୁ ବୈଅତ୍‌ର ଶପଥ ନେବା ସମୟରେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ରଖି ଦୃଢ଼ ସ୍ୱୀକାରୋକ୍ତି ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାର ଉପାସନା କରିବେ ନାହିଁ, ଚୋରି, ବ୍ୟଭିଚାର ଓ ସନ୍ତାନଙ୍କୁ ହତ୍ୟା କରିବେ ନାହିଁ (ସନ୍ତାନଙ୍କ ଚାରିତ୍ରିକ ସଂସ୍କାର ପ୍ରତି ଧ୍ୟାନ ରଖିବେ) କାହା ପ୍ରତି ମିଥ୍ୟାରୋପ କରିବେ ନାହିଁ, ଯଥାର୍ଥ ଓ ନୈତିକ ଆଦେଶର ଅବଜ୍ଞା କରିବେ ନାହିଁ । ଏଠାରେ ପ୍ରଶ୍ନ ଉଠିପାରେ ଯେ ଅଲ୍ଲାଃଙ୍କ ଦ୍ୱାରା ପ୍ରେରିତ ଯେବେ ତାଙ୍କ ତରଫରୁ ନବୀ ରୂପେ ନିଯୁକ୍ତ ହୋଇଥାନ୍ତି, ତେବେ କ'ଣ ସେ ଏପରି ବ୍ୟତିକ୍ରମର ଆଦେଶ ଦେଇଥାନ୍ତି ? ମନେରଖିବା ଉଚିତ୍ ଯେ ନବୀ କଦାପି ଅନୈତିକ ଆଦେଶ ଦେଇ ନଥାନ୍ତି । ନବୀ ଯାହା କହିବେ ଉପଯୁକ୍ତ କଥା ହିଁ କହିବେ । ଏହା ବ୍ୟତୀତ ଅନ୍ୟ କିଛି କହିବେ ନାହିଁ । ପବିତ୍ର କୁରଆନ୍‌ରେ ଅନେକ ସ୍ଥାନରେ ଅଲ୍ଲାଃ ଓ ବାର୍ତ୍ତାବହଙ୍କର ଆଦେଶକୁ ଶୁଣିବା ତଥା ପାଳନ କରିବାର ନିର୍ଦ୍ଦେଶ ରହିଛି । କୌଣସି ସ୍ଥାନରେ ନୈତିକ ଆଦେଶକୁ ପାଳନ କରିବା ତଥା ଅନ୍ୟ ଆଦେଶକୁ ଉଲଂଘନ

କରିବାର ଉଲ୍ଲେଖ ନାହିଁ । ଏହା ଦୁଇଗୋଟି ବିରୋଧାତ୍ମକ ଆଦେଶର ଭ୍ରମ ସୃଷ୍ଟି କରୁଛି । ପ୍ରକୃତ ପକ୍ଷେ ଏହା ବିରୋଧାତ୍ମକ ଆଦେଶ ନୁହେଁ, କେତେକ ଏହାର ସଠିକ୍ ମର୍ମ ବୁଝିପାରି ନଥାନ୍ତି । ପୂର୍ବରୁ କହି ସାରିଛି, ନବୀ କେବଳ ଯଥାର୍ଥ ଆଦେଶ ଦିଅନ୍ତି । ସ୍ୱର ଉତ୍ତୋଳନ ନକରି ଏହାକୁ ପାଳନ କରାଇବା କାର୍ଯ୍ୟ ସମ୍ପାଦନ କରିଥାନ୍ତି । ନବୀ ନିଯୁକ୍ତ ହୋଇଥିବା କାର୍ଯ୍ୟର ବିରୋଧ କିପରି କରିବେ ? ଏହା ତୁମ ପାଇଁ ସୁସମ୍ବାଦ ଯେ ତୁମେ ନିଯୁକ୍ତି ପ୍ରାପ୍ତ ନବୀଙ୍କୁ ମାନି ତାଙ୍କ ସଂପ୍ରଦାୟରେ ଅନ୍ତର୍ଭୁକ୍ତ ହୋଇ ସୁରକ୍ଷିତ ହୋଇ ଯାଇଛ । ତୁମ ପାଇଁ କୌଣସି ବିରୋଧାତ୍ମକ ଆଦେଶ ନାହିଁ, ସମସ୍ତ ଆଦେଶ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଗ୍ରହଣଯୋଗ୍ୟ ।

# ଯଥାର୍ଥ ଓ ଅଯଥାର୍ଥର ପରିଭାଷା

ଅନେକ ବ୍ୟକ୍ତି ନୈତିକତାର ଯଥାର୍ଥ ନିଷ୍ପତ୍ତି କିମ୍ବା ଯଥାର୍ଥ ଆଜ୍ଞା ପାଳନ କରିବାର ଗୋଲକ ଧନ୍ଦାରେ ପଡ଼ି ବେଳେ ବେଳେ ଧାର୍ମିକ ବ୍ୟବସ୍ଥା ଠାରୁ ନିଜକୁ ଦୂରେଇ ନେବା ସହିତ ଅନ୍ୟମାନଙ୍କୁ ପଥଭ୍ରଷ୍ଟ କରାଇଥାନ୍ତି । ଫଳରେ ପରିବେଶରେ ଅଶାନ୍ତର ବାତାବରଣ ସୃଷ୍ଟି ହୋଇଥାଏ । ସେମାନେ ମନେ ରଖିବା ଉଚିତ ଯେ ନିଜ ଆଡୁ ଯଥାର୍ଥ ଓ ଅଯଥାର୍ଥ ପରିଭାଷା ନିର୍ଦ୍ଧାରଣ କରନ୍ତୁ ନାହିଁ । ମସିହ୍ ମଉଦ [ଅସ] ଙ୍କର ପ୍ରଥମ ଖଲିଫା ଏହାର ବ୍ୟାଖ୍ୟା କରି କହିଛନ୍ତି 'ଯଥାର୍ଥ ଆଦେଶ ପାଳନ କରିବା ସମ୍ବନ୍ଧରେ ଏକ ଭ୍ରମ ଧାରଣା ସୃଷ୍ଟି ହୋଇଥାଏ ଯେ ଯାହାକୁ ଆମ୍ଭେ ଅଯଥାର୍ଥର ବୋଲି ଭାବୁନାହିଁ, ତାହାର ଅବଜ୍ଞା କରିବା ଉଚିତ ହେବ ।' ମୁହମ୍ମଦ [ସଅ] ଙ୍କ ନିମନ୍ତେ ମଧ୍ୟ ଏହି ଶବ୍ଦର ପ୍ରୟୋଗ ହୋଇଛି وَلَا يَعْصِينَكَ فِي مَعْرُوفٍ (ଓ୍ୱଲା ୟାସୀନକା ଫୀ ମାଅ୍ରୁଫ୍) ଅର୍ଥାତ ପୁଣ୍ୟ କାର୍ଯ୍ୟରେ ଅମାନ୍ୟ କରିବେ ନାହିଁ । ହଜରତ୍ ମୁହମ୍ମଦ [ସଅ] ଙ୍କର ଦୋଷତ୍ରୁଟିର ଚିଠା କ'ଣ ଏପରି ବ୍ୟକ୍ତିମାନେ ପ୍ରସ୍ତୁତ କରିଛନ୍ତି । ହଜରତ୍ ମସିହ ମଉଦ୍ [ଅସ] ଏହିପରି ଭାବେ ବୈଅତ୍‌ର ସର୍ତ୍ତାବଳୀରେ ନୈତିକ ଓ ଯଥାର୍ଥ ଆଦେଶ ପାଳନ କରିବା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ଏଥିରେ ଏକ ଗୁଢ଼ତତ୍ତ୍ୱ ରହିଛି । ତୁମମାନଙ୍କ ପ୍ରତି ମୁଁ ସନ୍ଦେହ କରୁନାହିଁ । ଭ୍ରାନ୍ତ ଧାରଣାର ସମ୍ମୁଖୀନ ତୁମେମାନେ ହୁଅ ନାହିଁ, ସେଥି ସକାଶେ ମୁଁ ଏହି ବିଷୟକୁ ପ୍ରାଞ୍ଜଳ ରୂପେ ବର୍ଣ୍ଣନା କରୁଛି ।

(ଖୁତ୍‌ବାତ୍ ନୂର୍, ପୃଷ୍ଠା ୪୨୦, ୪୨୧)

'ୟା ମୁରୁହୁମ୍ ବିଲ୍ ମାଅ୍ରୁଫ୍'ର ଭାବାର୍ଥ ବର୍ଣ୍ଣନା କରି ହଜରତ୍ ମସିହ ମଉଦ୍ [ଅସ] କହିଛନ୍ତି 'ନବୀଙ୍କ ଆଦେଶାବଳୀ ବିବେକର ବିରୋଧ କରି ନଥାଏ,

କେବଳ ବିବେକ ସ୍ୱୀକାର କରୁ ନଥିବା କାର୍ଯ୍ୟକୁ ନିଷେଧ କରିଥାଏ । ଏହା ପବିତ୍ର ଦ୍ରବ୍ୟକୁ ବୈଧ ଓ ଅପବିତ୍ର ଦ୍ରବ୍ୟକୁ ଅବୈଧ କରିବା ସହିତ ସମ୍ପ୍ରଦାୟରେ ପ୍ରଚଳିତ କୁରୀତି ଓ ଅପସଂସ୍କୃତିକୁ ଲୋପ କରିଥାଏ । ବିଶ୍ୱାସକାରୀମାନେ ଏହାକୁ ସମର୍ଥନ କରିବା ସହିତ ଏହି ଜ୍ୟୋତିର ଅନୁସରଣ କରି ଇହ ଓ ପରକାଳରେ ଆଶଙ୍କା କରା ଯାଉଥିବା ବାଧାବିଘ୍ନ ଠାରୁ ମୁକ୍ତି ଲାଭ କରନ୍ତି ।'

(ବରାହିନେ ଅହମଦୀୟା, ପଞ୍ଚମ ଭାଗ, ରୁହାନୀ ଖଜାଇନ୍, ଖଣ୍ଡ ୨୧, ପୃଷ୍ଠା ୪୨୦)

ଅଲ୍ଲାଃତାଲାଙ୍କ ଆଦେଶାବଳୀରୁ ନବୀ ଯେପରି ଦୂରେଇ ଯାଆନ୍ତି ନାହିଁ, ସେହିପରି ଖଲିଫା ମଧ୍ୟ ନବୀଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ଅଲ୍ଲାଃତାଲାଙ୍କ ପକ୍ଷରୁ ବିଶ୍ୱାସକାରୀମାନଙ୍କ ଏକ ଗୋଷ୍ଠୀ ଦ୍ୱାରା ନିଯୁକ୍ତ ହୋଇଥାନ୍ତି । ଅଲ୍ଲାଃତାଲା ନବୀଙ୍କ ମାଧ୍ୟମରେ ପଠାଇଥିବା ଶିକ୍ଷା ଓ ଆଦେଶକୁ ନୀରବଚ୍ଛିନ୍ନ ରୂପେ ଖଲିଫାଙ୍କ ମାଧ୍ୟମରେ ଅଗ୍ରସର କରାଇ ଆମ ନିକଟରେ ପହଞ୍ଚାଇଥାନ୍ତି । ହଜରତ୍ ମୁହମ୍ମଦ[ସଅ]ଙ୍କ ଭବିଷ୍ୟବାଣୀ ଅନୁଯାୟୀ ହଜରତ୍ ମସିହ ମଉଦ୍[ଅସ] ଏହି ଯୁଗରେ ଈଶ୍ୱରଙ୍କ ପ୍ରଦତ୍ତ ଶିକ୍ଷା ଓ ଆଦେଶର ବିସ୍ତୃତ ବ୍ୟାଖ୍ୟା କରି ଆମକୁ ବତାଇଛନ୍ତି । ସେହି ଖିଲାଫଂତ ବ୍ୟବସ୍ଥା ଅନୁସାରେ ମୁହମ୍ମଦ[ସଅ]ଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଏହି ସମ୍ପ୍ରଦାୟ ଗଠନ କରିଛନ୍ତି । ଅଲ୍ଲାଃତାଲାଙ୍କ ଇଚ୍ଛାନୁଯାୟୀ ଯାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ପ୍ରତିଷ୍ଠିତ ରହିବ, ଧର୍ମବିଧାନ ଓ ବିବେକାନୁମୋଦିତ ନିଷ୍ପତ୍ତି ଏହି ସମ୍ପ୍ରଦାୟରେ ହେଉଛି । ଅଲ୍ଲାଃତାଲାଙ୍କ ଆଶୀର୍ବାଦରୁ ଭବିଷ୍ୟତରେ ମଧ୍ୟ ହେବ । ଏହା ହିଁ ଯଥାର୍ଥ ନିଷ୍ପତ୍ତି ରୂପେ ସ୍ୱୀକୃତ । ଯଦି କୌଣସି ସମୟରେ ଭୁଲ୍ ବଶତଃ କିମ୍ବା ଭୁଲ୍ ବୁଝାମଣା ଯୋଗୁଁ କୌଣସି କ୍ଷତିକାରକ ନିଷ୍ପତ୍ତି ଦେବାର ସମ୍ଭାବନା ସୃଷ୍ଟି ହେବ, ଅଲ୍ଲାଃତାଲା ସ୍ୱୟଂ ଏପରି ବ୍ୟବସ୍ଥା ପ୍ରସ୍ତୁତ କରିବେ ଯେ ଏହାର କୁପରିଣାମ ଦୂରେଇଯିବ । ଏ ସମ୍ବନ୍ଧରେ ହଜରତ୍ ଖଲିଫଂତୁଲ ମସହି ଦ୍ୱିତୀୟ[ରଅ] ବର୍ଣ୍ଣନା କରିଛନ୍ତି: 'ଏହା ମଧ୍ୟ ହୋଇପାରେ ଯେ ନିଜସ୍ୱ ମାମଲାରେ ନିଷ୍ପତ୍ତି ନେବାରେ ସମୟର ଖଲିଫାଙ୍କ କୌଣସି ଭୁଲ ହୋଇଯାଏ । କିନ୍ତୁ ସେପରି କୌଣସି ମାମଲା ଯାହା ଜମାଅତର ଆଧ୍ୟାତ୍ମିକ ଓ ଭୌତିକ ଉନ୍ନତି ଉପରେ ଆଧାରିତ, ଯଦି କୌଣସି ଭୁଲ ହୋଇ ଯାଇଥିବ, ତେବେ ଅଲ୍ଲାଃ ସ୍ୱୟଂ ଜମାଅତକୁ ସେହି ନିଷ୍ପତ୍ତିର କୁପ୍ରଭାବରୁ ରକ୍ଷା କରିଥାନ୍ତି । ଏବଂ କୌଣସି ନା କୌଣସି ଉପାୟରେ ସେହି ଭୁଲକୁ ସୂଚୀତ କରି ଦିଅନ୍ତି । ସୁଫି ସନ୍ଥମାନଙ୍କ କହିବା ଅନୁଯାୟୀ ଏହାକୁ 'ଇସ୍‌ମତେ ସୋଗ୍ରା' ଅର୍ଥାତ୍ ନିମ୍ନ ଧରଣର ମର୍ଯ୍ୟାଦା କୁହାଯାଏ । ଯଦି ନବୀଙ୍କୁ 'ଇସ୍‌ମତେ କୁବରା' (ଉଚ୍ଚକୋଟିର ମର୍ଯ୍ୟାଦା) ପ୍ରାପ୍ତ ହୋଇଥାଏ, ତା'ହେଲେ ଖଲିଫାଙ୍କୁ ନିମ୍ନମାନର ମର୍ଯ୍ୟାଦା (ଇସ୍‌ମତେ ସୋଗରା) ହାସଲ ହୋଇଥାଏ ଏବଂ ଅଲ୍ଲାଃତାଲା

ସେମାନଙ୍କ ଦ୍ୱାରା କୌଣସି ବଡ଼ ଧରଣର ଭୁଲ ହେବାକୁ ଦିଅନ୍ତି ନାହିଁ, ଯାହା ଜମାଅତ ପାଇଁ କୌଣସି କ୍ଷତିକାରକ ହେବ । ଯଦିଓ ସେମାନଙ୍କ ନିଷ୍ପତ୍ତିରେ କୌଣସି ତ୍ରୁଟି ହୋଇଯାଏ, ପରିଶେଷରେ ପରିଣାମ ଏହାହିଁ ହେବ ଯେ ଇସଲାମକୁ ହିଁ ବିଜୟ ପ୍ରାପ୍ତ ହେବ ଏବଂ ବିରୋଧିମାନଙ୍କୁ ପରାଜୟ । ଯେହେତୁ ଇସମତେ ସୋଗରା ହାସଲ ହୋଇଥିବା କାରଣରୁ ସେମାନଙ୍କୁ ପାବନତା ପ୍ରାପ୍ତ ହୋଇଥିବ, ତେଣୁ ତାଙ୍କ ତୁଣ୍ଡ କହୁଥିବ, ହାତ ମଧ୍ୟ କାର୍ଯ୍ୟରତ ଥିବ ଓ ମସ୍ତିଷ୍କ ମଧ୍ୟ କାର୍ଯ୍ୟ କରୁଥିବ, କିନ୍ତୁ ପରୋକ୍ଷରେ ସେଥିରେ ଅଲ୍ଲାଃତାଲାଙ୍କ ହାତ ରହିଥିବ । ହୁଏତ କେତେକ ବିଷୟରେ ଅତି ସାଧାରଣ ଭୁଲ ହୋଇପାରେ (କେବେ ନିଜର ସହଯୋଗୀ ବା ପରାମର୍ଶଦାତା ଚୟନ କରିବାରେ ସାମାନ୍ୟ ଭୁଲ କରିପାରନ୍ତି) ବେଳେ ବେଳେ ପରାମର୍ଶଦାତାମାନେ ଭୁଲ ପରାମର୍ଶ ଦେଇପାରନ୍ତି । କିନ୍ତୁ ଏହାଦ୍ୱାରା ଉତ୍ପନ୍ନ ହୋଇଥିବା ବାଧାବିଘ୍ନ ସତ୍ତ୍ୱେ ପରିଶେଷରେ ତାଙ୍କୁ ହିଁ ସଫଳତା ମିଳିବ । ଯେତେବେଳେ ସମସ୍ତ କଡ଼ି ଏକାଠି ହୋଇ ଏକ ଶୃଙ୍ଖଳରେ ପରିଣତ ହୋଇଯିବ, ତାହା ସଠିକ ଓ ସୁଦୃଢ଼ ହେବ ଏବଂ କୌଣସି ଶକ୍ତି ଏହାକୁ ଭାଙ୍ଗି ପାରିବ ନାହିଁ ।

ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଅଲ୍ଲାଃତାଲାଙ୍କର ଏବଂ ଶରିୟତର ସ୍ପଷ୍ଟ ଆଦେଶମାନଙ୍କୁ ଅବଜ୍ଞା ବା ଉଲଘଂନ କରିବାକୁ ଯଥାର୍ଥ କୁହାଯିବ ନାହିଁ । ଯେପରିକି ଏହି ହଦିସ୍ ଦ୍ୱାରା ବିଦିତ ହୁଏ । ହଜରତ୍ ଅଲି[ରଅ] ବର୍ଣ୍ଣନା କରୁଛନ୍ତି ଯେ ଥରେହଜ୍‌ରତ୍ ମୁହମ୍ମଦ[ସଅ] ଏକ ଯୁଦ୍ଧ ପାଇଁ ଏକ ସୈନ୍ୟଦଳ ପଠାଇଲେ । ଏହି ଦଳ ପାଇଁ ଜଣେ ବ୍ୟକ୍ତିକୁ ଅମିର (ଦଳପତି) ରୂପେ ନିଯୁକ୍ତ କଲେ, ଯଦ୍ୱାରା ଦଳର ସମସ୍ତ ବ୍ୟକ୍ତି ତାଙ୍କ ଆଦେଶ କ୍ରମେ ପରିଚାଳିତ ହେବେ । ଉକ୍ତ ସେନା ଦଳ ଯୁଦ୍ଧ କ୍ଷେତ୍ରକୁ ଯାଉଥିବା ବେଳେ ଗୋଟିଏ ସ୍ଥାନରେ ନିଆଁ ଜାଳିଲେ । ଏହି ସମୟରେ ଅମିର ଆଦେଶ ଦେଲେ ଯେ ତୁମେମାନେ ନିଆଁକୁ ଡ଼େଇଁ ପଡ଼ । ଏହା ଶୁଣି କେତେକ ଡ଼େଇଁବା ପାଇଁ ପ୍ରସ୍ତୁତ ହୋଇଗଲେ ଓ ଅନ୍ୟ କେତେକ ଅବମାନନା କଲେ ଏବଂ କହିଲେ ଯେ ଆମେମାନେ ନିଆଁରୁ ସୁରକ୍ଷିତ ରହିବା ପାଇଁ ତ ମୁସଲମାନ ହୋଇଅଛୁଁ । ଏହି ବିଷୟ ଯେତେବେଳେ ହଜରତ୍ ମୁହମ୍ମଦ[ସଅ] ଶୁଣିଲେ, ସେ କହିଲେ 'ଯଦି ସେହି ଲୋକମାନେ ନିଆଁକୁ ଡ଼େଇଁ ପଡ଼ିଥାନ୍ତେ, ତା'ହେଲେ ସର୍ବଦା ନିଆଁରେ ହିଁ ପଡି ରହିଥାନ୍ତେ ।' ପୁଣି କହିଲେ 'ଯଦି ଏପରି କୌଣସି କଥା ଯେଉଁଥିରେ ଅଲ୍ଲାଃତାଲାଙ୍କ ଆଦେଶର ଉଲଘଂନ ହେଉଥାଏ, ତାକୁ ମାନିବା କଦାପି ଉଚିତ ନୁହେଁ । ଆଜ୍ଞାପାଳନ କେବଳ ଯଥୋଚିତ ଓ ଯଥାର୍ଥ ବିଷୟ ହୋଇ ଥିଲେ ହେଁ ତାହା ମାନିବା ଜରୁରୀ ।

(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଜିହାଦ)

ଉକ୍ତ ହଦିସ୍‌ର ଅଧିକ ବ୍ୟାଖ୍ୟା ହଜ୍‌ରତ୍ ଅବୁ ସଇଦ୍ ଖୁଦରି[ରଅ]ଙ୍କ ଦ୍ୱାରା ମଧ୍ୟ ବର୍ଣ୍ଣନା କରାଯାଇଛି । ସେ ବର୍ଣ୍ଣନା କରିଛନ୍ତି, ଥରେ ରସୁଲେ କରିମ୍[ସଅ] ହଜରତ୍ ଅଲ୍‌କମା ବିନ୍ ମୁଯଜ୍ଜଜ୍‌ଙ୍କୁ ଏକ ଯୁଦ୍ଧକୁ ପଠାଇଲେ । ଯେତେବେଳେ ସେ ନିର୍ଦ୍ଧାରିତ ସ୍ଥାନ ନିକଟରେ ପହଞ୍ଚିଲେ, କିମ୍ବା ଏବେ ସେମାନେ ବାଟରେ ଥିଲେ, ସୈନ୍ୟ ଦଳ ମଧ୍ୟରୁ ଏକ ଗୋଷ୍ଠୀ ତାଙ୍କ ଠାରୁ ଅନୁମତି ମାଗିଲେ (ସମ୍ଭବତଃ କୌଣସି ଜରୁରୀ କାର୍ଯ୍ୟ ପାଇଁ ହୋଇଥିବ) । ସେ ତାଙ୍କୁ ଅନୁମତି ପ୍ରଦାନ କରିଦେଲେ ଓ ହଜରତ୍ ଅବ୍ଦୁଲ୍ଲା ବିନ୍ ହୁଜେଫା ବିନ୍ କୈଶ ଅସ୍ ସହ୍‌ମିଙ୍କୁ ତାଙ୍କର ଅମିର ନିଯୁକ୍ତ କରିଦେଲେ । ମୁଁ (ଅବୁସଇଦ୍ ଖୁଦ୍‌ରି[ରଅ]) ମଧ୍ୟ ସେମାନଙ୍କ ସହିତ ଯୁଦ୍ଧକୁ ଯାଉଥିଲି । ଏବେ ସେମାନେ ବାଟରେ ଥିବା ଅବସ୍ଥାରେ ନିଆଁ ପୁଇଁବା କିମ୍ବା ରୋଷେଇ କରିବା ଉଦ୍ଦେଶ୍ୟରେ ନିଆଁ ଜଳାଇଲେ । ଅବ୍ଦୁଲା ବିନ୍ ହୁଜେଫା[ରଅ] ଜଣେ ମଜାକିଆ ବ୍ୟକ୍ତି ଥିଲେ । ସେ କହିଲେ 'ଯେହେତୁ ବର୍ତ୍ତମାନ ମୁଁ ତୁମର ଅମିର, କ'ଣ ମୋର ଆଦେଶ ପାଳନ କରିବା ତୁମର କର୍ତ୍ତବ୍ୟ ନୁହେଁ ?' ସମସ୍ତେ ଉତ୍ତର ଦେଲେ 'ହଁ, ଆମେ ନିଶ୍ଚୟ ଆପଣଙ୍କର ଆଦେଶ ପାଳନ କରିବୁ ।' ଅବ୍ଦୁଲ୍ଲା ବିନ୍ ହୁଜେଫା[ରଅ] କହିଲେ 'ତା'ହେଲେ ତୁମ୍ଭେ ସମସ୍ତେ ନିଆଁକୁ ଡ଼େଇଁପଡ଼ । ଏହା ଶୁଣି ହଠାତ୍ କିଛି ଲୋକ ଛିଡ଼ା ହୋଇଗଲେ ଓ ନିଆଁରେ ଡ଼େଇଁବାକୁ ପ୍ରସ୍ତୁତ ହୋଇଗଲେ । ଏହା ଦେଖି ଅବ୍ଦୁଲ୍ଲା ବିନ୍ ହୁଜେଫା[ରଅ] ଆଶ୍ଚର୍ଯ୍ୟ ହୋଇ କହିଲେ 'ନିଜକୁ ନିଆଁ ଠାରୁ ଦୂରେଇ ରଖ । ମୁଁ ଏହା ଥଟ୍ଟାରେ କହିଥିଲି ।'

ଯୁଦ୍ଧରୁ ଫେରି ଆସିବା ପରେ ଅନୁଚର ମାନେ ଏହି ଘଟଣାର ବୃତ୍ତାନ୍ତ ରସୁଲେ କରିମ୍[ସଅ]ଙ୍କ ନିକଟରେ କରିଥିଲେ । ଏହା ଶୁଣି ମହାଭାଗ କହିଲେ, 'ଅମିରମାନଙ୍କ ମଧ୍ୟରୁ ଯେ କେହି ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ଅବଜ୍ଞା କରିବାର ଆଦେଶ ଦିଅନ୍ତି, ତୁମେ ତାହା କଦାପି ମାନ ନାହିଁ ।

(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଜିହାଦ୍)

ପ୍ରଥମତଃ ଏହି ହଦିସ୍‌ରୁ ଜଣାପଡୁଛି ଯେ ଅବଜ୍ଞା କରିବାର ନିଷ୍ପତ୍ତି କୌଣସି ବ୍ୟକ୍ତିଗତ ନିଷ୍ପତ୍ତି ନଥିଲା । କାରଣ କିଛି ଲୋକ ନିଆଁରେ ଡ଼େଇଁବା ପାଇଁ ପ୍ରସ୍ତୁତ ଥିଲେ । ସେମାନେ ଶୁଣିଥିଲେ ଯେ ପ୍ରତ୍ୟେକ ଅବସ୍ଥାରେ ଅମିରଙ୍କ ଆଜ୍ଞାପାଳନ କରିବା ଏକାନ୍ତ ଆବଶ୍ୟକ । ସେମାନେ ଭାବିଲେ ଯେ ଏହା ହିଁ ଇସଲାମର ଶିକ୍ଷା । କିନ୍ତୁ କେତେକ ଅନୁଚର  ଯେଉଁମାନେ ଅଲ୍ଲାଃଙ୍କ ଆଦେଶମାନ ବୁଝିବାରେ ପ୍ରବୀଣ ଥିଲେ ଓ ରସୁଲେ କରିମ୍[ସଅ]ଙ୍କ ସଂସ୍ପର୍ଶରେ ରହି ଆଧ୍ୟାତ୍ମିକତାରେ ଉନ୍ନତି ଲାଭ କରିଥିଲେ, ସେମାନେ ତାହାର ଅବଜ୍ଞା କଲେ । ଫଳତଃ ତାଙ୍କ ଭିତରେ ବିଚାର ବିମର୍ଷ ହେଲା ଓ କେହି ହେଲେ ତାହା ପାଳନ କଲେ ନାହିଁ ଓ ସମସ୍ତେ ଏହାକୁ ପ୍ରତ୍ୟାଖ୍ୟାନ

କଲେ । କାରଣ ଏହି କାର୍ଯ୍ୟ ଆତ୍ମହତ୍ୟା ସଦୃଶ ଥିଲା । ଇସଲାମରେ ସ୍ୱଷ୍ଟ ରୂପେ ଆତ୍ମହତ୍ୟାକୁ 'ହରାମ' (ନିଷିଦ୍ଧ) ବୋଲି କୁହାଯାଇଛି ।

ଦ୍ୱିତୀୟତଃ ଅବ୍ଦୁଲ୍ଲା ବିନ୍ ହୁଜେଫା[ରଅ] କେତେକ ଲୋକଙ୍କର ଦୃଢ଼ ସଂକଳ୍ପକୁ ଲକ୍ଷ୍ୟ କରି ଚିନ୍ତିତ ହୋଇ ଉଠିଲେ ଓ ତତ୍କ୍ଷଣାତ୍ ତାଙ୍କୁ ରୋକି କହିଲେ 'ମୁଁ ତ ଥଟ୍ଟାରେ ଏହା କହିଥିଲି ।' ପୁଣି ଏହି ଘଟଣା ପରେ ହଜରତ୍ ମୁହମ୍ମଦ[ସଅ] ସ୍ୱଷ୍ଟ ଭାବେ ବୁଝାଇ ଦେଲେ ଯେ ଯଥାର୍ଥ ବା ଯଥୋଚିତ କାହାକୁ କୁହାଯାଏ ଓ ଅଯଥାର୍ଥ ବା ଅଯଥୋଚିତ କାହାକୁ କୁହାଯାଏ । ପ୍ରକାଶ ଥାଉକି କୌଣସି ନବୀ କିମ୍ବା ଖଲିଫା କେବେହେଲେ ଥଟ୍ଟା ପରିହାସରେ ଏପରି କଥା କହିପାରିବେ ନାହିଁ । ତେଣୁ ଅଲ୍ଲାଃତାଲା କହୁଛନ୍ତି, ଯଦି ତୁମେ କୌଣସି ଅମିର୍‌କୁ ଅଲ୍ଲାଃତାଲାଙ୍କ ସ୍ୱଷ୍ଟ ଆଦେଶର ଅବମାନନା କରିଥିବାର ଦେଖ, ତା'ହେଲେ ତୁମେ ନିଜକୁ ଅଲ୍ଲାଃ ଓ ରସୁଲଙ୍କ ଆଡ଼କୁ ମନୋନିବେଶ କର ଦିଅ ଅର୍ଥାତ ତାଙ୍କ ଆଦେଶାନୁଯାୟୀ କାର୍ଯ୍ୟକର । ବର୍ତ୍ତମାନ ଯୁଗରେ ଯେହେତୁ ମସିହ ମଉଦ୍[ଅସ]ଙ୍କ ପରେ ଖେଲାଫତର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି, ତେଣୁ ଏପରି ବିଷୟ ଖଲିଫାଙ୍କୁ ଅବଗତ କରାଅ । ତାଙ୍କର ନିଷ୍ପତ୍ତି ସର୍ବଦା ଯଥାର୍ଥ ବା ଯଥୋଚିତ ହେବ । ଅଲ୍ଲାଃ ଓ ରସୁଲଙ୍କ ଆଦେଶ ଅବଶ୍ୟ ଶୀରୋଧାର୍ଯ୍ୟ ହେବ । ତେଣୁ ଯେପରିକି ମୁଁ ପୂର୍ବରୁ କହିଛି ଓ ସୁସମ୍ବାଦ ମଧ୍ୟ ଦେଇଛି ଯେ ଏବେ ତୁମେ ସର୍ବଦା ଯଥୋଚିତ ନିଷ୍ପତ୍ତି ଅଧୀନରେ ହିଁ ରହିଛ ।

ଆଜିକାଲି ମଧ୍ୟ କେତେକ ବ୍ୟକ୍ତି ଆଭିଯୋଗ କରନ୍ତି ଯେ ଅମୁକ ଲୋକ (ଜମାଅତ ଅଧିନସ୍ଥ ବିଭାଗୀୟ କର୍ମଚାରୀ) ଭଲ କାମ କରୁଥିଲା, ହେଲେ ତାକୁ ସେଠାରୁ ବାହାର କରି ଅନ୍ୟ ଜଣଙ୍କୁ ସେହି ଦାୟୀତ୍ୱ ଦିଆଗଲା । ସମୟର ଖଲିଫା ବା ଜମାଅତର ବରିଷ୍ଠ ଅଧିକାରୀ ଯେହେତୁ ନିଷ୍ପତ୍ତି କରିଛନ୍ତି, ଏହା ଅଯୌକ୍ତିକ ନିଷ୍ପତ୍ତି । ଏପରି ଲୋକମାନେ ଆଉ ତ କିଛି କରନ୍ତି ନାହିଁ, ତେଣୁ ଭାବନ୍ତି ଯେ ଏହା ନୀତି ସଙ୍ଗତ ନୁହେଁ । ଏମାନେ ନିଜେ ଏହାର ସଂଜ୍ଞା ଗୈର ମାରୁଫ ବା ଅଯୌକ୍ତିକ ବୋଲି ଦେଇଥାନ୍ତି । ପୁଣି ଏକଥା ଏଠି ସେଠି ବସି ଚର୍ଚ୍ଚା କରନ୍ତି ଓ କୁହନ୍ତି ଯେ ଆମର ମଧ୍ୟ କହିବାର ଅଧିକାର ଅଛି ।

ମନେରଖ, ପ୍ରଥମତଃ ଏଠିସେଠି ବସି ଜମାଅତର ସାଂଗଠନିକ ବ୍ୟବସ୍ଥା ବିରୁଦ୍ଧରେ ଗୁଜବ ପ୍ରଚାର କରିବା ବା ଚର୍ଚ୍ଚା କରିବା କାହାର ଅଧିକାର ନୁହେଁ । ଏ ବିଷୟରେ ମୁଁ ପୂର୍ବରୁ ହିଁ ପ୍ରାଞ୍ଜଳ ଭାବେ ବୁଝାଇଛି ଯେ ତୁମର କାମ ହେଉଛି କେବଳ ଆଜ୍ଞାପାଳନ କରିବା । ଆଉ ଆଜ୍ଞାବହତାର ସ୍ତର କିପରି ହେବା ଆବଶ୍ୟକ, ତାହା ପବିତ୍ର କୁରଆନରେ ବର୍ଣ୍ଣନା କରାଯାଇଛି । ଅଲ୍ଲାଃତାଲା କହିଛନ୍ତି :

﴿وَاَقۡسَمُوۡا بِاللّٰہِ جَہۡدَ اَیۡمَانِہِمۡ لَئِنۡ اَمَرۡتَہُمۡ لَیَخۡرُجُنَّ ؕ قُلۡ لَّا تُقۡسِمُوۡا ۚ طَاعَۃٌ مَّعۡرُوۡفَۃٌ ؕ اِنَّ اللّٰہَ خَبِیۡرٌۢ بِمَا تَعۡمَلُوۡنَ﴾

ୱ ଅକ୍‌ସମୁ ବିଲ୍ଲାହେ ଯହଦା ଅଏମାନେହିମ୍ ଲଇନ୍ ଅମର୍ ତହୁମ୍ ଲୟଖ୍ରୁଜୁନ୍ନା: କୁଲ୍‌ଲା ତୁକ୍‌ସିମୁ ତାଅତୁମ୍ ମାରୁଫା; ଇନ୍ନଲ୍ଲାହା ଖବିରୁମ୍ ବେମା ତା' ମଲୁନ୍

ଅର୍ଥାତ 'ଏବଂ ସେମାନେ ଅଲ୍ଲାଃଙ୍କ ନାମରେ ଦୃଢ଼ ଶପଥ କରନ୍ତି ଯେ ଯଦି ତୁମେ ସେମାନଙ୍କୁ ଆଦେଶ ଦେବ, ତେବେ ସେମାନେ ନିଶ୍ଚୟ ନିଜ ଗୃହରୁ ତତ୍‌କ୍ଷଣାତ୍ ବାହାରି ଆସିବେ । ତୁମେ କୁହ, ଶପଥ କରନାହିଁ । ନିୟମାନୁସାରେ ଆଜ୍ଞାର ପାଳନ କର ଏବଂ ଯାହା ତୁମେମାନେ କରୁଛ, ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଭଲ ଭାବରେ ଅବଗତ ଅଛନ୍ତି ।'

**(ଅଲ ନୁର ୫୪)**

ଏହି ଆୟତ୍‌ର ପୂର୍ବ ପଙ୍‌କ୍ତିଗୁଡ଼ିକରେ ମଧ୍ୟ ଆଜ୍ଞାବହତା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । 'ଏବଂ ବିଶ୍ୱାସକାରୀ ସର୍ବଦା ଏହା କୁହନ୍ତି ଯେ 'ଅମେ ଶୁଣିଲୁ ଓ ମାନିନେଲୁ' । ଏପରି ଈଶ୍ୱର ଭୟ ଓ ଭକ୍ତି ଯୋଗୁଁ ସେମାନେ ଅଲ୍ଲାଃଙ୍କର ସନ୍ନିକଟ ହୋଇଥାନ୍ତି ଓ କୃତାର୍ଥ ହୋଇ ଯାଆନ୍ତି । ସୁତରାଂ ଏହି ଆୟତରେ ମଧ୍ୟ କୁହାଯାଇଛି ଯେ ବିଶ୍ୱାସକାରୀମାନଙ୍କ ପରି ଶୁଣ ଓ ମାନିନିଅ । ଅଯଥା ରାଣ ଖାଇ ବା ଶପଥ କରି ଏକଥା କୁହନାହିଁ ଯେ ଆମେ ଏପରି କରିଦେବୁ, ସେପରି କରିଦେବୁ । ହଜରତ୍ ମୁସ୍‌ଲେହ୍ ମଉଦ୍[ରଅ] ଏହାର ବିଶଦ ବ୍ୟାଖ୍ୟା କରି ଲେଖିଛନ୍ତି ଯେ ଏପରି ଅନେକ ଦାବୀ ମୁନାଫିକ୍ (କପଟ ବିଶ୍ୱାସୀ) ମଧ୍ୟ କରିଥାନ୍ତି । ପ୍ରକୃତ କଥା ହେଉଛି ଯେ କେବଳ ମୌଖିକ ଦାବୀ କରିବା ଅପେକ୍ଷା ବ୍ୟାବହାରିକ ରୂପେ ଆଜ୍ଞା ପାଳନ କରିବା ଆବଶ୍ୟକ । ତେଣୁ ଅଲ୍ଲାଃତାଲା ଏଠାରେ ସେହି ଲୋକମାନଙ୍କୁ କହୁଛନ୍ତି ଯାହା ଆଜ୍ଞା ପାଳନର ଯଥାର୍ଥ ଓ ସମୁଚିତ ଉପାୟ । ଆଜ୍ଞାନୁବହ ହେବାର ଯାହା ନିୟମ ଅଛି, ତଦନୁଯାୟୀ ଆଜ୍ଞା ପାଳନ କର । ନବୀ ତ ତୁମମାନଙ୍କୁ କୌଣସି ଏପରି ଆଦେଶ ଦିଅନ୍ତି ନାହିଁ ଯାହା ଶରିୟତ୍ (ଧର୍ମୀୟ ବିଧାନ) କିମ୍ବା ବିବେକ ବିରୁଦ୍ଧ ହୋଇଥାଏ । ଉଦାହରଣ ସ୍ୱରୁପ ହଜରତ ମସିହ୍ ମଉଦ୍[ଅସ] କହିଛନ୍ତି 'ଯଦି ତୁମେ ମୋତେ ସ୍ୱୀକାର କରିଛ, ତା'ହେଲେ ପାଞ୍ଚବେଳା ନମାଜର ଅଭ୍ୟସ୍ତ ହୋଇଯାଅ । ମିଥ୍ୟା ଛାଡ଼ି ଦିଅ, ଗର୍ବ ଓ ଅହଂକାର ଛାଡ଼ିଦିଅ, ଲୋକମାନଙ୍କୁ ତାଙ୍କର ପ୍ରାପ୍ୟ ବା ଅଧିକାରରୁ ବଞ୍ଚିତ

କରନାହିଁ, ପରସ୍ପର ସ୍ନେହ ଓ ସହାନୁଭୂତି ସହିତ ବାସ କର । ଏ ସମସ୍ତ କଥା ମାରୁଫ ବା ଯଥୋଚିତ ଆଦେଶ ଅନ୍ତର୍ଗତ ହୋଇଥାଏ । ତେଣୁ ଏ ସମସ୍ତ କାର୍ଯ୍ୟକର । ଏହା ନୁହେଁ ଯେ କେବଳ କହିଚାଲ, ଆମେ ରାଣ ଖାଉଛୁ ଯେ ଆପଣ ଯାହା ଆଦେଶ ଦେବେ, ଆମେ ପାଳନ କରିବୁ ।' ସେହିପରି ଖଲିଫାଙ୍କ ତରଫରୁ ମଧ୍ୟ ବିଭିନ୍ନ ସମୟରେ ଆଧ୍ୟାତ୍ମିକ ଉନ୍ନତି ପାଇଁ ବିଭିନ୍ନ ପରି ଯୋଜନା ପ୍ରସ୍ତୁତ କରାଯାଇଥାଏ । ଯେପରି ମସ୍‌ଜିଦ୍‌କୁ ଭରପୁର କରିବା, ସନ୍ତାନମାନଙ୍କ ପ୍ରଶିକ୍ଷଣ ଓ ସଂସ୍କାର କରିବା, ଭଲ କାର୍ଯ୍ୟ ପାଇଁ ପରସ୍ପରକୁ ପ୍ରୋତ୍ସାହିତ କରିବା, 'ଦାଓ୍ୱତ୍ ଇଲ୍ଲାହ' ଓ ଅନ୍ୟାନ୍ୟ ଆର୍ଥିକ ଅନୁଦାନ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ଆହ୍ୱାନ କରିବା । ଏ ସମସ୍ତ କଥାରେ ଆଜ୍ଞାନୁବର୍ତ୍ତିତା ହେବା କିମ୍ବା ଏଗୁଡ଼ିକୁ କାର୍ଯ୍ୟକାରୀ କରିବା ଜରୁରୀ । ଯେହେତୁ ଏ ସମସ୍ତ କଥା ଯଥୋଚିତ ଆଦେଶ ରୂପେ ପରିଗଣିତ ହୋଇଥାଏ, ତେଣୁ ନବୀ କିମ୍ବା ଖଲିଫା ତୁମଙ୍କୁ ଅଲ୍ଲାଃତାଲାଙ୍କ ଆଦେଶ ବିରୁଦ୍ଧରେ କୌଣସି ଅଯୌକ୍ତିକ କାର୍ଯ୍ୟ କରାଇବେ ନାହିଁ । କଦାପି ଏକଥା କହିବେ ନାହିଁ ଯେ ତୁମେ ନିଆଁକୁ ଡ଼େଇଁପଡ଼ କିମ୍ବା ସମୁଦ୍ରକୁ ଡ଼େଇଁପଡ଼ । ସେମାନେ ନିଶ୍ଚିତ ଭାବେ ତୁମକୁ ସର୍ବଦା ଶରିୟତ୍ ବା ନୀତି ସଂଗତ ଉପାୟରେ ଚଳାଇବେ ।

## ଆଜ୍ଞାପାଳନର ସର୍ବୋତ୍ତମ ଉଦାହରଣ

ଆଜ୍ଞାନୁବର୍ତ୍ତିତାର ସବୁଠାରୁ ବଡ଼ ଉଦାହରଣ ଆମକୁ ଇସଲାମର ପ୍ରାରମ୍ଭିକ ଯୁଗର ମୁସଲମାନମାନଙ୍କ ଠାରୁ ଏପରି ମିଳୁଛି ଯେ ଏକ ଯୁଦ୍ଧକାଳୀନ ପରିସ୍ଥିତିରେ ଯେବେ ହଜରତ୍ ଉମର[ରଅ] ଯୁଦ୍ଧର କମାଣ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍[ରଅ]ଙ୍କ ଠାରୁ ନେଇ ହଜରତ ଅବୁ ଓବେଦା[ରଅ]ଙ୍କୁ ଅର୍ପଣ ପୂର୍ବକ ଯୁଦ୍ଧର ନେତୃତ୍ୱ ବହନ କରିବାର ଆଦେଶ ଦେଲେ । କିନ୍ତୁ ସେ ଦେଖିଲେ ଯେ ଖାଲିଦ୍ ବିନ୍ ଓ୍ୱଲିଦ୍[ରଅ] ସୁଚାରୁ ରୂପେ ଯୁଦ୍ଧ ପରିଚାଳନା କରୁଛନ୍ତି । ତେଣୁ ସେ ଆଦେଶ ମାନି ଖାଲିଦ୍ ବିନ୍ ଓ୍ୱଲିଦ୍‌ଙ୍କ ଠାରୁ ଦାୟିତ୍ୱ ଗ୍ରହଣ କଲେ ନାହିଁ । ଏ ବିଷୟ ଯେତେବେଳେ ଖାଲିଦ୍ ବିନ୍ ଓ୍ୱଲିଦ୍ ଜାଣିପାରିଲେ ଯେ ଉମର[ରଅ]ଙ୍କ ଠାରୁ ଆଦେଶ ମିଳିଛି ଯେ ଆବୁ ଓବେଦା ସୈନ୍ୟମାନଙ୍କ ନେତୃତ୍ୱ ନେବେ । ସେ ତତ୍‌କ୍ଷଣାତ୍ ଯାଇ ଅବୁ ଓବେଦାଙ୍କୁ ଭେଟି କହିଲେ, ଯେହେତୁ ସମୟର ଖଲିଫାଙ୍କ ତରଫରୁ ଏହି ଆଦେଶ ଆସିଛି, ତେଣୁ ଆପଣ ଯଥାଶୀଘ୍ର ତାହା ପାଳନ କରନ୍ତୁ । ମୁଁ ତିଳେ ହେଲେ ମନଉଣା କରିବି ନାହିଁ ଯେ ମୁଁ ଆପଣଙ୍କ ଅଧୀନରେ ରହି ହୋଇ ଯୁଦ୍ଧ କରିବି । ବରଂ ମୁଁ ସେହିପରି ମୋର କର୍ତ୍ତବ୍ୟ ସମ୍ପାଦନ କରି ଚାଲିବି,

ଯେପରି ସେନାନାୟକ ହୋଇ କରୁଥିଲି । ସୁତରାଂ ଏହା ହେଉଛି ଆଜ୍ଞାପାଳନର ଜ୍ୱଳନ୍ତ ନମୁନା । କୌଣସି ଅବିବେକି ଲୋକ ଏହା କହିପାରେ ଯେ ହଜରତ ଉମର[ରଅ]ଙ୍କ ନିଷ୍ପତ୍ତି ଅଯୌକ୍ତିକ ଥିଲା । କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଆମକୁ ସେହି ପରିସ୍ଥିତିର ଜ୍ଞାନ ନାହିଁ ଯେ କେଉଁ କାରଣରୁ ହଜରତ ଉମର[ରଅ] ଏହି ନିଷ୍ପତ୍ତି ଗ୍ରହଣ କଲେ ତାହା ସେ ହିଁ ଜାଣନ୍ତି । ତେବେ ଏ ନିଷ୍ପତ୍ତି ଦ୍ୱାରା କୌଣସି ଏପରି କଥା ପ୍ରକାଶିତ ହେଉନାହିଁ ଯାହା ଯଥାର୍ଥ ନୁହେଁ କିମ୍ବା ଶରିୟତ ବିରୁଦ୍ଧ ।

ସୁତରାଂ ଅଲ୍ଲାଃତାଲା ହଜରତ୍ ଉମର[ରଅ]ଙ୍କ ଏହି ନିଷ୍ପତ୍ତିର ସମ୍ମାନ ରକ୍ଷା କଲେ ଓ ଉକ୍ତ ଯୁଦ୍ଧରେ ବିଜୟ ହାସଲ ହେଲା । ଅଥଚ ଯୁଦ୍ଧ ସମୟରେ ବେଳେବେଳେ ଏପରି ପରିସ୍ଥିତି ମଧ୍ୟ ଆସିଛି ଯେ ଜଣେ ମୁସଲମାନ ୧୦୦ଜଣ ଶତ୍ରୁଙ୍କ ସହିତ ମଧ୍ୟ ମୁକାବିଲା କରି ଲଢ଼େଇ କରିଛନ୍ତି, ଏହା ସତ୍ତ୍ୱେ ମଧ୍ୟ ସେହି ଯୁଦ୍ଧରେ ମୁସଲମାନମାନଙ୍କର ବିଜୟ ଲାଭ ହୋଇଥିଲା ।

ହଜରତ୍ ମସିହ ମଉଦ୍[ଅସ]ଙ୍କୁ ମଧ୍ୟ ନିଜ ପ୍ରିୟ ମୁନିବ ମୁହମ୍ମଦ[ସଅ]ଙ୍କ ଦାସତ୍ୱରେ 'ହକମ' ଓ 'ଅଦଲ'ର ପଦ ମିଳିଛି । ତେଣୁ ଚଳିତ ଯୁଗରେ ମସିହ ମଉଦ[ଅସ]ଙ୍କ ଆଜ୍ଞାନୁବର୍ତ୍ତିତା ଓ ପ୍ରେମ ଦ୍ୱାରା ହିଁ ହଜରତ୍ ମୁହମ୍ମଦ[ସଅ]ଙ୍କ ଆଜ୍ଞାବହତା ଓ ପ୍ରେମର ଦାବୀ ସତ୍ୟ ହୋଇପାରେ, ଯେପରିକି ଅଲ୍ଲାଃତାଲା କହିଛନ୍ତି

﴿قُلْ اِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِىْ يُحْبِبْكُمُ اللّٰهُ وَيَغْفِرْ لَكُمْ ذُنُوْبَكُمْ . وَاللّٰهُ غَفُوْرٌ رَّحِيْمٌ﴾

କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବେଉନି ୟୁହ୍‌ବିବ୍‌କୁମୁଲ୍ଲାହୁ, ଓ୍ୱୟଗଫିର୍ ଲକୁମ୍ ଜୁନୁବକୁମ୍ ଓ୍ୱଲ୍ଲାହୋ ଗଫୁରୁର୍ ରହିମ୍।

ଅର୍ଥାତ୍ 'ତୁମେ କହିଦିଅ, ଯଦି ତୁମେ ଅଲ୍ଲାଃଙ୍କ ସହିତ ପ୍ରେମ କରୁଛ, ତା'ହେଲେ ମୋର ଅନୁସରଣ କର, ତେବେ ଯାଇ ଅଲ୍ଲାଃ ତୁମ ସହିତ ପ୍ରେମ କରିବେ ଏବଂ ତୁମର ପାପକୁ କ୍ଷମା କରିଦେବେ । ଅଲ୍ଲାଃତାଲା ବହୁତ କ୍ଷମାଦାତା ଓ ବାରମ୍ବାର ଅନୁଗ୍ରହକାରୀ ।' **(ଆଲେ ଇମ୍ରାନ ୩୨)**

# ହଜରତ୍ ମସିହ୍ ମଉଦ୍ ଅସ ଯାହା ପାଇଛନ୍ତି, ତାହା ମୁହମ୍ମଦ ସଅ ଙ୍କ ଅନୁକରଣ ଯୋଗୁଁ ପାଇଛନ୍ତି

ହଜରତ୍ ମସିହ ମଉଦ୍ ଅସ କହିଛନ୍ତି, 'ମୁଁ କେବଳ ଅଲ୍ଲାଃତାଲାଙ୍କ କୃପାରୁ ଯାହା ମୋର ବ୍ୟକ୍ତିଗତ ନିପୁଣତା ଯୋଗୁଁ ନୁହେଁ, ଏହି ଆଶୀର୍ବାଦର ସମ୍ପୂର୍ଣ୍ଣ ଅଂଶ ପାଇ ପାରିଛି । ଏହା ମୋର ପୂର୍ବବର୍ତ୍ତୀ ନବୀ ଓ ରସୁଲ ତଥା ଅଲ୍ଲାଃଙ୍କର ବିଶେଷ ଭକ୍ତମାନଙ୍କୁ ଦିଆଯାଇଛି । ଅନ୍ୟଥା, ମୋଠାରେ ନା କୌଣସି ଯୋଗ୍ୟତା ଅଛି ନା କୌଣସି ନୈତିକ ଗୁଣ । ଏହା କେବଳ ଅଲ୍ଲାଃଙ୍କ କୃପାର କରାମତି । ମୋ ପାଇଁ ଏହି ପୁରସ୍କାର ପ୍ରାପ୍ତ କରିବା କଦାପି ସମ୍ଭବ ହୋଇ ନଥାନ୍ତା, ଯଦି ମୁଁ ମୋର ଏକାନ୍ତ ମୁନିବ ଓ ପ୍ରିୟତମ ସଖା ନବୀ ଶ୍ରେଷ୍ଠ ହଜରତ୍ ମୁହମ୍ମଦ ମୁସ୍ତଫା ସଅ ଙ୍କର ପଥକୁ ଅନୁସରଣ କରି ନଥାନ୍ତି । ତେଣୁ ମୁଁ ଯାହା କିଛି ପାଇଛି, ପରମ ଆନୁଗତ୍ୟ ଓ ନିଷ୍ଠା ଦ୍ୱାରା ହିଁ ପାଇଛି । ଏବଂ ମୁଁ ମୋର ସତ୍ୟର ପରଖ ଓ ସମ୍ପୂର୍ଣ୍ଣ ଜ୍ଞାନ ଦ୍ୱାରା ଜାଣି ପାରିଛି ଯେ କୌଣସି ବ୍ୟକ୍ତିର ନିଜସ୍ୱ ଜ୍ଞାନ ସେହି ମହାନ ନବୀଙ୍କ ଅନୁକରଣ ବ୍ୟତୀତ ପ୍ରଭୁଙ୍କ ପର୍ଯ୍ୟନ୍ତ ପହଞ୍ଚିପାରିବ ନାହିଁ ନା କେହି ବ୍ୟକ୍ତି ସେହି ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ ଆହରଣ କରିପାରିବ । ମୁଁ ଏଠାରେ ଏକଥା ମଧ୍ୟ କହୁଛି ଯେ ହଜରତ ମୁହମ୍ମଦ ସଅ ଙ୍କ ସହିତ ଯଥାର୍ଥ ଓ ନିଷ୍ଠାପର ଅନୁକରଣ ପରେ ତାହା କେଉଁ ବସ୍ତୁ ଯାହା ସର୍ବପ୍ରଥମେ ହୃଦୟରେ ଜାଗ୍ରତ ହୋଇଥାଏ ? ମନେରଖ, ଏହା ହେଉଛି 'କଲବେ ସଲିମ' (ପବିତ୍ର ହୃଦୟ) ଅର୍ଥାତ ହୃଦୟରୁ ସାଂସାରିକ ମୋହମାୟା ଦୂରେଇ ଯାଏ ଓ ହୃଦୟରେ ଚିରସ୍ଥାୟୀ ଆନନ୍ଦର ଚାହିଦା ଉତ୍ପନ୍ନ ହୋଇଥାଏ । ଏହାପରେ ଏହି କଲ୍‌ବେ ସଲିମ୍ ଦ୍ୱାରା ଅଲ୍ଲାଃତାଲାଙ୍କର ବିଶୁଦ୍ଧ ପ୍ରେମ ପ୍ରାପ୍ତ ହୋଇଥାଏ ଏବଂ ଏ ସମସ୍ତ ଦିବ୍ୟ ପୁରସ୍କାର ହଜରତ୍ ମୁହମ୍ମଦ ସଅ ଙ୍କର ଆନୁଗତ୍ୟ ସ୍ୱୀକାର ଦ୍ୱାରା ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ହୁଏ । ଯେପରିକି ଅଲ୍ଲାଃତାଲା ସ୍ୱୟଂ କହିଛନ୍ତି

﴿قُلْ اِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِىْ يُحْبِبْكُمُ اللّٰهُ﴾

କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁ ନଲ୍‌ଲାହା ଫତ୍‌ତବେଉନି ୟୁହ୍‌ବିକୁମୁଲ୍ଲାହୋ ।

ଅର୍ଥାତ୍ 'ସେମାନଙ୍କୁ କହିଦିଅ, ଯଦି ତୁମେ ଅଲ୍ଲାଃଙ୍କ ସହିତ ପ୍ରେମ କରୁଛ, ତେବେ ଆସ ମୋର ଆନୁଗାମୀ ହୁଅ, ତାହେଲେ ଅଲ୍ଲାଃ ମଧ୍ୟ ତୁମ ସହିତ ପ୍ରେମ କରିବେ ।' **(ଆଲେ ଇମ୍ରାନ୍ ୩୨)**

ଏକତରଫା ପ୍ରେମର ଦାବି ଏକବାରେ ମିଥ୍ୟା ଓ ଲୋକ ଦେଖାଣିଆ । ଯେତେବେଳେ ମନୁଷ୍ୟ ପ୍ରଭୁଙ୍କ ସହିତ ନିଷ୍ଠାପୂର୍ଣ୍ଣ ପ୍ରେମ କରେ, ପ୍ରଭୁ ମଧ୍ୟ ତା' ସହିତ ପ୍ରେମ କରନ୍ତି । ସେତେବେଳେ ଭୂପୃଷ୍ଠରେ ତା'ପାଇଁ ଦୈବୀ ସ୍ୱୀକୃତିକୁ ପ୍ରସାରିତ କରାଯାଏ ଏବଂ ସହସ୍ର ଲୋକଙ୍କ ମନରେ ତା'ପାଇଁ ପ୍ରେମ ଜାଗ୍ରତ କରାଇ ଦିଆଯାଏ । ତାକୁ ଏକ ଆକର୍ଷଣ ଯୁକ୍ତ ଶକ୍ତି ପ୍ରଦାନ କରାଯାଏ ଓ ଏକ ଦିବ୍ୟ ଜ୍ୟୋତି ତାକୁ ଅର୍ପଣ କରାଯାଏ, ଯାହା ସର୍ବଦା ତା' ସହିତ ରହିଥାଏ । ଯେତେବେଳେ ଜଣେ ମନୁଷ୍ୟ ପବିତ୍ର ହୃଦୟରେ ଅଲ୍ଲାଃତାଲାଙ୍କ ସହିତ ପ୍ରେମ କରେ ଓ ସେ ସମସ୍ତ ସଂସାର ଭିତରେ ତାକୁ ହିଁ ପ୍ରାଥମିକତା ଦିଏ, ଅଲ୍ଲାଃଙ୍କ ଅତିରିକ୍ତ ଅନ୍ୟମାନଙ୍କ ବଡ଼ିମା ଓ ପ୍ରତିଷ୍ଠା ତା' ହୃଦୟରୁ ଏକବାରେ ଅପସରି ଯାଏ । ଏପରିକି ସେ ସମସ୍ତଙ୍କୁ ମୃତ କୀଟ ପରି ମନେ କରେ, ସେତେବେଳେ ପ୍ରଭୁ ଯେ କି ତା'ର ହୃଦୟକୁ ଦେଖିଥାନ୍ତି ଏକ ବଡ଼ ପ୍ରକାଶମୟ ଆଧ୍ୟାତ୍ମିକ ଜ୍ୟୋତି ତା ଉପରେ ଅବତୀର୍ଣ୍ଣ ହୁଏ । ଯେପରି ଏକ ସ୍ୱଚ୍ଛ ଦର୍ପଣ ସୂର୍ଯ୍ୟ ଆଡ଼କୁ ରଖିଲେ, ସୂର୍ଯ୍ୟର ପ୍ରତିବିମ୍ବ ଏପରି ଭାବେ ପଡ଼ିଥାଏ ଯେ ତା'ର ସମ୍ପୂର୍ଣ୍ଣ ରୂପରେଖ ଦର୍ପଣରେ ଦେଖାଯାଏ । ତେଣୁ କୁହାଯାଏ ଯେ ଯେଉଁ ସୂର୍ଯ୍ୟ ଆକାଶରେ ଅଛି, ତାହା ଦର୍ପଣରେ ମଧ୍ୟ ଅଛି । ଠିକ ଏହିପରି ଭାବେ ଈଶ୍ୱର ସ୍ୱଚ୍ଛ ଓ ପବିତ୍ର ହୃଦୟକୁ ନିଜର ସିଂହାସନ କରି ଦିଅନ୍ତି । ଏହାହିଁ ସେହି ଉଦ୍ଦେଶ୍ୟ ଯେଉଁଥିପାଇଁ ମନୁଷ୍ୟକୁ ସୃଷ୍ଟି କରାଯାଇଛି ।' (ହକିକତୁଲ ୱହି, ରୁହାନି ଖଜାଇନ, ଭାଗ ୨୨, ପୃ ୨୪-୨୫)

ସୁତରାଂ ଏହି ନିବିଡ଼ ପ୍ରେମ ଓ ଶ୍ରଦ୍ଧା ଯାହାକି ହଜରତ୍ ମସିହ ମଉଦ୍ [ଅସ] ଙ୍କର ହଜ୍‌ରତ୍ ମୁହମ୍ମଦ [ସଅ] ଙ୍କ ପ୍ରତି ରହିଥିଲା, ଅଲ୍ଲାଃତାଲା ତାଙ୍କ ପବିତ୍ର ହୃଦୟକୁ ମଧ୍ୟ ନିଜର ସିଂହାସନରେ ପରିଣତ କରିଦେଲେ । ସଂଜମ ଓ ପବିତ୍ରତା ଅନୁଯାୟୀ ଅଲ୍ଲାଃତାଲା ଭବିଷ୍ୟତରେ ମଧ୍ୟ ହୃଦୟ ଉପରେ ବିରାଜମାନ ହେଉଥିବେ । କିନ୍ତୁ ଏବେ ହଜରତ୍ ମୁହମ୍ମଦ [ସଅ] ଙ୍କ ପ୍ରତି ପ୍ରେମ ଓ ନିଷ୍ଠାର ଦାବୀ ସେତିକି ବେଳେ ସତ୍ୟ ସାବ୍ୟସ୍ତ ହେବ, ଯେତେବେଳେ ମହାଭାଗଙ୍କ ଆଧ୍ୟାତ୍ମିକ ପୁତ୍ରଙ୍କ ସହିତ ପ୍ରେମ ଓ ଆଜ୍ଞାପାଳନର ଏକ ଅନାବିଳ ସଂପର୍କ ସ୍ଥାପିତ ହେବ । ସେଥିପାଇଁ ତ ସେ କହୁଛନ୍ତି ଯେ ସମସ୍ତ ପ୍ରକାର ସାଂସାରିକ ମିତ୍ରତାର ସଂପର୍କ ଠାରୁ ବଳି ମୋ ସହିତ ପ୍ରେମ ଓ ଆଜ୍ଞା ପାଳନର ସମ୍ବନ୍ଧ ସ୍ଥାପନ କର । ତେବେ ଯାଇ ତୁମେ ଏହାରି ମାଧ୍ୟମରେ ହିଁ ମୁହମ୍ମଦ [ସଅ] ଙ୍କର ଅନୁକରଣ କରିବ ଓ ଅଲ୍ଲାଃତାଲାଙ୍କର ପ୍ରେମ ଓ ସାନ୍ନିଧ୍ୟ ପ୍ରାପ୍ତ କରି ପାରିବ । ହଜରତ ମସିହ ମଉଦ୍ [ଅସ] ଏକଥା ଅଯଥା କହି ନାହାନ୍ତି, ବରଂ ମୁହମ୍ମଦ [ସଅ] ନିଜେ ଆମମାନଙ୍କୁ ଏହା କହିଛନ୍ତି । ଯେପରିକି କହିଛନ୍ତି 'ଯେତେବେଳେ ତୁମେ ମସିହ୍ ଓ ମେହଦିଙ୍କ ଆଗମନର ଯୁଗ ଦେଖିବ, ଯଦି ଆଣ୍ଠେଇ କରି ମଧ୍ୟ ଯିବାକୁ ପଡ଼େ, ତା'ହେଲେ ମଧ୍ୟ

ତୁମେ ଯାଇ ମୋର ସଲାମ ତାଙ୍କୁ ଜଣାଇବ ।' ଏହି ବାର୍ତ୍ତାକୁ ପହଁଞ୍ଚାଇବାରେ ଏପରି ତାଗିଦ କରିବା ଓ କଷ୍ଟ ସ୍ୱୀକାର କରିବାରେ କ'ଣ ଗୁଢ ଭେଦ ଥାଇପାରେ ? ସେହି ରହସ୍ୟ ହେଉଛି, ସେ ମୋର ପ୍ରିୟ ଓ ମୁଁ ତା'ର ପ୍ରିୟ । ପ୍ରଚଳିତ ନିୟମରେ ପ୍ରିୟ ଲୋକଙ୍କ ନିକଟରେ ପହଁଞ୍ଚିବା କୌଣସି ପ୍ରିୟ ଲୋକଙ୍କ ମାଧ୍ୟମରେ ହିଁ ସମ୍ଭବ ହୁଏ । ତେଣୁ ଯଦି ତୁମେ ମୋର ଅନୁଗାମୀ ହେବାକୁ ଇଚ୍ଛୁକ, ତା'ହେଲେ ମସିହ ମଉଦ୍‌ଙ୍କର ଅନୁଚର ହୁଅ । ତାଙ୍କୁ ଇମାମ ରୂପେ ସ୍ୱୀକାର କର ଓ ତାଙ୍କ ଜମାଅତରେ ସମ୍ମିଳିତ ହୋଇଯାଅ । ସେଥିପାଇଁ ହଦିସ୍‌ରେ ବର୍ଣ୍ଣନା କରାଯାଇଛି 'ସାବଧାନ ରୁହ, ଇସା ଇବ୍‌ନେ ମରିୟମ୍ (ପ୍ରତିଶ୍ରୁତ ମସିହ୍) ଓ ମୋ ମଧ୍ୟରେ କୌଣସି ନବୀ ବା ରସୁଲ ହେବେ ନାହିଁ । ଭଲ ଭାବେ ଶୁଣିନିଅ, ସେ ମୋ ଉତ୍ତାରେ ମୁସଲିମ ଉମ୍ମତ (ସମ୍ପ୍ରଦାୟ)ର ଖଲିଫା ହେବେ । ସେ ଅବଶ୍ୟ ଦଜ୍ଜାଲକୁ ବଧ କରିବ, କ୍ରୁଶ୍‌ଲୁ ଭାଙ୍ଗିବ ଅର୍ଥାତ ଖ୍ରୀଷ୍ଟ ଧର୍ମର ଭ୍ରାନ୍ତ ଧାରଣାକୁ ଖଣ୍ଡନ କରିବ, ଜିଜିଆ (କର)କୁ ଲୋପ କରିଦେବ । ଅର୍ଥାତ୍ ମସିହ ମଉଦ୍‌ଙ୍କ ସମୟରେ ଏହି ପ୍ରଥା ଉଠିଯିବ । କାରଣ ଏହି ଯୁଗରେ ଧର୍ମ ଯୁଦ୍ଧ ହେବ ନାହିଁ । ମନେରଖ, ଯଦି କୌଣସି ବ୍ୟକ୍ତି ତାଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ପାଇବ, ସେ ମୋର ସଲାମ୍ ତାଙ୍କୁ ପହଞ୍ଚାଇ ଦେବ ।'

(ତିବ୍‌ରାନି, ଅଲ୍ ଓ୍ୱସତ୍ ଅଲ୍ ସଗିର)

ଉକ୍ତ ହଦିସକୁ ଅନୁଧ୍ୟାନ କରିବା ପରିବର୍ତ୍ତେ ଓ ଯେଉଁମାନେ ଅନୁଧ୍ୟାନ କରି ଏହାର ମର୍ମକୁ ବୁଝି ପାରିଛନ୍ତି, ତାଙ୍କ କଥା ଉପରେ ବିଚାର କରିବା ପରିବର୍ତ୍ତେ ଆଜିକାଲିର ଓଲମା (ଧର୍ମ ବିଦ୍ୱାନ) ତତ୍ତ୍ୱ ରହିତ ପ୍ରକାଶ୍ୟ ଅର୍ଥ ପଛରେ ପଡ଼ି ନିରୀହ ମୁସଲମାନମାନଙ୍କୁ ଭୂଲ ବାଟରେ ପକାଇ ଦେଇଛନ୍ତି । ଏପରି ଅଶିଷ୍ଟତାର ଝଡ଼ ସୃଷ୍ଟି କରିଛନ୍ତି ଯେ (ଅଲ୍ଲାଃ ରକ୍ଷା କରନ୍ତୁ) । ଆମେ ତ ଅଲ୍ଲାଃଙ୍କର ଆଶ୍ରୟ ହିଁ ଲୋଡୁ ଅଛୁ ଯିଏ ତାଙ୍କର ନିର୍ଣ୍ଣାୟକ ବିଚାର ଅବଶ୍ୟ କରିବେ, କରୁଛନ୍ତି ଓ ଆଗକୁ ମଧ୍ୟ କରିବେ । ଉକ୍ତ ହଦିସରୁ ସ୍ପଷ୍ଟ ହୋଇଯାଉଛି ଯେ ମସିହ ମଉଦ୍[ଆସ] ନ୍ୟାୟ ପରାୟଣ ହାକିମ ହେବେ, ଯିଏ କି ନ୍ୟାୟ ବ୍ୟତୀତ ଅନ୍ୟ କୌଣସି ବିଷୟ କହିବେ ନାହିଁ । ଏପରି 'ଇମାମ' (ଆଧ୍ୟାତ୍ମିକ ପଥ ପ୍ରଦର୍ଶକ) ସଂସାରରେ ନ୍ୟାୟକୁ ସ୍ଥାପନ କରିବ । ତେଣୁ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା, ତାଙ୍କ ଆଦେଶ କ୍ରମେ ଚଳିବା, ତାଙ୍କ ଶିକ୍ଷା ଉପରେ ପାଳନ କରିବା । କାରଣ ସେ ନୀତିବାଣୀ ଓ ନ୍ୟାୟ ସଂଗତ ଶିକ୍ଷା ହିଁ ଦେବେ । ତାହା କୁର୍‌ଆନ ଶିକ୍ଷା ବ୍ୟତୀତ ଅନ୍ୟ କିଛି ନୁହେଁ । ଆଜିକାଲି ଲୋକମାନେ କ୍ରୁଶ ଭଙ୍ଗ କରିବା ବିଷୟରେ ଏପରି ଭ୍ରାନ୍ତ ଧାରଣାର ବଶବର୍ତ୍ତି ହୋଇ କହୁଛନ୍ତି ଯେ 'ମସିହ' ହାତୁଡ଼ା ଧରି ଆସିବ ଓ କ୍ରୁଶକୁ ଭାଙ୍ଗିବାରେ ଲାଗିଯିବ । ଏସବୁ ଅବାନ୍ତର କଥା, ଏଥିରୁ

ସ୍ପଷ୍ଟ ଜଣାଯାଏ ଯେ ସେ ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ) ହୋଇ ଆସିବେ ଏବଂ ନିଜର ମହାମାନ୍ୟ ମୁନିବଙ୍କ ଦାସତ୍ୱରେ ତାତ୍ତ୍ୱିକ ପ୍ରମାଣ ଦ୍ୱାରା କ୍ରୁଶ ଭଙ୍ଗ ଜନିତ ଉଦ୍ଭଟ ଧାରଣାର ମୁଳୋତ୍ପାଟନ କରିବେ । ଏହି ଭ୍ରାନ୍ତ ଧାରଣାର ଖୋଳପାକୁ ବାହାର କରିଦେବେ । ସେହିପରି ଦଜ୍ଜାଲଙ୍କୁ ହତ୍ୟା କରିବାର ତାତ୍ପର୍ଯ୍ୟ ହେଉଛି ଯେ ଦଜ୍ଜାଲି ଫିତନା (ଦଜ୍ଜାଲୀୟ ବିଶୃଙ୍ଖଳା) ମଧ୍ୟରୁ ନିଜର ସମ୍ପ୍ରଦାୟକୁ ଉଦ୍ଧାର କରି ସୁରକ୍ଷା ପ୍ରଦାନ କରିବେ । ଯେହେତୁ ଧର୍ମଯୁଦ୍ଧର କୌଣସି ନିୟମ ରହି ନଥିବ, ତେଣୁ ସର୍ବସାଧାରଣ ପାଇଁ ଜିଜିୟା କର ଉଠିଯିବ ଅର୍ଥାତ Taxର ପ୍ରଥା ମଧ୍ୟ ଦୂର ହୋଇଯିବ । ପୁଣି ଏହି ହଦିସ୍‌ରେ 'ସଲାମ' ପହିଁଞ୍ଚାଇବାର ଆଦେଶ ମଧ୍ୟ ରହିଛି ।

ଏବଂ ମୁସଲ୍‌ମାନ ଉକ୍ତ ଆଦେଶ ଅନୁଯାୟୀ ସଲାମ ପହଁଞ୍ଚାଇବା ପରିବର୍ତ୍ତେ ଆସିଥିବା 'ମସିହ'ଙ୍କର ବିରୋଧ କରିବାରେ ଲାଗି ପଡ଼ିଛନ୍ତି । ଅଲ୍ଲାଃତାଲା ଏମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ।

ପୁଣି ଅନ୍ୟ ଏକ ହଦିସ୍ ରହିଛି, ଯେଉଁଥିରେ ହଜରତ୍ ମସିହ ମଉଦ୍[ଅସ]ଙ୍କ ପଦ ମର୍ଯ୍ୟାଦା ସମ୍ବନ୍ଧରେ ଉଲ୍ଲେଖ ଅଛି । ଯେହେତୁ ଆମଙ୍କୁ ତାଙ୍କ ସହିତ ଆଜ୍ଞା ପାଳନର ସମ୍ବନ୍ଧ ରଖିବା ନିତ୍ୟାନ୍ତ ଆବଶ୍ୟକ । ହଜରତ୍ ଅବୁହୁରୈରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ହଜରତ ମୁହମ୍ମଦ[ସଅ] କହୁଛନ୍ତି, 'ଯେପର୍ଯ୍ୟନ୍ତ ଇସା ଇବ୍ନେ ମରିୟମ (ମରିୟମ ପୁତ୍ର ଯୀଶୁ) ଯେ କି ହାକିମ (ନ୍ୟାୟ ପରାୟଣ) ଓ 'ଇମାମେ ଆଦିଲ' (ସୁବିଚାରକ ଇମାମ୍) ହେବେ । ସେ ଅବତରଣ କରିବେ ନାହିଁ, ସେ ପର୍ଯ୍ୟନ୍ତ କୟାମତ (ମହାପ୍ରଳୟ) ଆସିବ ନାହିଁ । ଯେତେବେଳେ ସେ ଅବତରିତ ହେବେ, ସେ କ୍ରୁଶକୁ ଭାଙ୍ଗିବେ, ଖିଞ୍ଜିର (ଘୁଷୁରୀ)କୁ ବଧ କରିବେ ତଥା ସର୍ବସାଧାରଣ କର (ଜିଜିୟା କର) ପ୍ରଥାକୁ ଉଚ୍ଛେଦ କରିବେ ଏବଂ ଏପରି ଧନ ବିତରଣ କରିବେ, ଯାହାକୁ ଲୋକମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ହେବେ ନାହିଁ ।

(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଫିତନ୍, ଭାଗ ଫିତ୍‌ନତୁଲ୍ ଦଜ୍ଜାଲ ଓ ଖୋରୁଜ ଇସାଇନ୍ନ ମରିୟମ ଓ ଖୋରୁଜ ୟାଯୁଜ୍ ଓ ମାଜୁଯ)

ସୁତରାଂ ଉକ୍ତ ହଦିସକୁ ମଧ୍ୟ ବୁଝିବାର ଆବଶ୍ୟକ ଥିଲା । କିନ୍ତୁ ସ୍ଥୁଳ ବୁଦ୍ଧିର ଲୋକମାନେ ତାହାର ମର୍ମକୁ ନବୁଝି କେବଳ ବାହ୍ୟ ଅର୍ଥ ପଛରେ ପଡିଛନ୍ତି । ବିଚିତ୍ର ପ୍ରକାର ଓ ଅତି ହାସ୍ୟାସ୍ପଦ ବ୍ୟାଖ୍ୟା କରିଥାଆନ୍ତି । ଖିଞ୍ଜିର (ଘୁଷୁରୀ)କୁ ହତ୍ୟା କରିବାର ତାତ୍ପର୍ଯ୍ୟ ଘୁଷୁରୀ ସ୍ୱଭାବର ଲୋକମାନଙ୍କର ସଂହାର କରିବା । ଅର୍ଥାତ ଅନ୍ୟାନ୍ୟ ପଶୁମାନଙ୍କ ଅପେକ୍ଷା ଘୁଷୁରୀର କୁତ୍ସିତ ସ୍ୱଭାବ କିପରି ତାହା ସମସ୍ତଙ୍କୁ ଜଣା ।

ଯେତେବେଳେ ସେ ସମସ୍ତ ମନ୍ଦଗୁଣ ମନୁଷ୍ୟ ସ୍ୱଭାବରେ ପରିଲକ୍ଷିତ ହେବାକୁ ଲାଗିବ, ସେ ଘୁଷୁରୀ ପ୍ରକୃତିର ଲୋକ ବୋଲାଇବ । ଏଥିରୁ ସ୍ପଷ୍ଟ ହେଉଛି ଯେ ଏପରି ସ୍ୱଭାବର ମନୁଷ୍ୟମାନଙ୍କର ମୂଳୋତ୍ପାଟନ କରିବା ଏକାନ୍ତ ଆବଶ୍ୟକ । ପୁଣି କୁହାଯାଇଛି ଯେ ସେ ଧନ ବିତରଣ କରିବେ । ଏକଥା ମଧ୍ୟ ସେମାନେ ବୁଝିପାରି ନାହାନ୍ତି । ଏବେ କିଛିଦିନ ପୂର୍ବରୁ ପାକିସ୍ତାନରେ ମୌଲବିମାନେ ଜଲସା କରୁଥିଲେ । ଉକ୍ତ ଜଲସାରେ ହଜରତ୍ ମସିହ ମଉଦ୍‌ଙ୍କ ବିରୁଦ୍ଧରେ ଓ ତାଙ୍କ ଜମାଅତ ବିରୁଦ୍ଧରେ ବିଭିନ୍ନ ପ୍ରକାରର କୁଭାଷା ପ୍ରୟୋଗ କରିବା ସହିତ ଏ ପ୍ରଶ୍ନ ମଧ୍ୟ ଉଠିଥିଲା ଯେ ମସିହ ଆସି ଧନ ବିତରଣ କରିବାର ଥିଲା, ଏହା ନୁହେଁ ଯେ ଲୋକଙ୍କ ଠାରୁ ମାଗିବାର ଥିଲା । ଦେଖ, ଅହମଦି (ସେମାନେ କାଦିୟାନୀ ବୋଲି କୁହନ୍ତି)  ଚନ୍ଦା ସଂଗ୍ରହ କରି ବୁଲୁଛନ୍ତି । ସେମାନେ ମିଥ୍ୟାବାଦୀ ବୋଲି ଏଥିରୁ ପ୍ରମାଣିତ । ଏବେ ସେହି ହୀନ ବୁଦ୍ଧିରେ ବିବେକହୀନ ଲୋକମାନଙ୍କୁ କୌଣସି ବୁଦ୍ଧିମାନ ବ୍ୟକ୍ତି ଏହା ବୁଝାଇ ପାରିବ ନାହିଁ ଯେ ମସିହ ଯେଉଁ ଆଧ୍ୟାତ୍ମିକ ରତ୍ନ ଭଣ୍ଡାର ବିତରଣ କରୁଛନ୍ତି, ତୁମେ ତାହା ନେବାକୁ ଅସ୍ୱୀକାର କରୁଛ । ପ୍ରକୃତ କଥା ହେଉଛି, ସେମାନଙ୍କର କେବଳ ଗୋଟିଏ ସାଂସାରିକ ଚକ୍ଷୁ ରହିଛି, ଆଧ୍ୟାତ୍ମିକ ଚକ୍ଷୁ ନାହିଁ । ଏହାଠାରୁ ଅଧିକ ସେମାନେ ବୁଝି ପାରିବେ ନାହିଁ । ଏହାହିଁ ସେମାନଙ୍କର କାମ, ତାଙ୍କୁ ତାଙ୍କ କାମ କରିବାକୁ ଦିଅ । ପାକିସ୍ତାନର ଅହମଦୀମାନଙ୍କୁ ଅଧିକ ବ୍ୟତିବ୍ୟସ୍ତ ହେବା ଆବଶ୍ୟକ ନାହିଁ । ପ୍ରତିପକ୍ଷମାନଙ୍କର କୁବାକ୍ୟ ଓ ଅଯଥା କଥା ଶୁଣି ଧୈର୍ଯ୍ୟ ଧର ଓ ସାହସ ସଂଚୟ କରି ମୁହଁ ମୋଡ଼ି ଚାଲିଯାଅ । ସେମାନଙ୍କ ହୀନ କର୍ମର ମୁକାବିଲାରେ ଆମେ ନିଶ୍ଚିତ ରୂପେ ହାରିଗଲୁ । ଆମେ ସେମାନଙ୍କ ଅସଭ୍ୟ କଟୁକ୍ତିର ପ୍ରତିବାଦ କରିପାରିବା ନାହିଁ । କିନ୍ତୁ ଗୋଟିଏ କଥା ସ୍ପଷ୍ଟ କରି ଦେଉଛି ଯେ ଯେତେବେଳେ ଭକ୍ତ କିଛି କହିପାରେ ନାହିଁ ସେତେବେଳେ ପ୍ରଭୁ କୁହନ୍ତି । ଏବଂ ଯେତେବେଳେ ପ୍ରଭୁ ବାକସ୍ଫୂର୍ତ୍ତି କରନ୍ତି, ସେତେବେଳେ ବିରୋଧିମାନଙ୍କ ଅସ୍ତିତ୍ୱ ଖଣ୍ଡ ବିଖଣ୍ଡ ହୋଇ ପବନରେ ବିଛାଡ଼ି ହୋଇ ପଡ଼ିବାର ଆମେ ଦେଖିଛୁ । ଭବିଷ୍ୟତରେ ମଧ୍ୟ ଦେଖିବା (ଇନ୍‌ଶାଆଲ୍ଲା) । ତେଣୁ ଅହମଦି ମସିହ ମଉଦ୍‌ଙ୍କ ସହିତ ନିଷ୍ଠାପର ସମ୍ପର୍କ ରଖନ୍ତୁ ଓ ପ୍ରାର୍ଥନା ଉପରେ ଜୋର ଦିଅନ୍ତୁ । ସଦା ସର୍ବଦା ଦୁଆରେ ଲାଗି ରୁହନ୍ତୁ । ଉକ୍ତ ହଦିସରୁ ଏକଥା ମଧ୍ୟ ପ୍ରମାଣିତ ହୁଏ ଯେ ଆଗମନକାରୀ ମସିହ, ଇମାମ (ପଥ ପ୍ରଦର୍ଶକ) ମଧ୍ୟ ହେବ । ସେ 'ହକମ୍' ଓ 'ଅଦଲ' ଅର୍ଥାତ ନ୍ୟାୟ ବିଚାରକ ଓ ସର୍ବୋଚ୍ଚ ନିଷ୍ପତ୍ତିର ରାଜକୁମାର ବୋଲାଇବେ । ସେଥିପାଇଁ ତାଙ୍କ ସହିତ ଅବଶ୍ୟ ସମ୍ପର୍କ ଯୋଡ଼ିବାକୁ ହେବ । ହକମ ତଥା ଇମାମ ହେବା କାରଣରୁ ତାହାଙ୍କ ଆଜ୍ଞା ପାଳନ କରିବା ଏକାନ୍ତ ଆବଶ୍ୟକ । ସୁତରାଂ ତୁମର

ହିତ ସକାଶେ ଓ ତୁମର ସଂସ୍କାର ପାଇଁ ଯାହା ସବୁ କୁହାଯାଇଛି ତାହା ଉପରେ ପାଳନ କର, ଯଦ୍ୱାରା ହଜରତ୍ ମୁହମ୍ମଦ[ସଅ]ଙ୍କ ପ୍ରିୟପାତ୍ର ହୋଇ ତାଙ୍କ ପ୍ରେମ ଫାଶରେ ସଂଯୁକ୍ତ ହୋଇଯିବ । ଏବଂ ପ୍ରଭୁଙ୍କ ସାନିଧ ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବ ।

## ଆଜ୍ଞାପାଳନ ପ୍ରତ୍ୟେକ ପରିସ୍ଥିତିରେ ଏକାନ୍ତ ଆବଶ୍ୟକ

ଆଜ୍ଞାପାଳନ ସମ୍ବନ୍ଧରେ କେତେକ ହଦିସ୍ ଉପସ୍ଥାପନ କରୁଛି, ଯଦ୍ୱାରା ଏହାର ମହତ୍ତ୍ୱ ବିଷୟରେ ଜଣାପଡ଼ିବ ।

ହଜରତ ଅବୁହୁରୈରା[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ ମୁହମ୍ମଦ[ସଅ] ଏପରି କହିଥିଲେ 'ଅଭାବ ଥାଉ କିମ୍ବା କୁଶଳ ଥାଉ, ଦୁଃଖ ହେଉ କି ସୁଖ ହେଉ, ଅଧିକାରରୁ ବଞ୍ଚିତ କରାଯାଉ କିମ୍ବା ପ୍ରଚୁର ଦିଆଯାଉ, ପ୍ରତ୍ୟେକ ଅବସ୍ଥାରେ ସମୟର ହାକିମର ଆଦେଶକୁ ଶୁଣିବା ଓ ତାହାକୁ କାର୍ଯ୍ୟକାରୀ କରିବା ଅନିବାର୍ଯ୍ୟ ।'

(ମୁସଲିମ୍, କିତାବୁଲ ଅମାରତା)

ହଜରତ ଇବ୍‌ନେ ଅବାସ[ରଅ] ବର୍ଣ୍ଣନା କରୁଛନ୍ତି ଯେ ରସୁଲେ କରୀମ୍[ସଅ] କହିଲେ ଯେଉଁ ବ୍ୟକ୍ତି ନିଜର ସରଦାର (ମୁଖ୍ୟ) କିମ୍ବା ଅମିରଙ୍କ କୌଣସି ଏପରି କଥା ଦେଖିବ, ଯାହାକୁ ସେ ପସନ୍ଦ କରେନାହିଁ, ତେବେ ସେ ଧୈର୍ଯ୍ୟ ଧାରଣ କରୁ । କାରଣ କୌଣସି ବ୍ୟକ୍ତି ଯଦି ଜମାଅତରୁ ଋଖଣ୍ଡେ ମଧ୍ୟ ଦୂରେଇ ଯାଏ, ତେବେ ସେ ଅଜ୍ଞାନୀ ମୃତ୍ୟୁ ମରିବ । (ବୁଖାରି, କିତାବୁଲ ଫିତନ୍, ଭାଗ କୈଲୁନ୍ ନବୀ)

ପୁଣି ହଜରତ୍ ଅର୍‌ଫଜ[ରଅ] ବର୍ଣ୍ଣନା କରିଛନ୍ତି ଯେ ମୁଁ ହଜରତ୍ ମୁହମ୍ମଦ[ସଅ]ଙ୍କ ଠାରୁ ଏହା କହିବାର ଶୁଣିଥିଲି 'ଯଦି ତୁମେ ଗୋଟିଏ ହସ୍ତରେ ଏକତ୍ରିତ ହୋଇ ରହିଛ ଓ ତୁମର ଜଣେ ଅମିର (ମୁଖିଆ) ଥାଆନ୍ତି, ତେବେ ଯଦି କୌଣସି ବ୍ୟକ୍ତି ଆସି ତୁମ ଏକତାର ଲାଠିକୁ ଭାଙ୍ଗିବାକୁ ଚେଷ୍ଟା କରେ, କିମ୍ବା ତୁମ ସଂପ୍ରଦାୟରେ ବିଭେଦ ସୃଷ୍ଟି କରିବାର ଉପକ୍ରମ କରେ, ତେବେ ତୁମେ ତାକୁ ହତ୍ୟା କରିଦିଅ ।' ଅର୍ଥାତ୍ ତା'ଠାରୁ ସମ୍ପର୍କ ବିଚ୍ଛିନ୍ନ କରିଦିଅ ଓ ତା' କଥା ଶୁଣନାହିଁ ।

(ସହି ମୁସଲିମ, କିତାବୁଲ୍ ଇମାରତ୍ , ଭାଗ ହକମୁଲ ଫରକ୍)

ହଜରତ୍ ଓବାଦଃ ବିନ୍ ସାମତ୍[ରଅ]ଙ୍କ ଦ୍ୱାରା ବର୍ଣ୍ଣିତ ଅଛି । ଆମେ ରସୁଲୁଲ୍ଲାଃ[ସଅ]ଙ୍କ ବୈଅତ୍ (ଦୀକ୍ଷା ଗ୍ରହଣ) ଏହି ସର୍ତ୍ତ ଅନୁଯାୟୀ କଲୁ ଯେ ଆମେ ତାଙ୍କ ମୁଖରୁ ବାଣୀ ଶୁଣିବୁ ଓ ଆଜ୍ଞାପାଳନ କରିବୁ । ତାହା ଆମକୁ ପସନ୍ଦ ହୋଇଥାଉ କିମ୍ବା ଅପସନ୍ଦ ହୋଇଥାଉ, ଉଭୟ କ୍ଷେତ୍ରରେ ଆମେ ତାହା ପାଳନ କରିବୁ । ଆମେ

ଯେଉଁଠାରେ ଥାଉନା କାହିଁକି ଆମେ କୌଣସି ଉଚ୍ଚ ଅଧିକାରୀଙ୍କ ସହିତ କୌଣସି ବିଷୟରେ କଳହ କରିବୁ ନାହିଁ ଓ ସତ୍ୟ ଉପରେ ପ୍ରତିଷ୍ଠିତ ରହିବୁ ଏବଂ ସତକଥା ହିଁ କହିବୁ ଓ ଅଲ୍ଲାଃଙ୍କ ପ୍ରତି ଯଦି କେହି ଦୋଷାରୋପ ବା ନିନ୍ଦା କରେ, ତେବେ ସେଥିପାଇଁ ତାକୁ ଭୟ କରିବୁ ନାହିଁ ।

(ମୁସଲିମ୍ କିତାବୁଲ୍ ଅମାରାହ, ଭାଗ ଓଜୁଦ୍ ତାଆତିଲ ଉମରା, ହଦିସ ନଂ : ୪୭୬୮)

ହଜରତ୍ ଇବ୍ନେ ଉମର[ରଅ] ବର୍ଣ୍ଣନା କରିଛନ୍ତି ଯେ ମୁଁ ହଜରତ୍ ମୁହମ୍ମଦ[ସଅ]ଙ୍କୁ ଏହା କହିବାର ଶୁଣିଥିଲି 'ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଆଜ୍ଞାପାଳନରୁ ନିଜକୁ ଦୂରେଇ ଦିଏ, ସେ କୟାମତ୍ (ମହାପ୍ରଳୟ) ଦିନ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଏପରି ଅବସ୍ଥାରେ ସାକ୍ଷାତ କରିବ ଯେ ନା ତା' ପାଖରେ କୌଣସି ପ୍ରମାଣ ଥିବ, ନା କୌଣସି ବାହାନା । ଏବଂ ଯେଉଁ ବ୍ୟକ୍ତି ଏପରି ଅବସ୍ଥାରେ ମୃତ୍ୟୁବରଣ କରେ ଯେ ସେ ସମୟର ଇମାମ୍‌ଙ୍କ ହାତରେ ବୈଅତ୍ କରିନାହିଁ, ତେବେ ସେ ଅଜ୍ଞାନତା ଓ ବିପଥଗାମୀ ଅବସ୍ଥାରେ ମୃତ୍ୟୁ ବରଣ କରିବ ।' (ସହି ମୁସଲିମ୍, କିତାବୁଲ ଅମାରତା, ଭାଗ ଓ୍ୱଜୁବୋ ମୁଲାଜିମତେ)

ସୁତରାଂ ଆପଣମାନେ ସୌଭାଗ୍ୟଶାଳୀ ଯେ ସମୟର ଇମାମ୍‌କୁ ମାନିଛନ୍ତି । ତାଙ୍କର ବୈଅତ୍‌ରେ ସମ୍ମିଳିତ ହୋଇଛନ୍ତି । ଏବେ କେବଳ ଅଲ୍ଲାଃଙ୍କ ପାଇଁ ସ୍ୱଚ୍ଛ ଓ ନିର୍ମଳ ହୃଦୟ ସହିତ ତାହାଙ୍କ ଆଜ୍ଞାପାଳନ କରିବା ଆବଶ୍ୟକ । ତାଙ୍କର ସମସ୍ତ ଆଦେଶକୁ ପାଳନ କରିବା ଓ ଶିକ୍ଷାକୁ ଅନୁସରଣ କରିବା ଉଚିତ । ନଚେତ ପୁଣି ପ୍ରଭୁଙ୍କ ଆଜ୍ଞାନୁବର୍ତ୍ତିତାରୁ ବାହାରି ଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ହୋଇଯିବ । ଅଲ୍ଲାଃତାଲା ପ୍ରତ୍ୟେକ ଅହମଦିଙ୍କୁ ଆଜ୍ଞାବହତାର ଶିଖରରେ ପ୍ରତିଷ୍ଠିତ ରହିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏହି ସ୍ତରରେ ପହଞ୍ଚିବା ପାଇଁ ହଜରତ ମସିହ ମଉଦ୍[ଅସ]ଙ୍କ ଶିକ୍ଷା ଉପରେ ପାଳନ କରିବା ଆବଶ୍ୟକ ।

# ଜମାଅତରେ କେଉଁ ବ୍ୟକ୍ତି ପ୍ରବେଶ କରିପାରିବ

ହଜରତ ମସିହ ମଉଦ୍[ଅସ] କହିଛନ୍ତି 'ମୋ ସମ୍ପ୍ରଦାୟ ସେହି ବ୍ୟକ୍ତି ପ୍ରବେଶ କରିବ, ଯେ କି ମୋର ଶିକ୍ଷାକୁ ନିୟମିତ ରୂପେ ପାଳନ କରିବା ପାଇଁ ସଂକଳ୍ପବଦ୍ଧ ହେବା ସହିତ ନିଜର ସାମର୍ଥ୍ୟ ତଥା ପ୍ରୟାସ ଅନୁଯାୟୀ କର୍ତ୍ତବ୍ୟ ସଂପାଦନ କରୁଥିବ । କିନ୍ତୁ ଯେଉଁ ବ୍ୟକ୍ତି କେବଳ ନାମକୁ ମାତ୍ର ଜମାଅତରେ ରହି ମୋର ଶିକ୍ଷା ଅନୁଯାୟୀ କର୍ମ କରେ ନାହିଁ, ସେ ମନେ ରଖୁ ଯେ ପ୍ରଭୁ ଏହି ଜମାଅତକୁ ଏକ ବିଶେଷ ସଂପ୍ରଦାୟ ରୂପେ ତିଆରି କରିବାକୁ ମନସ୍ଥ କରିଛନ୍ତି । ତେଣୁ ଜଣେ ବ୍ୟକ୍ତି କେବଳ ନାମ

ଲେଖାଇ ଦେଲେ କଦାପି ଜମାଅତରେ ରହିପାରିବ ନାହିଁ । ତା'ପାଇଁ କୌଣସି ନା କୌଣସି ଏପରି ସମୟ ଆସିବ, ଯେତେବେଳେ ସେ ଜମାଅତ ଠାରୁ ପୃଥକ ହୋଇଯିବ । ତେଣୁ ତାଙ୍କ ଅନୁସୃତ ଶିକ୍ଷା ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଯଥା ସମ୍ଭବ ଚେଷ୍ଟାକର ।'

ସେ ଶିକ୍ଷା କ'ଣ ? ସେ ଏହାର ଉତ୍ତର ଦେଇ କହିଛନ୍ତି, 'ଫିସାଦିଆ କଥା କୁହ ନାହିଁ । ଦୁଷ୍କର୍ମ କରନାହିଁ, ଗାଳି ଶୁଣି ଧୈର୍ଯ୍ୟ ଧର, କାହାର ବିରୋଧ କରନାହିଁ, କେହି ଯଦି ତୁମ ସହିତ କଳି ଝଗଡ଼ା କରେ, ତା ସହିତ ସଦଭାବନା ପୂର୍ଣ୍ଣ ନମ୍ର ବ୍ୟବହାର କର । ମଧୁର ବାଣୀ କହି ତାଙ୍କୁ ନିଜର ଭଲ ଆଦର୍ଶ ଦେଖାଅ । ପବିତ୍ର ମନରୁ ପ୍ରତ୍ୟେକ ଆଦେଶ ପାଳନ କର । ଫଳତଃ ପ୍ରଭୁ ସନ୍ତୁଷ୍ଟ ହେବେ । ଶତ୍ରୁମାନେ ମଧ୍ୟ ଜାଣିପାରିବେ ଯେ ବୈଅତ୍ କରିବା ପରେ ଏହି ବ୍ୟକ୍ତିର ବିରାଟ ପରିବର୍ତ୍ତନ ଘଟିଛି । ଏହାର ପୂର୍ବ ଅବସ୍ଥା ଆଉ ନାହିଁ । ମାଲି ମକଦ୍ଦମାରେ ସତ୍ୟ ସାକ୍ଷ୍ୟ ଦିଅ । ଏହି ସଂପ୍ରଦାୟରେ ପ୍ରବେଶ ହେବା ବ୍ୟକ୍ତିଙ୍କୁ ଏହା ଆବଶ୍ୟକ ଯେ ଆନ୍ତରିକ ମନୋଭାବ ତଥା ସାହସର ସହିତ ସାରା ଜୀବନ ସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ରହନ୍ତୁ । ସଂସାର ଲୋପ ପାଇବା ଅବସ୍ଥାରେ ଆସି ପହଁଞ୍ଚିଲାଣି ।'

(ମଲଫୁଜାତ୍, ତୃତୀୟ ଖଣ୍ଡ, ଅତିରିକ୍ତ ପୃଷ୍ଠା,୨୬୦-୨୬୧)

ଏବେ ଯେପରିକି ମହାମାନ୍ୟ ଏଠାରେ କହିଛନ୍ତି ଯେ ବିଶୃଙ୍ଖଳା କଥା କୁହନାହିଁ । ଅନେକ ଲୋକଙ୍କର ଅଭ୍ୟାସ ଥାଏ ଯେ ସେମାନେ ମଜା ନେବାକୁ ବା ତାମସା ଦେଖିବାକୁ ଏଠିକା କଥା ସେଠାରେ କହି ଦିଅନ୍ତି ଏବଂ ଏହାଦ୍ୱାରା ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ଥାଏ । ବିଭିନ୍ନ ପ୍ରକୃତିର ଲୋକ ଥା'ନ୍ତି । କୌଣସି ବ୍ୟକ୍ତି ଯଦି କାହା ସମ୍ମୁଖରେ ଏକଥା କୁହେ ଯେ ସେ ଅମୁକ ବ୍ୟକ୍ତି ତୁମ ବିଷୟରେ ଏପରି କହୁଥିଲା, ତା'ହେଲେ ଏହା ସ୍ୱାଭାବିକ ଯେ ଶୁଣିବା ବ୍ୟକ୍ତି ନିଶ୍ଚୟ ତା'ଉପରେ ରାଗରୋଷ ରଖିବ ଯେ ତା' ବିଷୟରେ କହୁଥିଲା, ଅଥଚ ଏପରି ହେବା କଥା ନୁହେଁ । ଏହି ଫିସାଦିଆ କଥାକୁ ରୋକିବା ପାଇଁ ଉତ୍ତମ ଉପାୟ ହେଉଛି, ଯେଉଁ ବ୍ୟକ୍ତିଙ୍କ ନାମରେ କୁହାଗଲା ସେ ତୁମଙ୍କୁ ଏପରି କହିଲେ ବୋଲି ତାଙ୍କ ନିକଟକୁ ଯାଇ ପଚାର ଓ କୁହ ଯେ କ'ଣ ଆପଣ ମୋ ବିଷୟରେ ଏପରି କଥା କହିଛନ୍ତି ? ଏହା ମୁଁ ଅମୁକ ଲୋକ ଦ୍ୱାରା ଶୁଣିପାରିଲି । ତା'ହେଲେ ଏହାର ସ୍ପଷ୍ଟୀକରଣ ହୋଇଯିବ ଓ ବିଶୃଙ୍ଖଳିତ କରୁଥିବା ବ୍ୟକ୍ତିର ସୁଧାର ମଧ୍ୟ ହୋଇଯିବ । ଅନେକ ସମୟରେ ଏହି ଫିସାଦିଆ ଲୋକମାନଙ୍କ ଦ୍ୱାରା ପରିବାର ମଧ୍ୟରେ ଗଣ୍ଡଗୋଳ, ଲଢ଼େଇ ହୋଇଯାଉଛି । ତେଣୁ ଏପରି ଫିସାଦ ଓ ଛଳବାଜ କଥାରୁ ନିଜକୁ ଦୂରେଇ ରଖ ଓ ଫିସାଦ୍‌କାରୀଙ୍କ ଠାରୁ ମଧ୍ୟ

ବଞ୍ଚିତ ରହିବାକୁ ଚେଷ୍ଟା କର । ବରଂ ଯଦି ପାରୁଛ, ତା'ହେଲେ ସେମାନଙ୍କୁ ସୁଧାରିବାର ପଥ ଅବଲମ୍ବନ କର । ପୁଣି ଦୁଷ୍କର୍ମ, ଯାହା ସିଧାସଳଖ କଳିଖୋଳ, ଝଗଡ଼ା ତଥା ଗାଳିମନ୍ଦ ଦ୍ୱାରା ଜାତ ହୋଇଥାଏ ଓ ଏହାଦ୍ୱାରା ବିଶୃଙ୍ଖଳା ମଧ୍ୟ ଉତ୍ପନ୍ନ ହୋଇଥାଏ । ତେଣୁ କହିଛନ୍ତି, ଯଦି ତୁମର ମୋ ସହିତ ସମ୍ପର୍କ ରହିଛି ଓ ମୋର ଆଦେଶ ପାଳନ କରୁଥିବାର ଦାବୀ କରୁଛ, ତାହେଲେ ମୋର ଶିକ୍ଷା ହେଉଛି ଯେ ସମସ୍ତ ପ୍ରକାର ଫିସାଦ ଓ ଦୁଷ୍କର୍ମରୁ ବଞ୍ଚିତ ରୁହ । ତୁମଠାରେ ଧୈର୍ଯ୍ୟ ଓ ଉଦାରତା ଏପରି ହେବା ଆବଶ୍ୟକ ଯେ ଯଦି କେହି ତୁମଙ୍କୁ ଗାଳିଦିଏ, ତାହେଲେ ଧୈର୍ଯ୍ୟ ଧର । ପୁଣି ଏହି ଶିକ୍ଷା ଅନୁଯାୟୀ କାର୍ଯ୍ୟ କଲେ ତୁମ ପାଇଁ ମୁକ୍ତିର ମାର୍ଗ ଉନ୍ମୁକ୍ତ ହୋଇଯିବ । ତୁମେ ପ୍ରଭୁଙ୍କ ସାନ୍ନିଧ ଲାଭ କରିବ । ତେଣୁ କୌଣସି ବିଷୟରେ ଦ୍ୱନ୍ଦ୍ୱ ଉପୁଜିବା ତଥା ବିରୋଧ ହେବା ଅନୁଚିତ । ସତ୍ୟବାଦୀ ହୋଇ ମଧ୍ୟ ମିଥ୍ୟାବାଦୀଙ୍କ ପରି ବିନମ୍ରତାକୁ ଆପଣାଅ । କେହି ତୁମକୁ ଯାହା ଇଚ୍ଛା ତାହା କହିଲେ ମଧ୍ୟ ତୁମେ ପ୍ରେମ, ଶ୍ରଦ୍ଧାପୂର୍ଣ୍ଣ ବ୍ୟବହାର କର । ତୁମର ବଚନ ଏପରି ପବିତ୍ର ତଥା ମଧୁର ହେବା ଉଚିତ ଓ ତୁମ ଭିତରେ ଏପରି ସଦାଚାର ପ୍ରକଟିତ ହେଉ କି ଲୋକମାନେ ତୁମ ଆଡ଼କୁ ଆକୃଷ୍ଟ ହୋଇ ଚାଲି ଆସିବେ । ତୁମର ଚାଲିଚଳଣ ଓ ହାବଭାବ ଇତ୍ୟାଦି ପରିବେଶରୁ ଏକଥା ଜଣାପଡୁ ଯେ ଏମାନେ ଅହମଦି । ଏମାନଙ୍କ ଠାରୁ ସଦାଚାର ଓ ଶିଷ୍ଟାଚାର ବ୍ୟତୀତ ଅନ୍ୟ କୌଣସି କଥା ଆଶା କରାଯାଇ ପାରେନା । ତୁମର ଏପରି ଚରିତ୍ର ମଧ୍ୟ ଅନ୍ୟମାନଙ୍କୁ ଆକର୍ଷିତ କରି ନିଜ ଆଡ଼କୁ ଟାଣି ଆଣିବାର କାରଣ ହେବ ।

ପୁଣି ଦେଖାଯାଏ ଯେ କେତେକ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ମକଦ୍ଦମାରେ ମିଛ ସାକ୍ଷୀ ଦିଅନ୍ତି ଓ ମିଥ୍ୟା ମକଦ୍ଦମା ମଧ୍ୟ କରନ୍ତି । ତେଣୁ କହିଛନ୍ତି ତୁମର ବ୍ୟକ୍ତିଗତ ଲାଭ ତୁମକୁ ସତ୍ୟ ସାକ୍ଷ୍ୟ ଦେବାରେ ବାଧା ନହେଉ । କେତେକ ବ୍ୟକ୍ତି ଏଠାରେ ମଧ୍ୟ ଓ ଅନ୍ୟ ଦେଶମାନଙ୍କରେ ମଧ୍ୟ ବେଳେବେଳେ ବାହାରକୁ ଯିବା ଉଦ୍ଦେଶ୍ୟରେ ମିଛ ବୟାନ ଦେଇଥାନ୍ତି । ତେଣୁ ଏପରି ବିଷୟମାନଙ୍କରୁ ମଧ୍ୟ ବଞ୍ଚିତ ହେବା ଆବଶ୍ୟକ । ଯାହା ସତ୍ୟାସତ୍ୟ, ସେହି ଅନୁଯାୟୀ ନିଜର ମାମଲା ଉପସ୍ଥାପନ କର । ଯଦି ଏହାକୁ ଗ୍ରହଣ କରାଯାଏ, ତା'ହେଲେ ଠିକ୍ ଅଛି, ଅନ୍ୟଥା ନୀରବରେ ଫେରିଆସ । କାରଣ ଭୁଲ୍ ବା ମିଥ୍ୟା ବୟାନ ଦେଇ ମଧ୍ୟ କେତେକ ମାମାଲ ଖାରଜ କରି ଦିଆଯାଏ । ତେଣୁ ସତ୍ୟ ଉପରେ ପ୍ରତିଷ୍ଠିତ ରହି ଏହା ଚେଷ୍ଟା କରିବା ଆବଶ୍ୟକ । ଈଶ୍ୱର ଚାହିଲେ ଏହା ଲାଭପ୍ରଦ ହେବ କିମ୍ବା ଯଦି ଏହାକୁ ରଦ୍ଦ୍ ମଧ୍ୟ କରି ଦିଆଯାଏ, ତା'ହେଲେ ଅନ୍ତତଃ ଅଲ୍ଲାଃତାଲାଙ୍କ ଅସନ୍ତୋଷର କାରଣ ହେବନାହିଁ ।

# ପରସ୍ପର ମଧ୍ୟରେ ପ୍ରେମ ଓ ଭାଇଚାରା ପ୍ରତିଷ୍ଠା କର ଏବଂ ଈଶ୍ୱରଙ୍କ ସହିତ ନିଷ୍ଠାପର ସଂପର୍କ ସ୍ଥାପନ କର

ପୁଣି ନିଜ ମଧ୍ୟରେ ପ୍ରେମ ଓ ଭ୍ରାତୃଭାବର ଶିକ୍ଷା ଦେଇ ହଜରତ ମସିହ ମଉଦ୍[ଅସ] କହିଛନ୍ତି "ପରସ୍ପର ମଧ୍ୟରେ ପ୍ରେମ ଓ ଭାଇଚାରା ସୃଷ୍ଟିକର । ପଶୁତ୍ୱ ଭାବନା ତଥା ମତଭେଦ ତ୍ୟାଗ କର । ପ୍ରତ୍ୟେକ ପ୍ରକାର ଥଟ୍ଟା, ପରିହାସ ମୂଳକ କଥାରୁ ସମ୍ପୂର୍ଣ୍ଣ ଦୂରେଇ ରୁହ । କାରଣ ପରିହାସ ମନୁଷ୍ୟ ହୃଦୟରୁ ସତ୍ୟ ଓ ବାସ୍ତବତାକୁ ଦୂରେଇ ଅନ୍ୟତ୍ର ନେଇ ଯାଇଥାଏ । ପରସ୍ପର ମଧ୍ୟରେ ଜଣେ ଅନ୍ୟ ସହିତ ସମ୍ମାନ ପୂର୍ବକ ବ୍ୟବହାର କର । ପ୍ରତ୍ୟେକ ନିଜ ଅପେକ୍ଷା ନିଜ ଭାଇର ସୁଖ ସୁବିଧା ପ୍ରତି ଅଧିକ ଧ୍ୟାନ ଦିଅ । ଅଲ୍ଲାଃତାଲାଙ୍କ ସହିତ ବାସ୍ତବିକ ମୈତ୍ରୀ ସ୍ଥାପନ କର ଓ ତାହାଙ୍କ ଆଜ୍ଞାଧୀନ ହୋଇଯାଅ । ପ୍ରତ୍ୟେକ ନିଜ ମଧ୍ୟରେ ଥିବା ରାଗ, ଦ୍ୱେଷ ତଥା କଳିଗୋଳକୁ ଉଠାଇ ଦିଅ । କାରଣ ବର୍ତ୍ତମାନ ସେ ସମୟ ଆସିଛି ଯେ ତୁମେ ଉକ୍ତ ତୁଚ୍ଛ ବିଷୟମାନଙ୍କୁ ଉପେକ୍ଷା କରି ମହତ ଓ ପ୍ରମୁଖ କାର୍ଯ୍ୟରେ ଲିପ୍ତ ହୋଇଯାଅ ।'

(ମଲଫୂଜାତ, ପ୍ରଥମ ଭାଗ, ପୃ ୨୬୬-୨୬୮)

ପୁଣି ସେ କହିଛନ୍ତି, 'ଆମ ଜମାଅତକୁ ପ୍ରଭୁଙ୍କ ସହିତ ପ୍ରକୃତ ଭାବ ରଖିବା ଉଚିତ । ସେମାନେ କୃତଜ୍ଞତା ଜ୍ଞାପନ କରିବା ଉଚିତ ଯେ ପ୍ରଭୁ ସେମାନଙ୍କୁ ଛାଡି ଦେଇ ନାହାନ୍ତି । ବରଂ ସେମାନଙ୍କର ଆସ୍ତିକତାର ଶକ୍ତିକୁ ଦୃଢ଼ ବିଶ୍ୱାସରେ ପରିଣତ କରିବା ପାଇଁ ନିଜ ମହିମାର ଶତାଧିକ ଚିହ୍ନ ଦେଖାଇଛନ୍ତି । କ'ଣ ତୁମ ମଧ୍ୟରେ ଜଣେହେଲେ ଏପରି ଅଛି, ଯାହାକୁ ମୋ ସଂସ୍ପର୍ଶରେ ରହିବାର ସୁଯୋଗ ପ୍ରାପ୍ତ ହୋଇଛି ଓ ସେ ପ୍ରଭୁଙ୍କ ସତ୍ୟ ନିଦର୍ଶନ ଗୁଡିକ ସ୍ୱଚକ୍ଷୁରେ ଦେଖି ନାହାନ୍ତି ?

ଆମ ଜମାଅତରେ ବ୍ୟକ୍ତିମାନଙ୍କୁ ଏହାର ଆବଶ୍ୟକତା ରହିଛି ଯେ ସେମାନଙ୍କର ଆସ୍ଥା ଯେପରି ଦୃଢ଼ିଭୁତ ହେଉ । ଈଶ୍ୱରଙ୍କ ପ୍ରତି ବାସ୍ତବିକ ବିଶ୍ୱାସ ଓ ଆଧ୍ୟାତ୍ମିକ ଜ୍ଞାନ ଲାଭହେଉ । ସତ୍‌କର୍ମରେ କୌଣସି ପ୍ରକାର ଅବହେଳା ଓ ତ୍ରୁଟି ଦୃଷ୍ଟିଗୋଚର ନହେଉ । କାରଣ ଯଦି ଆଳସ୍ୟ ଆସେ ହୁଏ ତେବେ 'ଓ୍ୱଜୁ' କରିବା ମଧ୍ୟ ବଡ଼ କଷ୍ଟସାଧ୍ୟ ଜଣାପଡ଼ିବ । ନିସନ୍ଦେହ ସେ ନମାଜ ତହଜ୍ଜୁଦ୍ ପଢୁଥାଉ । ଯଦି ସାଧୁତା ଆଚରଣ ନିମନ୍ତେ ମନରେ ଭାବନା ଜାତ ନହୁଏ ଓ ଏଥିରେ ଅଗ୍ରସର ହେବାର ଆଗ୍ରହ ଓ ଉତ୍ସାହ ନହୁଏ, ତା'ହେଲେ ଆମ ସହିତ ସମ୍ପର୍କ ରଖିବା ଲାଭପ୍ରଦ ହେବ ନାହିଁ ।'

(ମଲଫୂଜାତ, ତୃତୀୟ ଭାଗ, ପୃ ୭୧୦-୭୧୧)

ଉକ୍ତ ସର୍ତ୍ତାବଳୀ ଅର୍ଥାତ ଏହି ଦଶମ ସର୍ତ୍ତ ମଧ୍ୟରେ ହଜରତ ମସିହ ମଉଦ୍ [ଅସ] ଙ୍କ ସହିତ ଅତି ନିବିଡ଼ ସମ୍ପର୍କ ରଖିବା ପ୍ରତି ଏପରି ଜୋର ଦିଆଯାଇଛି, ଯାହାର ଦୃଷ୍ଟାନ୍ତ କୌଣସି ସାଂସାରିକ ବନ୍ଧୁ ବାନ୍ଧବ ବା ଆତ୍ମୀୟଙ୍କ ପ୍ରତି ଥିବାର ଆଭାସ ମିଳେ ନାହିଁ । ଏହାର କାରଣ କେବଳ ଆମ ପ୍ରତି ତାଙ୍କର ସହାନୁଭୂତି । ଆମକୁ ବିନାଶ ହେବାରୁ ବଞ୍ଚାଇ ରଖିବା ପାଇଁ ମହାଶୟ କହିଛନ୍ତି ଯେ ବାସ୍ତବିକ୍ ଇସ୍‌ଲାମ କେବଳ ଓ କେବଳ ଆପଣଙ୍କୁ ମାନିବା ଦ୍ୱାରା ହିଁ ମିଳିପାରିବ । ଯଦି ନିଜକୁ ସଂସାର ସାଗରରେ ବୁଡ଼ିବାରୁ ବଞ୍ଚିତ ହେବାକୁ ଚାହୁଁଛ, ତେବେ ନିଶ୍ଚିତ ରୂପେ ଆମଙ୍କୁ ହଜରତ୍ ମସିହ ମଉଦ୍ [ଅସ] ଙ୍କ ନୌକାରେ ଆରୋହଣ କରିବାକୁ ହେବ ।

ମହାମାନ୍ୟ କହିଛନ୍ତି 'ଏବେ ମୋ ଆଡ଼କୁ ଦୌଡ଼ି ଆସ, କାରଣ ସମୟ ଅଛି । ଯେଉଁ ବ୍ୟକ୍ତି ଏବେ ମୋ ପାଖକୁ ଧାଇଁ ଆସୁଛି, ତା'ର ତୁଳନା ସେହି ବ୍ୟକ୍ତି ପରି ଯିଏ ଠିକ ଝଡ଼ ତୋଫାନ ବେଳେ ଜାହାଜରେ ବସି ଯାଉଛି । ଯିଏ ମୋତେ ମାନୁନାହିଁ, ମୁଁ ଦେଖୁଛି ସେ ନିଜକୁ ସେହି ଝଡ଼ ତୋଫାନରେ ଗ୍ରାସ କରି ନେଉଛି ଓ ତା'ପାଖରେ ବଞ୍ଚିବାର କୌଣସି ସାଧନ ନାହିଁ । ପ୍ରକୃତ ସୁପାରିଶ ବ୍ୟକ୍ତି ହେଉଛି ମୁଁ । ଯେହେତୁ ମୁଁ ସେହି ମହାମାନ୍ୟ ସୁପାରିଶକାରୀଙ୍କ ଅର୍ଥାତ୍ ମୁହମ୍ମଦ [ସଅ] ଙ୍କ ଛାୟା ଏବଂ ତାଙ୍କର ଆଧ୍ୟାତ୍ମିକ ପ୍ରତିବିମ୍ବ, ଯାହାକୁ ଏହି ଯୁଗର ଧର୍ମାନ୍ଧମାନେ ସ୍ୱୀକାର କଲେନାହିଁ ଏବଂ ତାଙ୍କର ଅତ୍ୟନ୍ତ ଅପମାନ କଲେ ।'

(ଦଫିଉଲ୍ ବଲା, ରୁହାନି ଖିଦାଇନ୍, ଭାଗ ୧୮, ପୃ ୨୩୩)

ମହାଶୟ ଏହା ଏଥିପାଇଁ କହିଛନ୍ତି କାରଣ ହଜରତ୍ ମୁହମ୍ମଦ [ସଅ] ଙ୍କ ଭବିଷ୍ୟତବାଣୀ ଅନୁଯାୟୀ ସେ ମସିହ ମଉଦ୍ ହେବାର ଦାବୀ ଘୋଷଣା କରିଛନ୍ତି ।

## ହଜରତ୍ ମସିହ ମଉଦ୍ [ଅସ] ଙ୍କ ହାତରେ ବୈଅତ କରିବାରେ ଦୁଇଟି ଲାଭ

ପୁଣି ସେ କହିଛନ୍ତି; 'ଏହି ବୈଅତ୍ ଦ୍ୱାରା ଯାହାକି ମୋ ହାତରେ କରାଯାଉଛି, ସେଥିରେ ଦୁଇଗୋଟି ଲାଭ ରହିଛି । ପ୍ରଥମତଃ ପାପକୁ କ୍ଷମା କରାଯାଇଥାଏ । ଓ ପ୍ରଭୁଙ୍କ ପ୍ରତିଶ୍ରୁତି ଅନୁଯାୟୀ ମନୁଷ୍ୟ ମୁକ୍ତି ପାଇବାର ଅଧିକାରୀ ହୋଇଥାଏ । ଦ୍ୱିତୀୟତଃ ଅବତାରଙ୍କ ସମ୍ମୁଖରେ ତୌବା (ପ୍ରାୟଶ୍ଚିତ) କଲେ ଶକ୍ତି ମିଳିଥାଏ ଓ ମନୁଷ୍ୟ ଦୂରାତ୍ମାର ଆକ୍ରମଣରୁ ରକ୍ଷାପାଏ । ମନେରଖ ! ଉକ୍ତ

ସମ୍ପ୍ରଦାୟରେ ପ୍ରବେଶ କରିବାର ଉଦ୍ଦେଶ୍ୟ ସାଂସାରିକ ଭୋଗ ବିଳାସ ନହେଉ । ବରଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ଏହାର ଆଭିମୁଖ୍ୟ ହେଉ । କାରଣ ସଂସାର ତ ମରଣଶୀଳ ସ୍ଥାନ । ତାହା ତ କୌଣସି ମତେ ଅତିକ୍ରାନ୍ତ ହୋଇଯିବ ।

**'ଶବ୍ ତନୁର ଗୁଜସ୍ତ ଓ ଶବ୍ ସମୁର୍ ଗୁଜସ୍ତ'** ଅର୍ଥାତ ଉଷ୍ମ ରାତ୍ରି ମଧ୍ୟ ବିତିଯାଏ ଓ ଶୀତଳ ରାତି ମଧ୍ୟ ବିତିଯାଏ । ସଂସାର ଓ ଏହାର ଉଦ୍ଦେଶ୍ୟକୁ ସଂପୂର୍ଣ୍ଣ ଅଲଗା ରଖ । ଏହାକୁ ଧର୍ମ ସହିତ କଦାପି ମିଳାଅ ନାହିଁ । କାରଣ ସଂସାର ଓ ଏଥିରେ ଥିବା ସମସ୍ତ ବସ୍ତୁ ଅବଶ୍ୟ ଲୋପ ପାଇଯିବ । କିନ୍ତୁ ଧର୍ମ ଓ ଏହାର ପରିଣତି ଚିରସ୍ଥାୟୀ ।'

(ମଲଫୁଜାତ୍, ଭାଗ ୬, ପୃ : ୧୪୫)

# ଚଳିତ ଯୁଗର ଅଭେଦ୍ୟ ଦୁର୍ଗ ହଜରତ ମସିହ ମଉଦ[ଅସ]

ପୁଣି ମହାଶୟ କହିଛନ୍ତି 'ହେ ମୋର ସ୍ନେହବତ୍ସଳ ! ହେ ମୋର ପ୍ରିୟମାନେ ! ମୋର ଅସ୍ତିତ୍ୱର ସବୁଜ ଶାଖାମାନେ ! ପ୍ରଭୁଙ୍କ ଦୟା ଓ କରୁଣା ଯାହା ତୁମ ଉପରେ ରହିଛି, ସେଥିପାଇଁ ମୋର ବୈଅତରେ ସାମିଲ ହୋଇଛ । ନିଜର ଜୀବନ, ନିଜର ସୁଖ, ନିଜର ଧନ ଏହି ପଥରେ ଅର୍ପଣ କରୁଛ । ଯଦିଓ ମୁଁ ଜାଣେ ଯେ ମୁଁ ଯାହାକିଛି କହିବି, ଏହାକୁ ସ୍ୱୀକାର କରିବା ନିଜର ସୌଭାଗ୍ୟ ମନେ କରିବ ଓ ଯଥାଶକ୍ତି ଏଥିରୁ ପଛଘୁଞ୍ଚା ଦେବନାହିଁ । ତଥାପି ମୁଁ ଉକ୍ତ ସେବା ପାଇଁ ନିଶ୍ଚିତ ରୂପେ ନିଜ ତୁଣ୍ଡରୁ କୌଣସି କର୍ତ୍ତବ୍ୟ ନିର୍ଦ୍ଧାରଣ କରୁନାହିଁ । କାରଣ ଯେ ତୁମର ସେବା ମୋର କହିବା ଅନୁଯାୟୀ ବାଧ୍ୟତାମୂଳକ ନହେଉ ବରଂ ଏହା ଖୁସିର ସହିତ ହେଉ । ମୋର, ବନ୍ଧୁ କିଏ ? ଏବଂ ମୋ ପ୍ରିୟପାତ୍ର କେଉଁମାନେ ? ସେହି ଯିଏ ମୋତେ ଚିହ୍ନିଛି ଏବଂ ମୋତେ କିଏ ଚିହ୍ନିଛି ? କେବଳ ସେହି ଯିଏ ମୋ ଉପରେ ବିଶ୍ୱାସ ରଖୁଛି ଯେ ମୋତେ ପ୍ରେରଣ କରାଯାଇଛି ଓ ମୋତେ ସେହିପରି ସ୍ୱୀକାର କରୁଛି ଯେପରି ପ୍ରେରିତ ମହାପୁରୁଷମାନଙ୍କୁ ସ୍ୱୀକାର କରାଯାଏ । ସାଂସାରିକ ଲୋକେ ମୋତେ ଗ୍ରହଣ କରିପାରିବେ ନାହିଁ । କାରଣ ମୁଁ ସଂସାର ମଧ୍ୟରୁ ନୁହେଁ । କିନ୍ତୁ ଯାହାଙ୍କ ସ୍ୱଭାବରେ ସେହି ଆଧ୍ୟାତ୍ମିକ ଜଗତର ଅଂଶ ଦିଆଯାଇଛି, ସେମାନେ ମୋତେ ଗ୍ରହଣ କରନ୍ତି ଓ କରିବେ । ଯେଉଁମାନେ ମୋତେ ଛାଡ଼ି ଦିଅନ୍ତି, ସେମାନଙ୍କୁ ସେ ଛାଡ଼ି ଦିଅନ୍ତି, ଯିଏ ମୋତେ ପ୍ରେରଣ କରିଛନ୍ତି । ଏବଂ ଯିଏ ମୋ ସହିତ ସମ୍ପର୍କ ରଖିଛି, ସେ ତା ସହିତ ସମ୍ପର୍କ ରଖିଥାଏ ଯାହାଙ୍କ ତରଫରୁ ମୋତେ ପଠାଯାଇଛି । ମୋ ହସ୍ତରେ ଏକ ଦୀପ ଅଛି । ଯେଉଁ ବ୍ୟକ୍ତି ମୋ ପାଖକୁ ଆସନ୍ତି, ସେ ନିଶ୍ଚୟ ଏହି ଜ୍ୟୋତି ଦ୍ୱାରା ପ୍ରକାଶିତ

ହେବେ । କିନ୍ତୁ ଯେଉଁ ବ୍ୟକ୍ତି ଭ୍ରାନ୍ତ ଧାରଣା ଓ ମନ୍ଦ ବିଚାରର ବଶବର୍ତ୍ତୀ ହୋଇ ଦୂରେଇ ଯାଆନ୍ତି, ତାଙ୍କୁ ଅନ୍ଧକାର ମଧ୍ୟରେ ଛାଡ଼ି ଦିଆଯିବ । ଚଳିତ ଯୁଗର ଅଭେଦ ଦୁର୍ଗ ମୁଁ । ଯିଏ ମୋ ମଧ୍ୟରେ ପ୍ରବେଶ କରିଯାଏ, ସେ ଚୋର, ଖଣ୍ଟ ଓ ହିଂସ୍ର ପ୍ରାଣୀଙ୍କ ଠାରୁ ନିଜର ଜୀବନ ବଞ୍ଚାଇ ପାରିବ । କିନ୍ତୁ ଯେଉଁ ବ୍ୟକ୍ତି ମୋ ପରି କାନ୍ଥରୁ ଦୂରେଇ ରହିବାକୁ ଇଚ୍ଛା କରୁଛି, ସେ ସର୍ବତ୍ର ମୃତ୍ୟୁର ସମ୍ମୁଖୀନ ହେବ ଓ ତା'ର ଶବ ମଧ୍ୟ ସୁରକ୍ଷିତ ରହିବ ନାହିଁ । ମୋ ମଧ୍ୟରେ କିଏ ପ୍ରବେଶ କରେ ? ସେହି ଯିଏ କୁକର୍ମକୁ ଛାଡ଼ିଦିଏ ଓ ସତକର୍ମକୁ ଆପଣାଇ ନିଏ । ଯିଏ ମିଥ୍ୟାକୁ ପରିତ୍ୟାଗ କରେ ଓ ସତପଥର ଅନୁଗାମୀ ହୁଏ ତଥା ଶୈତାନର ଦାସତ୍ୱରୁ ସ୍ୱତନ୍ତ୍ର ହୁଏ ଓ ପ୍ରଭୁଙ୍କର ଏକ ଆଜ୍ଞାକାରୀ ଭକ୍ତ ହୋଇଯାଏ । ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ଏପରି କରି ଥାଆନ୍ତି, ସେମାନେ ମୋ ମଧ୍ୟରେ ଥାଆନ୍ତି ଓ ମୁଁ ତାଙ୍କ ମଧ୍ୟରେ ଥାଏ । କିନ୍ତୁ ଏପରି କରିବାରେ କେବଳ ସେ ହିଁ ସକ୍ଷମ ହୋଇପାରେ, ଯାହାକୁ 'ନଫସେ ମୁଜକ୍କା' ଅର୍ଥାତ୍ ପବିତ୍ର ଆତ୍ମାର ଛାୟାରେ ସଂଶ୍ଳିଷ୍ଟ କରିଦିଏ । ସେତେବେଳେ ସେ ନିଜ ଆତ୍ମାର ନରକାଗ୍ନି ମଧ୍ୟରେ ନିଜର ପାଦ ରଖିଦିଏ । ଯା'ଫଳରେ ସେହି ନିଆଁ ଏପରି ଶୀତଳ ହୋଇଯାଏ, ସତେ ଯେପରି ଏଥିରେ ନିଆଁ ହିଁ ନଥିଲା । ସେତେବେଳେ ସେ ଉନ୍ନତି ପରେ ଉନ୍ନତି କରିଚାଲେ । ଏପରିକି ବ୍ରହ୍ମାତ୍ମା ତା' ଆତ୍ମା ମଧ୍ୟରେ ବାସ କରେ । ସେ ଏକ ବିଶେଷ ଐଶ୍ୱର୍ଯ୍ୟ ସହିତ ତା' ହୃଦୟରେ ପାଳନକର୍ତ୍ତା ବାସ କରନ୍ତି । ସେତେବେଳେ ତା'ର ପୁରାତନ ଅମାନବୀୟ ପ୍ରବୃତ୍ତି ଜଳି ଭସ୍ମ ହୋଇଯାଏ ଏବଂ ଏକ ପବିତ୍ର ଓ ସ୍ୱଚ୍ଛ ମାନବିକତା ତାକୁ ପ୍ରଦାନ କରାଯାଏ । ଅଲ୍ଲାଃତାଲା ମଧ୍ୟ ଏକ ନବୀନ ସତ୍ତା ହୋଇ ବିଶେଷ ସ୍ଥିତିରେ ତା' ସହିତ ସମ୍ପର୍କ ସ୍ଥାପନ କରନ୍ତି । ସ୍ୱର୍ଗୀୟ ଜୀବନର ପ୍ରତ୍ୟେକ ଉପାଦାନ ତାକୁ ଏହି ଦୁନିଆରେ ମିଳିଯାଏ ।' (ଫତାହ୍ ଇସଲାମ, ରୁହାନି ଖଜାଇନ, ଭାଗ ୩, ପୃ : ୩୪-୩୫)

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ହଜରତ ମସିହ ମଉଦ୍ [ଅସ]ଙ୍କ ସହିତ କରିଥିବା ସବୁ ସଂକଳ୍ପକୁ ପୂରଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ତାଙ୍କ ବୈୟତର ସମସ୍ତ ସର୍ତ୍ତ ଉପରେ ଦୃଢ଼ତାର ସହିତ ପ୍ରତିଷ୍ଠିତ ରହି ତାଙ୍କ ଶିକ୍ଷାରେ ଅନୁପ୍ରାଣୀତ କରାନ୍ତୁ । ତେବେ ଯାଇ ନିଜ ଜୀବନକୁ ବୈକୁଣ୍ଠ ସମାନ ଗଢି ତୋଳିବା ସହିତ ପରକାଳରେ ମଧ୍ୟ ସ୍ୱର୍ଗପୁରର ଅଧିକାରୀ ହୋଇପାରିବ । ଅଲ୍ଲାଃତାଲା ଆମମାନଙ୍କର ସହାୟ ହୁଅନ୍ତୁ, ଆମିନ । (ଖୁତବା ଜୁମା, ୧୯ ସେପ୍ଟେମ୍ବର ୨୦୦୩, ମସ୍‌ଜିଦ୍ ଫଜଲ ଲଣ୍ଡନ)

# ହଜରତ୍ ମସିହ ମଉଦ୍[ଅସ] ଙ୍କର ଦୀକ୍ଷା ନେବା ପରେ

# ଆଧ୍ୟାତ୍ମିକ ପରିବର୍ତ୍ତନ

# ସମ୍ବନ୍ଧୀୟ କେତେକ ବିଶ୍ୱାସବର୍ଦ୍ଧକ ଘଟଣା

**"ତୁମଙ୍କୁ ସୁସମ୍ବାଦ ଦିଆ ଯାଉଅଛି ଯେ ତୁମେମାନେ ଏବେ ଉଚ୍ଚ ନୈତିକ ଉପଦେଶ ଅଧୀନସ୍ଥ ହୋଇ ସର୍ବଦା ରହିବ ।"**

﴿يٰۤاَيُّهَا النَّبِىُّ اِذَا جَآءَكَ الۡمُؤۡمِنٰتُ يُبَايِعۡنَكَ عَلٰٓى اَنۡ لَّا يُشۡرِكۡنَ بِاللّٰهِ شَيۡـئًا وَّلَا يَسۡرِقۡنَ وَلَا يَزۡنِيۡنَ وَلَا يَقۡتُلۡنَ اَوۡلَادَهُنَّ وَلَا يَاۡتِيۡنَ بِبُهۡتَانٍ يَّفۡتَرِيۡنَهٗ بَيۡنَ اَيۡدِيۡهِنَّ وَاَرۡجُلِهِنَّ وَلَا يَعۡصِيۡنَكَ فِىۡ مَعۡرُوۡفٍ فَبَايِعۡهُنَّ وَاسۡتَغۡفِرۡ لَهُنَّ اللّٰهَ ؕ اِنَّ اللّٰهَ غَفُوۡرٌ رَّحِيۡمٌ﴾

ପୂର୍ବ ଖୁତ୍‌ବାରେ ଦୀକ୍ଷାର ଦଶମ ତଥା ଅନ୍ତିମ ସର୍ତ୍ତ ବିଷୟରେ ବର୍ଣ୍ଣନା କରିଥିଲି । କିନ୍ତୁ 'ତାଅତ୍ ବିଲ୍ ମାରୁଫ୍' (ଉଚ୍ଚ ନୈତିକ ଉପଦେଶ ପାଳନ) ବିଷୟରେ ପୁଣି କିଛି ସ୍ପଷ୍ଟୀକରଣ ଦେବାକୁ ଚାହୁଁଛି ।

## ତାଅତ୍ ବିଲ୍ ମାରୁଫର ଯଥୋଚିତ ବ୍ୟାଖ୍ୟା ଓ ସ୍ପଷ୍ଟୀକରଣ

ଉକ୍ତ ଆୟତ୍ ଯାହା ମୁଁ ଆବୃତ୍ତି କଲି, ଏଥିରେ ନାରୀମାନଙ୍କୁ ଏହି ମୌଳିକ ନୀତି ଉପରେ ଦୀକ୍ଷା ନେଇ ସଂକଳ୍ପବଦ୍ଧ ହେବାକୁ ତାଗିଦ୍ କରାଯାଇଛି ଯେ ଶିର୍କ କରିବେ ନାହିଁ (କାହାରିକୁ ଅଲ୍ଲାଃଙ୍କର ସମକକ୍ଷ କରିବେ ନାହିଁ), ଚୋରି କରିବେ ନାହିଁ, ବ୍ୟଭିଚାର କରିବେ ନାହିଁ, ସନ୍ତାନଙ୍କୁ ହତ୍ୟା କରିବେ ନାହିଁ (ଅର୍ଥାତ ଭ୍ରୁଣ ହତ୍ୟା) ଏବଂ ସନ୍ତାନମାନଙ୍କ ସଂସ୍କାର ମୂଳକ ପ୍ରଶିକ୍ଷଣ ପ୍ରତି ଧ୍ୟାନ ଦେବେ । କାହାରି ପ୍ରତି ମିଥ୍ୟା ଆରୋପ ଲଗାଇବେ ନାହିଁ ଓ ଉଚ୍ଚକୋଟିର ଯଥୋଚିତ ଆଦେଶର ଅବଜ୍ଞା କରିବେ ନାହିଁ ।

ଏବେ ଏଠାରେ ପ୍ରଶ୍ନ ହେଉଛି ଯେ କଣ ଅଲ୍ଲାଃତାଲାଙ୍କ ତରଫରୁ ପ୍ରେରିତ ନବୀ ନିଯୁକ୍ତ ହୋଇ ମଧ୍ୟ ଏପରି ଆଦେଶ ଦେଇପାରେ ଯାହା ଅଭିଜ୍ଞ ନିଷ୍ପତ୍ତିର ବିରୁଦ୍ଧ ଥାଏ ? ଯଦି ଜଣେ ନବୀ ଅନୁଚିତ୍ ଆଦେଶ ଦେଇପାରନ୍ତି, ତେବେ ସ୍ପଷ୍ଟତଃ

ଖଲିଫାମାନଙ୍କ ପାଇଁ ମଧ୍ୟ ଏହି ଆଦେଶ ରହିଥିବ ଯେ ସେମାନେ ମଧ୍ୟ ଏପରି ଆଦେଶ ଦେଇପାରିବେ, ଯାହା ନୈତିକତାର ପ୍ରତିକୂଳ ହେବ । ଏଣୁ ଏହା ସୁସ୍ପଷ୍ଟ ଯେ ନବୀ କଦାପି ଏପରି ଉପଦେଶ ଦେଇ ପାରିବେ ନାହିଁ । ନବୀ ଯାହା କହିବେ ଉତ୍ତମ ଓ ଉଚିତ୍ କଥା ହିଁ କହିବେ । ଏହାଛଡ଼ା ଅନ୍ୟ କିଛି କହିବାର ପ୍ରଶ୍ନ ହିଁ ଉଠୁନାହିଁ । ତେଣୁ ପବିତ୍ର କୁର୍ଆନର କେତେକ ସ୍ଥାନରେ ଆଦେଶ ରହିଛି ଯେ ଅଲ୍ଲାଃ ଓ ରସୁଲ୍‌ଙ୍କର ଆଦେଶଗୁଡିକୁ ପାଳନ କର ଓ ଏହାକୁ କାର୍ଯ୍ୟରେ ପରିଣତ କର । କୌଣସି ସ୍ଥାନରେ ଏପରି ଉଲ୍ଲେଖ ନାହିଁ ଯେ ଯେଉଁ ମାରୁଫ୍ ଆଦେଶ ରହିଛି, କେବଳ ତାହା ପାଳନ କର । ଅର୍ଥାତ ଏଠାରେ କେବଳ ଉଚ୍ଚ ନୈତିକ ଉପଦେଶ ମୂଳକ ଆଦେଶ କଥା କୁହାଯାଇ ନାହିଁ ।

ତେବେ ପୁନଃ ପ୍ରଶ୍ନ ଉଠୁଛି ଯେ ଦୁଇଟି ଅଲଗା ଅଲଗା ଆଦେଶ କାହିଁକି ରହିଛି ? ବାସ୍ତବିକ୍ ଏହା ଦୁଇଟି ପୃଥକ ଆଦେଶ ନୁହେଁ, ବରଂ ବୁଝିବାରେ ଭୁଲ୍ ରହିଛି । ଯେପରି ମୁଁ ପ୍ରଥମରୁ କହିଛି ଯେ ନବୀଙ୍କର ଯାହା ନିର୍ଦ୍ଦେଶ ହେବ, ତାହା ମାରୁଫ ବା ନୀତିସଙ୍ଗତ ହେବ । ନବୀ କଦାପି ଅଲ୍ଲାଃତାଲାଙ୍କ ଆଦେଶ ବିରୁଦ୍ଧରେ ଶରିୟତ୍‌ର ନୀତି ନିୟମର ବିରୋଧ କରିପାରିବ ନାହିଁ । ସେ ତ ଧର୍ମୀୟ ବିଧାନକୁ ପ୍ରତିଷ୍ଠା କରିବା ପାଇଁ ହିଁ ନିଯୁକ୍ତ କରା ଯାଇଥାନ୍ତି । ତେଣୁ ସେ ଯେଉଁ କାର୍ଯ୍ୟ ପାଇଁ ନିଯୁକ୍ତ ହୋଇଛନ୍ତି, ତା'ର ବିରୁଦ୍ଧ କିପରି କରିପାରିବେ । ଏହା ତୁମ ପାଇଁ ଏକ ଶୁଭ ସୂଚନା ଯେ ତୁମେ ନବୀକୁ ମାନି ନିୟୋଜିତ ହୋଇଥିବା ଯୁଗାବତାରଙ୍କ ଆଜ୍ଞାବହ ହୋଇ ଜମାଅତରେ ସଂପୃକ୍ତ ଥାଇ ସ୍ୱୟଂ ନିଜକୁ ସୁରକ୍ଷିତ କରିନେଇଛ । ତୁମେ ସୁରକ୍ଷିତ, ତେଣୁ ତୁମ ପାଇଁ ଏବେ ଆଉ କୌଣସି ଅନୈତିକ ଆଦେଶ ହିଁ ନାହିଁ । ଯାହା ଆଦେଶ ରହିଛି ସେ ସବୁ ଅଲ୍ଲାଃତାଲାଙ୍କର ପସନ୍ଦଯୋଗ୍ୟ । ହଜରତ୍ ଖଲିଫତୁଲ ମସିହ୍ ପ୍ରଥମ[ରଅ] ଏହାର ବ୍ୟାଖ୍ୟା କରି କହିଛନ୍ତି :

ଆଉ ଏକ ଭୁଲ୍ ରହିଯାଇଛି 'ତାଅତ୍ ଦର ମାରୁଫ' ଅର୍ଥାତ (ଉତ୍ତମ ଆଦେଶ ପାଳନ)ର ଅର୍ଥ ବୁଝିବାରେ । ଯେଉଁ କାର୍ଯ୍ୟମାନଙ୍କୁ ଆମେ 'ମାରୁଫ' ବା ଉଚ୍ଚ ନୈତିକତା ସଂପନ୍ନ ବୋଲି ନ ବୁଝିପାରୁ, ତାହାକୁ ଆମେ ପାଳନ କରିବା ନାହିଁ । ଏହି ଶବ୍ଦ ହଜରତ ମୁହମ୍ମଦ[ସଅ]ଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହୋଇଛି ।

**(ଅଲ୍ ମୁମ୍‌ତହନା ୧୩)**

يَأْمُرُهُمْ بِالْمَعْرُوْفِ

କ'ଣ ଏବେ ଏପରି ଲୋକମାନେ ହଜରତ ମୁହମ୍ମଦ[ସଅ]ଙ୍କ ଅବଗୁଣର କୌଣସି ସୂଚୀ ତିଆରି କରିଛନ୍ତି ? ସେହିପରି ହଜରତ ମସିହ ମଉଦ୍[ଅସ] ମଧ୍ୟ ଦୀକ୍ଷାର ସର୍ତ୍ତରେ 'ତାଅତ୍ ଦର ମାରୁଫ' ଉଲ୍ଲେଖ କରିଛନ୍ତି । ଏଥିରେ ଏକ ରହସ୍ୟ ଅଛି । ମୁଁ ତୁମମାନଙ୍କ ମଧ୍ୟରୁ କାହାରି ପ୍ରତି କଦାପି କୌଣସି ପ୍ରକାରର ମନ୍ଦ ବିଚାର ରଖିନାହିଁ । ମୁଁ ଏହି ବିଷୟକୁ ଏଥିପାଇଁ ପ୍ରକାଶ କଲି, ଯଦ୍ୱାରା ତୁମ ମଧ୍ୟରୁ କାହାରିକୁ ଗୁପ୍ତ ଭାବେ କୌଣସି ଧୋକା ନହେଉ ।

(ଖୁତ୍‌ବା ଇଦୁଲ୍ ଫିତର୍, ୧୫ ଅକ୍ଟୋବର ୧୯୦୯, ଖୁତ୍‌ବାତେ ନୁର, ପୃ : ୪୨୦-୪୨୧)

ହଜରତ ମସିହ ମଉଦ୍[ଅସ] يَأْمُرُهُمْ بِالْمَعْرُوْفِ 'ଯାମୁରୁ ହୁମ୍ ବିଲ୍‌ମାରୁଫି'ର ବ୍ୟାଖ୍ୟା କରି କହିଛନ୍ତି : 'ଏହି ନବୀ[ସଅ] ସେ ବିଷୟର ଆଦେଶ ଦେଉଛନ୍ତି ଯାହା ବୁଦ୍ଧିର ପରିପନ୍ଥୀ ନୁହେଁ । ସେହି ବିଷୟରୁ ବାରଣ କରୁଛନ୍ତି, ଯାହାକୁ କରିବା ପାଇଁ ବିବେକ ମନା କରୁଛି । ପବିତ୍ର ବସ୍ତୁକୁ ବୈଧ ଓ ଅପବିତ୍ର ବସ୍ତୁକୁ ଅବୈଧ ହେବାର ସୂଚାଇ ଦେଉଛନ୍ତି । ଏବଂ ଧର୍ମାବଲମ୍ବୀ ଗୋଷ୍ଠିମାନଙ୍କର ମୁଣ୍ଡ ଉପରୁ ସେ ବୋଝକୁ ଓହ୍ଲାଇ ଦେଇଛନ୍ତି, ଯାହା ତଳେ ସେମାନେ ଦବି ହୋଇ ରହିଥିଲେ । ସେ ବେକମାନଙ୍କରେ ପଡ଼ିଥିବା ଶିକୁଳିରୁ ମୁକ୍ତି ପ୍ରଦାନ କରୁଛନ୍ତି ଯେଉଁଥି ପାଇଁ ସେମାନଙ୍କ ବେକ କେବେ ସଳଖି ହୋଇ ପାରୁ ନଥିଲା । ତେଣୁ ଯେଉଁମାନେ ତାଙ୍କ ଉପରେ ବିଶ୍ୱାସ ଆଣିବେ ଏବଂ ସେଥିରେ ସଂପୃକ୍ତ ଥାଇ ତାଙ୍କୁ ନିଜର ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରିବେ ତଥା ସେହି ଜ୍ୟୋତିର ଅନୁସରଣ କରିବେ ଯାହାକି ତାଙ୍କ ପ୍ରତି ଅବତୀର୍ଣ୍ଣ ହୋଇଛି, ତା'ହେଲେ ଇହକାଳ ଓ ପରକାଳର ଯାବତୀୟ କଷ୍ଟରୁ ମୁକ୍ତି ଲାଭ କରିବେ ।'

(ବରାହିନେ ଅହମଦିଆ, ଭାଗ ୫, ରୁହାନି ଖଜାଏନ୍, ଭାଗ ୨୧, ପୃ : ୪୨୦)

ସୁତରାଂ ଯେତେବେଳେ ନବୀ ଅଲ୍ଲାଃତାଲାଙ୍କ ଆଦେଶ ପାଳନ କରନ୍ତି, ସେ ସେହି ଆଦେଶ ଦେଇଥାନ୍ତି ଯାହାକୁ ତାଙ୍କ ବିବେକ ମଧ୍ୟ ସ୍ୱୀକାର କରିଥାଏ । ସେ ମନ୍ଦ କଥାରୁ ବାରଣ କରିଥାନ୍ତି ଓ ଭଲ କଥାର ଉପଦେଶ ଦେଇଥାନ୍ତି ଯାହାର ସେମାନେ ବ୍ୟତିକ୍ରମ କହିପାରିବେ ନାହିଁ । ତେଣୁ ଖଲିଫା ମଧ୍ୟ ନବୀଙ୍କ ପରେ ତାଙ୍କ ମିଶନ୍‌କୁ ଚଳାଇବା ପାଇଁ ଅଲ୍ଲାଃଙ୍କ ତରଫରୁ ବିଶ୍ୱାସକାରୀମାନଙ୍କର ଏକ ଜମାଅତ୍ ଦ୍ୱାରା ନିର୍ଦ୍ଧାରିତ କରା ଯାଇଥାନ୍ତି । ସେ ମଧ୍ୟ ଉକ୍ତ ଶିକ୍ଷା ଅନ୍ତର୍ଗତ ସେହି ଆଦେଶମାନଙ୍କୁ ଆଗକୁ ବଢ଼ାଇଥାନ୍ତି, ଯାହାକୁ ଅଲ୍ଲାଃତାଲା ନବୀ[ସଅ]ଙ୍କ ଦ୍ୱାରା ଆମମାନଙ୍କ ପର୍ଯ୍ୟନ୍ତ ପହଂଚାଇଲେ । ବର୍ତ୍ତମାନ ଯୁଗରେ ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟତ ବାଣୀ ଅନୁଯାୟୀ ହିଁ ହଜରତ ମସିହ୍ ମଉଦ୍[ଅସ] ଆମଙ୍କୁ ସ୍ପଷ୍ଟ ରୂପେ ବତାଇଦେଲେ । ତେଣୁ ଏବେ ସେହି ଖିଲାଫତ୍‌ର ଶାସନ ବ୍ୟବସ୍ଥା ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟତବାଣୀ ଅନୁଯାୟୀ

ହଜରତ ମସିହ ମଉଦ୍[ଅସ]ଙ୍କ ଦ୍ୱାରା ଜମାଅତ୍‌ରେ ପ୍ରତିଷ୍ଠା ହୋଇ ସାରିଛି ତଥା ଈଶ୍ୱର ଚାହିଲେ କୟାମତ୍ ପର୍ଯ୍ୟନ୍ତ ଜାରି ରହିବ । ଏଥିରେ ଧର୍ମନୀତି ଓ ବିବେକାନୁମୋଦିତ ନିଷ୍ପତ୍ତି ହେଉଛି, ଯାହା ପ୍ରଭୁ ଇଚ୍ଛା କଲେ ହୋଇ ଚାଲିଥିବ । ଏହା ହିଁ ଉଚ୍ଚ ନୈତିକ ନିଷ୍ପତ୍ତି । ଯଦି କେବେ ସମୟର ଖଲିଫାଙ୍କ ଭୁଲ୍ ବୁଝାମଣା ହେତୁ କୌଣସି ଏପରି ନିଷ୍ପତ୍ତି ହୋଇଯାଏ ଯଦ୍ୱାରା ଜମାଅତର କ୍ଷତି ହେବାର ଆଶଙ୍କା ଥାଏ, ତେବେ ଅଲ୍ଲାଃତାଲା ସ୍ୱୟଂ ଏପରି ଅବସ୍ଥା ଉତ୍ପନ୍ନ କରିଦିଅନ୍ତି, ଯେ ତାହାର ମନ୍ଦ ପରିଣାମ କଦାପି ବାହାରେ ନାହିଁ ନା କେବେ ବାହାରିବ । ଏ ସମ୍ବନ୍ଧରେ ହଜରତ ମୁସ୍‌ଲେହ୍ ମଉଦ୍[ରଅ] କହିଛନ୍ତି:

'ଏହା ତ ହୋଇପାରେ ଯେ ନିଜ ବ୍ୟକ୍ତିଗତ ସମସ୍ୟାରେ ସମୟର ଖଲିଫାଙ୍କ ଦ୍ୱାରା କୌଣସି ଭୁଲ ହୋଇପାରେ । କିନ୍ତୁ ସେହି ବିଷୟ ଯେଉଁଥିରେ ଜମାଅତ୍‌ର ଆଧ୍ୟାତ୍ମିକ ଓ ଭୌତିକ ଉନ୍ନତିର ଭିତ୍ତିଭୂମି ରହିଥିବ, ଯଦି ତାଦ୍ୱାରା କୌଣସି ଭୁଲ ହୋଇଯାଏ, ତେବେ ଅଲ୍ଲାଃତାଲା ସ୍ୱୟଂ ଜମାଅତ୍‌ର ରକ୍ଷା କରିଥାନ୍ତି । କୌଣସି ନା କୌଣସି ପ୍ରକାରେ ଖଲିଫାଙ୍କୁ ତାଙ୍କ ଭୁଲର ସୂଚନା ଦେଇଥାନ୍ତି ।

ସନ୍ଥମାନଙ୍କ କଥନ ଅନୁସାରେ ଏହାକୁ 'ଇସ୍ମତେ-ସୁଗ୍‌ରା' କୁହାଯାଏ, ଅର୍ଥାତ ଛୋଟ ଧରଣର ପବିତ୍ରତା । ଅତଏବ ନବୀମାନଙ୍କୁ ତ 'ଇସ୍ମତେ କୁବ୍‌ରା' ପ୍ରାପ୍ତ ହୋଇଥାଏ ଅର୍ଥାତ ବଡ଼ ଧରଣର ପବିତ୍ରତା । ଅଲ୍ଲାଃତାଲା ସେମାନଙ୍କ ଦ୍ୱାରା କୌଣସି ବଡ଼ ଧରଣର ଭୁଲ୍ ହେବାକୁ ଦିଅନ୍ତି ନାହିଁ, ଯାହା ଜମାଅତ୍ ପାଇଁ ବିନାଶର କାରଣ ହେବ । ସେମାନଙ୍କ ନିଷ୍ପତ୍ତିରେ ଆଂଶିକ ଭାବରେ ଅତି ସାମାନ୍ୟ ଭୁଲ୍ ହୋଇପାରେ । କିନ୍ତୁ ପରିଶେଷରେ ଏହାର ପରିଣାମ ସ୍ୱରୂପ ଇସଲାମକୁ ହିଁ ବିଜୟ ପ୍ରାପ୍ତ ହେବ ଏବଂ ତା'ର ବିରୋଧୀମାନେ ପରାଜୟ ବରଣ କରିବେ । ଯେହେତୁ ସେମାନଙ୍କୁ 'ଇସ୍ମତେ କୁବ୍‌ରା' ପ୍ରାପ୍ତ ହୋଇଥାଏ, ତେଣୁ ଅଲ୍ଲାଃତାଲାଙ୍କ ନୀତି ଧାରା ତାହା ହିଁ ହୋଇଯିବ, ଯାହା ସେମାନଙ୍କର ଥିବ । ନିଃସନ୍ଦେହରେ ସେମାନଙ୍କ ତୁଣ୍ଡ କଥା କହୁଥିବ । ସେମାନଙ୍କ ହାତ ଚାଲୁଥିବ, ସେମାନଙ୍କ ମସ୍ତିଷ୍କ କାର୍ଯ୍ୟ କରୁଥିବ । ଅଥଚ ସେମାନଙ୍କ ପଛରେ ଅଲ୍ଲାଃତାଲାଙ୍କର ହାତ ରହିଥିବ । ସେମାନଙ୍କ ଦ୍ୱାରା ଆଂଶିକ ଭାବେ ସାଧାରଣ ଭୁଲ୍ ମଧ୍ୟ ହୋଇପାରେ । ବେଳେ ବେଳେ ତାଙ୍କ ପରାମର୍ଶଦାତା ମଧ୍ୟ ସେମାନଙ୍କୁ ଭୁଲ ମତ ଦେଇ ପାରିଥାନ୍ତି । କିନ୍ତୁ ସେ ମଧ୍ୟବର୍ତ୍ତୀ ବାଧାବିଘ୍ନ ଗୁଡିକୁ ଅତିକ୍ରମ କରି ଗଲେ ସଫଳତା ତାଙ୍କୁ ହିଁ ମିଳିବ । ଯେତେବେଳେ ସମସ୍ତ ଶିକୁଳି ଯୋଡ଼ି ହୋଇ ଏକ ଶୃଙ୍ଖଳ ହୋଇଯିବ, ସେତେବେଳେ ତାହା ହିଁ ନିର୍ଭୁଲ ଭାବେ କାର୍ଯ୍ୟ କରିବ । ତାହା ଏପରି ସୁଦୃଢ଼ ହେବ ଯେ କୌଣସି ଶକ୍ତି ତାକୁ ଭାଙ୍ଗି ପାରିବ

ନାହିଁ ।                                        (ତଫସିର କବିର୍, ଭାଗ ୬, ପୃ ୩୭୬-୩୭୭)

ପବିତ୍ର କୁରଆନ୍‌ରେ ଉଲ୍ଲେଖ ଅଛି :

﴿وَاَقۡسَمُوۡا بِاللّٰهِ جَهۡدَ اَيۡمَانِهِمۡ لَئِنۡ اَمَرۡتَهُمۡ لَيَخۡرُجُنَّ ؕ قُلۡ لَّا تُقۡسِمُوۡا ۚ طَاعَةٌ مَّعۡرُوۡفَةٌ ؕ اِنَّ اللّٰهَ خَبِيۡرٌۢ بِمَا تَعۡمَلُوۡنَ﴾

ଅର୍ଥାତ୍ 'ଏବଂ ସେମାନେ ଦୃଢ଼ତାର ସହିତ ଅଲ୍ଲାଃଙ୍କ ନାମରେ ରାଣ ଖାଇ ଶପଥ କଲେ । ଯଦି ତୁମ୍ଭେ ତାଙ୍କୁ ଆଜ୍ଞା ଦେବ, ସେ ଅବଶ୍ୟ ବାହାରି ପଡ଼ିବେ । ତୁମେ କହିଦିଅ ଯେ ସେମାନେ ରାଣ ନଖାଆନ୍ତୁ । ନୀତି ସଙ୍ଗତ ଉପାୟରେ ଆଜ୍ଞା ପାଳନ କରନ୍ତୁ । ଯାହା ତୁମେ କରୁଛ, ନିଃସନ୍ଦେହରେ ଅଲ୍ଲାଃ ତାହା ଜାଣୁଛନ୍ତି ।'

ଏହି ଆୟତ୍‌ର ପୂର୍ବ ଆୟତମାନଙ୍କରେ ମଧ୍ୟ ଆଜ୍ଞା ପାଳନ ବିଷୟରେ ବର୍ଣ୍ଣିତ ହୋଇ ଆସିଛି । ଜଣେ ବିଶ୍ୱାସକାରୀ ସର୍ବଦା ଏହା ହିଁ କହିଥାନ୍ତି ଯେ ଆମେ ଶୁଣିଲୁ ଓ ମାନିନେଲୁ । ଏହି ଧର୍ମନିଷ୍ଠତା (ତକୱା) ପାଇଁ ସେମାନେ ଅଲ୍ଲାଃତାଲାଙ୍କର ନିକଟବର୍ତ୍ତୀ ହୋଇଥାଆନ୍ତି ଓ ସର୍ବଦା ସଫଳ ହୁଅନ୍ତି ।

ଅତଏବ ଏହି ଆୟତ୍‌ରେ ମଧ୍ୟ ଏହା ଜଣାଇ ଦିଆଯାଇଛି ଯେ ବିଶ୍ୱାସକାରୀମାନଙ୍କ ପରି 'ଶୁଣ ଓ ପାଳନ କର' ର ଆଦର୍ଶ ଦେଖାଅ । ରାଣ ଖାଅ ନାହିଁ ଯେ ଆମେ ଏପରି କରିଦେବୁ, ସେପରି କରିଦେବୁ ଇତ୍ୟାଦି ।

ହଜରତ ମୁସ୍‌ଲେହ ମଉଦ୍[ରଅ] ଏହାର ବ୍ୟାଖ୍ୟା କରି କହିଛନ୍ତି ଯେ ମୁନାଫିକ୍ (କପଟ ବିଶ୍ୱାସୀ)ମାନେ ମଧ୍ୟ ଅନେକ ମିଥ୍ୟା ଦାବୀ କରୁଥାନ୍ତି । ତେଣୁ ବାସ୍ତବିକ୍ ଭାବେ ଓ ସଠିକ୍ ଉପାୟରେ ଆଜ୍ଞା ପାଳନ କରାଯିବା ଉଚିତ । କପଟ ବିଶ୍ୱାସୀଙ୍କ ପରି ବଢ଼ି ଚଢ଼ି କହୁଥିବା ସେହି ଲୋକମାନଙ୍କୁ ମୁଁ କହୁଛି ଯେ ଆଜ୍ଞାପାଳନ କରିବାର ଯେଉଁ ଉତ୍ତମ ପନ୍ଥା ରହିଛି, ତଦନୁସାରେ ଆଜ୍ଞା ପାଳନ କର । ନବୀ ତୁମମାନଙ୍କ କୌଣସି ନୀତି ବିରୁଦ୍ଧ ଓ ବିବେକହୀନ ଆଦେଶ ତ ଦିଅନ୍ତି ନାହିଁ, ଯେଉଁ ବିଷୟରେ ତୁମେ ପ୍ରଶ୍ନ କରୁଛ ।  ଉଦାହରଣ ସ୍ୱରୂପ ଯେପରି ହଜରତ ମସିହ୍ ମଉଦ୍[ଅସ] କହିଛନ୍ତି ଯଦି ମୋ ଦୀକ୍ଷାରେ ଅନ୍ତର୍ଭୁକ୍ତ ହୋଇଛ ଓ ମୋତେ ମାନୁଛ, ତେବେ ପାଂଚ ବେଳା ନମାଜରେ ଅଭ୍ୟସ୍ତ ହୋଇଯାଅ । ମିଥ୍ୟା ଛାଡ଼ିଦିଅ, ଅହଙ୍କାରକୁ ପରିହାର କର । ଲୋକମାନଙ୍କର ଅଧିକାରକୁ ଛଡାଇ ଆତ୍ମସାତ୍ କରନାହିଁ । ପରସ୍ପର ସ୍ନେହ, ଶ୍ରଦ୍ଧା ସହିତ ବସବାସ କର । ତାହେଲେ ଏସବୁ 'ତାଅତ୍ ଦର୍ ମାରୁଫ' ପାଳନର ଅନ୍ତର୍ଗତ ହୋଇ ପରିବ । ଯଦି କୌଣସି ବ୍ୟକ୍ତି ସେହି କର୍ମମାନ ନକରେ, ଓ ଖାଲି କହିବାରେ ଲାଗିଥାଏ ଯେ

ଆମେ ରାଣ ଖାଇ କହୁଛୁ  'ଆପଣ ଆମଙ୍କୁ ଯାହା ଆଦେଶ ଦେବେ, ଆମ୍ଭେ ତାହା ପାଳନ କରିବୁ ଓ ସ୍ୱୀକାର କରିବୁ, ତା'ହେଲେ ଏହା 'ତାଅତ ଦର୍ ମାରୁଫ' ନୁହେଁ ।'

ସେହିପରି ଖଲିଫାମାନଙ୍କ ତରଫରୁ ସମୟ ସମୟରେ ବିଭିନ୍ନ କଲ୍ୟାଣକାରୀ ଯୋଜନା ମଧ୍ୟ କରାଯାଉଛି । ଯେପରି କି ଆଧାତ୍ମିକ ଉନ୍ନତି ପାଇଁ ଅନେକ କାର୍ଯ୍ୟକ୍ରମ ରହିଛି ମସ୍‌ଜିଦ୍‌ମାନଙ୍କୁ ଉପାସନା ଭୁକ୍ତ କରିବା, ନିୟମିତ ଓ ସୁଚାରୁ ରୂପେ ନମାଜ ପାଠ କରିବା, ସନ୍ତାନମାନଙ୍କର ଶିକ୍ଷା ଓ ସଂସ୍କାର ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିବା, ନିଜ ଭିତରେ ସଦାଚାରର ସ୍ତରକୁ ଉନ୍ନତ କରିବା, ମହତ୍ ଆକାଂକ୍ଷା ପାଇଁ ପ୍ରୋତ୍ସାହିତ କରିବା, ଦାଓ୍ୱତ୍ ଇଲଲ୍ଲାହ୍ ବିଷୟରେ ଅର୍ଥାତ ଅଲ୍ଲାଃଙ୍କ ଆଡ଼କୁ ଡାକିବା ଏବଂ ବିଭିନ୍ନ ଆର୍ଥିକ ଅନୁଦାନ ମୂଳକ ସମସ୍ତ ଯୋଜନା ପ୍ରସ୍ତୁତ କରିବା ଆଦି ସମସ୍ତ ବିଷୟକୁ କାର୍ଯ୍ୟକାରୀ ମଧ୍ୟ ଆବଶ୍ୟକ । ଅନ୍ୟ ଅର୍ଥରେ ଏ ସମସ୍ତ ବିଷୟ 'ତାଅତ୍ ଦର୍ ମାରୁଫ୍'ର ପରିସରକୁ ଆସିଥାଏ । ସୁତରାଂ ନବୀ କିମ୍ବା କୌଣସି ଖଲିଫା ଅଲ୍ଲାଃଙ୍କ ଆଦେଶ ବିରୁଦ୍ଧରେ କୌଣସି କାର୍ଯ୍ୟ କରିବାକୁ କୁହନ୍ତି ନାହିଁ । ସେ ଏହା କୁହନ୍ତି ନାହିଁ ଯେ ତୁମେ ନିଆଁକୁ ଡ଼େଇଁ ପଡ଼ ଓ ସମୁଦ୍ର ମଧ୍ୟକୁ ଲମ୍ଫ ପ୍ରଦାନ କର । ଗତ ଖୁତ୍‌ବାରେ ମୁଁ ଏକ ହଦିସ୍‌ର ବର୍ଣ୍ଣନା କରିଥିଲି ଯେ ଅମୀର୍ ଆଦେଶ ଦେଲେ ତୁମେ ନିଆଁକୁ ଡ଼େଇଁ ପଡ଼ । ଏଥି ସମ୍ବନ୍ଧରେ ଅନ୍ୟ ଏକ ସୂଚନା ମିଳିଛି, ଯେଉଁଥିରେ ଏହା ଅଧିକ ସ୍ପଷ୍ଟ ହୋଇଯାଉଛି । ହଜରତ ଅବୁସଇଦ୍ ଖୁଦ୍‌ରି[ରଅ] ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲାଃ[ସଅ] ଅଲ୍‌କମା ବିନ୍ ମୁଅଜିଦ୍‌ଙ୍କୁ ଏକ ଯୁଦ୍ଧକୁ ପଠାଇଲେ । ଯେତେବେଳେ ସେ ତାଙ୍କ ସୈନ୍ୟଙ୍କୁ ନେଇ ଯୁଦ୍ଧକ୍ଷେତ୍ରରେ ପହଂଚିଲେ କିମ୍ବା ତାହାର ନିକଟବର୍ତ୍ତୀ ହେଲେ, ସେତେବେଳେ ସୈନ୍ୟଙ୍କର ଏକ ଦଳ କୌଣସି ସ୍ଥାନକୁ ଯିବା ପାଇଁ ତାଙ୍କୁ ଆଜ୍ଞା ମାଗିଲେ । ତେଣୁ ସେ ସେମାନଙ୍କୁ ଆଜ୍ଞା ଦେଲେ ଓ ହଜରତ ଅବ୍ଦୁଲା ବିନ୍ ହୁଜାଫା ବିନ୍ କୈସ୍ ଅସ୍ ସହମିଙ୍କୁ ତାଙ୍କର ଅମୀର ନିଯୁକ୍ତି କରିଦେଲେ । ବର୍ଣ୍ଣନାକାରୀ  କହିଛନ୍ତି, ମୁଁ ମଧ୍ୟ ସେହି ଦଳରେ ଥିଲି । ସେମାନେ ସେଠାରୁ ଯିବାପରେ ବାଟରେ କୌଣସି ସ୍ଥାନରେ ସେକି ହେବା କିମ୍ବା ଭୋଜନ ପ୍ରସ୍ତୁତି ନିମନ୍ତେ ନିଆଁ ଜାଳିଲେ । ଏହି ସମୟରେ ଅବ୍ଦୁଲ୍ଲା ଯେ କି ତାଙ୍କର ଅମୀର ଥିଲେ, ଓ ପରିହାସ ଛଳରେ ବ୍ୟଙ୍ଗ କରୁଥିଲେ, ସେ କହିଲେ 'କ'ଣ, ମୁଁ ଯାହା କହିବି, ତୁମେ ତାହା ପାଳନ କରିବ ?' ସମସ୍ତେ ଏକ ସ୍ୱରରେ ଉତ୍ତର ଦେଲେ 'ହଁ ନିଶ୍ଚୟ ପାଳନ କରିବୁ' । ଅବ୍ଦୁଲ୍ଲା ବିନ୍ ହୁଜାଫା[ରଅ] କହିଲେ, 'ମୁଁ ତୁମଙ୍କୁ ଆଦେଶ ଦେଉଛି ଯେ ତୁମେ ଏହି ନିଆଁକୁ ଡ଼େଇଁ ପଡ଼ ।' ଏହା ଶୁଣି କିଛି ଲୋକ ନିଆଁକୁ ଡ଼େଇଁବା ପାଇଁ ଉଦ୍ୟତ ହୋଇ ଛିଡ଼ା ହୋଇଗଲେ । ସେହି ନେତା ଏହା ଦେଖି କହି ଉଠିଲେ 'ନିଜକୁ ନିଆଁରୁ ସୁରକ୍ଷିତ

ରଖ ।'

ସେମାନେ ଏହି ଯୁଦ୍ଧରୁ ଫେରିବା ପରେ ହଜରତ ମୁହମ୍ମଦ[ସଅ] ଏକଥା ଶୁଣି କହିଲେ, 'ଅମୀରମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ତୁମଙ୍କୁ ଅଲ୍ଲାଃତାଲାଙ୍କ ଆଦେଶ ବିରୁଦ୍ଧରେ ଆଦେଶ ଦିଏ, ତାହା ପାଳନ କର ନାହିଁ ।'

(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଜିହାଦ, ଭାଗ ଲେଇତାଅତେ ଫିମାସିସ୍ୟତିଲ୍ଲାଲ୍)

ସ୍ପଷ୍ଟତଃ ନବୀ କିମ୍ବା ସମୟର ଖଲିଫା କେବେହେଲେ ପରିହାସ ଛଳରେ ମଧ୍ଯ ଏପରି କଥା କହିପାରିବେ ନାହିଁ । ତେଣୁ ଅଲ୍ଲାଃତାଲା କହୁଛନ୍ତି ଯେ ଯଦି ଅମୀରଙ୍କ ଦ୍ୱାରା କୌଣସି ଅବହେଳା ହେଉଥିବାର ଦେଖ, ଅଲ୍ଲାଃ ଓ ତାଙ୍କ ରସୁଲ୍‌ଙ୍କ ଆଶ୍ରୟ ନିଅ । ଏହି ଯୁଗରେ ହଜରତ ମସିହ୍ ମଉଦ୍[ଅସ]ଙ୍କ ପରେ ଖିଲାଫତେ ରାଶ୍‌ଦା (ଦିଗ୍‌ଦର୍ଶକ ଉତ୍ତରାଧିକାରୀ) ବ୍ୟବସ୍ଥା ପ୍ରତିଷ୍ଠା ହୋଇ ଯାଇଛି । ତେଣୁ ସମୟର ଖଲିଫାଙ୍କ ନିକଟକୁ ଯାଅ, ଯାହାଙ୍କ ନିଷ୍ପତ୍ତି ସର୍ବଥା ଉତ୍ତମ ହିଁ ହେବ (ଅଲ୍ଲାଃ ଚାହିଲେ) । ଏବଂ ତାହା ଅଲ୍ଲାଃ ଓ ତାଙ୍କ ରସୁଲ[ସଅ] ଆଦେଶ ଅନୁସାରେ ହିଁ ହେବ । ଏଣୁ ଯେପରି ମୁଁ ପ୍ରଥମେ କହିଥିଲି ଯେ ତୁମଙ୍କୁ ସୁସମ୍ବାଦ ଦିଆଯାଉଛି ଯେ ଏବେ ତୁମେମାନେ ସର୍ବଦା ନୈତିକ ଆର୍ଦଶଗତ ଉତ୍ତମ ନିଷ୍ପତ୍ତି ଅନ୍ତର୍ଗତ ରହିବ । ତୁମ ପାଇଁ ଏବେ କୌଣସି ନିଷ୍ପତ୍ତି ଏପରି ହେବନାହିଁ, ଯାହା ଅନୈତିକ ବିଚାର ଦ୍ୱାରା ପ୍ରଭାବିତ ହେବ ।

## ହଜରତ ମସିହ ମଉଦ୍[ଅସ]ଙ୍କ ଦ୍ୱାରା ଅଣାଯାଇଥିବା ଆଧ୍ୟାତ୍ମିକ ପରିବର୍ତ୍ତନ

ଏହାପରେ ମୁଁ ବର୍ଣ୍ଣନା କରିବାକୁ ଚାହୁଁଛି ଯେ ହଜରତ ମସିହ୍ ମଉଦ୍[ଅସ]ଙ୍କ ଜମାଅତରେ ସାମିଲ ହୋଇ ତାଙ୍କ ଦୀକ୍ଷାରେ ଅନୁବର୍ତ୍ତି ହେବା ତଥା ତାଙ୍କ ସହିତ ସେହି ଦଶ ସର୍ତ୍ତାବଳୀ ଉପରେ ଦୃଢ଼ ପ୍ରତିଷ୍ଠିତ ହୋଇ ତଦନୁଯାୟୀ କାର୍ଯ୍ୟକାରୀ କରାଯାଇଛି କି ? ଆଜ୍ଞା ପାଳନର ଆଦର୍ଶ ପ୍ରଦର୍ଶିତ ହୋଇଛି କି ? ଅଥବା କେବଳ ମୌଖିକ ଭାବେ ପ୍ରତିଶ୍ରୁତି ନିଆଯାଇଛି ଯେ ଆମେ ବୈଅତ୍ କରିଛୁ । ଏଥର ମୁଁ କେତେକ ଉଦାହରଣ ଦେଉଛି, ଯଦ୍ୱାରା ଆପଣ ଜାଣିପାରିବେ ଯେ ବୈଅତକାରୀ ନିଜ ଭିତରେ କେଉଁ ପ୍ରକାରର ଆଧ୍ୟାତ୍ମିକ ଭାବ ଉତ୍ପନ୍ନ କରିଛି ଓ ତାହାର କ'ଣ ଆଧ୍ୟାତ୍ମିକ ପରିବର୍ତ୍ତନ ଘଟିଛି । ଏହି ପରିବର୍ତ୍ତନ ହଜରତ ମସିହ ମଉଦ୍[ଅସ]ଙ୍କ ସମୟରେ ମଧ୍ଯ ଓ ବର୍ତ୍ତମାନ

ସମୟରେ ମଧ୍ୟ ଆମକୁ ଦୃଷ୍ଟିଗୋଚର ହେଉଛି ।

ହଜରତ ମସିହ ମଉଦ୍‌[ଅସ] କହିଛନ୍ତି 'ମୁଁ ରାଣ ଖାଇ କହୁଛି ଯେ ଅତି କମ୍‌ରେ ଏକଲକ୍ଷ ଲୋକ ମୋ ଜମାଅତ୍‌ରେ ଏପରି ଅଛନ୍ତି, ଯେଉଁମାନେ ସହୃଦୟରୁ ମୋ ଉପରେ ବିଶ୍ୱାସ ଆଣିଛନ୍ତି । ସେମାନେ ପୁଣ୍ୟ କାର୍ଯ୍ୟ କରୁଛନ୍ତି ଏବଂ ମୋର ବକ୍ତବ୍ୟ ଶୁଣିବା ମାତ୍ରେ ଏପରି ଭାବବିହ୍ୱଳ ହୋଇ ରୋଦନ କରନ୍ତି ଯେ ସେମାନଙ୍କର ଗାମୁଛା ଓ ପଣତ ଭିଜିଯାଏ ।' (ସିରତୁଲ୍ ମେହଦି, ଭାଗ-୧ ପୃ ୧୬୫, ୨ୟ ସଂସ୍କରଣ, ୧୯୩୫)

# ଶିର୍କ ଅର୍ଥାତ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବାରୁ ନିବୃତ୍ତ ହେବା

ସୁତରାଂ ଗୋଟିଏ ସର୍ତ୍ତ ଏହା ଥିଲା ଯେ ଶିର୍କରୁ ନିବୃତ୍ତ ହେବେ (କାହାରିକୁ ଅଲ୍ଲାଃଙ୍କର ସମକକ୍ଷ କରିବେ ନାହିଁ) । କେବଳ ଆମ ଜମାଅତ୍‌ର ପୁରୁଷ ହିଁ ନୁହନ୍ତି, ବରଂ ସ୍ତ୍ରୀମାନେ ମଧ୍ୟ ଏପରି ମହାନ ସ୍ତର ଓ ଆଦର୍ଶ ସ୍ଥାପନ କରିଛନ୍ତି ଯେ ସେମାନଙ୍କୁ ଦେଖି ହୃଦୟ ଅଲ୍ଲାଃତାଲାଙ୍କ ପ୍ରଶଂସାରେ ଭରିଉଠୁଛି ଯେ ଏହା କିପରି ଅଦ୍ଭୁତ ପରିବର୍ତ୍ତନ ଆଣି ଦେଇଛି । ହଜରତ ମସିହ ମଉଦ୍‌[ଅସ]ଙ୍କ ପାଇଁ ହୃଦୟରୁ ଦୁଆ ବାହାରୁଛି ।

ହଜରତ ଚୌଧୁରୀ ଜଫ୍ରୁଲ୍ଲା ଖାନ୍ ସାହେବଙ୍କ ମାତାଙ୍କର ଏକ ଗୁଣ ବର୍ଣ୍ଣନା କରାଯାଉଛି ଯେ ତାଙ୍କ ମନରେ ଶିର୍କ ପ୍ରତି କିଭଳି ଘୃଣାଭାବ ଥିଲା । କୁହାଯାଉଛି ଯେ ପ୍ରାୟ ସବୁବେଳେ ତାଙ୍କର ସନ୍ତାନମାନେ ମରି ଯାଉଥିଲେ । ଥରେ ତାଙ୍କର ଏକ ଶିଶୁ ଅସୁସ୍ଥ ହୋଇପଡ଼ିଲା । ଛୁଆର ଉପଚାର ଆରମ୍ଭ କରାଗଲା । ଜଣେ ବ୍ୟକ୍ତି ଗୋଟିଏ ତାବିଜ ଦେଇଗଲା ଏବଂ ସେହି ତାବିଜକୁ ଜଣେ ସ୍ତ୍ରୀଲୋକ ସେହି ଛୁଆର ବେକରେ ପକାଇବାକୁ ଗଲା ବେଳେ ଛୁଆର ମାତା ସେ ତାବିଜକୁ ତା'ହାତରୁ ଛଡ଼ାଇ ଚୁଲିକୁ ଫୋପାଡ଼ି ଦେଲେ ଏବଂ କହିଲେ 'ମୋର ଭରସା ମୋର ପ୍ରଭୁ, ମୋର ସୃଷ୍ଟିକର୍ତ୍ତା ଅଲ୍ଲାଃଙ୍କ ଠାରେ ରହିଛି । ମୁଁ ଏସବୁ ତାବିଜ ଗଣ୍ଡା ଇତ୍ୟାଦିକୁ କୌଣସି ମହତ୍ୱ ଦେଉନାହିଁ ।' ଯେତେବେଳେ ଛୁଆଟି ଦୁଇ ମାସର ହୋଇଗଲା, ସେତେବେଳେ ସେ ନିଜ ଶ୍ୱଶୁର ଘର ଡସ୍କା ନେଇ ଆସିଲେ ଓ ସେଠାରେ ୬ମାସ ପର୍ଯ୍ୟନ୍ତ ରହିଲେ । ସେତେବେଳେ ଛୁଆକୁ ଆଠ ମାସ ହୋଇ ଯାଇଥିଲା । ପୁଣି ଛୁଆକୁ ନେଇ ସେ ନିଜ ବାପ ଘରକୁ ଆସିଲେ । ଏବେ ଛଅ ଦିନ ବିତିଛି ଯେ, ସେହି ମହିଳା ଜୟଦେବୀ ଯିଏ

କି ତା ଗଳାରେ ତାବିଜ ପକାଇବାକୁ ଯାଉଥିଲା ସେ ଛୁଆକୁ ଦେଖିବାକୁ ଆସିଲା । ଛୁଆକୁ ବହୁତ ସ୍ନେହ ଆଦର କଲା ତଥା କିଛି କପଡ଼ା ଓ ଖାଦ୍ୟ ସାମଗ୍ରୀ ମାଗିଲା । କିନ୍ତୁ ତାର ମାଗିବାର ଭାବଭଙ୍ଗୀରୁ ସ୍ପଷ୍ଟ ହେଉଥିଲା ଯେ ସେ ଏହାକୁ ଛୁଆର ଆରୋଗ୍ୟ ପାଇଁ ଲଗାଇବ ଓ ବିପଦ ଟାଳିବା ପାଇଁ କିଛି ତନ୍ତ୍ର ମନ୍ତ୍ର କରିବ । ଜଫରୁଲ୍ଲା ଖାନ୍‌ଙ୍କ ମାତା ଉତ୍ତର ଦେଲେ 'ତୁମେ ଜଣେ ଗରିବ ଓ ବିଧବା ମହିଳା ହେଉଛ । ଯଦି ତୁମେ ସଦ୍‌କା, ଖୈରାତ୍ (ଦାନ ପୁଣ୍ୟ) ଉଦ୍ଦେଶ୍ୟରେ କିଛି ମାଗୁଛ, ତେବେ ମୁଁ ଖୁସିରେ ମୋର ସାମର୍ଥ୍ୟ ଅନୁସାରେ ଯାହାକିଛି ଦେବାକୁ ପ୍ରସ୍ତୁତ ଅଛି । କିନ୍ତୁ ମୁଁ ଡ଼ାଆଣି ଗୋସାଣିକୁ ମାନେ ନାହିଁ । ମୁଁ କେବଳ ମୋର ଅଲ୍ଲାଃତାଲାକୁ ଜୀବନ ମୃତ୍ୟୁର ମାଲିକ ବୋଲି ବିଶ୍ୱାସ କରେ ଓ ଏଥିରେ କାହାରି ଦଖଲ ନାହିଁ । ଏପରି କଥାମାନ ଶିର୍କ୍ ହେଉଛି ଓ ମୁଁ ଏହାକୁ ଘୃଣା କରେ । ତେଣୁ ଏସବୁ କାରଣରୁ ମୁଁ ତୋତେ କିଛି ଦେଇପାରିବି ନାହିଁ ।' ଜୟଦେବୀ ଉତ୍ତରରେ କହିଲା, 'ତାହେଲେ ଚିନ୍ତା କର, ଯଦି ଛୁଆର ଜୀବନ ଚାହୁଁଛ, ତେବେ ମୋ ଇଚ୍ଛା ତୁମକୁ ପୂରଣ କରିବାକୁ ପଡିବ ।'

କିଛିଦିନ ପରେ ସେ ଜଫର (ଛୁଆର ନାମ)କୁ ସ୍ନାନ କରାଉଥିବା ସମୟରେ ସେହି ସ୍ତ୍ରୀ ଲୋକ ଜୟଦେବୀ ପୁଣି ଆସି ପହଂଚିଲା । ଛୁଆ ଆଡ଼କୁ ଇଙ୍ଗିତ କରି କହିଲା 'କ'ଣ ଇଏ ଶାହୀ ରାଜା ?' ସେ ଉତ୍ତର ଦେଲେ, 'ହଁ ଇଏ ସେଇ' । ଜୟଦେବୀ ପୁଣି ତାବିଜ୍ ସାମଗ୍ରୀ ମାଗିଲା । ସେ ସେହି ଏକା ଉତ୍ତର ଦେଲେ ଯାହା ଆଗରୁ ଦେଇଥିଲେ । ଏହା ଶୁଣି ଜୟଦେବୀ ରାଗରେ କହିଲା 'ଠିକ୍ ଅଛି, ଯଦି ତୁ ଛୁଆକୁ ଜୀବନ୍ତ ଅବସ୍ଥାରେ ନେଇ ଘରକୁ ଫେରିବୁ, ତାହେଲେ ବୁଝିନେବୁ ଯେ ମୁଁ ମିଛ କହୁଥିଲି ।' ସେ ଉତ୍ତର ଦେଲେ 'ଅଲ୍ଲାଃତାଲାଙ୍କ ଯାହା ଇଛା ଥିବ ତାହା ହିଁ ହେବ ।' ଏହା କହି ଜୟଦେବୀ ସେଠାରୁ ଚାଲି ଯାଉଥିଲା । ସେ ଏବେ ଘରର ଏରୁଣ୍ଡି ପର୍ଯ୍ୟନ୍ତ ପହଞ୍ଚିଛି ଯେ ଛୁଆକୁ ସ୍ନାନ କରୁଥିବା ଅବସ୍ଥାରେ ହିଁ ରକ୍ତ ଝାଡ଼ା ଓ ବାନ୍ତି ହେଲା । କିଛି କ୍ଷଣ ଭିତରେ ତା'ର ଅବସ୍ଥା ବହୁତ ବିଗିଡ଼ି ଗଲା । ଦେଖୁ ଦେଖୁ କେତେ ଘଣ୍ଟା ପରେ ସେ ଛୁଆର ମୃତ୍ୟୁ ହୋଇଗଲା ।

ତହୁଁ ମାତାଶ୍ରୀ ଅଲ୍ଲାଃତାଲାଙ୍କ ନିକଟରେ ଗୁହାରି କଲେ 'ହେ ଅଲ୍ଲାଃ ! ତୁମେ ଏହାକୁ ଦେଇଥିଲ ଓ ତୁମ୍ଭେ ହିଁ ନେଇଗଲ । ମୁଁ ତୁମ୍ଭ ଇଚ୍ଛା ପ୍ରତି ଧନ୍ୟବାଦ ଜଣାଛି । ଏବେ ମୋତେ ଧୈର୍ଯ୍ୟ ପ୍ରଦାନ କର ।' ଏହାପରେ ସେହି ମାତା କୋଳ ଶୂନ୍ୟ ହୋଇ ଡ଼ସ୍କା ଫେରି ଆସିଲେ । (ଅସ୍‌ହାବେ ଅହମଦ, ଭାଗ ୧୧, ପୃ ୧୫-୧୬, ପ୍ରକାଶନ ୧୯୬୯)

ଦେଖନ୍ତୁ ଅଲ୍ଲାଃତାଲା ଏହାପରେ କି ପ୍ରକାର ପୁରସ୍କାର ଦେଲେ । ମାନ୍ୟବର

ଚୌଧୁରୀ ଜଫରୁଲ୍ଲା ଖାନ୍ ପରି ପୁତ୍ର ସେହି ଧୈର୍ଯ୍ୟଧାରିଣୀ ମାତାଙ୍କୁ ପ୍ରଦାନ କଲେ, ଯିଏ ଦୀର୍ଘାୟୁ ହେବା ସହିତ ଦୁନିଆରେ ସୁନାମ ଓ ଖ୍ୟାତି ଅର୍ଜନ କଲେ ।

# ଇନ୍ଦ୍ରୀୟ ଉତ୍ତେଜନାର ବଶବର୍ତ୍ତୀ ନହେବା

ପୁଣି ବୈଅତ୍ କରିବା ପରେ ଲୋକମାନେ କିପରି ପାଶବିକ ଉତ୍ତେଜନାରୁ ବଞ୍ଚିତ ହେଉଛନ୍ତି । ଏବେ ମୁଁ ଅତୀତର ନୁହେଁ ବର୍ତ୍ତମାନ ସମୟର ଉଦାହରଣ ପ୍ରସ୍ତୁତ କରୁଛି, ତାହା ମଧ୍ୟ ଆଫ୍ରିକୀୟ ଲୋକଙ୍କର । ଆଫ୍ରିକାରେ ରହୁଥିବା ପାଗାନ (Pagan) ଲୋକମାନଙ୍କ ମଧ୍ୟରେ ଅନେକ ପ୍ରକାରର ଖରାପ ରୀତିନିତୀ ଓ କୁସଂସ୍କାର ଦେଖା ଯାଇଥାଏ । କିନ୍ତୁ ଅହମଦିୟତ୍‌ରେ ପ୍ରବେଶ କଲାପରେ ସେ ସମସ୍ତ ରୀତି ନୀତି ଓ କୁପ୍ରଥାକୁ ତ୍ୟାଗ କରି ନିଜ ଭିତରେ ଏପରି ପରିବର୍ତ୍ତନ କରି ଦେଉଛନ୍ତି, ଯେପରିକି ତାଙ୍କଠାରେ କୌଣସି ମନ୍ଦାଚରଣ ହିଁ ନଥିଲା । ଏପରି ରିପୋର୍ଟ ମଧ୍ୟ ଆସିଛି ଯେ ଯେଉଁମାନେ ଅତି ମାତ୍ରାରେ ମଦ୍ୟପାନ କରିବାରେ ଅଭ୍ୟସ୍ତ ଥିଲେ, ଏକବାରେ ମଦକୁ ଘୃଣା କରିବାରେ ଲାଗିଲେଣି । ଅନ୍ୟମାନଙ୍କ ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡୁଛି । ଯେତେବେଳେ ସେମାନେ ଏକଥା ବର୍ଣ୍ଣନା କରନ୍ତି, ମୌଲବିମାନେ କୁହନ୍ତି ଯେ ଅହମଦିୟତ୍ ଏମାନଙ୍କ ଉପରେ ଯାଦୁ କରିଦେଇଛି । ତେଣୁ ସେମାନେ ମଦ ଛାଡ଼ି ଦେଇଛନ୍ତି ।

ଏଠାରେ ଗୋଟିଏ ଘଟଣା ମୋର ମନେ ପଡୁଛି ଯେ ଅହମଦିୟା ମିଶନାରିର ଜଣେ ମୋବଲିଗ୍ ସାହେବ ମୋତେ କହିଲେ, ଘାନାରେ ଜଣେ ବ୍ୟକ୍ତି ଅହମଦି ହେଇଛନ୍ତି, ଯାହାଙ୍କ ଠାରେ ମଦ୍ୟପାନ ଓ ବ୍ୟଭିଚାର ସହିତ ଅନେକ ପ୍ରକାରର ମନ୍ଦାଚରଣ ରହିଥିଲା ।

ଏଠାରେ ଏକ ପ୍ରଥା ରହିଛି ଯେ ଲୋକମାନେ ଗରିବ ତଥା ଆବାସିକ ଅସୁବିଧା ଯୋଗୁଁ ବଡ଼ ଲୋକଙ୍କ ଘରମାନଙ୍କରେ ଗୋଟିଏ ଲେଖାଏଁ କକ୍ଷ ଭଡ଼ା ନେଇ ରହୁଥିଲେ । କୁଳଟା ନାରୀମାନଙ୍କ ସହିତ ବନ୍ଧୁତା ରଖୁଥିଲେ । କିନ୍ତୁ ଯେତେବେଳେ ସେ ଅହମଦିୟତ୍ ଗ୍ରହଣ କରି ନେଉଛନ୍ତି, ସେତେବେଳେ ସମସ୍ତଙ୍କୁ କହିଦେଉଛନ୍ତି ଯେ କେହି ମୋ ପାଖକୁ କୁକର୍ମ ପାଇଁ ଆସ ନାହିଁ । କିନ୍ତୁ ଜଣେ ସ୍ତ୍ରୀଲୋକ ସେହି ନୂତନ ଅହମଦିଙ୍କର ପିଛା ଛାଡ଼ିଲା ନାହିଁ । ଏପରି ଅବସ୍ଥାରେ ସେ ଗୋଟିଏ ଉପାୟ ଆରମ୍ଭ କଲା । ଯେତେବେଳେ କୌଣସି ବିଟପି ନାରୀ ତା ଆଡ଼କୁ ଆସିବାର ସେ ଦେଖୁଥିଲା, ସେ ସଙ୍ଗେ ସଙ୍ଗେ ଘର ଭିତର ଶିକୁଳି ବନ୍ଦ କରିଦେଉଥିଲା ଏବଂ ନଫିଲ

ନମାଜ୍ ପଢ଼ିବା ଆରମ୍ଭ କରିଦେଉଥିଲା । ନଚେତ ପବିତ୍ର କୁରଆନ ଆବୃତ୍ତି ଆରମ୍ଭ କରିଦେଉଥଲା । ଏପରି ସେମାନେ ନିଜକୁ କୁକର୍ମରୁ ସୁରକ୍ଷିତ ରଖିପାରୁଛନ୍ତି । ଏହା ହିଁ ହେଉଛି ସେହି ପରିବର୍ତ୍ତନ, ଯାହାକୁ ଅହମଦିୟତ୍ ସେମାନଙ୍କ ପାଇଁ ଆଣି ଦେଉଛି ।

ପୁଣି ଆମର ଜଣେ ମୌଲାନା ବଶିର୍ ଅହମଦ ସାହେବ କମର୍ ବର୍ଣ୍ଣନା କରିଛନ୍ତି ଯେ ଥରେ ଇଦ୍ ନମାଜ୍ ପରେ ମୁଁ ଜମାଅତ୍ ଅହମଦିୟା ଘାନାର କେତେକ ଲୋକଙ୍କ ସହିତ ସେଠାକାର ପାରାମାଉଣ୍ଟ ଚିଫ୍‌ଙ୍କୁ ସାକ୍ଷାତ କରିବାକୁ ଗଲି । ସେ ତାଙ୍କର ଉଚ୍ଚ ପଦାଧିକାରୀମାନଙ୍କ ସହିତ ଆମର ଅପେକ୍ଷା କରୁଥିଲେ । ଯେତେବେଳେ ଆମେ ଭିତରେ ପହଞ୍ଚିଲୁ, ସେଠାରେ ଅହମଦୀ ବନ୍ଧୁମାନେ ସେଠାକାର ମୁଖ୍ୟ ଓ ଅନ୍ୟାନ୍ୟ ପଦାଧିକାରୀଙ୍କ ସମ୍ମୁଖରେ ଭାବ ବିହ୍ୱଳ ହୋଇ ଗାୟନ ଆରମ୍ଭ କରିଦେଲେ । ଜଣେ ବୃଦ୍ଧ ଅହମଦି ଯିଏ ମୁଖ୍ୟଙ୍କ ସମ୍ମୁଖରେ ଥିଲେ ଓ ବାଡ଼ି ଖଣ୍ଡେ ହାତରେ ଟେକି ଧରି ତାକୁ ହଲାଇ ହଲାଇ ଗାୟନ କରୁଥିଲେ । ପ୍ରାୟଃ ତିନିଶହ ଲୋକ ତାଙ୍କ ପଛରେ ତାହାକୁ ଦୋହରାଉ ଥିଲେ । ମୁଁ ଅନୁବାଦକଙ୍କୁ ପଚାରିଲି 'ଏମାନେ କଣ ଗାୟନ କରୁଛନ୍ତି ?' ସେ ଉତ୍ତର ଦେଲେ ଏମାନେ ଅଲ୍ଲାଃତାଲା ତାଙ୍କ ପ୍ରତି କରିଥିବା ଉପକାର ଓ ଇସଲାମ୍ ଦ୍ୱାରା ପ୍ରାପ୍ତ ହୋଇଥିବା ଆଧ୍ୟାତ୍ମିକ ଉନ୍ନତିର ଗୀତ ଗାଉଛନ୍ତି । ଏବଂ କହୁଛନ୍ତି ଆମେମାନେ ମୁଶ୍‌ରିକ୍ ଥିଲୁ (ବହୁ ଦେବାଦେବୀ ପୂଜା କରୁଥିଲୁ) । ବୈଧ୍ୟ ଅବୈଧ୍ୟ ଓ ଭଲ ମନ୍ଦର  କୌଣସି ଜ୍ଞାନ ନଥିଲା । ଆମମାନଙ୍କର ଜୀବନ ପଶୁତୂଲ୍ୟ ଥିଲା । ଆମେ ପଶୁପରି ଜୀବନ ଯାପନ କରୁଥିଲୁ । ମଦକୁ ପାଣି ପରି ସେବନ କରୁଥିଲୁ । ଅହମଦିୟତ୍ ଆମଙ୍କୁ ସତମାର୍ଗ ଓ ସରଳ ଜୀବନର ବାଟ ଦେଖାଇଲା । ଆମଠାରୁ ଆମ ମନ୍ଦ ପ୍ରଭୃତ୍ତି ଦୂର ହୋଇଗଲା ଓ ଆମେ ମନୁଷ୍ୟ ପାଲଟି ଗଲୁ । ଅତଏବ ସେ ଲୋକମାନେ ନିଜ ସହରରେ ସର୍ବଶ୍ରେଷ୍ଠ ଅଧିକାରୀଙ୍କ ସମ୍ମୁଖରେ ଯିଏ ସେମାନଙ୍କର ପୂର୍ବକୃତ ଦୂରାଚାର ଓ କୁପ୍ରଥା ଇତ୍ୟାଦି ବିଷୟରେ ଭଲଭାବେ ପରିଚିତ ଥିଲେ, ସେମାନେ ନିଜ ଭିତରେ ଘଟିଥିବା ପରିବର୍ତ୍ତନର ବର୍ଣ୍ଣନା କରୁଥିଲେ ଓ ଜମାଅତ୍‌ର ସତ୍ୟତାକୁ ପ୍ରସ୍ତୁତ କରୁଥିଲେ ।

(ମାସିକ ଅନ୍‌ସାରୁଲ୍ଲାଃ, ଜାନୁଆରୀ ୧୯୮୪, ପୃ. ୩୦-୩୧ରୁ ସାରାଂଶ)

## ନିୟମିତ ନମାଜ ଓ ତହଜୁଦ୍ ନମାଜରେ ରୁଚି

ପୁଣି ନିୟମିତ ନମାଜ ପାଠ କରିବା ଓ ତହଜୁଦ୍ (ରାତ୍ରୀ କାଳୀନ ଅତିରିକ୍ତ ନମାଜ) ପାଠ କରିବା ମଧ୍ୟ ବୈୟଅର ସର୍ତ୍ତରେ ରହିଛି । ହଜରତ ମସିହ୍ ମଉଦ୍[ଅସ] କହିଛନ୍ତି ଯେ ମୁଁ ଦେଖୁଛି, ମୋର ବୈଅତ୍‌କାରୀମାନଙ୍କ ମଧ୍ୟରେ ପ୍ରତିଦିନ

ସଦାଚାରୀତା ଓ ସଂଯମତା ବଢ଼ିବାରେ ଲାଗିଛି । ଏବଂ ମୁବାହେଲା (ଜଣେ ଅନ୍ୟ ପାଇଁ ପ୍ରାର୍ଥନା ମୂଳକ ଅଭିଶାପ) ସମୟ ପରେ ସତେ ଯେପରି ଆମ ଜମାଅତ୍‌ରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଯାଇଛି । ମୁଁ ଅନେକଙ୍କୁ ଦେଖିଛି ଯେ ସେମାନେ ସିଜ୍‌ଦାରେ ରୋଦନ କରିଥାଆନ୍ତି ଓ ତହଜୁଦ୍‌ରେ ଭାବ ବିହ୍ୱଳ ହୋଇ ପଡ଼ିଥାନ୍ତି । ଅପବିତ୍ର ଲୋକମାନେ ଏମାନଙ୍କୁ 'କାଫିର୍' (ଅବିଶ୍ୱାସୀ) କହୁଛନ୍ତି ସତ କିନ୍ତୁ ସେମାନେ ହେଉଛନ୍ତି ଇସଲାମର ହୃଦୟ ଓ ପ୍ରାଣ ।

(ପାଦଟିକା ଅଞ୍ଜାମେ ଆଥମ୍, ରୁହାନି ଖଜାଇନ୍, ଭାଗ ୧୧, ପୃ. ୩୧୫)

ଏଠାରେ ପୁଣି ମୁଁ ଘାନାର ଏକ ଉଦାହରଣ ଦେଉଛି, ଯେଉଁଠାରେ ଲୋକମାନେ ନିଜ ଭିତରେ ଏପରି ପରିବର୍ତ୍ତନ ଆଣିଛନ୍ତି । ମୁଁ ସ୍ୱୟଂ ଏହାର ପ୍ରତ୍ୟକ୍ଷଦର୍ଶୀ । ମୁଁ ଦେଖିଲି ଯେ ଲୋକମାନେ ଦୂର ଯାତ୍ରା କରି ଆସିଛନ୍ତି ଓ ବିଳମ୍ବରେ ପହଞ୍ଚିଲେ । ପ୍ରାୟଃ ରାତି ୧୨ଟା ବେଳେ ଶୋଇବା ପାଇଁ ଫୁରସତ ମିଳିଲା । ଯେତେବେଳେ ମୋର ଆଖି ଖୋଲିଲା, ରାତି ପ୍ରାୟ ୧.୩୦ ବା ଦୁଇଟା ହୋଇଥିବ, ସେମାନେ ମସଜିଦ୍‌ରେ ଯାଇ ବସିଛନ୍ତି ଓ ସିଜ୍‌ଦାରେ ପଡ଼ି ଆକୁଳ ପ୍ରାର୍ଥନା କରୁଛନ୍ତି ।

ଗୋଟିଏ କଥନ ଆସୁଛି ଯେ ହଜରତ୍ ମୁନ୍‌ସି ମହମ୍ମଦ୍ ଇସମାଇଲ ସାହେବ କହିଛନ୍ତି 'ମୋର ମନେଅଛି କେବଳ ଗୋଟିଏ ନମାଜ ସାମୁହିକ ଭାବେ ମୁଁ ଜମାଅତ୍ ସହିତ ପଢ଼ିପାରି ନଥିଲି । ଶୌଚ ପାଇଁ ବାଧ ହୋଇ ମସ୍‌ଜିଦ୍‌ରୁ ଫେରିବାକୁ ପଡ଼ିଲା ।'

(ଅସ୍‌ହାବେ ଅହମଦ, ଭାଗ ୧, ପୃ : ୧୯୬)

ହଜରତ୍ ମୁନ୍‌ସି ମହମ୍ମଦ ଇସ୍‌ମାଇଲ ସାହେବ[ରଅ]ଙ୍କ ବିଷୟରେ ସୂଚନା ମିଳୁଛି ଯେ ଯେତେବେଳେ ସେ ହଜରତ୍ ମସିହ ମଉଦ୍[ଅସ]ଙ୍କର ବୈଅତ କରି ନିଜ ସହର ସିଆଲକୋଟ ଫେରି ଆସିଲେ ଓ ଲୋକମାନେ ଦେଖିଲେ ଯେ ସେ ତାସ୍ ଖେଳିବା, ବଜାରରେ ବସି ଏଣୁ ତେଣୁ ଗପ କରିବା ଇତ୍ୟାଦି ବଦଭ୍ୟାସ ଛାଡ଼ି ନିୟମାନୁସାରେ ନମାଜ ତହଜୁଦ୍ ପଢ଼ିବାରେ ଲାଗି ଯାଇଛନ୍ତି । ତାଙ୍କର ଏହି ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖି ଲୋକେ ଆଶ୍ଚର୍ଯ୍ୟଚକିତ ହୋଇଗଲେ ।

(ଅସହାବେ ଅହମଦ୍, ଭାଗ ୧, ପୃ: ୨୦୦, ୧୯୫୧ ମସିହା ସାରାଂଶ)

କାଦୟାନ୍‌ରେ ଅନିବାର୍ଯ୍ୟ (ଫର୍ଜ) ନମାଜ ଓ ତହ୍‌ଜୁଦ୍ ନମାଜ ନିୟମ ପୂର୍ବକ ପଢ଼ା ଯାଉଥିବା ବିଷୟରେ ହଜରତ୍ ନୱାବ ମୁହମ୍ମଦ ଅଲି ଖାଁ ସାହେବ ବର୍ଣ୍ଣନା କରିଛନ୍ତି 'ଯେ ମୁଁ କାଦିୟାନରେ ସୂର୍ଯ୍ୟ ଗ୍ରହଣ ସମୟ କାଳୀନ ନମାଜରେ ଉପସ୍ଥିତ ଥିଲି । ମୌଲବି ମୁହମ୍ମଦ ଅହ୍‌ସନ୍ ସାହେବ ଅମ୍‌ରୋହି ନମାଜ ପାଠ କରାଇଲେ ଓ

ନମାଜ୍‌ରେ ସମ୍ମିଳିତ ସମସ୍ତ ଲୋକମାନେ ଅତ୍ୟନ୍ତ ଆତୁର ହୋଇ କ୍ରନ୍ଦନ କରୁଥିଲେ । ସେ ରମ୍‌ଜାନ ମାସରେ ଏପରି ଅବସ୍ଥା ହେଉଥିଲା ଯେ ରାତି ଦୁଇଟାରୁ ଅହମଦିୟା ଛକରେ କୋଳାହଳ ଆରମ୍ଭ ହୋଇଯାଏ । କେତେକ ବ୍ୟକ୍ତି ଘରମାନଙ୍କରେ ଓ ଅନ୍ୟ କେତେକ ମସ୍‌ଜିଦ୍ ମୋବାରକ୍‌କୁ ନମାଜ୍ ତହଜୁଦ୍ ପଢ଼ିବା ପାଇଁ ଆସନ୍ତି । ଯେଉଁଠାରେ ନମାଜ ତହଜୁଦ୍ ପାଠ କରାଯାଏ, ସେଠାରେ ରୋଜା ପାଇଁ ଶହରୀ (ପ୍ରତ୍ୟୁଷ ଭୋଜନ) କରାଯାଏ । ଯଥା ସମୟରେ ଫଜର ନମାଜ ମଧ୍ୟ ପାଠ କରାଯାଏ । ତତ୍ପରେ କିଛି ସମୟ ପବିତ୍ର କୁର୍‌ଆନ ପାଠ କରାଯାଏ ଓ ପ୍ରାୟଃ ସକାଳ ୮ଟା ପରେ ହଜରତ୍ ମସିହ ମଉଦ୍[ଅସ] ପ୍ରାତଃ ଭ୍ରମଣ ପାଇଁ ବାହାରନ୍ତି । ତାଙ୍କ ସହିତ ଖୁଦ୍ଦାମମାନେ (ସେବକଗଣ) ମଧ୍ୟ ଯାଆନ୍ତି । ଏହି ଧାରା ଦିନ ଏଗାରଟା ବାରଟାରେ ଶେଷହୁଏ । ଏହାପରେ ଜୁହର ଅଜାନ ହୁଏ ଓ ଦିନ ଗୋଟାଏ ପୂର୍ବରୁ ଜୋହର୍ ନମାଜ୍ ଶେଷ ହୋଇଯାଏ । ପୁଣି ଅସର ନମାଜ୍ ମଧ୍ୟ ଶୀଘ୍ର ପାଠ କରାଯାଏ । କେବଳ ଅସର୍ ଓ ମଗରିବ୍ ନମାଜ ମଧ୍ୟରେ କିଛି ଅବସର ସମୟ ମିଳିଥାଏ । ମଗ୍‌ରିବ୍ ପରେ ଭୋଜନ ଇତ୍ୟାଦି ସାରି ଆଠଟା କିମ୍ବା ସାଢ଼େ ଆଠଟା ରାତ୍ରିରେ ଇଶାର ନମାଜ ସମାପ୍ତ ଶେଷ ହୋଇଯାଏ । ଏହାପରେ ଏପରି ନିସ୍ତବ୍ଧତା ଘୋଟିଯାଏ, ଯେପରି କି ଏଠାରେ କେହି ରହୁ ନାହାନ୍ତି । କିନ୍ତୁ ରାତି ଦୁଇଟା ବେଳକୁ ସମସ୍ତେ ଉଠିଯାଆନ୍ତି ଓ ପରିବେଶ କୋଳାହଳମୟ ହୋଇଯାଏ ।’ (ଅସ୍‌ହାବେ ଅହମଦ, ଭାଗ ୨, ପୃ : ୭୭, ୧୯୫୨)

ପୁଣି ନଓ୍ୱାବ ମୁହମ୍ମଦ ଅଲି ଖାଁ ସାହେବଙ୍କ ବିଷୟରେ ହଜରତ୍ ଖଲିଫତୁଲ ମସିହ ଚତୁର୍ଥ[ରଅ] ଉଲ୍ଲେଖ କରୁଛନ୍ତି ଯେ ସେ ନମାଜ ପ୍ରେମୀ ଥିଲେ । ବିଶେଷ ଭାବେ ଜମାଅତ୍ ସହିତ ନମାଜ ପଢ଼ିବା ପାଇଁ ତାଙ୍କର ପ୍ରୟାସ ଓ ଆଗ୍ରହ ଅନେକ ମହତ୍ୱ ରଖୁଛି । ନିୟମିତ ଭାବେ ସେ ପାଞ୍ଚବେଳା ମସ୍‌ଜିଦ୍ ଯାଉଥିଲେ । ଯେତେବେଳେ ହୃଦ୍‌ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ହୋଇଗଲେ, ସେତେବେଳେ ଅଜାନର ଡାକକୁ ଏପରି ତନ୍ମୟ ହୋଇ ଶୁଣନ୍ତି, ଯେପରି ଜଣେ ପ୍ରେମିକା ନିଜ ପ୍ରେମିକର ସ୍ୱର ଶୁଣିଥାଏ । ଯେତେବେଳେ ଚଳପ୍ରଚଳ କରିବା ପାଇଁ ତାଙ୍କର କିଛି ଶକ୍ତି ଆସିଲା, ସେତେବେଳେ ଘରର କୌଣସି ବାଳକକୁ ଧରି ଆଗରେ ଛିଡ଼ା କରାରି ଜମାଅତ ସହିତ ସାମୁହିକ ନମାଜ ପଢ଼ିବାର ଅଭିଳାଷ ପୂରଣ କରନ୍ତି କିମ୍ବା ରତନ୍‌ବାଗ୍‌ର ନମାଜ ପାଠ କରାଯାଉଥିବା କକ୍ଷ ନିକଟକୁ ନିଜର ଚଉକି ଟାଣି ନେଇ ସାମୁହିକ ନମାଜରେ ସମ୍ମିଳିତ ହୋଇଯାଆନ୍ତି । ଯେତେବେଳେ ସେ ମର୍ଡ଼ନ ଟାଉନ୍‌ର କୋଠା କିଣିଲେ, ସେତେବେଳେ ସେହିଠାରେ ପାଞ୍ଚ ବେଳା ନମାଜ ପାଠ କରିବାର ବ୍ୟବସ୍ଥା କରି ଘରକୁ ଏକ ପ୍ରକାର ମସ୍‌ଜିଦ ସଦୃଶ କରିଦେଲେ । ସେ ପାଞ୍ଚବେଳା ଅଜାନ ଦେବାର ବ୍ୟବସ୍ଥା ମଧ୍ୟ କରିଥିଲେ । ଋତୁ ଓ ପାଣିପାଗକୁ ଦେଖି କେବେ ବାହାରେ ଘାସ

ପଡ଼ିଆରେ ତ କେବେ ଘର ଭିତରେ ଚଟେଇ ପକାଇବାର ବ୍ୟବସ୍ଥା କରନ୍ତି । ବେଳେବେଳେ ସର୍ବପ୍ରଥମେ ଯାଇ ଅନ୍ୟ ନମାଜୀମାନଙ୍କ ଅପେକ୍ଷାରେ ରହିଥାନ୍ତି । ବିଭିନ୍ନ ପ୍ରକାର ଲୋକମାନଙ୍କ ପାଇଁ ନିଜ ଘରକୁ ପାଞ୍ଚବେଳା ଯିବା ଆସିବାର ସୁବିଧା କରିଦେବା କୌଣସି ସାଧାରଣ ପୁଣ୍ୟ ନୁହେଁ । ଏପରି ଅବସ୍ଥାରେ ବିଶେଷ ଭାବେ ଏହି ସତକର୍ମର ମୂଲ୍ୟ ଆହୁରି ଅଧିକ ହୋଇଥାଏ, ଯେତେବେଳେ ଘର ମାଲିକର ସ୍ତର ଅତି ଉନ୍ନତ ହୋଇଥାଏ ଓ ସାମାଜିକ ସମ୍ପର୍କ ଅତି ବ୍ୟାପକ ହୋଇଥାଏ ।

(ଅସ୍‌ହାବେ ଅହମଦ୍, ଭାଗ ୧୨, ପୃ: ୧୫୩ ୧୯୬୫)

ପାଞ୍ଚବେଳା ନମାଜ ସମୟାନୁସାରେ ପାଠ କରିବା ସମ୍ବନ୍ଧରେ ହଜରତ୍ ମସିହ ମଉଦ୍[ଅସ] ଶେଖ୍ ହାମିଦ୍ ଅଲ୍ଲି ସାହେବ[ରଅ]ଙ୍କ ବିଷୟରେ କହିଛନ୍ତି : 'ପ୍ରଭୁଙ୍କ ସକାଶେ ମୋ ସହିତ ଆନ୍ତରିକ ପ୍ରେମ କରୁଥିବା ହାମିଦ୍ ଅଲି ଥିଲେ ଜଣେ ସଦାଚାରୀ ତଥା ସୁଶୀଳ ପରିବାରର ନବଯୁବକ । ସେ ପ୍ରାୟତଃ ସାତ ଆଠ ବର୍ଷ ହେବ ମୋ ସେବାରେ ରହିଛନ୍ତି । ମୁଁ ସଂପୂର୍ଣ୍ଣ ରୂପେ ଜାଣିଛି ଯେ ସେ ମୋ ସହିତ ନିଷ୍ଠାର ସହିତ ପ୍ରେମ କରନ୍ତି । ଯଦିଓ ଭକ୍ତି ନିଷ୍ଠାର ଗଭୀରତା ପର୍ଯ୍ୟନ୍ତ ପହଞ୍ଚିବା ଜଣେ ବ୍ରହ୍ମଜ୍ଞାନୀ ଓ ସଦାଚାରୀଙ୍କ କାମ, ତଥାପି ସୁନ୍ନତର ଅନୁକରଣ କରି ଧର୍ମନିଷ୍ଠ ହେବାର ବିଧି ପାଳନ କରୁଛନ୍ତି । ମୁଁ ଦେଖିଛି, ସେ ଏପରି ଦୁଃସାଧ୍ୟ ଓ ମରଣାପନ୍ନ ରୋଗରେ ପୀଡ଼ିତ ହୋଇ ଅତ୍ୟନ୍ତ ଦୁର୍ବଳ ଓ ନିର୍ଜୀବ ପରି ହୋଇ ଯାଇଥିଲେ ସୁଦ୍ଧା ନିୟମିତ ପାଞ୍ଚବେଳା ନମାଜ ପ୍ରତି ସେ ଏପରି ଭାବେ ଉତ୍ସାହିତ ଥା'ନ୍ତି ମୂର୍ଚ୍ଛିତ ଓ ସଜ୍ଞାହୀନ ଅବସ୍ଥାରେ ଥାଇ ମଧ୍ୟ କୌଣସି ପ୍ରକାରେ ହେଉ ପଛେ ନମାଜ ପାଠ କରି ନିଅନ୍ତି ।

ମୁଁ ଜାଣେ ଯେ ମନୁଷ୍ୟର ଈଶ୍ୱର ନିଷ୍ଠ ବା ଈଶ୍ୱରଙ୍କ ପ୍ରତି ଅନୁରାଗୀ ହେବା ଉଦ୍ଦେଶ୍ୟ ହାସଲ କରିବା ପାଇଁ ନିୟମିତ ନମାଜକୁ ପ୍ରାଧାନ୍ୟ ଦେବା ହିଁ ଯଥେଷ୍ଟ ଯେ ଏହା କେଉଁ ଧରଣର ହେବା ଉଚିତ । ମୋର ବିଶ୍ୱାସ, ଯେଉଁ ବ୍ୟକ୍ତି ନିୟମିତ ନିଷ୍ଠାର ସହିତ ନମାଜ ପାଠ କରେ ଏବଂ ଭୟ, ରୋଗ ଓ ଦୁଷ୍କାମି ଆଦି ପରିସ୍ଥିତି ତା'ର ନମାଜରେ ବାଧକ ସାଜନ୍ତି ନାହିଁ, ତେବେ ସେ ନିଃସନ୍ଦେହରେ ଅଲ୍ଲାଃତାଲାଙ୍କ ପ୍ରତି ପ୍ରକୃତ ବିଶ୍ୱାସ ରଖୁଛି । କିନ୍ତୁ ଏପରି ବିଶ୍ୱାସ ଗରିବମାନଙ୍କୁ ପ୍ରଦାନ କରାଯାଇଛି । ଧନାଢ୍ୟ ବ୍ୟକ୍ତିଙ୍କ ମଧ୍ୟରୁ କମ ଲୋକ ଏହି ଅନୁଗ୍ରହ ପାଇ ଥାଆନ୍ତି ।'

(ଇଜାଲା ଅଉହାମ୍, ରୁହାନୀ ଖଜାଇନ, ଭାଗ ୩, ପୃ: ୫୪୦)

ପୁଣି ଏହି ସର୍ତ୍ତ ରହିଛି ଯେ ପ୍ରଭୁ ଓ ତାଙ୍କ ରସୁଲର ଆଦେଶାନୁଯାୟୀ ତ୍ରୁଟି ରହିତ ନମାଜ ପାଠ କରୁଥିବ । ଏ ସମ୍ବନ୍ଧରେ ଜଣେ ମୌଲବି ଫଜଲ୍ ଇଲାହି ସାହେବ ବର୍ଣ୍ଣନା କରିଛନ୍ତି ଯେ ହଜରତ ମିର୍ଜା ଆୟୁବ ବେଗ୍ ସାହିବ[ରଅ]ଙ୍କର ଦୃଷ୍ଟାନ୍ତ କିପରି

ଥିଲା । ହଜରତ୍ ମସିହ ମଉଦ୍ [ଅସ] ତାଙ୍କୁ ବହୁତ ପ୍ରେମ କରନ୍ତି । ଦିନେ ମୁଁ ମଗ୍ରିବ ନମାଜ ମିର୍ଜା ଆୟୁବ ବେଗ୍‌ଙ୍କ ଘରେ ପାଠ କଲି । ହଜରତ୍ ମୁଫତି ମହମ୍ମଦ ସାଦିକ୍ ସାହେବ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ବେଗ ସାହେବଙ୍କ ନମାଜ 'ଅସ୍‌ସଲାତୁ ମେରାଜୁଲ୍ ମୁମେନିନ' ଅର୍ଥାତ ନମାଜ ବିଶ୍ୱାସୀକାରୀ ମାନଙ୍କର ମେରାଜ୍ (ଉନ୍ନତିର ଚରମ ମାର୍ଗ) ସଦୃଶ ଥିଲା । ସେ ଯେତେବେଳେ ନମାଜ୍ ପାଠ କରନ୍ତି, ସାଂସାରିକ ଚିନ୍ତାରୁ ମୁକ୍ତ ହୋଇ ଯାଆନ୍ତି । ତାଙ୍କ ଚକ୍ଷୁରୁ ଧାର ଧାର ଅଶ୍ରୁ ବୋହି ଚାଲିଥାଏ । ସେଦିନ ସେ ଅସାଧାରଣ ଭାବେ ଦୀର୍ଘ ସମୟ ପର୍ଯ୍ୟନ୍ତ ନମାଜ ପାଠ କଲେ । ନମାଜ ପରେ ସମସ୍ତେ ବସିଯିବା ପରେ ତାଙ୍କୁ ପଚରାଗଲା 'ଆଜି ଆପଣ ଦୀର୍ଘ ସମୟ ଧରି ନମାଜ ପାଠ କଲେ, ଏହାର କାରଣ କ'ଣ ?' ପ୍ରଥମେ ତ ସେ କିଛି କହିଲେ ନାହିଁ । କିନ୍ତୁ ବାରମ୍ବାର ପଚାରିବା ପରେ ସେ କହିଲେ, 'ଯେତେବେଳେ ମୁଁ ଦରୁଦ୍ ପଢୁଥିଲି ମୋତେ କଶ୍‌ଫ୍ ହେଲା (ଅର୍ଦ୍ଧ ଚେତନ ଅବସ୍ଥାରେ କୌଣସି ଅଲୌକିକ ଦୃଶ୍ୟ ଦେଖାଯିବା) ଯେ ହଜରତ୍ ମୁହମ୍ମଦ୍ [ସଅ] କୌଣସି ପ୍ଲାଟଫର୍ମ ଉପରେ ଟହଲ କରୁଛନ୍ତି ଓ ଦୁଆ ମାଗୁଛନ୍ତି । ମିର୍ଜା ସାହେବ ଏହାର ଆରବି ଶବ୍ଦ ମଧ୍ୟ କହିଲେ ଓ ତା'ର ଅର୍ଥ ମଧ୍ୟ କହିଲେ । ଏହାର ଅର୍ଥ ହେଉଛି 'ହେ ଅଲ୍ଲାଃ ! ମୋର ଅନୁଗାମୀମାନଙ୍କୁ ପଥଭ୍ରଷ୍ଟ ହେବାରୁ ବଞ୍ଚିତ ରଖ ଓ ତାଙ୍କ ନାବକୁ ଭବସାଗର ମଧ୍ୟରୁ ପାରିକରାଇ ଦିଅ ।' ମୁଁ ସେହି ଦୁଆ ସହିତ ଆମିନ (ଏହା ହିଁ ହେଉ) କହି ଚାଲିଥାଏ । ପୁଣି ହଜରତ୍ ମସିହ ମଉଦ୍ [ଅସ]ଙ୍କୁ ଦେଖିଲି, ସେ ମଧ୍ୟ ଦୁଆ ମାଗୁଛନ୍ତି, 'ହେ ଅଲ୍ଲାଃ ! ମୁହମ୍ମଦ ସଲମ୍‌ଙ୍କ ଦୁଆ ଗ୍ରହଣ କର ଓ ତାଙ୍କ ଅନୁଗାମୀମାନଙ୍କୁ ପଥଭ୍ରଷ୍ଟତାର ଭଉଁରିରୁ ସୁରକ୍ଷିତ ରଖ । ସୁତରାଂ ଯେତେବେଳେ ହଜରତ ମସିହ ମଉଦ୍ [ଅସ] ପ୍ରାର୍ଥନା ଶେଷ କଲେ, ସେତେବେଳେ ମୁଁ ମଧ୍ୟ ନମାଜ ଶେଷ କଲି ।

(ଅସାହବେ ଅହମଦ୍, ଭାଗ ୧, ପୃ: ୧୯୪-୧୯୫, ୧୯୯୭)

ତେଣୁ ଏହା ହିଁ ହେଉଛି ପରିବର୍ତ୍ତନ, ଚେଇଁଥିବା ଅବସ୍ଥାରେ ମଧ୍ୟ ଦିବ୍ୟଦର୍ଶନ ପ୍ରାପ୍ତ ହୋଇଥାଏ । ହଜରତ୍ ଡ଼ାକ୍ତର ଯାକୁବ୍ ବେଗ ସାହେବ [ରଅ] ଓ ହଜରତ ମିର୍ଜା ଅୟୁବ ବେଗ୍ ସାହେବ [ରଅ]ଙ୍କ ଉପରେ ହଜରତ ମସିହ ମଉଦ୍ [ଅସ]ଙ୍କ ବୈଅତର କି ପ୍ରକାର ପ୍ରଭାବ ପଡ଼ିଲା, ସେ ବିଷୟରେ ମଧ୍ୟ ଉଲ୍ଲେଖ ରହିଛି । ବରଂ ସେମାନେ ସ୍ୱୟଂ ଏହି ପରି ବର୍ଣ୍ଣନା କରିଛନ୍ତି 'ଆମ ପିତା ମହୋଦୟ ତାଙ୍କ ମିତ୍ରଙ୍କୁ କହିଲେ 'ମୋର ଏହି ଦୁଇପୁତ୍ର ଯେତେବେଳେ ୧୮୯୨ ଓ ୧୮୯୩ ମସିହାର ଗ୍ରୀଷ୍ମାବକାଶରେ ମୋ ନିକଟକୁ କକରହଟ୍ଟା, ଜିଲ୍ଲା ମୁଲ୍‌ତାନ ଆସିଲେ, ମୁଁ ସେମାନଙ୍କ ସ୍ୱଭାବରେ ଏକ ମହାନ ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହୋଇ କହୁଥାଏ, 'ହେ ଅଲ୍ଲାଃ !

ତୁମ୍ଭେ ଏମାନଙ୍କ ମନକୁ କିପରି ପରିବର୍ତ୍ତନ କରି ଦେଇଛ ଯେ ଏମାନଙ୍କ ହୃଦୟ ଜ୍ୟୋତିର୍ମୟ ହୋଇଯାଇଛି । ଏବେ ଏମାନେ ଠିକ୍ ସମୟରେ ଅତ୍ୟନ୍ତ ଆଗ୍ରହ ଓ ଆନ୍ତରିକତା ସହିତ ତଥା କାକୁତି ମିନତି ହୋଇ ସମସ୍ତ ନମାଜ ପାଠ କରୁଛନ୍ତି । ଏପରିକି ନମାଜରେ ସେମାନଙ୍କ କାନ୍ଦିବା ସ୍ୱର ଶୁଣାଯାଉଛି । ମୁଁ ଅଧିକାଂଶ ସମୟରେ ସେମାନଙ୍କ ଚକ୍ଷୁ ଲୋତକ ପୂର୍ଣ୍ଣ ହୋଇଯାଉଥିବାର ଦେଖିଥାଏ ଏବଂ ଅଲ୍ଲାଃତାଲାଙ୍କ ପ୍ରତି ଭୟ ସେମାନଙ୍କ ଚେହେରାରୁ ସ୍ପଷ୍ଟ ବାରି ହୋଇପଡ଼େ ।

ସେତେବେଳେ ସେମାନଙ୍କ ବୟସ ଅତି ଛୋଟ ଥିଲା ଓ ଦାଢ଼ି ବାହାରିବା ଆରମ୍ଭ ହେଉଥିଲା । ଏହି ବୟସରେ ମୁଁ ତାଙ୍କର ଏପରି ଅବସ୍ଥା ଦେଖି ଅଲ୍ଲାଃଙ୍କ ପ୍ରତି ଅନବରତ କୃତଜ୍ଞତା ଅର୍ପଣ କରିବାରେ ଲାଗିଥାଏ । ସେମାନଙ୍କ ଅତୀତରେ ଥିବା ଆଧ୍ୟାତ୍ମିକ ଦୁର୍ବଳତାର ଯେଉଁ ବୋଝ ମୋ ହୃଦୟରେ ଥିଲା ତାହା ଓହ୍ଲାଇଗଲା । ପିତା ମହୋଦୟ ତାଙ୍କର ସେହି ମିତ୍ରଙ୍କୁ କହିଲେ, ଏମାନଙ୍କର ଏହି ମହତ୍ୱପୂର୍ଣ୍ଣ ପରିବର୍ତ୍ତନର ରହସ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିଲା ନାହିଁ ଯେ ଏତେ ଅଳ୍ପ ବୟସରେ ସେମାନଙ୍କୁ ଏପରି ଉଦାରତା ଓ ଆଧ୍ୟାତ୍ମିକ ଉନ୍ନତି କେଉଁଠୁ ପ୍ରାପ୍ତ ହେଲା । କିଛିଦିନ ଉତ୍ତାରୁ ଜ୍ଞାତ ହେଲା ଯେ ଏସବୁ ଶିକ୍ଷା ଦୀକ୍ଷା ସେମାନଙ୍କୁ ହଜରତ୍ ମସିହ ମଉଦ୍[ଅସ]ଙ୍କର ବୈଅତ୍ ଦ୍ୱାରା ପ୍ରାପ୍ତ ହୋଇଛି । ଏବଂ ପିତା ମହୋଦୟ ହଜରତ୍ ମସିହ ମଉଦ୍[ଅସ] ବୈଅତ୍‌ରେ ସାମିଲ ହେବାର କାରଣ ହେଉଛି, ଆମର ଏହି ଆଧ୍ୟାତ୍ମିକ ପରିବର୍ତ୍ତନ । (ଅର୍ଥାତ୍ ପିଲାମାନଙ୍କର ଏହି ପରିବର୍ତ୍ତନ ଦେଖି ପିତା ମହୋଦୟ ମଧ୍ୟ ଅହମଦି ହେଲେ) ଯଦ୍ୱାରା ସେ ହଜରତ୍ ମସିହ ମଉଦ୍[ଅସ]ଙ୍କର ପବିତ୍ରତା ଓ ମହନିୟତା ସହିତ ପରିଚିତ ହେବାର ସୁଯୋଗ ପାଇଲେ ।' (ଅସ୍‌ହାବେ ଅହମଦ୍, ଭାଗ ୧, ପୃ : ୧୭, ୧୯୯୭)

ହଜରତ୍ ଚୌଧୁରି ନସ୍‌ରୁଲ୍ଲାଃ ଖାଁ ସାହେବ[ରଅ] ଯିଏ ଚୌଧୁରି ଜଫ୍‌ରୁଲ୍ଲାଃ ଖାଁ ସାହେବଙ୍କ ପିତା ଥିଲେ, ତାଙ୍କ ଆଦର୍ଶ ବିଷୟରେ ତାଙ୍କର ଜଣେ ପୁତ୍ର ଏପରି କହିଛନ୍ତି 'ମୋ ସ୍ୱଭାବରେ ପିତା ମହୋଦୟଙ୍କର (ଚୌଧୁରି ନସ୍‌ରୁଲ୍ଲାଃ ଖାଁ ସାହେବ) ବହୁତ ପ୍ରଭାବ ଥିଲା । ସେ ନିୟମିତ ଓ ସୂଚାରୁ ରୂପେ ନମାଜ ପାଠ କରୁଥିଲେ ଏବଂ ତହ୍‌ଜୁଦ୍ ନମାଜର ମଧ୍ୟ ଅଭ୍ୟସ୍ତ ଥିଲେ । ମୋ ଜାଣିବାରେ ମୁଁ ତାଙ୍କୁ ସର୍ବଦା ନମାଜ ପାଠ କରିବାର ଓ ପବିତ୍ର କୁରଆନ ପୁନରାବୃତ୍ତି କରିବାର ଦେଖିଛି । ବୈଅତ୍ କରିବା ପରେ ସେ ଫଜର୍ ନମାଜ ସାମୁହିକ ଭାବରେ ପାଠ କରିବାକୁ କବୁତରା ମସ୍‌ଜିଦ୍ (ମସ୍‌ଜିଦ୍‌ର ନାମ)କୁ ଯାଆନ୍ତି । ମସ୍‌ଜିଦ୍ ଆମ ଘରଠାରୁ କିଛି ଦୂରରେ ଥାଏ । ତେଣୁ ପିତା ମହୋଦୟ ମୁହଁ ଅନ୍ଧାରରୁ ଘରୁ ବାହାରି ଯାଆନ୍ତି ।

(ଅସ୍‌ହାବେ ଅହମଦ୍, ଭାଗ ୧୧, ପୃ : ୧୬୩, ୧୯୬୨)

ପୁଣି ତ୍ରୁଟି ରହିତ ନମାଜ ସଂପାଦନ କରିବା ବିଷୟରେ ହଜରତ୍ ବାବୁ ଫକିର ଅଲି ସାହେବ[ରଅ]ଙ୍କର ଏକ ଆଦର୍ଶ ଦୃଷ୍ଟାନ୍ତ ପ୍ରସ୍ତୁତ କରୁଛି । 'ହସ୍ତ କାର୍ଯ୍ୟରତ ଥିଲେ ସୁଦ୍ଧା ହୃଦୟ ଅଲ୍ଲାଃଙ୍କ ଠାରେ' ଏହି ଉକ୍ତି ଅନୁସାରେ ସେ ନିଜ କର୍ମ କରୁଥିଲେ । ଏମ୍ ବଶିର ଅହମଦ୍[ରଅ] ବର୍ଣ୍ଣନା କରିଛନ୍ତି ଯେ ଯେଉଁ ସମୟରେ ଇଂରେଜମାନଙ୍କର ପ୍ରତିପତ୍ତି ଥିଲା, ତାଙ୍କ ହାକିମ ଅଧିକାଂଶ ସମୟରେ ତାଙ୍କୁ କହୁଥିଲେ, 'ମୌଲବି ସାହେବ ! ସବୁବେଳେ ନମାଜ ପଢ଼ିବାରେ ଲାଗି ରହୁଛ । ମୋତେ ଲାଗୁଛି କେତେବେଳେ ତୁମେ ଦୁର୍ଘଟଣା କରାଇଦେବ ।' ତା'ର ଏପରି ବ୍ୟବହାର ଦେଖି ସେ ବହୁତ ବିରକ୍ତ ହୋଇ ଯାଆନ୍ତି । ଦିନେ ସେ କାର୍ଯ୍ୟାଳୟର କବାଟ, ଝରକା ବନ୍ଦ କରି ତାଙ୍କ ନିକଟବର୍ତ୍ତି ହୋଇ ବାର୍ତ୍ତାଳାପ କଲେ । ଏହା ଦେଖି ହାକିମ ବିଚଳିତ ହୋଇପଡ଼ିଲା ଯେ କାଳେ ମୋ ଉପରେ ଆକ୍ରମଣ କରିବେ କି ? ସେ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ 'ନାହିଁ, ନାହିଁ, ସେପରି କୌଣସି ବିଷୟ ନୁହେଁ । ମୁଁ ଆପଣଙ୍କ ସହିତ ଏକାନ୍ତରେ କିଛି କଥା ହେବି' ସେହି କଥା ହେଲା । ଯଦି ସେ ମଧ୍ୟ ଦପ୍ତରରେ କିଛି ସମୟ ଶୌଚ ହେବା ଓ କିଛି ସମୟ ଚ଼ ସିଗାରେଟ ପିଇବାରେ ବିତାଇଥାନ୍ତି, ତେବେ ମୋ ବିଷୟରେ କାହିଁକି ଆପତ୍ତି କରୁଛନ୍ତି ?' ସେ କହିଲେ, 'ଏସବୁ ତ ସ୍ୱାଭାବିକ କଥା ।' ଏହା ଶୁଣି ମୌଲବୀ କହିଲେ, 'ମୁଁ ଆପଣଙ୍କ ଅଧିନରେ ଅଛି, ମୁଁ କେବଳ ସେହି କାର୍ଯ୍ୟର ଆଜ୍ଞା ପାଳନ କରିବି, ଯାହା କର୍ତ୍ତବ୍ୟ ସହିତ ଜଡ଼ିତ । ଅନ୍ୟ କାର୍ଯ୍ୟରେ ଆପଣଙ୍କ ଆଜ୍ଞା ପାଳନ କରିବାକୁ ମୁଁ ମଧ୍ୟ ନୁହେଁ । ତେଣୁ ଆପଣଙ୍କ କଥାରେ ମୁଁ ନମାଜରୁ ବିରତ ହୋଇପାରିବି ନାହିଁ । ମୋର ଅସାବଧାନତା ହେତୁ ଯଦି ଦୁର୍ଘଟଣା ହୋଇଯାଏ କିମ୍ବା ଟ୍ରେନ ଛାଡ଼ିଯାଏ, ତା'ହେଲେ ମୋ ପ୍ରତି କୌଣସି ସହାନୁଭୂତି ଦେଖାଇବେ ନାହିଁ ।' ଏହା କହି ସେ କବାଟ ଝରକା ଖୋଲିଦେଲେ । ହାକିମ ତାଙ୍କ କଥା ଶୁଣି ଚକିତ ହୋଇଗଲା ଓ ଏହି କଥା ତା'ଉପରେ ଏପରି ପ୍ରଭାବ ପକାଇଲା ଯେ ଯେତେବେଳେ ସେ ଓଜୁ କରିବାକୁ ପାଣି ଢାଳ ଧରନ୍ତି, ସେତେବେଳେ ସେ କହନ୍ତି 'ମୌଲବି ସାହେବ ! ଆପଣ ନିଶ୍ଚିନ୍ତରେ ନମାଜ ପଢ଼ନ୍ତୁ । ମୁଁ ଆପଣଙ୍କ କାର୍ଯ୍ୟର ଧ୍ୟାନ ରଖିବି ।' ପୁଣି ଦିନେ ତାଙ୍କର ସାଧାରଣ ଖାଦ୍ୟପେୟ ଦେଖି ମଧ୍ୟ ସେ ପ୍ରଭାବିତ ହୋଇଥିଲେ । (ଅସ୍‌ହାବେ ଅହମଦ୍, ଭାଗ ୩, ପୃ: ୬୧)

ଏଠାରେ ଇଂଲଣ୍ଡରେ ଆମର ଜଣେ ପୁରୁଣା ଅହମଦୀ ବଲାଲ୍ ନଟଲ ସାହେବ ଯେତେବେଳେ ଦୀକ୍ଷା ନେଲେ, ସେ ନିଜ ପାଇଁ 'ବିଲାଲ' ନାମକୁ ଚୟନ କଲେ । ଏବଂ ହଜରତ୍ ବିଲାଲ୍[ରଅ]ଙ୍କୁ ଅନୁକରଣ କରି ଅଜାନ ଦେବାରେ ଏକ ବିଶେଷ

ଖ୍ୟାତି ଅର୍ଜନ କଲେ । ପ୍ରକୃତରେ ତାଙ୍କୁ ଅଜାନ ଦେବାର ଆଗ୍ରହ ଅତ୍ୟଧିକ ଥିଲା ।
(ସାରାଂଶ ମାସିକ ଅନ୍‌ସାରୁଲ୍ଲାଃ, ଜୁନ୍ ୧୯୬୫ ପୃ : ୩୬)

# କ୍ରୋଧର ଆବେଗକୁ ଦମନ

ପୁଣି ସର୍ତ୍ତ ରହିଛି ଯେ କ୍ରୋଧର ଆବେଗକୁ ଦମନ କରିବା । ଏହାର ଅନେକ ଉଦାହରଣ ରହିଛି ।

ହଜରତ୍ ମସିହ ମଉଦ୍[ଅସ] ଏହାର ଏକ ବିଶେଷତ୍ୱ ବର୍ଣ୍ଣନା କରିଛନ୍ତି ଯେ ହିନ୍ଦୁମାନଙ୍କ ସହିତ ଏକ ଜଲସା (ଧର୍ମସଭା) ଆୟୋଜିତ ହୋଇ ଥିଲା ଏବଂ ସେଠାରେ ଗଣ୍ଡଗୋଳର ସୁତ୍ରପାତ ହୋଇଥିଲା । କିନ୍ତୁ ସେଠାରେ ଜମାଅତ୍ ବଡ଼ ଧୈର୍ଯ୍ୟ ଓ ସହନଶୀଳତା ଦେଖାଇଥିଲା ।

ସେ କହିଛନ୍ତି 'ଯଦି ସ୍ୱଚ୍ଛ ହୃଦୟରେ ମୁସଲମାନମାନେ ନିଜର ଶିଷ୍ଟତା ପ୍ରତି ଧ୍ୟାନ ରଖି ନଥାଆନ୍ତେ ଓ ପବିତ୍ର କୁର୍‌ଆନର ଶିକ୍ଷା ଅନୁଯାୟୀ ଧୈର୍ଯ୍ୟ ଉପରେ ପ୍ରତିଷ୍ଠିତ ନ ରହିଥାନ୍ତେ ତଥା କ୍ରୋଧକୁ ଦମନ କରି ନଥାନ୍ତେ, ତେବେ ନିଃସନ୍ଦେହରେ ସେହି ମନ୍ଦ ପ୍ରବୃତ୍ତିର ଲୋକମାନେ ଯେପରି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ ଓ ଅତି ଔଦ୍ଧତ୍ୟ ପୂର୍ଣ୍ଣ ବାତାବରଣ ସୃଷ୍ଟି କରିଥିଲେ, ଯାହାର ଫଳ ସ୍ୱରୂପ ଜଲସାର ପଡ଼ିଆ ରକ୍ତାକ୍ତ ହୋଇ ଯାଇଥାନ୍ତା । କିନ୍ତୁ ଆମ ଜମାଅତକୁ ସହସ୍ର ଧନ୍ୟବାଦ୍ ଯେ ସେମାନେ ଧୈର୍ଯ୍ୟ ଓ ସହନଶୀଳତାର ଉତ୍କୃଷ୍ଟ ନମୁନା ପ୍ରଦର୍ଶନ କଲେ ଓ ଆର୍ଯ୍ୟମାନଙ୍କ ସେହି ବାକ୍ୟ ବାଣ ଯାହା ଗୁଳି ଠାରୁ ମଧ ଅଧିକ ଅସହ୍ୟ ଥିଲା, ସେସବୁ ଶୁଣି ଏକ୍‌ବାରେ ନୀରବ ରହିଲେ । (ଚଶ୍‌ମା ମାରଫତ୍, ରୁହାନି ଖଜାଇନ୍, ଭାଗ ୨୩, ପୃ : ୧୦)

ସେହିପରି କହିଛନ୍ତି, 'ଯଦି ମୋ ତରଫରୁ ମୋର ଜମାଅତ୍‌କୁ ଧୈର୍ଯ୍ୟର ଉପଦେଶ ନ ଦିଆଯାଇଥାନ୍ତା ଏବଂ ମୁଁ ପ୍ରଥମରୁ ହିଁ ସେମାନଙ୍କୁ ଏପରି ପ୍ରସ୍ତୁତ କରିନଥାନ୍ତି ଯେ ସର୍ବଦା ଅପଶବ୍ଦ ବିପକ୍ଷରେ ଧୈର୍ଯ୍ୟ ଧରିବ, ତେବେ ଜଲସାର ପଡ଼ିଆ ରକ୍ତରେ ଭରି ଯାଇଥାନ୍ତା । କିନ୍ତୁ ଏହା ଧୈର୍ଯ୍ୟ ଓ ସହିଷ୍ଣୁତାର ଶିକ୍ଷା ଥିଲା ଯାହା ସେମାନଙ୍କ ଉଦ୍‌ବେଗକୁ ଦମନ କରିଥିଲା ।'

(ଚଶ୍‌ମାଏ ମାରଫତ୍, ରୁହାନି ଖଜାଇନ୍, ଭାଗ୨୩, ପୃ : ୮)

ପୁଣି କ୍ରୋଧର ଆବେଗକୁ ଚପି ରଖିବାର ଏକ ଉଦାହରଣ ରହିଛି ଡ଼ାଃ ସୟଦ୍ ଅବ୍ଦୁସ୍ ସତ୍ତାର ଶାହ୍ ସାହେବଙ୍କର । ଉଲ୍ଲେଖ ଅଛି ଯେ ଦିନେ ହଜରତ୍ ଶାହ୍

ସାହେବ ନମାଜ ପାଠ କରିବାକୁ ନିକଟସ୍ଥ ମସ୍‌ଜିଦ୍‌କୁ ଗଲେ । ସେତେବେଳେ ଜମାଅତ୍ ପ୍ରତି ଜଣେ କଠୋର ବିରୋଧି ଚୈାଧୁରି ରହିମ ବଖ୍‌ସ ସାହେବ ଏକ ମାଟିର ଢ଼ାଳ ନେଇ ଓଜୁ ପାଇଁ ସେଠାରେ ଛିଡ଼ା ହୋଇଥିଲେ । ଡ଼ାକ୍ତର ସାହେବଙ୍କୁ ଦେଖିବା ମାତ୍ରେ (ସେ ଯେହେତୁ ସରକାରୀ ଡ଼ାକ୍ତର ଥିଲେ ଓ ସରକାରୀ ଡ଼ାକ୍ତରଖାନାରେ ମୁତୟନ ଥିଲେ) ଧାର୍ମିକ କଥାବାର୍ତ୍ତା ଆରମ୍ଭ କରିଦେଲେ । ଡ଼ାକ୍ତର ସାହେବଙ୍କ କୌଣସି କଥାକୁ ନେଇ ରହିମ୍ ବଖଶ୍ ସାହେବ ଅତି କ୍ରୋଧିତ ହୋଇ ହାତରେ ଥିବା ମାଟିର ଢ଼ାଳକୁ ତାଙ୍କ ମଥାରେ ଜୋର୍‌ରେ ପିଟିଦେଲା । ତାହା ତାଙ୍କ ମଥାରେ ବାଜି ଭାଙ୍ଗିଗଲା ଓ ଜୋରରେ ଆଘାତ ହେବାରୁ ପ୍ରବଳ ରକ୍ତ ବହିବାକୁ ଲାଗିଲା । ଏପରିକି ତାଙ୍କ କପଡ଼ା ରକ୍ତାକ୍ତ ହୋଇଗଲା । ସେ କ୍ଷତସ୍ଥାନକୁ ହାତରେ ଚାପି ଧରିଥିଲେ ଓ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ଡ଼ାକ୍ତରଖାନା ଚାଲିଗଲେ । ସେ ଯିବା ପରେ ଚୈାଧୁରୀ କରିମ ବଖଶ ବହୁତ ଘାବରା ହୋଇ ପଡ଼ିଲେ ଯେ ଏବେ କ’ଣ ହେବ ? ଯେହେତୁ ଜଣେ ସରକାରୀ ଡ଼ାକ୍ତର ହୋଇଥିବାରୁ ହାକିମ ମଧ୍ୟ ତାଙ୍କରି କଥା ଶୁଣିବେ । ମୋର ଆଉ ରକ୍ଷା ନାହିଁ; ଏବେ ମୁଁ କେଉଁଠିକି ଯିବି, କ’ଣ କରିବି ? ଏହି କଥା ଚିନ୍ତା କରି ବିବଶ ଅବସ୍ଥାରେ ମସ୍‌ଜିଦ୍‌ରେ ବସି ରହିଥାନ୍ତି । ଏଣେ ଡ଼ାକ୍ତର ସାହେବ କ୍ଷତସ୍ଥାନର ମରହମ୍ ପଟ୍ଟି କରାଇ ରକ୍ତାକ୍ତ ହୋଇଥିବା ପୋଷାକକୁ ବଦଳାଇ ପୁଣି ସେହି ମସ୍‌ଜିଦ୍‌କୁ ନମାଜ ପାଠ ପାଇଁ ଗଲେ । ଯେତେବେଳେ ମସ୍‌ଜିଦ୍‌ରେ ପହଁଞ୍ଚିଲେ, ସେଠାରେ ରହିମ୍ ବଖଶ୍ ସାହେବଙ୍କୁ ଦେଖି ମୁରୁକି ହସିଦେଲେ । ହସ ହସ ମୁହଁରେ ପଚାରିଲେ, ‘ରହିମ ବଖଶ୍ ସାହେବ ! ଏବେ ଆପଣଙ୍କ ରାଗ ଶାନ୍ତ ହେଲାଣି ନା ନାହିଁ ?’ ଏହା ଶୁଣିବା ମାତ୍ରେ ଚୌଧୁରି ରହିମ୍ ବଖଶ୍ ସାହେବଙ୍କର ଅବସ୍ଥା ବଦଳିଗଲା । ସେ ବେନି କର ଯୋଡ଼ି କ୍ଷମା ମାଗିବା ସହିତ କହିଲେ ‘ଶାହ ସାହେବ ! ମୋର ବୈଅତ ଲେଖି ଦିଅନ୍ତୁ ।’ ଏପରି ସହନଶୀଳତାର ଉଚ୍ଚ ଆଦର୍ଶ, ନମ୍ରତା ଓ କ୍ଷମାଶୀଳତା ଐଶ୍ବରିକ ଜମାଅତର ଲୋକମାନଙ୍କ ବ୍ୟତୀତ ଆଉ କେହି ପ୍ରସ୍ତୁତ କରିପାରିବେ ନାହିଁ । ଏହିପରି ଚୌଧୁରି କରିମ୍ ବଖଶ ସାହେବ ଅହମଦି ହୋଇଗଲେ ଓ କିଛି ଦିନପରେ ତାଙ୍କ ପରିବାରର ଅନ୍ୟାନ୍ୟ ବ୍ୟକ୍ତିମାନେ ମଧ୍ୟ ଜମାଅତ୍ ଅହମଦିୟାରେ ସମ୍ମିଳିତ ହୋଇଗଲେ । (ହଜରତ୍ ଡାଃ ଅବ୍ଦୁସ୍ ସତ୍ତାର ସାହେବ, ପୃ : ୬୩)

ଏହିପରି କେତେଗୁଡ଼ିଏ ଉଦାହରଣ ଯାହା ମୁଁ ପ୍ରସ୍ତୁତ କରିଛି, ଏହା ପ୍ରାରମ୍ଭିକ ତିନି ଚାରିଟି ସର୍ତ୍ତ ସହିତ ସମ୍ବନ୍ଧିତ ରହିଛି । ଇନ୍‌ଶାଅଲ୍ଲାଃ ଚେଷ୍ଟା କରିବି ଯେ ଆଗକୁ ଅନ୍ୟ କେତେକ ଦୃଷ୍ଟାନ୍ତ ମଧ୍ୟ ବର୍ଣ୍ଣନା କରିବି । ବୈଅତ୍‌ରେ ସାମିଲ ହେବାପରେ

ଲୋକମାନଙ୍କ ଠାରେ କି ପ୍ରକାର ପରିବର୍ତ୍ତନ ଘଟିଛି, ଯଦ୍ଵାରା ନୂତନ ଭାବେ ଆସିଥିବା ଅହମଦି ତଥା ନୂତନ ପିଢ଼ି ତାହା ଜାଣନ୍ତୁ । ନିଜ ମଧ୍ୟରେ ଏହିପରି ପବିତ୍ର ପରିବର୍ତ୍ତନ ଆଣନ୍ତୁ, ଯାହାଙ୍କ ଉପରେ ଦଜ୍ଜାଲ(ଦୁଷ୍ଟଶକ୍ତି)ର ପ୍ରଭାବ ନପଡୁ । ଆମିନ ।

(ଖୁତ୍‌ବାଃ ଜୁମା ୨୬ ସେପ୍ଟେମ୍ବର ୨୦୦୩, ମସ୍‌ଜିଦ୍ ଫଜଲ ଲଣ୍ଡନ)

ଗତ ଜୁମାର ପୂର୍ବ ଜୁମା ଖୁତ୍‌ବାରେ ମୁଁ ଏହି ବିଷୟ ବର୍ଣ୍ଣନା କରିଥିଲି ଯେ ହଜରତ୍ ମସିହ ମଉଦ୍ [ଅସ]ଙ୍କ ଜମାଅତ୍‌ରେ ଦୀକ୍ଷାର ଏହି ଦଶ ଗୋଟି ସର୍ତ୍ତ ଉପରେ କାର୍ଯ୍ୟ କରିବାର ପ୍ରତିଜ୍ଞା କରି ସମ୍ମିଳିତ ହେବା ପରେ ଅହମଦିମାନଙ୍କ ମଧ୍ୟରେ କେଉଁ ପ୍ରକାର ପରିବର୍ତ୍ତନ ଆସିଛି । କେତେକ ଦୃଷ୍ଟାନ୍ତ ପ୍ରସ୍ତୁତ କରାଯାଇଛି, ଏବେ ସେହି ବିଷୟକୁ ଆଗକୁ ବର୍ଣ୍ଣନା କରାଯାଉଛି ।

# ସୁଖ ଦୁଃଖରେ ଅଲ୍ଲାଃତାଲାଙ୍କ ପ୍ରତି ବିଶ୍ୱସନୀୟତା

ପ୍ରଥମ ସର୍ତ୍ତରେ ହଜରତ୍ ମସିହ ମଉଦ୍ [ଅସ] ଏହି ପ୍ରତିଜ୍ଞା ନେଇଥିଲେ ଯେ ତୁମମାନଙ୍କ ଉପରେ ଅଭାବ, ଅନାଟନ, ବିପଦ, ଆପଦ, ଲଜ୍ଜା ଓ ଅପମାନଜନକ ପରିସ୍ଥିତି ଘଟିଥିଲେ ମଧ୍ୟ ତୁମେ ସେଥି ପାଇଁ କେବେ ହେଲେ ଅଲ୍ଲାଃତାଲାଙ୍କୁ ଦୋଷାରୋପ କରିବ ନାହିଁ । ବରଂ ତାହାଙ୍କ ଅନୁଗ୍ରହ ଭିକ୍ଷା କରି ଚାଲିଥିବ । ସଙ୍କଳ୍ପ କରିବା ଆବଶ୍ୟକ ଯେ ତାହାଙ୍କ ଇଚ୍ଛାରେ ମୁଁ ସର୍ବଦା ରାଜି ରହିବି, ଖୁସି ରହିବି । ଏହାର କେତେକ ଦୃଷ୍ଟାନ୍ତ ପ୍ରସ୍ତୁତ କରୁଛି ।

ସର୍ବ ପ୍ରଥମେ ହଜରତ୍ ଖଲିଫତୁଲ୍ ମସହ ପ୍ରଥମ [ରଅ]ଙ୍କର ଆଦର୍ଶ ଦୃଷ୍ଟାନ୍ତ ରହିଛି । ଅଗଷ୍ଟ ୧୯୦୫ ମସିହାରେ ତାଙ୍କର ଏକ ପୁତ୍ର ଅବ୍ଦୁଲ କୟୁମ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ କିଛିଦିନ ପରେ ମରିଗଲେ । ସେତେବେଳେ ତାଙ୍କର ବୟସ ପ୍ରାୟ ୨ ବର୍ଷ ଥିଲା । ହଜରତ୍ ଖଲିଫତୁଲ୍ ମସିହ ପ୍ରଥମ [ରଅ] ଏହି ଅବସରରେ ଯେଉଁ ଦୃଷ୍ଟାନ୍ତ ଦେଖାଇଲେ, ତାହା ହେଉଛି ଯେ ସେ ହଜରତ ମୁହମ୍ମଦ [ସଅ]ଙ୍କ ଅନୁସୃତ ପନ୍ଥା ସୁନ୍ନତର ପାଳନ କରି ପ୍ରଥମେ ମୃତ ପିଲାକୁ ଚୁମ୍ବନ ଦେଲେ । ତାଙ୍କ ଚକ୍ଷୁ ଲୋତକପୂର୍ଣ୍ଣ ହୋଇଗଲା ଓ ସେ କହିଲେ, ମୁଁ ପିଲାର ମୁହଁରୁ ଚାଦର ଏଥିପାଇଁ ହଟାଇ ନଥିଲି ଯେ ହୁଏତ ମୁଁ ତାହାର ଚେହେରା ଦେଖି ବିଚଳିତ ହୋଇଯିବି । କିନ୍ତୁ ଏକଥା ପାଇଁ ନୁହେଁ, ବରଂ ଏଇଥିପାଇଁ ଯେ ହଜରତ୍ ମୁହମଦ୍ [ସଅ]ଙ୍କର ପୁତ୍ର ଇବ୍ରାହିମ୍‌ଙ୍କର ଯେତେବେଳେ ମୃତ୍ୟୁ ହେଲା, ସେତେବେଳେ ମହାଭାଗ ତା'ର ମୁହଁକୁ ଚୁମ୍ବନ ଦେଇଥିଲେ ଓ ଗଭୀର ଶୋକରେ ଆତୁର ହେବାରୁ ତାଙ୍କ ଆଖିରୁ ଲୋତକ ଧାର ଧାର ହୋଇ ବହି ଆସିଲା । ମହାଭାଗ ପୁଣି ଅଲ୍ଲାଃତାଲାଙ୍କର ପ୍ରଶଂସା କଲେ ଓ କହିଲେ, 'ପୁତ୍ରର ବିଚ୍ଛେଦ ତ କିଞ୍ଚିତ ସମୟ ପାଇଁ ମଧ୍ୟ ସହ୍ୟ କରି ହୁଏ ନାହିଁ । କିନ୍ତୁ ଏହା

ପସନ୍ଦନୀୟ କାର୍ଯ୍ୟ ନୁହେଁ । ମାତ୍ର ଆମେ ଅଲ୍ଲାଃତାଲାଙ୍କ ଅନୁଗ୍ରହରେ ରାଜି । ସେହି ସୁନ୍ନତକୁ ପାଳନ କରିବାକୁ ଯାଇ ମୁଁ ମଧ୍ୟ ଏହାର ମୁହଁ ଖୋଲିଲି ଓ ଚୁମ୍ବନ ଦେଲି । ଏହା ପ୍ରଭୁଙ୍କ ଅନୁକମ୍ପା ଯେ ଏପରି ଶିଶୁର ଦେହାନ୍ତ ହେବା ଦ୍ୱାରା କୌଣସି ସୁନ୍ନତକୁ ପାଳନ କରିବାର ସୁଯୋଗ ମିଳିଥାଏ ।

ଏହା ସେହି ବ୍ୟକ୍ତିଙ୍କ ଉତ୍ତମ ଆଚରଣ, ଯାହାଙ୍କ ବିଷୟରେ ହଜରତ୍ ମସିହ ମଉଦ୍ [ଅସ] କହିଛନ୍ତି

**'ଚେ ଖୁଶ୍‌ବୁଦେ ଅଗର୍ ହର୍ ୟକ୍‌ଜ୍ ଉମ୍ମତ ନୁରେଦିଁ ବୁଦେ, ହମୀ ବୁଦେ ଅଗର୍ ହରଦିଲ୍ ପୁରଅଜ୍ ନୁରେ ୟକିଁବୁଦେ ।।'**

ଅର୍ଥାତ 'କିପରି ଭଲ ହୁଅନ୍ତା ଯଦି ଆମ ଜାତିର ପ୍ରତ୍ୟେକ ବ୍ୟକ୍ତି ନୁରୁଦ୍ଦିନଙ୍କ ପରି ଧର୍ମର ଜ୍ୟୋତିରେ ପରିପୂର୍ଣ୍ଣ ହୋଇ ଯାଆନ୍ତେ ! କିନ୍ତୁ ଏହା ସେତିକି ବେଳେ ସମ୍ଭବ ହେବ, ଯେତେବେଳେ ସମସ୍ତଙ୍କ ହୃଦୟରେ ବିଶ୍ୱାସର ଜ୍ୟୋତି ଭରିଯିବ ।'

ପୁଣି ଅନ୍ୟ ଏକ ଉଦାହରଣ ହେଉଛି ମାନ୍ୟବର ହଜରତ୍ ଚୌଧୁରି ନସ୍‌ରୁଲ୍ଲା ଖାଁ ସାହେବଙ୍କର । ଚୌଧୁରି ଜଫରୁଲ୍ଲା ଖାନ୍ ସାହେବ [ରଅ] ବର୍ଣ୍ଣନା କରୁଛନ୍ତି ଯେ ମୋର ଜଣେ ଭାଇ ହମିଦୁଲ୍ଲା ଖାଁ ଯିଏ ସ୍ୱର୍ଗତ ଚୌଧୁରି ଶୁକ୍ରୁଲ୍ଲା ଖାଁଙ୍କ ଠାରୁ ସାନ ଓ ସ୍ୱର୍ଗତ ଚୌଧୁରି ଅବ୍ଦୁଲ୍ଲାଃ ଖାଁଙ୍କ ଠାରୁ ବଡ଼ ଥିଲେ । ଯେତେବେଳେ ତାଙ୍କର ବୟସ ଆଠ ନଅ ବର୍ଷ ଥିଲା, ସେ ଅସୁସ୍ଥ ହୋଇପଡ଼ିଲେ । ତା'ପରେ ରୋଗଗ୍ରସ୍ତ ଥିବା ହୋଇ କିଛି ଦିନେ ପରେ ତାଙ୍କର ମୃତ୍ୟୁ ହୋଇଗଲା ।' ତାଙ୍କର ମୃତ୍ୟୁ ଫଜର (ପ୍ରାତଃ କାଳୀନ ନମାଜ) ସମୟରେ ହୋଇଥିଲା । ରାତିସାରା ପିତା ମହୋଦୟ ତା'ଙ୍କ ସେବାରେ ଲାଗି ରହିଥିଲେ । ମୃତ୍ୟୁପରାନ୍ତରେ ତାଙ୍କର କଫନ୍ ଦଫନ (ଅନ୍ତେଷ୍ଟି କ୍ରିୟା) ସାରି ପିତା ମହୋଦୟ ପୂର୍ବବତ୍ କଚେରି ସମୟରେ ଯାଇ ନିଜ କାମରେ ଉପସ୍ଥିତ ହୋଇଗଲେ । କଚେରିରେ ଥିବା ତାଙ୍କ ସହକର୍ମୀ କିମ୍ବା କୌଣସି ହାକିମ କି କିରାଣି କେହିହେଲେ ଏକଥା ଅନୁଭବ କରିପାରିଲେ ନାହିଁ ଯେ ସେ ନିଜର ନୟନ ପିତୁଳାକୁ ମୃତ୍ୟୁ ଶଯ୍ୟାରେ ଶୁଆଇ ଅଲ୍ଲାଃଙ୍କ ଇଚ୍ଛା ଉପରେ ରାଜି ହୋଇ ଧନ୍ୟବାଦ ଜ୍ଞାପନ କରିବା ସହିତ ନିଜର କର୍ତ୍ତବ୍ୟ ପାଳନ ପାଇଁ ଯଥାରୀତି ଯୋଗ ଦେଇଛନ୍ତି ।'

(ଅସହାବେ ଅହମଦ୍, ଭାଗ ୧୧, ପୃ ୧୬୫, ପ୍ରକାଶନ ୧୯୬୨)

ହଜରତ୍ କାଜୀ ଜିଆଉଦ୍ଦିନ୍ ସାହେବ ବର୍ଣ୍ଣନା କରିଛନ୍ତି ଏକ ପକ୍ଷେ ତାଙ୍କ ପତ୍ନୀ ଓ ତିନି ସନ୍ତାନଙ୍କର ମୃତ୍ୟୁ ହୋଇଗଲା । ଅନ୍ୟପକ୍ଷେ ବିରୋଧିମାନେ ଅଧିକ

ଉଦ୍ଧତ ହୋଇ କନ୍ଦଳ ଆରମ୍ଭ କରିଦେଲେ । ତାଙ୍କୁ ଅପମାନିତ କରିବା ସହିତ ଧନ ସମ୍ପତ୍ତିର କ୍ଷୟକ୍ଷତି ଓ ବିନାଶ କରିବାର ବିଭିନ୍ନ ଉଦ୍ୟମ କରିବାକୁ ଲାଗିଲେ । ଘରର ସିନ୍ଧି ମାରି ସବୁ ଚୋରି କରି ନେଇଗଲେ । ସେହି ସମସ୍ତ ବିପଦକୁ ଅନୁଧ୍ୟାନ କରିଲେ ଜାଣିପାରିବେ ଯେ ଏହି ବିନୀତ ସେବକ ପାଇଁ କି ପ୍ରକାରର ଦୈବୀ ବିପଦମାନ ପ୍ରକାଶିତ ହେବ, ସେ ବିଷୟରେ ହଜରତ୍ ମସିହ ମଉଦ୍[ଅସ] ପୂର୍ବରୁ ସଙ୍କେତ ଦେଇଥିଲେ । ଇତି ମଧ୍ୟରେ ହଜରତ୍ ମସହ ମଉଦ୍[ଅସ] ସାନ୍ତ୍ୱନା ମୂଳକ ପତ୍ର ସେହି ଶୋକ ସନ୍ତପ୍ତ ବ୍ୟକ୍ତି ନିଜକୁ ସମ୍ଭାଳିବା ପାଇଁ ପ୍ରେରଣ କଲେ । ଏହା ମଧ୍ୟ ଏକ ଭବିଷ୍ୟତ ବାଣୀ ସଦୃଶ ଲେଖିଥିଲେ । 'ପ୍ରକୃତରେ ଆପଣଙ୍କର ବଡ଼ ଧରଣର ପରୀକ୍ଷା ହୋଇଛି । ଏହା ଅଲ୍ଲାଃଙ୍କର ସୁନ୍ନତ୍ ଯେ ସେ ନିଜର ସରଳ ସ୍ୱଭାବ ଭକ୍ତମାନଙ୍କ ଦୃଢ଼ତାକୁ ଲୋକମାନଙ୍କ ସମ୍ମୁଖରେ ପ୍ରକଟ କରିଥାନ୍ତି । ଧୈର୍ଯ୍ୟର ସହିତ ରହିଥିବାରୁ ତାହାର ପ୍ରତିଫଳନ ଅତ୍ୟଧିକ ହୋଇଥାଏ । ଅଲ୍ଲାଃତାଲା ଏ ସମସ୍ତ ବିପଦରୁ ଆପଣଙ୍କୁ ମୁକ୍ତ କରିଦେବେ । ଶତ୍ରୁମାନେ ଲଜ୍ଜିତ ହେବେ, ଯେପରିକି ଅନୁଚରମାନଙ୍କ ସମୟରେ ହୋଇଥିଲା । ଅଲ୍ଲାଃତାଲା ସେମାନଙ୍କ ବୁଡ଼ି ଯାଉଥିବା ନାବକୁ ଧରିନେଲେ । ଏ କ୍ଷେତ୍ରରେ ମଧ୍ୟ ତାହା ହିଁ ହେବ । ଏବଂ ଶତ୍ରୁମାନଙ୍କ ଅଭିଶାପ ଶେଷରେ ତାଙ୍କରି ଉପରେ ପଡ଼ିବ ।' ଶତ ଶତବାର ଅଲ୍ଲାଃଙ୍କର ପ୍ରଶଂସା କରୁଛି ଯେ ମହାମାନ୍ୟଙ୍କର ଦୁଆ (ପ୍ରାର୍ଥନା)ରୁ ସେଇଆ ହିଁ ହେଲା । ଏବଂ ଏହି ବିନୀତ ପ୍ରତ୍ୟେକ ଅବସ୍ଥାରେ ଦୃଢ଼ତା ଓ ଧୈର୍ଯ୍ୟ ଅଗ୍ରଣୀ ହୋଇ ଚାଲିଲା ।'

(ଅସହାବେ ଅହମଦ୍, ଭାଗ ୬, ପୃ:୧୨-୧୩)

ହଜରତ୍ ମୌଲବୀ ବୁର୍‌ହାନୁଦ୍ଦିନ୍ ସାହେବ[ରଅ]ଙ୍କ ଆଦର୍ଶ ଚରିତ୍ର ସମ୍ବନ୍ଧରେ ହଜରତ୍ ଅବ୍ଦୁଲ୍ ମୁଗ୍‌ନି ସାହେବ (ମୌଲବୀ ବୁରହାନୁଦ୍ଦିନ୍ ସାହେବଙ୍କ ପୁତ୍ର) ବର୍ଣ୍ଣନା କରିଛନ୍ତି ଯେ ହଜରତ୍ ମସିହ ମଉଦ୍[ଅସ] ପ୍ରାରମ୍ଭରେ ଯେତେବେଳେ ସିଆଲକୋଟ ଯାଇଥିଲେ, ଭାଷଣ ଦେବା ପାଇଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିବାବେଳେ ଅନ୍ୟ ଲୋକମାନେ ମଧ୍ୟ ତାଙ୍କ ସହିତ ସାମିଲ ହୋଇଗଲେ । ଗୋଟିଏ ଗଳିରେ ଯାଉଥିବା ସମୟରେ ଦୁଷ୍ଟାମି କରି କେହି କୋଠା ଉପରୁ ତାଙ୍କ ଉପରକୁ ପାଉଁସ ବୋଝ ଢ଼ାଳିଦେଲା । ହଜୁର୍ ଯେହେତୁ ଆଗକୁ ବଢ଼ିଯାଇଥିଲେ, ତେଣୁ ଅଲ୍ଲାଃଙ୍କ କୃପାରୁ ସେ ରକ୍ଷା ପାଇଲେ । କିନ୍ତୁ ବୋଝରେ ଥିବା ପାଉଁସ ପିତା ମହୋଦୟଙ୍କ ଉପରେ ପଡ଼ିଲା । ବୃଦ୍ଧ ବ୍ୟକ୍ତି, ମୁଣ୍ଡବାଳ ଧଳା, ସେଥିରେ ପାଉଁଶ ପଡ଼ି ଏକ ପରିହାସଜନକ ପରିସ୍ଥିତି ସୃଷ୍ଟି ହୋଇଗଲା । ଯେହେତୁ ସେ ହଜରତ୍ ମସହ ମଉଦ୍‌ଙ୍କୁ ଅତ୍ୟନ୍ତ ପ୍ରେମ କରନ୍ତି, ସେ ସେହିଠାରେ ଛିଡ଼ା ହୋଇଗଲେ ଏବଂ ଆତ୍ମ ଜାଗ୍ରତ ପୂର୍ବକ ସ୍ତବଧ ହୋଇ ଗଲେ । ଆନନ୍ଦର ସହିତ କହିବାକୁ ଲାଗିଲେ, 'ପା ମାଇଏ ପା' 'ପା ମାଇଏ ପା' ଅର୍ଥାତ 'ହେ

ମାତା ଏହିଠାରେ ଢ଼ାଳ, ଏହିଠାରେ ଢ଼ାଳ । ଅଲ୍ଲାଃଙ୍କୁ ଧନ୍ୟବାଦ ଯେ ହଜରତ୍ ମସିହ ମଉଦ୍[ଅସ]ଙ୍କ କାରଣରୁ ମୋତେ ଏହି ପୁରସ୍କାର ପ୍ରାପ୍ତ ହୋଇଛି ।'

ଏହି ଧରଣର ଅନ୍ୟ ଏକ ଘଟଣା ରହିଛି । ହଜରତ୍ ମସହ ମଉଦ୍[ଅସ] ସିଆଲକୋଟ୍‌ରୁ ଯେତେବେଳେ ଫେରୁଥିଲେ, ଖୁଦ୍ଦାମମାନେ ତାଙ୍କୁ ଗାଡ଼ିରେ ବସାଇ ଦେଇ ଘରକୁ ଫେରୁଥିଲେ । ପିତା ମହୋଦୟ କୌଣସି କାରଣବଶତଃ ପଛରେ ଏକୁଟିଆ ରହିଗଲେ । ବିରୋଧିମାନେ ତାଙ୍କୁ ଧରିନେଲେ ଓ ତାଙ୍କ ସହିତ ଅତି କୁତ୍ସିତ ବ୍ୟବହାର କଲେ । ଏପରିକି ତାଙ୍କ ମୁହଁରେ ଗୋବର ଢ଼ାଳିଦେଲେ । କିନ୍ତୁ ପିତା ମହୋଦୟ ସେହି ଅପମାନକୁ ସମ୍ମାନ ଜଣାଇ ଓ ସେହି ଦୁଃଖକୁ ଆନନ୍ଦର ସହିତ ଅନୁଭବ କରୁଥିଲେ । ବାରମ୍ବାର କହୁଥିଲେ, 'ବୁରହାନିୟାଁ ! ଇହ୍ ନ୍ୟାମତାଁ କିତ୍‌ଥୁଁ' ଅର୍ଥାତ୍ 'ହେ ବୁରହାନୁଦ୍ଦିନ ! ଏହି ପୁରସ୍କାର କାହାକୁ ମିଳିପାରେ ?' ତେଣୁ ଧର୍ମ ପାଇଁ ଦୁଖ ପାଇବା ସୌଭାଗ୍ୟର କଥା ।

(ମାସିକ ଅନସାରୁଲ୍ଲାଃ ରବୁଆ, ସେପ୍ଟେମ୍ବର ୧୯୭୭, ପୃ: ୧୪-୧୫)

ହଜରତ୍ ମୌଲବି ବୁର୍‌ହାନୁଦ୍ଦିନ ସାହେବ[ରଅ]ଙ୍କ ବିଷୟରେ ତାଙ୍କ ପୁତ୍ର ହଜରତ୍ ଅବ୍ଦୁଲ୍ ମୁଗ୍‌ନି ସାହେବ ଉଲ୍ଲେଖ କରୁଛନ୍ତି ଯେ ଅହମଦିୟତ୍ ଗ୍ରହଣ କରିବା ପରେ ଆର୍ଥିକ ଅବସ୍ଥା ଏପରି ହୋଇ ଯାଇଥିଲା ଯେ ସେପରି ଶସ୍ତା ଯୁଗରେ ମଧ୍ୟ ଆମ ପରିବାର ମାସ ମାସ ଧରି ଘିଅ ଦେଖିବାକୁ ପାଇ ନଥିଲୁ । ଜାଳେଣୀ କିଣିବାର ସାମର୍ଥ୍ୟ ମଧ୍ୟ ନ ଥିଲା, ଶିଶୁ ଗଛର ପତ୍ରକୁ ଜାଳେଣୀ ରୂପେ ବ୍ୟବହାର କରୁଥିଲୁ । କିନ୍ତୁ ସେହି ପତ୍ର ଯେତେ ଜାଳିଲେ ସୁଦ୍ଧା ହାଣ୍ଡି ଗରମ ହୁଏ ନାହିଁ । ତେଣୁ ପ୍ରଥମେ ଡ଼ାଲିକୁ ଭାଜି ତାକୁ ପେଶି ଗୁଣ୍ଡ କରିବା ପରେ ହାଣ୍ଡିରେ ପାଣି ଲୁଣ ଇତ୍ୟାଦି ଦେଇ ପ୍ରଥମେ ପତ୍ର ଜଳାଇ ଗରମ କରୁ ଓ ପରେ ସେଥିରେ ଗୁଣ୍ଡ ହୋଇଥିବା ଡ଼ାଲି ଢ଼ାଳି ଦେଉ । ଖାଦ୍ୟରେ ରୁଟି ସହିତ ତାହା ହିଁ ବ୍ୟବହାର କରୁ ।

ସାଧାରଣତଃ ଜଅର ରୁଟି ତିଆରି କରିଥାଉ । ବଜାରା କିମ୍ବା ଗହମର ରୁଟି କେତେବେଳେ କେମିତି ମିଳିଯାଏ । ଘିଅ ପରିବର୍ତ୍ତେ ରାଷି ତେଲର ବ୍ୟବହାର କରାଯାଏ । ଶାଗ ପରିବର୍ତ୍ତେ ବିଭିନ୍ନ ପ୍ରକାର ଗଛର କଅଁଳ ପତ୍ରକୁ ଶାଗ ରୂପେ ରାନ୍ଧି ଖାଇବାକୁ ପଡ଼େ । ପିନ୍ଧିଥିବା ବସ୍ତ୍ର ମଧ୍ୟ ପୁରୁଣା କାଳର ଋଷିମାନଙ୍କ ବସ୍ତ୍ର ପରି ଥିଲା । (ମୌଲବିମାନଙ୍କ ବସ୍ତ୍ର ପରି ନଥିଲା) ।' ସେ କହିଛନ୍ତି 'ପ୍ରକୃତ କଥା ହେଉଛି, ପିତା ମହୋଦୟ ହଜରତ୍ ମସିହ ମଉଦ୍[ଅସ]ଙ୍କୁ ପାଇ ତାଙ୍କ ମଧ୍ୟରେ ଏକ ପ୍ରେମ, ଶ୍ରଦ୍ଧା ଓ ଉତ୍ସାହ ଉତ୍ପନ୍ନ ହୋଇଥିଲା । ସେ ତାଙ୍କ ପ୍ରେମରେ ନିଜକୁ ହଜାଇ ଦେଉଥିଲେ । ଖାଇବା, ପିଇବା, ବିଶ୍ରାମ କରିବା ଦିଗରେ କୌଣସି ଧ୍ୟାନ ନଥିଲା । କେବଳ ଗୋଟିଏ

ଲକ୍ଷ୍ୟ ଥିଲା ଯେ ଯେଉଁ ପ୍ରେମର ଅଗ୍ନି ଅଲ୍ଲାଃ ଓ ତାଙ୍କ ରସୁଲ ଓ ହଜରତ୍ ମସିହ ମଉଦ୍ [ଅସ]ଙ୍କ ପ୍ରତି ତାଙ୍କ ହୃଦୟରେ ପ୍ରଜ୍ୱଳିତ ହୋଇଛି, ସେହି ପ୍ରେମର ଅଗ୍ନିକୁ କିପରି ଅନ୍ୟମାନଙ୍କ ହୃଦୟରେ ଲଗାଇ ଦିଅନ୍ତି କି ? ସଦାସର୍ବଦା ତାଙ୍କର ଏହି ବିଚାର, ଏହି ଚିନ୍ତା, ଏହି ଦୁଃଖ ଓ ଏହି ଉଦ୍ଦେଶ୍ୟ ଥିଲା ଯେ କେଉଁ ପ୍ରକାର ଅହମଦିୟତ୍‌ର ପ୍ରସାର ପ୍ରଚାର ହୋଇପାରିବ । ଏପରି ଅବସ୍ଥାରେ ମୁଁ ଓ ମୋର ପୂଜ୍ୟନୀୟ ମାତା କିପରି ସମୟ ଅତିବାହିତ କରିଛୁ, ତାହା ଅଲ୍ଲାଃତାଲା ହିଁ ଭଲଭାବେ ଜାଣନ୍ତି । ଏତେ ଦାରିଦ୍ର୍ୟ ଓ ଅସୁବିଧା ଥାଇ ସୁଦ୍ଧା ସେ ଆତ୍ମ ସମ୍ମାନ, ଧୈର୍ଯ୍ୟ ଓ ଦୃଢ଼ତା କ୍ଷେତ୍ରରେ ଏକ ମଜ୍‌ବୁତ୍ ଚଟ୍ଟାଣ ସଦୃଶ ଥିଲେ । ଏବଂ ଧର୍ମ ପ୍ରତି ଏପରି ନିଷ୍ଠା ଓ ଆସ୍ଥା ଥିଲା ଯେ କୌଣସି ପ୍ରକାରର ଲୋଭ, ଲାଳସା, ବନ୍ଧୁ ମିତ୍ରତା ଆଦି ଏଥିରେ ବାଧକ ହୋଇପାରି ନଥିଲେ । ଅଲ୍‌ହମୁଦ୍‌ଲିଲ୍ଲାଃ-ସୁମ୍ମା ଅଲ୍‌ହମ୍‌ଦୁଲିଲ୍ଲାଃ ! (ସମସ୍ତ ପ୍ରଶଂସା ଅଲ୍ଲାଃତାଲାଙ୍କ, ପୁଣି ସମସ୍ତ ପ୍ରଶଂସା ଅଲ୍ଲାଃଙ୍କର) ଆମର ମଧ୍ୟ ଏପରି ପରିବେଶରେ ଶିକ୍ଷାଦୀକ୍ଷା ହୋଇଛି ଯେ ସଂସାରର ପ୍ରତ୍ୟେକ ବସ୍ତୁ ଆମ ଦୃଷ୍ଟିରେ ବ୍ୟର୍ଥ । ଏହି ସମର୍ପଣ, ଉଦାରତା ଓ ଉତ୍ସର୍ଗୀକୃତ ଭାବନାକୁ ଦେଖି ଅନ୍ତତଃ ଲୋକେ କହିବା ଆରମ୍ଭ କରିଦେଲେ, 'ମିର୍ଜା ସାହେବ (ହଜରତ୍ ମସିହ ମଉଦ୍ [ଅସ]) ମୌଲବୀ ସାହେବଙ୍କୁ ବୋଧହୁଏ କିଛି ଦରମା ଦେଉଛନ୍ତି ।' (ଅନ୍‌ସାରୁଲ୍ଲାଃ ରବୁଆ, ସେପ୍ଟେମ୍ବର ୧୯୭୭, ପୃ : ୧୧-୧୨)

# ଧୈର୍ଯ୍ୟର ଅଦ୍ୱିତୀୟ ନମୁନା

ହଜରତ୍ ମସହ ମଉଦ୍ [ଅସ]ଙ୍କ ସହଧର୍ମିଣୀ ଅନ୍ୟ ସାଂସାରିକ ସ୍ତ୍ରୀମାନଙ୍କ ପରି କୌଣସି ଦୁଃଖ ଆସିଲେ ପ୍ରଳାପ କରିବା, କାନ୍ଦିବା, ଅସ୍ତବ୍ୟସ୍ତ ହେବା, କିମ୍ବା ତୁଣ୍ଡରୁ କୌଣସି ଅଧୈର୍ଯ୍ୟ ପୂର୍ଣ୍ଣ ଶବ୍ଦ ବାହାର କରିବା ପରିବର୍ତ୍ତେ କେବଳ ଅଲ୍ଲାଃତାଲାଙ୍କ ନିକଟରେ ସିଜଦାରେ ପଡ଼ି ଅତି ବିନମ୍ରତା ସହିତ ଦୁଆ ମାଗିବାର ଆଦର୍ଶ ଦେଖାଇଥିଲେ । ଯେତେବେଳେ ଶେଷ ମୂହୁର୍ତ୍ତରେ ସୁରା ୟାସିନ୍ ପାଠ କରାଗଲା ତଥା ମହାମହିମଙ୍କ ଆତ୍ମା ଏହି ମର ଶରୀରରୁ ବାହାରି ଅଲ୍ଲାଃଙ୍କ ଛାମୁରେ ଉପସ୍ଥିତ ହୋଇଗଲା, ସେତେବେଳେ ଉମ୍ମୁଲ୍ ମୁମିନିନ୍ କହିଲେ 'ଇନ୍ନା ଲିଲ୍ଲାହେ ଓଇନ୍ନା ଇଲୈହି ରାଜେଉନ୍' ଏବଂ ନୀରବ ହୋଇଗଲେ । କିନ୍ତୁ ଶୋକରେ ଅଧିର ହୋଇ କୌଣସି ପ୍ରକାରର ବିଳାପ କଲେ ନାହିଁ । ଘର ଭିତରେ କିଛି ଲୋକ କାନ୍ଦିବା ଆରମ୍ଭ କରିବାରୁ ସେ ତାଙ୍କୁ ବିରକ୍ତ ହୋଇ କହିଲେ 'ସେ ମୋ ପତି ଥିଲେ, ମୁଁ ତ କାନ୍ଦୁ ନାହିଁ । ତୁମେମାନେ କାହିଁକି କାନ୍ଦୁଛ ?' ଏପରି ଧୈର୍ଯ୍ୟ ଓ ଦୃଢ଼ ସଙ୍କଳ୍ପର ଆଦର୍ଶ ଜଣେ ଏପରି ପବିତ୍ର ନାରୀଙ୍କ ଠାରୁ ପ୍ରକାଶିତ ହେଲା ଯିଏକି ବଡ଼ ଅଲିଅଳୀ ହୋଇ ବଢ଼ିଥିଲା ଓ ଯାହାର ଏପରି ଜଣେ ଆଧ୍ୟାତ୍ମିକ ସମ୍ରାଟ ଓ ପବିତ୍ର ଆତ୍ମାଦେହୀ ପତିଙ୍କର ଦେହାନ୍ତ

ହୋଇ ଯାଇଛି, ଏହା ଏକ ମହାନ ଚମତ୍କାର ଥିଲା ।

(ତାରିଖ୍ ଏ ଅହମଦିୟତ୍, ନୂତନ ସଂସ୍କରଣ, ଭାଗ ୨, ପୃ: ୫୪୭)

ପୁଣି ନିଜ ସନ୍ତାନମାନଙ୍କୁ ମଧ୍ୟ ଏହି ଉପଦେଶ ଦେଲେ ଯେ ଏହା ଭାବ ନାହିଁ ତୁମ ପିତା ତୁମ ପାଇଁ କିଛି ଛାଡ଼ିଯାଇ ନାହାନ୍ତି । ବରଂ ସେ ଦୁଆର ବହୁତ ବଡ଼ ଭଣ୍ଡାର ତୁମ ପାଇଁ ଛାଡ଼ି ଯାଇଛନ୍ତି, ଯାହା ସମୟାନୁସାରେ ତୁମ କାର୍ଯ୍ୟରେ ଲାଗିବ ।

## ଅପସଂସ୍କୃତି ଓ କୁପ୍ରଥାର ନିବାରଣ

ହଜରତ୍ ମସିହ ମଉଦ୍[ଅସ] ଚାହୁଁଥିଲେ ଯେ ତାଙ୍କ ଜମାଅତ୍‌ରେ ଅନ୍ତର୍ଭୁକ୍ତ ହେବା ବ୍ୟକ୍ତି ପବିତ୍ର କୁରଆନ୍‌ର ଆଦେଶ ପାଳନକାରୀ ଓ ଅନ୍ତତଃ ପକ୍ଷେ ଏହାର ଅନୁକରଣ କରିବାକୁ ପ୍ରୟାସରତ ହେଉ ଓ ଏହା ଉପରେ ବିଶ୍ୱାସ ରଖୁ । ଏବଂ କହିଲେ; 'ଯଦି କୌଣସି ବ୍ୟକ୍ତି ଗୋଟିଏ ହେଲେ ଆଦେଶ ମଧ୍ୟ ପାଳନ କରୁ ନାହିଁ, ତେବେ ସେ ମୋ ସହିତ ସଂପୃକ୍ତ ନୁହେଁ ।' ସେ ଚାହୁଁଥିଲେ ଯେ ତାଙ୍କ ଅନୁଗାମୀ ଦୁନିଆର ଗତିବିଧିରୁ ଦୂରେଇ ଯାଇ ଅଯଥା ରୀତିନୀତିକୁ ବର୍ଜନ କରନ୍ତୁ । ଏବଂ ସେ ଅନୈତିକ କାର୍ଯ୍ୟ କଳାପଗୁଡ଼ିକରୁ ନିବୃତ୍ତ ରହିବାର ଚେଷ୍ଟା କରନ୍ତୁ, ଯାହାର ଆଦେଶ ଅଲ୍ଲାଃ ଓ ତାଙ୍କ ରସୁଲ ଦେଇଛନ୍ତି । ଏବଂ ପ୍ରଭୁଙ୍କ ରସୁଲ ସେହି ଆଦେଶ ଦେଇଛନ୍ତି, ଯାହା ଅଲ୍ଲାଃତାଲାଙ୍କ ପକ୍ଷରୁ ପବିତ୍ର କୁର୍‌ଆନ୍‌ରେ ଉଲ୍ଲେଖ ରହିଛି ।

ତେଣୁ ଯେତେବେଳେ କେହି ହଜରତ୍ ଆଇଶା[ରଅ]ଙ୍କୁ ପଚାରିଲେ ହଜରତ୍ ମୁହମ୍ମଦ[ସଅ]ଙ୍କ ଆଚରଣ କିପରି ଥିଲା, ସେତେବେଳେ ସେ ଉତ୍ତର ଦେଲେ 'କ'ଣ ତୁମେ କୁର୍‌ଆନ୍ ପାଠ କରୁ ନାହଁ ? ପବିତ୍ର କୁର୍‌ଆନ୍‌ରେ ଯେଉଁ ସବୁ ଆଚରିତ ଗୁଣ ଓ କର୍ମ ବିଧି ବର୍ଣ୍ଣିତ ଅଛି, ତାହା ହିଁ ବାସ୍ତବରେ ମୁହମ୍ମଦ[ସଅ]ଙ୍କ ଆଚରଣ ଓ ଚରିତ୍ର ।' ତେଣୁ ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି 'ଯେହେତୁ ମୁଁ ମୋର ପ୍ରଭୁ, ମୋର ମୁନିବ (ହଜରତ୍ ମୁହମ୍ମଦ[ସଅ])ଙ୍କର ଅନୁକରଣ କରୁଛି ଓ ପବିତ୍ର କୁର୍‌ଆନର ପ୍ରତ୍ୟେକ ଆଦେଶକୁ ମୁଁ ଦିନଚର୍ଯ୍ୟା କରୁଛି । ତୁମେମାନେ ଯଦି ସେହି ପ୍ରକାରେ ଅନୁକରଣ କରିବାକୁ ଚେଷ୍ଟା କରିବ, ତେବେ ମୋ ଜମାଅତ୍‌ରେ ପରିଗଣିତ ହେବ । ବୈଅତ୍ କରିବା ପରେ ବୈଅତକାରୀ ଦୀକ୍ଷାର ସର୍ତ୍ତ ଅନୁଯାୟୀ ତାହା କାର୍ଯ୍ୟକାରୀ କରି ଜମାଅତରେ ଆଦର୍ଶ ପ୍ରସ୍ତୁତ କରିଛନ୍ତି ।

ଏଠାରେ ସର୍ବପ୍ରଥମେ ଜଣେ ମହିଳାଙ୍କ ଆଦର୍ଶ ବର୍ଣ୍ଣନା କରାଯାଉଛି । ଉକ୍ତ ମହିଳା ଜଣକ ହଜରତ୍ ଚୌଧୁରି ଜଫରୁଲ୍ଲା ଖାନ ସାହେବଙ୍କ ମାତାଶ୍ରୀ ଥିଲେ । ତାଙ୍କ

ଭଣଜା ଚୌଧୁରି ବଶିର୍ ଅହମଦ ସାହେବ ବର୍ଣ୍ଣନା କରିଛନ୍ତି ଯାହାକୁ ଚୌଧୁରି ଜଫରୁଲ୍ଲା ଖାନ ଉଲ୍ଲେଖ କରିଛନ୍ତି 'ମୋର ପୂଜ୍ୟନୀୟ ମାତାଙ୍କ କୁପ୍ରଥା ଓ ଅପସଂସ୍କୃତି ପ୍ରତି ଏପରି ଘୃଣାଭାବ ରହିଥିଲା, ଯାହା ଏହି ବିଷୟରୁ ଅନୁମାନ କରିହୁଏ । ମୋର (ଚୌଧୁରି ବଶିର୍ ସାହେବଙ୍କର) ବିବାହ ସମୟରେ ନିକାହ ପରେ ମୋତେ ସ୍ତ୍ରୀମାନଙ୍କ ଗହଣକୁ ଡ଼କାଗଲା । ମୁଁ ଦେଖିଲି ଗାଉଁଲି ପ୍ରଥା ଅନୁସାରେ ମୁହାଁ ମୁହିଁ ବସିବା ପାଇଁ ଦୁଇଟି ଚଉକିର ବନ୍ଦୋବସ୍ତ ହୋଇଛି । ଗୋଟିଏ ମୋ ପାଇଁ ଓ ଅନ୍ୟଟି କନ୍ୟା ପାଇଁ । ଆଶା କରାଯାଉଛି ଯେ ମୁଁ ବସିବା ପରେ କନ୍ୟାକୁ ଆଣି ବସାଇବେ ଓ କେତେକ ପ୍ରଥାର ସମ୍ପାଦନ କରାଯିବ । ଏହି ପ୍ରଥାକୁ ପଞ୍ଜାବିରେ 'ବେଡ଼ୋ ଘୋଡ଼ି ଖେଲ୍‌ନା' କୁହନ୍ତି ।

ମୁଁ ମନରେ ଟିକିଏ ସଙ୍କୋଚ ବୋଧ କଲି ପୁଣି ଭାବିଲି ଯେ ଏଠାରେ ସ୍ତ୍ରୀମାନଙ୍କ ସହିତ କୌଣସି ଯୁକ୍ତି କରିବା, ଜିଦ୍ ଧରିବା ଠିକ୍ ହେବ ନାହିଁ । ତେଣୁ ମୁଁ ସେ ଚଉକିରେ ଯାଇ ବସିଗଲି, ଯାହାକୁ ମୋ ପାଇଁ ରଖାଯାଇଥିଲା । ସେହି ସାମଗ୍ରୀ ଆଡ଼କୁ ହାତ ବଢ଼ାଇଲି, ଯାହାକୁ ରୀତି ପାଳନ କରିବା ପାଇଁ ରଖା ଯାଇଥିଲା । ଠିକ୍ ଏହି ସମୟରେ ମାଇଁ ସାହିବା (ଅର୍ଥାତ ଚୌଧୁରି ଜଫରୁଲ୍ଲା ଖାନ୍‌ଙ୍କ ମାତା) ମୋ ହାତକୁ ଧରି ଜୋର୍ କରି ଦୂରେଇ ଦେଲେ ଓ କହିଲେ, ନାହିଁ ନାହିଁ ଏସବୁ ଶିର୍କର କଥା । ଏହାଦ୍ୱାରା ମୋର ମଧ୍ୟ ସାହାସ ଜୁଟିଲା ଓ ମୁଁ ସେ ସମସ୍ତ ସାମଗ୍ରୀ ଆଣି ବିଛାଡ଼ି ଦେଲି ତଥା ଛିଡ଼ା ହୋଇ କହି ପକାଇଲି ଯେ ଏହି କୁପ୍ରଥା ପ୍ରତି ମୁଁ ଆଦୌ ସହମତ ନୁହେଁ । ଏହି ପ୍ରକାରେ ମୁଁ ସେଥିରୁ ନିସ୍ତାର ପାରବାରେ ସକ୍ଷମ ହେଲି ।

ଆଜି ମଧ୍ୟ ମହିଳାମାନଙ୍କୁ ଏ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ । କେବଳ ନିଜ ଅଞ୍ଚଳରେ କିମ୍ବା ଦେଶରେ କୌଣସି ପ୍ରକାରର କୁରୀତି ଓ ଅନ୍ଧ ବିଶ୍ୱାସକୁ ଅନୁକରଣ କର ନାହିଁ । ବରଂ ଯେଉଁଠାରେ ଏପରି ପ୍ରଥା ଚାଲୁଥିବାର ଦେଖିବ, ଯେଉଁଥିରେ ସାମାନ୍ୟତମ ଶିର୍କର ମଧ୍ୟ ସମ୍ଭାବନା ଥିବ, ସେଥିରୁ ବଂଚିତ ରହିବାକୁ ଚେଷ୍ଟା କରିବା ଆବଶ୍ୟକ । ଅଲ୍ଲାଃତାଲା କରନ୍ତୁ ଯେ ସମସ୍ତ ଅହମଦି ନାରୀମାନେ ଏହି ଭାବନା ସହିତ ନିଜର ଓ ଭବିଷ୍ୟତ ପୀଢ଼ିର ସଂସ୍କାର କରିବାରେ ସମର୍ଥ ହୁଅନ୍ତୁ । ଆମ ଦେଶ ପାକିସ୍ତାନ ଓ ଭାରତ ଇତ୍ୟାଦିରେ ମୁସଲ୍‌ମାନମାନଙ୍କ ମଧ୍ୟରେ ଏପରି ପରମ୍ପରା ରହିଛି ଯେ ସମ୍ପତ୍ତିରୁ ଝିଅମାନଙ୍କୁ ତାଙ୍କର ସଠିକ ଭାଗ ଦିଆଯାଉ ନାହିଁ । ଅଧିକାଂଶ ବ୍ୟକ୍ତି ଆଦୌ ଦିଅନ୍ତି ନାହିଁ । ବିଶେଷ ଭାବେ ମଫସଲି ଅଂଚଳ ତଥା ଗାଁ ଗହଳିରେ । ଏ ସମ୍ବନ୍ଧରେ ଚୌଧୁରି ନସ୍‌ରୁଲ୍ଲା ଖାନ୍ ସାହେବଙ୍କ ଉଦାହରଣ ଅନୁକରଣ । ଚୌଧୁରି ସାହେବ ଲେଖିଛନ୍ତି ଆମ ଭଉଣିଙ୍କୁ (ଯାହାଙ୍କର ଏବେ ଦେହାନ୍ତ ହୋଇ ଯାଇଛି) ତାଙ୍କ

ବିଭାଘରରେ ପିତା ମହୋଦୟ ସେ ସମୟର ପ୍ରଥା ଅନୁଯାୟୀ ଅନେକ ଯୌତୁକ ଦେଇଥିଲେ । ଏହା ବ୍ୟତୀତ ପୁଣି ଏହି ଓ୍ୱସିୟତ୍ ଇଚ୍ଛାପତ୍ର ଲେଖି ଦେଇଥିଲେ ଯେ ଆପଣଙ୍କ ସମ୍ପତ୍ତି ଶରିୟତ (ଇସଲାମୀୟ ବିଧାନ) ଅନୁସାରେ ପୁଅ ଓ ଝିଅ ମଧ୍ୟରେ ବିଭାଜିତ ହେବ । ସୁତରାଂ ତାଙ୍କ ମୃତ୍ୟୁପରାନ୍ତେ ଶରିୟତ୍ ଅନୁସାରେ ତାଙ୍କ ଝିଅଙ୍କୁ ମଧ୍ୟ ତାଙ୍କ ସମ୍ପତିରୁ ଭାଗ ଦିଆଗଲା ।

# ଆଜ୍ଞା ପାଳନର ଅନୁପମ ନମୁନା- ଧୂମ୍ରପାନର କୁପ୍ରଭାବ

ଗୋଟିଏ ଘଟଣା ଏପରି ରହିଛି । ହଜରତ୍ ମସିହ ମଉଦ୍[ଅସ] ୧୮୯୨ ମସିହାରେ ଜଳନ୍ଧର ଯାଇଥିଲେ । ସେଠାରେ ତାଙ୍କର ରହିବା ବ୍ୟବସ୍ଥା ଏକ ଗୃହର ଉପର ମହଲାରେ କରାଯାଇଥିଲା । କୌଣସି ସେବିକା ହୁକ୍‌କା ରଖି କୌଣସି କାର୍ଯ୍ୟବଶତଃ ଚାଲିଗଲା । ସେଥିରୁ ନିଆଁ ପଡ଼ି କକ୍ଷର ଭୂମି ଉପରେ କିଛି ଅଂଶ ପୋଡ଼ିଗଲା । ନମାଜ ପରେ ଏହା ଦେଖି ନିଆଁକୁ ଲିଭାଇ ଦିଆଗଲା । ସେ ସମୟରେ ହଜୁର୍ ଅସନ୍ତୋଷ ହୋଇ ହୁକ୍‌କା ପିଇବା ବ୍ୟକ୍ତିଙ୍କ ପ୍ରତି ବିରକ୍ତି (ଭାବ) ପ୍ରକାଶ କରିଥିଲେ । ଯେତେବେଳେ ଏହି ସୂଚନା ତଳ କକ୍ଷରେ ଥିବା ଲୋକମାନଙ୍କ ପାଖରେ ପହଁଞ୍ଚିଲା, ସେତେବେଳେ ସେମାନେ ହୁକ୍‌କା ପିଉଥିଲେ ଓ ସେମାନଙ୍କର ହୁକ୍‌କା ତଳେ ରଖା ଯାଇଥିଲା । ସେମାନେ ହଜୁର୍[ଅସ]ଙ୍କର ଏହି ଅସନ୍ତୋଷ ଭାବନା ବ୍ୟକ୍ତ କରିଥିବାର ସୂଚନା ପାଇଲେ ଓ ତତକ୍ଷଣାତ ସେମାନେ ନିଜର ହୁକ୍‌କା ଭାଙ୍ଗିଦେଲେ ଓ ହୁକ୍କା ସେବନ କରିବା ଛାଡ଼ିଦେଲେ । ସେହି ଦିନ ଠାରୁ ଜମାଅତ୍‌ର ଲୋକେ ଜାଣିପାରିଲେ ଯେ ହଜୁର୍ ହୁକ୍କାକୁ ନାପସନ୍ଦ କରନ୍ତି । ତେଣୁ ଅନେକ ଅହମଦି ହୁକ୍‌କା ସେବନ ବନ୍ଦ କରିଦେଲେ । (ଅସହାବେ ଅହମଦ୍, ଭାଗ ୧୦, ପୃ: ୧୫୭-୧୫୮ ପ୍ରକାଶନ ୧୯୮୫)

ସାହିଓ୍ୱାଲର ମିର୍ଜା ଅହମଦ୍ ବେଗ୍ ସାହେବ ମଧ୍ୟ ଉଲ୍ଲେଖ କରିଛନ୍ତି, ହଜରତ୍ ମୁସ୍‌ଲେହ୍ ମଉଦ୍[ରଅ] ଥରେ ମୋର ମାମୁଁ ମିର୍ଜା ଗୁଲାମୁଲ୍ଲାଃ ସାହେବଙ୍କୁ କହିଲେ 'ମିର୍ଜା ସାହେବ ! ବନ୍ଧୁମାନଙ୍କୁ ହୁକ୍‌କା ଛାଡ଼ି ଦେବା ପାଇଁ କୁହ । ମାମୁଁ ସାହେବ ନିଜେ ମଧ୍ୟ ହୁକ୍‌କା ପାନ କରନ୍ତି । ସେ କହିଲେ 'ଜି ହଜୁର୍ ।' ସେ ଘରକୁ ଆସିଲେ ଓ ନିଜର ହୁକ୍‌କାକୁ ଭାଙ୍ଗିଦେଲେ । ମାଇଁ ଦେଖିଲେ ଯେ ହୁକ୍‌କା ବାହାରେ ପଡ଼ିଛି, ଭାବିଲେ ଖରାରେ ବୋଧହୁଏ ରଖାଯାଇଛି । ଯେତେବେଳେ ସେ ଦେଖିଲେ ଯେ ମାମୁଁ ଚୁପ୍‌ଚାପ ରହିଛନ୍ତି ଓ କାହାରିକୁ କିଛି କହୁନାହାନ୍ତି, ସେ ତାଙ୍କୁ ପଚାରିଲେ 'ଆଜି

ହୁକ୍କା ଉପରେ କାହିଁକି ରାଗିଛ ?' ସେ ଉତ୍ତର ଦେଲେ 'ଆଜି ହଜରତ୍ ସାହେବ (ମୁସଲେହ୍ ମଉଦ୍[ରଅ]) ମୋତେ ଲୋକମାନଙ୍କୁ ହୁକ୍କା ପାନ ମନା କରିବା ପାଇଁ ଆଦେଶ ଦେଇଛନ୍ତି । ଆଉ ମୁଁ ନିଜେ ହୁକ୍କା ପାନ କରୁଛି । ସେଥିପାଇଁ ପ୍ରଥମେ ନିଜ ହୁକ୍କାକୁ ନଷ୍ଟ କଲି । ଏହାପରେ ମାମୁଁ ସାହେବ ମୃତ୍ୟୁ ପର୍ଯ୍ୟନ୍ତ ହୁକ୍କାକୁ ହାତ ଲଗାଇ ନାହାନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ହୁକ୍କା ଛାଡ଼ିବାର ଉପଦେଶ ଦେଉଥିଲେ ।

(ସଓ୍ୱାନେ ଫଜଲେ ଉମର୍, ଭାଗ ୨, ପୃ : ୩୪)

ଆଜିକାଲି ହୁକ୍କାର ସେହି (ହାନିକାରକ ସ୍ଥିତି) ସିଗାରେଟ ରୂପରେ ପ୍ରଚଳିତ ହୋଇଛି । ତେଣୁ ଯେଉଁମାନେ ସିଗାରେଟ ପିଅନ୍ତି, ସେମାନେ ଚେଷ୍ଟା କରିବା ଉଚିତ ଯେ ସିଗାରେଟ ଛାଡ଼ି ଦିଅନ୍ତୁ । ଅଳ୍ପ ବୟସ୍କମାନଙ୍କ ପାଇଁ ବିଶେଷ ଭାବେ ସିଗାରେଟର ଅଭ୍ୟାସ ଅତି ଅନିଷ୍ଟକାରୀ । କାରଣ ଏବେ ସିଗାରେଟ ବିଭିନ୍ନ ରକମ୍‌ର ବାହାରି ସାରିଲାଣି । ଯେଉଁଥିରେ ନିଶାଦ୍ରବ୍ୟ ମିଶ୍ରଣ କରି ପାନ କରାଯାଉଛି । ଏସବୁ ନବ ଯୁବକମାନଙ୍କ ଜୀବନ ନଷ୍ଟ କରିବାର ଏକ ପଦକ୍ଷେପ । ଯାହାକୁ ଦଜ୍ଜାଲ ପ୍ରସାରିତ କରିଛି ଏବଂ ଦୁର୍ଭାଗ୍ୟ ବଶତଃ ମୁସଲିମ ଦେଶ ମଧ୍ୟ ଏଥିରେ ସାମିଲ ଅଛନ୍ତି । ଯାହାହେଉ ଆମ ଯୁବକମାନେ ଏହାର ପ୍ରୟାସ କରିବା ଆବଶ୍ୟକ ଯେ ସେମାନେ ଧୁମ୍ର ପାନ ତ୍ୟାଗ କରିଦିଅନ୍ତୁ ।

## ଲଟେରି ଉଚିତ ନୁହେଁ

ହଜରତ୍ ମୁନ୍‌ସି ବରକତ ଅଲ୍ଲି ଖାଁ ସାହେବ (ମସିହ ମଉଦ୍[ଅସ]ଙ୍କ ଜଣେ ଅନୁଚର) ଶିମଳାରେ ଚାକିରି କରୁଥିଲେ । ଅହମଦି ହେବା ପୂର୍ବରୁ ସେ ଏକ ଲଟେରିରେ ଭାଗ ନେଇଥିଲେ । ଯେତେବେଳେ ଲଟେରି ଉଠାଣ ହେଲା, ତାଙ୍କୁ ସାଢ଼େ ସାତ ହଜାର ଟଙ୍କା ମିଳିଲା । ସେ ହଜୁର[ଅସ]ଙ୍କୁ ପଚାରିଲେ । ହଜୁର ଏହାକୁ ଜୁଆଖେଳ ବୋଲି କହି ନିର୍ଦ୍ଦେଶ ଦେଲେ ଯେ ଏହାର ଗୋଟିଏ ହେଲେ ପଇସା ନିଜ ପାଇଁ ଖର୍ଚ୍ଚ କରନାହିଁ । ହଜରତ୍ ମୁନ୍‌ସି ସାହେବ ସେ ସମସ୍ତ ଟଙ୍କା ଗରିବ ଓ ଦୀନଦୁଃଖିଙ୍କୁ ବାଣ୍ଟିଦେଲେ ।

(ସାରାଂଶ ଅସ୍‌ହାବେ ଅହମଦ୍, ଭାଗ ୩, ପୃ : ୩୩ ପ୍ରକାଶନ ୧୯୫୭)

ତେବେ ଏହି ଲଟେରିର ପ୍ରଚଳନ ଆଜିକାଲି ୟୁରୋପରେ ବିଶେଷ ଭାବରେ ଆଦୃତ ହୋଇ ଚାଲିଛି । ପାଶ୍ଚାତ ଦେଶରେ ଏହାର ପ୍ରଚଳନ ବହୁଳ ଭାବରେ ହେଉଛି । ଯେଉଁମାନେ ଲଟେରି ପକାନ୍ତି ଓ ତାଙ୍କର ଟଙ୍କା ବାହାରେ, ସେ ଟଙ୍କା ତାଙ୍କ

ପାଇଁ କଦାପି ବୈଧ ନୁହେଁ । ବରଂ ତାହା ସେହିପରି ଅବୈଧ ଯେପରି ଜୁଆର ଟଙ୍କା । ପ୍ରଥମତଃ ସେହି ଦ୍ରବ୍ୟ ବା ଟଙ୍କାକୁ ନେବା କଥା ନୁହେଁ । ଯଦି ଭୁଲ୍ ବଶତଃ ନେଇ ନିଆଯାଉଛି, ତା'ହେଲେ ନିଜ ପାଇଁ ତାହା ବ୍ୟୟ କରାଯାଇ ପାରିବ ନାହିଁ ।

ଏପରି ଏକ ଘଟଣା ଏହି ଇଂଲଣ୍ଡରେ ମାନନୀୟ ବଶିର୍ ଅର୍ଚଡ଼୍ଙ୍କର ବର୍ଣ୍ଣନା କରୁଛି । ଯିଏ ଅହମଦିୟତ ଗ୍ରହଣ କରିବା ପରେ ନିଜକୁ ପରିବର୍ତ୍ତନ କରିବା ସହିତ ନିଜର ଜୀବନକୁ ଉତ୍ସର୍ଗ କରିଦେଲେ । ୧୯୪୪ ମସିହାରେ ଅହମଦୀ ହୋଇଥିଲେ ଓ କାଦିୟାନରେ କିଛି କାଳ ରହି ଧାର୍ମିକ ଶିକ୍ଷା ଗ୍ରହଣ କଲେ । ଯେପରି ମୁଁ କହିଲି, ସେ ନିଜ ଜୀବନକୁ ସମର୍ପିତ କରିଦେଲେ । ଏହାପରେ ତାଙ୍କ ଜୀବନରେ ଏକ ମହାନ ପରିବର୍ତ୍ତନ ଆସିଲା । ତାଙ୍କ ଠାରେ ଅଲ୍ଲାଃତାଲାଙ୍କ ଉପାସନା ଓ ପ୍ରାର୍ଥନା କରିବାର ପ୍ରବଳ ଆଗ୍ରହ ଜାତ ହେଲା । ସେ କାଦିୟାନ ଯିବା ଦ୍ୱାରା ଯେଉଁ ପ୍ରଥମ ଫଳ ପ୍ରାପ୍ତି କରିଥିଲେ, ତାହା ହେଉଛି ମଦିରା ପାନର ତ୍ୟାଗ । ସେ ଅତ୍ୟଧିକ ମଦିରା ପାନ କରୁଥିଲେ । ପ୍ରଥମେ ହଠାତ୍ ତାହା ତ୍ୟାଗ କରିବା ପରେ ଜୁଆ ଖେଳରୁ ମଧ୍ୟ ବିରତ ହୋଇଗଲେ ଓ ଏହି ଉଭୟ ମନ୍ଦ ଅଭ୍ୟାସ ଜନିତ ଅସତ୍କର୍ମରୁ ସଦା ସର୍ବଦା ପାଇଁ ଦୂରେଇଗଲେ । (ସାରାଂଶ ଅଲ୍ ଫଜଲ୍, ୧୦ ଜାନୁଆରୀ ୧୯୯୮, ଅଜୀମ ଜିନ୍ଦେଗୀ, ପୃ :୩)

# ମଦିରାର ନିଷିଦ୍ଧକରଣ

ବର୍ତ୍ତମାନ ସମୟରେ କିଛି ବର୍ଷ ପୂର୍ବରୁ ଏଠାରେ ମଧ୍ୟ ଜର୍ମାନୀ ଓ ଅନ୍ୟାନ୍ୟ ସ୍ଥାନର ରେଷ୍ଟୁରାଣ୍ଟ ଓ ହୋଟେଲମାନଙ୍କରେ ମଦ ବ୍ୟବସାୟ ହେଉଥିଲା । କେତେକ ଅହମଦି ମଧ୍ୟ ଏଥିରେ କାର୍ଯ୍ୟରତ ଥିଲେ । ହଦିସ ଅନୁଯାୟୀ ମଦ ତିଆରି କରିବା ବ୍ୟକ୍ତି, ମଦ ସେବନ କରାଇବା ବ୍ୟକ୍ତି, ଏହାକୁ ବିକ୍ରୟ କରିବା ଓ ରଖିଥିବା ବ୍ୟକ୍ତି ଇତ୍ୟାଦି ସମସ୍ତଙ୍କୁ ନର୍କଗାମୀ ବୋଲି କୁହାଯାଇଛି । ତେଣୁ ହଜରତ୍ ଖଲିଫତୁଲ୍ ମସିହ ଚତୁର୍ଥ[ରଅ] ଘୋଷଣା କଲେ ଯେ ଯେଉଁ ଅହମଦିମାନେ ଏହି ବ୍ୟବସାୟରେ ଲିପ୍ତ ଅଛନ୍ତି, ସେମାନେ ଶୀଘ୍ର ଏହାକୁ ଛାଡ଼ି ଦିଅନ୍ତୁ । ନଚେତ୍ ତାଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାପରେ ହଜୁର ନିଜେ ଏକଥା ବର୍ଣ୍ଣନା କରୁଛନ୍ତି ଯେ ଅଲ୍ଲାଃତାଲାଙ୍କ କୃପାରୁ ଲୋକମାନଙ୍କର ଏକ ବଡ଼ ସଂଖ୍ୟା ଏହି ବ୍ୟବସାୟକୁ ଛାଡ଼ିଦେଲେ । ଅନେକ ଲୋକଙ୍କୁ ଅଲ୍ଲାଃତାଲା ଅନ୍ୟ ବ୍ୟବସାୟ କରିବା ପାଇଁ ଖୁବ ଶୀଘ୍ର ସୁଯୋଗ ପ୍ରଦାନ କରି ଦେଇଛନ୍ତି । କେତେକଙ୍କୁ ପରୀକ୍ଷାରେ ମଧ୍ୟ ପକାଇ ଥିଲେ, ଯଦ୍ୱାରା ସେମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ବେପାର ବଣିଜରୁ ବଂଚିତ ରହିଲେ । କିନ୍ତୁ ଦୃଢ଼ତାର ସହିତ ନିଜର ନିଷ୍ପତ୍ତି ଉପରେ ଅଟଳ ରହିଲେ । ପୁନର୍ବାର

ସେମାନେ ଉକ୍ତ ନିକୃଷ୍ଟ ବ୍ୟବସାୟରେ ହାତ ଦେବାକୁ ଚେଷ୍ଟା କଲେ ନାହିଁ ।

# ପବିତ୍ର କୁର୍ଆନ ପ୍ରତି ପ୍ରେମ

ମାର୍ଚ୍ଚ ୧୯୧୩ ମସିହାରେ ଅମୃତସହରର ଜଣେ ଅନ୍ୟ ଅହମଦି ମିଆଁ ଅସ୍‌ଲମ୍ ସାହେବ କାଦିୟାନ ଆସିଲେ । ସେ ହଜରତ୍ ଖଲିଫତୁଲ୍ ମସିହ ପ୍ରଥମ[ରଅ]ଙ୍କ ବିଷୟରେ ଲେଖିଛନ୍ତି: ମୌଲବୀ ନୁରୁଦ୍ଦିନ ସାହେବ ଯିଏ ମିର୍ଜା ସାହେବଙ୍କ ଖଲିଫା ହେବା ଯୋଗୁଁ ଅହମଦି ଜମାଅତ୍‌ର ସର୍ବମାନ୍ୟ ନେତା ରୂପେ ଅବସ୍ଥାପିତ ହୋଇଛନ୍ତି । ମୁଁ ଦୁଇ ଦିନ ରହି ତାଙ୍କ କୁର୍ଆନ ପ୍ରବଚନ, କୁର୍ଆନ ପାଠ ସହିତ ନୀତି ଉପଦେଶ ମୂଳକ ସଭାରେ ଉପସ୍ଥିତ ରହି ତାଙ୍କ କାର୍ଯ୍ୟକଳାପ ବିଷୟରେ ଯାହାକିଛି ଚିନ୍ତା କଲି, ମୋତେ ସେସବୁ ଅତ୍ୟନ୍ତ ପବିତ୍ର ଓ ଅଲ୍ଲାଃଙ୍କ ବିଧାନ ଅନୁଯାୟୀ ପରିଚାଳିତ ହୋଇଥିବାର ଜଣାଗଲା । କାରଣ ମୌଲବୀ ସାହେବଙ୍କର କାର୍ଯ୍ୟ କରିବାର ପ୍ରକ୍ରିୟା ଲୋକ ଦେଖାଣିଆ ବା ଦୋମୁହାଁ ନୀତି ପଣରୁ ଏକବାରେ ପବିତ୍ର ଥିଲା । ତାଙ୍କ ହୃଦୟରେ ଇସଲାମର ସତ୍ୟତାର ଏକ ଅଫୁରନ୍ତ ଆବେଗ ରହିଛି, ଯେଉଁଥିରେ ଏକେଶ୍ୱରବାଦ ମୂଳକ ଜ୍ଞାନର ସ୍ୱଚ୍ଛ ଜଳଧାରା  ପବିତ୍ର କୁର୍ଆନ୍‌ର ପଙ୍କ୍ତିଗୁଡ଼ିକର ବ୍ୟାଖ୍ୟା ଦ୍ୱାରା ପ୍ରତିକ୍ଷଣ ତାଙ୍କ ହୃଦୟ କନ୍ଦରରୁ ଉଛୁଳି ଏକେଶ୍ୱରବାଦୀଙ୍କ ଜ୍ଞାନ ପିପାସାକୁ ତୃପ୍ତ କରାଉଛି । ଯଦି ବାସ୍ତବିକ ଇସଲାମର ଅସ୍ତିତ୍ୱ ପବିତ୍ର କୁର୍ଆନ ହୋଇଥାଏ, ତେବେ ମୁଁ ଏପରି କୁର୍ଆନ୍ ପ୍ରତି ବାସ୍ତବ ପ୍ରେମ କାହାରି ଠାରେ ଦେଖି ନାହିଁ । ଏକଥା ନୁହେଁ ଯେ ସେ ପରମ୍ପରାକୁ ଅନୁସରଣ କରି ବାଧ୍ୟ ବାଧକତାରେ ଏପରି କରୁଛନ୍ତି । ନା' ବରଂ ସେ ଜଣେ ପ୍ରଚଣ୍ଡ ଭାଷ୍ୟକାର ହିସାବରେ କୁରଆନର ମର୍ମସ୍ପର୍ଶୀ ତତ୍ତ୍ୱଜ୍ଞାନର ବ୍ୟାଖ୍ୟା କରୁଥିବାର ମୁଁ ତାଙ୍କ କୁର୍ଆନ ପ୍ରବଚନ ସଭାରେ ଶୁଣିଛି । ବର୍ତ୍ତମାନ ସମୟରେ ସମ୍ଭବତଃ ସଂସାରରେ କିଛି ଲୋକ ଥାଇପାରନ୍ତି, ଯାହାଙ୍କ ଠାରେ ଏପରି ବିଚକ୍ଷଣ ବାଗ୍ମିତା ରହିଥିବ ।

(ବଦର, ୧୩ ମାର୍ଚ୍ଚ ୧୯୧୩, ହୟାତେ ନୂର, ପୃ: ୬୧୧-୬୧୨)

ପୁଣି ଏକ ଇଚ୍ଛାପତ୍ର ଏହିପରି ରହିଛି : ହଜରତ୍ ଡ଼କ୍ଟର ଅବ୍ଦୁସ୍ ସତ୍ତାର ସାହେବ ନିଜ ସନ୍ତାନମାନଙ୍କ ପାଇଁ ଏକ ଇଚ୍ଛାପତ୍ର ଲେଖିଥିଲେ, ଯେଉଁଥିରେ ଏହିପରି ଉଲ୍ଲେଖ କରିଥିଲେ 'ନିଜ ଜୀବନ ଶୈଳୀର ଗଠନ ପବିତ୍ର କୁରଆନ୍‌ର ଶିକ୍ଷା ଅନୁସାରେ କର । ସୁନ୍ନତର ପାଳନ କର । ଅହମଦିୟା ଜମାଅତର ଉନ୍ନତି ଓ ଇସଲାମର ପ୍ରସାର ପାଇଁ ଧନ ଜୀବନ ଓ ସମ୍ମାନ ସହିତ ଲାଗି ରୁହ । ଆସନ୍ତା ପିଢ଼ିକୁ

ମଧ୍ୟ ଏହି କର୍ମରେ ନିୟୋଜିତ କରିବା ପାଇଁ ପ୍ରସ୍ତୁତ କରାଅ ।’
(ହଜରତ୍ ଡ଼ାକ୍ତର ସୟଦ୍ ଅବଦୁସ୍ ସତ୍ତାର ଶାହ ସାହେବ, ପୃ: ୧୯୩)

ଏହି ଉପଦେଶକୁ ପ୍ରତ୍ୟେକ ଅହମଦୀ ପ୍ରତ୍ୟେକ ସମୟରେ ନିଜ ଦୃଷ୍ଟିରେ ରଖିବା ଉଚିତ ।

ହଜରତ୍ ମିର୍ଜା ଅବ୍ଦୁଲ୍ ହକ୍ ସାହେବ, ହଜରତ୍ ମଲିକ୍ ମୌଲା ବଖଶ୍ ସାହେବ[ରଅ]ଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କୁ ପବିତ୍ର କୁର୍ଆନ ପ୍ରତି ଅଗାଧ ପ୍ରେମ ଥିଲା । କୁର୍ଆନ୍ ଦିବ୍ୟ ଜ୍ଞାନର ରହସ୍ୟ ଓ ତାତ୍ତ୍ୱିକ ଭେଦ ଶୁଣିବା ପାଇଁ ରୋଗଗ୍ରସ୍ତ ଓ ଦୁର୍ବଳ ଅବସ୍ଥାରେ ଥାଇ ସୁଦ୍ଧା ସେ ତତ୍ପର ରହୁଥିଲେ । ସୁତରାଂ ଥରେ ଶୀତ କାଳରେ ଅନେକ ମାସ ପର୍ଯ୍ୟନ୍ତ ମୁହଲ୍ଲା ଦାରୁଲ୍ ଫଜଲ୍‌ରୁ ମୁହଲ୍ଲା ଦାରୁଲ୍ ରହମତ୍‌କୁ ଫଜର ନମାଜ ପଢ଼ିବାକୁ ସେ ଏଥିପାଇଁ ଆସନ୍ତି ଯେ ସେଠାରେ ମୌଲବି ଗୁଲାମ ରସୁଲ ରାଜ୍‌କୀ ସାହେବ[ରଅ]ଙ୍କର ଦୀକ୍ଷାନ୍ତ ପ୍ରବଚନରେ ସମ୍ମିଳିତ ହୋଇ ତାଙ୍କର ପାଣ୍ଡିତ୍ୟ ଓ ଗୁଢ ତତ୍ତ୍ୱର ରସାମୃତକୁ ଲାଭାନ୍ୱିତ ହେବେ । ପବିତ୍ର ରମ୍‌ଜାନ୍ ମାସରେ ମସ୍‌ଜିଦ୍ ଅକ୍‌ସାରେ ଯେଉଁ ପ୍ରବଚନ ହୁଏ, ଏହାକୁ ନିୟମିତ ଭାବେ ଶୁଣିବାକୁ ଯାଆନ୍ତି । କୁର୍ଆନ କରିମ୍ ବହୁତ ପାଠ କରନ୍ତି ଓ ଧ୍ୟାନ ପୂର୍ବକ ଅଧ୍ୟୟନ ମଧ୍ୟ କରନ୍ତି । ନିଜେ ଉପକୃତ ହେବା ସହିତ ଅନ୍ୟମାନଙ୍କୁ ମଧ୍ୟ ସେଥିରେ ସାମିଲ କରିନିଅନ୍ତି । ଜୀବନର ଅନ୍ତିମ ଚରଣରେ ଦିନରେ ବହୁବାର ଯେତେବେଳେ ଦେଖ କୁର୍ଆନ ପାଠ କରୁ ଥାଆନ୍ତି । ଖାତା କଲମ୍ ମଧ୍ୟ ପାଖରେ ରଖିଥାନ୍ତି । ଯେତେବେଳେ କୌଣସି ଆୟତର ସୁକ୍ଷ୍ମଭାବ ବୁଝି ହୋଇଯାଏ, ସେତେବେଳେ ତାକୁ ଟିପି ନିଅନ୍ତି ଏବଂ ପରେ ଏହାକୁ ପରିବାରର ସଦସ୍ୟମାନଙ୍କୁ ଶୁଣାନ୍ତି । ମିର୍ଜା ସାହେବ ଲେଖିଛନ୍ତି ‘ଯେଉଁ ସମୟରେ ସେ ପରିବାରର ଲୋକମାନଙ୍କୁ ଶୁଣାଉଥାନ୍ତି, ତାଙ୍କ ଚେହେରାରୁ ସ୍ୱଷ୍ଟ ଜଣା ପଡୁଥାଏ ଯେ ତାଙ୍କର ହାର୍ଦ୍ଦିକ ଇଚ୍ଛା ଏହା ରହିଛି ଯେ ତାଙ୍କ ସନ୍ତାନମାନେ କୁର୍ଆନ ପ୍ରେମୀ ହୁଅନ୍ତୁ ।’ (ଅସହାବେ ଅହମଦ, ଭାଗ ୧, ପୃ:୧୫୧-୧୫୨, ପ୍ରକାଶନ ୧୯୫୧)

ଗାମ୍ବିଆର ଜଣେ ଖ୍ରୀଷ୍ଟିୟାନ ଯୁବକ ଅହମଦିୟତ୍ ଗ୍ରହଣ କଲେ । ତାଙ୍କ ମାତା ଏହାର ପବଳ ବିରୋଧ କରିବା ଆରମ୍ଭ କରିଦେଲେ । ପ୍ରଥମେ ସେସବୁକ ସେ ମୁଣ୍ଡ ପାତି ସହ୍ୟ କରିବାକୁ ଲାଗିଲେ । କିନ୍ତୁ ଯେତେବେଳେ ତା’ର ମାତା କୁରଆନ୍‌ର ଅପମାନ କରିବାକୁ ଲାଗିଲା, ସେ ଘର ଛାଡ଼ି ଚାଲିଗଲେ ଓ ପୁନର୍ବାର ଆଉ ଘରକୁ ଫେରିଲେ ନାହିଁ । (ପରିଶିଷ୍ଟ ମାସିକ ଅନ୍‌ସାରୁଲ୍ଲାଃ, ସେପ୍ଟେମ୍ବର ୧୯୯୭, ପୃ: ୬)

ସୁତରାଂ ଏ ଯୁଗରେ ମଧ୍ୟ ଆଫ୍ରିକାର ସୁଦୂର ଦେଶରେ ଏହି ଉପଦେଶର ଚମତ୍କାରୀତା ପ୍ରକଟିତ ହେଉଛି । ଇସଲାମରେ ଚାରିଗୋଟି ବିବାହର ଅନୁମତି ରହିଛି । ଏହାକୁ କେତେକ ଲୋକ ଆଦେଶ ବୋଲି ମନେ କରନ୍ତି । ଯାହାହେଉ ଏହାର କେବଳ ଅନୁମତି ଅଛି । ଆଫ୍ରିକାରେ ପ୍ରଚଳନ ରହିଛି ଯେ ଯଦି କେହି ବଡ଼ ଲୋକ ଥାଏ, ଧନଶାଳୀ କିମ୍ବା ନେତୃବର୍ଗୀୟ ବ୍ୟକ୍ତି ଥାଏ, ତେବେ ସେ ଅନେକଥର ବିଭିନ୍ନ ଗୋଷ୍ଠୀରେ ଚାରିରୁ ଅଧିକ ନଅ, ଦଶ ଜଣ ଲେଖାଏଁ ସ୍ତ୍ରୀକୁ ବିବାହ କରିଥାନ୍ତି । ସିରାଲିଓନର ଅଲି ରୋଜ୍‌ରଜ୍ ସାହେବ ଯେତେବେଳେ ଅହମଦିୟତ୍ ସ୍ୱୀକାର କଲେ, ସେତେବେଳେ ସେ ଯୁବକ ଥିଲେ ଓ ତାଙ୍କର ବାରଗୋଟି ପତ୍ନୀ ଥିଲେ । ଜମାଅତର ମୋବଲିଗ୍ ମୌଲାନା ନଯିର୍ ଅହମଦ୍ ସାହେବ ଅଲିଙ୍କୁ ଡାକି କହିଲେ, 'ଏବେ ଆପଣ ଅହମଦୀ ହୋଇ ଯାଇଛନ୍ତି । ତେଣୁ କୁରଆନ୍‌ର ଶିକ୍ଷା ଅନୁସାରେ ଚାରୋଟି ପତ୍ନୀ ରଖି ପାରିବେ । ଅନ୍ୟ ପତ୍ନୀମାନଙ୍କୁ ତଲାକ ଦିଅନ୍ତୁ ଓ ତାଙ୍କର ଆବଶ୍ୟକୀୟ ଖର୍ଚ୍ଚ ଦେଇ ବିଦାୟ କରିଦିଅନ୍ତୁ । ତେବେ ସେ ଯେ ଏହି ଶିକ୍ଷା ଉପରେ କେବଳ ପାଳନ କଲେ ତା' ନୁହେଁ, ବରଂ ତାଙ୍କର ପ୍ରଥମ ଚାରିଜଣ ପତ୍ନୀଙ୍କୁ ନିଜ ପାଖରେ ରଖି ଅନ୍ୟ ସମସ୍ତ ନବ ଯୁବତୀ ସ୍ତ୍ରୀମାନଙ୍କୁ ବିଦା କରିଦେଲେ । ସୁତରାଂ ଏପରି ପରିବର୍ତ୍ତନ ଏକ ବିରଳ ଘଟଣା ।

ପୁଣି ଆମର ଜଣେ ମୁବଲ୍ଲିଗ ଥିଲେ ୟୁନୁସ ଖାଲିକ୍ ସାହେବ । ସେ ଲେଖିଛନ୍ତି 'ଭି.ଭି. କାହ୍‌ଲୋ ସାହେବ୍ ସ୍ୱପ୍ନାଦେଶ (କଶଫ୍) ଦ୍ୱାରା ଅହମଦି ହୋଇଥିଲେ ମୌଲାନା ମୁହମ୍ମଦ୍ ସିଦ୍ଦିକ୍ ଅମୃତସରି ସାହେବଙ୍କ ସମୟରେ ଏବଂ ପରେ ସେ ଜମାଅତ୍ ଅହମଦିୟା ସିରାଲୋନ୍‌ର ଅମୀର ପଦବୀରେ ମଧ୍ୟ ରହିଥିଲେ । ଅହମଦୀ ହେବା ପୂର୍ବରୁ ସେ ଏକାନ୍ତ ନିରୋଳାରେ ସ୍ୱତନ୍ତ୍ର ପରିବେଶ ମଧ୍ୟରେ କାଳାତିପାତ କରୁଥିଲେ । ଏପରିକି ତାଙ୍କର ପେଶା ମଧ୍ୟ ଆହୁରି ସ୍ୱତନ୍ତ୍ର ଥିଲା । ସେ ଜଣେ ନର୍ତ୍ତକ ଥିଲେ । କିନ୍ତୁ ବୈଅତ୍ କରିବା ପରେ ଅତି ଶୀଘ୍ର ନିଜକୁ ପରିବର୍ତ୍ତିତ କରିଦେଲେ । ସତ୍ୟ ନିଷ୍ଠା, ପବିତ୍ର ଉପାସନା ଓ ଅଲ୍ଲାଃଙ୍କ ପ୍ରତି ଭୟ ତଥା ସତ୍ୟବାଦୀତାରେ ଏକ ଉଚ୍ଚ ସ୍ତରୀୟ ଖ୍ୟାତି ଅର୍ଜନ କରିଥିଲେ । ତେଣୁ ଅଲ୍ଲାଃତାଲା ତାଙ୍କୁ ବହୁତ ଉନ୍ନତି ପ୍ରଦାନ କରିଥିଲେ । ସେ ଅଞ୍ଚଳର ସେ ଜଣେ ମୁଖ୍ୟ ଅଧିକାରୀ ମଧ୍ୟ ଥିଲେ । ଯେଉଁ ଅଞ୍ଚଳର ସେ ପାରାମାଉଣ୍ଟ ଚିଫ୍ ଥିଲେ, ସେଠାରେ ହୀରାର ବଡ଼ ବଡ଼ ଖଣିସବୁ ରହିଥିଲା । ଏହାର ପରିଚାଳନାରେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଥିଲା । କାରଣ ସେ ସର୍ବଶ୍ରେଷ୍ଠ ଅଧିକାରୀ ହେବାର ମାନ୍ୟତା ଲାଭ କରିଥିଲେ । ଯଦି ସେ ଇଚ୍ଛା କରିଥାନ୍ତେ, ତେବେ କୋଟି କୋଟି ଟଙ୍କାର ଲାଭ ଉଠାଇଥାନ୍ତେ । କିନ୍ତୁ

ଅହମଦିୟତ୍‌ର ସୁନ୍ଦର ଓ ପବିତ୍ର ଶିକ୍ଷା ଯୋଗୁଁ ସେ ଧନକୁ ନିଜ ପାଇଁ ଅବୈଧ ଭାବିଲେ ଓ ସାଧାରଣ ତଥା ଭିକ୍ଷୁକ  ସଦୃଶ ଜୀବନ ଯାପନ କରୁଥିଲେ । ଉପର ସ୍ତରରେ ଏକଥା ବିଖ୍ୟାତ ଥିଲା ଯେ ସ୍ୱର୍ଗତଃ ମିଷ୍ଟର କାହ୍‌ଲୋ ଜଣେ ଅତି ସଚ୍ଚୋଟ, ସାଧୁ ଓ ସତ୍ୟପ୍ରିୟ ପାରାମାଉଣ୍ଟ ଥିଲେ । ନା ନିଜେ ଉତ୍କୋଚ ନେଉଥିଲେ, ନା ଅନ୍ୟ କର୍ମଚାରୀମାନଙ୍କୁ ଉତ୍କୋଚ ନେବା ପାଇଁ ପ୍ରସୟ ଦେଉଥିଲେ । ମୁବଲ୍ଲିଗ ସାହେବ କହିଛନ୍ତି, ଯେତେବେଳେ ସେ ରୋଗଗ୍ରସ୍ତ ହେଲେ, ମୁଁ ଦିନେ ତାଙ୍କୁ ଦେଖିବା ପାଇଁ ଗଲି । ସେ ମୋତେ ପାଖକୁ ଡ଼ାକି କହିଲେ 'ୟୁନୁଶ୍ ! ମୋ ଆଖି ସମ୍ମୁଖରେ ପ୍ରତିକ୍ଷଣ ସବୁଜ ରଙ୍ଗର କଲମା ତୟବା ଲେଖା ହୋଇଥିବାର ଜଣାପଡୁଛି । ଏହାର କାରଣ କ'ଣ ହୋଇପାରେ ?' ମୁଁ ତାଙ୍କୁ କହିଲି, 'ଆପଣଙ୍କୁ ଅଲ୍ଲାଃତାଲା ଓ ତାଙ୍କ ରସୁଲ ସହିତ ଅତ୍ୟନ୍ତ ଶ୍ରଦ୍ଧା ଓ ପ୍ରେମ ରହିଛି । ଏହା ତାହାର ପରିଣାମ । ସେ କହିଛନ୍ତି 'ମୁଁ ଦୁଇ ମାସ ପର୍ଯ୍ୟନ୍ତ ତାଙ୍କୁ ଦେଖିବା ପାଇଁ ଯାଇଥିଲି ଓ ସେ ସବୁଦିନ ଏପରି କୁହନ୍ତି 'ମୋତେ କଲମା ତୟବା ସବୁଜ ରଙ୍ଗର ଲେଖା ହୋଇଥିବାର ଦେଖା ଯାଉଅଛି ।' ପୁଣି ଯେତେବେଳେ ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଗଲା ଓ ଆସନ୍ନ ମୃତ୍ୟୁର ଅବସ୍ଥା ଆସିଗଲା, ଜଣେ ଅହମଦି ବନ୍ଧୁ ମିଷ୍ଟର କୋଜି ତାଙ୍କ ବାହୁ ଧରି କହିଲେ 'ଟିଫା ପଢ଼, ଲାଇଲାହା ଇଲ୍ଲଲ୍ଲାଃ' ସେ ପଢ଼ିଲେ 'ଲାଇଲାହା ଇଲ୍ଲାଲ୍ଲାଃ' ପୁଣି କୋଜି କହିଲେ 'ମୁହମ୍ମଦୁର୍ ରସୁଲୁଲ୍ଲାଃ' ସେ କହିଲେ 'ମୁହମ୍ମଦୁର୍ ରସୁଲୁଲ୍ଲା ।' ଏହା ଉଚ୍ଚାରଣ କରିବା ମାତ୍ରେ ତାଙ୍କ ମୁଣ୍ଡ ଗୋଟିଏ ପଟକୁ ଢ଼ଳି ପଡ଼ିଲା ।

## ବିନୟ ଭାବ ଓ ନମ୍ର ସ୍ୱଭାବ

ସପ୍ତମ ସର୍ତ୍ତରେ ଏହା ମଧ୍ୟ ଥିଲା ଯେ ବିନମ୍ରତା, ସଦାଚରିତା ଓ ହୀନମନ୍ୟ ହେବା ପ୍ରତି ସର୍ବଦା ଧ୍ୟାନ ରଖିବ । ସାଧାରଣତଃ ନବୀମାନଙ୍କୁ ସେହି ଲୋକମାନେ ମାନିଥାନ୍ତି ଯେଉଁମାନେ ନମ୍ର ସ୍ୱଭାବ, ଆର୍ଥିକ ସ୍ୱଚ୍ଛଳତା ନ ଥିବା ସତ୍ତ୍ୱେ ତ୍ୟାଗ କରିବା କ୍ଷେତ୍ରରେ ଧନବାନ ଅପେକ୍ଷା ଅଧିକ ଉତ୍ସାହର ସହିତ ଦାନପୁଣ୍ୟ କରିଥାନ୍ତି । ବରଂ ଜୀବନ ଉତ୍ସର୍ଗ କରିବାକୁ ପଡ଼ିଲେ ସୁଦ୍ଧା ପଛ ଘୁଞ୍ଚା ଦିଅନ୍ତି ନାହିଁ । କେବେହେଲେ ଆତ୍ମ ବଡ଼ିମା କିମ୍ବା ଗର୍ବ କରନ୍ତି ନାହିଁ । ବରଂ ପ୍ରତ୍ୟେକ ଛୋଟ ବଡ଼ମାନଙ୍କ ସମ୍ମୁଖରେ ଅତ୍ୟନ୍ତ ବିନମ୍ରତା ଓ ନିରୀହତା ସହିତ ରହନ୍ତି । ବିନମ୍ରତା ଓ ଦୀନହୀନତାର ଅତି ଉଚ୍ଚ ମାନଦଣ୍ଡ ସ୍ଥାପିତ କରିଥାଆନ୍ତି । ଐଶ୍ୱରିକ ଜମାଅତର ଉନ୍ନତିର ରହସ୍ୟ ଏହିଥିରେ ହିଁ ରହିଥାଏ ଯେ ଯେଉଁ ମାତ୍ରାରେ ଅଧିକରୁ ଅଧିକ ସଂଖ୍ୟାରେ ବିନୟୀ ଓ ନିରୀହ

ଲୋକଙ୍କର ଦଳ ବୃଦ୍ଧି ହେଉଥିବ ଏବଂ ଯେଉଁମାନେ ବିନୟ ଭାବ ଓ ନମ୍ର ସ୍ୱଭାବରେ ଉଚ୍ଚ ଆଦର୍ଶବାଦୀ ରୂପେ ପରିଲକ୍ଷିତ ହେଉଥିବେ, ସେତିକି ଅଧିକ ତୀବ୍ର ଗତିରେ ସେମାନଙ୍କର ସମୃଦ୍ଧି ଓ ଉନ୍ନତି ବଢ଼ି ଚାଲିଥିବ । ଯେପରି କି ମୁଁ ପ୍ରଥମରୁ କହିଛି ଯେ ନବୀଙ୍କ ଅନୁଗାମୀମାନେ ଏହିପରି ହୋଇଥାନ୍ତି । ଯେତେବେଳେ ନବୀମାନଙ୍କ ଦୃଷ୍ଟି ଏପରି ଲୋକମାନଙ୍କ ହୃଦୟରେ ପଡ଼ିଥାଏ, ସେତେବେଳେ ତାହା ଆହୁରି ଉଜ୍ଜ୍ୱଳ ହୋଇଯାଏ ଓ ତାଙ୍କୁ ଅଧିକ ପ୍ରକାଶମାନ କରିଦିଅନ୍ତି । ଯେଉଁମାନେ ବିନମ୍ରତା ପ୍ରଦର୍ଶନ କରିଥାଆନ୍ତି ଯଦି ତାଙ୍କୁ ନିଜ ସ୍ଥାନ ଛାଡ଼ି ଅନ୍ୟର ପାଦତଳେ ଏପରିକି ଯୋତା ରଖିବା ସ୍ଥାନରେ ବସିବାକୁ ହେବ, ତେବେ ସେମାନେ ତାକୁ ହିଁ ପ୍ରାଥମିକତା ଦେବେ । କିନ୍ତୁ ଯୁଗାବତାରଙ୍କ ଦୃଷ୍ଟି ଏପରି ଦୂରଦର୍ଶୀ ହୋଇଥାଏ ଯେ ତାହା ଏପରି ଲୋକଙ୍କୁ ଚିହ୍ନି ନିଏ ଓ ଏହି ବିନମ୍ରତାର ପ୍ରତିବଦଳ ଦେବାପାଇଁ ତଥା ଜମାଅତର ଲୋକଙ୍କୁ ବୁଝାଇବା ପାଇଁ ଯେ ମୋ ଜମାଅତ୍‌ରେ ବିନମ୍ର ଓ ନିରୀହ ଲୋକଙ୍କର ସ୍ଥାନ ହିଁ ସର୍ବୋତ୍ତମ । ତେଣୁ ତାଙ୍କୁ ସେଠାରୁ ନେଇ ନିଜ ପାଖରେ ସ୍ଥାନ ଦିଅନ୍ତି ଏବଂ ଖାଇବା ସମୟରେ ନିଜ ସାଥିରେ ନିଜ ପାତ୍ରରେ ଖୁଆନ୍ତି । ତେବେ ନବୀ ମଧ୍ୟ ସେମାନଙ୍କ ସମ୍ମାନ ଏଥିପାଇଁ କରନ୍ତି ଯେ ଏହି ବିନମ୍ର ଭାବ ହେତୁ ଏପରି ଲୋକ ଧର୍ମକୁ ଶୀଘ୍ର ସ୍ୱୀକାର କରିଥାନ୍ତି ଓ ଧର୍ମର ଶିକ୍ଷା ଉପରେ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିଥାଆନ୍ତି ।

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି ଯେ ଗରିବ ଲୋକମାନେ ଅହଙ୍କାର କରନ୍ତି ନାହିଁ । ସହୃଦୟରେ ସତ୍ୟକୁ ସ୍ୱୀକାର କରନ୍ତି । ମୁଁ ସତ୍ୟ, ସତ୍ୟ କହୁଛି ଯେ ଧନବାନ୍ ବ୍ୟକ୍ତିଙ୍କ ମଧ୍ୟରେ ଖୁବ ଅଳ୍ପ ଲୋକ ଅଛନ୍ତି, ଯେଉଁମାନେ ଏହି ସୌଭାଗ୍ୟର ଏକ ଦଶମାଂଶ ଭାଗ ମଧ୍ୟ ପାଇ ପାରିବେ, ଯାହାକୁ ଗରିବ ଲୋକମାନେ ପୂର୍ଣ୍ଣ ରୂପେ ପ୍ରାପ୍ତ କରି ପାରୁଛନ୍ତି । (ଇଯାଲା ଅଓହାମ, ରୁହାନି ଖଜାଇନ୍, ଭାଗ ୩, ପୃ : ୫୩୭)

ଏଇଥିପାଇଁ ସେ କହିଥିଲେ ଯେ ଜମାଅତ୍‌ରେ ସମ୍ପୃକ୍ତ ହେବାପାଇଁ ବିନମ୍ରତାର ସର୍ତ୍ତ ରହିଛି । ଯଦ୍ୱାରା ଧର୍ମକୁ ସଠିକ ଭାବେ ବୁଝିପାରିବ ଓ ତା'ଉପରେ କାର୍ଯ୍ୟକାରୀ କରିପାରିବ । ଏବେ ଏହି ପରିବର୍ତ୍ତନ କିପରି ଘଟିଛି ମୁଁ ଏହାର କେତେକ ଦୃଷ୍ଟାନ୍ତ ପ୍ରସ୍ତୁତ କରୁଛି ।

ହଜରତ୍ ସୟଦ୍ ମୁହମ୍ମଦ ସର୍‌ୱର ଶାହ୍ ସାହେବ[ରଅ] ଏକ ବିଶିଷ୍ଟ ବିଦ୍ୱାନ ହେବା ସହିତ ଧାନଢ଼୍ୟ ପରିବାର ସହିତ ସମ୍ବନ୍ଧ ରଖଥିଲେ । କିନ୍ତୁ ଏହା ସତ୍ତ୍ୱେ ତାଙ୍କର ପବିତ୍ରତା, ସଦାଚରିତା ତଥା ସରଳତା ଆଦର୍ଶଯୋଗ୍ୟ ଥିଲା । ହଜରତ୍ ମସିହ ମଉଦ୍[ଅସ]ଙ୍କ ସଂସ୍ପର୍ଶରେ ଆସି ଓ ହଜୁରଙ୍କ ଦାସତ୍ୱ ସ୍ୱୀକାର କରି ସେ ସଂସାରର

ମୋହମାୟାକୁ ହୃଦୟରୁ ବାହାର କରିଦେଲେ । ମଦ୍ରସା ଅହମଦିୟା ଚାକିରିର ସମ୍ପୂର୍ଣ୍ଣ ଅବଧି ଗୋଟିଏ ଛୋଟ ଗୃହରେ ଅତିବାହିତ କରିଦେଲେ, ଯେଉଁ ଘର ବାସ୍ତବରେ ଏକ ଚପରାଶି ରହିବା ପାଇଁ ମଧ୍ୟ ଯୋଗ୍ୟ ନଥିଲା । ଯେତେବେଳେ ହଜୁରଙ୍କର ଦାସତ୍ୱ ପାଇଁ ସେ ସଂସାରକୁ ଛାଡ଼ିଦେଲେ, ସେପରି ସ୍ଥଳେ ସାଂସାରିକ ବସ୍ତୁ ଭୋଗ କରିବା ଓ ବିଳାସିତ ଜୀବନ ଉପଭୋଗ କରିବାର ପ୍ରଶ୍ନ ଉଠୁନାହିଁ ।

(ଅସହାବେ ଅହମଦ, ଭାଗ ୫, ଖଣ୍ଡ ୩, ପୃ:୯ ପ୍ରକାଶନ ୧୯୬୪)

ପୁଣି ଅନ୍ୟ ଏକ ଉଦାହରଣ ମୌଲବି ବୁରହାନୁଦ୍ଦିନ୍ ସାହେବଙ୍କର ବିନମ୍ରତା ବିଷୟରେ ଏହିପରି ରହିଛି । ଥରେ ହଜୁରଙ୍କ ସେବାରେ ସେ ଉପସ୍ଥିତ ହେଲେ । ଅଲ୍ଲାଃ ଜାଣନ୍ତି କ'ଣ ମନେ ପଡ଼ିଲା ଯେ କାନ୍ଦିବା ଆରମ୍ଭ କରିଦେଲେ । ହଜୁର ଅତି ଶ୍ରଦ୍ଧାରେ ପଚାରିଲେ 'ମୌଲବି ସାହେବ ! ସବୁ ଠିକ୍ ଅଛି ତ ?' ସେ ନିବେଦନ କଲେ 'ହଜୁର ! ପ୍ରଥମେ ମୁଁ କୋଠଇ ହେଲି, ପୁଣି ବାଓ୍ଵଲି ହେଲି, ପୁଣି ଗଜନୀ ହେଲି, ଏବେ ମିର୍ଯାଇ ହୋଇଛି । କାନ୍ଦ ତ ଏଥିପାଇଁ ଲାଗୁଛି ଯେ ବୟସର ଅନ୍ତିମ ଚରଣ ଆସିଗଲା । କିନ୍ତୁ ମୁଁ 'ଝୁଡ଼ୁଡୁ ଦା ଝୁଡ଼ୁଡୁ ରହିଗଲି' ଅର୍ଥାତ୍ ପ୍ରଥମେ ମୁଁ କୋଠାବାଲା ପୀରଙ୍କ ପାଦ ଚୁମ୍ବନ କଲି, ପୁଣି ମୁଁ ବାଓ୍ଵଲି ସନ୍ଥଙ୍କର ସେବାରେ ରହିଲି । ତାପରେ ମୁଁ ମୌଲବି ଅବ୍ଦୁଲ୍ଲା ସାହେବ ଚାଯନଓ୍ଵିଙ୍କ ସେବାରେ ରହିଲି । ଏବେ ମୁଁ ହଜୁରଙ୍କ ସେବାରେ ଆସିଛି । ଏଥିପାଇଁ କାନ୍ଦୁଛି ଯେ ମୁଁ ତ ଯେଉଁ ଅଯୋଗ୍ୟକୁ ସେହି ଅଯୋଗ୍ୟ ହିଁ ରହିଗଲି' (ଏହା ତାଙ୍କର ବିନମ୍ରତା ଥିଲା) ଏହା ଦେଖି ହଜୁର[ଅସ] ମୌଲବ ସାହେବଙ୍କୁ ସ୍ନେହ ଓ ଶ୍ରଦ୍ଧାରେ ଆଲିଙ୍ଗନ କରି ସାନ୍ତ୍ୱନା ଦେଲେ । କହିଲେ, 'ମୌଲବି ସାହେବ ! ବ୍ୟସ୍ତ ହୁଅ ନାହିଁ । ଯେଉଁଠି ଆପଣଙ୍କୁ ପହଞ୍ଚିବାର ଥିଲା ପହଞ୍ଚି ଯାଇଛନ୍ତି । ଏବେ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ।' ତେବେ ଯାଇ ସେ ନୀରବ ଓ ଶାନ୍ତ ହେଲେ ।

(ମାସିକ ଅନ୍‌ସାରୁଲ୍ଲାଃ ରବୁଆ, ସେପ୍ଟେମ୍ବର ୧୯୭୭, ପୃ : ୧୪)

ହଜରତ୍ ମସିହ ମଉଦ୍[ଅସ] ଉଲ୍ଲେଖ କରିଛନ୍ତି 'ଅଲ୍ଲାଃଙ୍କ ପାଇଁ ମୋ ସହିତ ପ୍ରେମ କରୁଥିବା ସୟଦ୍ ଫଜଲ୍ ଶାହ୍ ସାହେବ ଲାହୋରି, ଜାମ୍ମୁର ସ୍ଥାୟୀ ବାସିନ୍ଦା ଜଣେ ଅତ୍ୟଧିକ ସ୍ୱଚ୍ଛ ହୃଦୟଧାରୀ ପ୍ରେମ ଓ ନିଷ୍ଠାରେ ପରିପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ଆସ୍ଥାର ଜ୍ୟୋତିରେ ପ୍ରକାଶିତ ବ୍ୟକ୍ତି ଥିଲେ । ଧନ ଓ ଜୀବନ ସହିତ ସମର୍ପିତ, ସମ୍ମାନ ଓ ସଂସ୍କାର ପାଇଁ ଯାହା ଆବଶ୍ୟକ, ସେ ସବୁ ଗୁଣ ଏକ ଅନୁପମ ବିନମ୍ରତା ସହିତ ତାଙ୍କ ଠାରେ ବିଦ୍ୟମାନ ଥିଲା । ହୃଦୟ ମଧ୍ୟରେ ସଦ୍‌ଭାବ, ପବିତ୍ର ଶ୍ରଦ୍ଧା ଏହି ଅଧୀନ ପ୍ରତି ସେ ରଖିଥିଲେ । ଅଲ୍ଲାଃଙ୍କ ପ୍ରତି ପ୍ରେମ ସଂପର୍କର ଉନ୍ନତ ସ୍ଥାନ ତାଙ୍କୁ ପ୍ରାପ୍ତ ହୋଇଛି । ଶାନ୍ତ, ଧୀର ସ୍ଥିର ଓ ବିଶ୍ୱସନୀୟ ଗୁଣ ତାଙ୍କ ଠାରେ ସ୍ପଷ୍ଟ ଦେଖା ଯାଉଥିଲା । ତାଙ୍କ

ନିଜ ଭାଇ ନାସିର ଶାହ ମଧ୍ୟ ଏହି ଅଧୀନ ସହିତ ବେଅତ୍‌ର ସମ୍ବନ୍ଧ ରଖନ୍ତି ଓ ସେମାନଙ୍କ ମାମୁଁ ମୁନସି କରମ୍ ଇଲାହି ସାହେବ ମଧ୍ୟ ଏହି ବିନୀତର ଘନିଷ୍ଠ ମିତ୍ର ଥିଲେ ।' (ଇଜାଲା ଅଓହାମ, ପୃ : ୭୯୮, ରୁହାନି ଖଜାଇନ, ଭାଗ ୩, ପୃ : ୫୩୨)

ପୁଣି ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି 'ଅଲ୍ଲାଃଙ୍କ ପାଇଁ ମୋ ସହିତ ପ୍ରେମ କରୁଥିବା ମୁନ୍‌ସି ରୁସ୍ତମ ଅଲି ଡ଼େପୁଟି ଇନିସ୍‌ପେକ୍ଟର ଅଫ୍ ରେଲ୍‌ୱେ ପୁଲିସ୍ (ଆମ ଦେଶରେ ପୁଲିସ ବିଭାଗ ବହୁତ ବଦ୍‌ନାମ ଅଛି, ତେଣୁ ଯଦି ଏହି ପରିପ୍ରେକ୍ଷୀରେ ଦେଖାଯାଏ, ତେବେ ଏ ବିଷୟ ବୁଝି ହୋଇଯିବ) ସେହି ସତ୍‌ଚରିତ୍ର, ନିଷ୍ଠାବାନ ନବ ଯୁବକ ମୋର ଘନିଷ୍ଟ ମିତ୍ର ମଧ୍ୟରୁ ଜଣେ ଥିଲେ । ତାଙ୍କ ଚେହେରାରୁ ହିଁ ନିରୀହତା, ନିଃସ୍ୱାର୍ଥପରତା ଓ ନିଷ୍ଠାବାଦୀତାର ଭାବ ଝଲକୁ ଥିଲା । କୌଣସି ସଙ୍କଟରେ ମୁଁ ମୋର ଏହି ମିତ୍ରଙ୍କୁ ବିଚଳିତ ହେବାର ଦେଖି ନାହିଁ । ଯେଉଁଦିନ ଠାରୁ ସେ ମୋ ଆଡ଼କୁ ଭକ୍ତିଭାବ ସହିତ ଆକର୍ଷିତ ହୋଇଛନ୍ତି, ତାଙ୍କର ଏଥିରେ କୌଣସି କ୍ଷୀଣତା କିମ୍ବା ଉଦାସୀନତା ଦେଖା ଯାଇନାହିଁ, ବରଂ ପ୍ରଗତି ହିଁ ହୋଇଛି ।'

(ଇଜାଲା ଅଓହାମ୍, ପୃ. ୮୦୬-୮୦୭ ରୁହାନି ଖଯାଇନ୍, ଭାଗ ୩, ପୃ : ୫୩୬)

# ଅହଙ୍କାରକୁ ବର୍ଜନ

ପୁଣି ଏଥିରେ ଏହା ମଧ୍ୟ ଥିଲା ଯେ ଅହଙ୍କାରରୁ ବଞ୍ଚିତ ରହିବେ । ଏ ବିଷୟରେ ସୈୟଦ ମୁହମ୍ମଦ ସରୱର ଶାହ୍ ସାହେବ[ରଅ]ଙ୍କର ଏକ ଉଦାହରଣ ପ୍ରସ୍ତୁତ କରୁଛି ।

ଜ୍ଞାନ ଓ ପ୍ରତିଷ୍ଠାରେ ଉଚ୍ଚସ୍ଥାନ ଥିବା ସତ୍ତ୍ୱେ ସେ ସମୟର ସୁନାମଧନ୍ୟ ବିଦ୍ୱାନମାନଙ୍କ ଅପେକ୍ଷା ତାଙ୍କ ସ୍ୱଭାବରେ ଏପରି ସରଳତା ଓ ବିନମ୍ରତା ରହିଥିଲା ଯେ ଯଦି କୌଣସି ସମୟରେ କୌଣସି ଛୋଟ ଛୁଆ ମଧ୍ୟ ତାଙ୍କ ସହିତ କଥା ହେବାକୁ ଇଚ୍ଛା କରୁଥିଲେ, ସେ ନିଃସଙ୍କୋଚ କଥାବାର୍ତ୍ତା କରିପାରୁଥିଲା । ସେ ଅତି ସ୍ନେହ, ଶ୍ରଦ୍ଧା ସହିତ ସେମାନଙ୍କ କଥା ଶୁଣୁଥିଲେ ଏବଂ ସେମାନଙ୍କୁ ସନ୍ତୋଷ ଜନକ ଉତ୍ତର ଦେଉଥିଲେ । ମୌଲବି ମୁହମ୍ମଦ୍ ହଫିଜ୍ ବକାପୁରିଙ୍କ ନିକଟରୁ ବିନୀତର କୌଣସି ସମ୍ପର୍କୀୟଙ୍କ ସନ୍ତାନ ହେବାର ପତ୍ର ଦ୍ୱାରା ସୂଚନା ମିଳିଲା । ତେଣୁ ମୌଲବି ସାହେବଙ୍କ ଠାରୁ ନବଜାତ ଶିଶୁର ନାମକରଣ କରାଇବା ପାଇଁ ମୁଁ ମନସ୍ଥ କଲି । ସେ ବୋଧହୁଏ ମସ୍‌ଜିଦ୍ ଅକ୍‌ସାରେ ପ୍ରବଚନ ଦେବାକୁ ଯାଉଥିଲେ କିମ୍ବା ସେଠାରୁ ଫେରୁଥିଲେ । ମୁଁ ତାଙ୍କ ଆଡ଼କୁ ଅଗ୍ରସର ହେଲି । ଏ ଅଧୀନକୁ ନିଜ ଆଡ଼କୁ ଆସିବା ଦେଖି ସେ ଛିଡ଼ା

ହୋଇଗଲେ । ସ୍ନେହଭରା ଦୃଷ୍ଟିରେ ଚାହିଁଲେ ଓ ମୋ ପ୍ରାର୍ଥନାରେ ନବଜାତ ଶିଶୁର ନାମକରଣ କରିବା ସହିତ ଦୁଆ ମଧ୍ୟ କଲେ ।

(ଅସହାବେ ଅହମଦ, ଭାଗ ୫, ଖଣ୍ଡ ୩, ପୃ: ୩୫)

ପୁଣି ଏହି ବିଷୟରେ ମୌଲବି ବୁର୍‌ହାନୁଦ୍ଦିନ ସାହେବଙ୍କର ଏକ ଘଟଣା ବର୍ଣ୍ଣନା କରୁଛି । ପୂର୍ବରୁ ମଧ୍ୟ ଉଦାହରଣ ଦ୍ୱାରା ସ୍ପଷ୍ଟ ହୋଇଯାଇଛି ଯେ ତାଙ୍କ ଠାରେ ଖ୍ୟାତି ଲାଭ କରିବାର କାମନା କିମ୍ବା ଲୋକ ଦେଖାଣିଆ ଗୁଣ ନଥିଲା । ଏପରିକି ଅତି ବଡ଼ ବିଦ୍ୱାନ ହୋଇ ମଧ୍ୟ ତାଙ୍କ ଠାରେ ଜ୍ଞାନର ଅହଙ୍କାର ଓ ଗର୍ବ ଆଦୌ ନଥିଲା । କାଦିୟାନରେ ବସବାସ କରୁଥିବା ସମୟରେ ଯଦି କେହି 'ମୌଲବି ସାହେବ' ବୋଲି ସମ୍ବୋଧନ କରୁଥିଲେ ସେ ବାଧା ଦେଇ କହୁଥିଲେ, 'ମୋତେ ମୌଲବି ସାହେବ କୁହନାହିଁ । ମୁଁ ତ ଏବେ ମିର୍ଜା ସାହେବଙ୍କ ଠାରୁ ଅ,ବ,ଜ,ଦ (ଅର୍ଥାତ ବର୍ଣ୍ଣମାଳା) ପଢ଼ିବା ଆରମ୍ଭ କରୁଛି ।' (ମାସିକ ଅନ୍‌ସାରୁଲ୍ଲାଃ ରବୂଆ ସେପ୍ଟେମ୍ବର ୧୯୭୭, ପୃ:୧୨)

ପୁଣି ବିନମ୍ରତା ଏବଂ ନିରୀହପଣର ଆଉ ଏକ ଆଦର୍ଶ ଯାହା ବିନମ୍ରତା ଠାରୁ ମଧ୍ୟ ଅଧିକ । ହଜରତ୍ ମସିହ ମଉଦ୍[ଅସ] ହଜରତ୍ ସାହିବଜାଦା ସୈୟଦ୍ ଅବ୍ଦୁଲ୍ ଲତିଫ ଶହିଦ୍‌ଙ୍କ ବିଷୟରେ ଏହିପରି ବର୍ଣ୍ଣନା କରିଛନ୍ତି । 'ବିନମ୍ରତା ଓ ନିଃସ୍ୱାର୍ଥପର ଭାବରେ ଏପରି ସ୍ତରକୁ ସେ ପହଁଞ୍ଚି ଯାଇଥିଲେ ଯେ ଯେପର୍ଯ୍ୟନ୍ତ ମନୁଷ୍ୟ ଅଲ୍ଲାଃତାଲାଙ୍କ ସତ୍ତାରେ ଲୀନ ହୋଇଯାଏ, ଏହି ସ୍ତରକୁ ପ୍ରାପ୍ତ କରିପାରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତି କିଛି ପ୍ରସିଦ୍ଧି ଓ ଜ୍ଞାନ ଲାଭ କରିବା ଯୋଗୁଁ ଅହଂକାରୀ ହୋଇ ଯାଇଥାଏ । ନିଜକୁ ଗର୍ବିତ ମନେକରେ ଓ ଏହି ପ୍ରସିଦ୍ଧି ତଥା ଜ୍ଞାନ ତାହାର ସନ୍ମାର୍ଗ ପ୍ରାପ୍ତିରେ ବାଧକ ହୋଇଯାଏ । ପରନ୍ତୁ ଏହି ବ୍ୟକ୍ତି (ଅବଦୁଲ୍ ଲତିଫ ସାହେବ୍) ସର୍ବଗୁଣ ସମ୍ପନ୍ନ ଓ ପ୍ରତିଷ୍ଠାରେ ପରିପୂର୍ଣ୍ଣ ହୋଇଥିବା ସତ୍ତ୍ୱେ ଏପରି ନିଃସ୍ୱାର୍ଥପର ଥିଲେ ଯେ ତାଙ୍କୁ କୌଣସି ସତ୍ୟତା ସ୍ୱୀକାର କରିବାରେ ନିଜର ପାଣ୍ଡିତ୍ୟ, ଆଚରଣ ଓ ବଂଶ ଆଭିଜାତ୍ୟ ଇତ୍ୟାଦି ବାଧା ଦେଇପାରି ନଥିଲା । ଅନ୍ତତଃ ସତ୍ୟତା ପାଇଁ ସେ ନିଜ ଜୀବନ ଉତ୍ସର୍ଗ କରି ଦେଇଥିଲେ । ଆମ ଜମାଅତ ପାଇଁ ଏକ ଏପରି ଆଦର୍ଶ ଛାଡ଼ି ଯାଇଛନ୍ତି, ଯାହାକୁ ଅନୁକରଣ କରିବା ବାସ୍ତବିକ ରୂପେ ଅଲ୍ଲାଃଙ୍କ ଇଚ୍ଛାର ପାଳନ କରିବା ।'

(ତଯ୍‌କରତୁସ୍ ଶାହାଦତୈନ, ପୃ: ୪୫, ରୁହାନି ଖଜାଇନ୍, ଭାଗ -୨୦, ପୃ:୪୭)

## ଧର୍ମକୁ ସଂସାର ଉପରେ ପ୍ରାଥମିକତା ଓ ତ୍ୟାଗର ଉଚ୍ଚ ଆଦର୍ଶ

ପୁଣି ଧର୍ମକୁ ଦୁନିଆ ଠାରୁ ପ୍ରାଧାନ୍ୟ ଦେବା ପାଇଁ ଅଷ୍ଟମ ସର୍ତ୍ତରେ ଅଛି ଯେ ଧର୍ମ ପାଇଁ ନିଜର ଜୀବନ, ଧନ, ସମ୍ମାନ, ଆଦି ପ୍ରତ୍ୟେକ ବସ୍ତୁକୁ ଉତ୍ସର୍ଗ କରିବ ।

ଜମାଅତ୍‌ରେ ଅଲ୍ଲାଃତାଲାଙ୍କ କୃପାରୁ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବାର ଅନେକ ଉଦାହରଣ ଦେଖାଯାଉଛି ।

ମାତାମାନେ ନିଜ ସନ୍ତାନମାନଙ୍କୁ ପ୍ରସ୍ତୁତ କରୁଛନ୍ତି । ବାପାମାନେ ହଜରତ୍ ଇବ୍ରାହିମ୍[ଅସ]ଙ୍କ ସୁନ୍ନତ୍‌ର ଅନୁକରଣ କରି ସନ୍ତାନକୁ ନିଜ ସାଥିରେ ଆଣି କହୁଛନ୍ତି ଏମାନେ ଜମାଅତ୍‌ରେ ଅନ୍ତର୍ଭୁକ୍ତ । ଜମାଅତ୍ ଏମାନଙ୍କ ଠାରୁ ଯେଉଁ ପ୍ରକାରେ ଚାହୁଛି ସେହି ପ୍ରକାରର ବଳିଦାନ ନେଇପାରିବ । ପିଲାମାନେ ମଧ୍ୟ ଉତ୍ସର୍ଗ ହେବାପାଇଁ ନିଜକୁ ପ୍ରସ୍ତୁତି କରୁଛନ୍ତି ଯେ ଆମେମାନେ ମଧ୍ୟ ହଜରତ୍ ଇସ୍‌ମାଇଲ[ଅସ]ଙ୍କ ପରି ନିଜ ଜୀବନ ଦେବା ପାଇଁ ପ୍ରସ୍ତୁତ ଅଛୁଁ । ଏହିପରି ଘଟଣା ଆଗରୁ ବହୁଥର ଘଟି ଆସିଛି ଓ ଏବେ ମଧ୍ୟ ଘଟୁଛି । ଏହାର ଏକ ଉଦାହରଣ ପ୍ରସ୍ତୁତ କରାଯାଉଛି

୧୯୨୩ ମସିହାରେ ହିନ୍ଦୁମାନେ ଶୁଦ୍ଧିର ଆନ୍ଦୋଳନ ଆରମ୍ଭ କରିଥିଲେ । ଏହା ବିରୁଦ୍ଧରେ ଜମାଅତ୍ ଅହମଦିୟା ପକ୍ଷରୁ ଯେଉଁ ଚେଷ୍ଟା କରାଯାଇଥିଲା, ସେଥିରେ ପିଲାମାନେ ମଧ୍ୟ ପଛେଇ ନଥିଲେ । ପାଞ୍ଚ, ପାଞ୍ଚ ବର୍ଷର ପିଲାମାନେ ମଧ୍ୟ ମଲକାନା ଅଞ୍ଚଳକୁ ଯିବାପାଇଁ ପ୍ରସ୍ତୁତ ହୋଇଗଲେ । ଗୋଟିଏ ୧୨ ବର୍ଷର ପିଲା ନିଜ ପିତାଙ୍କୁ ଲେଖିଥିଲା ଯେ ଧର୍ମର ସେବା କରିବା କେବଳ ବଡ଼ମାନଙ୍କର କାମ ନୁହେଁ, ଆମର ମଧ୍ୟ କର୍ତ୍ତବ୍ୟ ରହିଛି । ତେଣୁ ଯେତେବେଳେ ଆପଣ 'ଦାଓ୍ୱତ୍ ଇଲଲ୍ଲାହ' (ଅଲ୍ଲାଃଙ୍କ ଆଡ଼କୁ ନିମନ୍ତ୍ରଣ ଦେବା) ପାଇଁ ଯିବେ, ମୋତେ ମଧ୍ୟ ସାଙ୍ଗରେ ନେଇଯିବେ । ଯଦି ଆପଣ ନିଜେ ନ ଯିବେ, ତେବେ ମୋତେ ସେଠାକୁ ନିଶ୍ଚୟ ପଠାଇ ଦିଅନ୍ତୁ ।' (ସାରାଂଶ, ତାରିଖ୍‌ଏ ଅହମଦିୟତ୍, ଭାଗ-୫, ପୃ:୩୩୬, ପ୍ରକାଶନ ୧୯୬୪)

ଯେପରିକି ମୁଁ ପୂର୍ବରୁ କହିଛି ଯେ ଏହି ବିଷୟମାନ କୌଣସି ପୁରାତନ ଗପ ନୁହେଁ, ବରଂ ଏପରି ବଳିଦାନର ନିଦର୍ଶନ ଆଜି ମଧ୍ୟ ଦୃଷ୍ଟିଗୋଚର ହେଉଛି । ଆଜି ମଧ୍ୟ ଯେତେବେଳେ ଓ୍ୱକ୍‌ଫେ ନୌ (ସନ୍ତାନ ଉତ୍ସର୍ଗର ନୂତନ ଯୋଜନା)ର ପିଲାମାନେ ବିଶେଷତଃ ଏହି ପାଶ୍ଚାତ୍ୟ ପରିବେଶର ପିଲା ଯେଉଁମାନେ 'ଓ୍ୱକ୍‌ଫେ ନୌ'ରେ ସାମିଲ ଅଛନ୍ତି, ଯେତେବେଳେ ମୋ ସହିତ ସାକ୍ଷାତ କରିବାକୁ ଆସନ୍ତି । ଯଦି ତାଙ୍କୁ ପଚରାଯାଏ ଯେ ତୁମେ ବଡ଼ ହୋଇ କ'ଣ କରିବ ବା କ'ଣ ହେବାକୁ ଚାହୁଁଛ ? ସେତେବେଳେ ତାଙ୍କଠାରୁ ଉତ୍ତର ମିଳେ 'ଯାହା ଆପଣ କହିବେ ଆମେ ତାହାହିଁ ହେବାକୁ ଚେଷ୍ଟା କରିବୁ ଓ ଜମାଅତ୍ କହୁ ଯେ ଆମକୁ କ'ଣ କରିବାକୁ ହେବ ।' ଏହି ଭାବାବେଗ ରହିଥାଏ ଜଣେ ଅହମଦି ପିଲାଠାରେ । ଯେପର୍ଯ୍ୟନ୍ତ ଏପରି ଦୃଢ଼ ମାନସିକତା ପ୍ରତିଷ୍ଠିତ ରହିବ, (ଇନ୍‌ଶାଅଲ୍ଲାଃ କୟାମତ୍ ପର୍ଯ୍ୟନ୍ତ ଏହି ଆବେଗ ରହିବ) ଜମାଅତ୍‌ର କେହିହେଲେ କୌଣସି ପ୍ରକାରର କ୍ଷତି କରିପାରିବେ ନାହିଁ ।

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି : 'ଏବେ ମୋ ଜମାଅତ୍‌ରେ ଅନେକ ବ୍ୟକ୍ତି ରହିଛନ୍ତି, ଯେଉଁମାନେ ସ୍ୱୟଂ ଧର୍ମକୁ ଦୁନିଆ ଉପରେ ପ୍ରାଥମିକତା ଦେଇ ନିଜର ସବୁକିଛି ତ୍ୟାଗ କରିବା ଦ୍ୱାରା ସାଧୁ ଫକୀର ହୋଇ ଯାଇଛନ୍ତି । ନିଜର ଦେଶବାସୀଙ୍କୁ ଛାଡ଼ିଦେଇ, ନିଜର ଆତ୍ମୀୟ ଓ ବନ୍ଧୁ ବାନ୍ଧବମାନଙ୍କୁ ପରିତ୍ୟାଗ କରି ସବୁଦିନ ପାଇଁ ମୋ ନିକଟରେ ଚରଣାଶ୍ରୀତ ହୋଇ ବାସ କରୁଛନ୍ତି ।'

(ଅସହାବେ ଅହମଦ୍, ଭାଗ ୫, ଖଣ୍ଡ ୩, ପୃ: ୧୩୦ ପ୍ରକାଶନ ୧୯୬୪)

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି 'ପ୍ରଭୁଙ୍କ ପାଇଁ ମୋ ସହିତ ପ୍ରେମ କରୁଥିବା ମୌଲବି ହକିମ୍ ନୁରୁଦ୍ଦିନ୍ ସାହେବ ଭୈରୁୱି (ଖଲିଫତୁଲ୍ ମସିହ ପ୍ରଥମ[ରଅ]) ତାଙ୍କ ଧନ ଦ୍ୱାରା ଯେଉଁ ପ୍ରକାର ସାହାଯ୍ୟ ପ୍ରାପ୍ତ ହୋଇଛି ତାହା ଅନୁପମ । ମୁଁ ଏପରି ଦୃଷ୍ଟାନ୍ତ କୌଣସି ଠାରେ ଦେଖୁନାହିଁ, ଯାହାକୁ ଏହାର ମୁକାବିଲାରେ ବର୍ଣ୍ଣନା କରାଯାଇ ପାରିବ । ମୁଁ ତାଙ୍କୁ ସ୍ୱାଭାବିକ ରୂପେ ଆନ୍ତରିକ ଉତ୍ସାହ ସହିତ ଧର୍ମର ସେବାରେ ଜୀବନକୁ ସମର୍ପିତ ଥିବାର ଦେଖିବାକୁ ପାଇଲି । ଯଦିଓ ତାଙ୍କର ପ୍ରତ୍ୟେକ ମୁହୂର୍ତ୍ତ ଏହି ମାର୍ଗ ପାଇଁ ସମର୍ପିତ ଥିଲା ଓ ସେ ପ୍ରତ୍ୟେକ କ୍ଷେତ୍ରରେ ଇସଲାମ ତଥା ମୁସଲମାନମାନଙ୍କର ପ୍ରକୃତ୍ ସେବାରେ ଲାଗି ରହିଥିଲେ । କିନ୍ତୁ ଏହି ଜମାଅତ୍‌ର ସାହାଯ୍ୟକାରୀ ଭାବେ ସେ ପ୍ରଥମ ଶ୍ରେଣୀର ବ୍ୟକ୍ତି ଥିଲେ ।'

(ଇଜାଲା ଅଓ୍ୱହାମ୍, ପୃ: ୭୭୭, ରୁହାନି ଖଜାଇନ୍, ଭାଗ ୩, ପୃ: ୫୨୦)

ପୁଣି ହଜରତ୍ ମୌଲବି ଅବ୍ଦୁଲ୍ କରିମ୍ ସାହେବ[ରଅ]ଙ୍କ ବିଷୟରେ କହିଛନ୍ତି 'ତାଙ୍କ ଜୀବନ ଏକ ପବିତ୍ର ଆଦର୍ଶ ରୂପେ ଅତିବାହିତ ହୋଇଥିଲା । ସାଂସାରିକ ଭୋଗ ବିଳାସରେ ସେ କିଞ୍ଚିତ ଅଂଶ ମଧ୍ୟ ଗ୍ରହଣ କରି ନଥିଲେ ଓ ଭୋଗବାଦୀରେ କୌଣସି ରୁଚି ରଖି ନଥିଲେ । ଚକିରି ମଧ୍ୟ ସେ ଏହି କାରଣରୁ ଛାଡ଼ିଦେଲେ ଯେ ଏଥିରେ ଧର୍ମର ଅପମାନ ହେଉଛି । କିଛି ଦିନ ପୂର୍ବେ ମାସିକ ୨୦୦ଟଙ୍କା ବେତନରେ ଗୋଟିଏ ଚକିରି ମିଳୁଥିଲା । କିନ୍ତୁ ସେ ସ୍ପଷ୍ଟ ଭାବେ ମନା କରିଦେଲେ । ସେ ଅତି ବିନମ୍ରତା ପୂର୍ବକ ଜୀବନ ଯାପନ କରନ୍ତି । କେବଳ ଆରବୀ ପୁସ୍ତକ ପଢ଼ିବାରେ ଅଧିକ ରୁଚି ରଖନ୍ତି । ଇସଲାମ ପ୍ରତି ଭିତର ଓ ବାହାରୁ ଯେଉଁ ଆକ୍ରମଣ କରାଯାଉଥିଲା, ଏହାର ଦୂରୀକରଣ ପାଇଁ ନିଜର ସମସ୍ତ ଜୀବନ ନିୟୋଜିତ କରିଥିଲେ । ଅତ୍ୟଧିକ ଅସୁସ୍ଥ ଓ ଦୁର୍ବଳ ଥାଇ ମଧ୍ୟ ସର୍ବଦା ସେ ଲେଖନୀ ଚାଳନା କରୁଥିଲେ ।'

(ସୀରତ୍ ହଜରତ୍ ଅବ୍ଦୁଲ୍ କରିମ ସାହେବ ସିଆଲକୋଟି[ରଅ], ସଙ୍କଳନ ମହେମୁଦ୍ ମୁଜୀବ ଅସ୍‌ଗର, ପୃ: ୧୦୮)

ହଜରତ୍ ନୱାବ୍ ମୁହମ୍ମଦ୍ ଅଲ୍ଲି ଖାଁ ସାହେବ, ରଇସ୍ ମାଲିରକୋଟଲା ନିଜ ଭାଇଙ୍କୁ ଏକ ପତ୍ରରେ ଲେଖିଛନ୍ତି 'ଯେଉଁ କାରଣରୁ ମୁଁ କାଦିୟାନରେ ବାସ କରୁଛି, ତାହା ମୁଁ ଅତ୍ୟନ୍ତ ନମ୍ରତାର ସହିତ ପ୍ରକଟ କରୁଛି ଯେ ମୋତେ ହଜରତ୍ ମସିହ ମଉଦ୍ ଓ ମେହେଦି ମାଉଦ୍‌ଙ୍କ ହସ୍ତରେ ବୈଅତ୍ କରିବାରେ ବାର ବର୍ଷ ବିତିଗଲାଣି । ମୁଁ ଏଗାର ବର୍ଷ ପର୍ଯ୍ୟନ୍ତ ଘରେ ରହିଥିଲି ଓ କାଦିୟାନ ଠାରୁ ଦୂରେଇ ରହିଥିଲି । ଅବଶ୍ୟ ବେଳେବେଳେ କିଛି ଦିନପାଇଁ ଆସୁଥିଲି ଓ ସାଂସାରିକ କାମଧନ୍ଦା ରେ ବ୍ୟସ୍ତ ରହି ବୟସର ଅନେକ ସମୟ ବ୍ୟର୍ଥରେ ଅତିବାହିତ କରିଦେଲି । ଶେଷରେ ଯେତେବେଳେ ଚିନ୍ତା କଲି ଜଣାପଡ଼ିଲା ଯେ ଆୟତ (ଦିବ୍ୟବାଣୀ) ପବନ ପରି ଉଡ଼ିଗଲାଣି । ଏଥିରେ ନା ମୁଁ ଧର୍ମ ପାଇଁ କିଛି କରିପାରିଲି ନା ସାଂସାରିକ କ୍ଷେତ୍ରରେ କିଛି କରିଛି ।'

'ଏଠାକୁ (କାଦିୟାନକୁ) ମୁଁ ଛଅମାସ ରହିବା ଉଦ୍ଦେଶ୍ୟରେ ଆସିଥିଲି । କିନ୍ତୁ ମୁଁ ଏଠାରେ ଆସି ନିଜର ସମସ୍ତ କର୍ମ ବିଷୟରେ ଚିନ୍ତା କଲି । ଶେଷରେ ହୃଦୟ ନିର୍ଦ୍ଦେଶ ଦେଲା ଯେ ଧର୍ମ କାର୍ଯ୍ୟରେ ଲାଗି ରହିଲେ ସାଂସାରିକ କାର୍ଯ୍ୟ ମଧ୍ୟ ସମ୍ପାଦିତ ହୋଇ ହୋଇଯିବ । କିନ୍ତୁ ସଂସାରିକ କାର୍ଯ୍ୟରେ ଲାଗି ରହିଲେ ଦୁନିଆ ମଧ୍ୟ ହାତରୁ ଚାଲିଯାଏ । ଏବେ ଦେଖିଲି ଯେ ୧୧ ବର୍ଷ ମଧ୍ୟରେ ନା ମୁଁ କିଛି କରିପାରିଲି ନା ମୋ ଭାଇମାନେ କିଛି କରିପାରିଲେ । ଦିନକୁ ଦିନ ଏପରି ନିରାଶ ଜନକ ଅବସ୍ଥା ସତ୍ତ୍ୱେ ଧର୍ମକୁ ଆମେ ନଷ୍ଟ କରି ଚାଲିଛୁଁ । ଅନ୍ତତଃ ଏହା ଭାବୁଛି ଯେ ସଂସାରର କାର୍ଯ୍ୟ କେବେହେଲେ ଶେଷ ହେବନାହିଁ । ତେଣୁ କୋଟଲାକୁ ବିଦାୟ ଜଣାଇଲି ଓ ଦୃଢ଼ ନିଶ୍ଚୟ କରିନେଲି ଯେ ମୁଁ ଏଠାରୁ ହିଜ୍‌ରତ୍ (ଦେଶାନ୍ତରିତ) କରିଯିବି । ସୁତରାଂ ମୁଁ ଅତି ପ୍ରସନ୍ନତା ସହିତ ବ୍ୟକ୍ତି କରୁଛି ଯେ ମୁଁ କୋଟଲାରୁ ପ୍ରବାସ କରି ନେଇଛି । ଶରିୟତ୍ ଅନୁସାରେ ହିଜ୍‌ରତ୍ କରିବା ବ୍ୟକ୍ତି ପୁଣି ନିଜ ଦେଶକୁ ସ୍ୱଇଚ୍ଛାରେ ଯାଇପାରେ ନାହିଁ । ଅର୍ଥାତ ସେଠାରେ ପୁଣି ବାସ କରିପାରିବ ନାହିଁ । ହଁ ଜଣେ ଯାତ୍ରୀ ସଦୃଶ ଯଦି କେହି ଯିବ, ତା'ହେଲେ ଯାଇପାରିବ । ତେଣୁ ଏହି ଅବସ୍ଥାରେ ମୋର ସେଠାକୁ ଯିବା କଷ୍ଟକର । ମୁଁ ବହୁତ ପ୍ରସନ୍ନ ଅଛି ଓ ଭଲ ଅବସ୍ଥାରେ ରହିଛି । ଆମେ ଯେଉଁ ଜ୍ୟୋତିର ବାହକ କୀଟ ହୋଇଛୁ, ସେଥିରୁ କିପରି ଅଲଗା ରହିପାରିବା... ।'

'ଆଦରର ବଡ଼ ଭାଇ ! ମୁଁ ଏଠାକୁ ପ୍ରଭୁଙ୍କ ସକାଶେ ଆସିଛି । ମୋର ମିତ୍ରତା ଓ ପ୍ରେମ ମଧ୍ୟ ପ୍ରଭୁଙ୍କ ପାଇଁ ଉଦ୍ଦିଷ୍ଟ । ମୁଁ କୋଟାଲା ଠାରୁ ଦୂରରେ ରହିଛି । କିନ୍ତୁ କୋଟାଲାର ଦୟନୀୟ ଅବସ୍ଥା ପ୍ରତି ମୋତେ ଅତ୍ୟନ୍ତ ଦୁଃଖ ଲାଗୁଛି । ପ୍ରଭୁ ଆପଣଙ୍କୁ

ଆମର ସମସ୍ତ ବନ୍ଧୁ କୁଟୁମ୍ବଙ୍କୁ ତଥା ସମସ୍ତ କୋଟାଲାବାସୀଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଓ ବୁଝିବାର ଶକ୍ତି ପ୍ରଦାନ କରନ୍ତୁ । ଆପଣମାନେ ସମସ୍ତେ ପୂର୍ଣ୍ଣ ପ୍ରାଣରେ ଇସଲାମର ସେବକ ହୋଇଯାଆନ୍ତୁ । ଆମ ସମସ୍ତଙ୍କର ଜୀବନ ଓ ମରଣ କେବଳ ଅଲ୍ଲାହ୍‌ଙ୍କ ପାଇଁ ଧ୍ୟେୟ ହେଉ । ଆମେ ଯେପରି ପ୍ରଭୁଙ୍କ ସମ୍ପୂର୍ଣ୍ଣ ଆଜ୍ଞାକାରୀ ମୁସଲମାନ ହୋଇଯିବା । ବୈୟତ୍‌ର ସର୍ତ୍ତରେ ରହିଛି ଯେ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବା । ଆମର ଦୟାଳୁ ସରକାରଙ୍କୁ ଧନ୍ୟବାଦ ଦେବା ଓ ପୂର୍ଣ୍ଣ ରୂପେ ଆଜ୍ଞା ପାଳନ କରିବା । ମୁଁ ଏଠାରେ ଏଇଥିପାଇଁ ରହୁଛି ଯେ ଯହୁଁ ଯହୁଁ ମୋର ବିଶ୍ୱାସ ବଢ଼ିବାରେ ଲାଗିଛି, ସେହି ଅନୁକ୍ରମେ ମୋ ଦୃଷ୍ଟିରେ ସଂସାର ତୁଚ୍ଛ ଦେଖାଯାଉଛି ଏବଂ ଧର୍ମକୁ ପ୍ରାଥମିକତା ମିଳୁଛି । ଅଲ୍ଲାହ୍‌ତାଲାଙ୍କ ପ୍ରତି ଓ ମନୁଷ୍ୟମାନଙ୍କ ଉପକାର ପାଇଁ କୃତଜ୍ଞତାର ଭାବ ବଢ଼ିବାରେ ଲାଗିଛି । ସେହିପରି ସରକାରଙ୍କ ଆଜ୍ଞା ପଳନ ତଥା କୃତଜ୍ଞତା ଜ୍ଞାପନ ପ୍ରତି ହୃଦୟରେ ଆଗ୍ରହ ଜାତ ହେଉଛି ।'

(ଅସ୍‌ହାବେ ଅହମଦ, ଭାଗ ୨, ପୃ: ୧୨୬-୧୨୯, ପ୍ରକାଶନ ୧୯୫୨)

ପୁଣି ହକିମ୍ ଫଜଲ୍‌ଦ୍ଦିନ ସାହେବଙ୍କର ଇସଲାମ ପ୍ରତି ରହିଥିବା ସହାନୁଭୂତି ବିଷୟରେ ଏହିପରି ଉଲ୍ଲେଖ ରହିଛି । ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି 'ଅଲ୍ଲାହ୍‌ଙ୍କ ପାଇଁ ମୋ ସହିତ ପ୍ରେମ କରୁଥିବା ହକିମ୍ ଫଜଲଦ୍ଦିନ୍ ସାହେବ ଭୈରଓ୍ୱି ମୋର ଭାଇ ହକିମ୍ ନୁରୁଦ୍ଦିନ ସାହେବଙ୍କ ମିତ୍ର । ତାଙ୍କ ସଦାଚରର ରଙ୍ଗରେ ରଙ୍ଗାୟିତ ତଥା ଜଣେ ନିଷ୍ଠାବାନ ବ୍ୟକ୍ତି । ମୁଁ ଜାଣେ ତାଙ୍କଠାରେ ଅଲ୍ଲାହ୍ ଓ ରସୁଲଙ୍କ ପ୍ରତି ସତ୍ୟ ପ୍ରେମ ରହିଛି । ଏହି କାରଣରୁ ସେ ଏହି ବିନୀତକୁ ଧର୍ମର ସେବକ ଦେଖି 'ହବନ୍ ଲିଲ୍ଲାହ୍' (କେବଳ ଅଲ୍ଲାହ୍‌ଙ୍କ ପାଇଁ ପ୍ରେମ କରିବା)ର ସର୍ତ୍ତ ପାଳନ କରୁଛନ୍ତି । ଜଣାଯାଏ ଯେ ତାଙ୍କଠାରେ ଇସଲାମର ସତ୍ୟତାକୁ ପ୍ରସାର ପାଇଁ ସେହି ପ୍ରକାର ପ୍ରେମ, ଉତ୍ସାହ ତଥା ଉଦ୍‌ବେଗ ରହିଛି, ଯେପରି ମୋର ଭାଇ ମୌଲବୀ ହକିମ୍ ନୁରୁଦ୍ଦିନ୍ ସାହେବଙ୍କ ଠାରେ ତାହା ବିଦ୍ୟମାନ ରହିଛି । ସେ ସର୍ବଦା ଚିନ୍ତିତ ରହନ୍ତି ଯେ ଏହି ଜମାଅତରେ ଧର୍ମ କାର୍ଯ୍ୟରେ ଯେଉଁସବୁ ବ୍ୟୟ ହେଉଛି । ସମ୍ଭବତଃ ସେ କିଛି ଅନୁଦାନ ଦେଇପାରନ୍ତି କି ?' (ଇଜାଲା ଅଓହାମ୍, ପୃ. ୭୮୧, ରୁହାନି ଖଜାଇନ, ଭାଗ ୩, ପୃ: ୫୨୨)

ଯେତେବେଳେ ୧୯୨୩ ମସିହାରେ ଶୁଦ୍ଧି ଆନ୍ଦୋଳନକୁ ଅତ୍ୟଧିକ ତୀବ୍ର କରି ଦିଆଗଲା, ଅହମଦି ମୋବଲିଗ୍‌ମାନଙ୍କର ଏପରି ଅବସ୍ଥା ଥିଲା ଯେ, ସେମାନେ ପ୍ରଚଣ୍ଡ ଖରାରେ ଦୈନିକ ମାଇଲ ମାଇଲ ପଦଯାତ୍ରା କରୁଥିଲେ । ବେଳେବେଳେ ଖାଦ୍ୟ ତ ଦୂରର କଥା ପାଣି ମଧ୍ୟ ପିଇବାକୁ ମିଳୁ ନଥିଲା । ଅଧିକାଂଶ ସମୟରେ ତାଙ୍କୁ

ଦରସିଝା ବାସି ଖାଦ୍ୟ ଖାଇବାକୁ ପଡୁଥିଲା । କିମ୍ବା ଭଜା ବୁଟ ଖାଇ ପାଣି ପିଇ ଦିନ କାଟୁ ଥିଲେ । ଅନେକ ସମୟରେ ଛତୁ ଖାଇ ମଧ୍ୟ ଦିନ କାଟି ବିତାଇ ଦେଉଥିଲେ । ସୁଫି ଅବ୍ଦୁଲ କାଦିର୍ ସାହେବ ନିଜାମ୍ ବି.ଏ., ଜିଲ୍ଲା ମୈନପୁର ମଥୁରାର ପ୍ରାୟଃ ୪୦ଟି ଗାଁ ଭ୍ରମଣ କରିଥିଲେ ଓ ହାରାହାରି ୧୬ ମାଇଲ ଦୈନିକ ପଦଯାତ୍ରା କରୁଥିଲେ । (ତାରିଖ ଅହମଦିୟତ, ଭାଗ ୪, ପୃ:୩୪୩, ପ୍ରକାଶନ ୧୯୬୪)

ଆମେରିକାର ଜଣେ ବ୍ୟକ୍ତି ଅହମଦି ହେଲେ ଯେକି ଜଣେ ସଙ୍ଗୀତକାର ଥିଲେ । ନିଜ ସମୟରେ ସଙ୍ଗୀତରେ ସେ ଏପରି ଉନ୍ନତି କରିଥିଲେ ଯେ ଯଥାଶୀଘ୍ର ଆମେରିକାରେ ମଧ୍ୟ ସେ ପ୍ରସିଦ୍ଧି ଲାଭ କରଥିଲେ । ବିଶେଷଜ୍ଞମାନଙ୍କର ମତ ଥିଲା ଯେ ସେ ନିଜ ସମୟର ଜଣେ ମହାନ ସଙ୍ଗୀତକାର ବୋଲାଇବେ ଓ ଲୋକମାନେ ସେଥିପାଇଁ ତାଙ୍କୁ ମନେରଖିବେ । କିନ୍ତୁ ସେ ଅହମଦି ହେଲାପରେ ନା ସଙ୍ଗୀତର କୌଣସି ଖାତିର କଲେ ନ ସଙ୍ଗୀତ ଦ୍ୱାରା ଆସୁଥିବା ଧନ ଆଡ଼କୁ କୌଣସି ଲୋଭ ରହିଲା । ସବୁକିଛି ଏକବାରେ ଛାଡ଼ିଦେଲେ । ଏବେ ସେ ଜଣେ ଫକିର୍ ପରି ଜୀବନଯାପନ କରୁଛନ୍ତି । ନିୟମିତ ତହଯୁଦ୍ ନମାଜ ପାଠ କରୁଛନ୍ତି । ହଜରତ୍ ମୁହମ୍ମଦ୍[ସଅ]ଙ୍କ ନାମ ନେବା ମାତ୍ରେ ତାଙ୍କ ଆଖିରୁ ଲୁହ ଝରି ପଡୁଛି ।

(ମାସିକ ପତ୍ରିକା ଖାଲିଦ, ଜାନୁଆରୀ ୧୯୮୮, ପୃ. ୪୦)

ହଜରତ୍ ଖଲିଫତୁଲ୍ ମସିହ ପ୍ରଥମ[ରଅ] ବର୍ଣ୍ଣନା କରିଛନ୍ତି (ଖଲିଫା ହେବା ପୂର୍ବ ଘଟଣା) 'ମୁଁ ଏଠାକୁ କାହିଁକି ଆସୁଛି ଯାଣିଛ ? ଦେଖ ! ଭୈରାରେ ମୋର ପକ୍କା ଘର ରହିଛି, କିନ୍ତୁ ମୁଁ ଏଠାରେ ଏକ ସାଧାରଣ କଚ୍ଚା ଘର ତିଆରି କରିଛି । ପ୍ରତ୍ୟେକ ପ୍ରକାରର ସୁବିଧା ସୁଯୋଗ ଏଠିକା ଅପେକ୍ଷା ମୋତେ ସେଠାରେ ଉପଲବ୍‌ଧ ହୋଇ ପାରିଥାଆନ୍ତା । କିନ୍ତୁ ଦେଖିଲି ଯେ ମୁଁ ରୋଗରେ ପୀଡ଼ିତ ହୋଇ ବହୁତ ଅସୁସ୍ଥ ରହିଛି । ଅତିଶୟ ଅଭାବ ଅନାଟନ ଯୋଗୁଁ ଅସହାୟ ରହିଛି ଓ ଅତ୍ୟନ୍ତ ଦୁଃଖରେ କାଳାତିପାତ କରୁଛି । ଯଦି କୌଣସି ବ୍ୟକ୍ତି କାଦିୟାନ୍ ଏଥିପାଇଁ ଆସେ ଯେ ସେ ମୋର ଆଦର୍ଶ ଦେଖିବ, ଏଠାକୁ ଆସି କିମ୍ବା କିଛି କାଳ ଏଠାରେ ରହି ଏଠାକାର ଲୋକମାନଙ୍କ ଠାରେ ମୋ ପାଇଁ ଅଭିଯୋଗ କରେ, ତେବେ ଏହା ତାହାର ଏକ ଭୁଲ୍ ହେବ ଏବଂ ତା'ର ଦୃଷ୍ଟି ତାକୁ ଧୋକା ଦେଉଥିବ ଯେ ସେ ରୋଗୀକୁ ସୁସ୍ଥ ଭାବି ସେମାନଙ୍କର ପରୀକ୍ଷା କରୁଛି । ଏଠାକାର ମିତ୍ରତାର ସଂପର୍କ, ଆତ୍ମୀୟତା, ଏଠାକୁ ଆସିବା ଓ ଏଠାରୁ ଚାଲିଯିବା କିମ୍ବା ଏଠାରେ ବାସ କରିବା ଇତ୍ୟାଦି ସବୁକିଛି 'ଲାଇଲାହା ଇଲ୍ଲଲ୍ଲାହୁ'ର ଅଧିନ ହେବା କଥା । ଯଦି ଭଲ ଖାଇବା ଓ ଆରାମରେ ଶୋଇବା ପାଇଁ ଆସୁଥିବ, ତେବେ ତ ତୁମମାନଙ୍କ ମଧ୍ୟରେ ଅଧିକାଂଶ ଲୋକଙ୍କ ଘରେ ଏଠିକା ଅପେକ୍ଷା ଅଧିକ

ଉତ୍କୃଷ୍ଟ ଖାଦ୍ୟ ପାନୀୟ ଇତ୍ୟାଦି ବିଦ୍ୟମାନ ଅଛି । ତୁମର ଏହି ବୈଅତର ସଂକଳ୍ପକୁ ସଠିକ ରୂପେ ପାଳନ କରିବା ସେତିକିବେଳେ ସମ୍ଭବ ହେବ, ଯେତେବେଳେ ତୁମର ପ୍ରତ୍ୟେକ କର୍ମ ଅଲ୍ଲାଃତାଲାଙ୍କ ପ୍ରତି ଅଭିପ୍ରେତ ହେବ ।

(ଖୁତ୍‌ବା ଜୁମା, ୨୨ ଜାନୁଆରୀ ୧୯୦୪, ଖୁତ୍‌ବାତେ ନୂର୍, ପୃ : ୧୬୦, ନୂତନ ସଂସ୍କରଣ)

ହଜରତ୍ ମସିହ ମଉଦ୍[ଅସ] ହଜରତ୍ ସାହେବଜାଦା ଅବ୍ଦୁଲ୍ ଲତିଫ ସାହେବ ଶହିଦ୍‌ଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି ଯେ ସେହି ସ୍ୱର୍ଗୀୟ ସତ୍‌ପୁରୁଷଙ୍କ ଠାରେ ଅତ୍ୟଧିକ ଅନୁକରଣ ଯୋଗ୍ୟ ଏହି ଗୁଣ ଥିଲା ଯେ ସେ ବାସ୍ତବ ପକ୍ଷେ ଧର୍ମକୁ ସଂସାର ଠାରୁ ପ୍ରାଥମିକତା ଦେଉଥିଲେ । ବାସ୍ତବିକ ରୂପରେ ସେ ସତ୍ୟବାଦୀ ମଧ୍ୟରେ ଥିଲେ, ଯେଉଁମାନେ ଅଲ୍ଲାଃଙ୍କ ଭୟ ରଖି ନିଜର ନିଷ୍ଠା ଓ ଅଲ୍ଲାଃଙ୍କ ଆଜ୍ଞା ପାଳନକୁ ଶୀର୍ଷ ସ୍ଥାନରେ ପହଞ୍ଚାଇଥାନ୍ତି । ଅଲ୍ଲାଃଙ୍କୁ ପ୍ରସନ୍ନ କରିବା ପାଇଁ ତାଙ୍କର ସନ୍ତୁଷ୍ଟି ପୁଣି ତାଙ୍କ ସାନିଧ୍ୟ ପ୍ରାପ୍ତ କରିବା ପାଇଁ ନିଜ ଜୀବନ, ନିଜ ସମ୍ମାନ ଓ ନିଜ ଧନକୁ ତୁଚ୍ଛ ଭାବି ଅଳିଆ ଅସନା ପରି କରଛଡ଼ା କରିବା ପାଇଁ ପ୍ରସ୍ତୁତ ଥାଆନ୍ତି । ବିଶ୍ୱାସର ଶକ୍ତି ଏତେ ବଡ ଯେ ଯଦି ପର୍ବତ ସହିତ ତୁଳନା କରାଯାଏ, ଭୟ ଲାଗୁଛି ସମ୍ଭବତଃ ତାହା ଯଥେଷ୍ଟ ନ ହୋଇପାରେ ।

ଅଧିକାଂଶ ଲୋକ....ବୈଅତ କରି ଓ ମୋର ଦାବୀକୁ ସତ୍ୟ ବୋଲି ସ୍ୱୀକାର କରିଥିବା ସତ୍ତ୍ୱେ ପୁଣି ସଂସାରକୁ ଧର୍ମ ଠାରୁ ପ୍ରାଧାନ୍ୟ ଦେବାର ବିଷାକ୍ତ ବୀଜରୁ ପୂର୍ଣ୍ଣ ରୁପେ ମୁକ୍ତି ପାଇ ନଥାନ୍ତି । ବରଂ ସେଥିରେ କିଛି ଅଶୁଦ୍ଧତା ରହି ଯାଇଛି । ଏବଂ ଗୁପ୍ତ ରୂପେ କୃପଣତା ହୁଏତ ତାହା ଜୀବନ ପ୍ରତି ହେଉ, ସମ୍ମାନ ପ୍ରତି ହେଉ, ଧନ ପ୍ରତି ହେଉ କିମ୍ବା ଚରିତ୍ରିକ ଅବସ୍ଥା ବିଷୟରେ ହେଉ, ସେମାନଙ୍କ ଅପୂର୍ଣ୍ଣ ଆତ୍ମାରେ ଦେଖିବାକୁ ମିଳିଥାଏ । ଏହି କାରଣରୁ ସେମାନଙ୍କ ପ୍ରତି ସର୍ବଦା ମୋର ଏହି ଉଦବେଳନ ରହିଥାଏ ଯେ ମୁଁ ସଦୈବ କୌଣସି ଧର୍ମସେବା ସମ୍ବନ୍ଧରେ କହିବା ସମୟରେ ଭୟ କରୁଥାଏ ଯେ ଏହା ତାଙ୍କ ପାଇଁ ପରୀକ୍ଷାର ବିଷୟ ନ ହୋଇଯାଉ । ଏହି ସେବାକୁ ନିଜ ଉପରେ ବୋଝ ଭାବି ନିଜ ବୈଅତ୍‌କୁ ସେମାନେ ଜଳାଞ୍ଜଳୀ ନ ଦିଅନ୍ତୁ । କିନ୍ତୁ ମୁଁ କେଉଁ ଶବ୍ଦରେ ସେହି ସ୍ୱର୍ଗୀୟ ଶହୀଦ ଦିବଂଗତ ପୁରୁଷଙ୍କର ପ୍ରଶଂସା କରିବି, ଯିଏ ନିଜର ଜୀବନ, ଧନ, ତଥା ସମ୍ମାନକୁ ମୋ ସେବା ପାଇଁ ଓ ମୋର ଦାସତ୍ୱରେ ଏପରି ଫିଙ୍ଗି ଦେଲେ ଯେପରିକି ଅଳିଆ ଅସନାକୁ ଫୋପାଡି ଦିଆଯାଏ । ଅଧିକାଂଶ ଲୋକଙ୍କୁ ମୁଁ ଦେଖୁଛି, ସେମାନଙ୍କର ଆଦି ଓ ଅନ୍ତ କେବେ ସମାନ ହୋଇ ନଥାଏ । ସାମାନ୍ୟ ଆଘାତ ପାଇଲେ ଓ ମନ୍ଦ ବିଚାର କିମ୍ବା କୁସଙ୍ଗତି ଦ୍ୱାରା ସେମାନେ

ତଳକୁ ଖସି ପଡ଼ନ୍ତି । ପରନ୍ତୁ ସେହି ସ୍ୱର୍ଗୀୟ ଦୁଃସାହାସି ବ୍ୟକ୍ତିଙ୍କର ଦୃଢ଼ତାର ବର୍ଣ୍ଣନା ମୁଁ କେଉଁ ଶବ୍ଦରେ କରିବି, ଯିଏ କି ବିଶ୍ୱାସର ଜ୍ୟୋତିରେ କ୍ଷଣ ପ୍ରତିକ୍ଷଣ ଉନ୍ନତି କରି ଚାଲିଥିଲେ । (ତଜ୍‌କିରତୁସ୍ ଶହାଦତୈନ, ପୃ :୮, ରୁହାନି ଖଜାଇନ, ଭାଗ ୨୦, ପୃ : ୧୦)

ପୁଣି ମାନ୍ୟବର କହିଛନ୍ତି 'ସ୍ୱର୍ଗୀୟ ଶହୀଦ୍ ମୃତ୍ୟୁ ବରଣ କରି ମୋ ଜମାଅତକୁ ଏକ ଉଚ୍ଚ ଆଦର୍ଶ ପ୍ରଦାନ କରିଛନ୍ତି ଓ ବାସ୍ତବରେ ମୋ ଜମାଅତ୍‌ରେ ଏପରି ଜଣେ ବିଶିଷ୍ଟ ଆଦର୍ଶବାଦୀ ପୁରୁଷଙ୍କ ଅଭାବ ରହିଥିଲା । ଏହା ମଧ୍ୟରେ କେତେକ ଲୋକ ଏପରି ମଧ୍ୟ ରହିଛନ୍ତି ଯେ ଯଦି କୌଣସି ବ୍ୟକ୍ତି ସାମାନ୍ୟରୁ ସାମାନ୍ୟତର ସେବା କରିଥାଏ, ସେ ଭାବେ ଯେ ମୁଁ ବହୁତ ବଡ଼ କର୍ମ କରିଛି । ସମ୍ଭବତଃ ଏକଥା ମଧ୍ୟ ଭାବୁଥିବ ଯେ ଏହା ଦ୍ୱାରା ସେ ମୋ ପ୍ରତି ସହାନୁଭୂତି କରିଛି ବା ଉପକାର କରିଛି । ଅଥଚ ଏହା ଅଲ୍ଲାଃଙ୍କର ତା'ଉପରେ କୃପା ଯେ ସେ ତାକୁ ଏହି ସେବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି । କେତେକ ଏପରି ମଧ୍ୟ ଅଛନ୍ତି, ଯେଉଁମାନେ ଦୃଢ଼ ଓ ସତ୍ୟନିଷ୍ଠ ହୋଇ ଏହି ଦିଗକୁ ଆସି ନାହାନ୍ତି । କିନ୍ତୁ ସେମାନେ ଯେଉଁ ଦୃଢ଼ ବିଶ୍ୱାସ ଓ ସତ୍ୟତାର ଦାବୀ କରନ୍ତି, ସେଥିରେ ଶେଷ ପର୍ଯ୍ୟନ୍ତ ଅଟଳ ରହିପାରନ୍ତି ନାହିଁ । ସଂସାରରେ ଭୌତିକ ପ୍ରେମ ପାଇଁ ଧର୍ମକୁ ହରାଇ ବସନ୍ତି । କୌଣସି ସାମାନ୍ୟତମ ପରୀକ୍ଷାକୁ ମଧ୍ୟ ସହ୍ୟ କରିପାରନ୍ତି ନାହିଁ । ଐଶ୍ୱରିକ ଜମାଅତରେ ସମ୍ପୃକ୍ତ ହୋଇ ସୁଦ୍ଧା ତାଙ୍କର ସାଂସାରିକ ମୋହ କମ୍ ହୁଏ ନାହିଁ । କିନ୍ତୁ ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଯେ ଏପରି ମଧ୍ୟ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଆନ୍ତରିକତାର ସହିତ ବିଶ୍ୱାସ ଆଣିଛନ୍ତି ଓ ତ୍ୟାଗପୁତ ମନରେ ଏହି ପଥ ସ୍ୱୀକାର କରିଛନ୍ତି । ଏହି ପଥରେ ପ୍ରତ୍ୟେକ ପ୍ରକାର ଦୁଃଖ କଷ୍ଟ ଭୋଗ କରିବାକୁ ପ୍ରସ୍ତୁତ ଅଛନ୍ତି । ପରନ୍ତୁ ଯେଉଁ ଆଦର୍ଶକୁ ସେ ଦୁଃସାହାସିକ ରୂପେ ପ୍ରଦର୍ଶିତ କରିଛନ୍ତି, ଏ ପର୍ଯ୍ୟନ୍ତ ଜମାଅତରେ ସେପରି ଶକ୍ତି ଗୋପନ ରହିଛି । ପ୍ରଭୁ ସମସ୍ତଙ୍କୁ ସେହି ଭକ୍ତିନିଷ୍ଠ ଜ୍ଞାନ ପ୍ରଦାନ କରନ୍ତୁ ଓ ସେହି ଦୃଢ଼ତା ପ୍ରଦାନ କରନ୍ତୁ, ଯାହାର ଆଦର୍ଶ ସ୍ୱର୍ଗତ ଶହୀଦ୍ ଦେଖାଇ ଯାଇଛନ୍ତି ଏବଂ ତ୍ୟାଗ ଓ ବଳିଦାନର ଅମର କୀର୍ତ୍ତି ସ୍ଥାପନ କରିଛନ୍ତି । ଏହି ସାଂସାରିକ ଜୀବନ ଯାହା ଶୈତାନ ଦୁରାତ୍ମାର ଆକ୍ରମଣ ସହିତ ଜଡ଼ିତ ରହିଛି, ତାହା ତାକୁ ପୂର୍ଣ୍ଣାଙ୍ଗ ମନୁଷ୍ୟ ହେବାରେ ବାଧା ଦେଉଛି । ଏହି କ୍ରମରେ ଜମାଅତରେ ଅନେକ ଲୋକ ପ୍ରବେଶ କରିବେ । କିନ୍ତୁ ବିଡମ୍ବନା ହେଉଛି, ଏପରି ଅଳ୍ପ କେତେକ ରହିବେ, ଯେଉଁମାନେ ଏପରି ଆଦର୍ଶ ପ୍ରତିଷ୍ଠା କରିବେ ।

(ତଜ୍‌କରତୁସ୍ ଶାହଦତୈନ୍, ପୃ : ୫୫-୫୬, ରୁହାନି ଖଜାଇନ, ଭାଗ ୨୦, ପୃ : ୫୭-୫୮)

ପୁଣି ସେ କହିଛନ୍ତି 'ସାହିବଜାଦା ଅବ୍ଦୁଲ୍ ଲତିଫଙ୍କ ପାଇଁ ଯେଉଁ ପ୍ରାଣର ବଳିଦାନ ନିର୍ଦ୍ଧାରିତ ହୋଇଥିଲା, ତାହା ଅବଶ୍ୟ ପୂରଣ ହୋଇ ଯାଇଛି ଏବଂ ଅତ୍ୟାଚାରୀଙ୍କୁ ଶାସ୍ତି ମିଳିବା ବାକି ରହିଛି ।'

﴿إِنَّهُ مَنْ يَأْتِ رَبَّهُ مُجْرِمًا فَإِنَّ لَهُ جَهَنَّمَ لَا يَمُوتُ فِيهَا وَلَا يَحْيَىٰ﴾

ଅର୍ଥାତ 'ଯେଉଁ ବ୍ୟକ୍ତି ନିଜ ପାଳନକର୍ତ୍ତାଙ୍କ ନିକଟରେ ଅତ୍ୟାଚାରୀ ରୂପେ ଉପସ୍ଥିତ ହୋଇଥାଏ, ତାକୁ ନିଶ୍ଚିତ ରୂପେ ନର୍କ ପ୍ରାପ୍ତ ହୋଇଥାଏ । ସେ ସେଠାରେ ନା ମରିପାରେ ନା ଜୀବିତ ରହିପାରେ ।' **(ତାହା ୭୫)** କିନ୍ତୁ ବିଡ଼ମ୍ବନା ଯେ ସେହି ବାଦ୍‌ଶାହ୍ ନିମ୍ନଲିଖିତ ଆୟତ୍‌ର ଅଧୀନସ୍ଥ ହୋଇଗଲେ ।

﴿مَنْ يَقْتُلْ مُؤْمِنًا مُتَعَمِّدًا﴾

ଅର୍ଥାତ: 'ଯିଏ ଜାଣି ଶୁଣି କୌଣସି ବିଶ୍ୱାସକାରୀଙ୍କୁ ହତ୍ୟା କରେ ତେବେ ତା'ର ଶାସ୍ତି ଅବଶ୍ୟ ନର୍କ ହେବ ।' **(ଅଲ ନିସା ୯୪)**

ଏବଂ ସେ ପ୍ରଭୁଙ୍କୁ ଟିକିଏ ହେଲେ ଭୟ କଲାନାହିଁ । କିନ୍ତୁ ସେହି ଅଟଳ ବିଶ୍ୱାସର ପ୍ରତୀକ ଏପରି ବିଶ୍ୱାସକାରୀ ଥିଲେ, ଯଦି ସମଗ୍ର କାବୁଲର ଭୂପୃଷ୍ଠରେ ତାଙ୍କର ତୁଳନା କରାଯାଏ, ତା'ହେଲେ ମିଳିବା ଦୁର୍ଲ୍ଲଭ । ଏପରି ବ୍ୟକ୍ତି 'ଇକ୍‌ସିର୍ ଅହମର୍' ଆଦେଶାଧୀନ ରହିଥାନ୍ତି, ଅର୍ଥାତ୍ (ଅନୁପମମୟ ଓ ସଞ୍ଜିବନୀ ବୋଲାନ୍ତି) ଯେଉଁମାନେ ଆନ୍ତରିକତାର ସହିତ ବିଶ୍ୱାସ ଏବଂ ସତ୍ୟରକ୍ଷା ପାଇଁ ନିଜ ଜୀବନ ମଧ୍ୟ ଉତ୍ସର୍ଗ କରି ଦିଅନ୍ତି ଏବଂ ସ୍ତ୍ରୀ ଓ ସନ୍ତାନଙ୍କ ପ୍ରତି କୌଣସି ଭ୍ରୁକ୍ଷେପ କରନ୍ତି ନାହିଁ । ହେ ଅବ୍ଦୁଲ୍ ଲତିଫ ! ତୁମ ଉପରେ ଅଲ୍ଲାଃଙ୍କର ଶତ କୋଟି କରୁଣା ହେଉ ଯେ ତୁମେ ମୋ ଜୀବନ କାଳରେ ହିଁ ନିଜ ସତ୍ୟତାର ଉତ୍କୃଷ୍ଟ ଆଦର୍ଶ ଦେଖାଇଛ ଏବଂ ମୋ ମୃତ୍ୟୁ ପରେ ଯେଉଁ ଲୋକମାନେ ମୋ ଜମାଅତ୍‌ରେ ରହିବେ, ମୁଁ ଜାଣେ ନାହିଁ ସେମାନେ କି ପ୍ରକାର କାର୍ଯ୍ୟ କରିବେ ।'

(ତଜ୍‌କିରତୁସ୍ ଶହାଦତୈନ, ପୃ:୫୮, ରୁହାନି ଖଜାଇନ୍, ଭାଗ ୨୦, ପୃ: ୬୦)

ପୁଣି କହିଛନ୍ତି 'ଯେତେବେଳେ ମୁଁ ଏହି ଦୃଢ଼ ଅନୁରକ୍ତି ଓ ଉତ୍ସର୍ଗତାକୁ ଦେଖୁଛି, ଯାହାକି ସ୍ୱର୍ଗତ ସାହେବଜାଦା ମୌଲବି ମୁହମ୍ମଦ ଅବ୍ଦୁଲ୍ ଲତିଫଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି, ମୁଁ ମୋର ଜମାଅତ ପ୍ରତି ବହୁତ ଆଶାବାଦୀ ହୋଇଯାଇଛି । କାରଣ ଯେଉଁ ଅଲ୍ଲାଃତାଲା ଏହି ଜମାଅତ୍‌ର କିଛି ଲୋକଙ୍କୁ ଏପରି ଶକ୍ତି ପ୍ରଦାନ କରିଛନ୍ତି ଯେ ନା କେବଳ ଧନ, ବରଂ ଜୀବନ ମଧ୍ୟ ଏ ପଥରେ ତ୍ୟାଗ କରିଦେଲେ । ସେଥିରୁ ଅଲ୍ଲାଃଙ୍କର ସ୍ପଷ୍ଟ ଇଚ୍ଛା ଜଣାପଡ଼େ ଯେ ସେ ଏହି ଜମାଅତ୍‌ରେ ଏପରି ଅନେକ ବ୍ୟକ୍ତି

ଉତ୍ପନ୍ନ କରିବେ, ଯେଉଁମାନେ ମୌଲବି ଅବ୍ଦୁଲ୍ ଲତିଫଙ୍କର ଆତ୍ମା ବହନ କରିଥିବେ । ସେମାନଙ୍କ ଠାରେ ଆଧ୍ୟାତ୍ମିକତାର ଏକ ନୂତନ ଅଙ୍କୁରିତ ଉଦ୍ଭିଦ ଜନ୍ମ ନେବ ।

(ତଜକିରତୁସ୍ ଶାହାଦତୈନ୍, ପୃ: ୭୩, ରୁହାନି ଖଜାଇନ୍, ଭାଗ ୨୦, ପୃ: ୭୫)

ଆଜିଠାରୁ ଠିକ୍ ଏକଶହ ବର୍ଷ ପୂର୍ବେ ହଜରତ୍ ଅବ୍ଦୁଲ୍ ଲତିଫ ସାହେବଙ୍କୁ ଶହୀଦ୍ କରାଯାଇଥିଲା ।

ହେ ଶେଷ ଯୁଗର ମସିହ ! ଆପଣଙ୍କୁ ଅଭିନନ୍ଦନ ଯେ ଆପଣ ଯେଉଁ ଆଶା ଅଭିଳାଷ ଜମାଅତ୍ ଠାରୁ ରଖିଥିଲେ, ତାହା ଆପଣଙ୍କ ପ୍ରିୟ ଜମାଅତ୍ ପୂରଣ କରିଛି । ଧନ, ସମୟ ଓ ଜୀବନକୁ ତ୍ୟାଗ କରିବାରେ କେବେ ପଛ ଘୁଞ୍ଚା ଦେଇନାହିଁ । ଏହାର ଉଦାହରଣ ଆମକୁ ଆଜି ମଧ୍ୟ ଦୃଷ୍ଟିଗୋଚର ହେଉଛି । ସେହି ଶହୀଦଙ୍କ ମରଣୋତ୍ତର ପରେ ମଧ୍ୟ ଜମାଅତ୍‌ରେ ଏପରି ଲୋକ ଜାତ ହୋଇଛନ୍ତି । ହଜରତ୍ ମସିହ ମଉଦ୍ [ଅସ]ଙ୍କୁ ଏହି ଚିନ୍ତା ଥିଲା ଯେ ଜଣାନାହିଁ ମୋ ପରେ କ'ଣ ହେବ । କିନ୍ତୁ ଆମେ ସାକ୍ଷ୍ୟ ଦେଉଛୁ ଯେ ତାଙ୍କ ପରେ ମଧ୍ୟ ଏପରି ଲୋକ ଉତ୍ପନ୍ନ ହୋଇଛନ୍ତି ଓ ଏବେ ହେଉଛନ୍ତି, ଯେଉଁମାନେ ସାଂସାରିକ ମୋହମାୟାକୁ ଖାତିର ନକରି ନିଜ ଜୀବନର ବଳିଦାନ ଦେବାକୁ ପଛେଇ ନାହାନ୍ତି । ପିତା, ନିଜ ପୁତ୍ରକୁ ଶହୀଦ ହେବାର ଦେଖିଛି ଓ ପୁତ୍ର ନିଜ ପିତାକୁ ଶହୀଦ୍ ହେବାର ଦେଖିଛି । କିନ୍ତୁ ଦୃଢ଼ତାରେ କୌଣସି ଊଣା ହୋଇନାହିଁ ବା ଦୁର୍ବଳତା ଆସି ନାହିଁ । ପୁଣି ସ୍ୱୟଂ ଆପଣାର ପ୍ରାଣ ଉତ୍ସର୍ଗ କରିଦେଇଛନ୍ତି ।

ହେ ପବିତ୍ର ମସିହ ! ଆପଣଙ୍କୁ ଅଭିନନ୍ଦନ ଯେ ଆପଣଙ୍କ ବଂଶରେ ଓ ଆପଣଙ୍କ ରକ୍ତରେ ମଧ୍ୟ ପ୍ରାଣର ଆହୁତି ଦେଇ ଜମାଅତକୁ ବହୁତ ବଡ ବିଭ୍ରାଟରୁ ବଞ୍ଚାଇ ଦେଲେ । ଅଲ୍ଲାଃତାଲା ସେ ସମସ୍ତ ଶହୀଦ୍‌ମାନଙ୍କ ପଦ ମର୍ଯ୍ୟାଦାକୁ ଉନ୍ନତି ପ୍ରଦାନ କରୁଥାନ୍ତୁ । ଅଲ୍ଲାଃତାଲା ଆମକୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ ଆମେ ମଧ୍ୟ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବୁ । ଏବଂ ପ୍ରତ୍ୟେକ ପ୍ରକାର ତ୍ୟାଗ ପାଇଁ ସର୍ବଦା ତତ୍ପର ରହିବୁ ଓ ନିଜର ଆଗାମୀ ପିଢ଼ି ମଧ୍ୟରେ ଏହି ଭାବନାକୁ ଉଜ୍ଜୀବିତ ରଖିପାରିବୁ । ଅଲ୍ଲାଃତାଲା ସର୍ବଦା ଆମକୁ ଏହି ଶକ୍ତି ପ୍ରଦାନ କରୁଥାନ୍ତୁ ।

(ଖୁତ୍‌ବାଜୁମା, ୧୦ ଅକ୍ଟୋବର ୨୦୦୩ ସ୍ଥାନ ମସ୍‌ଜିଦ୍ ବୈତୁଲ ଫୁତୁହ୍, ଲଣ୍ଡନ)

# ମାନବ ସେବା, ନିଷ୍ଠା ଓ ଭକ୍ତିର ଅନୁପମ ଦୃଷ୍ଟାନ୍ତ

ଜମାଅତ୍‌ରେ ଜଗତର କଲ୍ୟାଣ ଓ ମାନବ ଜାତିର ସେବା ପ୍ରତି ଅତ୍ୟଧିକ ଜୋର ଦିଆଯାଉଛି । ପ୍ରତ୍ୟେକ ଧନୀ ଓ ଗରିବ ନିଜର ସାମର୍ଥ୍ୟ ଅନୁସାରେ ଏହି ଚେଷ୍ଟାରେ ରହିଥାଏ ଯେ କେବେ ତାକୁ ଅବସର ମିଳିବ, ସେ ଅଲ୍ଲାଃଙ୍କ ପ୍ରସନ୍ନତା ପାଇଁ ଜନ କଲ୍ୟାଣ ମୂଳକ କାର୍ଯ୍ୟ କରିବ । ମାନବ ସେବା ପ୍ରତି ପ୍ରତ୍ୟେକ ଅହମଦିଙ୍କର ହୃଦୟ କାହିଁକି ଏତେ ଖୋଲା ରହିଛି ? ଏଇଥିପାଇଁ ଯେ ଇସଲାମର ଯେଉଁ ଉତ୍ତମ ଶିକ୍ଷାକୁ ଆମେ ଭୁଲି ଯାଇଥିଲେ, ଯଦି ତୁମେ ଅଲ୍ଲାଃତାଲାଙ୍କର ପ୍ରେମ ଲାଭ କରିବାକୁ ଇଚ୍ଛୁକ ତେବେ ତାଙ୍କ ସୃଷ୍ଟଜ ସକଳ ପ୍ରାଣୀ ସହିତ ଉତ୍ତମ ବ୍ୟବହାର କର । ତାଙ୍କର ଆବଶ୍ୟକତା ପ୍ରତି ଧ୍ୟାନ ରଖ । ଏହା ମଧ୍ୟ ଏକ ବୃହତ ମାର୍ଗ, ଯଦ୍ୱାରା ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ସାନିଧ ମଧ୍ୟ ପ୍ରାପ୍ତ ହେବ । ଏହି ଉତ୍ତମ ଶିକ୍ଷାକୁ ହଜରତ୍ ମସିହ ମଉଦ୍[ଅସ] ନିଜ ବୈଅତ୍‌ର ସର୍ତ୍ତରେ ଏକ ଆଧାରଶୀଳା ସର୍ତ୍ତ ରୂପେ ସ୍ଥିର କରିଛନ୍ତି ଯେ ମୋ ସହିତ ସମ୍ବନ୍ଧ ରଖିବା ପରେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଅନୁସାରେ ଅଲ୍ଲାଃତାଲାଙ୍କର ସୃଷ୍ଟି ସହିତ ନା କେବଳ ସହାନୁଭୂତି କରିବ, ବରଂ ସେମାନଙ୍କ ଉପକାର ମଧ୍ୟ କରିବ । ତେଣୁ ଯଦି ଭୂମିକମ୍ପ ପୀଡ଼ିତଙ୍କ ପାଇଁ ସହାୟତାର ଆବଶ୍ୟକତା ରହିଛି, ତେବେ ଅହମଦି ସବୁବେଳେ ଆଗରେ ଥାଆନ୍ତି । ଅନେକ ଥର ଏପରି ଘଟଣା ମଧ୍ୟ ଘଟିଛି ଯେ ଜଳର ପ୍ରଖର ସୁଅରେ ଭାସିଯାଇ ଅହମଦି ଯୁବକମାନେ ନିଜ ଜୀବନ ତ ହାରିଦେଲେ, ମାତ୍ର ବୁଡ଼ିଯାଉଥିବା ଲୋକମାନଙ୍କୁ କୁଟାଖିଅର ସାହାରା ପରି କୂଳରେ ପହଞ୍ଚାଇ ଦେଇଥିଲେ । ପୁଣି ସମୟର ଖଲିଫା ଯେତେବେଳେ ଘୋଷଣା କଲେ ଆଫ୍ରିକାର ଗରିବ ପିଲାମାନଙ୍କର ଶିକ୍ଷା ଦୀକ୍ଷା ତଥା ରୋଗାକ୍ରାନ୍ତ ହୋଇଥିବା ଲୋକ, ଯେଉଁମାନେ ଅଭାବିଗ୍ରସ୍ତ ଓ ଦୁଃଖିରଙ୍କି ବ୍ୟକ୍ତି ଥିଲେ ଅଥଚ ସେମାନଙ୍କ ଚିକିତ୍ସାର କୌଣସି ସୁବିଧା ନଥିଲା । ତେଣୁ ସେଠାରେ ସ୍କୁଲ ଓ ହସ୍‌ପିଟାଲ ଖୋଲିବା ପାଇଁ ଏତିକି ପରିମାଣରେ ଧନର ଆବଶ୍ୟକତା ରହିଛି । ଜମାଅତ୍‌ର ଲୋକମାନେ ସେହି ସହାୟତାର ଭାବନା ନେଇ ଯାହା ଜଣେ ଅହମଦି ହୃଦୟରେ ଦୁଃଖି ଆରତଙ୍କ ପ୍ରତି ହେବା ଆବଶ୍ୟକ । ଉକ୍ତ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଧନ ସଂଗ୍ରହ କର । ଜମାଅତ୍‌ର ଶ୍ରଦ୍ଧାଳୁ ଲୋକମାନେ ସମୟର ଖଲିଫାଙ୍କ ଆହ୍ୱାନ ପ୍ରତି ସଦୈବ ପ୍ରସ୍ତୁତ ଅଛନ୍ତି ବୋଲି ଆଶାତୀତ ଭାବରେ ବହୁ ଗୁଣ ଅଧିକ ଧନରାଶି ତାଙ୍କ ସମ୍ମୁଖରେ ଆଣି ଥୋଇଦେଲେ । ପୁଣି ଯେତେବେଳେ ସେ କହିଲେ

'ଧନ ତ ଆମକୁ ମିଳିଗଲା, ଏବେ ସେ ସମସ୍ତ ସ୍କୁଲ ଓ ହସପିଟାଲକୁ ଚଳାଇବା ପାଇଁ ଲୋକଙ୍କର ମଧ୍ୟ ଆବଶ୍ୟକତା ରହିଛି ।' ଏହା ଶୁଣି ଡ଼ାକ୍ତରମାନେ ଓ ଶିକ୍ଷକମାନେ ଅତି ନିଷ୍ଠାର ସହିତ ନିଜକୁ ପ୍ରସ୍ତୁତ କଲେ । ଏବେ ତ ଆଫ୍ରିକାର ଅବସ୍ଥା ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ବହୁତ ଭଲ ଅଛି । ସତୁରି ଦଶକରେ ଯେତେବେଳେ ନୁସ୍‌ରତ୍ ଯାହା ଆର୍ଥିକ ଯୋଜନା ଆରମ୍ଭ କରାଗଲା, ସେତେବେଳେ ସେଠାରେ ଅତି ଦୟନୀୟ ଅବସ୍ଥା ଥିଲା ଓ ସେ ଏହି ଜଟିଳ ପରିସ୍ଥିତିରେ ସେମାନେ ଦିନ କାଟୁଥିଲେ । ଅନେକ ଡ଼ାକ୍ତର ଓ ଶିକ୍ଷକ ଭଲ ଚାକିରି କରୁଥିଲେ । କିନ୍ତୁ ନିଜକୁ ଉତ୍ସର୍ଗ କରିବା ପରେ ସେମାନେ ସେହି ସବୁ ନିପଟ ଗାଁ ଗହଳିରେ ଯାଇ ରହିଲେ । ଅଧିକାଂଶ ହସ୍‌ପିଟାଲ ଓ ସ୍କୁଲ ମଫସଲ ଅଞ୍ଚଳରେ ଥିଲା, ଯେଉଁଠାରେ ନା ବିଜୁଳିର ସୁବିଧା ଥିଲା ନା ପାଣିର ସୁବିଧା । କିନ୍ତୁ ଦୁଃଖି ମାନବର ସେବାପାଇଁ ଓ ବୈଅତରେ ପଣ କରୁଥିବା ସର୍ତ୍ତକୁ ପାଳନ କରିବାର ଥିଲା । ତେଣୁ ସେମାନେ କୌଣସି ପ୍ରକାରର ବାଧାବିଘ୍ନ ଓ ଅସୁବିଧାକୁ ଖାତିର କରି ନଥିଲେ । ପ୍ରାରମ୍ଭରେ ହସ୍‌ପିଟାଲର ଏପରି ଅବସ୍ଥା ଥିଲା ଯେ କାଠ ଟେବୁଲ୍‌ରେ ରୋଗିକୁ ଶୁଆଉଥିଲେ । ଆଲୁଅର ଅଭାବକୁ ଲଣ୍ଠନ ଓ ଗ୍ୟାସ ଯାହା କିଛି ଉପଲବ୍ଧ ଥିଲା, ସେହିଥିରେ ରୋଗୀମାଙ୍କର ଅପରେସନ କରାଯାଉଥିଲା । ସେମାନେ ପୁଣି ପ୍ରାର୍ଥନାରେ ଲୀନ ହୋଇ ଯାଉଥିଲେ ଯେ 'ହେ ଅଲ୍ଲାଃ ! ମୋ ପାଖରେ ଯାହା ଉପଲବ୍ଧ ଥିଲା, ସେଥିରେ ମୁଁ ଚିକିତ୍ସା କରିଛି । ମୋର ଖଲିଫା ମୋତେ କହିଛନ୍ତି ଯେ ଦୁଆ ବଳରେ ଚିକିତ୍ସା କର । ଅଲ୍ଲାଃତାଲା ତୁମ ହାତରେ ଆରୋଗ୍ୟ ପ୍ରଦାନ କରିବେ ।' ଅଲ୍ଲାଃତାଲା ମଧ୍ୟ ସେହି ଡ଼ାକ୍ତରମାନଙ୍କ ତ୍ୟାଗର ମାନ ରଖିଲେ ଏବଂ ଏପରି ଦୁଃସାଧ୍ୟ ରୋଗୀମାନେ ଆରୋଗ୍ୟ ହୋଇଗଲେ, ଯାହାକୁ ଦେଖି ଦୁନିଆ ଚକିତ ହୋଇ ଯାଇଥିଲା । ପୁଣି ଆର୍ଥିକ ଅବସ୍ଥା ମଧ୍ୟ ଅଲ୍ଲାଃତାଲା ଏପରି ପୂରଣ କଲେ ଯେ ବଡ଼ ବଡ଼ ଧନୀ ଲୋକମାନେ ସହରର ନାମୀଦାମୀ ହସ୍‌ପିଟାଲକୁ ଛାଡ଼ି ଆମର ଏହି ଛୋଟ ଓ ସାଧାରଣ ହସ୍‌ପିଟାଲରେ ଚିକିତ୍ସା କରାଇବାକୁ ପ୍ରାଥମିକତା ଦେଉଛନ୍ତି । ସେହିପରି ଶିକ୍ଷକମାନେ ମଧ୍ୟ ମାନବସେବାର ଭାବନ ସହିତ ମନ ପ୍ରାଣ ଦେଇ ପିଲାମାନଙ୍କୁ ଶିକ୍ଷାର ଆଭୂଷଣ ଦ୍ୱାରା ଅଳଙ୍କୃତ କଲେ । ଡ଼ାକ୍ତର ଓ ଶିକ୍ଷକମାନଙ୍କର ସେବାର କ୍ରମାଗତ ଧାରା ଆଜି ମଧ୍ୟ ଜାରି ରହିଛି । ଅଲ୍ଲାଃତାଲା ଏହି କ୍ରମକୁ ଜାରି ରଖି ଥାଆନ୍ତୁ ଓ ସମସ୍ତ ସେବାକାରୀଙ୍କୁ ଅଜସ୍ର ପୁଣ୍ୟ ପ୍ରଦାନ କରନ୍ତୁ ।

# ଅହମଦୀ ଡ଼ାକ୍ତର ନିଜକୁ ଉତ୍ସର୍ଗ କରନ୍ତୁ

ଜଲସାରେ ମୁଁ ଡ଼ାକ୍ତରମାନଙ୍କୁ ସ୍ମରଣ କରାଇଥିଲି ଯେ ଆମର ଆଫ୍ରିକାରେ ଥିବା ହସ୍‌ପିଟାଲ ପାଇଁ ଆପଣାକୁ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବେ ସମର୍ପିତ କର । ଏବେ ତ ସେଠାକାର ଅବସ୍ଥା ଅଲ୍ଲାଃଙ୍କ ଦୟାରୁ ଖୁବ୍ ଭଲ ଅଛି । ସେମିତି କଠିନ ପରିସ୍ଥିତି ଓ ଅସୁବିଧା ମଧ୍ୟ ନାହିଁ, ଯାହା ପୂର୍ବରୁ ଉତ୍ସର୍ଗୀକୃତ ହୋଇଥିବା ବ୍ୟକ୍ତିଙ୍କୁ ଭୋଗ କରିବାକୁ ପଡ଼ିଥିଲା । ଏବେ ଅଧିକାଂଶ ସ୍ଥାନରେ ଅବସ୍ଥା ସୁଧୁରି ଗଲାଣି ଓ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି । ଯଦିଓ ଉଣା ଅଧିକ କୌଣସି ଅସୁବିଧା ରହିଥିବ, ତେବେ ଏହି ବୈଅତର ସର୍ତ୍ତକୁ ସମ୍ମୁଖରେ ରଖ ଯେ କେବଳ ଅଲ୍ଲାଃଙ୍କ ସାନିଧ ପାଇଁ ଓ ତାଙ୍କ ଠାରୁ ପ୍ରାପ୍ତ ଶକ୍ତି ଦ୍ୱାରା ମାନବଜାତିର ଉପକାର କରିବି । ତେଣୁ ଆଗାମୀ ଦିନରେ ଚଳିତ ଯୁଗର ମସିହଙ୍କ ସହିତ କରିଥିବା ପ୍ରତିଜ୍ଞାକୁ ପୂରଣ କର । ତାଙ୍କ ଦୁଆର ପାତ୍ର ହୋଇଯାଅ । ସେହିପରି ରବୁଆରେ ଫଜଲେ ଉମର ହସ୍‌ପିଟାଲରେ ଡ଼ାକ୍ତରଙ୍କ ଆବଶ୍ୟକତା ଅଛି । ସେଠିକା ପାଇଁ ମଧ୍ୟ ଡ଼ାକ୍ତରମାନେ ନିଜକୁ ଉତ୍ସର୍ଗ କରିବା ଉଚିତ ।

ପୁଣି ପାକିସ୍ତାନରେ ଓ ଅନ୍ୟାନ୍ୟ ଦେଶରେ ମଧ୍ୟ ପିଲାମାନଙ୍କର ଶିକ୍ଷା ଦୀକ୍ଷା ତଥା ରୋଗୀମାନଙ୍କ ଚିକିତ୍ସା ପାଇଁ ଲୋକମାନେ ଜମାଅତ୍‌ର ନିୟମାନୁଯାୟୀ ସ୍ଥାୟୀ ରୂପେ ଆର୍ଥିକ ସହାୟତା କରୁଛନ୍ତି । ଭାରତ ଓ ପାକିସ୍ତାନ ପରି ଗରିବ ଦେଶରେ ଯେଉଁଠାରେ ଅତ୍ୟଧିକ ଦାରଦ୍ର୍ୟ ରହିଛି, ସେହି ଉଦ୍ଦେଶ୍ୟରେ ଆର୍ଥିକ ସାହାଯ୍ୟ କରୁଥିବା ବ୍ୟକ୍ତିମାନେ, ଏପରି ସେବା କରୁଥିବା କାରଣରୁ ରୋଗୀମାନଙ୍କ ଆଶୀର୍ବାଦ ଲାଭ କରୁଛନ୍ତି । ଏଥିପାଇଁ ଜମାଅତ୍‌ର ଲୋକମାନଙ୍କୁ ଏହି ପୁଣ୍ୟ କାର୍ଯ୍ୟ ଅବ୍ୟାହତ ରଖିବା ଆବଶ୍ୟକ । ପୂର୍ବାପେକ୍ଷା ଅଧିକ ତ୍ୱରାନୀତ କରିବା ଆବଶ୍ୟକ, ଯେହେତୁ ଦୁଃଖ ଅଧିକ ମାତ୍ରାରେ ବୃଦ୍ଧି ହେବାକୁ ଲାଗିଛି ।

ଏବେ ମୁଁ ମାନବ ସେବାରେ ଓତଃପ୍ରୋତ ଭାବେ ଜଡିତ କେତେକ ସମ୍ମାନୀୟ ବ୍ୟକ୍ତିଙ୍କର ଉଦାହରଣ ଦେଉଛି । ହଜରତ୍ ମିର୍ଜା ଆୟୁବ୍ ବେଗ୍ ସାହେବ[ରଅ]ଙ୍କ ଦୃଷ୍ଟାନ୍ତ ବର୍ଣ୍ଣନା କରିଥିବା ବ୍ୟକ୍ତି ଲେଖିଛନ୍ତି 'ସେହି ସ୍ୱର୍ଗତ ବ୍ୟକ୍ତି ଜଣକ ଜୀବନ୍ତ ଉଦାହରଣ ଥିଲେ ଯିଏ କି ହଦିସ ଅନୁସାରେ ନିଜ ଭାଇ ନିମନ୍ତେ ତାହା ହିଁ ପସନ୍ଦ କର, ଯାହା ନିଜ ପାଇଁ ପସନ୍ଦ କର । କେବେହେଲେ ନିଜ ଭାଇ ସହିତ ଏପରି ବ୍ୟବହାର କର ନାହିଁ, ଯାହା ତାକୁ ଅପ୍ରିୟ ଲାଗିବ । ସେ ସର୍ବଦା ଏହି ସନ୍ଧାନରେ ଥାଏ ଯେ କୌଣସି ଏପରି ସୌଭାଗ୍ୟ ପ୍ରାପ୍ତ ହେଉ ଓ ଏପରି ସୁଯୋଗ ମିଳୁ ଯେପରି କି ସେ କୌଣସି ଭାଇ ଓ କୌଣସି ମିତ୍ରର ଅସମାହିତ କାର୍ଯ୍ୟକୁ ସଂପାଦନ କରିପାରିବ ।

ତାଙ୍କ ବିଷୟରେ ଉଲ୍ଲେଖ ଅଛି ଯେ ଯେତେବେଳେ ସେ କଲେଜରେ ପଢୁଥିଲେ ଏବଂ ଜମାଅତ୍‌ର କୌଣସି ସଭା ସମିତି ହେଉଥିଲା, ସେ ଆସୁଥିଲେ ଓ ସେଠାରେ ପ୍ରତ୍ୟେକ ଅହମଦିଙ୍କ ସହିତ ସାକ୍ଷାତ କରୁଥିଲେ ଏବଂ ଯଦି କୌଣସି ଭାଇ ଅସୁସ୍ଥ ବା ରୋଗାକ୍ରାନ୍ତ ହେଉଥିଲା, ସେ ତାଙ୍କ ଘରକୁ ଯାଇ ତାଙ୍କ ସେବା ଯତ୍ନ କରନ୍ତି ଓ ପ୍ରାୟ ପ୍ରତ୍ୟେକ ଦିନ ରୋଗୀକୁ ଦେଖିବାକୁ ଯାଆନ୍ତି । ଥରେ ହଜରତ୍ ମୁଫତି ମହମ୍ମଦ୍ ସାଦିକ୍ ସାହେବ[ରଅ] ଅତି ଗୁରୁତର ଭାବେ ଅସୁସ୍ଥ ହୋଇ ପଡ଼ିଲେ, ସ୍ୱର୍ଗୀୟ ବେଗ ସାହେବ ଅନେକ ଦିନ ପର୍ଯ୍ୟନ୍ତ ସୁଫି ସାହେବଙ୍କ ଘରେ ରହି ରାତିଦିନ ତାଙ୍କର ସେବା କଲେ, ତଥା ଅନେକ ଥର ତାଙ୍କ ମଳ, ମୂତ୍ର ମଧ୍ୟ ଉଠାଇ ଥିଲେ ।'

**(ସାରାଂଶ ଅସ୍‌ହାବେ ଅହମଦ୍, ଭାଗ ୧ ପୃ : ୯୮ ପ୍ରକାଶନ ୧୯୯୭)**

ଚୌଧୁରି ଜଫରୁଲ୍ଲା ଖାଁ ସାହେବ, ନିଜ ମାତାଙ୍କ ବିଷୟରେ ଲେଖିଛନ୍ତି ଯେ ସେ କହୁଥିଲେ ଯଦି ଅଲ୍ଲାଃତାଲା କାହାର ଶତ୍ରୁ ନହୁଅନ୍ତି, ତା'ହେଲେ ଅନ୍ୟ କୌଣସି ଶତ୍ରୁ କ'ଣ ବା ଅନିଷ୍ଟ କରିପାରିବେ? ଏହି ଦୃଷ୍ଟିରୁ ମୁଁ କାହାରିକୁ ଶତ୍ରୁ ମନେ କରେନାହିଁ । ସେ ଶତ୍ରୁଙ୍କ ସହିତ ମଧ୍ୟ ଭଲ ବ୍ୟବହାର କରୁଥିଲେ । କୁହନ୍ତି ଯେ, ଯାହାଙ୍କ ପ୍ରତି ହୃଦୟ ଖୁସି ହୋଇଯାଏ, ତା' ସହିତ ଭଲ ବ୍ୟବହାର ପାଇଁ ତ ସ୍ୱୟଂ ହୃଦୟରୁ ଇଚ୍ଛା ଜାଗ୍ରତ ହୋଇଥାଏ । ଏଥିରେ ପୁଣ୍ୟର କିବା କଥା ରହିଛି? ଅଲ୍ଲାଃତାଲାଙ୍କୁ ପ୍ରସନ୍ନ କରିବା ପାଇଁ ମନୁଷ୍ୟକୁ ଏହା ଆବଶ୍ୟକ ଯେ ସେମାନଙ୍କ ସହିତ ମଧ୍ୟ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରୁ, ଯାହା ପ୍ରତି ହୃଦୟ ଅସନ୍ତୁଷ୍ଟ ଥାଏ ।

ସେ ଏହା ମଧ୍ୟ ଲେଖିଛନ୍ତି, ଯେତେବେଳେ ସେ ଡ଼ସ୍କାରେ ରହୁଥିଲେ, ସେଠାକାର ଲୋକଙ୍କ ସହିତ ଅତି ତାଙ୍କର ଉଦାରପୂର୍ବକ ବ୍ୟବହାର ଥିଲା ଓ ଲୋକମାନେ ମଧ୍ୟ ତାଙ୍କୁ ବଡ଼ ଆଦର ସମ୍ମାନ ଦୃଷ୍ଟିରେ ଦେଖୁଥିଲେ । ଯେତେବେଳେ ଅହରାର ଦଳଙ୍କ ସହିତ ବିବଦ ଆରମ୍ଭ ହେଲା, ଏହାର ପ୍ରଭାବ ତାଙ୍କ ଅଞ୍ଚଳରେ ମଧ୍ୟ ପଡ଼ିଲା । ସେହି ଲୋକମାନେ ଯିଏ ସାହାଯ୍ୟ ନେଉଥିଲେ, ଶତ୍ରୁତା କରିବାକୁ ଲାଗିଲେ । କିନ୍ତୁ ଏହି ଶତ୍ରୁତା ହେବା ସତ୍ତ୍ୱେ ତାଙ୍କ ମାତାଙ୍କ ଠାରେ ଏହାର କୌଣସି ପ୍ରଭାବ ପଡ଼ି ନଥିଲା । ବଂଧୁ ପରିଜନ ମଧ୍ୟରୁ ଯଦି କେହି ଏକଥା କହୁଥିଲେ ଯେ ଆପଣ ସେହି ବ୍ୟକ୍ତିକୁ ସାହାଯ୍ୟ କରୁଛନ୍ତି, ଯିଏ ଆମ ସହିତ ଶତ୍ରୁତା କରୁଛି ଓ ସେ ଅହରାରମାନଙ୍କ ସହିତ ସମ୍ମିଳିତ ରହିଛି । ଏ କଥା ଶୁଣି ସେ ଅତି ବିରକ୍ତ ହୋଇ ଯାଉଥିଲେ ଓ କହୁଥିଲେ 'ତୁମେ ମୋତେ ଏହି ସେବାରୁ କାହିଁକି ରୋକୁଛ ?'

ବର୍ଣ୍ଣନାକାରୀ ଲେଖିଛନ୍ତି ଯେ ଥରେ ସେ କିଛି କପଡ଼ା ଇତ୍ୟାଦି ସଜାଡୁଥିଲେ । ବର୍ଣ୍ଣନାକାରୀ ତାଙ୍କୁ ପଚାରିଲେ 'ଆପଣ ଏସବୁ କାହାପାଇଁ

ସଜାଡୁଛନ୍ତି ?' ଚୌଧୁରି ସାହେବଙ୍କ ମାତା ଉତ୍ତର ଦେଲେ ଏହାକୁ ସେ ଅମୁକ ବ୍ୟକ୍ତିର ପିଲାମାନଙ୍କ ପାଇଁ ସଜାଡୁଛି । ସେ କହିଲା, 'ଆପଣ ତ ବଡ଼ ବିଚିତ୍ର ଲୋକ । ସେ ବ୍ୟକ୍ତି ତ ଅହରାରୀ, ଓ ଆମ ଜମାଅତ୍‌ର ସେ ଅନେକ ବିରୋଧ କରୁଛି । ତା'ପାଇଁ ଆପଣ କିପରି ଏସବୁ ପ୍ରସ୍ତୁତ କରୁଛନ୍ତି ?' ସେ କହିଲେ 'ଯଦି ସେ କୋଣସି ଅନିଷ୍ଟ କରୁଛନ୍ତି, ଅଲ୍ଲାଃତାଲା ତ ଆମର ସୁରକ୍ଷା କରୁଛନ୍ତି । ଯେ ପର୍ଯ୍ୟନ୍ତ ସେ ଆମ ସହିତ ରହିଛନ୍ତି, ବିରୋଧିଙ୍କ ଉପଦ୍ରବ ଆମକୁ କୌଣସି ହାନୀ ପହଞ୍ଚାଇ ପାରିବ ନାହିଁ । କିନ୍ତୁ ସେ ବ୍ୟକ୍ତି ଗରିବ, ତା'ର ନିଜ ପିଲାଙ୍କର ଓ ନାତିମାନଙ୍କର ଶରୀର ଢ଼ାଙ୍କିବାକୁ ଲୁଗାପଟାର କୌଣସି ସାଧନ ନାହିଁ । ତେଣୁ ଅଭାବୀ ମନେ କରି ମୁଁ ତା' ପାଇଁ ଏହି କପଡ଼ା ସଜାଡୁଛି । ତୁମେ ଏପରି ଯେଉଁ ଆପତ୍ତି କରୁଛ, ଏଥିପାଇଁ ତୁମ ଶାସ୍ତି ହେଉଛି ଯେ ମୁଁ ଯେତେବେଳେ ଏହି କପଡ଼ା ପ୍ରସ୍ତୁତ କରିନେବି, ତୁମେ ନେଇ ତା'ଘରେ ପହଞ୍ଚାଇଦେବ ।' ଏହା ସହିତ ଏକଥା ମଧ୍ୟ କହିଲେ 'ଦେଖ, ସେ ଜଣେ ଅହରାରୀ ହୋଇଥିବାରୁ ଅନ୍ୟ ଅହରାରୀମାନେ ତା'ଉପରେ ଦୃଷ୍ଟି ରଖିଥିବେ । ତେଣୁ ରାତ୍ରି ସମୟରେ ଯିବ, ଯେପରି ଅନ୍ୟ କେହି ତାକୁ ହଇରାଣ ନକରନ୍ତି ଯେ ତୁମେ ଅହମଦିଙ୍କ ଠାରୁ କପଡ଼ା ନେଇଛ ।'

(ଅସ୍‌ହାବେ ଅହମଦ୍, ଭାଗ-୧, ପୃ: ୧୭୫-୧୭୬, ପ୍ରକାଶନ ୧୯୬୨)

ବିଧବା ଇ ଅନାଥମାନଙ୍କର ଦେଖାଶୁଣା କରିବା ତାଙ୍କର ପ୍ରିୟ କାର୍ଯ୍ୟ ଥିଲା । ଉଲ୍ଲେଖକାରୀ କହିଛନ୍ତି ଯେ ଗରିବ କନ୍ୟାମାନଙ୍କ ପାଇଁ ଯୌତୁକ ଓ ବସ୍ତ୍ରାଦି ଭୁଷଣକୁ ଅତି ଆଗ୍ରହର ସହିତ ସେ ସ୍ୱୟଂ ନିଜ ହାତରେ କରିଥାଆନ୍ତି ।

(ସାରାଂଶ, ଅସ୍‌ହାବେ ଅହମଦ୍, ଭାଗ ୧୧, ପୃ: ୧୮୬, ପ୍ରକାଶନ ୧୯୬୨)

ହଜରତ୍ ମିର୍ ମୁହମ୍ମଦ୍ ଇସ୍‌ହାକ ସାହେବ[ରଅ] ମଧ୍ୟ ଅନାଥମାନଙ୍କର ଦେଖାଶୁଣା ଦିଗରେ ବହୁତ ଧ୍ୟାନ ଦେଉଥିଲେ । ଅନାଥାଳାୟ ଯାହାକୁ 'ଦାରୁଶ୍ ଶୁୟୁଖ୍' କୁହାଯାଏ, ତାଙ୍କ ବିଷୟରେ ଉଲ୍ଲେଖ ରହିଛି ଯେ ଥରେ ସେ ଅତିଶୟ ଜ୍ୱରରେ ପୀଡ଼ିତ ଥିବାରୁ ଶୋଇଥିଲେ । ଅତି କ୍ଲାନ୍ତ ଓ ଦୁର୍ବଳତା ବୋଧ କରୁଥିଲେ । ଜଣେ କର୍ମଚାରୀ ଆସି କହିଲା ଯେ ଖାଇବା ପାଇଁ ଖାଦ୍ୟ ଦ୍ରବ୍ୟ କମ୍ ରହିଛି ଓ କୌଣସି ଠାରୁ ପ୍ରବନ୍ଧ ମଧ୍ୟ ହୋଇ ପାରିଲା ନାହିଁ । ତେଣୁ ପିଲାମାନେ ସକାଳୁ ଜଳଖିଆ ମଧ୍ୟ କରିନାହାନ୍ତି । ଏହାଶୁଣି ସେ କହିଲେ 'ଶୀଘ୍ର ଟାଙ୍ଗା (ଘୋଡ଼ାଗାଡ଼ି) ନେଇ ଆସ ।' ତତ୍‌କ୍ଷଣାତ୍ ସେ ଟାଙ୍ଗାରେ ବସି ସମ୍ବଳ ଥିବା ଲୋକମାନଙ୍କ ଘରକୁ ଯାଇ ଖାଦ୍ୟ ଦ୍ରବ୍ୟ ଏକତ୍ର କଲେ । ତେବେ ଯାଇ ପିଲାମାନଙ୍କର ଖାଇବାର ସୁବ୍ୟବସ୍ଥା ହୋଇପାରିଲା ।

ଏହି ଭାବନା ଥିଲା ଆମ ଗୁରୁଜନମାନଙ୍କର ଯେ ଅତିଶୟ ଜ୍ୱରରେ ପୀଡ଼ିତ ଥାଇ ମଧ୍ୟ ନିଜ ବିଶ୍ରାମକୁ ତ୍ୟାଗ କରିଦେଲେ । ଅନାଥ ପିଲାମାନଙ୍କ ପାଇଁ ଘରୁ ବାହାରି ଗଲେ, ଏହା କିପରି କରି ନଥାନ୍ତେ ! କାରଣ ତାଙ୍କ ସମ୍ମୁଖରେ ତ ଏକ ସୁସମ୍ବାଦ ଥିଲା, ଯାହା ପ୍ରିୟ ମୁନିବ ହଜରତ୍ ମୁହମ୍ମଦ୍[ସଅ] ଦେଇଥିଲେ 'ମୁଁ ଓ ଅନାଥମାନଙ୍କୁ ଲାଳନ ପାଳନ କରୁଥିବା ବ୍ୟକ୍ତି ବୈକୁଣ୍ଠରେ ଏକାଠି ରହିବୁ । ଯେପରି (ନିଜ ହାତର ଅଙ୍ଗୁଳି ଦେଖାଇ) ଏହି ତର୍ଜନି ଓ ମଝି ଅଙ୍ଗୁଳି ମିଳିତ ହୋଇ ରହିଛନ୍ତି ।' ଏହା ହେଉଛି ଆମର ଗୁରୁଜନମାନଙ୍କ ଆଦର୍ଶ ।

ପୁଣି ହାଫିଜ୍ ମୁଇନୁଦ୍ଦିନ ସାହେବ[ରଅ]ଙ୍କ ବିଷୟରେ ଉଲ୍ଲେଖ ରହିଛି ଯେ ସେ ଜଣେ ଦୃଷ୍ଟିହୀନ ବ୍ୟକ୍ତି ଥିଲେ । ଥରେ ସେ ଶୀତ ରାତ୍ରିରେ ଯେତେବେଳେ କି କାଦିୟାନର ଗଳି କନ୍ଦି ଅତ୍ୟନ୍ତ କାଦୁଅ ଥିଲା ପଡ଼ି ଉଠି ଅତି କଷ୍ଟରେ କୌଣସି ଆଡ଼େ ଯାଉଥିଲେ । ଜଣେ ବନ୍ଧୁ ପଚାରିଲେ 'କୁଆଡ଼େ ଯାଉଛ ?' ସେ କହିଲେ, 'ଭାଇ ! ଏଠାରେ ଏକ ମାଇ କୁକୁର ଛୁଆ ଜନ୍ମ କରିଛି । ମୋ ପାଖରେ ଗୋଟିଏ ରୁଟି ରହିଥିଲା । ମୁଁ ଭାବିଲି ଝଡ଼ ବର୍ଷା ଦିନ, ଯାଉଛି ଏହି ରୁଟି ଖଣ୍ଡକ ତାକୁ ହିଁ ଦେଇ ଆସିବି । ହାଫିଜ୍ ସାହେବଙ୍କ ଏହି କର୍ମ ମଧ୍ୟ ସୁନ୍ନତର ପାଳନ ଥିଲା ଯେ ପଶୁ ପ୍ରତି ମଧ୍ୟ ଦୟା କର । ସେ ଘଟଣାକୁ ମଧ୍ୟ ସ୍ମରଣ କର, ଯେତେବେଳେ କେହି ଜଣେ କୂଅ ଭିତରୁ ନିଜ ଜୋତାରେ ପାଣି ଆଣି ତୃଷାତୁର କୁକୁରଙ୍କୁ ପିଆଇଲା । ହଜରତ୍ ମୁହମ୍ମଦ[ସଅ] କହିଲେ 'ଅଲ୍ଲାଃତାଲା ଏହି ପୁଣ୍ୟ ବଦଳରେ ତା'ର ସମସ୍ତ ପାପକୁ କ୍ଷମା କରିଦେଇଛନ୍ତି ।' ଏହାଶୁଣି ଅନୁଚରମାନେ ବଡ଼ ଆଶ୍ଚର୍ଯ୍ୟର ସହିତ ପଚାରିଲେ, 'କ'ଣ ପଶୁମାନଙ୍କ ପାଇଁ ମଧ୍ୟ ପୁଣ୍ୟ ପ୍ରାପ୍ତ ହେବ ?' ମହାଭାଗ ଉତ୍ତର ଦେଲେ 'ହଁ ପ୍ରତ୍ୟେକ ଜୀବଧାରୀଙ୍କ ସହିତ କରିଥିବା ସତକର୍ମ ଓ ଉପକାରର ଫଳ ଅବଶ୍ୟ ମିଳିଥାଏ ।'

(ସାରାଂଶ ଅସ୍‌ହାବେ ଅହମଦ, ଭାଗ ୧୩, ପୃ : ୨୯୬, ପ୍ରକାଶନ ୧୯୬୭)

ପୁଣି ଏକ ଘଟଣା, ଜଣେ ଅହମଦି ହଜରତ୍ ନୁର ମହମ୍ମଦ ସାହେବଙ୍କର ରହିଛି । ଶୀତ ଋତୁ ଥିଲା ଓ ଅତିଶୟ ଶୀତ ପଡ଼ିଥିଲା । ତାଙ୍କ ପାଖରେ ନା କୋଟ ଥିଲା ନା କମ୍ବଳ ଥିଲା । କେବଳ ତଳ ଉପର ଦୁଇଟି ଜାମା ପିନ୍ଧିଥିଲେ ଓ ଗାଡ଼ିରେ ବସିଥିଲେ । ସେ ଜଣେ ଅକର୍ମଣ୍ୟ ବୃଦ୍ଧକୁ ଫୁଙ୍ଗୁଳା ଦେହରେ ଥରୁ ଥିବାର ଦେଖିଲେ । ତତ୍କ୍ଷଣାତ୍ ନିଜ ଦେହରୁ ଗୋଟିଏ ଜାମା ବାହାର କରି ତାକୁ ପିନ୍ଧାଇ ଦେଲେ । ଜଣେ ଶିଖ ବନ୍ଧୁ ମଧ୍ୟ ତାଙ୍କ ସହିତ ଯାତ୍ରା କରୁଥିଲେ । ଏହା ଦେଖି କହିଲେ ଭୟାଜୀ, 'ହୁଣ ତୋହଡ଼ା ତୋ ବେଡ଼ା ପାର୍ ହୋ ଯାଏଗା, ଆପାଁ ଦା ପତା ନହିଁ କି ବନେ ?' ଅର୍ଥାତ୍

'ହେ ଭାଇ ! ତୁମର ବେଡ଼ା ପାର ହୋଇଯିବ, ଜଣାନାହିଁ ଆମର କ'ଣ ହେବ ?' ପୁଣି କିଛିଦିନ ପରେ ନୁର ମହମ୍ମଦ୍ ସାହେବ ଗୋଟିଏ ନୂଆ କମ୍ବଳ ଘୋଡ଼ି ବୈତୁଜ୍ ଜିକର, (ମୁଗଲ ପୁରା) ଫଜର୍ ନମାଜ ପଢ଼ିବା ପାଇଁ ଆସିଲେ । ଦେଖୁଛନ୍ତି ଯେ ଫତହ୍ ଦିନ୍ ନାମକ ଜଣେ ବ୍ୟକ୍ତି ଯିଏ କୌଣସି ସମୟରେ ବଡ଼ ଧନଶାଳୀ ଥିଲେ ସେ ରୋଗରେ ପୀଡ଼ିତ ହୋଇ ତଥା ଦାରିଦ୍ର୍ୟ ହେତୁ ଶୀତରେ ଥରୁଥିଲେ । ନୁର୍ ମହମ୍ମଦ୍ ସାହେବ ତତତକ୍ଷଣାତ୍ ନିଜ କମ୍ବଳ ବାହାର କରି ତାଙ୍କୁ ଘୋଡ଼ାଇଦେଲେ ।

(ସାରାଂଶ ରୁହ୍‌ପରୱର୍ ୟାଁଦେ, ପୃ : ୬୮୭, ପ୍ରଥମ ସଂସ୍କରଣ)

ପୁଣି ୧୯୪୭ ମସିହାରେ ପାକିସ୍ତାନର ସ୍ଥାପନା ସମୟରେ ଲକ୍ଷ ଲକ୍ଷ ଦେଶତ୍ୟାଗୀ ନିଜର ସର୍ବସ୍ୱ ହରାଇ ଦଳବଦ୍ଧ ହୋଇ କାଦିୟାନ ଅଭିମୁଖେ ଆସୁଥିଲେ । ସେ ସମୟରେ ମୁସଲମାନମାନଙ୍କର ଅତି ଦୟନୀୟ ଅବସ୍ଥା ଥିଲା । ମୁସଲମାନ ମହିଳାମାନଙ୍କର ମାନ ସମ୍ମାନର କୌଣସି ସୁରକ୍ଷା ନଥିଲା । ସମସ୍ତ ମୁସଲମାନ ଏହା ହିଁ ଭାବୁଥିଲେ ଯେ କାଦିୟାନ ପହଞ୍ଚି ଗଲେ ଆମେ ସୁରକ୍ଷିତ ହୋଇଯିବା । ସେ ସମୟରେ ଜମାଅତ୍‌ର ଯେଉଁ ଲୋକମାନେ ସେଠାରେ ଉପସ୍ଥିତ ଥିଲେ ଓ ହଜରତ୍ ମୁସଲେହ୍ ମଉଦ୍[ରଅ] ହଜରତ୍ ଖଲିଫତୁଲ୍ ମସିହ ତୃତୀୟ[ରଅ]ଙ୍କୁ ସେଠାକାର ଇନ୍‌ଚାର୍ଯ୍ ଭାବରେ ନିଯୁକ୍ତ କରିଥିଲେ । ଆସୁଥିବା ସବୁ ଲୋକଙ୍କୁ ଯେ କି ବଡ଼ ଶୋଚନୀୟ ପରିସ୍ଥିତିରେ ଆସି ପହଞ୍ଚିଥିଲେ, କେତେକ ବସ୍ତ୍ରହୀନ ମଧ୍ୟ ଥିଲେ, ସେତେବେଳେ ମୁସଲେହ ମଉଦ୍[ରଅ] ନିଜ ପରିବାର ଲୋକମାନଙ୍କର ବାକ୍ସରୁ ଲୁଗା ବାହାର କରି ସେମାନଙ୍କୁ ଦାନ କଲେ । ତତ୍ପରେ ସେଠାରୁ ଶୃଙ୍ଖଳିତ ଭାବେ ଦଳ ଦଳ କରି ଛାଡୁଥିଲେ ଏବଂ ଏପରି ଧିରେ ଧିରେ ସେମାନେ ପାକିସ୍ତାନରେ ପହଞ୍ଚିବାକୁ ଲାଗିଲେ । ଅଲ୍ଲାହ୍‌ତାଲାଙ୍କ କୃପାରୁ ସେମାନେ ନିରାପଦରେ ସେଠାରେ ପହୁଞ୍ଚିଥିଲେ ଓ ଅହମଦିମାନେ ନିଜ ଜୀବନର ବାଜି ଲଗାଇ ସେମାନଙ୍କ ସୁରକ୍ଷାର ଦାୟୀତ୍ୱ ବହନ କଲେ ।

ହଜରତ୍ ମସିହ ମଉଦ୍[ଅସ]ଙ୍କ ବୈଅତ୍‌ରେ ଏକ ସର୍ତ୍ତ ଏହା ମଧ୍ୟ ରହିଛି ଯେ ଏବେ ଆମେ ଏହି ସଂକଳ୍ପ ସହିତ ଜମାଅତ୍‌ରେ ସମ୍ମିଳିତ ହେଉଛୁ ଯେ ବୈଅତ୍ କରିବା ପରେ ଏଣିକି ଆମର ନିଜସ୍ୱ କିଛି ରହିବ ନାହିଁ । ଏବେ ସମସ୍ତ ବନ୍ଧୁତା ଓ ସମସ୍ତ ସମ୍ପର୍କ କେବଳ ସେହି ସମୟ ପର୍ଯ୍ୟନ୍ତ ରହିବ, ଯେପର୍ଯ୍ୟନ୍ତ ସେମାନେ ଜମାଅତ୍‌ର ଅନୁଶାସନ ଓ ମହାମାନ୍ୟ ହଜୁରଙ୍କ ପ୍ରତିଷ୍ଠା ସହିତ ଜଡ଼ିତ ରହିଛନ୍ତି । କୌଣସି ବନ୍ଧୁବାନ୍ଧବ ଓ କୌଣସି ସଂସାରୀକ ସମ୍ବନ୍ଧ ଆମକୁ ହଜୁର[ଅସ]ଙ୍କ ଠାରୁ ଦୂରେଇ ପାରିବେ ନାହିଁ । ଆମେ ତ ତାଙ୍କ ଦୁଆର ଭିକ୍ଷୁକ ଓ ଏହା ହିଁ ଆମର ପ୍ରାଥମିକତା । ପୁଣି ଏହି ସଂକଳ୍ପକୁ ଭଲ

ଭାବେ ପାଳନ କରାଗଲା । ଏହାର କେତେକ ଉଦାହରଣ ପ୍ରସ୍ତୁତ କରୁଛି । ଅଧିକାଂଶ ଏପରି ସହଚର ଅଛନ୍ତି ଯାହାଙ୍କର ଅତିଶୟ ପ୍ରଶଂସା, ସ୍ୱୟଂ ଯୁଗର ଇମାମ ତଥା ଯୁଗାବତାର ନିଜେ କରି ଦେଖାଇଛନ୍ତି ।

ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି 'ଏହିପରି ଆମର ଜଣେ ଅନ୍ତରଙ୍ଗ ମୌଲବି ମୁହମ୍ମଦ ଅହସନ୍ ସାହେବ ଅମ୍‌ରୋହି ଯିଏ ଏହି ଜମାଅତ୍‌ର ସାହାଯ୍ୟାର୍ଥେ ଭଲ ଭଲ ପୁସ୍ତକମାନ ଲେଖିବାରେ ସଂପୃକ୍ତ ଅଛନ୍ତି, ସାହେବଜାଦା ପୀରଜୀ ସିରାଜୁଲ୍ ହକ୍ ସାହେବ ତ ସହସ୍ର ଶିଷ୍ୟମାନଙ୍କ ଠାରୁ ସଂପର୍କ ଛିନ୍ନ କରି ଏଠାରେ ଫକିର ଭାବେ ରହିବା ସ୍ୱୀକାର କରିନେଲେ । ସେହିପରି ମିୟାଁ ଅବ୍ଦୁଲ୍ଲା ସାହେବ ସନ୍ନୋରି, ମୌଲବି ବୁର୍‌ହାନୁଦ୍ଦିନ୍ ସାହେବ ଝେହ୍‌ଲମି, ମୌଲବି ମୁବାରକ୍ ଅଲି ସାହେବ ସିଆଲ କୋଟି, କାଜି ଜିଆଉଦ୍ଦିନ୍ ସାହେବ କାଜିକୋଟି, ମୁନ୍‌ସି ଚୌଧୁରି ନବୀ ବଖ୍ସ ସାହେବ ବଟାଲା ଏବଂ ମୁନ୍‌ଶି ଜଲାଲୁଦ୍ଦିନ୍ ସାହେବ ଜଲାନି ଇତ୍ୟାଦି ନିଜ ସାମର୍ଥ୍ୟ ଅନୁସାରେ ସେବାରେ ଲାଗି ରହିଛନ୍ତି । ମୁଁ ନିଜ ଜମାଅତର ଲୋକମାନଙ୍କ ପ୍ରେମ ଓ ନିଷ୍ଠାକୁ ଦେଖି ଚକିତ ହୋଇଯାଉଛି ଯେ ଏମାନଙ୍କ ମଧ୍ୟରେ ଅତି ସ୍ୱଳ୍ପ ଉପାର୍ଜନ କରୁଥିବା ବ୍ୟକ୍ତି ଯେପରିକି ମିଆଁ ଯମାଲୁଦ୍ଦିନ୍ ଖୈରୁଦ୍ଦିନ ଓ ଇମାମୁଦ୍ଦିନ କାଶ୍ମୀରି ପ୍ରଭୃତି ଆସି ମୋ ଗ୍ରାମ ନିକଟରେ ବାସ କରନ୍ତି । ସେ ତିନି ଗରିବ ଭାଇ ଯେଉଁମାନେ ହୁଏତ ତିନି ଚାରି ଅଣା ଦୈନିକ ମଜୁରି କରି ପେଟ ପୋଷନ୍ତି, ସେମାନେ ମଧ୍ୟ ବଡ଼ ଉତ୍ସାହର ସହିତ ମାସିକ ଚାନ୍ଦାରେ ସମ୍ମିଳିତ ହୁଅନ୍ତି । ତାଙ୍କର ଜଣେ ବନ୍ଧୁ ମିଆଁ ଅବ୍ଦୁଲ୍ ଅଜିଜ୍ ପଟୱାରି ଅମିନ୍‌ଙ୍କ ନିଷ୍ଠା ଦେଖି ମଧ୍ୟ ମୁଁ ବିସ୍ମିତ ହୋଇଗଲି ଯେ ଆର୍ଥିକ ଅଭାବ ଥାଇ ସୁଦ୍ଧା ଦିନେ ଏକଶତ ଟଙ୍କା ଦେଇଗଲେ ଏବଂ କହିଲେ ମୁଁ ଚାହୁଁଛି ଏ ଟଙ୍କା ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରାଯାଉ । ଏକଶତ ଟଙ୍କା ସେ ଗରିବ ସମ୍ଭବତଃ କେତେ ବର୍ଷ ଲାଗି ସଂଚୟ କରିଥିବେ, କିନ୍ତୁ ଅଲ୍ଲାଃଙ୍କ ପାଇଁ ଆବେଗପୂର୍ଣ୍ଣ ଭାବନା ତାଙ୍କରି ପ୍ରସନ୍ନତା ଲାଭ ପାଇଁ ପ୍ରୋତ୍ସାହିତ କରାଇଲା । (ପାଦଟିକା, ରୁହାନି ଖଜାଏନ୍, ଭାଗ ୧୧, ପୃ ୩୧୩-୩୧୪)

ପୁଣି ମହାମାନ୍ୟ ହଜରତ୍ ଖଲିଫତୁଲ ମସିହ ପ୍ରଥମ[ରଅ]ଙ୍କ ବିଷୟରେ କହିଛନ୍ତି 'ଧନ ବେଶୀ ହୋଇଗଲେ ତହିଁରୁ କିଛି ଅର୍ଥ ଅଲ୍ଲାଃଙ୍କ ମାର୍ଗରେ ଦେଇଥିବା ଲୋକ ଅନେକତ ଦେଖାଯାଆନ୍ତି । କିନ୍ତୁ ଭୋକ ଶୋଷରେ ରହି ନିଜର ପ୍ରିୟ ଧନକୁ ପ୍ରଭୁଙ୍କ ପ୍ରସନ୍ନତା ଓ ଆଶୀଷ ପ୍ରାପ୍ତ କରିବା ପାଇଁ ଦେଇଦେବା ଓ ନିଜ ପାଇଁ ଦୁନିଆରେ କିଛି ନରଖିବାର ଗୁଣ ସଂପୂର୍ଣ୍ଣ ରୂପେ ମୌଲବୀ ସାହେବଙ୍କ ଠାରେ ଦେଖିଲି.... ଯେଉଁ ପ୍ରକାର ତାଙ୍କ ଧନ ଦ୍ୱାରା ମୋତେ ସାହାଯ୍ୟ ପ୍ରାପ୍ତ ହୋଇଛି, ତା'ର କୌଣସି ଉପମା ଏ ପର୍ଯ୍ୟନ୍ତ ମୋ ନିକଟରେ ନାହିଁ । (ନିଶାନେ ଆସମାନି, ରୁହାନି ଖଯାଇନ୍, ଭାଗ - ୪, ପୃ : ୪୦୭)

ପୁଣି, ହଜରତ୍ ଖଲିଫତୁଲ ମସିହ ପ୍ରଥମ ମୌଲାନା ନୁରୁଦ୍ଦିନ ସାହେବ[ରଅ] ହଜରତ୍ ମସିହ ମଉଦ[ଅସ]ଙ୍କ ସେବାରେ ଲେଖିଛନ୍ତି 'ମୁଁ ଆପଣଙ୍କ ପଥରେ ସମର୍ପିତ । ମୋର ଯାହା କିଛି ଅଛି, ତାହା ମୋର ନୁହେଁ ସେ ସର୍ବସ୍ୱ ଆପଣଙ୍କର । ହଜରତ୍ ପୀର ଓ ମୁର୍ଶିଦ୍, ହେ ମାନ୍ୟବର ପଥ ପ୍ରଦର୍ଶକ ! ମୁଁ ପୂର୍ଣ୍ଣ ସତ୍ୟତା ସହିତ ନିବେଦନ କରୁଛି ଯେ ମୋର ସମସ୍ତ ଧନ ସମ୍ପତ୍ତି ଯଦି ଧର୍ମ ପ୍ରଚାର ନିମନ୍ତେ ବ୍ୟୟ ହୋଇଯାଏ, ତେବେ ମୋର ମନବାଞ୍ଛା ପୂରଣ ହୋଇଯିବ ।'

(ଫତାହ୍ ଇସଲାମ, ପୃ: ୬୧, ରୁହାନି ଖଜାଇନ୍, ଭାଗ ୩, ପୃ: ୩୬)

ହଜରତ୍ ମସିହ ମଉଦ୍[ଅସ] ହଜରତ୍ ମୁନ୍‌ଶି ଜଫର୍ ଅହମଦ[ରଅ]ଙ୍କ ବିଷୟରେ କହିଛନ୍ତି 'ଅଲ୍ଲାଃତାଲାଙ୍କ ପାଇଁ ମୋ ସହିତ ପ୍ରେମ କରୁଥିବା ମୁନ୍‌ଶି ଜଫର୍ ଅହମଦ ସାହେବ ଜଣେ ସଦାଚାରୀ ଯୁବକ ନିଷ୍ଠାରେ ପରିପୂର୍ଣ୍ଣ ଓ କଥାର ମର୍ମକୁ ବୁଝି ପାରୁଥିବା ଜଣେ ବ୍ୟକ୍ତି । ତାଙ୍କ ଠାରେ ଦୃଢ଼ତା ଓ ବିଶ୍ୱାସନୀୟତାର ସବିଶେଷ ଚିହ୍ନ ଓ ଲକ୍ଷଣମାନ ରହିଛି । ପ୍ରମାଣିତ ସତ୍ୟକୁ ଖୁବ୍ ଭଲରେ ବୁଝିପାରନ୍ତି ଓ ଏଥିରୁ ଆନନ୍ଦ ମଧ୍ୟ ପ୍ରାପ୍ତ କରିଥାନ୍ତି । ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ପ୍ରତି ବାସ୍ତବ ପ୍ରେମଭାବ ରଖନ୍ତି ଓ ଶିଷ୍ଟତା ଯେଉଁଥିରେ ସମସ୍ତ ପ୍ରକାର ଉପକାରୀ ହାସଲ କରିବାର ସାଧନ ରହିଛି, ସତଚିନ୍ତନ ସଦ୍‌ବିଚାର ଯାହା ଏହି ମାର୍ଗର ବାହନ ଉଭୟ ବିଶେଷତ୍ୱ ତାଙ୍କ ଠାରେ ମିଳିଥାଏ । 'ଜଯାହୁମ ଅଲ୍ଲାହୋ ଖୈରୁଲ୍' ଜଯା (ଅର୍ଥାତ୍ ଉପକାର ଲାଭ କରିବା ଓ ବିଚାର ଭାବନା ରଖିବା ଯେଉଁମାନଙ୍କର ଏହାକୁ ଠୁଳ କରିବାର ପ୍ରବୃତ୍ତି ଥାଏ ସେହିପରି ଗୁଣ ତାଙ୍କ ଠାରେ ରହିଛି) ।

(ଇଯାଲା ଅଓ୍ୱହାମ୍, ପୃ ୮୦-୮୧, ରୁହାନି ଖଜାଇନ୍, ଭାଗ ୩, ପୃ ୫୩୨-୫୩୩)

ପୁଣି ହଜରତ୍ ମସିହ ମଉଦ୍[ଅସ] ହଜରତ୍ ମିଆଁ ଅବ୍ଦୁଲ୍ଲା ସନ୍ନୌରି[ରଅ]ଙ୍କ ବିଷୟରେ ଏହି ପରି ବର୍ଣ୍ଣନା କରିଛନ୍ତି 'ପ୍ରଭୁ ପାଇଁ ମୋ ସହିତ ପ୍ରେମ କରୁଥିବା ମିଆଁ ଅବ୍ଦୁଲ୍ଲା ସନ୍ନୌରି[ରଅ] ଯୁବକ ସୁଲଭ ବ୍ୟକ୍ତି  ନିଜର ସଦାଚାରୀ ସ୍ୱଭାବ ହେତୁ ମୋ ଆଡ଼କୁ ଆକୃଷ୍ଟ ହୋଇଗଲା । ମୁଁ ବିଶ୍ୱାସ ରଖୁଛି ଯେ ସେ ସେହି ବିଶ୍ୱସ୍ତ ବନ୍ଧୁମାନଙ୍କ ମଧ୍ୟରୁ ଜଣେ ଯେଉଁମାନେ ସଙ୍କଟ ସମୟରେ ବିଚଳିତ ହୁଅନ୍ତି ନାହିଁ । ଅର୍ଥାତ୍ ପରୀକ୍ଷାର ବିପଦ ସେମାନଙ୍କୁ ନିଜ ସ୍ଥାନରୁ ବିଚ୍ୟୁତ କରିପାରିବ ନାହିଁ । ସେ ବିଭିନ୍ନ ସମୟରେ ଦୁଇ ଦୁଇ ମାସ, ତିନି ତିନି ମାସ ବରଂ ଏହାଠାରୁ ଅଧିକ ସମୟ ମୋ ସହିତ ରହୁଥିଲେ । ମୁଁ ସର୍ବଦା ଗଭୀର ଦୃଷ୍ଟି ଦ୍ୱାରା ତାଙ୍କ ହୃଦୟର ଅବସ୍ଥା ପ୍ରତି ନଜର୍ ରଖୁଥାଏ । ଅର୍ଥାତ୍ ମୁଁ ବଡ଼ ମନ ଧ୍ୟାନ ଦେଇ ତାଙ୍କ ଗତିବିଧିକୁ ଦେଖେ । ମୋ ବିବେକ ତାଙ୍କର ଗଭୀରତାକୁ ଅନୁଧ୍ୟାନ କଲା ପରେ ଯାହା ଜାଣି ପାରିଲା, ତାହା ହେଉଛି ଏହି

ଯୁବକ ଠାରେ ବାସ୍ତବରେ ଅଲ୍ଲାଃ ଓ ରସୁଲଙ୍କ ପ୍ରେମ ପ୍ରତି ଏକ ବିଶେଷ ଆବେଗ ରହିଛି । ମୋ ସହିତ ଏପରି ପ୍ରଗାଢ଼ ପ୍ରେମ ସମ୍ବନ୍ଧ କେବଳ ଏଇଥି ପାଇଁ ରହିଛି ଯେହେତୁ ତା'ର ବିଶ୍ୱାସ ହୋଇଯାଇଛି କି ଏହି ବ୍ୟକ୍ତି ପ୍ରଭୁ ଓ ରସୁଲଙ୍କ ସହିତ ପ୍ରେମ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ।'

(ଇଯାଲା ଅଓ୍ୱହାମ, ପୃ: ୭୯୬, ରୁହାନି ଖଜାଇନ୍, ଭାଗ ୩, ପୃ: ୫୩୧)

ପୁଣି ହଜରତ୍ ମୁନ୍‌ଶି ଅରୋଡ଼ା ସାହେବ[ରଅ]ଙ୍କ ବିଷୟରେ ହଜରତ୍ ମସିହ ମଉଦ୍[ଅସ] କହିଛନ୍ତି 'ପ୍ରଭୁଙ୍କ ପାଇଁ ମୋ ସହିତ ପ୍ରେମ କରୁଥିବା ମୁନ୍‌ଶି ଅରୋଡ଼ା ନକ୍‌ସା ତିଆରି କରିବା ମାଜିଷ୍ଟ୍ରେଟ ଥିଲେ । ମୁନ୍‌ଶି ସାହେବ ପ୍ରେମ, ନିଷ୍ଠା ଓ ଭକ୍ତିରେ ଏକ ପ୍ରସନ୍ନଚିତ୍ତ ବ୍ୟକ୍ତି । ସତ୍ୟର ପ୍ରେମିକ ଓ ସତ୍ୟତାକୁ ଶୀଘ୍ର ବୁଝି ଯାଆନ୍ତି । ଅତି ଆନନ୍ଦର ସହିତ ସେବା କରନ୍ତି । ଦିନରାତି ଏହି ଚିନ୍ତାରେ ରହିଥାନ୍ତି ଯେ ମୋ ଦ୍ୱାରା କିପରି କୌଣସି ସେବା ମୂଳକ କଲ୍ୟାଣ ହୋଇଯାଉ । ବିଚିତ୍ର ଖୋଲା ହୃଦୟ ଓ ଜୀବନ ଉତ୍ସର୍ଗ କରିବା ବ୍ୟକ୍ତି । ଅର୍ଥାତ୍ ଖୋଲା ମନରୁ ସ୍ୱୀକାର କରିବା ଓ ଜୀବନ ଉତ୍ସର୍ଗ କରିବା ପାଇଁ ତତ୍ପର ଥିବା ବ୍ୟକ୍ତି । ମୁଁ ଭାବୁଛି ତାଙ୍କର ଏହି ବିନୀତ ସହିତ ଏକ ପ୍ରେମର ସମ୍ବନ୍ଧ ରହିଛି । ସମ୍ଭବତଃ ତାଙ୍କୁ ଏହା ଠାରୁ ଅଧିକ କୌଣସି କଥାରେ ପ୍ରସନ୍ନତା ହେଉ ନଥିବ ଯେତିକି ନିଜର ଶକ୍ତି, ଧନ ଓ ଅସ୍ତିତ୍ୱର ପ୍ରତ୍ୟେକ ସାମର୍ଥ୍ୟ ଦ୍ୱାରା କୌଣସି ସେବା କରିବାରେ ହେଉଥିବ । ସେ ମନ ପ୍ରାଣରୁ ବିଶ୍ୱସ୍ତ ଓ ପ୍ରତ୍ୟେକ ଅବସ୍ଥାରେ ଏକା ପରି ଶାନ୍ତ ରହୁଥିବା ସାହାସୀ ବ୍ୟକ୍ତି । ଅଲ୍ଲାଃତାଲା ତାଙ୍କୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ।'

ପୁଣି ସେ କହିଛନ୍ତି, 'ଅଲ୍ଲାଃତାଲାଙ୍କ ପାଇଁ ମୋ ସହିତ ପ୍ରେମ କରୁଥିବା ମିଆଁ ମୁହମ୍ମଦ୍ ଖାନ୍ ସାହେବ କପୁରଥଲା ରିୟାସତରେ ଚାକିରି କରନ୍ତି । ଅତ୍ୟନ୍ତ ବିନମ୍ର, ନିର୍ମଳ ହୃଦୟବାନ, ସୂକ୍ଷ୍ମଦର୍ଶୀ ଓ ସତ୍ୟ ପ୍ରେମୀ ବ୍ୟକ୍ତି । ଅର୍ଥାତ ସୂକ୍ଷ୍ମତା ସହିତ ଚିନ୍ତା କରୁଥିବା, ସତ୍ୟକୁ ଚିହ୍ନିଥିବା ଓ ସତକୁ ପସନ୍ଦ କରୁଥିବା ତଥା ଯେଉଁ ମାତ୍ରାରେ ମୋ ପ୍ରତି ପ୍ରେମ, ଶ୍ରଦ୍ଧା ଓ ସଦ୍‌ଭାବନା ରହିଛି, ମୁଁ ତାହାର କଳ୍ପନା କରିପାରୁ ନାହିଁ । ମୋର ଏ ବିଷୟରେ ତାଙ୍କ ପ୍ରତି କୌଣସି ଶଙ୍କା ନାହିଁ ଯେ ତାଙ୍କର ଏହି ଆସ୍ଥାରେ କେବେ କୌଣସି ମନ୍ଦ ଧାରଣା ଉତ୍ପନ୍ନ ହେବ । ବରଂ ଆଶଙ୍କା ରହିଛି ଯେ ସେ ସୀମାରୁ ଅଧିକ ବଢି ନ ଯାଆନ୍ତୁ । ତାଙ୍କର ଯୁବା ଭାଇ ସରଦାର ଅଲି ଖାଁ ମଧ୍ୟ ମୋ ବୈଅତରେ ଅନ୍ତର୍ଭୁକ୍ତ ଅଛନ୍ତି । ଏହି ଯୁବକ ମଧ୍ୟ ନିଜ ଭାଇ ପରି ଭାଗ୍ୟଶାଳୀ ଓ ସତ୍‌ପଥଗାମୀ । ବହୁତ ପୁଣ୍ୟବନ୍ତ, ସାଧାସିଧା, ସରଳ ଓ ସଳଖ ପଥର ପଥିକ । ଅଲ୍ଲାଃତାଲା ସେମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ।'

(ଇଜାଲା ଅଓହାମ୍ ପୃ: ୭୯୮-୮୦୦, ରୁହାନି ଖଜାଇନ, ଭାଗ - ୩, ପୃ: ୫୩୨)

ପୁଣି ମହାମାନ୍ୟ କହିଛନ୍ତି: 'ମୋର ଅତି ଆପଣାର ପ୍ରିୟ ଭାଇ, ଯାହାଙ୍କ ବିୟୋଗରେ ହୃଦୟ ଦୁଃଖିତ ହୋଇ ରହିଛି । ସ୍ୱର୍ଗତ ମିର୍ଜା ଅଜିମ୍ ବେଗ, 'ସାମାନା ଇଲାକା', ପଟିଆଲାର ରଇସ ଥିଲେ । ସେ ୨ ରବିଉସ୍ ସାନି ୧୩୦୮ ହିଜ୍ରିରେ ଇହଧାମ ତ୍ୟାଗ କଲେ ।

اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ

اَلْعَيْنُ تَدْمَعُ وَالْقَلْبُ يَحْزُنُ وَاِنَا بِفِرَاقِهٖ لَمَحْزُوْنُوْنَ

'ଆଖି ଅଶ୍ରୁ ବୁହାଇଛି ଓ ଆମ ହୃଦୟ ଦୁଃଖରେ ମ୍ରିୟମାଣ ହୋଇ ଯାଇଛି । ତାଙ୍କ ବିୟୋଗରେ ଆମେ ମର୍ମାହତ ହୋଇଛୁ ।'

ସ୍ୱର୍ଗତ ମିର୍ଜା ସାହେବ କେବଳ ଅଲ୍ଲାହଙ୍କ ପାଇଁ ଯେପରି ମୋ ସହିତ ପ୍ରେମ କରନ୍ତି, ଯେପରି ମୋଠାରେ ନିଜ ସତ୍ତା ହରାଇ ଦେଇ ଲୀନ ହୋଇଯାଆନ୍ତି, ମୁଁ କେଉଁଠୁ ଏପରି ଶବ୍ଦ ଆଣିବି ଯେ ସେ ପ୍ରେମର ସୀମାକୁ ବର୍ଣ୍ଣନ କରିପାରିବି । ତଥା ତାଙ୍କ ଅକାଳ ମୃତ୍ୟୁ ଦ୍ୱାରା ଯାହା ଦୁଃଖ ଅନୁଭବ ହେଉଛି, ପୂର୍ବରୁ ହୋଇଥିବା ଦୁଃଖ କଷ୍ଟ ଏହା ତୁଳନାରେ ବହୁତ କମ୍ । ସେ ଆମର ସମ୍ମାନୀୟ ଓ 'ମୀର୍ ମଞ୍ଜିଲ୍' ଅର୍ଥାତ ଆମ ଦୃଷ୍ଟିରେ ତାଙ୍କର ବଡ଼ ମହତ ଥିଲା, ଆଗକୁ ବଢ଼ିବାରେ ସେ ଉତ୍ତମ ଥିଲେ । ନେତୃତ୍ୱ ନେବାର ମଧ୍ୟ ତାଙ୍କର ଯୋଗ୍ୟତା ଥିଲା । କିନ୍ତୁ ଦେଖୁ ଦେଖୁ ଆମଠାରୁ ଦୂରେଇ ଗଲେ । ଯେ ପର୍ଯ୍ୟନ୍ତ ଆମେ ଜୀବିତ ରହିବୁ ତାଙ୍କ ବିୟୋଗର ଦୁଃଖ ଭୁଲି ହେବ ନାହିଁ । ତାଙ୍କ ବିରହ ବେଦନାରେ ମନ ମସ୍ତିଷ୍କ ଉଦାସ ହୋଇଯାଉଛି । ହୃଦୟ ବିଚଳିତ ବିଦୀର୍ଣ୍ଣ ହୋଇଯାଉଛି । ହୃଦୟରେ କୋହ ଓ ଆଖିରୁ ଅଶ୍ରୁଧାର ଛୁଟିଚାଲିଛି । ତାଙ୍କର ସମ୍ପୂର୍ଣ୍ଣ କାୟା ପ୍ରେମରେ ପରିପୂର୍ଣ୍ଣ ଥିଲା । ସ୍ୱର୍ଗତ ମିର୍ଜା ସାହେବ ପ୍ରେମ ପ୍ରକଟ କରିବାରେ ଅତି ଦୁଃସାହାସୀ ଥିଲେ ।

(ଫତାହ ଇସଲାମ, ପୃ: ୬୫-୬୬, ରୁହାନି ଖଜାଇନ୍, ଭାଗ ୩, ପୃ ୩୯)

ହଜରତ୍ କାଜି ଜିଆଉଦ୍ଦିନ୍ ସାହେବ[ରଅ] ଲେଖିଛନ୍ତି, ବରଂ ହଜରତ୍ ମସିହ ମଉଦ୍[ଅସ]ଙ୍କ ସମ୍ମୁଖରେ ଏହି ବ୍ୟାଖ୍ୟା କରିଥିଲେ 'ହେ ମୋର ମୁନିବ । ମୁଁ ମୋ ହୃଦୟରେ ପ୍ରତିକୂଳ ବିଚାର ଆଲୋଡ଼ନ ହେଉଥିବାର ଅନୁଭବ କରୁଛି । ଗୋଟିଏ ପକ୍ଷରେ ମୁଁ ଅତି ଉତ୍ସୁକତାର ସହିତ ଅନାଇ ବସିଛି ଯେ ହଜୁର୍ଙ୍କ ସତ୍ୟତା ଓ ଆଧ୍ୟାତ୍ମିକ ଜ୍ୟୋତିରୁ ବାହାର ଦୁନିଆ ଶୀଘ୍ର ପରିଚିତ ହୋଇଯାଉ । ସମସ୍ତ ଜାତି ଓ ଆସ୍ଥାର ଲୋକମାନେ ଆସନ୍ତୁ ଓ ଏହି ପବିତ୍ର ଉତ୍ସରୁ ତୃପ୍ତି ଲାଭ କରନ୍ତୁ, ଯାହାକୁ ଅଲ୍ଲାହତାଲା ଏଠାରେ ଜାରି କରିଛନ୍ତି । ପରନ୍ତୁ ଅନ୍ୟ ପକ୍ଷରେ ଏହି ବିଚାର ଦ୍ୱାରା ମୋ ହୃଦୟ ଫାଟି

ପଡୁଛି ଯେ ଯେତେବେଳେ ଅନ୍ୟ ଲୋକମାନେ ମଧ୍ୟ ହଜୁର[ଅସ]ଙ୍କ ସହିତ ପରିଚିତ ହୋଇଯିବେ ଓ ବିପୁଳ ସଂଖ୍ୟାରେ ଏଠାକୁ ଆସିବାକୁ ଲାଗିବେ, ସେତେବେଳେ ମୋତେ ତାଙ୍କ ସହିତ ଯେଉଁ ସଙ୍ଗତି ଓ ସାମିପ୍ୟ ପ୍ରାପ୍ତ ହୋଇଛି, ତାହା ପ୍ରାପ୍ତ କରିବାର ଆନନ୍ଦରୁ ବଞ୍ଚିତ ରହିଯିବି । କାରଣ ଏପରି ଅବସ୍ଥାରେ ହଜୁର ତ ଅନ୍ୟମାନଙ୍କ ଘରକୁ ଦର୍ଶନ ଦେବାକୁ ଯିବେ ।

ହେ ମାନ୍ୟବର ! ମୋତେ ନିଜ ପ୍ରିୟ ମୁନିବଙ୍କ ସଙ୍ଗତିରେ ବସିବା ଓ ତାଙ୍କ ସହିତ ବାର୍ତ୍ତାଳାପ କରିବାର ଯେଉଁ ସୌଭାଗ୍ୟ ପ୍ରାପ୍ତ ହୋଇଛି, ସେଥିରୁ ମୁଁ କାଳେ ବଞ୍ଚିତ ରହିଯିବି, ଏହି ଦୁଶ୍ଚିନ୍ତା ଗୋଟିଏ ପରେ ଗୋଟିଏ ମୋ ମନରେ ଜାତ ହେଉଛି ।'

କାଜି ସାହେବ ପୁଣି କହିଛନ୍ତି ଯେ 'ହଜରତ୍ ମସିହ ମଉଦ୍[ଅସ] ମୋର ଏହି କଥା ଶୁଣି ମୁରୁକି ହସିଦେଲେ ।' (ଅସ୍‌ହାବେ ଅହମଦ୍, ଭାଗ ୬, ପୃ: ୧୦)

କାଜି ଅବ୍ଦୁର୍ ରହମାନ ସାହେବ[ରଅ] ଶୁଣାଉଥିଲେ ଯେ ଥରେ ପିତା ମହୋଦୟ ଅତି ଆନନ୍ଦର ସହିତ ଏହି ଘଟଣା ବର୍ଣ୍ଣନା କରୁଥିଲେ । ଦିନେ ମୁଁ ଓଜୁ କରୁଥିଲି । ସେତିକିବେଳେ ହଜରତ୍ ମସିହ ମଉଦ୍[ଅସ]ଙ୍କୁ ତାଙ୍କର ସେବକ ହଜରତ୍ ହାଫିଜ୍ ହାମିଦ୍ ଅଲି ସାହେବ[ରଅ] ମୋ ବିଷୟରେ ପଚାରିଲେ 'ଏ ମହାଶୟ କିଏ' ? ହଜୁର[ଅସ] ତାଙ୍କୁ ମୋ ନାମ ଓ ଠିକଣା କହିବା ସହିତ ଏକଥା ମଧ୍ୟ କହିଲେ 'ଏହି ବ୍ୟକ୍ତିଙ୍କ ପ୍ରତି ସେ ଗର୍ବିତ ହୁଅନ୍ତି ଓ ଆଶ୍ଚର୍ଯ୍ୟ ହୋଇ କୁହନ୍ତି ଯେ ହଜୁର[ଅସ]ଙ୍କୁ ମୋ ହୃଦୟ କଥା କିପରି ଜ୍ଞାତ ହୋଇଗଲା ।' ଏହା ସେହି ପ୍ରେମର ପରିଣାମ ଥିଲା ଯେ ହଜରତ୍ କାଜି ସାହେବ[ରଅ] ନିଜ ମୃତ୍ୟୁ ସମୟରେ ନିଜର ସନ୍ତାନମାନଙ୍କ ନିକଟରେ ମନର ଇଚ୍ଛା ପ୍ରକାଶ କରିଥିଲେ 'ମୁଁ ବଡ଼ କଷ୍ଟର ସହିତ ତୁମମାନଙ୍କୁ ହଜରତ୍ ମସିହ ମଉଦ୍‌ଙ୍କ ଦ୍ୱାର ପର୍ଯ୍ୟନ୍ତ ଆଣିଛି । ଏବେ ମୋ ପରେ ଏହି ଦ୍ୱାରକୁ କେବେ ଛାଡ଼ିବ ନାହିଁ । ସୁତରାଂ ସନ୍ତାନମାନେ ମଧ୍ୟ ଏହାକୁ ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କଲେ ।

(ଅସ୍‌ହାବେ ଅହମଦ, ଭାଗ ୬, ପୃ: ୮-୯, ପ୍ରକାଶନ ୧୯୫୯)

ହଜରତ୍ ମୌଲବି ନ୍ୟାମତୁଲ୍ଲାଃ ସାହେବଙ୍କୁ କାବୁଲରେ ୧୯୨୪ ମସିହାରେ ଶହୀଦ୍ କରି ଦିଆଗଲା । ଶହିଦ୍ ହେବା ପୂର୍ବରୁ ବନ୍ଦୀଶାଳାରୁ ଜଣେ ଅହମଦି ବନ୍ଧୁଙ୍କ ନିକଟକୁ ସେ ପତ୍ର ଲେଖିଥିଲେ । ସେଥିରେ ଉଲ୍ଲେଖ କରିଥିଲେ 'ମୁଁ ପ୍ରତିକ୍ଷଣ ଅଲ୍ଲାଃତାଲାଙ୍କ ପାଖରେ ଏହି ଦୁଆ କରୁଛି 'ହେ ଅଲ୍ଲାଃ !' ଏହି ଅଯୋଗ୍ୟ ଭକ୍ତକୁ ଧର୍ମର ସେବାରେ ସଫଳ କର । ମୁଁ ଏହା ଇଚ୍ଛା କରୁନାହିଁ ଯେ ମୋତେ

ବନ୍ଦୀଶାଳାରୁ ମୁକ୍ତ କରିଦିଅ ଓ ବଧ ହେବାରୁ ରକ୍ଷା କର, ବରଂ ମୁଁ ଏହି ଦୁଆ କରୁଛି ଯେ ଏହି ଅକିଞ୍ଚନ ଓ ଅଧମ ଭୃତ୍ୟର ଶରୀରର ଗୋଟିଏ ଗୋଟିଏ ଅଂଶ ଓ ପ୍ରତିଟି ରକ୍ତ ବିନ୍ଦୁ ଇସଲାମ ପାଇଁ ଉତ୍ସର୍ଗ ହୋଇଯାଉ ।'

(ତାରିଖେ ଅହମଦିୟତ୍, ଭାଗ ୫, ପୃ ୪୫୦, ପ୍ରକାଶନ ୧୯୬୪)

# ମସିହ ମଉଦ୍[ଅସ]ଙ୍କ ସହିତ ଅତି ଘନିଷ୍ଠ ସମ୍ବନ୍ଧ

ପୁଣି ଏହି ଦଶମ ସର୍ତ୍ତ ଅନୁସାରେ ହଜରତ୍ ମସିହ ମଉଦ୍[ଅସ]ଙ୍କ ସହିତ ଏପରି ଏକ ସମ୍ବନ୍ଧ ସ୍ଥାପିତ ହେବ, ଯାହାର କୌଣସି ତୁଳନା କରାଯାଇ ପାରିବ ନାହିଁ । ଏହି ଘଟଣା ସୟଦ୍ ଅବ୍ଦୁସ୍ ସତାର ଶାହ୍ ସାହେବ[ରଅ]ଙ୍କ ସହିତ ଜଡିତ । ୧୯୦୭ ମସିହାରେ ଯେତେବେଳେ ହଜରତ୍ ମସିହ ମଉଦ୍[ଅସ]ଙ୍କ କନିଷ୍ଠ ପୁତ୍ର ସାହେବଜାଦା ମିର୍ଜା ମୁବାରକ୍ ଅହମଦ୍ ବ୍ୟାଧିରେ ପଡିଲେ । ଟାଏଫଏଡ ଜ୍ୱର ଯେବେ ଅତିମାତ୍ରାରେ ବଢ଼ିଗଲା, ସେହି ସମୟ ମଧ୍ୟରେ କେହି ଜଣେ ସ୍ୱପ୍ନରେ ଦେଖିଲେ ଯେ ମିର୍ଜା ମୁବାରକ୍ ଅହମଦଙ୍କର ବିଭାଘର ହେଉଛି । ସ୍ୱପ୍ନ ଫଳ ଜାଣିଥିବା ଲୋକମାନେ ଲେଖିଛନ୍ତି ଯେ ଯଦି ବିବାହ ଅଜ୍ଞାତ ସ୍ତ୍ରୀ ସହିତ ହୁଏ, ତେବେ ଏହାର ପରିଣାମ ମୃତ୍ୟୁ ହୋଇଥାଏ । କିନ୍ତୁ କେତେକ ସ୍ୱପ୍ନଫଳ ତତ୍ତ୍ୱଜ୍ଞ ଏହା ମଧ୍ୟ କହିଛନ୍ତି ଯେ ଯଦି ଏପରି ସ୍ୱପ୍ନକୁ ପ୍ରତ୍ୟକ୍ଷ ରୂପେ ପୂରଣ କରି ଦିଆଯାଏ, ତେବେ ଅନେକ ସମୟରେ ସେହି ସ୍ୱପ୍ନଫଳର ପ୍ରଭାବ ଟଳି ଯାଇଥାଏ । ତେଣୁ ସ୍ୱପ୍ନ ଦେଖିବା ବ୍ୟକ୍ତି ଯେତେବେଳେ ହଜରତ୍ ମସିହ ମଉଦ[ଅସ]ଙ୍କୁ ଏହା ଶୁଣାଇଲେ, ହଜରତ୍ ମସିହ ମଉଦ୍[ଅସ] କହିଲେ, ସ୍ୱପ୍ନ ଫଳ କରୁଥିବା ବ୍ୟକ୍ତି ଲେଖିଛନ୍ତି ଯେ ଏହାର ପରିଣାମ ମୃତ୍ୟୁ । କିନ୍ତୁ ଏହାକୁ ପ୍ରତ୍ୟକ୍ଷ ରୂପେ ପୂରଣ କରିଦେଲେ, ବେଳେ ବେଳେ ସ୍ୱପ୍ନଫଳ ଟଳି ଯାଇଥାଏ । ତେଣୁ ଆସ, ମୁବାରକ ଅହମଦ୍‌ର ବିବାହ କରିଦେବା । ଅଥଚ ସେ ପିଲା ଯାହାକୁ ବାହାଘର ବିଷୟରେ ଆଦୌ ଜ୍ଞାନ ନାହିଁ, ତା' ବିବାହ ବିଷୟରେ ହଜରତ୍ ମସିହ ମଉଦ୍[ଅସ]ଙ୍କୁ ଚିନ୍ତା ହେଲାଣି । ଯେଉଁ ସମୟରେ ହଜୁର[ଅସ] ଏକଥା କହୁଥିଲେ, ସଂଯୋଗ ବଶତଃ ହଜରତ୍ ଡ଼ାକ୍ତର ଅବ୍ଦୁସ୍ ସତାରଙ୍କ ଘରୁ ଅର୍ଥାତ ଡ଼ାକ୍ତର ସାହେବଙ୍କ ପତ୍ନୀ ସୟଦା ସଇଦୁନ୍ ନିସା ବେଗମ୍ ସାହେବା ଯିଏ ଏଠାକୁ ଅତିଥି ଭାବେ ଆସିଥିଲେ, ସେ ଅଗଣାରେ ଦେଖାଗଲେ । ହଜରତ୍ ମସିହ ମଉଦ୍[ଅସ] ତାଙ୍କୁ ଡ଼ାକି କହିଲେ, 'ମୋର ଏହି ଇଚ୍ଛା ଯେ ମୁବାରକ୍ ଅହମଦର ବିବାହ କରିଦେବି । ଆପଣଙ୍କର ଝିଅ ମରିୟମ୍ ଅଛି । ଯଦି ତୁମେ ପସନ୍ଦ କର ଓ ଏକ ପ୍ରସ୍ତାବର ରାଜି ହୁଅ, ତେବେ ତା' ସହିତ ମୁବାରକ ଅହମଦ୍‌ର ବିବାହ କରି ଦିଆଯିବ ।' ସେ କହିଲେ ହଜୁର୍ ମୋର କୌଣସି

ଆପତ୍ତି ନାହିଁ । କିନ୍ତୁ ଯଦି ହଜୁର୍ କିଛି ସମୟ ଦେବେ, ତା'ହେଲେ ଡ଼ାକ୍ତର ସାହେବଙ୍କୁ ପଚାରି ନିଅନ୍ତି । ସେ ସମୟରେ ଡ଼ାକ୍ତର ସାହେବ ସପରିବାର ଗୋଲ କମ୍ରାରେ ବାସ କରୁଥିଲେ । ଡ଼ାକ୍ତରଙ୍କ ପତ୍ନୀ ତଳକୁ ଓହ୍ଲାଇ ତାଙ୍କ ରହିବା କକ୍ଷକୁ ଆସିଲେ । ସମ୍ଭବତଃ ଡ଼ାକ୍ତର ସାହେବ ସେଠାରେ ନଥିଲେ, ବୋଧହୁଏ ବାହାରକୁ ଚାଲି ଯାଇଥିଲେ । କିଛି ସମୟ ଅପେକ୍ଷା କଲାପରେ ସେ ଫେରି ଆସିଲେ । ତାଙ୍କ ପତ୍ନୀ ତାଙ୍କୁ କହିଲେ ଯେ ଅଲ୍ଲାଃତାଲାଙ୍କ ଧର୍ମରେ ଯଦି କେହି ପ୍ରବେଶ କରେ ତେବେ ତା'ର ବହୁବାର ବିଶ୍ୱାସର ପରୀକ୍ଷା ନିଆ ଯାଇଥାଏ । ଯଦି ତାହା ହୁଏ ତା'ହେଲେ କ'ଣ ଆପଣ ବିଶ୍ୱାସରେ ଦୃଢ଼ ରହିବେ ? ସେ ସମୟରେ ତାଙ୍କ ମନରେ ଦୁଇଟି ବିଚାର ବସା ବାନ୍ଧୁଥିଲା । କାଳେ ଏହି କାରଣରୁ ଡ଼ାକ୍ତରଙ୍କୁ ଏପରି ବନ୍ଧୁ କରିବାରେ ସଙ୍କୋଚ ହେବ । ପ୍ରଥମତଃ ଏହା ପୂର୍ବରୁ ତାଙ୍କ ପରିବାରର କୌଣସି ଝିଅ ସୟଦଙ୍କ ବ୍ୟତୀତ ଅନ୍ୟ କେଉଁ କୁଳରେ ବିବାହ କରି ନାହାନ୍ତି । ଦ୍ୱିତୀୟ କାରଣ ହେଉଛି, ମୁବାରକ ଅହମଦ ଏକ ଦୁଃସାଧ୍ୟ ରୋଗରେ ପୀଡ଼ିତ ଅଛନ୍ତି, ଡ଼ାକ୍ତର ସାହେବ ଯାହାର ଚିକିତ୍ସା କରୁଥିଲେ । ତେଣୁ ସେ ଭାବିବା ସ୍ୱାଭାବିକ ଯେ ଏହି ବିବାହ ଅନେଶ୍ୱତ ପ୍ରତିଶତ୍ ବିପଦପୂର୍ଣ୍ଣ । ଏହାଦ୍ୱାରା ଅତି ଶୀଘ୍ର ଝିଅ ମୁଣ୍ଡରେ ବିଧବା ହେବାର କାଳିମା ଲାଗିବାର ଭୟ ରହିଛି । ଏହି କାରଣରୁ ତାଙ୍କର ଏହି ଭାବନା ଥିଲା ଯେ କେବେ ଏପରି ନହେଉ । ଡ଼ାକ୍ତର ସାହେବ ଦୁର୍ବଳତା ଦେଖାନ୍ତୁ ଓ ତାଙ୍କର ବିଶ୍ୱାସ ନଷ୍ଟ ହୋଇଯାଉ । ଏଇଥିପାଇଁ ସେ ପଚାରିଲେ 'ଯଦି ଅଲ୍ଲାଃତାଲା ଆପଣଙ୍କ ବିଶ୍ୱାସର ପରୀକ୍ଷା କରନ୍ତି, ତେବେ କ'ଣ ଆପଣ ଏଥିରେ ଦୃଢ଼ ରହିବେ ?' ଡ଼ାକ୍ତର ସାହେବ ଉତ୍ତର ଦେଲେ 'ମୁଁ ଆଶା କରୁଛି ଯେ ଅଲ୍ଲାଃତାଲା ମୋତେ ଦୃଢ଼ତା ପ୍ରଦାନ କରିବେ ।' ତା'ପରେ ତାଙ୍କ ପତ୍ନୀ କହିଲେ 'ମୁଁ ଉପର ମହଲାକୁ ଯାଇଥିଲି, ସେତେବେଳେ ହଜରତ୍ ମସିହ ମଉଦ୍[ଅସ] କହିଲେ ଯେ ମରିୟମର ବିଭାଘର ମୁବାରକ ସହିତ କରିଦିଅ ।' ଏହା ଶୁଣି ଡ଼ାକ୍ତର ସାହେବ କହିଲେ, 'ଠିକ ଅଛି, ଯଦି ମସିହ ମଉଦ୍[ଅସ]ଙ୍କୁ ଏକଥା ପସନ୍ଦ ଅଛି, ତା'ହେଲେ ଆମକୁ ଏଥିରେ କ'ଣ ଆପତ୍ତି ଅଛି ?' ଏହି ଉତ୍ତର ଶୁଣି ମରିୟମ୍‌ଙ୍କ ମାତା (ଅଲ୍ଲାଃତାଲା ତାଙ୍କର ସମ୍ମାନକୁ ସର୍ବଦା ଉନ୍ନତ କରିଥାଆନ୍ତୁ) କାନ୍ଦି ପକାଇଲେ ଓ ତାଙ୍କ ଆଖିରୁ ଧାର ଧାର ଲୋତକ ବହି ଆସିଲା । ଏହା ଦେଖି ଡ଼ାକ୍ତର ସାହେବ ପଚାରିଲେ 'କ'ଣ ହେଲା ? କ'ଣ ତୁମଙ୍କୁ ଏହି ବନ୍ଧୁତା ପସନ୍ଦ ନୁହେଁ ?' ସେ କହିଲେ, 'ମୋର ତ ପସନ୍ଦ ଅଛି, କିନ୍ତୁ କଥା ହେଉଛି, ଯେବେ ଠାରୁ ହଜରତ୍ ମସିହ ମଉଦ୍[ଅସ] ଏହି ନିକାହ୍ ବିଷୟ କହିଲେଣି, ମୋ ଛାତି ଧଡ଼ ଧଡ଼ ହେଉଥିଲା ଓ ମୁଁ ଭୟ କରୁଥିଲି, କାଳେ ଆପଣଙ୍କ ବିଶ୍ୱାସ ଭ୍ରଷ୍ଟ ନ ହୋଇଯାଉ । ଏବେ ଆପଣଙ୍କ ଉତ୍ତର ଶୁଣି ମୁଁ

ଆନନ୍ଦାଶ୍ରୁକୁ ରୋକି ପାରିଲି ନାହିଁ ।' ସୁତରାଂ ସେହି ବିଭାଘର ହୋଇଗଲା ଓ କିଛିଦିନ ପରେ (ଯେପରିକି ଏହି ରୋଗ ଅତି ଗୁରୁତର ଥିଲା) ସେ ଝିଅ ସ୍ୱାମୀର ମୃତ୍ୟୁ ଯୋଗୁଁ ବିଧବା ହୋଇଗଲା ।

(ଦୈନିକ ଅଲ୍ ଫଜଲ୍ କାଦିୟାନ, ୧ ଅଗଷ୍ଟ ୧୯୪୪, ପୃ ୧-୨/ହଜରତ୍ ଡ଼ାକ୍ତର ସୟଦ୍ ଅବ୍ଦୁସ୍ ସତାର ଶାହ ସାହେବ, ପୃ ୧୨୨-୧୨୪)

ଏବେ ଦେଖନ୍ତୁ, ଅଲ୍ଲାଃତାଲା ମଧ୍ୟ ଡ଼ାକ୍ଟର ସାହେବଙ୍କ ଶ୍ରଦ୍ଧାକୁ ନଷ୍ଟ କଲେ ନାହିଁ । ହଜରତ୍ ମୁସ୍‌ଲେହ ମଉଦ୍[ରଅ]ଙ୍କ ସହିତ ସେହି କନ୍ୟାର ବିବାହ ହୋଇଗଲା । ତାଙ୍କ ନାମ ହଜରତ୍ ଉମ୍ମେ ତାହିର ମରିୟମ୍ ସିଦ୍ଦିକା[ରଅ] ଥିଲା ।

ହଜରତ୍ ମସିହ ମଉଦ୍[ଅସ] ସାହେବଜାଦା ଅବ୍ଦୁଲ୍ ଲତିଫ ସାହେବ ଶହୀଦ୍[ରଅ]ଙ୍କ ବିଷୟରେ ଲେଖୁଛନ୍ତି ଯେ ସେ ସମୟରେ ଯେତେବେଳେ କି ନିରନ୍ତର ଏହି ୱହି (ସ୍ୱର୍ଗବାଣୀ) ମୋ ଉପରେ ପ୍ରକଟିତ ହେଉଥିଲା ଏବଂ ଅତ୍ୟନ୍ତ ସ୍ୱଷ୍ଟ ରୂପରେ ବଡ଼ ବଡ଼ ଚିହ୍ନମାନ ପ୍ରକଟିତ ହେଲା । ମୋର ଦାବୀର ଘୋଷଣା ମସିହ ମଉଦ୍ ହେବାର ପ୍ରମାଣ ସହିତ ବିଶ୍ୱରେ ପ୍ରକାଶିତ ହେଲା । କାବୁଲ୍‌ର ସୀମାବର୍ତ୍ତୀ ଖୋସ୍ତ ଅଞ୍ଚଳରେ ଜଣେ ସାଧୁ ପୁରୁଷଙ୍କ ପର୍ଯ୍ୟନ୍ତ ମୋ ପୁସ୍ତକ ପହଁଞ୍ଚିଗଲା । ତାଙ୍କ ନାମ 'ଅଖ୍‌ୱନ୍ଦ୍‌ଜାଦା ମୌଲବି ଅବ୍ଦୁଲ୍ ଲତିଫ୍' ତାହା ଏକ ସଂଯୋଗ ଥିଲା । ସେ ସମସ୍ତ ଦଲିଲ୍ ଯାହା ପ୍ରାମାଣିକ, ବୌଦ୍ଧିକ ତଥା ଅଲ୍ଲାଃଙ୍କ ସହାୟତାରେ ମୁଁ ନିଜ ପୁସ୍ତକରେ ଉଲ୍ଲେଖ କରିଥିଲି, ସେ ସମସ୍ତ ଦଲିଲ୍ ତାଙ୍କୁ ଦୃଷ୍ଟିଗୋଚର ହେଲା । ଯେହେତୁ ସେହି ସନ୍ଥ ଅତ୍ୟଧିକ ସ୍ୱଚ୍ଛ, ଜ୍ଞାନୀ, ବିବେକଶୀଳ ତଥା ଅଲ୍ଲାଃତାଲାଙ୍କ ପ୍ରତି ଭୟ ଓ ସଂଯମୀ ଥିଲେ, ତେଣୁ ତାଙ୍କ ହୃଦୟରେ ସେ ସମସ୍ତ ପ୍ରମାଣର ଗଭୀର ପ୍ରଭାବ ପଡ଼ିଲା । ତାଙ୍କୁ ସେହି ଦାବୀର ସତ୍ୟତାକୁ ସ୍ୱୀକାର କରିବାରେ କୌଣସି ଅସୁବିଧା ହୋଇ ନଥିଲା । ତାଙ୍କର ପବିତ୍ର ଆତ୍ମା ଶୀଘ୍ର ସ୍ୱୀକାର କରିନେଲା ଯେ ଏହି ବ୍ୟକ୍ତି ଅଲ୍ଲାଃଙ୍କ ତରଫରୁ ଆସିଛନ୍ତି । ତାଙ୍କର ଏହି ଦାବୀ ମଧ୍ୟ ସତ୍ୟ । ସେତେବେଳେ ସେ ମୋ ପୁସ୍ତକମାନଙ୍କୁ ଅତି ଶ୍ରଦ୍ଧାର ସହିତ ଦେଖିବା ଆରମ୍ଭ କଲେ । ତାଙ୍କର ଅନ୍ତରାତ୍ମା ଯାହା ଅତ୍ୟନ୍ତ ନିର୍ମଳ ଓ ସତ୍ୟତା ପାଇଁ ବ୍ୟାକୁଳ ଥିଲା, ମୋ ଆଡ଼କୁ ଟାଣି ଆଣିଲା । ଏପରିକି ଯୁଗପୁରୁଷଙ୍କ ସହିତ ସାକ୍ଷାତ ନକରି ଦୂରରେ ବସି ରହିବା ତାଙ୍କ ପାଇଁ ଅତ୍ୟଧିକ ଦୁରୁହ ହୋଇଗଲା । ଅନ୍ତତଃ ଏହି ମହାନ ସମ୍ପର୍କ ପ୍ରେମ ଓ ନିଷ୍ଠାର ପରିଣାମ ଏପରି ହେଲା ଯେ ସେ ଏହି ଉଦ୍ଦେଶ୍ୟରେ କାବୁଲର ଶାସନକର୍ତ୍ତାଙ୍କ ଠାରୁ ଅନୁମତି ପୂର୍ବକ ହଜ କରିବା ପାଇଁ ମନସ୍ଥ କଲେ ଏବଂ କାବୁଲ୍‌ର ଅମୀରଙ୍କ ଠାରୁ ଏହି ଯାତ୍ରା ପାଇଁ ଅନୁମତି ମାଗିଲେ । ଯେହେତୁ ସେ କାବୁଲ୍‌ର ଅମୀରଙ୍କ ଦୃଷ୍ଟିରେ ଏକ ମହାନ୍ ସିଦ୍ଧପୁରଷ ତଥା ସମସ୍ତ

ବିଦ୍ୱାନଙ୍କ ସରଦାର ଭାବେ ପରିଚିତ ଥିଲେ, ତେଣୁ ନା ତାଙ୍କୁ କେବଳ ଯିବାର ଅନୁମତି ପ୍ରଦାନ ହେଲା, ବରଂ ସାହାଯ୍ୟ ଆକାରରେ କିଛି ଅର୍ଥ ମଧ୍ୟ ଦିଆଗଲା । ସୁତରାଂ ସେ ଆଜ୍ଞା ଘେନି କାଦିୟାନ ପହଁଞ୍ଚିଲେ । ଯେତେବେଳେ ମୋ ସହିତ ତାଙ୍କର ସାକ୍ଷାତ ହେଲା, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯାହାଙ୍କ ହାତରେ ମୋର ଜୀବନ ରହିଛି, ମୁଁ ତାଙ୍କୁ ମୋର ପଦାଙ୍କ ଅନୁସରଣ କରିଥିବା ଓ ଦାବୀର ସତ୍ୟତାରେ ଏପରି ବିଲୀନ ହୋଇଥିବାର ଦେଖିଲି ଯେ ଏହାଠାରୁ ଅଧିକ ବିଲୀନ ହେବା ମନୁଷ୍ୟ ପକ୍ଷେ ଅସମ୍ଭବ । ଯେପରି ଗୋଟିଏ ବୋତଲରେ ଅତର ପୂର୍ଣ୍ଣ ହୋଇ ରହିଥାଏ, ସେହି ପ୍ରକାରେ ମୁଁ ତାଙ୍କୁ ମୋ ପ୍ରେମରେ ଭରି ହୋଇ ରହିଥିବାର ଦେଖିଲି । ଯେଉଁ ପ୍ରକାର ତାଙ୍କ ଚେହେରା ଜ୍ୟୋତିର୍ମୟ ଥିଲା, ସେହିପରି ତାଙ୍କ ହୃଦୟ ମଧ୍ୟ ଜ୍ୟୋତିର୍ମୟ ଜଣାଗଲା । (ତଜ୍‌କରତୁସ୍ ଶାହାଦତୈନ ପୃ : ୭, ରୁହାନି ଖଜାଇନ୍, ଭାଗ ୨୦, ପୃ : ୯-୧୦)

ପୁଣି ହଜରତ୍ ମସିହ ମଉଦ୍ [ଅସ] ପ୍ରଥମ ଖଲିଫାଙ୍କ ସମ୍ବନ୍ଧରେ ଏହିପରି କହିଛନ୍ତି 'ଏଠାରେ ମୁଁ ଏକଥାକୁ ପ୍ରକାଶ ନ କରିବ ଓ ଅଲ୍ଲାଃଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ନକରି ରହିପାରୁ ନାହିଁ । ପ୍ରଭୁଙ୍କ ଆଶିଷ ଓ କୃପା ମୋତେ ଏକୁଟିଆ ଛାଡ଼ି ଦେଇନାହିଁ । ମୋ ସହିତ ଭ୍ରାତୃ ଭାବର ସମ୍ବନ୍ଧ ରଖିଥିବା ତଥା ଏହି ଜମାଅତ୍‌ରେ ପ୍ରବେଶ ହୋଇଥିବା, ପ୍ରେମ ଓ ଭକ୍ତିର ରଙ୍ଗରେ ବିଭୁଷିତ ହୋଇ ଯାଇଥିବାର ଦେଖିଲି, ଯାହାକୁ ଅଲ୍ଲାଃତାଲା ନିଜ ହାତରେ ସ୍ଥାପନ କରିଛନ୍ତି । ମୁଁ ମୋର ପରିଶ୍ରମ ଦ୍ୱାରା ନୁହେଁ ବରଂ ପ୍ରଭୁ ନିଜର ବିଶେଷ ଆଶିଷ ଦ୍ୱାରା ଏହି ସତ୍ୟତାରେ ନିପୁଣ ଆତ୍ମାଙ୍କୁ ମୋତେ ପ୍ରଦାନ କରିଛନ୍ତି । ସର୍ବପ୍ରଥମେ ମୋର ଜଣେ ଆଧ୍ୟାତ୍ମିକ ଭାଇଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିବା ପାଇଁ ମନରେ ଉଦ୍‌ବେଗ ରହିଛି, ତାଙ୍କ ନାମରେ ରହିଛି ତାଙ୍କ ଆତ୍ମୀୟତା ଓ ନିଷ୍ଠାର ଜ୍ୟୋତି । ଅର୍ଥାତ 'ନୁରୁଦ୍ଦିନ' । ମୁଁ ତାଙ୍କର କେତେକ ଧାର୍ମିକ ସେବା ଯିଏ ନିଜର ବୈଧ ଧନକୁ ବ୍ୟୟ କରି ଇସଲାମର ଉନ୍ନତି ପାଇଁ ଲଗାଇଛନ୍ତି, ସର୍ବଦା ଏପରି ଲୋଲୁପ ଦୃଷ୍ଟିରେ ଦେଖୁଛି ଯେ ସମ୍ଭବତଃ ସେହି ସେବାମାନ ମୋ ଦ୍ୱାରା ମଧ୍ୟ ସମ୍ପାଦନ ହୋଇପାରନ୍ତା କି ! ତାଙ୍କ ହୃଦୟରେ ଧର୍ମର ସହାୟତା ପାଇଁ ଯେଉଁ ଆବେଗ ରହିଛି, ତାହା ଦେଖି ସେ ବିଷୟରେ ଚିନ୍ତା କରିବାରୁ ମୋ ଆଖି ସମ୍ମୁଖରେ ଅଲ୍ଲାଃତାଲାଙ୍କ ମହିମା ଓ ଦିବ୍ୟ ପରାକ୍ରମର ଛବି ଦେଖାଯାଇଥାଏ ଯେ ସେ କିପରି ଭକ୍ତମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରି ଆଣୁଛନ୍ତି । ସେମାନେ ନିଜର ଧନ, କ୍ଷମତା ଓ ସମସ୍ତ ବସ୍ତୁ ଯାହା ତାଙ୍କୁ ଉପଲବ୍ଧ ହୋଇଛି, ପ୍ରତ୍ୟେକ ସମୟରେ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ସେବା ନିମିତ୍ତ ତତ୍ପର ହୋଇ ରହିଥାନ୍ତି । ଏହା ମୋର ସଦ୍‌ଭାବନା ଯୋଗୁଁ ନୁହେଁ, ବରଂ ଅନୁଭୁତି ଦ୍ୱାରା ବାସ୍ତବ ଜ୍ଞାନ ରଖିଛି ଯେ ସେମାନେ ମୋ ପଥରେ ନା

କେବଳ ଧନ, ବରଂ ଜୀବନ ତଥା ସମ୍ମାନକୁ ତ୍ୟାଗ କରିବାରେ ସଙ୍କୋଚ କରିବେ ନାହିଁ । ଯଦି ମୁଁ ତାଙ୍କୁ ଆଜ୍ଞା ଦିଏ ତେବେ ସେ ନଜର ସର୍ବସ୍ୱ ଏହି ପଥରେ ତ୍ୟାଗ କରି ଆଧ୍ୟାତ୍ମିକ ମିତ୍ରତା ସଦୃଶ ଭୌତିକ ମିତ୍ରତାକୁ ମଧ୍ୟ ପ୍ରତ୍ୟେକ ସମୟରେ ମୋ ସହିତ ନିୟୋଜିତ କରିବାର କର୍ତ୍ତବ୍ୟ ପାଳନ କରିବେ । ତାଙ୍କ ଦ୍ୱାରା ପ୍ରେରିତ କେତେକ ପତ୍ରରେ ମୋତେ ସମ୍ବୋଧିତ ହୋଇଥିବା କିଛି ଧାଡ଼ି ଉଦାହରଣ ସ୍ୱରୂପ ପାଠକମାନଙ୍କୁ ଦର୍ଶାଉଛି । ଯଦ୍ୱାରା ସେମାନଙ୍କୁ ଜ୍ଞାତ ହୋଇଯିବ ଯେ ମୋର ପ୍ରିୟ ଭାଇ ମୌଲବି ହକମ୍ ନୁରୁଦ୍ଦିନ୍ ସାହେବ ଭେରୁୱି, ଜମ୍ମୁ ରାଜ୍ୟର ରାଜ ବୈଦ୍ୟ ପ୍ରେମ ଓ ନିଷ୍ଠାର କେଉଁ ସ୍ତର ପର୍ଯ୍ୟନ୍ତ ଉନ୍ନତି କରିଛନ୍ତି ।

'ମୋର ମୁନିବ, ମୋର ପୂଜ୍ୟଗୁରୁ, ମୋର ପଥ ପ୍ରଦର୍ଶକ ! ମୌଲାନା, ମୁର୍‌ଶିଦ୍‌ନା ଇମାମନା ! ଅସ୍‌ସଲାମୁ ଆଲୈକୁମ୍ ୱ ରହମତୁଲ୍ଲାହେ ୱ ବରକାତହୁ । ମହାମାନ୍ୟ ! ମୋର ଦୁଆ ଏହିକି ଯେ ପ୍ରତିକ୍ଷଣ ମୁଁ ହଜୁରଙ୍କ ସେବାରେ ଉପସ୍ଥିତ ରହିବି । ଯୁଗର ଇମାମଙ୍କ ଠାରୁ ଯେଉଁ ଉଦ୍ଦେଶ୍ୟ ପାଇଁ ତାଙ୍କୁ ସୁଧାରକ କରାଯାଇଛି ତହିଁରୁ ଉପକାର ପାଇପାରିବି । ଯଦି ଆଜ୍ଞା ହେବ, ତା'ହେଲେ ମୁଁ ଏହି ଚାକିରିକୁ ତ୍ୟାଗ କରି ଦିନ ରାତି ଶ୍ରୀମାନଙ୍କ ସେବାରେ ପଡ଼ି ରହିବି କିମ୍ବା ଯଦି ଆଦେଶ ହେବ ତେବେ ଏହି ସମ୍ବନ୍ଧକୁ ବିଚ୍ଛେଦ କରିଦେଇ ଜଗତରେ ବୁଲିବି ଓ ଲୋକମାନଙ୍କୁ ସତ୍ୟ ଧର୍ମ ଆଡ଼କୁ ଡ଼ାକିବି । ଏହି ପଥରେ ନିଜ ଜୀବନକୁ ଉତ୍ସର୍ଗ କରିଦେବି । ମୁଁ ଆପଣଙ୍କ ପଥରେ ନିଜକୁ ସମର୍ପଣ କରିଦେଇଛି । ମୋର ଯାହାକିଛି ରହିଛି ତାହା ମୋର ନୁହେଁ, ସବୁ ଆପଣଙ୍କର । ମାନ୍ୟବର ପୂଜ୍ୟଗୁରୁ ! ମୁଁ ସମ୍ପୂର୍ଣ୍ଣ ସତ୍ୟବାଦୀତାରେ ନିବେଦନ କରୁଛି ଯେ ମୋର ସର୍ବସ୍ୱ ଧନସମ୍ପତ୍ତି ଯଦି ଧର୍ମର ପ୍ରଚାର ପ୍ରସାରରେ ଖର୍ଚ୍ଚ ହୋଇଯାଏ, ତା'ହେଲେ ମୁଁ କୃତକାର୍ଯ୍ୟ ହୋଇଯିବି । ମୋର ଆପଣଙ୍କ ସହିତ 'ଫାରୁକି' ସଂପର୍କ ରହିଛି । (ଅର୍ଥାତ ମୁହମ୍ମଦ[ସଅ] ଙ୍କ ଦ୍ୱିତୀୟ ଖଲିଫା ବଂଶଜ ଭାବେ ସମ୍ପର୍କ ରହିଛି) ଏବଂ ମୋର ସବୁକିଛି ଏହି ମାର୍ଗରେ ତ୍ୟାଗ କରିବାକୁ ପ୍ରସ୍ତୁତ ରହିଛି । ଦୁଆ କରନ୍ତୁ ଯେ ମୋର ମୃତ୍ୟୁ ସିଦ୍ଦିକ୍ ବା ସତ୍ୟନିଷ୍ଠ ପରି ହେଉ ।'

ଶତ ପ୍ରଶଂସିତ ମୌଲବି ସାହେବଙ୍କର ସତ୍ୟତା, ଦମ୍ଭ ଓ ତାଙ୍କର ସହାନୁଭୂତି ଭରା ଜୀବନ ଉତ୍ସର୍ଗ କରିବାର ଅଦମ୍ୟ ଭାବନା, ଯେପରି କି ତାଙ୍କ କଥନରୁ ସ୍ପଷ୍ଟ ହେଉଛି । ଏହାଠାରୁ ଅଧିକ ତାଙ୍କ ଅବସ୍ଥା ଓ ତାଙ୍କ ନିଷ୍ଠାପର ସେବାରୁ ପ୍ରକଟ ହୋଇଛି । ସେ ପ୍ରେମ ଓ ନିଷ୍ଠାରେ ଓତଃପ୍ରୋତ ଭାବନା ସହିତ ଇଚ୍ଛା କରିଥିଲେ ଯେ ତାଙ୍କର ସବୁକିଛି ଏପରି କି ତାଙ୍କର ପରିବାରର ସମସ୍ତ ଘରକରଣା ବସ୍ତୁ ମଧ୍ୟ ଏହି ମାର୍ଗରେ ଉତ୍ସର୍ଗ କରିଦେବେ । ତାଙ୍କର ଆତ୍ମା ପ୍ରେମର ଆବେଗ ଏବଂ ଉନ୍ମାଦନା ତାଙ୍କ

ସାମର୍ଥ୍ୟ ଠାରୁ ବଳି ଅଧିକ ପାହୁଣ୍ଡ ବଢ଼ାଇବାର ଶିକ୍ଷା ଦେଉଛି । ପ୍ରତ୍ୟେକ ପ୍ରକାରର ଓ କ୍ଷଣ ପ୍ରତିକ୍ଷଣ ସେବାରେ ଲାଗିଛନ୍ତି ।

(ଫତାହ୍ ଇସଲାମ୍, ପୃ : ୫୯-୬୩, ରୁହାନି ଖଜାଇନ୍, ଭାଗ ୩, ପୃ : ୩୫-୩୭)

ଜଣେ ଆଲୋଚକଙ୍କ ଉତ୍ତରରେ ହଜରତ୍ ମସିହ ମଉଦ୍ [ଅସ] ଲେଖିଛନ୍ତି 'ଆପଣ କହୁଛନ୍ତି ଯେ କେବଳ ଜଣେ ବ୍ୟକ୍ତି ହକିମ ମୌଲବୀ ନୁରୁଦ୍ଦିନ୍ ସାହେବ ଏହି ଜମାଅତ୍‌ର କାର୍ଯ୍ୟରେ ନିପୁଣତା ଦେଖାଉଛନ୍ତି । ଅନ୍ୟମାନେ ଏପରି ସେପରି । ମୁଁ ଜାଣେ ନାହିଁ ଯେ ଆପଣ ଏହି ମିଥ୍ୟାର ଅଲ୍ଲାଃତାଲାଙ୍କୁ କ'ଣ ଉତ୍ତର ଦେବେ । ମୁଁ ରାଣ ଖାଇ କହିପାରେ ଯେ ଅନ୍ତତଃ ପକ୍ଷେ ଏକଲକ୍ଷ ଲୋକ ମୋ ଜମାଅତ୍‌ରେ ଏପରି ଅଛନ୍ତି, ଯେଉଁମାନେ ଆନ୍ତରିକତାର ସହିତ ମୋ ଉପରେ ବିଶ୍ୱାସ ଆଣିଛନ୍ତି ଓ ସତକର୍ମ କରୁଛନ୍ତି ତଥା ମୋର ବାଣୀ ଶୁଣିବା ପରେ ଏପରି ରୋଦନ କରନ୍ତି ଯେ ତାଙ୍କ ବସ୍ତ୍ର ଭିଜିଯାଏ । ମୁଁ ମୋର ସହସ୍ର ବୈୟତକାରୀଙ୍କୁ ଏହି ପ୍ରକାର ପରିବର୍ତ୍ତନ ଘଟିଥିବାର ଦେଖିଛି । ତୁଳନାତ୍ମକ ଭାବେ ମୁସା [ଅସ] ଙ୍କ ଜୀବନ କାଳରେ ତାଙ୍କ ଅନୁଗାମୀମାନେ ତାଙ୍କ ଉପରେ ଯେପରି ବିଶ୍ୱାସ ଆଣିଥିଲେ, ସେମାନଙ୍କ ଅପେକ୍ଷା ଏମାନଙ୍କୁ ମୁଁ ସହସ୍ର ଗୁଣ ଉତ୍ତମ ଥିବାର ଦେଖୁଛି । ଏମାନଙ୍କ ମୁଖମଣ୍ଡଳରେ ଅନୁଚରମାନଙ୍କ ସଦୃଶ ବିଶ୍ୱାସ ଓ ଗୁଣବତ୍ତାର ଚମକ ଦେଖିପାରୁଛି । ହଁ, ଯଦି ଜଣେ ଅଧେ କେହି ନିଜର ସ୍ୱାଭାବିକ ଦୁର୍ବଳତା ଯୋଗୁଁ ସଦଗୁଣରେ ଊଣା ରହିଛି, ତେବେ ଯାହା ଜଣେ ଦୁଇ ଜଣଙ୍କ ମଧ୍ୟରେ ଥାଇପାରେ ।

ମୁଁ ଦେଖୁଛି ଯେ ମୋ ଜମାଅତ୍ ଯେଉଁ ସ୍ତରର ସତକର୍ମ ଓ ପବିତ୍ରତାରେ ଉନ୍ନତି କରିଛି, ତାହା ମଧ୍ୟ ଏକ ଚମତ୍କାରୀତା । ସହସ୍ର ଲୋକ ହୃଦୟରୁ ସମର୍ପିତ । ଯଦି ଆଜି ତାଙ୍କୁ କୁହାଯାଏ ଯେ ନିଜର ସମ୍ପତ୍ତିର ଅଧିକାର ଛାଡ଼ିଦିଅ, ତେବେ ସେ ଅଧିକାର ଛାଡ଼ିବା ପାଇଁ ପ୍ରସ୍ତୁତ ହୋଇଯିବେ । ତଥାପି ସର୍ବଦା ତାଙ୍କୁ ଆହୁରି ଅଧିକ ଉନ୍ନତି ପାଇଁ ପ୍ରେରଣା ଦେଉଛି, ସେମାନଙ୍କ ପୁଣ୍ୟକର୍ମ ତାଙ୍କୁ ଶୁଣାଏ ନାହିଁ, କିନ୍ତୁ ମୁଁ ହୃଦୟରୁ ପ୍ରସନ୍ନ ହୁଏ ।'

(ସୀରତୁଲ ମେହଦି, ଭାଗ୧, ପୃ : ୧୬୫, ଦ୍ୱିତୀୟ ସଂସ୍କରଣ, ପ୍ରକାଶନ ୧୯୩୫)

## ନିଷ୍ଠାବାନ ବ୍ୟକ୍ତିଙ୍କ ସନ୍ତାନମାନଙ୍କ କର୍ତ୍ତବ୍ୟ

ଏହା ତ କେତେକ ଉଦାହରଣ ଥିଲା ଯାହାକୁ ମୁଁ ପ୍ରସ୍ତୁତ କରିଥିଲି । ହଜରତ୍ ମସିହ ମଉଦ୍ [ଅସ] ଙ୍କର ଏହି ପ୍ରିୟ ଜମାଅତ୍‌ରେ ଏପରି ସହସ୍ର ଓ ଲକ୍ଷାଧିକ ଦୃଷ୍ଟାନ୍ତ ବିଛାଇ

ହୋଇ ପଡ଼ିଛି । ହଜରତ୍ ମସିହ ମଉଦ୍[ଅସ] ନିଜ ସମୟରେ ଲକ୍ଷାଧିକ ସଂଖ୍ୟାରେ ବର୍ଣ୍ଣନା କରିଛନ୍ତି । କିନ୍ତୁ ଏବେ ତ ତାହା ଢେର ଅଧିକ ବୃଦ୍ଧି ପାଇବାରେ ଲାଗିଛି, ଯେଉଁମାନେ ନିଜର ନିଷ୍ଠା ଓ ତ୍ୟାଗ ଦ୍ୱାରା ଉଚ୍ଚ ଆଦର୍ଶ ସ୍ଥାପିତ କରିଛନ୍ତି । ଅନେକ ଏପରି ଅଛନ୍ତି, ଯାହାଙ୍କର ଅନୁରକ୍ତି, ନିଷ୍ଠା, ପ୍ରେମ ଓ ଆଜ୍ଞା ପାଳନର ଘଟଣାମାନ ସମ୍ମୁଖକୁ ଆସିନାହିଁ । ଏମାନେ ନୀରବ ହୋଇ ଆସିଲେ ଓ ପ୍ରେମ, ବିଶ୍ୱସ୍ତତାର ସଂପର୍କ ତଥା ଆଜ୍ଞା ପାଳନର ଆଦର୍ଶ ସ୍ଥାପନ କରି ଚାଲିଗଲେ । ଏପରି ନିଷ୍ଠାବାନମାନଙ୍କ ସନ୍ତାନମାନଙ୍କୁ ଆବଶ୍ୟକ ଯେ ସେମାନେ ନିଜର ଗୁରୁଜନମାନଙ୍କର ଘଟଣାଗୁଡ଼ିକୁ ଉଲ୍ଲେଖ କରନ୍ତୁ ଓ ଜମାଅତ୍‌ରେ ସୁରକ୍ଷିତ ରଖନ୍ତୁ । ନିଜ ପରିବାରରେ ମଧ୍ୟ ଏହି ପରମ୍ପରାକୁ ଜାରି ରଖନ୍ତୁ । ନିଜର ଆଗାମୀ ପୀଢ଼ିଙ୍କୁ ମଧ୍ୟ ଜଣାନ୍ତୁ ଯେ ଆମର ଗୁରୁଜନମାନେ କିପରି ଆଦର୍ଶମାନ ପ୍ରତିଷ୍ଠା କରିଛନ୍ତି । ଆମେ ମଧ୍ୟ ତାହାର ଅନୁକରଣ କରିବା ଆବଶ୍ୟକ । ଯେଉଁଠାରେ ଆମେ ଏହି ଗୁରୁଜନମାନଙ୍କ ପ୍ରତି ଈର୍ଷାବୋଧ କରୁଛେ ଯେ ସେମାନେ କେଉଁ ପ୍ରକାରର ତ୍ୟାଗ କରି ଯୁଗର ଅବତାରଙ୍କ ପ୍ରାର୍ଥନାର ଉତ୍ତରାଧିକାରୀ ହୋଇଛନ୍ତି, ସେଠାରେ ଏକଥା ମଧ୍ୟ ମନେରଖିବା ଉଚିତ ଯେ ଆଜି ମଧ୍ୟ ସେ ଦୁଆକୁ ସଂଗ୍ରହ କରିବାର ଅବସର ରହିଛି । ଆସନ୍ତୁ ! ସେହି ନିଷ୍ଠା, ଅନୁରକ୍ତି, ଆଜ୍ଞା ପାଳନ, ମୈତ୍ରୀ ତଥା ପ୍ରେମର ଆଦର୍ଶ ସ୍ଥାପନ କରି ଚାଲିବା । ଅଲ୍ଲାଃତାଲାଙ୍କର ଆଶିଷ ଓ କୃପାର ଅଧିକାରୀ ହୋଇ ରହିବା ।

ମନେରଖ, ଯେପର୍ଯ୍ୟନ୍ତ ଏହି ଆଦର୍ଶ ସ୍ଥାପିତ ହୋଇ ଚାଲିଥିବ, ସାଂସାରିକ ବ୍ୟକ୍ତିଙ୍କ ବିରୋଧାତ୍ମକ ଆଚରଣ ଆମର କିଛିହେଲେ କ୍ଷତି କରିପାରିବ ନାହିଁ । ହଜରତ୍ ମସିହ ମଉଦ୍[ଅସ]ଙ୍କ ଏହି ପଦକୁ ସର୍ବଦା ମନେରଖିବେ ଯେ 'ଭୂମି ତୁମର କିଛି ହେଲେ ଅନିଷ୍ଟ କରିପାରିବ ନାହିଁ, ଯଦି ତୁମର ଆକାଶ ସହିତ ଦୃଢ଼ ସମ୍ବନ୍ଧ ହୋଇଯାଏ ।'

## ଅନ୍ୟ ବ୍ୟକ୍ତିମାନଙ୍କର ସ୍ୱୀକାରୋକ୍ତି

ଏହି ପରିବର୍ତ୍ତନକୁ ଅନ୍ୟମାନେ ମଧ୍ୟ ଦେଖିଛନ୍ତି ଓ ସ୍ୱୀକାର କରିଛନ୍ତି । ଏପରି ସ୍ପଷ୍ଟ ଓ ଖୋଲାଖୋଲି ପରିବର୍ତ୍ତନ ଥିଲା ଯେ ସେମାନେ ତାହା ସ୍ୱୀକାର କରିବାକୁ ବାଧ୍ୟ ଥିଲେ । ସେମାନେ ଏକଥା ସ୍ୱୀକାର କଲେ ଯେ ଯୁଗର ଇମାମକୁ ମାନି

ଅହମଦୀମାନଙ୍କ ଠାରେ ମହାନ ପରିବର୍ତ୍ତନ ସୃଷ୍ଟି ହୋଇଛି । କିନ୍ତୁ ସେମାନଙ୍କ ସ୍ୱଭାବ ତାହା ହିଁ ରହିଛି ଯେ ମୁଁ ଗ୍ରହଣ କରିବି ନାହିଁ, ଓ ତାହା ପୁନରାବୃତ୍ତି କରି ଚାଲିଛନ୍ତି । ଯାହାହେଉ ଏହି ସ୍ୱୀକାରୋକ୍ତିର କେତେକ ନମୁନା ପ୍ରସ୍ତୁତ କରୁଛି ।

ଅଲ୍ଲାମା ଇକ୍‌ବାଲ ଲେଖିଛନ୍ତି ଯେ **ପଞ୍ଜାବରେ ଇସଲାମୀୟ ଚରିତ୍ରର ବାସ୍ତବ ଆଦର୍ଶ ସେହି ଜମାଅତ୍ ରୂପରେ ପ୍ରକଟିତ ହୋଇଛି, ଯାହାକୁ 'କାଦିଆନୀ' ଫିର୍କା (କାଦିୟାନ ସମ୍ପ୍ରଦାୟ) କୁହାଯାଉଛି ।**

(କୌମି ଜିନ୍ଦେଗୀ ଔର ମିଲ୍ଲତେ ବୈଯା ପର୍ ଏକ୍ ଉମ୍‌ରାନୀ ନଜର୍, ପୃ: ୮୪, ପ୍ରକାଶକ ଅନାରକଲି ଲାହୋର, ପ୍ରଥମ ସଂସ୍କରଣ ୧୯୭୦)

ଅଲ୍ଲାମା ନ୍ୟାଜ ଫତେହପୁରୀ ହଜରତ୍ ମସିହ ମଉଦ୍[ଅସ]ଙ୍କ ବିଷୟରେ ଲେଖିଛନ୍ତି 'ଏଥିରେ ଆମେ ଦ୍ୱିମତ ହୋଇପାରିବା ନାହିଁ ଯେ ସେ (ମସିହ ମଉଦ୍[ଅସ]) ନିଃସନ୍ଦେହରେ ଇସଲାମୀୟ ଚରିତ୍ରକୁ ପୁନର୍ଜୀବିତ କରିଛନ୍ତି । ଏକ ଏପରି ଜମାଅତ୍ ପ୍ରତିଷ୍ଠା କରି ଦେଖାଇ ଦେଇଛନ୍ତି, ଯାହାର ଜୀବନ୍ତ ଅବସ୍ଥାକୁ ଆମେ ନିଃସନ୍ଦେହରେ ହଜରତ୍ ମୁହମ୍ମଦ[ସଅ]ଙ୍କ ଆଦର୍ଶର ପ୍ରତିବିମ୍ବ ବୋଲି କହିପାରିବା ।'

(ମୁଲାହଜାତ୍ ନିଆଜ୍ ଫତେହପୁରୀ, ପୃ ୨୯, ପ୍ରକାଶନ ୧୯୬୮)

ପୁଣି ଷ୍ଟେଟସମ୍ୟାନ ସମ୍ବାଦପତ୍ର, ଦିଲ୍ଲୀର ସମ୍ପାଦକ ଲେଖିଛନ୍ତି : କାଦିୟାନର ପବିତ୍ର ସହରରେ ଏକ ଭାରତୀୟ ପୈଗମ୍ବର (ଐଶ୍ୱରୀୟ ଦୂତ) ଜନ୍ମ ହୋଇଛନ୍ତି, ଯିଏ ନିଜର ପାର୍ଶ୍ୱବର୍ତ୍ତୀ ଲୋକମାନଙ୍କୁ ପୁଣ୍ୟ ଓ ଉତ୍ତମ ଆଦର୍ଶରେ ଉଦବୁଦ୍ଧ କରି ସାରିଲେଣି । ଏହି ଉତ୍ତମ ଗୁଣ ତାଙ୍କର ଲକ୍ଷାଧିକ ଅନୁଗାମୀଙ୍କ ଜୀବନରେ ମଧ୍ୟ ଦେଖାଯାଉଛି ।' (ଷ୍ଟେଟ୍‌ସମେନ୍ ଦିଲ୍ଲୀ, ୧୨ ଫେବୃୟାରୀ ୧୯୪୯)

ଅବ୍ଦୁର୍ ରହିମ୍ ଅଶ୍‌ରଫ ଆଜାଦ୍, ଜମାଅତ୍ ଅହମଦିୟା ମଧ୍ୟରେ ଜାଗୃତ ହୋଇଥିବା ବୈପ୍ଳବିକ ପରିବର୍ତ୍ତନ ସମ୍ବନ୍ଧରେ ବର୍ଣ୍ଣନା କରି ଲେଖିଛନ୍ତି: 'ସହସ୍ର ଲୋକ ଏପରି ଅଛନ୍ତି ଯେଉଁମାନେ ନିଜ କୁଟୁମ୍ବକୁ ପରିତ୍ୟାଗ କରି ଏହି ନୂତନ ଧର୍ମକୁ ଗ୍ରହଣ କରିଛନ୍ତି । ସାଂସାରିକ କ୍ଷତିକୁ ସହ୍ୟ କରି ନିଜ ଜୀବନ ଓ ଧନର ବଳିଦାନ କରିଛନ୍ତି । ଆମେ ଖୋଲା ହୃଦୟରେ ସ୍ୱୀକାର କରୁଛୁ ଯେ କାଦିୟାନୀ ଲୋକମାନଙ୍କ ଏକ ବଡ଼ ସଂଖ୍ୟା ଏପରି ରହିଛି, ଯେଉଁମାନେ ନିଷ୍ଠାର ସହିତ ତାଙ୍କୁ (ହଜରତ୍ ମସିହ ମଉଦ୍[ଅସ]ଙ୍କୁ) ସତ୍ୟନିଷ୍ଠ ଅବତାର ରୂପେ ବିଶ୍ୱାସ ସ୍ଥାପନ କରି ତାଙ୍କ ପାଇଁ ଧନ, ଜୀବନ ତଥା ନାନା ପ୍ରକାରର ସାଂସାରିକ ସମ୍ବନ୍ଧକୁ ଉତ୍ସର୍ଗ କରୁଛନ୍ତି । ଏମାନେ ସେହି ଲୋକ ଯେଉଁମାନଙ୍କର କେତେକ ଲୋକ କାବୁଲରେ ମୃତ୍ୟୁଦଣ୍ଡକୁ ସ୍ୱୀକାର କରିଥିଲେ ।

ଦେଶ ବାହାରେ ରହି ସୁଦୂର ପ୍ରସାରିତ ଦୁର୍ଗମ ଅଞ୍ଚଳମାନଙ୍କରେ ଦାରିଦ୍ର୍ୟ ଓ ଅନାଟନ ଅବସ୍ଥାରେ କାଳାତିପାତ କରୁଛନ୍ତି ।'

(ସାପ୍ତାହିକ ଅଲ୍ ମେମ୍ବର ଲାଏଲପୁର, ୨ ମାର୍ଚ୍ଚ ୧୯୫୨, ପୃ : ୧୦)

ଏସବୁ ସତ୍ତ୍ୱେ ସେ ଲୋକମାନଙ୍କର ଏହା ଦୁର୍ଭାଗ୍ୟ ଯେ ସେମାନଙ୍କୁ ବିଶ୍ୱାସ ସ୍ଥାପନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇପାରିଲା ନାହିଁ । 'ଅଲ୍ ହମ୍‌ଦୁଲିଲ୍ଲାଃ' (ଅଲ୍ଲାଃ ପ୍ରଶଂସିତ) ଯେ ସେମାନଙ୍କର ଏହି ସ୍ୱୀକାରୋକ୍ତି ଦ୍ୱାରା ଆମ ବିଶ୍ୱାସରେ ଦୃଢ଼ତା ଆସିଛି । ତାହା ଆମର ବିଶ୍ୱାସକୁ ବଳିଷ୍ଠ ଓ ରୁଦ୍ଧିମନ୍ତ କରିଛି । ଅଲ୍ଲାଃତାଲା ଆମର ଧର୍ମ ବିଶ୍ୱାସରେ ଅଧିକ ଉନ୍ନତି ପ୍ରଦାନ କରୁଥାଆନ୍ତୁ ଏବଂ ବୈଅତ୍‌ର ପ୍ରତ୍ୟେକ ସର୍ତ୍ତକୁ ଉତ୍‌ଫୁଲ୍ଲିତ ହୋଇ ଓ ନିଜର କର୍ତ୍ତବ୍ୟ ମନେ କରି ପୂରଣ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ, ଯେପରି ଆମେମାନେ ଅଲ୍ଲାଃତାଲାଙ୍କ ଇଚ୍ଛା ତଥା ଆଶିଷର ଅଧିକାରୀ ହୋଇପାରିବା ।

(ଖୁତ୍‌ବା ଜୁମାଃ, ୧୭ ଅକ୍ଟୋବର ୨୦୦୩/ ୧୭ ଇଖା ୧୩୮୨ ହିଜ୍‌ରି ଶମସି, ମସ୍‌ଜିଦ୍ ଫଜଲ୍ ଲଣ୍ଡନ)